
# ମଇ ୨୦୨୦



**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ସମ୍ପାଦକୀୟ



ମମତା ଦାଶ

ପ୍ରିୟ ପାଠକବନ୍ଧୁ, ସତରେ, ମାନବ ଚରିତ୍ର ଠିକ୍ ମାଥମେଟିକ୍ସ ଭଳି । କେତେବେଳେ ହରଣ, କେତେବେଳେ ଗୁଣନ, କେତେବେଳେ ମିଶାଣ ତ କେତେବେଳେ ଫେଡାଣ । ଯେତେ କସୁଥିବ ସେତେ ବଢିବଢି ଯାଉଥିବ ତ କେତେବେଳେ କମିକମି ଯାଉଥିବ । ମନୁଷ୍ୟ ଚରିତ୍ରର ଗାଣିତିକ ପର୍ଯ୍ୟାୟ ଏତେ ସରସ ଯେ ନୀରସତାର ରସ ଗ୍ରହଣ କରିବାକୁ କେତେବେଳେ ଆଗ୍ରହ ପ୍ରକାଶ କରେନାହିଁ । ବୁଦ୍ଧି, ବିଦ୍ୟା ସବୁକିଛି ଏକ ଚରିତ୍ରର ଗାଣିତିକ ମାହାତ୍ମ୍ୟ ଅଟେ । ଯାହାର ଯେତେ ବୁଦ୍ଧି, ତାହାର ଚରିତ୍ର ସେତେ ଭଲ, ବୁଦ୍ଧି କେଉଁ ପ୍ରକାରର ବି ହେଉ । କହିବାକୁ ଗଲେ, ମନୁଷ୍ୟ ଭିତରେ ବୁଦ୍ଧିର ବିକାଶ ଧିରେ ଧିରେ ହିଁ ହୋଇଥାଏ । ମନୁଷ୍ୟର ବୁଦ୍ଧିର ବିକାଶରେ ସମାଜର ମହତ୍ୱ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏକ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟ ତାର ବୁଦ୍ଧିକୁ ପର୍ଯ୍ୟାୟକ୍ରମେ ବିକଶିତ କରିଥାଏ । ଖଣ୍ଡାର ଦୁଇଧାର ପରି ହେଉଛି ମନୁଷ୍ୟର ବୁଦ୍ଧି । କେତେବେଳେ କାହାର କ୍ଷତିରେ ତ କେତେବେଳେ କାହାର ଲାଭରେ । ଯେମିତି ଧରିବ, ସେମିତି ମିଳିବ । ବୁଦ୍ଧି ଧରି ରଖିବା ହେଉଛି ଏକ କଳା ସଦୃଶ୍ୟ । କଳାକାର ଯେମିତି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ରୂପ ନେଇ ମନୁଷ୍ୟର ମନୋରଞ୍ଜନ କରିଥାଏ, ତ କେତେବେଳେ କୁବୁଦ୍ଧି ସମ୍ପନ୍ନ ହୋଇ ନିଜ ସହିତ ନିଜ ପରିବାରର ହିତୈଷୀବୋଧ ମଧ୍ୟ କରାଇ ପାରିନଥାଏ । ଏହି ଅସ୍ତ୍ରକୁ ଯେମିତି ଧରିବ, ମନୁଷ୍ୟ ତାର କର୍ମର ଫଳ ସ୍ୱରୂପ ସେତିକି ପରିମାଣରେ ବୁଦ୍ଧି ଅର୍ଜନ କରିପାରିବ । ଆଜିକାଲି ବୁଦ୍ଧି କହିଲେ, ଅନିଶ୍ଚିତତାକୁ ବୁଝାଇଥାଏ । ଏହାର କିଛି ନିଶ୍ଚିତ ସ୍ୱରୂପ ଦେଖିବାକୁ ମିଳେନାହିଁ । ଯିଏ ଯେତିକି ଖରାପ ବୁଦ୍ଧିରେ ପରିମାର୍ଜିତ, ତାର

ସେତେ ମଙ୍ଗଳ ହେଉଛି । ଭଲ ଲୋକଙ୍କର ଏହି ସଂସାରରେ ଯାଗା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଏକ କୁବୁଦ୍ଧି ସମ୍ପନ୍ନ ମନୁଷ୍ୟ ତାର କୁକର୍ମରେ କୁପରିଣତିର ପରିଣାମକୁ କେତେବେଳେ ଭାବିବାକୁ କୁଣ୍ଠାବୋଧ କରୁନାହିଁ । କୁକର୍ମ ଏବଂ କୁପରିଣତି ସବୁକଛି ଏହି ବୁଦ୍ଧି ଏବଂ କୁବୁଦ୍ଧି ଦ୍ୱାରା ସମ୍ପନ୍ନ ହୋଇଥାଏ । ଏଥିରେ ସମାଜ ଏବଂ ବଂଶର ମଧ ବହୁପରିମାଣରେ ପ୍ରଭାବ ପରିଲକ୍ଷିତ ହୋଇଥାଏ । ସଂସ୍କାର ବି ହେଉଛି ଏକ ମାନବ ମସ୍ତିଷ୍କର ଏକ ବ୍ୟବହାରିକ ଫଳକ । ଏକ ଗାଣିତିକ ସବୁବେଳେ ତାର ବୁଦ୍ଧିକୁ ହିସାବ-କତାବର ଫଳାଫଳ ଉପରେ ନିର୍ଭର କରିଥାଏ । ଯେତେବେଳେ ଏକ ସାଧାରଣ ବୁଦ୍ଧି ସମ୍ପନ୍ନ ମନୁଷ୍ୟ ନିଜର କଲ୍ୟାଣ ସହିତ ପରିବାର ଏବଂ ପ୍ରକୃତି, ପରିବେଶର କଲ୍ୟାଣରେ ତାର ସାଧାରଣ ବୁଦ୍ଧିକୁ  ବିକଶିତ କରିବାରେ ଏକ ସାର୍ଥକ ଭୂମିକା ଗ୍ରହଣ କରିଥାଏ । ଏକ ଗାଣିତିକ କହେ, ମୁଁ କେବଳ ଖାଇବା ପାଇଁ ବଞ୍ଚିଛି । ଖାଇବା ହେଉଛି ମୋ ଜୀବନର ସାର୍ଥକତା । ସେତେବେଳେ ଏକ ସାଧାରଣ ବୁଦ୍ଧି ସମ୍ପନ୍ନ କହେ, ମୁଁ ବଞ୍ଚିବା ପାଇଁ ଖାଉଛି । ମୋର ଖାଇବାରେ ରଚ ନଥାଏ । ପାଟିକୁ ଗାଈ ପରି ଗ୍ରୁକୁଳେଇ, ଗ୍ରୁକୁଳେଇ ସବୁ ଗଣିତ ହଜମ କରିବାରେ ବ୍ୟସ୍ତ । ଏହି ହେଉଛି ଏକ ଗାଣିତଜ୍ଞ ବୁଦ୍ଧି । ସତରେ ଏହି ଯେଉଁ ମଣିଷର ରଚ ନା, ପୁରା ସଂସାରର ଗଣିତକୁ ପାକୁଳେଇ ପାକୁଳେଇ ଢୋକ ଦେଉଛି । ଆଉ ଫଳ......

ଆଜି ପୃଥିବୀଟା ଯେମିତି ଏକ ରାକ୍ଷାସ ପାଲଟି ଯାଇଛି । ସବୁ କଛି ଏକ ଅନିଶ୍ଚିତତା । ଗ୍ରରିଆଡେ ଏହି ଶୁନଶାନର ପରିଧି ଭିତରେ ପ୍ରତ୍ୟେକ ମଣିଷର ଚରିତ୍ର ଏବଂ ତାର ବୁଦ୍ଧି ଏଠି ସଫାସଫା ଦେଖାଯାଉଛି । ସମୟ ସମୟର ହିଁ କଥା କହିଥାଏ । ସାଙ୍ଗ-ସାଥି, ବାପା-ମା, ଭାଇ-ଭଉଣୀ, ପଡିଶା, ସବୁ ଏଠି ଯିଏ ଯାହାର ନିଜ ବୁଦ୍ଧିର ପରିଚୟ ଦେଇ ଅନ୍ୟକୁ ମାରିବାକୁ ବସିଲେଣି । ସମସ୍ତ ସମ୍ପର୍କର ପରିଭାଷା ଏହି ସମୟ ହିଁ କହିଦିଏ । ଏଠି ଯେମିତି କେହି କାହାର ନୁହେଁ । ସମସ୍ତେ କହନ୍ତି, ଆମେ ଏକାଠି । କନ୍ତୁ ସମୟ ଆସିଲେ କେହି କାହାର ନୁହେଁ । ବୁଦ୍ଧିର ଲୋଭ ଏଠି ସଫା ସଫା ଦେଖାଯାଏ । ମନୁଷ୍ୟ ମସ୍ତିଷ୍କକୁ ବିଶ୍ଳେଷଣ

କଲେ ଦେଖାଯାଏ ତାର ବୁଦ୍ଧି ଏତେ ଯେ, ଏହା ସମସ୍ତେ ଜାଣିପାରିବେ ନାହିଁ । ଯାହାକୁ ଜଣାଥିବ, ସିଏ ହିଁ କେବଳ ଜାଣିପାରିବ । ଆଜିକାଲି ଆଉ କେହି କାହାକୁ କମ ବୋଲି ଭାବୁନାହାନ୍ତି । ଜଣେ ଅନ୍ୟଜଣଙ୍କ ଉପରେ ଗୋଡ ଦେଇ ଉଠିବାକୁ ବସିଲାଣି । ବୁଦ୍ଧି କହିଲେ ଏଠି ଏକ ଅସ୍ଥିରତା ବୁଦ୍ଧିର ମଧ୍ୟ ଦେଖାଯାଉଛି । ମନୁଷ୍ୟର ମସ୍ତିଷ୍କରେ ଏବଂ ଏହି ଅସ୍ଥିରତା ଭିତର ଦେଇ ଗତି କରିବା ହେଉଛି ମନୁଷ୍ୟର ସ୍ଥିରତା ।

ବୁଦ୍ଧି ଏବଂ ଜୀବନ ଶୈଳୀ ଏଇ ଦୁଇଟା ମିଶିଗଲେ ଜୀବନରେ ସମ୍ପର୍କର ସୂତ୍ରଧାର ଅତି ମଧୁର ଏବଂ ଅତି ସୁଦୂର ଏବଂ ସୁବ୍ୟବସ୍ଥିତ ଶୈଳୀର ଅନୁକରଣ କରି ବ୍ୟବସ୍ଥିତ ଢଙ୍ଗରେ ଅବ୍ୟବସ୍ଥିତ ବେଢଙ୍ଗ ସ୍ଥିତିକୁ ସୁଧାରିବାକୁ ଏହି ବୁଦ୍ଧିର ଶୈଳୀ ଯେଉଁ ମନୁଷ୍ୟ ଖୋଜି ବାହାର କରନ୍ତି, ସେମାନଙ୍କ କଥା କିଛି ଅଲଗା ଅଟେ । ମୋଟାମୋଟି ଭାବରେ କହିବାକୁ ଗଲେ, ଯେଉଁମାନଙ୍କର ନିଜ ବ୍ୟବସ୍ଥିତ ଶୈଳୀ ସୁସମ୍ପନ୍ନ, ସେମାନଙ୍କ କଥା କିଛି ଅଲଗା ଅଟେ । ଦୁନିଆରେ ବୁଦ୍ଧିକୁ ସମସ୍ତେ ପ୍ରଶଂସା କରନ୍ତି ଏବଂ କେତେ ନିନ୍ଦା ମଧ୍ୟ କରନ୍ତି । କହିବାକୁ ଗଲେ, ନିଜ ନିଜ ବୁଦ୍ଧି ଉପରେ ନିର୍ଭର କରେ । କିନ୍ତୁ ମନୁଷ୍ୟ ନିଜକୁ ଅତି ବୁଦ୍ଧିମାନ ଭାବି ନିଜ ବୁଦ୍ଧିକୁ ଅନ୍ୟ ଉପରେ ଥୋପିବା କୋଉଠିକାର ବୁଦ୍ଧିମାନ ଅଟେ, ଏ ବିଷୟରେ ଟିକେ ଭାବିବାକୁ ପଡିବ ।

ଏହା କୌଣସି ବ୍ୟକ୍ତିବିଶେଷ, ଘଟଣା, ପାତ୍ର, ସ୍ଥିତି ସହିତ ସମ୍ପନ୍ଧିତ ନୁହେଁ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ
+୯୧ ୯୫୯୪୯୯୩୭୩୩



# ଭିତର ପୃଷ୍ଠାରେ....


| | | |
|---|---|---|
| ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ: ଏକ ଦୃଷ୍ଟିପାତ | ବରଦା ପ୍ରସନ୍ନ ଦାସ | ୧୧ |
| କରୋନା ସହିତ ଆମ ଯୁଦ୍ଧ | ଶାନ୍ତିଲତା ମିଶ୍ର | ୧୭ |
| କରୋନା ସୁନ୍ଦରୀ | ଶଶଧର ମହାପାତ୍ର | ୧୯ |
| ପେନସନ୍ | ଡ. ଜ୍ଞାନେଶ୍ୱର ମିଶ୍ର | ୨୩ |
| ଅଚହ୍ନା ବସନ୍ତ | ଡକ୍ଟର ବିଜ୍ଞାନୀ ଦାସ | ୨୫ |
| ମହାଶୂନ୍ୟ | ସାଗରିକା ମହାନ୍ତି | ୩୫ |
| ଅମୃତ ର ଅନ୍ୱେଷଣ | ଅମ୍ବିକା ସ୍ୱାଇଁ | ୩୬ |
| ତିନୋଟି କବିତା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୩୮ |
| ମୁଁ ଶେଫାଳୀ କହୁଛି | ଡକ୍ଟର ମନୋରଞ୍ଜନ ବିଷୋୟୀ | ୪୨ |
| କ୍ଷୁଦ୍ରଗଳ୍ପ- "ଶାକମ୍ବରୀ" | ବିନୟ ମହାପାତ୍ର | ୪୪ |
| ସଂଶୟ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୦ |
| ଦୁଇଟି କବିତା ଧାର | ଆଶୁତୋଷ ମେହେର | ୫୩ |
| ଭୂମିପୁତ୍ର | ରାଜକିଶୋର ସାଇଁ | ୫୫ |
| କାଲିଫର୍ଣ୍ଣିଆ ରେ କରୋନା : ନିଜ ଅନୁଭୂତିରୁ ଦୁଇପଦ | ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ | ୫୮ |
| ହେ କରୋନା.. | ବିଜୟ କୁମାର ପଣ୍ଡା | ୬୨ |
| ସାଥି... | କାର୍ତ୍ତିକ ପାଣିଗ୍ରାହୀ | ୬୪ |
| ଅବସୋସ | ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ | ୬୬ |
| ଭିନ୍ନ ଏକ ରଙ୍ଗମଞ୍ଚ | ଅନୁସୂୟା ମିଶ୍ର | ୬୮ |
| ନନ୍ଦିତ ଅତିଥି | ଦେବାଶିଷ ମହାନ୍ତି | ୭୧ |

| | | |
|---|---|---|
| ଅମଣିଷ | ଶରତ ଚନ୍ଦ୍ର ଜାଲି | ୭୩ |
| କଛି ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୭୫ |
| ଗୁହାରି କରିବୁ କାହା ଆଗେ ଆଉ | ବୈଦ୍ୟନାଥ ପଣ୍ଡା | ୮୫ |
| ଗୃହବନ୍ଦୀ | ସଂଯୁକ୍ତା ମହାପାତ୍ର | ୮୭ |
| ହସିଉଠୁ ଏ ଜଗତ | ପ୍ରଣତି ମହାପାତ୍ର | ୮୯ |
| ପୋକ | ପୁଷ୍ପାଞ୍ଜଳି ପଣ୍ଡା | ୯୧ |
| ଭୁଲ୍ ମନ | ଡକ୍ଟର ମଧୁସ୍ମିତା ମିଶ୍ର | ୯୩ |
| ପ୍ରଶ୍ନବାଚୀ – ମାନବ ଜାତିକୁ | ସ୍ୱାଗତିକା ବାହିନୀପତି | ୯୮ |
| ଆକାଶ କାନ୍ଦୁଛି ପୃଥିବୀ ପାଇଁ | ନନ୍ଦିନୀ ରାଉତ | ୧୦୦ |
| ସାବାସ୍ ଓଡିଶା | ଡ. ପ୍ରସନ୍ନ କୁମାର ବଳ | ୧୦୨ |
| ଦିବାସ୍ୱପ୍ନ | ଦୀପକ ଷଡଙ୍ଗୀ | ୧୦୪ |
| କବିତା | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୦୬ |
| ମୋ ଷଠିଘର | ନବ କୁମାର ଦାସ | ୧୦୭ |
| ପଖାଳ | ନରେନ୍ଦ୍ର ପ୍ରସାଦ ବେହେରା | ୧୦୮ |
| ଲକ୍ଷ୍ମଣରେଖା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୧୦ |
| କରୋନା ପାଇଁ ପଦେ | କୃଷ୍ଣଚନ୍ଦ୍ର ମହାପାତ୍ର | ୧୧୨ |
| ଆଫ୍ରିକାରେ ଜିମ୍ କରବେଟ୍: ଯୁବରାଣୀଙ୍କ ସହ ବୃକ୍ଷ ଉପରେ କୋଡିଏ ଘଣ୍ଟା | ପ୍ରିୟବ୍ରତ ପାତ୍ର | ୧୧୪ |
| ବେଳାଭୂମି | ଶ୍ରୀକ୍ଷେତ୍ର ସୁନ୍ଦର | ୧୨୦ |
| ଆକାଶ ଓ ସମୁଦ୍ର | ତ୍ରିପତି ପ୍ରଧାନ | ୧୨୧ |
| ଲକଡାଉନ ଦ୍ୱାରା ଲାଭ ଓ କ୍ଷତି | ବାଲ୍ମୀକି ନାୟକ | ୧୨୨ |
| ଅଣାୟତ୍ତ ମନ | ଅଜୟ କୁମାର ବେହେରା | ୧୨୩ |
| ଫେରିବ ନାରୀ ସମ୍ମାନ | ଅରୁଣ କୁମାର ମହାନ୍ତି | ୧୨୯ |

| | | |
|---|---|---|
| ଅଭିଶପ୍ତ ମାତୃତ୍ୱ | ନୂତନ କୁମାର ବେହେରା | ୧୩୦ |
| ତିନୋଟି ଏକପଦୀ | ରୋହିତ ସେଠୀ | ୧୩୨ |
| ମହାଭାରତରୁ ପୃଷ୍ଠାଟିଏ- ନାରାୟଣାସ୍ତ୍ର | ଆରତୀ ସାହୁ (ଆଶା) | ୧୩୩ |
| ଲକ୍-ଡାଉନ୍ | ସତ୍ୟବ୍ରତ ସାହୁ | ୧୩୫ |
| ଏଥିରେ ସନ୍ଦେହ କଅଁ କର | ଶ୍ୟାମ ସୁନ୍ଦର କୁମ୍ଭାର | ୧୩୬ |
| ଜାଗରେ ମଣିଷ | ଉଦୟନ ସୂପକାର | ୧୩୮ |
| ସୂକ୍ଷ୍ମ ନାଟକ- ମୁଁ ଅଭାବ ଦାସ କହୁଛି | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୯ |
| ଦୂରକର ପ୍ରଭୁ ଏହି ଦୁର୍ଗତି | ହରେରାମ ପଣ୍ଡା | ୧୪୮ |
| କାହିଁକି କରିଛ ମାନ | ପ୍ରଭାସିନୀ ସେନାପତି | ୧୪୯ |
| ଜାତି | ନଲମ୍ବର ମହାନନ୍ଦ | ୧୫୧ |
| କୋରନା ଭୂତାଣୁ | ପୂର୍ଣ୍ଣଚନ୍ଦ୍ର ରଣା | ୧୫୨ |
| ବିଶ୍ୱାସ | ବାସନ୍ତୀ ଲତା ଜେନା | ୧୫୪ |
| ନାରୀ ଅନ୍ତରର କଥା | ଅଶୋକ କୁମାର ପଧାନ | ୧୫୭ |
| ହେ ପ୍ରଭୁ କପିଳେଶ୍ୱର ମହାଦେବ | ରତନ ରଞ୍ଜନ ବେହେରା | ୧୫୯ |
| ନବଧା ଭକ୍ତି | ରାଜେଶ ଦୀପ | ୧୬୧ |
| ନବଦିଗନ୍ତ | ସୁଷମା ପରିଜା | ୧୬୨ |
| ଶିବ ତୁମେ କାହିଁକି ନୀରବ | ନବକିଶୋର ଦୀପ | ୧୭୦ |
| ପ୍ରେମର ଶିକୁଳି | ସରୋଜ ସାହୁ | ୧୭୨ |
| ବାରାଙ୍ଗନା | ସୁବଳ ମହାପାତ୍ର | ୧୭୩ |
| ପ୍ରଭୁ ଏକା ତୋ ସହାୟ | କୁମୁଦିନୀ ବେହେରା | ୧୭୮ |
| ପଞ୍ଚଶୀଳ ନୀତି | ଅଶ୍ୱିନୀ କୁମାର | ୧୮୦ |
| ବୋଉ' କୁ ଚିଠି | ସୀତାରାମ ଦାଶ | ୧୮୨ |

| | | |
|---|---|---|
| ଅବୁଝା ମଣିଷ | ନିରଞ୍ଜନ ସାହୁ | ୧୮୮ |
| ପ୍ରେମ ପାଇଁ ପଂକ୍ତିଟିଏ | ଋତୁପର୍ଣ୍ଣା ମହାନ୍ତି | ୧୮୯ |
| ପାଗଳୀ | ନବୀନ କୁମାର ପଧାନ | ୧୯୦ |
| ମୋ ସୁନା ଆଉ ହୀର୍ | ସଙ୍ଗୀତା ମହାନ୍ତି | ୧୯୧ |
| ପେଚକ | ଅଲେଖ ମେହେର | ୧୯୨ |
| ପ୍ରଶ୍ନ ଟିଏ ? | କୃଷ୍ଣ ଚନ୍ଦ୍ର ଡାକୁଆ | ୧୯୪ |
| ଗୃହବନ୍ଦିରେ ମୁଁ | ଉଦୟ କୁମାର ପଣ୍ଡା | ୧୯୬ |
| ଥାଇରଏଡ | ଧୀରେନ୍ଦ୍ର କୁମାର ପ୍ରଧାନ | ୧୯୭ |
| ଯାହା ହେଲ୍ ଭଲ ହେଲ୍ | ଭାରତୀ ସାହୁ | ୨୦୦ |
| ଏମିତି ହୁଅନ୍ତା ଯଦି | ବିଦ୍ୟାଧର ମିଶ୍ର | ୨୦୧ |
| ଆରମ୍ଭ ମୋ ସାହିତ୍ୟ କବିତାରେ | ଅନଙ୍ଗ ମଞ୍ଜରୀ | ୨୦୨ |
| ବିଶ୍ୱମାରୀ | ଆର୍ତ୍ତତ୍ରାଣ ଖୁର୍ଡିଆ | ୨୦୪ |
| କରୋନା ଭୁତାଣୁ | ପ୍ରକାଶ ସାହୁ | ୨୦୫ |
| ମା | ଆଶିଷ କୁମାର ମହାଲିକ | ୨୦୭ |
| ଜୟ ଜବାନ୍, ଜୟ କିଷାନ୍, ଜୟ ବିଜ୍ଞାନ୍ | ଶୁକଦେବ ସାହୁ | ୨୦୮ |
| ହଁ ମୁଁ ଆଜିବି ବଞ୍ଚିଛି | ସିଦ୍ଧେଶ୍ୱର ତ୍ରିପାଠୀ | ୨୦୯ |
| ବାଳକ ବିଶ୍ୱାବସୁ | ଲକ୍ଷ୍ମଣ ମହାନ୍ତି | ୨୧୦ |
| କରୋନା ଭୂତ | କରୁଣାକର ବେହେରା | ୨୧୬ |
| ସମୟ | ଲୀନା ମହାନ୍ତି | ୨୧୮ |
| ପୁଣ୍ୟତୋୟା ର ଆତ୍ମନେପଥୀ | ମନୋଜ କୁମାର ପଣ୍ଡା | ୨୧୯ |
| କରୋନା ଭାଇରସ | ଶିବରାମ ଦଳେଇ | ୨୨୧ |
| ମା | ଆଶିଷ ବେହେରା | ୨୨୩ |
| ଅଚହ୍ନା ମଣିଷ | ଆଶିଷ କୁମାର ସ୍ୱାଇଁ | ୨୨୪ |

| | | |
|---|---|---|
| ସଂସାର ଖାଇଲା ମଦ ବୋତଲ | ମହେଶ୍ୱର ସାହୁ | ୨୨୫ |
| ଜନ୍ମମାଟିର ବାସ୍ନା | ଦିନବଂଧୁ ବେଜ | ୨୩୧ |
| ଯାହା ମୁଁ ଦେଖୁଛି | ଦୀନବନ୍ଧୁ ପୋଇ | ୨୩୨ |
| ଶ୍ରମିକଙ୍କର ମୂଲ୍ୟ | ରାଜଶେଖର ସି “ଚମା” | ୨୩୩ |
| କରୋନାରୁ ମହାଶିକ୍ଷା | ହେମନ୍ତ ଦାଶ | ୨୩୬ |
| କଛି ତୁମର କଛି ମୋର ଭୁଲ ସୁଧାରିବା...!!! | ଝିଲମିଲ ସାହୁ | ୨୩୯ |
| ଅପହରଣ (ଗପ ହେଲେ ବି ସତ) | ଯନ୍ମେଜୟ ପଣ୍ଡା | ୨୪୧ |
| କରୋନା ଚେତନା | ନରେଶ କୁମାର ତ୍ରିପାଠୀ | ୨୪୬ |
| ମେଡ୍ ଇନ୍ ଚାଇନା ପୁଣି କରୋନା | ଖଗେଶ୍ୱର ବାଗ | ୨୪୭ |
| ବିଷକନ୍ୟା | ପ୍ରଶାନ୍ତ କୁମାର ପଧାନ | ୨୪୮ |
| ଭୋକର ଭୂଗୋଳ | କେଶରୀ ପ୍ରସାଦ ମହାନ୍ତି | ୨୪୯ |
| ଅଭୁଲା ପ୍ରେମ କାହାଣୀ | ପ୍ରଶାନ୍ତ କୁମାର ନାଥ | ୨୫୨ |
| ଖାସ୍ ତୁମରି ପାଇଁ | ସତ୍ୟବ୍ରତ ପ୍ରଧାନ | ୨୫୬ |
| କୋରୋନା କରୁଛି ଆକ୍ରମଣ... | ଶିଶିର କୁମାର ସାମଲ | ୨୫୭ |
| ବନ୍ଧୁତ୍ୱ | ରାଜୁ କୁମାର ପାତ୍ର | ୨୫୯ |
| ପ୍ରଥମ ଥର | ପ୍ରକାଶ ରଞ୍ଜନ ସ୍ୱାଇଁ | ୨୬୩ |
| ଭୋକର ଭୁଗୋଲ | ଫିରୋଜ କୁମାର ପଟେଲ | ୨୬୫ |
| ଭଲ ପାଇବାର ଶେଷ ରାତି | ଅଶୋକ କୁମାର ପଧାନ | ୨୬୬ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୨୬୯ |
| ପ୍ରିୟତମା ତୁମେ କରୋନାର ଭୀତ ତ୍ରସ୍ତ | ତାରାପ୍ରସାଦ ଜେନା | ୨୭୭ |
| ତମେ ଗଳ୍ପରେ | ପୁସ୍ତମ୍ ଯୁଆଡି | ୨୭୮ |

| | | |
|---|---|---|
| ନାଲି ଓଠ | ଆଶ୍ରିତ ମହାପାତ୍ର | ୨୭୯ |
| ମୁଖାଗ୍ନି | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୮୦ |
| ସାକ୍ଷୀ | ଯୁବରାଜ କୁଦେଇ | ୨୮୪ |
| ଜିବନ୍ | ସୁଭସ୍ ଚନ୍ଦ୍ର ଭୁଏ | ୨୮୫ |
| ରକତ୍ | ଶ୍ରୀ ସହଦେବ ଧରୁଆ | ୨୮୭ |
| ଶ୍ରୀମଦ୍ ଭଗବତ୍ ଗୀତାର ନବମ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୮୮ |
| ବଢ଼ିଲ୍ ଖରା | ମୁରଲୀ ଶିକା | ୨୯୦ |


# ଶିଶୁ ବିଭାଗ


| | | |
|---|---|---|
| ବରଡ଼ା ଶାଗର ମଜା | ଡ଼ଃ ରଞ୍ଜିତ କୁମାର ସାହୁ | ୨୯୩ |
| ଗାଁଆ ଲାଗେ ସହର | ଅଙ୍କିତା ପାଢ଼ୀ | ୨୯୭ |
| ନୀଳକଣ୍ଠ ଚଢ଼େଇ | ନୀଳମାଧବ ସାହୁ | ୨୯୯ |
| ଭଲ କାମ | ନନ୍ଦିନୀ ରାଉତ | ୩୦୩ |
| ବିଲୁଆ ବଡ଼ ଚତୁର | ଭଜରାମ ସେଠୀ | ୩୦୪ |
| ଆଇ | ରାମ ଚନ୍ଦ୍ର ପ୍ରଧାନ | ୩୦୭ |
| 'କହିବ କଏ | ସତ୍ୟବ୍ରତ ସାହୁ | ୩୦୮ |
| ଖରାଦିନ | ରାଜଶେଖର ସି "ତମା" | ୩୦୯ |
| ଚନ୍ଦ | ରିୟାନ୍ସ ପଣ୍ଡା | ୩୧୧ |
| ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୧୨ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୩୧୩ |

# ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ: ଏକ ଦୃଷ୍ଟିପାତ



ବରଦା ପ୍ରସନ୍ନ ଦାସ

ଦେଶ ଯେପରି ଗର୍ବ କରେ ତା'ର ସଂସ୍କୃତି ଐତିହ୍ୟକୁ ନେଇ ସେହିପରି ଗୌରବାନ୍ୱିତ ମନେ କରେ ତା'ର ଭାଷାର ମର୍ଯ୍ୟାଦାକୁ ନେଇ । ଶିଶୁର କଥା କହିବା ଶକ୍ତି ଆସିବା ମାତ୍ରକେ ସେ ତା'ର ମାତୃଭାଷା କହେ ଏବଂ ମାତୃଭାଷାକୁ ହୃଦୟଙ୍ଗମ କରେ । ମାତୃଭାଷା ମାଧ୍ୟମରେ ଜଣେ ବ୍ୟକ୍ତି ଯେପରି ତା'ର ହୃଦୟର ଭାବକୁ ବ୍ୟକ୍ତ କରିପାରେ, ସେପରି ଅନ୍ୟ କୌଣସି ଭାଷାରେ ବ୍ୟକ୍ତ କରିପାରେ ନାହିଁ । ଗୋଟିଏ ଜାତିର ଉନ୍ନତି ସାଧିତ ହୁଏ, ତା'ର ମାତୃଭାଷାର ଉନ୍ନତିରେ । ପ୍ରତ୍ୟେକ ଜାତି ତା'ର ଭାଷା ଓ ସାହିତ୍ୟକୁ ନେଇ ଗର୍ବିତ ।

ସମାଜର ଅନ୍ତର୍ନିହିତ ଚେତନାକୁ ସାହିତ୍ୟ ଦ୍ୱାରା ହିଁ ପ୍ରକାଶ କରାଯାଇଥାଏ । ଅବଚେତନ ମନର ରହସ୍ୟକୁ ସାହିତ୍ୟ ଉଦ୍‌ଘାଟନ କରେ । ସତ୍ୟ, ଶିବ, ସୁନ୍ଦରର ବାଣୀକୁ ଉଦାର କଣ୍ଠରେ ଘୋଷଣା କରେ ସାହିତ୍ୟ । ବ୍ୟକ୍ତିର ହୃଦୟରେ ସଂପ୍ରୀତି ସ୍ଥାପନ କରିବା, ପ୍ରେରଣା ଦେବା, ନ୍ୟାୟ ଓ ଅନ୍ୟାୟର ବିଗ୍ଭର କରିବା, ପାପ ପୁଣ୍ୟର ବିଗ୍ଭର କରିବା ପାଇଁ ସାହିତ୍ୟର ଭୂମିକା ଅନବଦ୍ୟ । ସାହିତ୍ୟର ସମ୍ପର୍କ ମନୁଷ୍ୟର ଅନ୍ତର ସହିତ ଜଡିତ ଏବଂ ଏହା ଚରନ୍ତନ । ସାହିତ୍ୟ ସୃଷ୍ଟିକରେ ମନୁଷ୍ୟର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଚେତନାକୁ । ସାହିତ୍ୟ ଜାଗ୍ରତ କରେ ଅନ୍ତର୍ନିହିତ ଶକ୍ତିକୁ ଏବଂ ସାହିତ୍ୟ ପ୍ରକାଶ କରେ ଜୀବନର ଅନ୍ତର୍ନିହିତ ଭାବଧାରାକୁ । ସମୟର ରଥ ଚକ ତଳେ ସାହିତ୍ୟ ନିଷ୍ପେଷିତ ହୋଇଯାଏ ନାହିଁ। ମଣିଷ ଜୀବନକୁ ସାହିତ୍ୟ ଗଢିତୋଳେ କାନ୍ତ କୋମଳ ଓ କମନୀୟ କରି । କୁତ୍ସିତ ବସ୍ତୁ ମଧ୍ୟରେ ସାହିତ୍ୟ ଦେଖେ ଶାଶ୍ୱତ ସୌନ୍ଦର୍ଯ୍ୟକୁ । ନଗଣ୍ୟ ଓ ହେୟ ବସ୍ତୁ ମଧ୍ୟରେ ସେ ଦେଖାଇଦିଏ ଜଗତର ରହସ୍ୟକୁ । ସାହିତ୍ୟ ବ୍ୟକ୍ତିର ହୃଦୟରେ ରେଖାପାତ କରେ ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ଆପଣାର କରେ ।

ବିଜ୍ଞାନ ମଣିଷର ଜ୍ଞାନକୁ ବିକଶିତ କରେ । ଇତିହାସ ବ୍ୟକ୍ତିକୁ ଅତୀତର କାଳାନୁକ୍ରମିକ ବିବରଣୀ ପ୍ରଦାନ କରେ । ଦର୍ଶନ ସୃଷ୍ଟି ରହସ୍ୟ ସମ୍ବନ୍ଧରେ ସୂଚନା ଦିଏ । ଅର୍ଥନୀତି ଦୈନନ୍ଦିନ ଜୀବନରେ ଅର୍ଥନୈତିକ ସମସ୍ୟା ସମ୍ବନ୍ଧରେ ଜ୍ଞାନ ସୃଷ୍ଟି କରେ । ମାତ୍ର ସାହିତ୍ୟ ସମସ୍ତ ଭାବଧାରାକୁ ନିଜ ଭିତରେ ରଖି ଲୋକୋତ୍ତର ସତ୍ୟକୁ ପରିବେଷଣ କରେ । ବ୍ୟକ୍ତିକୁ ଆନନ୍ଦ ପ୍ରଦାନ କରେ । ସାହିତ୍ୟ ସହିତ ସମାଜର ସମ୍ପର୍କ ଅତି ନିବିଡ । ସମାଜକୁ ଛାଡି ସାହିତ୍ୟର ସ୍ଥାନ ନାହିଁ ବା ସାହିତ୍ୟକୁ ଛାଡି ସମାଜର ସ୍ଥାନ ନାହିଁ । ସମାଜର ଅନ୍ତର୍ନିହିତ ଚେତନାକୁ ସାହିତ୍ୟ ପ୍ରକାଶ କରେ । ସାହିତ୍ୟ ଯୁଗ ଯୁଗ ଧରି ମଣିଷ ଜୀବନରେ ଉତ୍ଥାନ ପତନ, ହସ କାନ୍ଦ, ସଂଘର୍ଷ ଓ ସଂଘାତକୁ ଯଥାର୍ଥ ଭାବରେପ୍ରକାଶ କରେ ।

ଏସବୁ ଜାଣିଲା ପରେ ମଧ୍ୟ ଆମେ ଭୁଲି ଯାଉଛେ ଆମର ସେହି ମାତୃଭାଷାକୁ । ଯେହେତୁ ଆମେ ଏହି ଓଡ଼ିଶା ମାଟିରେ ଜନ୍ମ ନେଇଛେ, ଓଡ଼ିଶାର ପାଣି ପବନରେ ଆମର ଏହି ରକ୍ତ ମାଂସର ଶରୀରକୁ ନେଇ ବଞ୍ଚିଛେ ଏବଂ ଯେଉଁ ଓଡ଼ିଶାର ଠାକୁର ବଡ ଠାକୁର, ନଦୀ ମହାନଦୀ, ସମୁଦ୍ର ମହୋଦଧି, ଦାଣ୍ଡ ବଡଦାଣ୍ଡ, ବୃକ୍ଷ କଳ୍ପବଟ, ପ୍ରସାଦ ମହାପ୍ରସାଦ ସେଥିପାଇଁ ଆମେ ଆମ ମାତୃଭାଷାର ସାହିତ୍ୟକୁ ଭୁଲିଯାଇ ପ୍ରଥମେ ଅନ୍ୟାନ୍ୟ ବିଦେଶୀ ଭାଷା ଓ ସାହିତ୍ୟ ପଛରେ ଧାଇଁବା ଅନୁଚିତ୍ । ଅନ୍ୟାନ୍ୟ ବିଷୟ ଅଧ୍ୟାପନା ଓ ଅନୁଶୀଳନର ଅପେକ୍ଷା ଓଡ଼ିଆ ଭାଷା ଓ ସାହିତ୍ୟ ଅନୁଶୀଳନର ଏକ ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି । ମନୁଷ୍ୟର ସହଜ ସ୍ୱଚ୍ଛନ୍ଦ ଭାବ ପ୍ରକାଶ ନିମନ୍ତେ ମାତୃଭାଷା ଅପରିହାର୍ଯ୍ୟ ।

ବର୍ତ୍ତମାନ ଭାରତ ସରକାର ଆଞ୍ଚଳିକ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଗଭୀର ଧ୍ୟାନ ଦେଇଛନ୍ତି, ଯାହା ଫଳରେ ସର୍ବଭାରତୀୟ ପରୀକ୍ଷାଗୁଡିକରେ ଆଞ୍ଚଳିକ ଭାଷାଗୁଡିକୁ ପ୍ରାଧାନ୍ୟ ଦେଇ ତହିଁରେ ଉଭୟ ଇଚ୍ଛାଧୀନ ଓ ବାଧ୍ୟତାମୂଳକ ଭାଷା ସାହିତ୍ୟପତ୍ର ଅନ୍ତର୍ଭୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ ଏବଂ ଅଧ୍ୟାପନାର କ୍ଷେତ୍ର ମହତ୍ତ୍ୱପୂର୍ଣ୍ଣ ଓ ଗୁଣାତ୍ମକ ହେବା ପ୍ରୟୋଜନୀୟ । ଭାରତର ଭାଷା ସମସ୍ୟା ଏକ ପ୍ରଧାନ ସମସ୍ୟା ହେଲେବି ରାଜ୍ୟ ସ୍ତରରେ

ଆଞ୍ଚଳିକ ଭାଷାର ଉନ୍ନତିକୁ କଦାପି ଏଡାଇ ଦିଆଯାଇନପାରେ । ମାତୃଭାଷାକୁ ନେଇ ଜାତି ବଞ୍ଚି ରହିଛି । ମାତୃଭାଷାର ଉନ୍ନତିରେ ଜାତିର ଉନ୍ନତି ଓ ପ୍ରଗତି ନିହିତ ।

ଓଡ଼ିଶା ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ପ୍ରଚଳନ କରିବା ନିମନ୍ତେ ବଦ୍ଧପରିକର । ସରକାରୀ ସ୍ତରରେ ବିଭିନ୍ନ ବିଭାଗ, ଜିଲ୍ଲାସ୍ତରୀୟ ଓ ଅନ୍ୟାନ୍ୟ ନିମ୍ନ ଦପ୍ତର ପାଇଁ ଉଦ୍ଦିଷ୍ଟ ସମସ୍ତ ଚିଠିପତ୍ର ବିଜ୍ଞପ୍ତି ଗେଜେଟ୍ ଆଦି ଓଡ଼ିଆ ଭାଷାରେ ହେବା ପାଇଁ ସରକାର ସ୍ଥିର କରିଛନ୍ତି । ଏହାଦ୍ୱାରା ଆମ ମାତୃଭାଷାର ବିକାଶ ହୋଇପାରିବ । ଆଧୁନିକ ଜୀବନର ସମସ୍ତ ଚିତ୍ର ଆଜି ସାହିତ୍ୟ ମାଧ୍ୟମରେ ପ୍ରକାଶ ପାଉଛି । ଏ ପ୍ରସଙ୍ଗରେ ଓଡ଼ିଶାର ପତ୍ରପତ୍ରିକାର କଥା ଚିନ୍ତା କଲେ ମନ ଭିତରେ ଦୁଃଖ, କ୍ଷୋଭ ଜାତ ହେବା ସ୍ୱାଭାବିକ । ଲେଖକମାନଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ହୋଇଥିବା ବେଳେ ପାଠକମାନଙ୍କ ସଂଖ୍ୟା କମିବାରେ ଲାଗିଛି । ତେଣୁ ଆଜି ସମସ୍ତ ସାହିତ୍ୟ ପ୍ରେମୀ ଲେଖକ, କବି, ବୁଦ୍ଧିଜୀବୀ ସର୍ବୋପରି ପାଠକ ପାଠିକାଙ୍କ ସଂଖ୍ୟା ବୃଦ୍ଧି ହେବା ଉଚିତ୍ । ମାତୃଭାଷାରେ ବିଭିନ୍ନ ଲେଖାମାନ ପଢିବା ଦ୍ୱାରା ମଣିଷ ଏଥିରୁ ବହୁ ଉପାଦେୟ ଉପଦେଶ ସଂଗ୍ରହ କରିଥାଏ ।

ଏହାଛଡା ପୁସ୍ତକ ପ୍ରକାଶକମାନେ ବହୁ ପରିମାଣରେ ଉପାଦେୟ ପୁସ୍ତକମାନ ପ୍ରକାଶ କରି ଓଡ଼ିଆ ପୁସ୍ତକର ଅଭାବ ଦୂର କରିବା ପାଇଁ ଉଦ୍ୟମ କରିବା ବାଞ୍ଛନୀୟ । ଦିନେ ଉତ୍କଳମଣି ଗୋପବନ୍ଧୁ ଦାସ ମଧ୍ୟ ନିଜେ ହୃଦୟଙ୍ଗମ କରି ଲେଖିଥିଲେ - ଯେକୌଣସି ଜାତିର ଶିକ୍ଷା ସେହି ଜାତିର ନିଜ ଭାଷାରେ ନହେବା ଯାଏଁ ତାହା ଜାତୀୟଭାଷା ନୁହେଁ । ଭାଷା ଭାବ ପ୍ରକାଶର ଉପାୟ ମାତ୍ର ସତ, କିନ୍ତୁ ଯେଉଁ ଭାଷା ମନୁଷ୍ୟର ନିଜ ଭାଷା, ଯେଉଁ ଭାଷାର ବେଷ୍ଟନୀ ମଧ୍ୟରେ ସେ ଜନ୍ମଦିନୁ ଲାଳିତ ପାଳିତ, ସେ ଭାଷାରେ ଭାବ ଯେପରି ସୁବୋଧ ହୁଏ, ଅନ୍ୟାନ୍ୟ ଭାଷାରେ ସେପରି ହୁଏ ନାହିଁ ।

ଓଡ଼ିଶାର ଚିନ୍ତାନାୟକଗଣ ଏବଂ ବୌଦ୍ଧିକ ଗୋଷ୍ଠୀ ଏଥିପ୍ରତି ବିଶେଷ ସଚେତନ ହେବା ଉଚିତ । ସେମାନେ ଏଥିପ୍ରତି ଦୃଷ୍ଟି ନିକ୍ଷେପ କରି ସେଗୁଡିକର ବିହିତ ପ୍ରତିକାର କରିବା

ସଙ୍ଗେ ସଙ୍ଗେ କର୍ତ୍ତୃପକ୍ଷ ସୁବିଗ୍ୱର କରିସମସ୍ୟାଗୁଡିକର ସମାଧାନ କଲେ ଜାତିର ମଙ୍ଗଳ, ସମାଜର ମଙ୍ଗଳ ଏବଂ ଦେଶର ମଧ ମଙ୍ଗଳ । କେବଳ ସେଇମାନଙ୍କ ଦ୍ୱାଗ୍ ହିଁ ସମାଜରେ ବା ଗ୍‌ଜ୍ୟରେ ଯେକୌଣସି ପରିବର୍ତ୍ତନ ହୋଇଥାଏ । ଅତଏବ ଏଥିପାଇଁ ଦେଶର ଯୁବକ ଯୁବତୀମାନେ ଆଜିଠାରୁ ଜାଗ୍ରତ ହୁଅନ୍ତୁ ।

କଳା ଓ ସଂସ୍କୃତିରେ ଶ୍ରେଷ୍ଠ ଆସନ ଲ୍‌ଭ କରିଥିଲ୍ ବୋଲି ଏ ଗ୍‌ଜ୍ୟ ଉତ୍କଳ । ଆଉ କେତେକଙ୍କ ମତରେ ଉତ୍କୃଷ୍ଟକଳା ପାଇଁ ଉତ୍କଳ ନାମକରଣ ହୋଇଛି । ଯେତେବେଳେ ସାଗ୍ ବିଶ୍ୱର ମାନବ ସମାଜ ଅଜ୍ଞାନ, ଅନୁନ୍ନତ ଥିଲ୍, ସେତେବେଳେ ଓଡ଼ିଆ ପୁଅ ଜ୍ଞାନ ବିଜ୍ଞାନଠାରୁ ଆରମ୍ଭ କରି ନୌଯାତ୍ରା ଓ ବହିର୍ବାଣିଜ୍ୟ ପର୍ଯ୍ୟାପ୍ତ କରୁଥିଲେ । ସମଗ୍ର ପୃଥିବୀରେ ଦେଶମାନଙ୍କ ମଧ୍ୟରେ ଭ୍‌ରତ ଶ୍ରେଷ୍ଠ ଏବଂ ଭ୍‌ରତର ଗ୍‌ଜ୍ୟମାନଙ୍କ ମଧ୍ୟରେ ଉତ୍କଳ ଶ୍ରେଷ୍ଠ ବୋଲି ବର୍ଣ୍ଣିତ ।

ଆମ ଓଡ଼ିଶା ମାଟିର ଜଗନ୍ନାଥ ଆଜି ସାଗ୍ ବିଶ୍ୱବାସୀଙ୍କ ଆଗ୍ଧ ଦେବତା । କୋଣାର୍କର କଳା ଭ୍‌ସ୍କର୍ଯ୍ୟ ପୃଥିବୀରେ ଅଦ୍ୱିତୀୟ । କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, କାଳଦାସ, ଜୟଦେବ, ଫକୀରମୋହନ ଆଦି ପ୍ରସିଦ୍ଧ କବି ବା ଲେଖକଙ୍କ ସମକକ୍ଷ ହୋଇପାରିଛନ୍ତି । ଏହିପରି ଏକ ଗ୍‌ଜ୍ୟ ହେଉଛି ଓଡ଼ିଶା । ଜାତୀୟ ଅଗ୍ରଗତିରେ ଓଡ଼ିଆ ଭ୍‌ଷା ଓ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜାତି ତା'ର ଭ୍‌ଷାକୁ ନେଇ ପରିଚତ । ଯେଉଁ ଜାତିର ଭ୍‌ଷା ଯେତେ ଉନ୍ନତ ସେ ଜାତି ସେତେ ଉନ୍ନତ । ସାମାଜିକ ଓ ଅର୍ଥନୈତିକ ସ୍ତରରେ ମଧ ଉନ୍ନତି ପାଇଁ ସମୃଦ୍ଧ ଭ୍‌ଷା ଲେ୍‌ଡା । କାରଣ ମଣିଷ ତା'ର ଭ୍‌ଷାର ଯେତେ ଶବ୍ଦ ଜାଣେ ସେହି ଅନୁଯାୟୀ ତା'ର ଚନ୍ତାଧାଗ୍ ଗତି କରେ । ଭ୍‌ଷା କେବଳ ହେତୁବାଦୀ ପ୍ରସଙ୍ଗର ପରିବାହକ ନୁହେଁ, ଏହା ଆଭ୍ୟନ୍ତରୀଣ ଅନୁଭୂତିର ବାହ୍ୟପ୍ରକାଶ ମଧ । ଭ୍‌ଷା ଭ୍‌ବର ପରିପ୍ରକାଶ ଓ ଚନ୍ତାର ମାଧମ ହୋଇଥିବାରୁ ମଣିଷ ନୂଆ ନୂଆ ଚନ୍ତା କରିବା ପାଇଁ ତା' ପାଖରେ ସେହିଭଳ ନୂଆ ନୂଆ ଶବ୍ଦମାନ ଲେ୍‌ଡା । ଏହି ପରିପ୍ରେକ୍ଷୀରେ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ କହିଥିଲେ, ଭ୍‌ରତରେ ଯଦି ଗୋଟିଏ ଲିପି ଓ ଗୋଟିଏ ଭ୍‌ଷା ଗୃହୀତ ଓ ପ୍ରଗ୍ୱରିତ ହୋଇପାରିବ ତେବେ ମୁଁ ଓଡ଼ିଆ ଭ୍‌ଷାକୁ ତ୍ୟାଗ

କରିବା ପାଇଁ ପ୍ରସ୍ତୁତ ଅଛି । କାରଣ ଭାଷା ଓ ସାହିତ୍ୟ ଭିତ୍ତିରେ ଯେକୌଣସି ଜାତିର ସ୍ୱତନ୍ତ୍ର ତିଷ୍ଠି ରହିପାରେ ମାତ୍ର ଯେ ପର୍ଯ୍ୟନ୍ତ ଏହା ସମ୍ଭବ ନହୋଇଛି ସେ ପର୍ଯ୍ୟନ୍ତ ପ୍ରାନ୍ତୀୟ ଭାଷାଗୁଡିକ ତଥା ବିଛିନ୍ନାଞ୍ଚଳ କଥିତ ଓ ବ୍ୟବହୃତ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ବିକାଶ ଆମର କର୍ତ୍ତବ୍ୟ । ଭାଷାର ପ୍ରସାର ନହେଲେ ସାହିତ୍ୟର ପ୍ରସାର ଅସମ୍ଭବ ଏବଂ ପାଠକର ସ୍ୱଳ୍ପତାରେ ସଂସ୍କୃତି ସ୍ରୋତ ମଧ୍ୟ ସଙ୍କୁଚିତ ହୋଇପଡେ ।

ସାହିତ୍ୟର ଧର୍ମ ହେଲା ସମାଜର ହିତ ସାଧନ କରିବା । ଯେକୌଣସି ବିଷୟକୁ ସାହିତ୍ୟ ମାଧ୍ୟମରେ ପ୍ରକାଶ କରାଯାଇପାରେ । ଓଡ଼ିଆ ଭାଷା ଓ ସାହିତ୍ୟରେ ଉଚ୍ଚଶିକ୍ଷା ପ୍ରବର୍ତ୍ତନ ପାଇଁ ରେଭେନସା କଲେଜରେ ଓଡ଼ିଆ ଏମ୍. ଏ ଶ୍ରେଣୀ ଖୋଲାଗଲା । ତା' ପୂର୍ବରୁ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍.ଏ ଶ୍ରେଣୀ କିଛି ବର୍ଷ ନପାଇଁ ଖୋଲାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ, ବିଶ୍ୱ ଭାରତୀ, ରାଞ୍ଚି, ଦିଲ୍ଲୀ, ଆନ୍ଧ୍ର, ଗୌହାଟି ଆଦି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଗବେଷଣା ଏବଂ ଏମ୍.ଏ. ଶିକ୍ଷାଦାନର ବ୍ୟବସ୍ଥା ଅଛି। ଦୀର୍ଘ ସମୟ ଅତିବାହିତ ହେବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏବଂ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆରେ ଏମ୍.ଏ ଶ୍ରେଣୀ ଖୋଲାଯାଇଥିଲା । କ୍ରମେ ଏଥିରେ ବହୁ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିଆସୁଛନ୍ତି ।

ଓଡ଼ିଆ ଭାଷା ଓ ସାହିତ୍ୟର ବିରାଟ ମନ୍ଦିର ହଜାର ହଜାର ବର୍ଷ ସଂସ୍କୃତିର ଦୃଢ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ବିଶେଷତଃ ଓଡ଼ିଆ ଶାସ୍ତ୍ରୀୟ ଭାଷା ରୂପେ ସ୍ୱୀକୃତି ଲାଭ କରିବା ପରେ ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ଓ ପ୍ରସାରପାଇଁ ବିଭିନ୍ନ ମଞ୍ଚରେ ହୋଇଥିବା ଆଲୋଚନା ଓ ପର୍ଯ୍ୟାଲୋଚନାକୁ ସମ୍ମାନ ଦେଇ ରାଜ୍ୟ ସରକାର ଅନେକ ନୂତନ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଗଠିତ ହୋଇଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ । ସରକାରଙ୍କ ଏହା ଏକ ମହତ ପ୍ରଚେଷ୍ଟା । ସ୍ୱତନ୍ତ୍ର ବିଭାଗ ଗଠନ ସହିତ ଏକ ହେରିଟେଜ କ୍ୟାବିନେଟ୍ ଗଠନ ବହୁଦୃଷ୍ଟିରୁ ଏକ ସମୟୋପଯୋଗୀ ପଦକ୍ଷେପ । ରାଜ୍ୟର ଭାଷା, ସଂସ୍କୃତି ସାହିତ୍ୟର ଉପଯୁକ୍ତ ସଂରକ୍ଷଣ ଓ ବିକାଶ ପାଇଁ ହେରିଟେଜ କ୍ୟାବିନେଟ୍ ବିଶେଷଭାବେ ଦୃଷ୍ଟି ଦେବା ଓଡ଼ିଶାର ସମୃଦ୍ଧି ସାଂସ୍କୃତିକ ଇତିହାସ ପରିପ୍ରେକ୍ଷୀରେ ଏକ ଅଭିନବ ପରିକଳ୍ପନା । ବିଭିନ୍ନ

ସରକାରୀ ପ୍ରତିଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ଲେଖାଯିବା ପାଇଁ ନର୍ଦ୍ଦେଶ ଏବଂ ଏ ନେଇ ଆବଶ୍ୟକୀୟ ଆଇନଗତ ବ୍ୟବସ୍ଥା ଦ୍ୱାର୍ ଭବିଷ୍ୟତରେ ଏ ଦିଗରେ ସଚେତନତା ସୃଷ୍ଟି ହୋଇପାରିବ ଏବଂ ଓଡ଼ିଆ ଭ୍ଷା ପ୍ରତି ସବୁ ସ୍ତରରେ ଆଗ୍ରହ ପ୍ରକାଶ ପାଇପାରିବ । ପ୍ରତି ପାଞ୍ଚ ବର୍ଷରେ ଥରେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଆୟୋଜନର ଲକ୍ଷ୍ୟ ସରକାରଙ୍କ ଏକ ଅଭିନବ ଯୋଜନା । ଓଡ଼ିଆ ଭ୍ଷା ଓ ସାହିତ୍ୟର ଗବେଷଣା ପାଇଁ ଅଧିକ ଆର୍ଥିକ ପ୍ରୋତ୍ସାହନ, ଓଡ଼ିଆ ଭ୍ଷା କମିଶନ ଗଠନ, ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଓ ଉତ୍ସବ ଓଡ଼ିଆରେ ଅନୁଷ୍ଠିତ କର୍‌ଇବା, ଏସବୁ ଗୋଟିଏ ଗୋଟିଏ ସ୍ୱାଗତଯୋଗ୍ୟ ପଦକ୍ଷେପ । ପ୍ରଥମ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଲ୍ ଗୃହୀତ, ଜିଲ୍ଲା ଓ ର୍‌ଜ୍ୟସ୍ତରରେ ପ୍ରତିବର୍ଷ ପୁସ୍ତକ ମେଳାର ଆୟୋଜନ ଓଡିଆ ଭ୍ଷା ଓ ସାହିତ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଫି' ଛାଡ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରଫେସର ପଦବୀ ସଂଖ୍ୟା ବୃଦ୍ଧି, ୟୁଜିସି ଢାଞ୍ଚାରେ ଓଡ଼ିଆଭ୍ଷା ଓ ସାହିତ୍ୟର ଗବେଷଣା ପାଇଁ ପ୍ରୋତ୍ସାହନ, ଶିଶୁ ସାହିତ୍ୟରେ ଗବେଷଣାଭିତ୍ତିକ ରଚନ, ଓଡ଼ିଆ ୱେବ୍‌ସାଇଟ ବ୍ୟବସ୍ଥା, ସବୁ ବିଦ୍ୟାଳୟରେ ପାଠାଗାର ପ୍ରତିଷ୍ଠା ଓ ଅନ୍ୟ ଭ୍ଷାର ସାହିତ୍ୟ ରଚନାକୁ ଓଡ଼ିଆରେ ଅନୁବାଦ, ପ୍ରବାସୀ ଓଡ଼ିଆଙ୍କ ପାଇଁ ଭର୍ଚୁଆଲ୍ ଏକାଡେମୀ ପ୍ରତିଷ୍ଠା ଏବଂ ଗାଁ ଗହଳରେ ଭ୍ଗବତ ଟୁଙ୍ଗିର ପୁନରୁଦ୍ଧାର ଆଦି ନୂଆ ନୂଆ ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଏହାଦ୍ୱାର୍ ଆମ ଭ୍ଷାର ବିକାଶ ହେବା ସହିତ ସମୃଦ୍ଧ ମଧ୍ୟ ହୋଇପାରିବ।

ଯୁଗ୍ମ ନର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭ୍ଗ, ଓଡିଶା
ଦୂରଭ୍ଷ –9861145687

# କରୋନା ସହିତ ଆମ ଯୁଦ୍ଧ



ଶାନ୍ତିଲତା ମିଶ୍ର

କରୋନା ସହିତ ସଂଘର୍ଷ କରିବାକୁ
ଆମ ପାସେ ନାହିଁ, ବଳ କି ସମ୍ବଳ ।
ଅବଗତ ତୁମେ ଥିବ ତ ନିଶ୍ଚୟ, ଏ ବିଷୟରେ
ଆସି କରିଦେଇ ଯାଅ କିଛି ପ୍ରତିକାର ।
କହିବାର ଆବଶ୍ୟକତା କଣ ପଡିବ ତୁମକୁ
ଦେଖିଯାଅ ଥରେ ଆସି ।
ସୁରକ୍ଷା ବଳୟ ଭିତରେ ରଖିବାକୁ
ଉର୍ଦ୍ଧେ ହାତଟେକ ଆର୍ତ୍ତେ, ଡାକୁଅଛୁ ମିଶି ।
ଚାରିଆଡ ହା ହା କାର ଶୂନ୍ୟତା ଭିତରେ
ମୁଣ୍ଡ କରୁନାହିଁ କିଛି କାମ ।
ଏ ମହାମାରୀ କୋଉଠୁ ଆସିଲ୍
କହିଁକି ଆସିଲ୍, କି ଅଛି ଉଦ୍ଦେଶ୍ୟ ତୁମ ।
ତୁମ ଅଜାଣତେ, ତୁମର ଅଜ୍ଞାତେ, ତୁମ ସଂସାରରେ
କିଛି ଘଟିଯିବା କେବେ ନୁହେଁତ ସମ୍ଭବ ।
ତେବେ ଏ ଅଘଟଣ କିପରି ଘଟିଲ୍
ଏ ପରିକଳ୍ପନା କି ଥିଲ୍ କିଛି ସୁଚିନ୍ତିତ ।
ରହସ୍ୟ ଘେରରେ ଏ ମଣିଷ ଆଜି
ଅସହାୟତାକୁ ସାଥେ ନେଇ ।
ଏତେ ଏତେ ଲୋକ ଚାଲି ଯାଉଛନ୍ତି
ଆଖି ଆଗେ ତାର, କିଛି କରି ପାରୁ ନାହିଁ ।
ଚେଷ୍ଟାରୁ ବିରତ ହେଉ ନାହିଁ ସତ

କନ୍ତୁ କୃତକାର୍ଯ୍ୟ ହୋଇ ପାରୁ ନାହିଁ ।
ଗୋଟାଏ ହାତରେ ବାଜେ ନାହିଁ ତାଳ
ହୁଏତ ଦୋଷ ଥିବ କଛି ତାର ।
ବିନା ଦୋଷେ ତୁମେ ଶାସ୍ତି ଦେବ ନାହିଁ
ଏ ମଣିଷ ଜାଣେ, ଗୃହୁଁଚ ତେଣୁ ଉତ୍ତର ।
କେତେ କେତେ ଦୋଷ କ୍ଷମା କରିଅଛ
ଏବେକାର ଅପରାଧ କଣ ସିମା ଟପିଗଲା ।
ଶାସ୍ତି ଦବାକୁ ଆଗେଇ ଆସିଲ ଏମିତି
ଯାହା କ୍ଷମା ବହିର୍ଭୁତ ରୁପେ ଗଣା ହେଲା ।
ଆସି ଅନୁଧ୍ୟାନ କରିବା ଉଚତ ତୁମ
କୋଉଠି ରହିଗଲା ତାର ଭୁଲ ।
ଦୋଷ ଦୁର୍ଗୁଣକୁ ସଶୋଧନ କରି,
କଛି ସୁପଥ ଦେଖାଇ ଯାଅ ।
ଆତୁରେ ଡାକ ଦୁଃଖ ଜଣାଇବା
ଅଛି କେବଳ ଆମ ହାତେ ।
ଶୁଣିବା, ନଶୁଣିବା, ବିଚ୍ଚର କରିବା
ଏବେ ସବୁ ତୁମ ହାତେ ।
ଏ ସୁନ୍ଦର ସୃଷ୍ଟି ଏହିପରି ଭାବେ
ନଷ୍ଟ ହେବାକୁ ଦେବନ ଏ ମଣିଷ ଜାଣେ ।
କନ୍ତୁ ଦୋଷ ଠାରୁ ଶାସ୍ତି ବଢି ଯାଉଅଛି
କୋହଳ ତ କର ଟିକେ ।
ନପାଇ ଅନ୍ୟ ପନ୍ଥା ସସାର ଡାକୁଛି
ଏବେ ଖାଲି ତ୍ରାହି ତ୍ରାହି ।
ଅଦୃଶ୍ୟ ସେ ଶକ୍ତିଶାଳୀ ହାତ ପ୍ରଭୁ !
ତୁମ ଦିଅ ହେ ବଢାଇ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# କରୋନା ସୁନ୍ଦରୀ

(ପ୍ରଥମ ଭାଗ)



ଶଶଧର ମହାପାତ୍ର

ଦେଶ ଦୁନଆରେ ସବୁରି ମୁହଁରେ
"କରୋନା", "କରୋନା" ବୋଲି
କଏ କହୁଅଛି ଆସିଯିବ ମାଡି
ଆଜି ନହେଲେ ବି କାଲି
ଭୟ, ଭ୍ରାନ୍ତି ଆଉ ଆତଙ୍କ ଆଜି
ଦେଲାଣି ସଭିଙ୍କୁ ଗ୍ରାସି
ଲୁଚ ଲୁଚ ତୁମେ କେମିତି ଆସିଲ
ଗୃଇନା ଗାଇଜୁ ଖସି
ତୁମ ରୂପ ଦେଖି ହେଇଗଲି ଭୋଳ
ଟିଭିରେ ଫଟୋ ଦେଖି
ଫୁଲ ଭଳି ଦିଶ, କି ମୋହିନୀ ବେଶ
ମନଗଲା ମୋର ଲାଖି
ସୁନ୍ଦର ଚେହେରା ପଛେ ଲୁଚଅଛି
କାହିଁ କେତେ ତୁମ ଶକତି
ଏତେ ଶୀଘ୍ର ତୁମେ କାବୁ କରିଦିଅ
ଦେଖା ତୁମ କରାମତି
ଶ୍ରଦ୍ଧାରେ କଏ ହାତ ଧରିଦେଲେ
ତୁମେ ଆସ ମାଡି ମାଡି
କାଶ, ଛିଙ୍କ ସଙ୍ଗେ ଜ୍ୱର ସହ ଆସ
ଛାଡି ଭୈରବ ରଡି

ତୁମପାଇଁ ସାରା ସ୍କୁଲ, କଲେଜ
ସିନେମା ହଲ ବି ବନ୍ଦ
ଜିମ୍, ସୁଇମିଂ ପୁଲ୍, ମଦ ଦୋକାନରୁ
ଆସୁନାହିଁ ଆଉ ଗନ୍ଧ
ବାର୍, ରେଷ୍ଟୁରାଣ୍ଟ ଫାଙ୍କା ପଡିଛି
କର୍ମଚାରୀଙ୍କର ଛୁଟି
ତାଙ୍କ ହାଲତ ଦେଖିଲେ ଲାଗୁଛି
ଘରେ ନାହିଁ ଶୁଖା ରୁଟି
ସବୁ ଦରଦାମ ହୁହୁ ବଢେ
ଲାଭ, ଲୋଭ ସୀମା ନାହିଁ
ମଣିଷ ପଣିଆ ହଜିତ ଗଲାଣି
ଖୋଜିଲେ ମିଳବ କାହିଁ ?
ପଚାଶ ଟଙ୍କାର ମାସ୍କ ବଜାରରେ
ଦି'ଶହ ଟଙ୍କାରେ ମିଳେ
ମାଛ, ମାଂସ ସବୁ ଶସ୍ତାରେ ମିଳୁଛି
ବିକାଳ ହୃଦୟ ଜଳେ
ବିଧାନ ସଭାରେ ଚାଲେ ହଟ୍ଟଗୋଳ
ତୁମକୁ ପ୍ରସଙ୍ଗ କରି
ବିରୋଧୀ ନେତାଙ୍କ ଭାଷଣ ବାଜିକୁ
ଶାସକଙ୍କ ବେଖାତିରି
ଅଫିସରଙ୍କର ନାହିଁ ସିନା ଛୁଟି
ତଳ ତଳୁଆଙ୍କ ମଜା
ଲ୍ୟାପ୍‌ଟପ୍ ସବୁ ଅନ୍ କରିଦେଇ
ଘରେ ଖାଉଛନ୍ତି ଖଜା
ନାହି ମୁଣ୍ଡେ ଟିକେ ତେଲ ଘସିଦେଇ
ଶୋଉଛନ୍ତି ଆନନ୍ଦରେ
ଲୋକେ ଜାଣିବାକୁ ବଢେଇ କହନ୍ତି

ଖଟୁଛନ୍ତି ନରନ୍ତରେ
ମନ୍ତ୍ରୀ, ପ୍ରଶାସକ ଦେଉଛନ୍ତି ଜ୍ଞାନ
ସଚେତନ ରହିବାକୁ
ମିଡିଆ କହୁଛି ହାଲ୍‌ଗୁଲ୍ କରି
ନଷ୍ଟେ "ହାତ ଧୋଇବାକୁ'
ମେଳ ନହେବାକୁ କହିଛନ୍ତି ପର୍‌
ରାଜ୍ୟ, କେନ୍ଦ୍ର ସରକାର
ବିବାହ, ବ୍ରତରେ ଭୋଜି ନକରି
ଛାତିକୁ ପଥର କର
ହାତେ ମାପି ଆମେ ରାଖଣ୍ଡେ ରାଲୁଛୁ
ତଥାପି ଥରୁଛି ଛାତି
ଯାହା ଘରେ ଆଜି ଜୀବନ ଯାଉଛି
ଲୁହରେ କାଟନ୍ତି ରାତି
ନୂଆ ବର୍ଷଟାରେ ତୁମେ ଦେଇଅଛ
ଜହର ଉପହାର
ଡହଳ ବିକଳ ହେଉଛନ୍ତି ସର୍ବେ
ନଜାଣିକ ପ୍ରତିକାର
ଅନେକ ଧନ, ଜୀବନ ନେଲଣି
ଦେଲଣି ବେଦନା, ବ୍ୟଥା
ଇରାନ, ଇଟାଲି, ଚାଇନା, ୟୁ.ଏସ୍.
ରାଗରେ ଟେକଲେ ମଥା
ଭୟ କରନାହିଁ, ସଚେତନ ହୁଅ
ବାର୍ତ୍ତା ଦେଲେ ଆମ ମୋଦି
ସଂକଳ୍ପ, ସଞ୍ଜମ, କର୍ଫ୍ୟୁ ମାନଲେ
ମହାମାରୀ ଯିବ ଜଲ୍‌ଦି
ନାଗରିକ ଭାବେ ଦାୟିତ୍ୱ ବହନ
କର ମୋ'ର ଦେଶବାସୀ

ନଜେ ସଂକ୍ରମିତ ହୋଇଥିବ ଯଦି
ଦିଅନ କାହାକୁ ନେସି
କଏ କହୁଅଛି ବର୍ଷେ ଲାଗିଯିବ
ଭାକ୍ସିନ ଆସିବାପାଇଁ
ମାଳମାଳ ମୁଣ୍ଡ ଗଡିଯିବ ଏବେ
କେବଳ ତୁମରି ପାଇଁ
ହେ କରୋନା ଦେବୀ କରୁଣା କରହେ
ଫୁଲପରି ହସୁଥାଅ
ଯେଉଁ ବାଟେ ବାଟେ ଆସିଥିଲ ତୁମେ
ସେହି ବାଟେ ବାଟେ ଯାଅ ॥

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପେନସନ୍



ଡ. ଜ୍ଞାନେଶ୍ୱର ମିଶ୍ର

ସରକାରୀ ଗୃକରୀର ବ୍ୟବସ୍ଥା ଓ ଆସ୍ଥା
ଷାଠିଏ ଉତ୍ତାରୁ ବିବର୍ତ୍ତିତ ଏକ ନୂତନ ଜୀବନ
ଅବଶିଷ୍ଟ ଆୟୁଷର ନିର୍ଭୟ ବଳୟ
ଦୂରକରେ ମନୁ ଆଶଙ୍କା ଉଦବେଗ ଓ ଭୟ
ମରୁଭୂମିର ମରୁଦ୍ୟାନ ନୂତନ ଜୀବନର ଆଶା
ଭରିଦିଏ ନୂତନ ସ୍ୱପ୍ନ, ସ୍ପନ୍ଦନ ଭରସା
ବଙ୍କୁଲି ବାଡିଟିଏ ସାଜି
ସିଧା ଠିଆ ହେବାର ଆଶ୍ୱସନା ଦିଏ
ପତ୍ନୀର ଅଣ୍ଟା ସଳଖାଏ

ପୁତ୍ରବଧୂ ସତ/ମିଛ ସ୍ନେହ ନତି ଆସେ ବୋହି
ବୁଝି ଶୁଝି ହୁଏନାହିଁ କହି
ଗୁଲୁଗୁଲୁ ନାତି ନାତୁଣୀଙ୍କ
ଚୁମ୍ବକୀୟ ମୋହ ଛାଡିବ ବା କଏ?
ଅଙ୍କ କଷାକଷି, ଯୋଗ ଓ ବିୟୋଗ
ସବୁ ହାର ମାନଯାଏ ।

ସକାଳର ଗୃହା, ମଧ୍ୟାହ୍ନ ଭୋଜନର ପ୍ରତିଶ୍ରୁତି ଦିଏ
ଦୁଃଖ, କଷ୍ଟ, ବାଧା ଓ ଅଭାବ
ଧୀରେ ଧୀରେ ଦୂର ହୁଏ,
ଗଣାଗଣି, ଟଣାଟଣି ବେଳେବେଳେ ହୁଏ
ନିର୍ଜୀବ ପାସବୁକଟା ସବୁ କଛି ସହେ
ଜ୍ଞାତି, କୁଟୁମ୍ବ ବନ୍ଧୁ ବାନ୍ଧବଙ୍କ ମେଳେ
ମଥା ଉଚ୍ଚରହେ
ବଞ୍ଚିରହେ ମଧ୍ୟବିତ୍ତ ମଣିଷର ଗଣ୍ଠିଧନ
ମାନ ଓ ସମ୍ମାନ ।

ଏ ଦୁନିଆରୁ ରିଟାୟାର୍ଡେ ହେଲେ
କେବେ ଆଉ ମିଳେନା ପେନସନ୍
ଦରକାର ପଡେ ନାହିଁ
କାରଣ ସେଠାରେ ନଥାଏ
ଦୁନିଆର କୌଣସି ଟେନସନ୍ ॥

କାର୍ଲମାର୍କ୍ସ ସରଣୀ, କୋଲକାତା



# ଅଚହ୍ନା ବସନ୍ତ

ଡକ୍ଟର ବିଜ୍ଞାନୀ ଦାସ

ସୁନ୍ଦର ଖର୍ ପଡିଥିଲ୍ । ଇଚ୍ଛା ହେଉନଥିଲ୍ ଘର ଭିତରେ ବସିରହି କଛି କାମ କରିବାକୁ । ମନ ହେଉଥିଲ୍ ନାଚନାଚ ବାହାରେ ବୁଲିଆସିବାକୁ । ଝରକା ଫାଙ୍କରେ ଦିଶୁଥିଲ୍ ଚେରିଫୁଲ । ଏବେ ଫୁଟିଛି, ସୌନ୍ଦର୍ଯ୍ୟରେ ଆକର୍ଷିତ କରୁଛି । ମନହେଉଛି ସେ ଫୁଲକୁ ଯାଇ ଛୁଇଁଦେବାକୁ । ଏଇତ ମାତ୍ର କଛିଦିନ ସେ ଚେରିଫୁଲ ଏମିତି ସୌନ୍ଦର୍ଯ୍ୟରେ ମନକୁ ମୋହିବ । ତାପରେ ଧୀରେଧୀରେ ସେ ଫୁଲ ସବୁ ବଦଳ ପତ୍ର ହୋଇଯିବ । ସାମନା ପଡୋଶୀ ଘରର ୬ଟି ଚେରି ଗଛ । ସେସବୁ ବି ଅତ୍ୟନ୍ତ ଆକର୍ଷଣୀୟ ଦିଶୁଥିଲେ । ଘରୁ ବାହାରିଗଲ୍ ସୁଜାତା । ସମୟ ଦିନ ତିନଟା । ଦିନ ଦଶଟାରୁ କନ୍‌ଫରେନ୍ସ କଲ୍ ଚ୍ଲିଛି ତ ଚ୍ଲିଛି । ଅଧଘଣ୍ଟାଏ ତା' ମଝିରେ ବିରତି ଥିଲ୍ । ସେଇ ଭିତରେ ଶୀଘ୍ରଶୀଘ୍ର ଖାଇ ଦେଇଥିଲ୍ ସୁଜାତା । ନହେଲେ ସେତକ ବି କରିହୋଇ ନଥାନ୍ତା । ବାହାରର ତାପମାତ୍ରା ଆଜି ଭଲଥିଲ୍ । ତେଣୁ ପାଦରେ ଚପଲ ଗଳେଇଦେଇ କ୍ୟାମେର୍ ଧରି ନଜ ସାହି ଭିତରେ ଚ୍ଲିବାକୁ ବାହାରିଗଲ୍ ସେ । ସାହି ଭିତରର ସମସ୍ତ ଘର ଆଗରେ ଚେରି ଗଛ । ଯଦିଓ ଅନେକ ଚେରିଗଛରେ ଗୋଲ୍‌ପି ରଙ୍ଗର ଫୁଲ ଫୁଟିଥିଲ୍, ଆଉ କେତେକ ଗଛ ଥିଲ୍, ଯେଉଁଥିରେ କ ଧଳା ରଙ୍ଗର ଫୁଲ ଫୁଟିଥିଲ୍ ଓ ଅନ୍ୟ କେତେକ ଗଛରେ ଟିକେ ଗାଢ ରଙ୍ଗର ଗୋଲ୍‌ପି ଫୁଲ ଫୁଟିଥିଲ୍ । ସବୁଆଡେ ନୀରବ, ନସ୍ତବ୍ଧ । ଆପାପତଃ ଦୁଇ କଲୋମିଟର ଦୂରରେ ଯାଇଥିବା ରାସ୍ତା ନମ୍ବର ୩୨ରେ ଗାଡିମାନଙ୍କର ଯିବାଆସିବା ଶବ୍ଦ ଅତ୍ୟନ୍ତ ସ୍ପଷ୍ଟ ଭାବେ ଶୁଭୁଥିଲ୍ ।

"ଏ ବନ୍ଦ ସମୟରେ ଏତେଲୋକ ଗାଡି ଚଳେଇ ପୁଣି କୁଆଡେ ଯାଉଛନ୍ତି ?" - ନଜକୁ ନଜେ ପ୍ରଶ୍ନ କରୁଥିଲ୍ ସୁଜାତା ।

ସୁଜାତା ପଗ୍ସ୍ଶ ଫୁଟ୍ ଯାଇଛି କ ନାହିଁ ଦେଖିଲା ବାମପାଖରେ ଥିବା ଘରକୁ ଯାଇଥିବା ରାସ୍ତାରୁ ଆମାଜନ୍ ଡେଲିଭରି ଗାଡିଟିଏ ମୁଖ୍ୟ ରାସ୍ତାକୁ ଆସୁଛି । ସୁଜାତା ଟିକେ ଦୂରେଇ ଗଲା । କଏ ଜାଣେ, ସେ ଗାଡିଗ୍ଲଳକ ଯଦି ତା ଗାଡିର ଝରକା ଖୋଲିଦେବ ତ ତା' ନିଶ୍ୱାସରୁ କରୋନା ଭୂତାଣୁ ବାହାରି ଆସିବ । ଆଜିକାଲି ସେଇ ଭୟ ସବୁରି ମନରେ, କେବଳ ଗୋଟିଏ ଡର, କରୋନା ଭୂତାଣୁ । ମନେ ପଡିଯାଉଥିଲା ପିଲାବେଳେ ନାଟକର ଦୃଶ୍ୟ, ଯେତେବେଳେ କଂସ ମହାରାଜ ସାଧାରଣ ଜନତାଙ୍କୁ ନିର୍ଯ୍ୟାତନା ଦେଉଥିଲା, ସେତେବେଳେ ପିଲାମନରେ ଜାଗିଥିଲା ଗୋଟିଏ ସ୍ୱପ୍ନ, ଗୋଟିଏ ଉଦ୍ଦେଶ୍ୟ, ଦୁର୍ଦ୍ଦଶ କଂସର ମରଣ । ସେଇଟା ବି ହେଉଥିଲା । କୃଷ୍ଣ ମଥୁରା ଆସୁଥିଲେ ଓ କଂସ ମଞ୍ଚାରୁ ପଡି ମୃତ୍ୟୁ ବରଣ କରୁଥିଲା । ଏବେ ସେ ଅଦୃଶ୍ୟ ଭୂତାଣୁ ଉପରେ କ୍ରୋଧ ଆସୁଛି, ସମସ୍ତଙ୍କର ସେଇ ଗୋଟିଏ କାମନା, କେବେ କରୋନାର ମୂଳୋତ୍ପାଟନ ହେବ । ସିଏ ପୃଥିବୀରୁ ସଂପୂର୍ଣ୍ଣ ଲୋପ ପାଇବ ।

ଆମାଜନ ଗାଡିଟି ଦକ୍ଷିଣ ଦିଗକୁ ଗଲା । ଆଉ କାହାଘରେ କଛି ଡେଲିଭରି କରିବାର ଥିବ। ରକ୍ଷା । ସୁଜାତା ଉତ୍ତର ଦିଗରେ ଚାଲୁଥିଲା । ଏବେ ସବୁବେଳେ ଭୟ ଗ୍ରାସ କରୁଛି। ସିଏ କଛିଦିନ ପାଞ୍ଚଟା, ଛଅଟା ବେଳକୁ ଦିନର କାମ ସରିବା ପରେ ଚାଲିବାକୁ ବାହାରୁଥିଲା। ହେଲେ ସେତେବେଳେ ସାହିର ଅନ୍ୟ ଦୁଇତିନ ଜଣଙ୍କୁ ସେଇ ଏକା ସମୟରେ ଚାଲିବାର ଦେଖି ମନରେ ଛନକା ପଶିଲା । କାଳେ ସେମାନଙ୍କର କରୋନା ଥିବ। ଏବେ ତ ଡାକ୍ତର ଆନ୍ଥୋନୀ ଫାଉସି କହିଲେଣି କ କରୋନା ଭୂତାଣୁ ୨୭ ଫୁଟ୍ ପର୍ଯ୍ୟନ୍ତ ବ୍ୟାପିପାରିବ । ତେଣୁ, ସିଏ ଚାଲୁଥିବା ବେଳେ ଆଉ କାହାର ଚାଲିବାଟା ପସନ୍ଦ କରୁନଥିଲା ସୁଜାତା । ସେଇଥିପାଇଁ ଏ ତିନଟା ବେଳକୁ ତା' ଚାଲିବାର ବେଳ ବୋଲି ବାଛି ନେଇଥିଲା । ସତକୁ ସତ, ଏ ସମୟରେ କେହି ଦେଖା ହେଉନଥିଲେ । ସମସ୍ତଙ୍କ ତାଟି କବାଟ ବନ୍ଦ । ସାମାଜିକ ଦୂରତା ରକ୍ଷା କରିବା ପାଇଁ ମେରୀଲାଣ୍ଡ ରାଜ୍ୟପାଳ ଲାରି ହୋଗାନ୍ ଶକ୍ତ ଆଦେଶ ଦେଇଛନ୍ତି । ତେଣୁ ସ୍କୁଲ, କଲେଜ, ବ୍ୟବସାୟିକ କାର୍ଯ୍ୟକ୍ରମ ସବୁକଛି ବନ୍ଦ ।

ମନଖୁସିରେ ଚେରିଗଛ ମାନଙ୍କୁ ଦେଖିଦେଖି, ସ୍ଥାନେସ୍ଥାନେ ଫଟୋ ଉଠାଇ ଆଗକୁ ଚାଲିଲା ସୁଜାତା । ରଦରଫୋର୍ଡ ୱେର ବାମପଟରେ ଥିବା ଶେଷ ଘରପଟୁ ଶବ୍ଦ ଆସୁଥିଲା ।

ସେପଟେ ଅନେଇ ଦେଖିଲା ବେଳକୁ ସେ ଘରେ ଥିବା ସ୍ତ୍ରୀ ଲୋକ ଜଣକ କାଥ୍‌ଲିନ୍, ତା ପିଲାମାନଙ୍କୁ ଧରି ତା' ଘର ସାମନାରେ ଥିବା ଲନ୍ ରେ ସେମାନଙ୍କୁ ଖେଳାଉଛି । ସେମାନଙ୍କର ତିନିଟି ଝିଅ, ଛୋଟଛୋଟ । ପିଲାମାନଙ୍କୁ ସମ୍ଭାଳିବା ଯେ କେତେ ମୁସ୍କିଲ୍ ହେଉଥିବ, ସେକଥା ବୁଝିପାରୁଥିଲା ସେ । କାଥ୍‌ଲିନ୍ ହାତ ହଲେଇ ଅଭିବାଦନ କଲା । ସୁଜାତା ମଧ୍ୟ ହାତ ହଲେଇ ପ୍ରତିଅଭିବାଦନ ଜଣେଇଲା ।

ବୁଲିସାରି ଘରକୁ ଫେରିବା ବେଳକୁ ସାନଝିଅ ରୁନ, କୁକୁରକୁ ଧରି ବାହାରେ ଠିଆ ହୋଇଥିଲା । ସୁଜାତା ପଚାରିଲା, "କଣ କୁକୁରକୁ ବୁଲେଇ ନେଉଛୁ ?"

ରୁନ କହିଲା, "ନା, ଏବେ ନୁହେଁ । ଏବେ ଖାଲି ଟିକେ ଖରା ଖାଇବାକୁ ବାହାରକୁ ଆସିଛି । ପାଞ୍ଚଟା ପରେ ବୁଲେଇ ନେବି ।"

"ହଉ ।" - କହି ସୁଜାତା ଘର ଭିତରେ ପଶିଲା । ଜୋତାକୁ ଗ୍ୟାରେଜ୍ ଭିତରେ ରଖିଲା । ପ୍ରଥମେ ଯାଇ ହାତ ଧୋଇଲା । ତାପରେ କ୍ୟାମେରାକୁ ନେଇ ଯଥା ସ୍ଥାନରେ ରଖିଲା ।

କ୍ୟାମେରା ରଖିସାରି ପୁଣି କବାଟ ଖୋଲି ରୁନକୁ ପଚାରିଲା, "ଖରାବେଳ ଜଳଖିଆରେ ତୁ ଆଜି ପିଠା ଖାଇବୁ କ? ନା, ପାଉଁରୁଟି-ଜାମ୍ ଖାଇବୁ ?"

ରୁନ କହିଲା, "ନା, ଆଜି ମୁଁ ସେସବୁ ଖାଇବିନ । ଗୋଟିଏ ଆପଲ୍ ଅଛି ତ ଦେବ । ସେଇଟା ଖାଇବି ।"

ସୁଜାତା କହିଲା, "ଠିକ୍ ଅଛି, ମୁଁ ସେ ଆପଲ୍ କୁ ବେସମେଣ୍ଟ ପାହାଚରେ ରଖିଦେବି । ତୁ ସେଠାରୁ ନେଇଯିବୁ ।"

ଏମିତି କହି କବାଟ ବନ୍ଦ କଲା । ରୁନ ଓ ମଝିଆଁ ଝିଅ ଟୁନ ଏବେ ବେସମେଣ୍ଟରେ ରହୁଛନ୍ତି । ସେମାନେ ନ୍ୟୁୟର୍କ ସହରରେ ଆପାର୍ଟମେଣ୍ଟରେ ରହୁଥିଲେ । ହେଲେ ନ୍ୟୁୟର୍କ ସହରରେ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧିପାଇବାରେ

ଲାଗିଥିଲା। ପିଲାମାନେ ସେଠି ଦୁଇ ସପ୍ତାହ ଧରି ଆପାର୍ଟମେଣ୍ଟରୁ ନ ବାହାରି ରହିଥିଲେ । ଘରୁ କାମ କରୁଥିଲେ । ନୟୁର୍କ ରାଜ୍ୟର ରାଜ୍ୟପାଳ ସାମାଜିକ ଦୂରତା ରକ୍ଷାପାଇଁ ମଧ୍ୟ ଶକ୍ତ ନିର୍ଦ୍ଦେଶ ଦେଇଥିଲେ । ତେଣୁ ସେମାନେ ସ୍ଥିରକଲେ ଯେ ଘରକୁ ଫେରିଆସିବେ । ସେ ନେଇ ବି କେତେ ଚିନ୍ତା ରହିଥିଲା । ବାଟରେ କିଏ କାଳେ ଅଟକାଇଦେବ କି? ସେମାନେ ବାଟରେ କେଉଁଠି କରୋନା ରୋଗୀ ସଂସ୍ପର୍ଶରେ ଆସିଯିବେ କି ? ଗାଡିରେ ତେଲ ପକେଇବା ବେଳେ, ରାସ୍ତାରେ ଅଟକିବା ବେଳେ, କାଳେ କେଉଁ ସମୟରେ ଆଉ କାହାର ସଂସ୍ପର୍ଶରେ ଆସିଯିବେ କି ? ତେବେ ଟୁନର ନିଜ କାର୍ ଥିଲା । ସିଏ ରୁନକୁ ତା' ଆପାର୍ଟମେଣ୍ଟରୁ ନିଜଗାଡିରେ ନେଇଆସିଲା ଓ ସେମାନେ ଆସି ଏପ୍ରିଲ୍ ୧ ତାରିଖରେ ଘରେ ପହଞ୍ଚିଗଲେ । ହେଲେ ସେ ସମୟର ନିର୍ଦ୍ଦେଶନାମା ଅନୁଯାୟୀ ଯିଏ ବି ନୟୁର୍କ ସହରରୁ କି ରାଜ୍ୟରୁ ଯୁଆଡେ ଯାଉଥିବ, ସେମାନଙ୍କୁ ୧୪ ଦିନ ପାଇଁ ସଂଗରୋଧ ମାନି ରହିବାକୁ ପଡିବ । ଅତଏବ, ରୁନ ଓ ଟୁନଙ୍କର ଭୂଗୃହ, ଅର୍ଥାତ୍ ବେସମେଣ୍ଟରେ ରହିବାର ବ୍ୟବସ୍ଥା ହେଲା । ସୁଜାତା ଯାହା ସବୁ ଖାଇବାକୁ ଦେବାର କଥା, ବେସମେଣ୍ଟକୁ ଯାଇଥିବା ପାହାଚ ଉପରେ କାଗଜ ଥାଳି ଓ ଡାଟିଆରେ ରଖିଦେଉଥିଲା ଓ ସେମାନେ ଆସି ନେଇଯାଉଥିଲେ । ସେମାନଙ୍କର ରହିବା ନିମିତ୍ତ ଅତ୍ୟାବଶକୀୟ ସମସ୍ତ ସରଞ୍ଜାମ ସିଏ ବେସମେଣ୍ଟରେ ରଖିଦେଇଥିଲା । ଜଣଜଣଙ୍କ ପାଇଁ ଦୁଇଦୁଇଟି ସଫା ବିଛଣା ଚାଦର, ଦୁଇଟି ଲେଖାଏଁ ତକିଆ, ଦୁଇଦୁଇଟି ଗାଧୁଆ ତଉଲିଆ, ଦୁଇଦୁଇଟି ହାତପୋଛା ତଉଲିଆ, ଦୁଇଦୁଇଟି ରେଜେଇଠାରୁ ଆରମ୍ଭ କରି ଖାଇବା ବାସନ, ଚାମଚ, କାଗଜ ରୁମାଲ୍, ଟୁଥପେଷ୍ଟ ଇତ୍ୟାଦି ପର୍ଯ୍ୟନ୍ତ । ସାନଝିଅ ଏତେ ଖୁସି ହୋଇଗଲା ଯେ, ଆତିଥେୟତା ପାଇଁ ସିଏ ସୁଜାତାକୁ ୫ରୁ ୫ ନମ୍ବର ଦେଇଦେଲା ଓ ପରିବାରର ହ୍ୱାଟ୍ସ୍ଆପ୍ ଗ୍ରୁପରେ ମେସେଜ୍ ଲେଖିଲା ଯେ, ମାମା ଗୋଟିଏ ଉତ୍ତମ ଏ.ଆଇ.ଆର୍.ବି.ଏନ୍.ବି ଆତିଥେୟ ହୋଇପାରିବ ।

ହଁ, ସମୟ ହିଁ ସେମିତି ଥିଲା । ନିଜ ପିଲାମାନେ ଘରକୁ ଆସିଲେ, ହେଲେ ବାପା, ମା' ହୋଇ ମଧ୍ୟ ସୁଜାତା କି ସୁମନ୍ତ ସେମାନଙ୍କୁ ଟିକେ ଗେହ୍ଲା କରିପାରିଲେନି କି ଛାତିରେ ଲଗେଇ ପାରିଲେନି । ଏମିତି ତ ମନରେ ଏତେଟା ଭୟ ସେମାନଙ୍କର ନଥାଏ । ତେବେ ପିଲାମାନେ ନିଜ ତରଫରୁ ସାବଧାନ କରେଇ ଦେଇଥିଲେ, ସେମାନଙ୍କ ବୟସର ଅଧିକ ଲୋକ ହିଁ କରୋନା ଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଛନ୍ତି । ଅଳ୍ପ ବୟସର ଲୋକମାନଙ୍କୁ କରୋନା ଭୂତାଣୁ ଏତେଟା ଅଧିକ ଭାବେ ଆକ୍ରାନ୍ତ କରୁନି ସତ, ହେଲେ

ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ବୟସ୍କ ବ୍ୟକ୍ତିଙ୍କ ପାଇଁ ତାହା ଏକ ଖରାପ ଖବର । ସେଥିପାଇଁ ଜେଜେମା, ଜେଜେବାପା, ଅଜା, ଆଇଙ୍କ ସହିତ ନାତିନାତୁଣୀଙ୍କର ଦେଖାସାକ୍ଷାତ, ମିଳାମିଶା ସବୁ ବନ୍ଦ । ଦୁନଆ କଣ ହୋଇଗଲା ସତରେ ? କେତୋଟି ଦିନରେ ସବୁକଛି ବଦଳଗଲା । କେତେକେତେ ସବୁ ଯୋଜନା ଥିଲା ସୁଜାତାର ଏ ବର୍ଷର ବସନ୍ତ ପାଇଁ । ପ୍ରଥମେ ଭାବିଥିଲା ମାର୍ଚ୍ଚ ଚଉଦ ତାରିଖର ହୋରି ଉତ୍ସବ ପରେପରେ ସେମାନେ ବାପୁର ପୁଅକୁ ଦେଖିବାକୁ ଯିବେ । ମାର୍ଚ୍ଚ ୨୧ ତାରିଖରେ ଟୁନକୁ ନେଇ ଭାରତ ଯିବାକୁ ଦୁଇମାସ ତଳେ ଯୋଜନା କରିଥିଲା । ହେଲେ ଟୁନର ଭିସା ନ ହୋଇଥିବାରୁ, ଭାରତ ବଦଳରେ ନରୱେ ଯିବାକୁ ସେମାନେ ଭାବିଥିଲେ । ଏ ବର୍ଷର ଓ୍ୱାସିଂଟନ୍ ଡିସିରେ ହେଉଥିବା ଚେରିବ୍ଲସମ୍ ଫେଷ୍ଟିଭାଲ୍ ଦେଖିଯିବାକୁ ସିଏ ଏପ୍ରିଲ୍ ମାସର ପ୍ରଥମ ଶନବାର ରଖିଥିଲା । ଏପ୍ରିଲ୍ ମାସର ଦ୍ୱିତୀୟ ଶନବାରରେ ବିଷୁବ ମିଳନ କବିତା ପାଠୋତ୍ସବ, ତୃତୀୟ ଶନବାରରେ ହିନ୍ଦୁ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ ଓ ଚତୁର୍ଥ ଶନବାରରେ ହାଓ୍ୱାର୍ଡ କାଉଣ୍ଟି ତରଫରୁ ଆୟୋଜିତ ହେଉଥିବା ବସନ୍ତ ଉତ୍ସବରେ ଆର୍ଯ୍ୟା ନାଚ କଂପାନୀ ତରଫରୁ ନାଚବା ପ୍ରୋଗ୍ରାମ୍ ପର୍ଯ୍ୟନ୍ତ ସବୁକଛି ତା ରୁଟିନ୍‌ର ଅନ୍ତର୍ଭୁକ୍ତ ଥିଲା । ହେଲେ ଏବେ ରୁଟିନରେ କେବଳ ଘରେ ରୁହ, ସୋମବାରରୁ ଶକ୍ରବାର ପର୍ଯ୍ୟନ୍ତ ଘରୁ କାମ କର, ଶନବାର, ରବିବାର ଘରକାର୍ଯ୍ୟରେ ମନ ଲଗାଅ, ଟିଭି ଦେଖ, ଭଲ ରୋଷେଇ କରି ତାଜା ଖାଦ୍ୟ ଖାଅ, ଏମିତି ସବୁ ।

ପ୍ରଥମ ଦୁଇ ସପ୍ତାହ ତ ମନକୁ ବୁଝେଇ ହେଉଥିଲା । ହେଲେ ତାପରେ ଯେତେବେଳେ ମୃତ୍ୟୁର କରାଳ ଚନ୍ଦ ସବୁ ଟିଭି ପରଦାରେ ଆସିଲା, ଇଟାଲିର ଭୟଙ୍କର ସଙ୍କଟର ଛବି, ନୟୁର୍କ ସହରର ଦାରୁଣ ଦୃଶ୍ୟ, ଡାକ୍ତର ଓ ନର୍ସ ମାନଙ୍କର ଦୁରାବସ୍ଥା, ଭେଣ୍ଟିଲେଟର୍‌ର ଅଭାବ, ନୟୁର୍କ ରାଜ୍ୟପାଳ କ୍ରିସ୍ କୁଓମୋଙ୍କର ହତାଶଭରା ଆବେଦନ, ସେସବୁ ଦେଖି ସହି ହେଉନଥିଲା । ମନ ଭିତରେ ଅଜଣା ଭୟ, ପିଲା ଦୁଇଟି ନୟୁର୍କ ସହରରେ ଥିବା ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଆଶଙ୍କା, ସୁମନ୍ତ ପରିବା ଦୋକାନ ଗଲେ ଭୟ ଇତ୍ୟାଦି ପ୍ରତି ସମୟରେ ମନକୁ ଆଚ୍ଛାଦିତ, ଆତଙ୍କିତ କରି ରଖୁଥିଲା । ବେଳେବେଳେ କାମରେ ମନ ଲାଗୁନଥିଲା । ସବୁ ସମୟରେ ସମ୍ବାଦ ଶୁଣିବାକୁ, ଇଣ୍ଟରନେଟରେ ସମ୍ବାଦ ପଢିବାକୁ ମନ ଗ୍ଲାଲିଯାଉଥିଲା। ବେଳେବେଳେ କରୋନା ଭୂତାଣୁର ଚକତ୍ସା ପାଇଁ କଛି ଔଷଧ ବାହାରିଲାଣି କ ନାହିଁ, ଟିକା ପାଇଁ ଗବେଷଣା କଛି ଆଗକୁ ଗଲାଣି ନା ନାହିଁ ସେସବୁ ଜାଣିବା ପାଇଁ ସୁଜାତା ଟିଭି

ଚ୍ୟାନେଲ୍ ପରେ ଟିଭି ଚ୍ୟାନେଲ୍ ଦେଖୁଥିଲା ଓ ଇଣ୍ଟରନେଟ୍ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ପଢୁଥିଲା ।

ସିଏ ବା କଣ କରିପାରିବ ? ତା'ର ସେ ସେ ଦିଗରେ ଯୋଗ୍ୟତା ନାହିଁ କି ତାଲିମ୍ ମଧ୍ୟ ନାହିଁ । ତେବେ ମାଥମେଟିକାଲ୍ ମଡେଲ୍ ଉପରେ ଯେଉଁଦିନ ଡକ୍ଟର୍ ଦେବୋଗ୍ରାଣ୍ ବିରକ୍ସ ମତାମତ ଦେଇ କରୋନାର ଭବିଷ୍ୟତ ସ୍ଥିତି ଉପରେ ବିବରଣୀ ଦେଲେ, ସେଦିନ ସୁଜାତା ଭୂତାଣୁ ମଡେଲ୍ ଉପରେ କିଛିଟା ଇଣ୍ଟରନେଟ୍ ସର୍ଚ୍ଚ କରି ବିବରଣୀ ସଂଗ୍ରହ କଲା । ତେବେ ଗଣିତର ଗବେଷିକା ଭାବେ ସିଏ ଯେତିକି ବୁଝିଛି, ମଡେଲ୍କୁ ଠିକ୍ ଭାବେ ଫଳାଫଳ ଦେବା ପାଇଁ ଠିକ୍ ଡାଟା ଯୋଗେଇଦେବାର ଅଛି । ନହେଲେ ଫଳାଫଳ ଭୁଲ୍ ହୋଇପାରେ। ଖବର ଯୋଗାଉଥିବା ଟିଭି ଚ୍ୟାନେଲ୍ମାନେ ସବୁବେଳେ କହୁଥିଲେ, "ତମେ କେବଳ ଘରେ ରୁହ, ନିରାପଦରେ ରୁହ, ସେଇ ହିଁ ଏ ସମୟରେ ସମାଜ ପାଇଁ ବିଶେଷ ସେବା ।"

ଯେଉଁଦିନ ସୁନର ମୃତ୍ୟୁ ଖବର ଶୁଣିଲା, ସେଦିନ ଧୈର୍ଯ୍ୟର ସମସ୍ତ ବନ୍ଧ ଭାଙ୍ଗିଗଲା । ଏମିତି କଣ ହୋଇପାରେ ? ଭଗବାନ ଏମିତି ନିର୍ଦ୍ଦୟ କାହିଁକି ? ତାର ସ୍ୱାମୀ ଆଉ ଗୋଟିଏ ରାଜ୍ୟରେ, ବିଚାରି ସାନ ଝିଅଟି ପାଖରେ ରହୁଥିଲା । ଜଣେ ସାଙ୍ଗ ଯିଏ ସୁନକୁ ଭଲରେ ଜାଣିଥିଲା, ତା' କହିବା ଅନୁଯାୟୀ, ସୁନର ସ୍ୱାମୀ କାମ ପାଇଁ ନର୍ଥ କାରୋଲିନାରେ ରହେ । ଏବେ କେବଳ ଝିଅଟି ପାଖରେ ରହୁଥିଲା । ତା' ପୂର୍ବଦିନ ସିଏ ଝିଅ ସହିତ ମିଶି ରୋଷେଇ କରିଥିଲା । ହେଲେ ହଠାତ୍ ରାତିରେ ନିଶ୍ୱାସ ନେବାକୁ କଷ୍ଟ ହେବାରୁ ୯୧୧ ଡାକ ଡାକ୍ତରଖାନା ଯାଉଥିଲା ତ, ବାଟରେ ଜୀବନ ଚାଲିଗଲା । ଏବେ କରୋନା ଭୂତାଣୁର ସଂକ୍ରମଣ ଭୟ ପାଇଁ କେହି ବି ତା' ଘରକୁ ଯାଇପାରିବେନି କି ସେ ଝିଅର ଦାୟିତ୍ୱ ନେଇପାରିବେନି । ତାର ସ୍ୱାମୀ ବି ନର୍ଥ କାରୋଲିନାରୁ ଆସିପାରିବନି ଯେହେତୁ ସମସ୍ତ ଗମନାଗମନ ବନ୍ଦ ରହିଛି ଓ ତା' ସାଙ୍ଗକୁ ସେ ଘରକୁ ବି ସଂକ୍ରମଣ ମୁକ୍ତ କରିବାକୁ ପଡିବ। ସୁନ ଓ ତା' ପରିବାର ଅନ୍ୟମାନଙ୍କ ସହିତ ଏତେଟା ମିଳାମିଶା କରନ୍ତିନି । ତେଣୁ ପ୍ରକୃତ ଘଟଣା କିଏ ଠିକ୍ କହୁଛି ବୋଲି ଜାଣିବା କଷ୍ଟ । ଶୁଣିବା କଥା ଅନୁଯାୟୀ, ସୁନ କୁଆଡେ ନଯାଇ ଘରେ ହିଁ ରହୁଥିଲା । ବାହ୍ୟ ଜଗତ ସହିତ ତାର ସଂପର୍କ କେବଳ ପୋଷ୍ଟ ଅଫିସ୍‌ରୁ ଆସୁଥିବା ଚିଠିପତ୍ରକୁ ନେଇ । ହୁଏତ ସଂକ୍ରମଣ ସେଇଠାରୁ ହୋଇଛି ।

ଏକଥା ଶୁଣି ସୁନ ପାଇଁ ତ ଯେତିକ ଦୁଃଖ ଲାଗୁଥିଲା, ତାଠାରୁ ଅଧିକ ଭୟ ନିଜକୁ, ନିଜ ପରିବାର, ଆମúୀୟସ୍ୱଜନ ଓ ସାଙ୍ଗ ସାଥୀଙ୍କୁ ନେଇ ଘାରିଲା । ସୁମନ୍ତ ଯେବେ ସଉଦା ଆଣିବାକୁ ଦୋକାନକୁ ଯିବାକୁ ବାହାରିଲେ, ତାଙ୍କୁ ମୁଖାପିନ୍ଧି ଯିବାକୁ କହିଲା ସୁଜାତା । ହେଲେ ସୁମନ୍ତ ସଦ୍ୟ ପ୍ରତିଷ୍ଠିତ ହୋଇଥିବା ଜଗନ୍ନାଥଙ୍କର ପୂଜା କରିବାକୁ ପ୍ରତିଦିନ ଘରୁ ବାହାରକୁ ଯାଉଥିଲେ । ସିଏ ଯେବେ ରବିବାର ଦିନ ଅପରାହ୍ନରେ ପୂଜା କରିବାକୁ ଯାଉଥିଲେ, ଆଉ ଗୋଟିଏ, ଦୁଇଟି ପରିବାର ମଧ୍ୟ ମନ୍ଦିରକୁ ଆସୁଥିଲେ । ସେମାନଙ୍କୁ ନେଇ ବେଳେବେଳେ ମନକୁ ପାପଚିନ୍ତା ଘାରୁଥିଲା । କାଳେ ସେମାନେ କାହା ସହିତ ମିଶିଥିବେ, ସଉଦାପତ୍ର କିଣାକିଣି କରୁଥିବା ସମୟରେ କି ଗାଡିରେ ତେଲ ଭର୍ତ୍ତି କରୁଥିବା ସମୟରେ ଆଉ କାହା ସଂସ୍ପର୍ଶରେ ଆସିଥିବେ; କିଏ ଜାଣେ ? ସେମାନଙ୍କ ଠାରୁ ଯଦି କରୋନା ଭୁତାଣୁ ସୁମନ୍ତଙ୍କୁ ବ୍ୟାପିବ, ସୁମନ୍ତଙ୍କଠାରୁ ସୁଜାତାକୁ ବ୍ୟାପିବ, ତେବେ ତ ସବୁ ଗଲା । ହେଲେ ମଧ୍ୟ ଜଗନ୍ନାଥଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ରହିଥିଲା । ହୁଏତ ଭଗବାନ ସେମାନଙ୍କର ଭକ୍ତମାନଙ୍କୁ ଭଲବୁଦ୍ଧି ଦେଉଥିବେ, ଉତ୍ତମ ପଥରେ ପରିଚାଳିତ କରାଉଥିବେ ଓ କରୋନା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ଦୂରେଇ ରଖୁଥିବେ ।

କେତେ ପ୍ରତୀକ୍ଷିତ ଏ ବସନ୍ତ ଋତୁ । ଭାରତରେ ତ ଚମକ ଲାଗିଯାଏ । ସଦ୍ୟ ପ୍ରସ୍ଫୁଟିତ ଫୁଲର ବାସ ଠାରୁ ଆରମ୍ଭ କରି ହୋଲିର ରଙ୍ଗ, ଭରିଯାଏ ଆନନ୍ଦ । ତା' ସାଙ୍ଗକୁ ଲାଗିଯାଏ ବାହାଘରର ପରବ । କେତେକେତେ ବାହାଘର, ଶୋଭାଯାତ୍ରା, ନୂଆ ଶାଢ଼ୀ, ଗହଣା, ସୁସ୍ୱାଦୁ ବ୍ୟଞ୍ଜନ, ଆରମ୍ଭ ହୋଇଯାଏ ଖୁସିର ମୁହୂର୍ତ୍ତ ସବୁ । ସୁଦୂର ଆମେରିକାରେ ମଧ୍ୟ ଆରମ୍ଭ ହୋଇଯାଏ କେତେକେତେ ଉତ୍ସବ, ମହୋତ୍ସବ ମାନ । ସ୍କୁଲ୍ ପିଲାମାନଙ୍କର ସ୍ପ୍ରିଙ୍ଗ୍ ବ୍ରେକ୍ ରହେ । ହଜାର ହଜାର ପିଲାଛୁଆ, ବାପା, ମାଆ ମିଶି ଯାତ୍ରା କରନ୍ତି ଛୁଟି ଉପଭୋଗ କରିବା ପାଇଁ । ସୁଜାତାର ଦିନଗୁଡିକ ମଧ୍ୟ ବ୍ୟସ୍ତ ରହିଯାଏ ଓଡିଆମାନଙ୍କର ହୋରି ଉତ୍ସବରେ, ହିନ୍ଦୁ ମନ୍ଦିରର ହୋରି ଉତ୍ସବରେ, ଭାରତୀୟ ସମାଜର ହୋରି ଉତ୍ସବରେ, ପଣା ସଂକ୍ରାନ୍ତି କବିତାପାଠରେ, ରାମନବମୀ ମହୋତ୍ସବରେ ଓ ସାଙ୍ଗସାଥୀଙ୍କ ସହିତ ମିଳାମିଶାରେ । ହେଲେ ଏ ବର୍ଷ ବସନ୍ତ ଯେମିତି ଅଚହ୍ନା ମନେ ହେଉଥିଲା । ସମସ୍ତେ ସମସ୍ତଙ୍କର ନିଜନିଜର ଘର ଭିତରେ ଆବଦ୍ଧ । ଡକାହକା, ମିଳାମିଶା, ସାଙ୍ଗସାଥୀ ସମସ୍ତ ବର୍ଜନୀୟ ।

ହ୍ୱାଟ୍ସ୍ଆପ୍ ବାର୍ତ୍ତା ଉପରେ ବାର୍ତ୍ତା ଆସୁଥିଲା । କେତେକେତେ ଭିଡିଓ ସବୁ ଫର୍‌ଓ୍ୱାର୍ଡ ହେଉଥିଲା । କିଛି ଥିଲା ଭକ୍ତିର, କିଛି ଥିଲା ସକରାତ୍ମକ ଚନ୍ତାର, କିଛି ଥିଲା ବିଶ୍ୱାସର, କିଛି ମଧ୍ୟ ଥିଲା କରୋନା ସମ୍ବନ୍ଧରେ ସୁଚନା ଓ କିଛି ଥିଲା ମଜାର । ହଁ, ଗୋଟିଏ ଭଲକଥା ଯେ, କରୋନା ପରିବାରର ଲୋକମାନଙ୍କୁ ପରିବାରର ସଦସ୍ୟମାନଙ୍କ ସହିତ ମିଳମିଶି ରହିବାକୁ କାରଣ ଜୁଟେଇପାରିଛି । ନହେଲେ ଘର ଥାଇ ବି ସମସ୍ତେ ଏଠି ସବୁବେଳେ ଘରଠାରୁ ଦୂରରେ, କେତେବେଳେ ଅଫିସରେ ତ କେତେବେଳେ ଜିମରେ; କେତେବେଳେ ମଲରେ ତ କେତେବେଳେ ମନ୍ଦିରରେ; କେତେବେଳେ ପାର୍କରେ ତ କେତେବେଳେ କାହା ପାର୍ଟିରେ । ଘରଟା ଥାଇ ମଧ୍ୟ ଯେମିତି ଗୋଟିଏ ମୁକ ସ୍ମାରକଟିଏ ମାତ୍ର । ହେଲେ କରୋନା ପାଇଁ ଏବେ ସମସ୍ତଙ୍କର ସବୁ ସମୟ ଘରେ । ସେ ଘରଟି ଏବେ ମନ୍ଦିର ହୋଇଯାଇଛି । ସ୍ୱାମୀ, ସ୍ତ୍ରୀ ମିଳମିଶି ଖିଆପିଆ କରୁଛନ୍ତି, ପରସ୍ପରକୁ ଅଧିକ ସ୍ନେହ କରୁଛନ୍ତି, ପରସ୍ପର ପାଇଁ କିଛି କାମଟିଏ କରିଦେବାକୁ ସୌଭାଗ୍ୟ ମଣୁଛନ୍ତି, ସାଙ୍ଗ ହୋଇ ଟିଭି ଦେଖୁଛନ୍ତି । ପିଲାମାନେ ମଧ୍ୟ ଜଙ୍କ୍ ଫୁଡ୍ ନ ଖାଇ ସଦ୍ୟ ପ୍ରସ୍ତୁତ ଘରୋଇ ଖାଦ୍ୟ ଖାଇବାକୁ ମନ ବଳାଉଛନ୍ତି ଓ ଭଗବତ୍ ବିଶ୍ୱାସୀ ହେଉଛନ୍ତି ।

ସହକର୍ମିଣୀ ଟିଶ୍ ଗୁଗୁଲ୍ ହ୍ୟାଙ୍ଗଆଉଟରେ ଡାକଥିଲା । ପଚାରିଲା, "କେମିତି ଅଛ ?"

"ଭଲ ଅଛି । ତମେ କେମିତି ଅଛ ?"

"ମୁଁ ଭଲ ଅଛି । ତେବେ ମୋ ତିନବର୍ଷର ପୁଅକୁ ବୁଝେଇହେଉନ । ସିଏ ଖାଲି ସବୁ ସମୟରେ ବାହାରକୁ ଯିବାକୁ ଚାହୁଁଛି ।" - ଟିଶ୍ କହିଲା ।

"ହଁ, ଏସବୁ ଅନେକ କଷ୍ଟକର କଥା । ଆମେମାନେ ଅନେକ ଭାଗ୍ୟଶାଳୀ ଯେ ଘରୁ କାମ କରିବାରେ କିଛି ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁନ । ହେଲେ ଅନେକ ଲୋକଙ୍କର ରୋଜଗାର ପୂରାପୁରି ବନ୍ଦ ହୋଇଯାଇଛି । ସେମାନଙ୍କ କଥା ଭାବିଲେ ବଡ କଷ୍ଟ ଲାଗୁଛି ।" - ସୁଜାତା ନିଜ ମନ ଖୋଲିଦେଲା ।

ଟିଶ୍ ମଧ୍ୟ ନିଜ ମନର ବେଦନା ଜଣେଇଲା । "ପ୍ରତିବର୍ଷ ମୁଁ ମୋ ପିତାମାତାଙ୍କ ସହିତ ଇଷ୍ଟର୍ ପାଳନ କରେ । ତେବେ ଏବର୍ଷ ଏକୁଟିଆ ଘରେ ରହି ପାଳନ କରିବାକୁ ପଡିଲା । ବାପା, ମା' ପାଖକୁ ମୋ ପୁଅର ଇଷ୍ଟର୍ ଏଗ୍ ଖୋଜାର ଭିଡିଓ କରି ପଠେଇଲି ଯେ, ହେଲେ ମୋ ମା' କିଛି ବି ମତାମତ ଦେଲେନି । ତା'ମାନେ ସିଏ ଭିଡିଓ ଦେଖିଲେନି । ବାପା ମତ ଦେଇଥିଲେ । ତେବେ ମୋ ମା' ଟିକେ ମାନସିକ ସ୍ତରରେ ଏ କରୋନା ପାଇଁ ଶଙ୍କିତ ହୋଇ ରହୁଛନ୍ତି । ସେଥିପାଇଁ ମତେ ଚିନ୍ତିତ ଲାଗୁଛି ।" - ଟିଶ୍ ନିଜ ଦୁଃଖ ପ୍ରକାଶକଲା ।

ଏହି ସମୟରେ ତା' ପୁଅ ବଡପାଟିରେ ଡାକ ପକେଇଲା । ସୁଜାତା କହିଲା, ହଉ, ତମେ ଯାଅ, ନିଜ ପୁଅ କଥା ବୁଝ । ଆମେ ପରେ କେତେବେଳେ କଥା ହେବା ।"

ମନ ଅପା ଇମେଲ୍‌ରେ ଖବର ଦେଇଥିଲେ, "ଆମେ ସୁରଜ୍‌ର ବାହାଘର ସ୍ଥଗିତ କରିଦେଲୁ। ଭର୍ଜିନିଆର ଗ୍ଭର୍ଣ୍ଣର ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖିବାକୁ ପରାମର୍ଶ ଦେଇଛନ୍ତି ।"

ସୁରଜ୍‌ର ବାହାଘର ମେ ୩୦ ତାରିଖରେ ହେବାର ଥିଲା । ସେଥିପାଇଁ ହୋଟେଲ୍ ବି ବୁକ୍ କରିଦେଇଥିଲା ସୁଜାତା । ଏବେ ହୋଟେଲ୍ କ୍ୟାନ୍‌ସଲ୍ କରିବାକୁ ପଡିବ ।

କିଛି ସହକର୍ମୀ ନିଜନିଜର ସମସ୍ୟା ଜଣାଉଥିଲେ । କିଏ ଗ୍ରେଷେଇ ଘରେ ବସି କାମ କରୁଛି ତ କିଏ ପିଲା ସମ୍ଭାଳି କାମ କରିବାକୁ ସମୟ ପାଉନି । ଯେଉଁମାନେ ଲାବୋରେଟୋରୀରେ କାମ କରନ୍ତି, ଅପରେସନରେ କାମ କରନ୍ତି, ସେମାନଙ୍କର ଅଧିକ ସମସ୍ୟା ଥିଲା । ଲାବୋରେଟୋରୀକୁ ନଗଲେ, ପରୀକ୍ଷଣ କେମିତି କରିବେ ? ଘରେ ସିନା କଂପ୍ୟୁଟର୍ ମାଧ୍ୟମରେ କାମ କରିହେବ । ହେଲେ ଘରେ ତ କେହି ଗବେଷଣାଗାର ଖୋଲିପାରିବେନି । ସେସବୁ କାମ ପାଇଁ ସ୍ୱତନ୍ତ୍ର ଯନ୍ତ୍ରପାତି ଦରକାର, ସ୍ୱତନ୍ତ୍ର ପରିବେଶ ଦରକାର ।

ମନକୁ ଯେତେ ବୁଝେଇଲେ ବି ଜମା ବୁଝୁନଥିଲା । ଏ କରୋନାକୁ ଯେମିତି ବି ହେଉ ନିଶ୍ଚୟ ଏ ପୃଥିବୀରୁ ବିଦା କରିବାକୁ ପଡିବ । ତେବେ କରିବ କିଏ ? ସୁଜାତା ? ସୁମନ୍ତ ? ଡକ୍ଟର୍ ଫାଉସି ? ଆମେରିକାର ପ୍ରେସିଡେଣ୍ଟ ଡୋନାଲ୍ଡ୍ ଟ୍ରଂପ୍ ?

ଜଗନ୍ନାଥଙ୍କ ଫଟୋ ଉପରେ ଆଖି ପଡିଗଲା । ମହାପ୍ରଭୁଙ୍କୁ ଭକ୍ତିପୂତ ପ୍ରଣତି କରି ନିର୍ବିଷ୍ଟ ହୋଇ ଗୁହାଁରିହିଲା ସୁଜାତା । "ହଁ, ତୁମେ ହିଁ ପ୍ରଭୁ ଏ ଉଜୁଡି ଯାଉଥିବା ପୃଥିବୀକୁ କରୋନା କବଳରୁ ରକ୍ଷା କରିପାରିବ ଓ ସଜାଡିପାରିବ । କେବଳ ତୁମେ । ତୁମର ଅଭିଯାନ ଚଳାଅ ପ୍ରଭୁ, ଚକ୍ର ପଠାଅ । ଏ ପୃଥିବୀକୁ ବଞ୍ଚାଅ ।"

ଜଗନ୍ନାଥ ଶୁଣିଲେ କି ନାହିଁ ସିଏ ଜାଣନ୍ତି । ତେବେ ନିବେଦନ ତ କରିଲା ନା ସୁଜାତା ! ମନଭିତରେ ପୁଣି ଆଶାର କିରଣମାନ ଝଲକ ଦେଖାଇବାରେ ଲାଗିଲେ । ଏ ବର୍ଷର ବସନ୍ତ ସିନା ଅଚିହ୍ନା ହୋଇ ରହିଗଲା, ଆସନ୍ତା ବର୍ଷର ବସନ୍ତ ନିଶ୍ଚୟ ଅଧିକ ମାଦକତା ନେଇ ଆସିବ । ପୁଣି ହୋରି ପାଳନ ହେବ, ପୁଣି ନାଚଗୀତର ଆସର ଜୁଟିବ । ପୁଣି ମନ୍ଦିରରେ ଘଣ୍ଟ, ଶଙ୍ଖ ବାଜିଉଠିବ । ଆରତୀ ଗାଇ ସୁଜାତା ବିହ୍ୱଳ ହେଉଥିବ ଓ ଜଗନ୍ନାଥଙ୍କ ଭକ୍ତିରେ ନିଜକୁ ସମର୍ପି ଦେଉଥିବ ।

ରଦର୍‌ଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ମହାଶୂନ୍ୟ



ସାଗରିକା ମହାନ୍ତି

ସ୍ୱପ୍ନର ସେଇ ହଳଦୀ ଗୁରୁଗୁରୁ ବିନ୍ଦୁଟିଏ,
ସୃଷ୍ଟି କରେ ମୋ ପାଇଁ ନିଶୁନ ମଧୁ ରାତିଟିଏ ।
ତୁମେ କଥା ଦେଇ ବି ଆସନାହିଁ,
ଆଉ ମୁଁ ରହି ରହି ପାଲଟି ଯାଏ ଶୀତଳ ନିଷ୍ପ୍ରଭ ରାତିଟିଏ ।

କିଏ ଜଣେ ଠକ ଠକ କରେ,
ସେ ଭଙ୍ଗା ଦରଜା ଉପରେ ।
ତୁମ କାୟା ବିସ୍ତରି ଯାଏ ମନ ଅଗଣାରେ ।
ଖୋଲି ଦେଲେ ଶିକୁଳି,
ନିର୍ବିକାର ହେଇ ଉଡ଼ିଆସେ ଶୁଖିଲା ପତ୍ର କେତୋଟି ।

ସବୁ ପ୍ରତୀତ ହୁଏ ମହାଶୂନ୍ୟ ପରି ।
ଯେତେ ଉର୍ଦ୍ଧ୍ୱଗାମୀ ହେଲେ ବି ବିଚ୍ଛୁରିତ ହେଇଯାଏ ଘୋର ଅନ୍ଧକାର ।
ସେଠି ଶୂନ୍ୟସ୍ଥାନ ପୂରଣ ହୁଏନା ଅବା ଶୂନ୍ୟତାର ଶେଷ ବି ହୁଏନା ।
ସବୁ ଲାଗେ ଖାପଛଡ଼ା ।
ସ୍ଥିର ହେଇଗଲେ ମୁହୂର୍ତ୍ତେ ସତ୍ୟ ସବୁ ଜଳ ବିନ୍ଦୁ ପରି ଝରି ଆସେ ତଳକୁ ତଳକୁ ।
ଯେଉଁଠି, ମାନବିକତାର ଶାଖା ମେଲି ନିର୍ବିକାର ହେଇଯାଇଥାଏ ବିଶାଳ ଏକ ବଟବୃକ୍ଷ ।
ତା ଛାୟା ତଳେ ପ୍ରଣିଧାନ ହେଇ ପ୍ରଳାପ କରେ ମୁଁ
"ରାମ", "ରାମ" ଅବା "ମରା", "ମରା", ମୁଁ ନିଜେ ବି ଅଜଣା ।

ନବୀ ମୁମ୍ବାଇ, ମହାରାଷ୍ଟ୍ର

# ଅମୃତ ର ଅନ୍ୱେଷଣ



ଅମ୍ବିକା ସ୍ୱାଇଁ

ରାତିର ନିସ୍ତବ୍ଧତା
ଆଖିରେ ଆଖିଏ ସପନ
ମନରେ ଅସରନ୍ତି ଭାବନା
ମନ କୁ ଖିନଭିନ୍ କରୁଛି
ଯନ୍ତ୍ରଣା ଜର୍ଜରିତ ମନ
ଆଖିର ନିଦ କୁ ପ୍ରତିହତ କରୁଛି
ଚକ୍ଷୁ ପଲକ୍ ପଡୁନି....
ବାରବାର ଚକ୍ଷୁ ସାମ୍ନାରେ ଉତୁରି ଆସୁଛି
ସେହି ଦିନ ଦ୍ୱିପ୍ରହର ର ଘଟଣା...
ଓଃ ..କି ଯନ୍ତ୍ରଣା...!!!
ଏହି ଯନ୍ତ୍ରଣା ଜର୍ଜରିତ ମନ କାନଭାସ୍ ରୁ
ଆଙ୍କି ଦେବାକୁ ଇଚ୍ଛା ହେଉଛି
ସେହି ତୃଷାର୍ତ୍ତ, କ୍ଷୁଧାର୍ତ୍ତ ମାନଙ୍କ
ଜୀବନ କାହାଣୀର ମନ୍ତ୍ର....
ମନରେ ଅନେକ ପ୍ରଶ୍ନ.....
ସତରେ ଏ ଲଙ୍ଗଳା, ଫୁଙ୍ଗୁଳା
ନର କଙ୍କାଳ ଦେହ ଧାରୀ କୁନି କଳିକା ମାନେ
କଣ ଆମ ସମାଜ ର ଭବିଷ୍ୟତ ..?
ତାଙ୍କ ଭବିଷ୍ୟତ ର ସ୍ୱପ୍ନ କଣ ସେହି
କୁଢ଼ କୁଢ଼ ଅଇଁଠା ଗଦା ର ଜରି ମୁଣୀ ଭିତରେ?

ଏହି ପ୍ରଶ୍ନ ମନକୁ ବାରବାର୍ ଆନ୍ଦୋଳତ କରୁଛି
ଆଖି ସାମ୍ନାରେ କେବଳ ଦୃଶ୍ୟମାନ ହେଉଛି
ସେହି ଦିନ ଦ୍ୱିପ୍ରହରେ ଘଟଣା....!!!
ସେହି କୁନ କଳକା ମାନଙ୍କ ଭିତରେ ଲାଗି ଥିବା
ଲଢେଇ ଝଗଡ଼ା, ଟଣା ଓଟରା....
ସତେ କ ସେ  ଆଇଁଠା  ଗଦା ର ଜରି ମୁଣି
ଭିତରେ ଭରି ରହିଛି ବହୁ ମୂଲ୍ୟବାନ ଅମୂଲ୍ୟ ରତ୍ନ..
ସେହି ଅଇଁଠା ଗଦା ଭିତରେ ପଡି ଥିବା
ଟୁକୁଡ଼ା ରୁଟି ଖଣ୍ଡ ଓ ମାଂସ କଣ୍ଟା ଭିତରେ ଯେମିତି
ଦୃଶ୍ୟମାନ ହେଉଛି ସେମାନଙ୍କ ସ୍ୱପ୍ନ ର ଭବିଷ୍ୟତ...
ତାଙ୍କ ଭୋକର ଜ୍ୱାଳା  ହେଉଛି ପ୍ରତିହତ.....
ସେହି ପର୍ଗୁ ବାସି ଅଇଁଠା ଆଳଆ ଗଦା ଭିତରୁ
ସେମାନେ ଯେମିତି କରୁଛନ୍ତି ଅମୃତ ର ଅନ୍ୱେଷଣ..!!!!
ଓଃ ....ଏହାର ଅନ୍ତ କେବେ .....???

ଶ୍ୟାମପୁର, ଭୁବନେଶ୍ୱର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ତିନୋଟି କବିତା

ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

## ଆଜିର ଅନୁଚନ୍ତା

ଅତି ଭୟଙ୍କର କରୋନା ଭୁତାଣୁ
ଅସଂଖ୍ୟ ଜୀବନ ନେଉଛି,
ପ୍ରତିକାର ଖୋଜି ପାଉନ ମଣିଷ,
କରୋନା ଭୟରେ ଥରୁଛି ।
ଆତଙ୍କିତ ଆଜି ସାରା ବିଶ୍ୱବାସୀ,
ଇଲାଜ୍ ଖୋଜିବି ପାଉନ,
ମହାମାରୀ ରୂପ ନେଇଛି କରୋନା,
ବାଧା ବିଘ୍ନ କଛି ମାନୁନୁ ।
ପଞ୍ଚସଖା ବାଣୀ ସତ୍ୟ ହୋଇଛି,
ମଣିଷ ମୁହଁରେ ତୁଣ୍ଡି,
ଗୃହବନ୍ଦୀ ଆଜି ସମସ୍ତ ମଣିଷ,
ସମ୍ପର୍କ ଯାଇଛି ଛିଣ୍ଡି ।
କରୋନା ଆତଙ୍କ ଜାତୀୟ ଶଙ୍କଟ
ସର୍ବଦା ସତର୍କ ରୁହ,
ନଜଘରେ ନଜେ ରହିଥାଅ ଭାଇ,
ସଂଯମତା ରଖି ଥାଅ ।
ବିଭୁ ପାଦତଳେ ଜଣାଏ ପ୍ରଣତି
କରୋନାର ଚନ୍ତା ଯାଉ,

ଅଚହ୍ନା ବ୍ୟାଧି ଏ କରୋନା କବଳୁ,
ଜଗତ ଉଦ୍ଧାର ହେଉ ।

## ଚଠି

ଆଜି ଏ ଦୁର୍ଦ୍ଦିନେ ମୋ ସୁନା ଝିଅକୁ
ଚଠି ଟିଏ ମୁହିଁ ଲେଖୁଛି,
ସୁଦୂର ଭାରତ ଘର କୋଣେ ଥାଇ
ସତର୍କ କରାଇ ଦେଉଛି ।
ବିଶ୍ୱେ ସର୍ବଶ୍ରେଷ୍ଠ ଦେଶ ଆମେରିକା,
କରୋନାରୁ ମୁକ୍ତି ଲଭିନ,
ଲକ୍ଷାଧିକ ଲୋକ ଆକ୍ରାନ୍ତ ହେଲେଣି,
କରୋନା ପ୍ରକୋପ ଥମୁନ ।
ଅତି ଭୟଙ୍କର ବ୍ୟାଧି ଏ କରୋନା,
ମହାମାରୀ ରୂପ ନେଇଛି,
ଦେଶପରେ ଦେଶ ହୋଇ ସଂକ୍ରମିତ,
ମୁଣ୍ଡ ପରେ ମୁଣ୍ଡ ଗଡୁଛି ।
ସାତ ସମୁଦ୍ର ଓ ତେର ନଇ ଡେଇଁ
ଶକ୍ତି ନାହିଁ ଉଡି ଯିବାକୁ
ତୋ ମା ଅମର ଆତ୍ମାକୁ କହିଛି,
ସଦା ତୋତେ ସାହା ହେବାକୁ ।
ପରିବାର ସହ ସୁଖରେ ଅଛି ମୁଁ
ତୋ ଚନ୍ତା ମରମ ଘାରୁଛି,
ଅମାନଆ ଲୁହ ନୟନ ଭିଜାଇ
ଅଜାଣତେ ଝରି ଯାଉଛି ।

ତୋ ରୂପ ମାଧୁରୀ ଦେଖିବାକୁ ନିତି,
ମନମୋର ହୁଏ ଉଚ୍ଛନ୍ନ,
ଆମେରିକା ଯାଇ ତୋତେ ଦେଖିବାଟା
ମୋ ପାଇଁତ ସାତ ସପନ ।
ମୋ ଇଷ୍ଟ ଦେବୀଙ୍କୁ ଜଣାଇ ପ୍ରଣତି
ସବୁ ସୁଖ ତୋତେ ଦିଅନ୍ତୁ,
ବିପଦେ ଆପଦେ ସାହା ହୋଇ ତୋତେ
ଘଣ୍ଟା ଘୋଡେଇ ସେ ରଖନ୍ତୁ ।

## ନିବେଦନ

ନିଃଶ୍ୱ କବି ଏ ବିଶ୍ୱବାସୀଙ୍କୁ
ବେଳୁ ହିଁ କରୁଛି ସାବଧାନ,
କରୋନାକୁ କେବେ କରନା ଉପେକ୍ଷା,
ସର୍ବଦା ହୁଅନ୍ତୁ ସଚେତନ!
ପ୍ରଶାସନ ଆଜି ସଜାଗ ରହିଛି
ଆଖିରୁ ହଜିଛି ତାର ନିଦ
ସହଯୋଗ ହାତ ଅଢାଇ ଦେଇଛି
କରୁଛି ସଭିଙ୍କୁ ଅନୁରୋଧ ।
ଚୀନ୍, ବ୍ରିଟନ, ଇଟାଲୀ, ଇରାନ୍,
ସ୍ପେନ୍, ଫ୍ରାନସ୍ ଥରହର,
ଆମେରିକା ଆଜି ବିଶ୍ୱରେ ପ୍ରଥମ,
ଭାରତ କରୁଛି ପ୍ରତିକାର ।
କିଛିଦିନ ଭାଇ, ନିଜଘରେ ରହି,
ସଂକ୍ରମଣ-ସ୍ରୋତ ରୋକ ଦିଅ,

କରୋନା ହଟିବ, ଶଙ୍କଟ ଟଳବ
ମୋଦିଙ୍କ କଥାକୁ ମାନଥାଅ ।
ସାରା ବିଶ୍ୱ ଆଜି ଦିଶେ ଶୁନଶାନ,
ବ୍ୟାପିବା ନୁହେଁ ଏ ବିସ୍ଫୋରଣ,
ସମାଜେ ଦୂରତା, ବଜାଇ ରଖିଥା,
ମୁଖ୍ୟମନ୍ତ୍ରୀ ଦେଇଛନ୍ତି ଗ୍ୟାନ ।
ମୋ ମନରେ ଦୃଢ ବିଶ୍ୱାସ ଜନ୍ମିଛି,
ବିଶ୍ୱରୁ କରୋନା ଯିବ ହଟି,
ହଟିବା ଆଗରୁ କେତେଯେ କେଜାଣି
ଅମୂଲ୍ୟ ଜୀବନ ନେବ ଲୁଟି ।
କବିତା ଛନ୍ଦରେ ଆଜି ଦୁର୍ଦ୍ଦିନରେ
ସଭିଙ୍କୁ କରେ ମୁଁ ନିବେଦନ,
ନିୟମ ନଲଂଘି ଶପଥ ନେଇ ତୁ
କରୋନାକୁ କର ନିୟନ୍ତ୍ରଣ ।

ରାଉରକେଲା, ଓଡିଶା

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ପ୍ରତିମାସ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ମୁଁ ଶେଫାଳୀ କହୁଛି



ଡକ୍ଟର ମନୋରଞ୍ଜନ ବିଷୋୟୀ

ଆଜି ରାତିରେ ଅଛି
କାଲିକ ନଥିବି
ରାତି ପାହି ସକାଳ
ହେଲା ବେଳକୁ
ଭୂଇଁରେ ଲୋଟି ପଡିଥିବି ।
ସର୍ବଦା ଏମିତି ହେଲେ
କେମିତି ଆଉ
ତୁମକୁ ଭେଟିବାର ଇଚ୍ଛା
ପୂରଣ କରିବି**?**
ତଥାପି ପ୍ରତିଦିନ ରାତିରେ
ଚେଷ୍ଟା କରେ
ସକାଳର ପ୍ରତୀକ୍ଷା କରିବି
ଆଉ ତୁମକୁ ଭେଟିବି ।
ତେଣୁ ତ ରାତିରେ
ନଦ ଆସିଲେ
କାକରରେ ମୁହଁ ଧୋଇ
ଅନଦ୍ରା ରହିଥାଏ ।
ଏପରିକ ତୁମେ
ଆସିବାର ପାଦଶବ୍ଦ

ପାହାନ୍ତର ପହରବେଳକୁ
କାନରେବି ବାଜୁଥାଏ ।
ତଥାପି କାହିଁକି କେଜାଣି
ତୁମକୁ ଭେଟିବା ଆଗରୁ
କାକର ଲଗା ପାହାନ୍ତା ପ୍ରହରରେ
ଓଦା ସରସର ଆଖିରେ
ଭୂଇଁରେ ଲୋଟି ପଡିଥାଏ ।
ଇଚ୍ଛା କଲେ ବି ଆଉ
ଉଠି ନପାରି
ତୁମ ସ୍ପର୍ଶ ପାଉଥିବା
ଏ ଭୂଇଁକୁ ବାରମ୍ବାର
ଚୁମିଥାଏ ।
ତୁମ ଜ୍ୟୋସ୍ନାରେ ଭିଜି
ତୁମ ଉପସ୍ଥିତିକୁ ଅନୁଭବ କରିଥାଏ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର



# କ୍ଷୁଦ୍ରଗଳ୍ପ- "ଶାକମ୍ବରୀ"



ବିନୟ ମହାପାତ୍ର

ପଉଷ ମାସର କୁହୁଡିଆ ଶୀତ ସକାଳରେ ଗରମ ଗରମ ରେଜେଇ ଭିତରେ ଆଖିବୁଜି ଶୋଇରହି ଅନ୍ଧାର ହୋଇଛି, ଅନ୍ଧାର ହୋଇଛି କହିହେଲେ, ସକାଳ କେବେ ବି ଆସିବନ। ସକାଳ ସୂର୍ଯ୍ୟର ସୁନେଲି କିରଣ ଆଉ ଉଷୁମ୍ ପରଶ ପାଇବା ହେଉ ଅବା ଦିବାସୂର୍ଯ୍ୟର ପ୍ରଚଣ୍ଡ ଆଲୋକ, ସବୁକଛି ଆଖି ଖୋଲିଲା ପରେ ହିଁ ଦୃଷ୍ଟିକୁ ଆସିବ । କେତେ ଦିନ ଏମିତି ଆଖି ବୁଜି ବୁଜି ଶୋଇବାର ବାହାନା କରିବ, ଆଉ ଚୁପ୍ ଚାପ ସବୁ ସହୁଥିବ । ଏତିକି କହି ସଦାନନ୍ଦ ଟିକେ ଚୁପ୍ ରହି ନାତୁଣୀ ମୁହଁକୁ ଚାହିଁଲେ । ଶାକମ୍ବରୀ ସେମିତି କାଠଟାପରି ଠିଆହୋଇ ଜେଜେଙ୍କ ଭାଷଣ ଶୁଣୁଥାଏ । ତା ମୁହଁରେ ଡରଟା ଏବେବି ସ୍ପଷ୍ଟ ଦିଶୁଥାଏ । ତାର ଏଇ ଡର ଜେଜେଙ୍କ ଭାଷଣ ଶୁଣି ନୁହେଁ ବରଂ ଆଜି କଲେଜରୁ ଫେରିବା ବେଳେ ରାସ୍ତାରେ ଯାହା ଘଟିଲା, ସେଇକଥା ମନେପକେଇ ଏବେବି ତା ଦେହ ଶିତେଇ ପଡୁଛି । ସଦାନନ୍ଦ ଶାକମ୍ବରୀର ଏ ଅବସ୍ଥା ଦେଖି ଟିକେ ନରମି ଗଲେ, ସ୍ୱରକୁ ଟିକଏ ନରମକରି କହିଲେ ଆରେ, ସେଇଠି ସେମିତି କାହିଁକି ଠିଆ ହେଇଛୁ ? ଆ ମୋ ପାଖରେ ବସ୍, ଶାକମ୍ବରୀ ଆସି ସୋଫାରେ ଜେଜେଙ୍କ ପାଖରେ ବସିଗଲା । ସଦାନନ୍ଦ ତାକୁ ପାଖକୁ ଆଉଜାଇ ନେଇ ତାର ମୁଣ୍ଡ ସାଉଳେଇ ଦେଉ ଦେଉ କହିଲେ ।

: ତୁ ଜାଣିଚୁ, ତୋ ନାଆଁ ଶାକମ୍ବରୀ କିଏ ଦେଲା ? ତୋ ଜେଜେମା ତୋର ଏଇ ନାଆଁଟା ରଖିଛି । ତୁ ଯେତେବେଳେ ଜନ୍ମହେଲୁ ତୋତେ ଦେଖି ତୋ ଜେଜେମା କେତେ ଖୁସି ହୋଇଥିଲା । କହିଲା ମୋ ଘରକୁ ଲକ୍ଷ୍ମୀ ଆସିଲେ, ତୋ ମୁହଁକୁ ଦେଖି କହିଲା, ଦେଖ କି ତେଜ ଅଛି ଝିଅଟାର ମୁହଁରେ, ସତେ ମାଆ ଦୁର୍ଗାଙ୍କର ତେଜ ! ୟା'ର ନାଆଁ ଦୁର୍ଗା ରଖିବା, ହେଲେ କଣ ଭାବିଲା କେଜାଣି, ଟିକଏ ଭାବି କହିଲା, ନାହିଁ ଦୁର୍ଗା ପୁରୁଣାକାଳିଆ ଲାଗୁଚ, ତା ନାଆ ଶାକମ୍ବରୀ ରଖିବା । ଜାଣିଛୁ ଶାକମ୍ବରୀ କାହା ନାଆଁ ? ଶାକମ୍ବରୀ ମୁଣ୍ଡ ହଲେଇ ହଁ କହିଲା, କହିଲା ସେଇଟା ପରା ମାଆ ଦୁର୍ଗାଙ୍କର ଆଉ ଗୋଟିଏ ନାଆଁ । ସଦାନନ୍ଦ ଟିକେ

ମୁରୁକ ହସିଲେ, ଆଉ ଶାକମ୍ବରୀ ବି ଟିକଏ ହସିଦେଲା । ତା ମୁହଁ ଉପରୁ ଡରର ବାଦଲ ଧୀରେ ଧୀରେ ଯେପରି ପତଳା ହୋଇଆସୁଥିଲା । ଜେଜେଙ୍କ ପାଖରେ ବସିଲେ ଏମିତି ହୁଏ । ସତରେ ଜେଜେଙ୍କ ପାଖରେ ଯେପରି ଅଭୟଛତ୍ର ଅଛି । ସେଇ ଛତାତଳେ ନା ଖରାକୁ ଡର ନା ବର୍ଷାକୁ । ଜେଜେ ପରା ବାପାଙ୍କର ବି ବାପା !

ଶାକମ୍ବରୀ, ଚୁଲବୁଲି ସାଧାରଣ ଝିଅଟିଏ । ମାଆବାପାଙ୍କର ଗେହ୍ଲାଝିଅ, ଜେଜେ ଆଉ ଜେଜେ ମାଆଙ୍କର ସତେ ଆଖିର ଡୋଳା । ଶାକମ୍ବରୀକୁ ଯେତେବେଳେ ଦେଢବର୍ଷ ହୋଇଥିଲା ସେତେବେଳେ ତାର ମାଆ ସୁଧାରାଣୀଙ୍କର ଗର୍ଭାଶୟରେ ଇନଫେକ୍ସନ ହୋଇଯାଇଥିଲା । ଯାହାଫଳରେ ଅପରେଶନ କରି ଗର୍ଭାଶୟକୁ ବାହାର କରିଦିଆଗଲା । ଡାକ୍ତର କହିଲେ ସେ ଆଉ ମାଆ ହୋଇ ପାରିବେନ । ଏକଥା ଶୁଣି ସୁଧାରାଣୀ ବହୁତ କାନ୍ଦିଥିଲେ, ପୁଅଟିଏ ପାଇଁ କେତେ ଦେବୀ ଦେବତାଙ୍କୁ ପୂଜିଥିଲେ ହେଲେ ତାଙ୍କ ଡାକ କେହି ଶୁଣିନେଲି । ସେ ସମୟରେ ଜେଜେ ତାଙ୍କୁ ବହୁତ ବୁଝାଇଥିଲେ । କହିଲେ ମାଆରେ ତୁ ଆଜିଯୁଗରେ ବି ପୁଅ ଆଉ ଝିଅ କଥା ଭାବୁଛୁ ? ଆରେ ପୁଅ କଣ ବେଶି ପାରିବାର ? ତୁ ଦେଖୁନୁ ଆଜି ଝିଅମାନେ ଯାଇ କେଉଁଠି ପହଞ୍ଚିଲେଣି ? ଶାକମ୍ବରୀ ପରି ଝିଅ ଆମର ଅଛି, ଦେଖିବୁ ସେ ପୁଅମାନଙ୍କ ଅପେକ୍ଷା ଆହୁରି ଆଗକୁ ଯିବ । କୋଉ ପୁଅ ତା ସରି ହୋଇପାରିବ ନାହିଁ । ଜେଜେମାଆ ସୁଧାରାଣୀଙ୍କ ମୁଣ୍ଡ ଆଉସୁ ଆଉସୁ କହିଲେ ତୁ ମୋର ସୁନାନାକ ବୋହୁ, ବୋହୁ ନୁହଁତ ମୋର ଜନ୍ମକଲା ଝିଅଠାରୁ ବଳକ । ଆଜିକାଲି ପୁଅମାନେ ବାପାମାଆଙ୍କର ଖବର ନେଉନାହାନ୍ତି, ଦେଖୁନୁ ସେ ପଟ୍ଟନାୟକ ବାବୁଙ୍କ ଅବସ୍ଥା କଣ । ଦୁଇ ଦୁଇଟା ପୁଅ ଜନ୍ମ କରିଥିଲେ, ସେମାନଙ୍କୁ ପାଠ ପଢେଇ ଇଞ୍ଜିନୟର କରେଇଲେ ଦିଜଣଯାକ ସରକାରୀ ଚାକରୀକରି ଭଲ ଭଲ ପୋଷ୍ଟରେ ଅଛନ୍ତି । କିନ୍ତୁ ବାପାମାଆଙ୍କର ସେବାଜତ୍ନ ତ ଦୂରର କଥା, ଦିନେକାଳେ ଆସି ବିପା ମାଆଙ୍କୁ ଦେଖିବାକୁ ବି ଆସୁନାହାନ୍ତି । କଣନା ସମୟ ମିଳୁନ । ବୁଢାବାପା ମାଆ ଗାଆଁରେ ଅନାଥ ପରି ପଡିରହିଛନ୍ତି । ଝିଅଟିଏ ଜନ୍ମ କରିଥିଲେ ବୋଲି ସେ ମାସରେ ଥରେ ଦିଥର ଆସି ବାପା ମାଆଙ୍କ ଖବର ନେଉଛି । ପାଖରେ ନେଇ ରଖି ସେବା ସୁଶୃଷା କରୁଛି । ସବୁ ପୁଅବୋହୁ କଣ ତୁମପରି ହୋଇଛନ୍ତି? ପୁଅଙ୍କ ଅପେକ୍ଷା ଝିଅ ଲକ୍ଷେଗୁଣରେ ଭଲ ।

ଶାକମ୍ବରୀକୁ ପିଲାଟି ଦିନରୁ ପରଘର ପାଇଁ ନୁହେଁ, ବରଂ ସମାଜ ପାଇଁ ଯୋଗ୍ୟ ନାଗରିକଟିଏ ହେବାପାଇଁ ଶିଖା ଯାଉଥିଲା । ଏକ ନିର୍ଭୀକ ସ୍ୱାବଲମ୍ବୀ ଏବଂ ସ୍ୱାଭିମାନୀ

ନାଗରିକ ହେବ ସିଏ । ଭଲ ଝିଅଟିଏ ହେବ, ଆଦର୍ଶ ଛାତ୍ରୀ, ଯୋଗ୍ୟ ଅଧିକାରୀ ହେବ ସମାଜ ପାଇଁ । ଭଲ ପତ୍ନୀଟିଏ ହେବ, ସୁଗୃହିଣୀ, ଆଦର୍ଶ ବୋହୂ ହେବ । ଝିଅ ବୋଲି କେବେ ବି ତା ମନରେ ଏ ଭାବନା ନଆସୁ କ ସେ ପୁଅ ମାନଙ୍କଠାରୁ କୌଣସି ଗୁଣରେ କମ୍, ସେଥିପାଇଁ ତାର ମନୋବଳକୁ ବଢାଇବାରେ ସମସ୍ତେ ସହଯୋଗ କରୁଥିଲେ । ପାଠ ପଢାରେ, ଖେଳକୁଦରେ ସବୁପ୍ରକାର କାମରେ ଆଗଭର ହୋଇ ଶ୍ରେଷ୍ଠତା ପାଇଁ ସେ ନଜେବି ପୂର୍ଣ୍ଣ ଚେଷ୍ଟା କରୁଥିଲ୍ ।

ପିଲ୍ଟି ଦିନରୁ ଜେଜେ ନାତୁଣୀଙ୍କର କେମିଷ୍ଟ୍ରୀ ଖୁବ୍ ଜମେ । ସଦାନନ୍ଦ ବାବୁ ଆଉ ଶାକମ୍ବରୀ ଦି'ଜଣଙ୍କ ରାଶି କୁଆଡେ ଗୋଟିଏ ରାଶି, ମେଷ ରାଶି । ସଦାନନ୍ଦ କହନ୍ତି 'ମେଣ୍ଢା ମୁଣ୍ଡ ଭାରି ଟାଣ' ଆଉ ଶାକମ୍ବରୀ ବାକଟା ପୁରଣ କରି କହିଦିଏ, 'ତା ମୁଣ୍ଡକୁ ସାବଧାନ' ଦିହେଁ ପୁଣି ସାଙ୍ଗ ହୋଇ ହୋ ହୋ ହୋଇ ବଡ ପାଟିରେ ହସି ଘର ଫଟେଇ ଦିଅନ୍ତି । ଜେଜେମା ପାଟିଟାଏ କରି କହନ୍ତି, ବୁଢାଟିଏ ହେଲଣି ଆସି, ନାତୁଣିକୁ ଏଇଆ ଶିଖାଅ, ଅଣ୍ଡିରା ଚଣ୍ଡିଟାଏ ହେବ ଯେ ଦେଖିବ ! ଜେଜେ ହସି ହସି କହନ୍ତି ତା ନାଆଁ ଶାକମ୍ବରୀ ରଖିଛଟି । ପୁଣି ଡରୁଛ କାହିଁକ ? ମୋ ନାତୁଣି ଦୁର୍ଗା, ରାଣୀ ଦୁର୍ଗାବତୀ ହେବ, ବିରାଙ୍ଗନା । ଡରି ଡରି ଜିଇଁବନ, ଡରେଇବ ସିଏ, ଯିଏ ଅନ୍ୟାୟ କରିବ । ସେଇ ହିସାବରେ ସଦାନନ୍ଦ ନାତୁଣୀକୁ ପ୍ରତି ପଦକ୍ଷେପରେ ନର୍ଭୀକ ହେବାକୁ ଶିଖେଇ ଆସନ୍ତି । କହନ୍ତି ଡର ତ ସମସ୍ତଙ୍କୁ ଲାଗେ, କୁକୁର ଭୁକଲେ ସାମ୍ନାରେ ଠିଆ ହୋଇଥିବା ଲୋକଟାବି ଡରେ, କନ୍ତୁ କୁକୁର ଭୁକେ କାହିଁକ ? କାରଣ କୁକୁରକୁ ବି ଡର ଲାଗେ, ହେଲେ ସେ ନଜ ଡରକୁ ଲୁଚାଇ ସେ ସବୁବେଳେ ମଣିଷକୁ ଡରାଇବାକୁ ଚେଷ୍ଟାକରେ । ଉଭୟଙ୍କୁ ଡରଲାଗେ କନ୍ତୁ ଉଭୟ ନଜ ଡରକୁ ଲୁଚାଇ ଅନ୍ୟକୁ ଡରାଇବାକୁ ଚେଷ୍ଟାକରନ୍ତି । ଶେଷରେ ଯିଏ ନଜ ଡରକୁ ଜିତିବାରେ ସଫଳ ହେଲା, ସିଏ ଜିତିଲା । ତେଣୁ ନଜ ଡର ଉପରେ ବିଜୟଲାଭ କରି ପାରୁଥିବା ବ୍ୟକ୍ତି ହିଁ ସାହସୀ ।

ହେଲେ, ଆଜି ଶାକମ୍ବରୀ ଡରିଗଲା ଦିଇଟା ଲଫଙ୍ଗା ପିଲାଙ୍କର କମେଣ୍ଟ ଶୁଣି । ସେ ପିଲା ଦିଟା ଶାକମ୍ବରୀ ପଛେ ପଛେ ସାଇକେଲରେ କେତେବାଟ ଯାଏ କମେଣ୍ଟ କରି କରି ତାକୁ ଗୋଡେଇଲେ ଆଉ ସେ ପ୍ରାଣ ବଞ୍ଚାଇ ଡରି ଡରି ଘରକୁ ଆସି ଜେଜେଙ୍କୁ ସବୁ କହିଲା । ଶାକମ୍ବରୀ ଡରିବା ଝିଅ ନୁହେଁ, କନ୍ତୁ ଲଢେଇ ଝଗଡାକୁ ସବୁବେଳେ ଆଭଏଡ କରିବାକୁ

ଚେଷ୍ଟାକରେ । ସେ ଗ୍ଭହିଁଥିଲେ ପିଲାଦୁଇଟାକୁ ସେଇଠି ଭଲକରି ପାନେ ଦେଇ ପାରିଥାଆନ୍ତା। କନ୍ତୁ ଚୁପଗ୍ଭପ୍ ଗ୍ଭଲିଆସିଲା ।

ସଦାନନ୍ଦ ବାବୁ ଶାକମ୍ବରୀ ମୁଁହକୁ ଗ୍ଭହିଁଲେ । ପଗ୍ଭରିଲେ, ଆଜିତ ତୁ ଆସିଗଲୁ, କାଲି ପୁଣି କଲେଜ ଯିବୁ । ସେ ପିଲା ଦିଟା ପୁଣି ଆସିବେ, ପୁଣି କମେଣ୍ଟ କରିବେ, ସେତେବେଳେ ତୁ କଣ କରିବୁ ?

: ଶାକମ୍ବରୀ ଡରି ଡରି କହିଲା ସେ ପିଲା ଦିଟା ବଦମାସ ପରି ଦିଶୁଥିଲେ, ସେଇଥି ପାଇଁ ମୁଁ ଲଢେଇ କରିବାକୁ ଗ୍ଭହୁଁ ନଥିଲି ।

ସଦିନନ୍ଦ କହିଲେ, ଲଢିବାକୁ କଏ କହୁଛି ? ଲଢେଇ ତ ସବୁ ଜିନଷର ଶେଷପନ୍ଥା ନୁହେଁ! ତୁ କଣ ଜାଣିନୁ, ମହାମ୍ତା ଗାନ୍ଧୀ ବିନା ଲଢେଇରେ ଏତେବଡ ଦେଶଟାକୁ ସ୍ୱାଧୀନ କରିଦେଇଥିଲେ । ବାର୍ତ୍ତା ହେଉଛି ଉତ୍ତମ ପନ୍ଥା । ଜାଣିଛୁ, ଭାରତ ପାକସ୍ଥାନ ପରସ୍ପରର ସବୁଠାରୁ ବଡ ଶତ୍ରୁ, ଦି'ଜଣ ନଜ ସେନାକୁ ସୀମା ଦୁଇପାଖରେ ସବୁବେଳେ ତିଆରି କରି ରଖିଛନ୍ତି ଯୁଦ୍ଧ କରିବାକୁ । କନ୍ତୁ ଯୁଦ୍ଧ ହେଉନ, ଜାଣିଛୁ କଣ ପାଇଁ ? ଶାକମ୍ବରୀ ପ୍ରଶ୍ନିଳ ଆଖିରେ ଜେଜେଙ୍କ ମୁହଁକୁ ଗ୍ଭହିଁରହିଥାଏ । ଜେଜେ ଥରେ ଶାକମ୍ବରୀ ମୁହଁକୁ ଗ୍ଭହିଁ ପୁଣି କହିବା ଆରମ୍ଭ କଲେ କହିଲେ, 'ବାର୍ତ୍ତା', ବାର୍ତ୍ତା ହେଉଛି ଶ୍ରେଷ୍ଠ ପନ୍ଥା । ଦିଜଣଙ୍କ ମଧ୍ୟରେ ସବୁବେଳେ ଦ୍ୱିପକ୍ଷୀୟ ବାର୍ତ୍ତା ବିନମୟ ଗ୍ଭଲିଛି । ଯେଉଁଦିନ ଏହି ବାର୍ତ୍ତା ବିନମୟ ବନ୍ଦ, ଜାଣ ସେହି କ୍ଷଣରେ ସୀମାନ୍ତରେ ଘମାଶାନ ଆରମ୍ଭ ହୋଇଯିବ । ତୁ ସାହସୀ ଝିଅ, କରାଟେରେ ବ୍ଲାକବେଲ୍ଟ ଚମ୍ପିୟାନ, କନ୍ତୁ ତାର ଅର୍ଥ ନୁହେଁ ସବୁବେଳେ ନଜର ଶକ୍ତି ପ୍ରଦର୍ଶନ କରିବା କମ୍ବା ଅନ୍ୟକୁ ଡରେଇବା । ଶକ୍ତି ଅନ୍ୟର ରକ୍ଷାପାଇଁ ବ୍ୟବହାର କରିବା ବୀରତ୍ୱର ଗୁଣ ଏବଂ ନଜ ଆତ୍ମରକ୍ଷା ପାଇଁ ତ ନଷ୍ଚୟ କରିବ । କଛି ଲୋକ କଥାରେ ବୁଝି ଯାଆନ୍ତି, ଆଉ କଛି 'ଲାତ୍ କା ଭୂତ' ଥାଆନ୍ତି । ତାଙ୍କୁ କଥାରେ ନୁହେଁ ହାତରେ ବୁଝାଇବାକୁ ପଡେ । ତୁ ତ ଦୁଇଟି ବିଦ୍ୟାରେ ନପୁଣ, ଡରିବାର କଛି ନାହିଁ, ବୁଝିଲୁନା ? ଶାକମ୍ବରୀ ଟିକେ ହସିଦେଲା । ସଦାନନ୍ଦ ତାକୁ ସ୍ନେହରେ କୋଳେଇ ନେଲେ ।

ପରଦିନ ସକାଳେ, ସବୁଦିନ ପରି କଲେଜ ଯିବା ପାଇ ବାହାରି ପଡିଲା ଶାକମ୍ବରୀ । ସଦାନନ୍ଦ ସକାଳୁ ତାକୁ ଅବଜର୍ଭ କରୁଥାଆନ୍ତି । ତା ମୁହଁରେ ଏକ କନଫିଡେନ୍ସର ତେଜ ଝଲକୁଥାଏ । କାଲିର ଡର ତା ବ୍ୟବହାରରେ କେଉଁଠି ବି ଦିଶୁନ । ହେଲେ ସଦାନନ୍ଦଙ୍କ

ମନରେ ଟିକେ ଡରଥାଏ । ଯେତେ ହେଲେ, ଝିଅଟାଏ । ଯଦି କଛି ଓଲଟା ପାଲଟା ହୁଏ, ଆଉ ସେ ହାଣ୍ଡଲ କରି ନପାରେ ? ହୁଏତ ସଦାନନ୍ଦଙ୍କର ଏହି ଡର, ନାତୁଣୀପ୍ରତି ନଜର ଅତ୍ୟଧିକ ସ୍ନେହ ବା ପ୍ରୋଟେକ୍ଟିଭ ମନୋବୃତି ଯୋଗୁ ହେଉ କମ୍ବା ଆମ ସମାଜର ସେହି ପୁରୁଣା ମନୋବୃତ୍ତି, ଝିଅଙ୍କୁ ଦୁର୍ବଳ ଭାବିବା ଏବଂ ତାଙ୍କର ଶକ୍ତିକୁ କମ୍ କରି ଅଙ୍କିବାର ମନୋଭାବ ଯୋଗୁ ହେଉ । ଯେତେ ହେଲେ ସଦାନନ୍ଦ ତ ଏଇ ସମାଜର ମଣିଷଟିଏ । ସଦାନନ୍ଦ ସ୍ଥିରକଲେ ସେ ଶାକମ୍ବରୀର ପଛେପଛେ ଟିକେ ଦୂରତାରଖି ତାକୁ ଫଲୋ କରିବେ। ସେ ଠିକ୍ ଠାକ୍ ନିରାପଦରେ କଲେଜରେ ପହଞ୍ଚିଗଲା ପରେ ଘରକୁ ଫେରିବେ । ଏବଂ କଲେଜ ଛୁଟି ସମୟରେ ମଧ୍ଯ ସେୟା କରିବେ । କଛିଦିନ ଏପରି କରିବାକୁ ସେ ମନେମନେ ସ୍ଥିର କରିନେଲେ । ଯେତେହେଲେ ଶାକମ୍ବରୀ ତାଙ୍କର ହୃଦୟଠାରୁ ଅଧିକ ନଜର ।

ଶାକମ୍ବରୀ ଆଗେ ଆଗେ ତାର ସାଇକେଲରେ ଚାଲୁଥାଏ, ସଦାନନ୍ଦ କଛି ଦୂରରେ ତା ପଛେ ପଛେ ସାଇକେଲରେ । କଛିବାଟ ଗଲାପରେ କଲୋନୀର ଶେଷରେ ଗୋଟାଏ ଛକ, ଡାହାଣ ପଟକୁ ଗଲେ କଲେଜ ବାଆଁ ପଟକୁ ବଜାର ଆଡକୁ ରାସ୍ତା । କଲେଜପଟକୁ ରାସ୍ତା ଟିକେ ନିଛାଟିଆ, ବେଶି ଭିଡଭାଡ ହୁଏନା । ଶାକମ୍ବରୀ କଲେଜ ରାସ୍ତାର କଛି ଦୂର ଯିବାପରେ ସେ ପିଲା ଦୁଇଟି ଯେପରି ତାର ଅପେକ୍ଷା କରିଥିଲେ ସେଇଠି । ତା ପଛେ ପଛେ ଚାଲିବା ଆରମ୍ଭ କରିଦେଲେ ଏବଂ ବିଭିନ୍ନ କମେଣ୍ଟ ବି । କଛିବାଟ ଯାଇ ଶାକମ୍ବରୀ ସାଇକେଲରୁ ଓହ୍ଲାଇ ପଡିଲା । ଏବଂ ପିଲା ଦୁଇଟି ତା ପାଖରେ ପହଞ୍ଚି ଗଲେ । ଶାକମ୍ବରୀ ତାଙ୍କୁ କହିଲା, ଭାଇ, ମୁଁ ଯଦି ତୁମର ଭଉଣୀ ହୋଇଥାନ୍ତି ତେବେ ବି କଣ ତୁମେ ମୋ ସହିତ ଏପରି ବ୍ୟବହାର କରି ଥାଆନ୍ତ ? ତୁମର କଣ କେହି ଭଉଣୀ ନାହାନ୍ତି । ତାର ଏଇକଥା ଶୁଣି ସେ ପିଲା ଦୁଇଜଣଙ୍କ ଭିତରୁ ଜଣେ କହିଲା ସରି ସିଷ୍ଟର ଭୂଲ ହୋଇଗଲା । ଆର ପିଲାଟି ଆଡକୁ ଚାହିଁ କହିଲା, ଚାଲ, ତାକୁ ଯିବାକୁ ଦେ । କନ୍ତୁ ଅନ୍ୟ ପିଲାଟି ଟିକେ ଅଲଗା ପ୍ରକାରର ଥିଲା । ସେ ଶାକମ୍ବରୀ ଚାହିଁ କହିଲା, ହେ ମିସ୍, ସବୁ ସୁନ୍ଦରୀ ଝିଅଙ୍କୁ ଯଦି ସିଷ୍ଟର କହିବୁ ତେବେ ରୋମାନ୍ସ କାହା ସାଙ୍ଗେ କରିବୁ ?

ଶାକମ୍ବରୀ ସେ ପିଲାଟିକୁ ଟିକେ ଭଲ କରି ଦେଖିଲା, ପୁଣି କହିଲା, ସରି, ଏଇଟା ମୋର ଭୂଲ, ସବୁ ପୁଅଙ୍କୁ ରାମ ଭାବି ପୂଜା କଲେ ରାବଣ ମାନେ ପୁଣି କୁଆଡେ ଯିବେ ? ତାଙ୍କୁ ପୁଣି ଦଣ୍ଡ କିଏ ଦେବ ? ପିଲାଟି ସାଙ୍ଗେ ସାଙ୍ଗେ ବଡପାଟିରେ ହସିଦେଇ କହିଲା, ରାବଣ

କହିଲଣି ଯେତେବେଳେ, ତାହା ହେଲେ ସୀତା ହରଣଟା ବି ହୋଇଯାଉ, କହି ସେ ଶାକମ୍ବରୀର ହାତକୁ ଧରି ପକାଇଲା । ବିଚରା ସେଇଠି ସିଏ ତା ଜୀବନର ମସ୍ତବଡ ଭୂଲଟାଏ କରିଦେଲା । ସେ ହୁଏତ ଠିକଭାବେ ବୁଝିପାରି ନଥିଲା ଶାକମ୍ବରୀକୁ । ଶାକମ୍ବରୀ ତାର ଆଣ୍ଠୁ ଉଠାଇ ମାରିଲା ସିଧା ଆଣ୍ଠୁଆଟାଏ ସେ ପିଲାର କୋଳସନ୍ଧାକୁ । ହଠାତ୍ ଯେପରି ହଜାର ଭୋଲ୍ଟର କରେଣ୍ଟ ଲାଗିଗଲା ପିଲାଟା ଦେହରେ । ସେ ନଜର ଅଣ୍ଡକୋଷକୁ ଜାବୁଡିଧରି ସେଇଠି ନଇଁ ପଡିଲା । ଏଇ ସମୟରେ ଶାକମ୍ବରୀ ଯୋରଲଗାଇ ମାରିଲା କହୁଣୀଟାଏ ତା ପିଠିରେ । ବିଚରା ସମ୍ଭାଳ ପାରିଲା ନାହିଁ ଏହି ଅତର୍କିତ ପ୍ରହାର, ଗଡିଗଲା ସେଇ ରାସ୍ତାଟାରେ । କିଛି ଲୋକ ବି ସେତେବେଳକୁ ଜମା ହୋଇ ଯାଇଥିଲେ । କିଏ ଜଣେ ପୋଲିସକୁ ବି ଫୋନ କରିଦେଲା । ସଦାନନ୍ଦ ଭିଡ ଭିତରେ ଠିଆ ହୋଇ ସବୁ ଦେଖୁଥାନ୍ତି। ସେ ସମୟରେ ପୋଲିସ ଗାଡି ଆସି ପିଲାଟିକୁ ସାଙ୍ଗରେ ନେଇଗଲେ ।

ଜେଜେ ଶାକମ୍ବରୀ ପାଖରେ ପହଞ୍ଚି ତାକୁ କହିଲେ ତୁ ଆଜି ମୋତେ ନିରାଶ କଲୁ । ଶାକମ୍ବରୀ କିଛି ବୁଝି ପାରୁନଥାଏ ଜେଜେ କଣ କହିବାକୁ ଚାହୁଁଛନ୍ତି । ଜେଜେ ହସି ହସି କହିଲେ ଆଜି କିଛି କରାଟେ ଦେଖିବାକୁ ଇଚ୍ଛା ଥିଲା ହେଲେ...., ଶାକମ୍ବରୀ ଟିକେ ହସିଦେଲା, ହସି ହସି କହିଲା, ଜେଜେ ତମେବି, ତୁମେ ସେ ପିଲାଟିକୁ ଦେଖିଲନା, ବିଚରା ଏଇ ଦେଶୀ ମେଡିସିନରେ ସେ ଚତ୍ ହୋଇଗଲା, କରାଟେ ତା ପାଇଁ ଓଭରଡୋଜ ହୋଇ ଯାଇଥାଆନ୍ତା । ଦିହେ ହସି ଉଠିଲେ ।

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ସଂଶୟ



ଭାସ୍କର ଚନ୍ଦ୍ର ଖଣ୍ଡା

କେଉଁ ଏକ ଅଜଣା ଭୟରେ ଆତଙ୍କିତ
ଦୋଦୁଲ୍ୟମାନ ଘଣ୍ଟାର ପେଣ୍ଡୁଲମ୍ ପରି
ବିପଦ ସଙ୍କେତର ଊର୍ଦ୍ଧ୍ୱରେ
ପ୍ରବାହିତ ହେବାକୁ ଉଦ୍ୟମରତ
ବନ୍ୟା ପ୍ଲାବିତ ଖରସ୍ରୋତା ନଦୀବନ୍ଧ କୁ
କରିବାକୁ ଅତିକ୍ରମ
ପ୍ରତୀକ୍ଷାରତ ପଥିକ
ଦେଖେ ପୂର୍ଣ୍ଣଗର୍ଭା ନଦୀର ଭଉଁରୀ
ନେବାକୁ ହେବ
ଭୁଲ ଆଉ ଠିକ୍ ର ନିଷ୍ପତ୍ତି
କରିବ କି ଅତିକ୍ରମ
ପ୍ରଶ୍ନବାଚୀର ପରିସୀମା ଭିତରେ
ଜାଗରିତ ଆଜି "ସଂଶୟ" ॥

ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ
ହରାଇ ମାନସିକ ସ୍ଥିତି
ଥୋଇଦେଇ ଗାଣ୍ଡିବ ଧନୁକୁ
ପ୍ରଭୁ ଶ୍ରୀକୃଷ୍ଣଙ୍କ ପାଦ ପଦ୍ମରେ
ଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନଙ୍କ
ଭାବନାର ଉତ୍ସ ରୂପେ

ହୋଇଛି ଉଭା
କଳ୍ପନାତୀତ "ସଂଶୟ"  ॥

ଅଜଣା ଭୂତାଣୁର ଶିକାର
ଉପଗ୍ରହ ପାଇଁ ଅନ୍ୱେଷଣରତ
ସମଗ୍ର ବିଶ୍ୱ ଆଜି ଆତଙ୍କିତ
ନେଇଛି ଜନ୍ମ ଏକ ମାନସିକ ସ୍ଥିତି
ଖେଳୁଛି ଲହରୀ
ଅହେତୁକ ବାତାବରଣ
ରହିବ କେତେଦିନ ଲକ୍ ଡାଉନ୍
ସତରେ କଣ ଜିଣିଯିବ
ଏ ମହାସମର
ବାନ୍ଧିଛି ବସା ଘୋର "ସଂଶୟ"  ॥

ଭାବିବାକୁ ହେବ ତାକୁ
ସବୁ ପ୍ରାଣୀ ଜୀବଜନ୍ତୁ
କୀଟ ପତଙ୍ଗ ତରୁଲତା
ସଭିଏଁ ଜୀଇବେ ଏଠି
ଗଢିବ ଆଉ କେତେ ବୃହତ୍ ଅଟ୍ଟାଳିକା
ନଷ୍ଟ କରି ପ୍ରକୃତିର ଅବଦାନ
ସବୁଜିମା ଘନ ଜଙ୍ଗଲ
ଆମୋଦ ପ୍ରମୋଦ ପାଇଁ
କରିବ ନିର୍ମାଣ ଆଉ କେତେ କାରଖାନା  ॥

କରିଛି ଆବିଷ୍କାର ପରମାଣୁ ବୋମା
ଚାଲିଛି ଅନୁସନ୍ଧାନ ଜୈବିକ ବୋମାର
ବସିଛି ସେ ଯେଉଁ ଶାଖାରେ

ମାରି ଗ୍ଳିଛି କୁର୍‌ଢ଼ିର ଗ୍ଭେଟ
ସ୍ୱାର୍ଥ ସାଧନର ଅନ୍ଧ ପୁଟୁଳ ଭିତରେ
କରିବାକୁ ଗ୍ହେଁ ଗ୍‌ଜତ୍ୱ
କ ହେବ ପରିଣାମ ତା'ର
ଗ୍ହେଁ ଯଦି ଦେଖିବାକୁ
କେବଳ ନଜର ଧ୍ୱଂସାବଶେଷ ॥

ମୋତିଆବିନ୍ଦୁର ପରିପକ୍ୱତା ପୂର୍ବରୁ
ଦେଖେ ଆଜି ଝାପ୍ସା ଝାପ୍ସା ଆଖି
କେତେ ଦିନ ଦେଖୁଥିବ ଏଇପରି
ଧୋଇ ସାବୁନରେ ବାରମ୍ବାର ହାତ
ଲଗାଉଥିବ ସାନଟାଇଜର୍
ପାଇବତ ମୁକ୍ତି ଗୃହ ବନ୍ଦୀରୁ
କରିବ କ ଗ୍ରହଣ ସମୁଚତ ମାର୍ଗ
କଲ୍ୟାଣକାରୀ ଭ୍ବନାର ହେବକ ଉତ୍ପତ୍ତି
ଜାତି ଧର୍ମ ନର୍ବିଶେଷରେ
ଶସ୍ୟ ଶ୍ୟାମଳା ଏଇ ଧର୍‌ ଧାମ
ପାଇବକ ନୂତନ ସୂର୍ଯ୍ୟାଲୋକର ପରଶ
ବିଚ୍ଛୁରିତ ସେ କରଣ ଗ୍ଶି
ପାରିବ କ ପୋଛି ସବୁ "ସଂଶୟ" ॥

ରୋଡ୍ ନମ୍ବର ୩, ଜଗନ୍ନାଥ ନଗର
ଭୁବନେଶ୍ୱର

# ଦୁଇଟି କବିତା ଧାର



ଆଶୁତୋଷ ମେହେର

## ୧--କବି ପ୍ରାଣ

କବିତା ସେ ଏକ ଗହନ କଥା
କାଳ ଲେଖିଦିଏ ହୃଦୟ ବ୍ୟଥା ।
ମନ ତଳେ ବୁହେ ସୁର ରାଗିଣୀ
ସ୍ୱର୍ଗୀୟ ଭାବନା ଅକୁହା ବାଣୀ ।

ଶବଦ ରେ ଛନ୍ଦା ଆଖିର ଭାଷା
ଲହୁ ହୋଇ ବୁହେ ଲୁହ ର ଆଶା।
ଦୁଃଖ ସୁଖ ହୁଏ ଅଦରକାରୀ
ସବୁକୁ ସାଉଁଟେ ଆଦର ଭରି ।

କବିତା କରମ କବି ର ପ୍ରାଣ
ଜୀବନ ପୁରେ ତା' ସରଗେ ଝାଣ ।

## ୨---ପ୍ରେମ ଅଭିଳାଷ

ଖେଳବୁଲେ କା'ର କଅଁଳ ସ୍ପରଶ
ମନବୀଣା ତାରେ ତାରେ
ଶିହରଣ ସିଏ ହୃଦୟ କୋଣରେ

ଗୁଂଜନ କାହାର ଭରେ ?
ଲହରି ଖେଳଇ ପୁଲକତ ଢେଉ
ମନ ର ସାଗର ଧାରେ
ନୀଳ ଗଗନର ପ୍ରତିଛବି ତୋଳେ
ପର୍ଣ୍ଣର ଭବ ପାରେ ।
ଛବି ଆଙ୍କୁ ଆଙ୍କୁ ପ୍ରୀତି ର ତୁଳୀରେ
ମନ ଆକାଶର ଦେଶେ
ଫିଂକ୍ କରି ହସେ ତା' ଓଠ ର ଛବି
ପ୍ରେମଭର୍ ଅଭିଳାଷେ ।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

ବେଦାନ୍ତୀର ହ୍ୱାସଟଆପ୍ (Whatsapp) ନମ୍ବର ହେଲା- 9594993733
ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର
ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।

# ଭୂମିପୁତ୍ର



ରାଜକିଶୋର ସାଇଁ

ଓଡିଆ ଜାତିର ଗୁରବ ତୁମେ
ଓଡିଶାର ବରପୁତ୍ର
କୋଟି ଜନତାର ସେବାରେ ନିଜକୁ
କରିଥିଲ ସମର୍ପିତ ।୦ ।

ଏ ରାଇଜ ପ୍ରାଣ କେନ୍ଦ୍ର କଟକରେ
ଜନମ ହେଲା ତୁମ୍ଭରି
ଧନ୍ୟ ହୋଇଗଲା ତୁମ୍ଭଙ୍କୁ ପାଇ ଏ
ଐତିହ୍ୟମୟୀ ନଗରୀ ।
ଝୁରୁଛି ଓଡିଶା ଝୁରନ୍ତି ଓଡିଆ
ଗୁଣେ ହୋଇ ଅଭିଭୂତ ।୧ ।

ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ତୁମ୍ଭେ
କରି ମାଟି ମାଆ ସେବା,
ପାଲଟିଲ ଇତିହାସ ଏ ଦେଶର
ତୁମ ପରି କିଏ ଅବା ।
ତୁମ ଜାତି ପ୍ରୀତି ପାଇଁତୁମ ପାଦେ
ଆପେ ମଥା ହୁଏ ନତ ।୨ ।

ଉତ୍କଳ ମାତାର କରୁଣ ଛବିରେ
ହି ତୁମେ ବିଚଳତ,
ଦେଖିଥିଲ ନିତି କେତେ ଯେ ସପନ
ସ୍ୱତି ତ ଥିଲା ସୀମିତ ।
ହଟାଇବା ପାଇଁ ଗରିବୀ ସ୍ୱଇଜୁ
ଶିଳ୍ପାୟନେ ହେଲ ରତ ।୩ ।

ଗଢିଲ ବନ୍ଦର ପାସ୍ୱଦୀପ ଠାରେ
ଚଣ୍ଡିଖୋଲ ଜନପଥ
ମିଇଗ୍ ବିମାନ କାରଖାନା କରି
ସଭିଙ୍କୁ କଲ ଚକିତ ।
ମାକୁ ସମ୍ମାନ ଗାଆଁକୁ ତ କାମ
ନୀତି କଲ ପ୍ରଚଳତ ।୪ ।

ଏକ ସମୟରେ ଅସମ୍ଭବ ମନେ
ହେଉଥିବା ଦିନ କାମ
କରି ଦେଖାଇଲ ପାରିବା ପଣିଆ
ବିସ୍ୱୋଧୀ ହେଲେ ମଉନ ।
ଆମ ସ୍ୱଇଜକୁ ଆଗେଇ ନେବାକୁ
ଟାଣିଲ ପ୍ରଗତି ରଥ ।୫ ।

କୁଶାସନ ବିଷ ବଳୟରେ ଯେବେ
ଲୋକେ ହେଉଥିଲେ ପାରି
ଏଥିପ୍ରତି ଶୂନ୍ୟ ସହନଶୀଳତା
ହୁକୁମନାମା କଲ ଜାରି ।
ଭୋଗର ଏ ନୁହେଁ ତ୍ୟାଗର ଏ ମାଟି
ଶୁଣାଇଲ ମୁକ୍ତି ମନ୍ତ୍ର ।୬ ।

ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀଙ୍କୁ
ଅସୀମ ସାହସ ବଳେ
ସଙ୍କଟ ଥିଲେ ବି ଖାତିର ନ କରି
ଉଦ୍ଧାରିଲ କଉଶଳେ ।
ତୁମ ଦୁଃସାହସ ପାଇଁ ସେହି ଦେଶ
ଆଖ୍ୟା ଦେଲା ଭୂମିପୁତ୍ର ।୭ ।

ଯଶ ଖ୍ୟାତି ତବ ହେବନ ନଷ୍ଟଭ
ଛୁଇଁ ପାରିବନ ମଶୀ
ଯେତେଦିନ ଯାଏଥିବେ ଏ ଜଗତେ
ଓଡିଶା ଓଡିଆ ଭାଷୀ ।
ହେ ଜନନାୟକ ପ୍ରବାଦ ପୁରୁଷ
ତୁମ୍ଭ ପାଦେ ଦଣ୍ଡବତ ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି, ଆପଣଙ୍କ ଫଟୋ ଏବଂ ଠିକଣା ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କାଲିଫର୍ଣ୍ଣିଆ ରେ କରୋନା : ନିଜ ଅନୁଭୂତିରୁ ଦୁଇପଦ



ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ

ଭାରତରେ ସାଙ୍ଗ, ପରିବାର ବର୍ଗଙ୍କ ଠାରୁ ଘନଘନ ଫୋନ୍ । ତୁମେମାନେ କେମିତି ଅଛ? ଆମେ ତ ଶୁଣୁଛୁ ତୁମମାନଙ୍କର ଅବସ୍ଥା କାଲିଫର୍ଣ୍ଣିଆରେ ଭଲ ନାହିଁ । ଆଜି ସକାଳେ ମୋ ବୋଉ ପାଖରେ ଥିବା ଝିଅ ଲକ୍ଷ୍ମୀ ପଚାରିଲା, ନାନୀ, ତୁମର ସେଠି କେତେ ଲୋକ ମଲେଣି? ମୁଁ କହିଲି ପ୍ରାୟ ୬୦୦୦! ସାଙ୍ଗେସାଙ୍ଗେ ସେ ଉତର ଦେଲା, "ଏଠି ତ ଟେଲିଭିଜନ୍ ରେ ଦେଖେଉଛି ୭୦୦୦ ବୋଲି" । ମୁଁ କାବା ହୋଇଗଲି । ଏଠି ସି.ଏନ୍.ଏନ୍. ରେ ଯାହା ଆମେ ଶୁଣୁଛୁ, ସେହି ବାର୍ତ୍ତା ଭାରତର କୋଣେକୋଣେ ଛାଉଛି । କିନ୍ତୁ ଆମେ ଏଠି କଣ ଦେଇ ଗତି କରୁଛୁ ସେ ବିଷୟ ଜାଣିବାକୁ ମୋର ସାଙ୍ଗମାନେ ସୁଦୂର ଗାଁ, ଗଣ୍ଡାରେ ରହି ଜାଣିବକୁ ଇଚ୍ଛୁକ । ଆପଣମାନଙ୍କୁ ପ୍ରତିଦିନର ଜୀବନ ସଂଗ୍ରାମକୁ ନେଇ ଦୁଇଧାଡି କହିବି ।

କାଲିଫର୍ଣ୍ଣିଆ ରେ ମାର୍ଚ୍ଚ ୧୯ ତାରିଖରେ ରାଜ୍ୟପାଳ ଗେଭିନ୍ ନିଉସମ୍ (Govin Newsom) ଘରେ ରହିବାପାଇଁ ଆଦେଶ ଜାରୀ କଲେ । ରାଜ୍ୟରେ ୪୦ କୋଟି ଲୋକଙ୍କ ପାଇଁ ଏକ କଷ୍ଟକର ଏବଂ ଦୁଃଖଦ ଅବସ୍ଥା ନିଶ୍ଚୟ । ରାଜ୍ୟପାଳ କହିଲେ, ଆସନ୍ତା ୮ ସପ୍ତାହ ମଧ୍ୟରେ ରାଜ୍ୟର ୫୬% (୨୫.୫ କୋଟି) କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେବେ । ମାର୍ଚ୍ଚ ୧୯ ତାରିଖରୁ ଆମେ ଘର ଭିତରେ ରହିଛୁ । ସପ୍ତାହରେ ଥରେ ବଜାରକୁ ଯାଇ ଖାଇବା ଜିନିଷ କିଣି ଆଣୁଛୁ । ସେହିଦିନଠାରୁ ଆମ ସହରଟି ଭୂତଖାନାରେ ପରିଣତ ହୋଇଛି । ଆମ ବିଶ୍ୱବିଦ୍ୟାଳୟ University of California, Santa Cruz (UCC) ପୁରା ବନ୍ଦ । ଆମେ ଅଧ୍ୟାପକମାନେ online ପାଠ ପଢାଉଛୁ । ମୋର ଗୋଟାଏ ଛୁଆ, ତାର ନା ହେଲା କମ୍ – ୩

୧/୨ ବର୍ଷର  କୁକୁରପିଲା । ତାକୁ ନେଇ ଘର ପାଖ ପାର୍କକୁ ଯିବା ହିଁ ମୋର ପ୍ରତିଦିନର ବାହ୍ୟ ପାର୍ଶ୍ୱ ନିତ୍ୟକର୍ମ । ତା ଛଡା ଘରେ ରହିବା ହିଁ ଶ୍ରେୟ ହୋଇଛି । ଆମେରିକାରେ ଦଶକୋଟି ଲୋକ ନିଜର ଚାକରୀ ହରାଇ ବେକାର ହୋଇଛନ୍ତି । ଏହା ଆମେରିକାର ଇତିହାସରେ ଏକ ବଡ କଳଙ୍କ ।

ଆପଣମାନେ  ଜାଣିଥିବେ ବର୍ତ୍ତମାନ online company Zoom  ର ଚାହିଦା ବଢି ଚାଲିଛି । ଏବଂ ଲୋକମାନେ ପ୍ରତିଦିନ କିଛି କିଛି ନୂଆ ଉପାୟରେ ପରସ୍ପର ସହିତ ସମ୍ପର୍କ ରଖିବାକୁ ପ୍ରୟାସ କରୁଛନ୍ତି ।

ସାରା ପୃଥିବୀରେ କରୋନା ଭୂତାଣୁ ର ଚର୍ଚ୍ଚା । ସତେ ଯେପରି କରୋନା ଭୂତାଣୁର ଚାପରେ ପୃଥିବୀ ଭୟଭୀତ । ସବୁଆଡେ ପ୍ରବଳ ଗୋଳମାଳ, ହୋ-ହଲ୍ଲା । କେବଳ ଗତ କିଛିଦିନ ହେଲା ଆମେ ଏ କରୋନା ଭୂତାଣୁ ବିଷୟରେ ଶୁଣିବାକୁ ପାଇଲୁ । ଗତ ନଭେମ୍ବର ମାସରେ ଚାଇନା (China)  ର ଉହାନ୍ (Wuhan) ମହାନଗରୀରେ ଏହାର ଆବିର୍ଭାବ ହେଲା । ଉହାନ୍ ସାରା ପୃଥିବୀରେ ଏକ ବୃହତ୍ତମ ବାଣିଜ୍ୟ କ୍ଷେତ୍ର ଭାବରେ ପରିଚିତ । ଖୁବ୍ ଶୀଘ୍ର ଦ୍ରୁତ ଗତିରେ କରୋନା ଇଟାଲି ଏବଂ ଇଉରୋପ ମହାଦେଶରେ ପ୍ରବେଶ କଲା । ଯଥାଶୀଘ୍ର କରୋନା ଆକ୍ରାନ୍ତ ରୋଗୀମାନେ ଦକ୍ଷିଣ କୋରିଆ ଏବଂ ଜାପାନ ରେ ମଧ୍ୟ ଦେଖାଗଲେ । ନୂଆବର୍ଷ କରୋନାର ବିସ୍ତୃତି ନୂଆ ନୂଆ ରାଜ୍ୟମାନଙ୍କରେ ଆଣିଦେଲା । ତା ପରେ ଘର କାନାଡା, ବ୍ରାଜିଲ୍, ଭେନେଜୁଏଲା ଏବଂ ଆମେରିକା ରେ ମଧ୍ୟ କରୋନା ନିଜର କାୟା ବିସ୍ତାର କଲା ।

ଆମେରିକାରେ ୩ ଲକ୍ଷ ଲୋକ କରୋନାରେ ପିଡିତ ଏବଂ ୭୦୦୦ ରୁ ଉର୍ଦ୍ଧ ଲୋକ ଦେହତ୍ୟାଗ କଲେଣି । ଏହା କେବେ ଶେଷ ହେବ ଜଣାନାହିଁ । ଡାକ୍ତରମାନେ କହୁଛନ୍ତି ୧ କୋଟିରୁ ୨ କୋଟି ଲୋକଙ୍କର ପ୍ରାଣ ଯାଇପାରେ । ଏହା ଆମେରିକାର ବାଳ, ବୃଦ୍ଧ ଜନତାଙ୍କୁ ଭୟଭୀତ କରିଛି । ଆମେରିକା ସରକାର ସାମାଜିକ ଦୂରତ୍ୱ (Social distance) ଘୋଷଣା କରିଛନ୍ତି । କିନ୍ତୁ ଶତକଡା ୮୦ ପ୍ରତିଶତ ଲୋକ ଏହା ମାନିବାକୁ ନାରାଜ । ସାମାଜିକ ଦୂରତ୍ୱରେ କୌଣସି ସାମାଜିକତା ନାହିଁ ।  ପ୍ରଯୁକ୍ତି ବିଦ୍ୟା ବା ପ୍ରୟୋଗ ବିଜ୍ଞାନ

ଦ୍ୱାର୍ ଆମେ ପରସ୍ପର ସହିତ କଥା ହୋଇପାରୁଚେ ଏବଂ ନଜ ପରିବାର, ସମାଜ ଏବଂ ଗୋଷ୍ଠି ସାଙ୍ଗରେ ଆନ୍ତରିକ ସମ୍ପର୍କ ରହିପାରୁଛେ ।

ମୁଁ ଏଠି କଛି ଉଦାହରଣ ଦେଉଛି । କରୋନା ପାଇଁ ଘରବନ୍ଦୀ ଘୋଷଣା ହେବା ଦିନଠାରୁ ଆମ ଓଡିଆ ସମାଜରେ ଦୁଇଜଣ ଅତିପ୍ରୀୟ ବନ୍ଧୁଙ୍କର ଦେହାନ୍ତ ହୋଇଗଲାଣି । ଜଣେ ଅତି ପ୍ରତିଷ୍ଠିତ ଏବଂ ଧାର୍ମିକ ବ୍ୟକ୍ତି ଓମ୍ ଅଗ୍ରୱାଲ୍ ଦୁଇ ସପ୍ତାହ ତଳେ ଗ୍ଲଲିଗଲେ । ଆମେ କେହି ତାଙ୍କ ଘରକୁ ଯାଇପାରିଲୁ ନାହିଁ । ଏବଂ ଚଗ୍ଚରିତ ଭ୍ବରେ କଏ ଗ୍ଲଲିଗଲେ ଆମର ଓଡିଆ ସମାଜ ଦଶଦିନ ଯାଏଁ ଏକ ଧର୍ମଚର୍ଚ୍ଚା ରଖେ  । ଏହି ଚର୍ଚ୍ଚା ମୃତବ୍ୟକ୍ତିଙ୍କ ଘରେ ହୁଏ ଏବଂ ଏହି ପରିବାର ପାଇଁ ଗୋଟିଏ ବଡ ସମର୍ଥନ । କନ୍ତୁ କରୋନା ପାଇଁ ଏହି ଧର୍ମଚର୍ଚ୍ଚା ଆମର **Zoom** ସଂଗଠନ ଦ୍ୱାର୍ ଅନୁଷ୍ଠିତ ହେଲ୍ । ପ୍ରତିଦିନ ପ୍ରାୟ ୧୦୦ ରୁ ୨୦୦ ଲୋକ ଏହି ସଂଗଠନରେ ଯୋଗ ଦେଇ ଭଜନ, କୀର୍ତ୍ତନ ଏବଂ ଓମ୍ ବାବୁଙ୍କୁ ମନେପକାଇ ସୁନ୍ଦର ସୁନ୍ଦର୍ ସ୍ମୃ ତି ର ଆଲୋଚନା କରିଥିଲେ । ଏହା ଏକ ସ୍ମରଣୀୟ ଘଟଣା ହୋଇ ରହିଲ୍ । ଗତ ୨ ଦିନ ତଳେ ଆମ ସମାଜର ଆଉ ଜଣେ ପୁରୁଣା ମାନ୍ୟଗଣ୍ୟ ଓଡିଆ ଦେବ ମହାନ୍ତିଙ୍କ ଦେହାନ୍ତ ହୋଇଯାଇଛି । ସେହିଭଳ ଭ୍ବରେ ଆମେ **Zoom** ମିଟିଙ୍ଗ୍ କରି ତାଙ୍କ ସ୍ମୃ ତି ସଞ୍ଚାରଣ କରୁଛୁ । ତା ଛଡା କରୋନା ପାଇଁ ହନୁମାନ ଗ୍ଲଲଶା ପଢିବା ଏବଂ ଅନ୍ୟାନ୍ୟ ଶ୍ଳୋକ ପଢିବା ପାଇଁ ଓଡିଆମାନେ ମେଳକରି **Zoom** ସାହାଯ୍ୟରେ ନଜନଜ ଘରେ ରହି ମଧ୍ୟ ପରସ୍ପର ସହିତ ମିଶୁଛନ୍ତି । ଏହି ସଂଯୋଗ ଆମର ମନୋବଳ ଏବଂ ମାନସିକ ସ୍ଥିରତା ପାଇଁ ବହୁ ଉପଯୋଗୀ । ବର୍ତ୍ତମାନ ର ଉତ୍କଣ୍ଠା ଏବଂ ଅନଶ୍ଚିତ ସମୟ କୁ ଦୂର କରିବାର ଏକ ଅଭିନବ ଉପାୟ । ଡାକ୍ତରମାନେ କହୁଛନ୍ତି ଯେ ଘରେ ରହିବା ଦ୍ୱାର୍ କରୋନା ଭୂତାଣୁ କୁ ନୟନ୍ତ୍ରଣ କରିବା ସମ୍ଭବ ହେଉଛି । ଏହା ଆମକୁ ମାନବା ଉଚତ ।

କାଲି ମୋ ପଡିଶାମାନଙ୍କ ଠାରୁ ମୁଁ ଗୋଟିଏ ସନ୍ଦେଶ ପାଇଲି । କାଲି ସନ୍ଧ୍ୟାବେଳେ ଆମେ ପଡିଶାମାନେ ଆମ ଘର ସାମନାରେ ନଜନଜର ଚୌକି ଏବଂ ପାନୀୟ ନେଇ ୬ ଫୁଟ୍ ଦୂରତା ରଖି କଛି ସମୟ କଟାଇଲୁ । ନାନା ଭ୍ବରେ ଏଠିକାର ଲୋକମାନେ ସାମାଜିକ

ଦୂରତ୍ଵ ଆଇନ କୁ ମାନୁଛନ୍ତି ଏବଂ ନୂଆ ନୂଆ ଉପାୟରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଲାଗିଛନ୍ତି ।

ଆମେ ନୃତତ୍ତ୍ୱବିତ୍ **(Anthropoligist)** ମାନେ ବିଶ୍ୱାସ କରୁ ଯେ **"the psychic unity of mankind" is the underlying structural unity" of an existence the common humanity we cherish.**

କରୋନା ଭୂତାଣୁ ଡରରେ ଆମେରିକାର ସବୁ ବିଶ୍ୱବିଦ୍ୟାଳୟରେ ପାଠପଢା ବନ୍ଦ ହୋଇଛି । ସାରା ପୃଥିବୀର କୋଟିକୋଟି ଲୋକଙ୍କ ଭଳି ଏଠି ଆମ ଛାତ୍ର ଛାତ୍ରୀ ଙ୍କ ଜୀବନ ମଧ୍ୟ ରାତାରାତି ବଦଳ ଯାଇଛି । ମୁଁ ମୋର ଶେଷ କ୍ଲାସ୍ ରେ ପଚାରିଲି, ସବୁଠାରୁ ବେଶୀ ସେମାନେ କଣ ଝୁରିବେ**?** ସେମାନଙ୍କ ପ୍ରଥମ ଉତ୍ତର ଥିଲା ତାଙ୍କ **goadravian** ପଦ୍ଧତି ସବୁବର୍ଷ ଭଳି ଏ ବର୍ଷ ପାଳନ ହେବତ**?**

ବର୍ତ୍ତମାନର ମହା ସଙ୍କଟ ସମୟରେ ଆମେମାନେ ସମସ୍ତେ ଏକାଠି ହୋଇଛେ । ଆମେମାନେ ପରସ୍ପର ଉପରେ ନିର୍ଭର କରୁଛେ । ଏଇ ନିର୍ଭରଶୀଳତା ହିଁ ଆମର ଜୀବନ । ଏହି ପରିସ୍ଥିତିରେ ଚାଲନ୍ତୁ ପରସ୍ପର ଭିତରେ ଥିବା ଭେଦଭାବକୁ ଭୂଲି ପରସ୍ପରକୁ ଦୋଷୀ ସାବ୍ୟସ୍ତ ନକରି ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିବା । ଯେଉଁମାନେ ଆମ ଠାରୁ ଅଲଗା, ରିତୀ, ଧର୍ମ, ଲିଙ୍ଗ, ଆଦିକୁ ଭୂଲି ସମସ୍ତଙ୍କୁ ଆପଣାର କରିବା । ସମସ୍ତଙ୍କର ସ୍ୱାସ୍ଥ୍ୟ, ମଙ୍ଗଳ ଓ ଆନନ୍ଦ କାମନା କରି ଉଚ୍ଚାରଣ କରିବା – "ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟ" । ବର୍ତ୍ତମାନର କରୋନା ଭୂତାଣୁ କୁ ଭୂଲି କରୁଣାକୁ ଆଦରିବା । ଚାଲନ୍ତୁ ସମସ୍ତେ ମିଶି ଗୋଟିଏ ବୈଜୟନ୍ତୀ ପତାକା ତିଆରି କରିବା । ତାର ମୂଳ ଲକ୍ଷ ହେଲା କରୋନା ଭୂତାଣୁରୁ କରୁଣା ସମସ୍ତଙ୍କ ପାଇଁ ।

ପ୍ରଫେସର, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ୟୁଏସଏ

# ହେ କରୋନା..



ବିଜୟ କୁମାର ପଣ୍ଡା

ହେ କରୋନା, ହେ କରୋନା ..
ତୁମେ କାହିଁକି ଏମିତିକା କୁହନା !!
ଅତି ଶୀଘ୍ର ତୁମେ ଗ୍ଭଲି ଯାଅନା !!

ଶୁଣି ବିଦେଶୀ ବାବୁଙ୍କ, ଘର ଫେରନ୍ତା ଖବର,
ଚନ୍ତିତ ଏବେ ସାର୍ା ଗାଁ ଠୁ ସହର,
ମାମୁଁ ଘର ଗାଡ଼ି ଭ୍ରି ହୋଇ ତତ୍ପର,
ଟିକନଖି ଆସି ନଅଇ ଖବର,
ଓଃ ହୋ..ସତେ ଏ କ ବିଡ଼ମ୍ବନା

ହେ କରୋନା, ହେ କରୋନା ..
ତୁମେ କାହିଁକି ଏମିତିକା କୁହନା !!
ଅତି ଶୀଘ୍ର ତୁମେ ଗ୍ଭଲି ଯାଅନା !!

ତୁମ ଆଗମନେ ଋତୁ ବଦଳଲେ
ଚମକନ୍ତି ଲୋକ, ଛିଙ୍କଟିଏ ହେଲେ
ଆତ୍ମୀୟ ସ୍ୱଜନ ଏ ଅସମୟେ
କଏ କାହିଁ ଆଉ ମନେପକାଇବ ହେ
ସେ ଚନ୍ଦ୍ରଗୁପ୍ତ ଆମ ଚଠା ଖୋଲିଲାକ
କାଳେ ହେଲାକ ଆମକୁ କରୋନା !

ହେ କରୋନା, ହେ କରୋନା ..
ତୁମେ କାହିଁକି ଏମିତିକା କୁହନା !!
ଅତି ଶୀଘ୍ର ତୁମେ ଗୁଲି ଯାଅନା !!

ସାମାଜିକ ଦୂରତା ରଖ ବଜାୟ ହେ
ଏକଥା କୁହନ୍ତି ଡାକ୍ତରଙ୍କଠୁଁ ସରକାର ଯାଏ
ସୁରକ୍ଷିତ ରହିବା ନିଜ ନିଜ ଘରେ
ହାତ ଧୋଇବା ଆମେ ସାବୁନରେ
ନିଜର ଆରୋଗ୍ୟ ଏବେ ନିଜ ହାତରେ
ଅକାରଣେ ଘର ବାହାରକୁ ଯାଇ
କରୋନାକୁ ନିଜ ଘରକୁ ଡାକନା ।

ହେ କରୋନା, ହେ କରୋନା ..
ତୁମେ କାହିଁକି ଏମିତିକା କୁହନା !!
ଅତି ଶୀଘ୍ର ତୁମେ ଗୁଲି ଯାଅନା !!

ସମ୍ପାଦକ "ଓଡ଼ିଶା ବିଜୟଧ୍ୱଜା" ଇ-ପତ୍ରିକା
ସବଙ୍ଗ, ସିମୁଳିଆ, ବାଲେଶ୍ୱର

ଚଳନ୍ତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସାଥି...



କାର୍ତ୍ତିକ ପାଣିଗ୍ରାହୀ

କଣ କରିବି କୁହ ତ...
ଯେତେ ଯେତେ ତୁମଠୁ
ନିଜକୁ ଦୁରେଇବାକୁ ଚାହୁଁଛି
ସେତେ ସେତେ ତୁମେ
ମୋ ଭିତରେ ହିଁ ମିଳେଇ ଯାଉଛ,
ଯେତେ ଯେତେ ତୁମକୁ
ଭୁଲିବାକୁ ଚାହୁଁଛି
ସେତେ ସେତେ ତୁମେ ଆହୁରି ମନେପଡୁଛ..
ସମୟର ଚକ୍ରବ୍ୟୂହରେ
ଆମେ ଏମିତି ଫସିଛନ୍ତି ଯେ
ବେଳେ ବେଳେ ଲାଗେ
ତୁମେ ମୋ ଅତି ନିକଟରେ ଅଛ
ଅଥଚ ହାତ ବଢ଼ାଇଲା ବେଳକୁ
କୋଶ ଦୂରରେ...
ବୁଝି ହେଉନି ଏହା ସମୟର ଗତି
ନା ଆମର ନିୟତି...
ଶୁଣିଥିଲି ଆଶାର ଶେଷରେ ମୋକ୍ଷ ପ୍ରାପ୍ତି,
କିନ୍ତୁ ମୋକ୍ଷ ତ ମୋର ଆଶା ନ ଥିଲା...?
ତୁମ ସହ କଟିଥିବା ପ୍ରତିଟି ମୁହୂର୍ତ୍ତକୁ
ସାଉଁଟୁ ସାଉଁଟୁ ମୁଁ ଯେ ନିଜେ କେତେବେଳେ
ବିଛାଡ଼ି ହୋଇଯାଇଛି

ମୁଁ ନିଜେ ବି ଜାଣିପାରିନି...
ତଥାପି,
ନା ତ ତୁମକୁ ପାଇବାର ଆଶାକୁ ମାରିପାରିଛି
ନା ତୁମକୁ ହରାଇବାର ଡରରୁ ଦୂରେଇ ପାରିଛି...
ବଞ୍ଚିଛି ତ ବଞ୍ଚିଛି...
କାରଣ ବଞ୍ଚିବାର ଅନ୍ୟ ନାମ ଜୀବନ
ଆଉ
ତମେ ହିଁ ତ ମୋ ଜୀବନ
ତମେ କୁହ ତ,
ଜୀବନ ବିନା
ଜୀବନ ଜୀଇଁବାର ଆଶା
କରିବି ବା କେମିତି...?

ଭୁବନେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅବସୋସ - ୨



ପ୍ରାଧାପିକା ଜ୍ୟୋସ୍ନା ରାୟ

କେଉଁ ବଞ୍ଚିପାରିଲି ଯେ
ନଜ ଇଚ୍ଛାର ଜୀବନଟେ
ଯେମିତି ଜୀଇଁବାର ଥିଲ୍ ଦର୍ପରେ
ଇଚ୍ଛା ସବୁ ଖଣ୍ଡଖଣ୍ଡ ହେଲ୍
ଆଉ କା ଛୁରୀକା ଘାତରେ
ଭୟରେ ହେଉ କ ଭକ୍ତିରେ
ଅହଂଟା ମୋର ଝୁଙ୍କିପଡୁଥିଆ ସାମ୍ନାରେ
ଝୁଲୁଥିଲ୍ ପେଣ୍ଡୁଲମ୍ ଟେ ଘଣ୍ଟାରେ ॥
କେବେ କହିଲ ଭାଗ୍ୟ କେବେ ଭଗବାନ
କେବେ କର୍ମ ତ କେବେ କନ୍ୟା ନାଁରେ
ଜୀଇଁବାକୁ ନତ ମସ୍ତକରେ
ଘିଅ ହୋଇ ଜଳବାକୁ
ଜଳନ୍ତା ନଆଁରେ
ହଁ କେବଳ ଆପଣା ସ୍ୱାର୍ଥରେ
ବାନ୍ଧିଦେଲ ପାଦ ମୋର
ଲୁହା ଶିକୁଳରେ
ଛମକୁଥିଲ୍ ଯିଏ ସୁର ଝଙ୍କାରରେ ॥
ଧିକ୍କାରୁଛି ଆଜି ସେ ଜୀବନ
ଅସହଜ ନପାରିଲ୍ ପଣ
କେଉଁ ଜୀଇଁପାରିଲି, ମଥାଟେକ

ନିଜ ନୀତି, ନିଜ ଆଦର୍ଶରେ ମନଗଢ଼ି
ଗୋଟେ ତୃପ୍ତ ଜୀବନ ଯେ
ସ୍ୱାର୍ଥାନ୍ଧ ମଣିଷ ଏଠି ସୁଖ ପାଉଥିବାରେ
ମଣିଷ ପଣିଆ ହଜେ
ମୋହର ସ୍ତୂପରେ ॥
ଅଥଚ ବୟସର ଅପରାହ୍ନେ ଆଜି
ମୁଁ ଖୋଜୁଛି ମୋ ନିଜକୁ
ନିଜ ଅଭ୍ୟନ୍ତରେ
ଭାବୁଛି – ମୁଁ ମୁହଁଖୋଲି
ପ୍ରତିବାଦ କରିବାର ଥିଲା
କରିନି କାହିଁକି?
କାହିଁକି ମୁଁ ଏତେକାଳ
ଲୁହ ପିଇ ବଞ୍ଚିଲି
ଆଉ କା ଇଚ୍ଛାରେ
ଭାତ ହୋଇ ଫୁଟିଲି ମୁଁ
ଆଉ କା ହାଣ୍ଡିରେ
ସୁଅର ପତର ହେଲି
ଆଉ କା ନଦୀରେ
ଗୁଡି ହୋଇ ଉଡିଲି ମୁଁ
ଆଉ କାହା ନଟେଇ ସୂତାରେ
ବରଂ ଫେରିଆସନ୍ତା କି
ଅନ୍ଧାରୀ ସୂର୍ଯ୍ୟର ସେ
ଅଫେରନ୍ତା ଦିନ
ଜୀଇଁ ହୁଅନ୍ତା ଗୋଟେ
ଇପ୍ସିତ ନୂଆ ଜୀବନ ॥

ଆଜିମାବାଦ, ବାଲେଶ୍ୱର, ଓଡିଶା

# ଭିନ୍ନ ଏକ ରଙ୍ଗମଞ୍ଚ



ଅନୁସୂୟା ମିଶ୍ର

କେତେବେଳେ କେମିତି ଝରକା ପାଖରେ ଚୁପଗୃପ ବସି ବାହାରର ଚଳଚଞ୍ଚଳତା ସହିତ ପହଁରି ବୁଲିବାର ମଜା ହିଁ ଅଲଗା । ଆଖି ଆଗରେ ଭସିଗୃଲେ ଦୃଶ୍ୟ ପରେ ଦୃଶ୍ୟ। ଲାଗେ ଯେମିତି ମୁଁ କେବଳ 'ମୁଁ' ଭିତରେ ସୀମାବଦ୍ଧ ସତ୍ତାଟିଏ ନୁହେଁ, ଦୁନିଆଟାଯାକର ଭଲମନ୍ଦ, ହାନୀଲାଭ ସହିତ ଜଡ଼ିତ ମୁଁ ଏକ ପରିବ୍ୟାପ୍ତ ଅସ୍ତିତ୍ୱ।

ଠିକ ସାମ୍ନାରେ ରାସ୍ତାକଡ଼ରୁ ଜରି ଗୋଟାଇ ଗୋଟାଇ ଆସନ୍ତି ମା'ଛୁଆ ଦୁଇଟି। କେମିତି ଗୋଟାଏ ଦବିଯାଏ ମନଟା। ଆହାଃ...ବାପ ନଥିବ ବୋଧେ। କିଏ ଜାଣେ, ହୁଏତ ଥାଇପାରେ। ହେଲେ ଆହୁରି ବି ସ୍ତ୍ରୀ, ପିଲା ରଖିଥାଇ ପାରେ !

ହଠାତ ଦୃଷ୍ଟିପଥକୁ ବ୍ରେକ ଠିଆ ହୋଇଯାଏ ପାଖଘର ବାଲକୋନିରୁ ତଳକୁ ଝୁଲିଥିବା ଶାଢ଼ୀର ପରସ୍ତଟିଏ। ଖୁବ୍ ଚଢ଼ି ଲାଗେ। ଛ୍ୟାଃ..... ରାସ୍ତାଟା ଯାକର ଧୂଳି ଯାଇ ଜମିଥିବ ସେଇ ଲୁଗାପଟା ଉପରେ । ତାକୁଇ ତୋଳିନେବେ ଆଉ ପିନ୍ଧି ପକେଇବେ। କେମିତିକା ଲୋକ କେଜାଣି...!

ସିଧା ରାସ୍ତାଟା ଯୋଉଠି ମୋଡ଼ ଭାଙ୍ଗି ଗଳି ଭିତରକୁ ଯାଇଛି ଠିକ ସେଇ ମୋଡ଼ ଉପରେ ଗୋଟେ ଝଙ୍କାଳିଆ ଟଗର ଗଛ। ସେଇ ଗଛମୂଳରେ ଦେଖାଯାଏ ଦୁଇଟା ମୁଣ୍ଡ। ଖୁବ୍ ପାଖାପାଖି ହୋଇ ଠିଆ ହୋଇଥାଆନ୍ତି ଦୁଇଜଣ। ଟିକେ କଡ଼କୁ ଝୁଙ୍କି ପଡ଼ିଲେ ମୁହଁ ଦୁଇଟି ସ୍ପଷ୍ଟ ହେଇଯାଏ। ...ନିଶ୍ଚୟ ସେଇ ମେସ୍ ପିଲା ହେଇଥିବେ। ବାପାମା କେତେ ସ୍ୱପ୍ନ

ଦେଖୁଥିବେ ଏମାନଙ୍କୁ ନେଇ, ନଜେ କଷ୍ଟରେ ରହି ଏମାନଙ୍କୁ ବାହାରକୁ ପଠେଇଥିବେ ପାଠ ପଢ଼ିବା ପାଇଁ। ଆଉ ଏମାନେ..... ସତରେ କେଡ଼େ ସ୍ୱାର୍ଥପର ହେଇଛନ୍ତି ଏଇ ପିଢ଼ିର ସମସ୍ତେ ! କଣ ହେବ ଏ ଦେଶର ଭବିଷ୍ୟତ !

ମୋଡ଼ ଭିତରୁ ବାହାରି ଆସନ୍ତି ଚୌରାଅସି ବର୍ଷୀୟ ଦକ୍ଷିଣ ଭାରତୀୟ ଭଦ୍ରବ୍ୟକ୍ତିଜଣକ। ହାତରେ ଗୋଟେ ଜରିରେ ଝୁଲୁଥାଏ ପାଖ ହୋଟେଲରୁ କଣା ହୋଇଥିବା ଖାଦ୍ୟ।... ଭାତ, ଡାଲି ଆଉ ତରକାରୀଟେ ହେଇଥିବ ନଶ୍ଚୟ। ଘରେ ତ ରୋଗୀଣା ସ୍ତ୍ରୀକୁ ଦୁଇ ଅକର୍ମଣ୍ୟ ଝିଅ, କଏ ବା ଆଉ ରାନ୍ଧନ୍ତା ! ଭଗବାନଙ୍କର ବି ଅଦ୍ଭୁତ ଜିଦି । ଯାହାକୁ ଦୁଃଖ ଦେବେ ବୋଲି ସ୍ଥିର କରନ୍ତି, ସଂସାରଟାଯାକର ଦୁଃଖ ମାଡ଼ିଦିଅନ୍ତି ତା ଉପରେ। ସମସ୍ତଙ୍କର କଣ ସହିବା ଶକ୍ତି ଥାଏ ନା ସମସ୍ତେ ପାଞ୍ଚାଳୀ ପରି ହାତ ଟେକ ଦେଇପାରନ୍ତି !!

ଟିକେ ଆଗକୁ, ଆଗେଇ ଚାଲିଥାଏ ଶୀର୍ଣ୍ଣ ଶରୀର ଲୋକଟିଏ । ପିନ୍ଧିଥାଏ ଗାମୁଛା ଉପରେ ମଇଳା ଖଣ୍ଡେ ଶାର୍ଟ।... ଦିନମଜୁରିଆଟିଏ ନଶ୍ଚୟ। କନ୍ତୁ କୁଆଡ଼େ ସେ ଯାଉଥିବ। ଏବେ ତ ସବୁ ବନ୍ଦ। କେହି କଣ ତାକୁ କାମ ଦେବ ! କେମିତି ଚଳୁଥିବ ତା ଘର ! ଅବଶ୍ୟ ଏଇମାନଙ୍କ ପାଇଁ ସରକାର ବହୁତ କଛି କରୁଛନ୍ତି, ହେଲେ ସେଇ ଯୋଜନା ସବୁର ସୁବିଧା ଏମାନଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରୁଥିବ ତ !

କୁଆଡୁ ଥାଏ ନେଉଳଟିଏ ବାହାରି ଆସେ ଝରକାର ଠିକ ତଳେ ପାଚେରୀ ସେପାଖେ। ଇଆଡ଼େ ସିଆଡ଼େ ଚାହେଁ, ବୁଦା ଚାରିପଟେ ବୁଲିବାକୁ ଲାଗେ। ଆଶ୍ଚର୍ଯ୍ୟ.....ନା ତାକୁ କେହି ଗୋଡ଼ାଉଥାଆନ୍ତି ନା ତା ଆଗରେ କେହି ଦଉଡୁଥାଆନ୍ତି। ସିଏ କନ୍ତୁ ସେମିତି ବୁଲୁଥାଏ। କେମିତି ଗୋଟେ କୁରୁଳ ଉଠେ ମନ।....ବାଃ ବଢ଼ିଆ ତ, ନଜ ସହ ଖେଳ ! ନା ଜିତିବାର ନଶା ଅଛି ନା ହାରିବାର ଡର।

ଚୁଳଆ ଚଢ଼େଇଟିଏ ବି ଅତି ଦେଖେଇ ହେଲା ପରି ଆସି ବସେ ନାହକା ଅରଖ ଡାଳର ଠିକ ଅଗରେ। ଛନକା ଲାଗେ....ଆରେ ଆରେ, କେଡ଼େ ବୋକା ଚଢ଼େଇଟେ ମ... ପଡ଼ିଯିବନ !!! ସିଏ କନ୍ତୁ ପଡ଼େନ। ମୋ'ରି ଆଡ଼େ ଗୁହିଁ ଗୁହିଁ ହାଲକା ହାଲକା ପବନରେ ଝୁଲିବାକୁ ଲାଗେ। ହସ ଲାଗେ ମୋତେ । ସତରେ, ମୁଁ କେଡ଼େ ନର୍ବୋଧ ! ....ଏଇତ ଜୀଇଁବାର ସୂତ୍ର ! ସମୟ ସୁଅରେ ଭାସି ଗ୍ଲିଥିବ, ହେଲେ ଶକ୍ତଭାବେ ଜାବୁଡ଼ି ଧରିଥିବ ପାଦତଳର ମାଟି ଦୁଇମୁଠାକୁ।

ଅଗ୍ଣନକ ପ୍ରେସରକୁକରର ହୁଇସିଲଟା ଚଲେଇ ଉଠେ ଖୁବ୍ ଜୋରରେ । ପରଦା ପଡ଼େ ରଙ୍ଗମଞ୍ଚରେ। ଫେରି ଆସିବାକୁ ହୁଏ ମୋତେ। ହଜିଯିବାକୁ ହୁଏ ନତିଦିନଆ ଜୀବନ ଭିତରେ ଖୁସିରେ ଖୁସିରେ। ହେଲେ ନଜ ସହ ସେଇ କେଇ ମୁହୂର୍ତ୍ତର ସୁଖ କଣ ଦୁନଆର ଆଉ କୋଉଥିରେ କେବେ ମିଳେ !!!

ଶତାବ୍ଦୀ ନଗର, ୟୁନଟ୍-୮, ଭୁବନେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ। ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ନନ୍ଦିତ ଅତିଥି



ଦେବାଶିଷ ମହାନ୍ତି

ବିଶ୍ୱ ଦରବାରରେ କରୋନା ଆସିଛ
ଏକ ନନ୍ଦିତ ଅତିଥି ହୋଇ
କରାଳ ର ଏକ ତାଂଡବ ରଚଲ
ଅତିଥି ର ଛାଲ ଗୁଡ଼ାଇ
ନମାନ ଲ ତୁମେ ବୃଦ୍ଧ ବନତା
ନମାନ ଲ ଦେଶ ସୀମା।
ସମୁଦ୍ର ଲହଡ଼ି ପ୍ରାୟ ହୋଇ ତୁମେ
ଏକାକାର କଲ ଧରା
ନାହିଁ ତା ଦଉଡ଼ି ନାହିଁ ହାତ ଗୋଡ଼
ନାହିଁ ଔଷଧ ପାଣି
ମଣିଷ ଜୀବନ ଫୋଟକା ପରାଏ
କହିଗଲ ସବୁ ବଖାଣି।
ଅସହାୟ କରି ଦେଖାଇ ଦେଲଟି
ହେ ମଣିଷ ତୁମେ ନାଗୁର
ବିଦ୍ୟା ବୁଦ୍ଧି ସବୁ ଫସର ଫାଟ ଇ
ଦଇବ ବଡ଼ ନଷ୍ଠୁର
କୁଢ କୁଢ ସବ ପର୍ବତ ପ୍ରାୟ ଟି
ଲୋଟୁ ଅଛି  ଗଡ଼ ଗଡ଼
ଚେତାଇ ଦେଲଟି ଗର୍ବ ଅହଙ୍କାର ଧନ ଅଷ୍ଫାଳନ
ସବୁତ ପାଣି ର ଗାର
ଭଇ ଗୁରା ଆଉ ସ୍ୱଭାବେ ସରଳ
ଏକ ହିଁ ମାନବ ଧର୍ମ

କେଉଁ କଲୁ ଆମ ଧର୍ମରେ ଲେଖା ଟି
କରେ ପରକୁ ଆପଣା ର
ଆମରି ଧର୍ମ ଆମ ପରମ୍ପରା
ଆମରି ଦର୍ଶନ ପାଠ
ହୋଇବ କବଚ ହୋଇବ ରକ୍ଷକ
ଆସୁଚ ସେ ଦିନ ଦେଖ
ବେଶି ଦିନ ନୁହେଁ ନିର୍ବାପିତ ହେବା
ଏ ତାଣ୍ଡବ ନୃତ୍ୟ ର ଖେଳ
ପଣ କରିଅଛୁ ହରାଇବୁ ତୁମକୁ
ଧରି ସାମାଜିକ ଦୁରତ୍ୱ ଅସ୍ତ୍ର
ନଥାଉ ଔଷଧ ନ ଥାଉ ପଥି
ନଷ୍ଟେ ହସିବ ଏ ଧରା ଦେଖ
କହିବ ଜଗତ ରଟି ବ ଜଗତ
ହେ କରନା ତୁମର ନୁହେଁ ଏ ଜଗତ

ଭୁବନେଶ୍ୱର

ବେଦାନ୍ତୀର ହ୍ୱାସଟଆପ୍ (Whatsapp) ନମ୍ବର ହେଲା- 9594993733
ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର
ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।

# ଅମଣିଷ



ଶରତ ଚନ୍ଦ୍ର ଜାଲି

ଜୀବନଟା ଏବେ ଲାଗେ ଫିକାଫିକା
ହାତ ଠାରି ଡାକେ ମଶାଣି
ନରକ କୁଣ୍ଡର କୃମି କୀଟଟେ ମୁଁ
କାନ୍ଧରେ ପାପର ନଶୁଣି ।
ଅବାଟେ ଚାଲୁଛି ଅକଥା କହୁଛି
ସାନବଡ କିଛି ଦିଶୁନ
ବାମନ ହୋଇ ମୁଁ ଭାବେ ବାରବାର
କାହିଁ ଚନ୍ଦ୍ର ହାତେ ଆସୁନ ।
ଭାଇବନ୍ଧୁ ଯେତେ ଆତ୍ମୀୟ ସୋଦର
କାହା ସାଥେ କେବେ ମିଶୁନ
ସ୍ୱାର୍ଥପର ହୋଇ ସ୍ୱାର୍ଥପଥେ ଧାଇଁ
ପରସୁଖେ କେବେ ହସୁନ ।
ପାଞ୍ଚ ଭଲଲୋକେ କଥା ହେଉଥିଲେ
ସେ ସ୍ଥାନକୁ ଯାଇ ବସୁନ
ସେଥିପାଇଁ ମୋର ଜୀବନ କୁସୁମ
ସଂଜ କ ସକାଳେ ବାସୁନ ।

କଞ୍ଚା ମିଛକଥା ହଜାରେ କହୁଛି
ସତ ମୋ ଜିହ୍ୱାରୁ ଖସୁନ
ମଦିର୍‌, ଅଖାଦ୍ୟେ ମନ ବଳାଉଛି
ସୁଖାଦ୍ୟକୁ ମନ ରସୁନ ।
ଯେତେ ଯାହା ଯିଏ କହିଲେ ତଥାପି
ମନରେ କାନରେ ପଶୁନ
ମନ୍ଦଚନ୍ତା ମନ୍ଦକର୍ମେ ରତ ହୋଇ
ଭଲକଥା ପଦେ ଭାଷୁନ ।
ଅଜ୍ଞାନେ ପାଗଳ ଜ୍ଞାନଚୁମ୍ବକରେ
ମନପ୍ରାଣ କେବେ ଘଷୁନ
ଭୋଗବିଳାସରେ ଭୁଲିଛି ସଭିଙ୍କୁ
ଜୀବନର ଅଙ୍କ କଷୁନ ।
ସେଥିପାଇଁ ମୋତେ ଲୋକେ କହିଲେନ
ଅଙ୍ଗୁଳ ଦେଖେଇ ଅଜ୍ଞାନୀ
ଅମଣିଷ, ପଶୁ ଜୀବନକୁ ତୋର
ଗଢିଛିରେ କେଉଁ ବିଜ୍ଞାଣୀ ।

ପଥର୍‌, ଖଲିକୋଟ, ଗଂଜାମ

# କିଛି ସୁନ୍ଦରବନରେ ଯାତ୍ରା



ଅଶୋକ ବିଶ୍ୱାଳ

ସମୟ ଆଗରୁ ଏକ ଛୋଟ ବୋଟରେ କିଛି ଲୋକ ଏ ନାଳରୁ ଆଗରେ ପଳାଇଥିଲେ । ତପନ ଆଉ ଅନ୍ୟମାନେ ଛୋଟ ଡଙ୍ଗାକୁ ଧ୍ୟାନ ଦେଇନଥିଲେ । ଏମିତି କେତେ କେତେ ଡଙ୍ଗା ଏ ଭିତରେ ଦେଖିଲେଣି । କିଛି ନୂଆ ଲାଗୁନଥିଲା । କିନ୍ତୁ ବାଘର ପାଦଚିହ୍ନ ଦେଖି ସେମାନଙ୍କୁ କିଛି ଜିନିଷ ନୂଆ ଲାଗିଲା । ଡଙ୍ଗାର ଲୋକମାନେ ଡରି ପଳେଇଥିବେ । ବଡ ବୋଟରେ ଜଙ୍ଗଲରକ୍ଷୀମାନେ ପଇଁତରା ମାରୁଥାନ୍ତି ।

"ବାଘ ସେମାନଙ୍କ ପିଛା କରୁଥିଲା । ନାଳରେ ମଣିଷ ପାଦଚିହ୍ନ ଉପରେ ବାଘର ପାଦଚିହ୍ନ ଏଠି ସେଠି ପଡିଛି । ବାଘ କ୍ରମାଗତଭାବେ ସେମାନଙ୍କୁ ଘେରିବାକୁ ଚେଷ୍ଟା କରିଛି ।" – ହାଲଦାରବାବୁ କହିଲେ ।

"ଆରେ ବାପ୍‌ରେ ।"– କୌଶିକ କହି ଉଠିଲା ।

"ଲୋକଗୁଡାକ ବୋଧେ ବାଘକୁ ଅନୁଭବ କରୁଥିଲେ ।"- ତପନ କହିଲା

"ମଣିଷର ସିକ୍ସଥ ସେନସଟା ବେଳେବେଳେ କାମ କରେ । କିଛି କାରଣ ନଥାଇ କିଛି ଭାରି ଭାରି ଲାଗେ ।"- ପାଓଲି କହିଲେ ।

"ଆଉ ନୁହେଁ ତ କଣ ।"- ତପନ କହିଲା ।

"କଛି ଦେଖାଯାଉନ, କଛି ଶୁଣାଯାଉନ । ମଣିଷ କନ୍ତୁ କାହାର ଉପସ୍ଥିତି ଅନୁଭବ କରିପାରେ । କଥାଟା ବଡ ଆଶ୍ଚର୍ଯ୍ୟଜନକ । ବିଷୟଟା ବୁଝିବାର ବାହାରେ । କଛି ଲଜିକ କାମ କରେନ ।"- ପାଓଲି କହିଲେ ।

"କଥାଟା ଠିକ । ଆଉ କେଉଁଠି ପଛେ ନହେଉ ସୁନ୍ଦରବନରେ ସିକ୍ସଥ ସେନସଟା କାମ କରିବାଟା ଦରକାର ।"-ନଳୟ କହିଲା ।

"ଆପଣ ସେ ଯେଉଁ ଆତ୍ମାମାନଙ୍କ କଥା କହୁଥିଲେ । ବାଘର ଶିକାର ହୋଇଯାଇଥିବା ଲୋକମାନଙ୍କର ଆତ୍ମା । ସେମାନଙ୍କର ଉପସ୍ଥିତି ନଶ୍ଚିତଭାବେ ଲୋକମାନେ ଅନୁଭବ କରୁଥିବେ । ଦେହଟା ଆଉ ଯାଗାଟା କେମିତି ଭାରି ଲାଗୁଥିବ । ମୁକ୍ତି ପାଇନାହାନ୍ତି । ଜଙ୍ଗଲରେ ଆତ୍ମା ଘୁରି ବୁଲୁଛି ।"- ତପନ କହିଲା

"ଏ ଆତ୍ମାମାନେ ବୋଧହୁଏ ବାଘର ଉପସ୍ଥିତି ଜଣାଇ ଦିଅନ୍ତି ।"- ଗୌତମ କହିଲା ।

"କଛି ଦେଖିଛ?"- ପାଓଲି ପଗ୍ଚରିଲେ ।

"ଅନେକ ବାର ।"- ଗୌତମ କହିଲା

"କେମିତି ଦେଖାଯାଏ?"- ତପନ ପଗ୍ଚରିଲା

"ଏକ ବିଶାଳ ଆକୃତି । ଧଳା ଗ୍ଚଦର ଘୋଡାଇ ହୋଇଛି । ଏ ଗଛରେ ଗୋଟାଏ ଗୋଡ । ଅନ୍ୟ ଗଛରେ ଆଉ ଗୋଟାଏ ଗୋଡ । ଆକାଶକୁ ମୁଣ୍ଡ ଛୁଉଁଛି ।"- ଗୌତମ କହୁଥିଲା । ସମସ୍ତଙ୍କ ଆଖି ଗୌତମ ଉପରେ ଲାଗି ରହିଥିଲା । ସଂନ୍ଧ୍ୟା ନଇଁ ଆସିଥିଲା । ବାହାରଟା ପ୍ରାୟ ଅନ୍ଧାର ।

ସେଥର ମୁଁ ଯେତେବେଳେ ଏମିତିଆ ଆକୃତିକୁ ଦେଖିଲି ମୋର ଆଉ ପାଟି ଖୋଲିଲାନ । ଧିରେ ଧିରେ ଆକୃତିଟା ଛୋଟ ହୋଇଆସିଲା । ମଣିଷ ଭଳିଆ ଛୋଟ । ମୋତେ ଲାଗେ ଏ

ଆମ୍ଭମାନେ ବାଘର ଉପସ୍ଥିତି ଜଣାଇ ଦିଅନ୍ତି । ନହେଲେ କଛି କାରଣ ନଥାଇ ଯାଗାଟା କଣପାଇଁ ଭରି ଲାଗିବ ।- ଗୌତମର ସ୍ୱର ଧିମା ହୋଇଆସିଲା । ବାହାରେ ଜଳକଣା ବେଶ ଥଣ୍ଡା ଥିଲା ।

"ଆମ୍ଭସବୁ ବେଳେବେଳେ ନଜର ଉପସ୍ଥିତି ଜଣାଇ ଦିଅନ୍ତି । କଣ ଗୋଟାଏ ଦପ୍ କରି ଜଳ ପୁଣି ଲିଭି ଯାଏ । ସୁନ୍ଦରବନର ଜଙ୍ଗଲ ଭିତରେ ଏମିତି ଆଲୁଅ ଅନେକ ସମୟରେ ଜଳଉଠେ । ସେପଟେ କେହି ମଣିଷ ନଥାନ୍ତି । ଏଇଟା ସେଇ ଆମ୍ଭମାନଙ୍କର ଆଲୁଅ ।"- ଗୌତମ କହିଲା ।

ପରଦିନ ସକାଳଟା ବେଶ ଥଣ୍ଡା ଆଉ କୁହୁଡିଆ ଥିଲା । ଅନେକ ଦୂର ଯିବାକୁ ପଡିବ । ସବୁଦିନ ଭଳ ସମସ୍ତେ ଜଲଦି ପ୍ରସ୍ତୁତ ହୋଇଗଲେ । କୁହୁଡି ନଦୀର ଅନ୍ୟଧାରକୁ ଘୋଡାଇ ରଖିଥିଲା । ସୁନ୍ଦରବନରେ ଅସଂଖ୍ୟ ନଦୀ, ନାଳ । ସବୁ ନାଳ ବିଷୟରେ ଜାଣିବା ଅତି କଷ୍ଟ । କୁମ୍ଭୀର ଭଳ କଣ ଗୋଟାଏ ଏକଦମ ବୋଟ ଧାରରେ ଭାସୁଥିଲା । ଦେଖିହେଲାନ । ସକାଳେ କୁମ୍ଭୀରଗୁଡା ଖରା ପୁଆଁଇବାକୁ ଆସିଥିବେ । କଏ କେଉଁ ଭଲ ଯାଗା ଖୋଜୁଥିବ ।

ଆଖି ଜଙ୍ଗଲ ଆଡକୁ ଗ୍ଭଲି ଯାଉଥିଲା । ସକାଳେ ହରିଣମାନେ ଚରାକୁ ଆସନ୍ତି । କାଦୁଆରେ ଅନେକ ପାଦଚହ୍ନ । କନ୍ତୁ ବାଘର ପାଦଚହ୍ନ ଭଳ ଚଉଡା ନୁହେଁ । ହରିଣର ଖୋଜ । ଖରା ପଡିନ । ଆଉ ଟିକକ ପରେ ଆସିବ ।ସମସ୍ତଙ୍କ ଆଖି ଜଙ୍ଗଲ ଉପରେ ବୁଲୁଥିଲା । ଏ ତଳୁଆ ଅଞ୍ଚଳରେ ବିଶାଳ ବୃକ୍ଷମାନ ନାହିଁ । ଲୁଣାପାଣି, କାଦୁଆ ଜମିରେ ଏକ ଗଛ ମହାବୃକ୍ଷରେ ପରିଣତ ହୋଇପାରେନା । ଏଠି ଅଧିକାଂଶ ଗଛ ୩୦-୪୦ ଫୁଟ ପର୍ଯ୍ୟନ୍ତ ଉଚ୍ଚ ଥିଲା ।

ଏ ଜଙ୍ଗଲରେ ଅନେକ ହେନ୍ତାଳ ବା ଫୋନକ୍ସ ବୃକ୍ଷ ଅଛି । ଏ ଗୁଡାକ ଭୁଇଁ ଖଜୁରୀ ଗଛ ଭଳ ଲାଗନ୍ତି । କନ୍ତୁ ଏହାସବୁ ଲୁଣାପାଣିର ଗଛ । ସବୁଠାରୁ ଭଲ ଲାଗୁଥିଲା ଗୋଲ ପତା ବା ପାମ ଗଛଗୁଡିକ, ଏଗୁଡିକ ବଡ ସୁନ୍ଦରଭାବେ ପାଣିର ଏକଦମ ଧାରରେ କେବେକେବେ ବଢି ଯାଇଥିଲେ । ଏ ପାମ ଗଛଗୁଡାକ ଏକାଠି ହୋଇ ଯାଗାଯାଗାରେ ପାଣି ଧାରରେ

ଥିଲା। ସୁନ୍ଦର ପତ୍ର ଯୋଗୁ ଏ ଗଛଗୁଡ଼ିକୁ ଦେଖିବାକୁ ଭଲ ଲାଗେ । ଅନେକ ଯାଗାରେ ମାଟିର ବେଶ କ୍ଷୟ ଘଟିଥିଲା । ପାଣିର ସ୍ରୋତ ପରିବର୍ତ୍ତନ ହେଲେ ମାଟିର ଅବକ୍ଷୟ ଘଟେ।

"ଏ ଲୁଣା ଜଙ୍ଗଲରେ ଚାଲିବା ଅତି କଷ୍ଟ । ଏମିତି ଜଙ୍ଗଲରେ ବାଘ କେମିତି ଶିକାର କରେ?"- ତପନ ପଚାରିଲା । କାଲି ସେମାନେ ବାଘ ପାଦଚିହ୍ନ, ବାରହାକୁ ଉପରେ ଚଢ଼ିବା ଆଦି ଲକ୍ଷ୍ୟ କରିଥିଲେ । କିନ୍ତୁ କଛି ପ୍ରକୃତ ଶିକାର ଘଟଣା ସେମାନଙ୍କ ଆଖି ଆଗରେ ଘଟିନଥିଲା ।

"ବାଘ ଚାଲାକ ଜନ୍ତୁ । ଶିକାର ପଶୁର ବ୍ୟବହାର ବାଘକୁ ଭଲ ଭାବରେ ଜଣା । ଜଙ୍ଗଲର ପଶୁମାନେ ପ୍ରାୟ ଏକ ରାସ୍ତାରେ ଚଲାବୁଲା କରିଥାନ୍ତି । ବେକାରରେ ଜଙ୍ଗଲ ଭିତରେ ଏଣେ ତେଣେ ବୁଲନ୍ତି ନାହିଁ ।"– ହାଲଦାରବାବୁ କହିଲେ ।

ପାଓଲି ମନେ ମନେ ପଶୁଙ୍କର ବ୍ୟବହାର କଥା ଭାବୁଥିଲେ । ଗାଁରେ ଗାଈ ବାଛୁରୀ ଚରା ସମୟ ପଡିଆରେ ବୁଲନ୍ତି । କିନ୍ତୁ ସେ ଚରାଭୂଇଁରେ ପହଞ୍ଚିବାପାଇଁ ସବୁବେଳେ ପ୍ରାୟ ଏକା ରାସ୍ତାରେ ଯିବା ଆସିବା କରନ୍ତି । ଏହା ତୃଣଭୋଜୀ ପଶୁଙ୍କର ଗୁଣ । ସେମାନେ ଅଯଥାରେ ନୂଆ ରାସ୍ତା ଖୋଜନ୍ତି ନାହିଁ ।

"ତେଣୁ ବାଘ ଏମିତିଆ ଶିକାର ପଶୁଙ୍କର ଯିବା ଆସିବା ରାସ୍ତାରେ ଜଗିରହେ ।"- ହାଲଦାରବାବୁ ଆଗକୁ କହିଲେ । ସମସ୍ତେ ତାଙ୍କ କଥା ଧ୍ୟାନରେ ଶୁଣୁଥିଲେ ।

"ଜଗିରହେ ମାନେ?"- ତପନ ପଚାରିଲା । ତପନକୁ କଥା ବୁଝା ପଡିଲାନ । ତପନର ଜ୍ଞାନ ଟି.ଭି ଦେଖାରେ ସୀମିତ । ବାଘର ଛକକରି ଆକ୍ରମଣ କଥା ବେଶି ଟିଭିରେ ଦେଖାଯାଏନ କାରଣ ଆକ୍ରମଣଟା ଆକସ୍ମିକ ହୋଇଥାଏ । କ୍ୟାମେରାମ୍ୟାନ ସେମିତିଆ ଆକ୍ରମଣର ଛବିପାଇଁ ପ୍ରସ୍ତୁତ ହୋଇପାରେନା । ଏମିତି ଆକ୍ରମଣ କରିବା ପୂର୍ବରୁ ବାଘ ଅନେକ ପ୍ରସ୍ତୁତି କରି ନେଇଥାଏ । ସ୍ଥାନ ଆଉ ସମୟ ଉପରେ ବାଘର ଆଗାଧ ଜ୍ଞାନ । କେଉଁ ତୃଣଭୋଜୀ ଜନ୍ତୁ ଜାଣିଜାଣି ଜୀବନ ହାରିବାପାଇଁ ବାଘ ମୁହଁକୁ ଆସିବେନ ।

"ବାଘ କେଉଁ ଗଛଗଣ୍ଡିପଛରେ, ବା ଝାଡି ପଛରେ ଜଗିରହେ । ଶିକାରର ଯିବା ସମୟ କଳ ନେଇଥାଏ । ଶିକାର ବାଘକୁ ଅତିକ୍ରମ କରିଯିବା ସମୟରେ ପଛରେ ଅତର୍କିତ ଆକ୍ରମଣ କରେ । ବାଘ ସହଜରେ ଶିକାରର ବେକ ଧରିନଏ ।"- ହାଲଦାରବାବୁ ବୁଝାଉଥିଲେ ।

"ଆଗରୁ କଣ ପାଇଁ ଆକ୍ରମଣ କରେନା?"- ତପନ ପଚ୍ଛରିଲା ।

"ବାଘଭଳ ଶକ୍ତିଶାଳୀ ଜୀବ ସହଜରେ ହରିଣ ଆଦିକୁ ଆଗରୁ ଆକ୍ରମଣ କରିପାରନ୍ତା । କନ୍ତୁ ବାଘ ତା' କରେନା କାହିଁକ?"– ପାଓଲି ପଚ୍ଛରିଲେ ।

"ନା । ବାଘ ପ୍ରାୟ ପଛରୁ ଆକ୍ରମଣ କରେ । ଶିକାରର ବେକ କଣାକରି, ଶ୍ୱାସରୋଧ କରି ମାରିବା ସହଜ । ତା' ଛଡା ମୁଖ୍ୟ କାରଣ ହେଉଛି ବାଘ ଆକ୍ରମଣ କଲେ ଶିକାର ବାଘ ବିଷୟରେ ଜାଣିନେବ । ତେଣୁ ନଜର ରକ୍ଷା ଅସ୍ତ୍ର ଯଥା ଶିଙ୍ଘକୁ ଉପେଯାଗ କରିବ । ହରିଣର ଲମ୍ବା କେନା କେନା ଶିଙ୍ଘ ବେଶ ଗୋଜିଆ । ବାଘକୁ ଆଘାତ ମିଳବ । ବାରହାର ତ ବଡ ଦାନ୍ତ ଅଛି । ତେଣୁ ଏମିତି ଆଘାତ ନପାଇବା ପାଇଁ ବେକକୁ ହଠାତ୍ ଧରିନେବା ହେଉଛି ସର୍ବୋତ୍ତମ ଉପାୟ । ଏ ଜଙ୍ଗଲରେ ବଡ ଆଘାତ ପାଇବାର ଅର୍ଥ ହେଉଛି ମୃତ୍ୟୁକୁ ସମୟ ପୂର୍ବରୁ ଆମନ୍ତ୍ରଣ । ଆଘାତପ୍ରାପ୍ତ ବାଘକୁ କଣ ଖାଇବାକୁ ମିଳବ?" – ହାଲଦାରବାବୁ ବୁଝାଉଥିଲେ ।

"ହରିଣଗୁଡାକ ବୋକା । ଏକା ରାସ୍ତାରେ ଚାଲିବା କଣ ଦରକାର ? ସେମାନେ ଏମିତି ଚଲାବୁଲାରେ ମରୁଛନ୍ତି ବୋଲି କଣ ଜାଣି ପାରୁ ନାହାନ୍ତି?"- ତପନ ପଚ୍ଛରିଲା ।

"ଆରେ ମଣିଷର ତିଆରି ହାଇୱେ ଭଳ ପଶୁମାନେ ଜଙ୍ଗଲରେ ନତ୍ୟ ଚଲାବୁଲା କରିବା ପାଇଁ ରାସ୍ତା ତିଆରି କରିଥାନ୍ତି । ସେ ରାସ୍ତାସବୁ ପାଣି ମନ୍ଦା, ଚରାଭୂଇଁ ଆଡକୁ ଚାଲିଯାଇଥାଏ ।"– କୌଶିକ କହିଲା ।

"ତାହେଲେ ବାଘର ଶିକାର କରିବା ଅର୍ଥ ହେଉଛି ହାଇୱେର ଏକ ଆକ୍ସିଡେଣ୍ଟ । ରାସ୍ତାରେ ଗଲାବେଳେ କେତେ ଆକ୍ସିଡେଣ୍ଟ ହୋଇଥାଏ । ସେମିତି ନିଜ ଚଲାବୁଲା ରାସ୍ତାରେ ଶିକାର ପଶୁମାନେ ଗଲାବେଳେ ବେଳେବେଳେ ବାଘ ଆକ୍ସିଡେଣ୍ଟର ମରିଥାନ୍ତି ।"-ନିଳୟ କହିଲା ।

"ଜଙ୍ଗଲରେ ତାହେଲେ ପଶୁମାନେ ହାଇୱେ ବନାନ୍ତି । ବେଶ ମଜା କଥା ତ ।"- ତପନ ଏତିକ କହି ହୋ ହୋ ହୋଇ ହସିଲା ।

ଏମିତି ମଜାଦାୟକ କଥାବାର୍ତ୍ତାକୁ ସମସ୍ତେ ଉପଭୋଗ କରୁଥିଲେ ।

"ଏମିତିଆ ଜଙ୍ଗଲରେ ଜଣେ ଯଦି ପହଞ୍ଚିବ କେମିତି ବଞ୍ଚିବ? ଖାଇବାକୁ କିଛି ନାହିଁ । ପିଇବାକୁ କିଛି ନାହିଁ ।"- ତପନ ପଚାରିଲା ।

"ଏ ବେଲ ସବୁ ଝୁଲୁଛି । ଆଉ ତମେ କହୁଛ ଖାଇବାକୁ କିଛି ନାହିଁ ?"–କୌଶିକ କହିଲା।

ପାଣି ଧାରରେ ଅନେକ ଧୁନ୍ଦୁଲଗଛ । ସେଥିରୁ ବେଲ ବା କଇଥ ଭଳି ଫଳ ଝୁଲୁଛି । ଛିଡି ପଡିଲେ ପାଣି ଭିତରେ ପଡିବ । ସବୁ ବାଙ୍କରେ ଏମିତିଆ ଗଛ ଅଛି । କୌଶିକକୁ ଲାଗୁଥିଲା ଏ ଫଳସବୁ ବେଲ ବା କଇଥ ଭଳି ଫଳ ହୋଇଥିବ । ବେଲ ଖାଇ ଜଣେ କିଛିଦିନ ଜୀବ ଧରି ପାରିବ ।

"ଆରେ ସେଗୁଡାକ ଅଖାଦ୍ୟ । ମୋତେ ଖାଇହେବ ନାହିଁ ।"- ଗାୟନବାବୁ କହିଲେ ।

"ତାହେଲେ ଖାଇବାକୁ କିଛି ନାହିଁ ।"– ତପନ ହତାଶଭାବେ କହିଲେ ।

"ସେଇଆ ନୁହେଁ । ଏକଦମ କିଛି ନାହିଁ ବୋଲି କହିହେବନି । ଗୋଲପତା ବା ପାମଗଛକୁ କାଟିଲେ ଗରଭିତରୁ ଏକ ବଡ ମଞ୍ଜା ବାହାରେ । ତା'କୁ ଖାଇହେବ । ସେଥିରେ ଭୋକ

ଶୋଷ ମରିଯିବ । ଖାଇବା ପିଇବା କଛି ଅଂଶରେ ହୋଇଯିବ । ଭିତରକୁ ଯିବା ଦରକାର ନାହିଁ ।”– ହାଲଦାରବାବୁ ବୁଝାଉଥିଲେ ।

“ତାହେଲେ ବାଘ ଆସିଲେ କଣ କରିବ?”- ତପନ ପଗ୍ଚରିଲ୍?

“ବାଘ ସାଙ୍ଗରେ ଲଢେଇ କରିବ ।”- ଦନଜୟ କହିଲ୍ ।

“ନା ସେମିତି କରିବା ଠିକ ହେବନହିଁ । ଗଛ ଚଢିଯିବ ।”- ହାଲଦାରବାବୁ କହିଲେ । ତାଙ୍କର କଥା ଏକ ଅଭିଜ୍ଞ ଲୋ୍କର ଅଭିମତ । ସେଥିରେ ସନ୍ଦେହ ନାହିଁ ।

“ବାଘ ଯଦି ଜଗି ରହିଲ୍?”- ତପନ ପଗ୍ଚରିଲ୍ । ତପନର ଏକ ଭଲଗୁଣ କୁହ ବା ବଦ୍‌ଗୁଣ କୁହ ସେ ସବୁ କଥାକୁ ଖୋଳେଇକରି ପଗ୍ଚରେ । ସେଥିରେ ଜଣେ କେହି ଅସ୍ତବ୍ୟସ୍ତ ହୋଇଯିବ ।

“ବାଘ ମୋଟେ ଜଗି ବସିବନ । ଏ ଜଙ୍ଗଲରେ ପାଣି କାଦୁଅରେ ଏକ ସ୍ଥାନରେ ବେଶି ସମୟ ରହିବା ଅସମ୍ଭବ ।”- ଦନଜୟ କହିଲ୍ ।

“ବାଘ ଆଗରୁ ଆକ୍ରମଣ କରେନା । ତଳକୁ ଓହ୍ଲେଇ ଆସି ବାଘ ସଙ୍ଗେ ଆଖି ମିଳେଇ ଠିଆ ହେବ । ମଣିଷକୁ ସିଧା ଆକ୍ରମଣ କରିବା ପାଇଁ ବାଘର ସାହାସ ହେବନାହିଁ ।” – କୌଶିକ କହିଲ୍ । ତା’ କଥା ମଜା କରିବାପାଇଁ ଥିଲ୍ ।

ପାଓଲି ଏ ପର୍ଯ୍ୟନ୍ତ କଛି ସେମିତି ଭ୍ଗ ନେଇ ନଥିଲେ । ସେ କୌଶିକର ଏମିତିଆ ମଜାଦାର ଯୁକ୍ତଶୁଣି ଜୋରରେ ହସି ପକାଇଲେ ।

“ଖାଲି ସହାସଟା ଦରକାର । ଲୋ୍କେ ତୁମ ପ୍ରଶଂସାରେ ଶତମୁଖର ହୋଇଯିବେ । ଯାହାହେଲେ କୌଶିକବାବୁ ବାଘ ସହ ଆଖି ମିଳେଇ ଠିଆ ହୋଇଥିଲେ । କଛି ଏଣୁତେଣୁ

ବାଘ ନୁହେଁ । ତାପୁଣି ସୁନ୍ଦରବନର ମଣିଷଖିଆ ବାଘ ।”- ଜଳୟ କହିଲା । ସେ କୌଶିକକୁ ବେଳେବେଳେ ଥଟ୍ଟାକରେ ।

“ବେଶି ସମୟ ବାଘ ଅଟକ ରହିପାରେନା । ସେ କଛି ସମୟପରେ ଆଡେଇ ହୋଇ ଅନ୍ୟଯାଗାକୁ ଗ୍ଚଲିଯିବ । ଏମିତିଆ ବାଘ ଗ୍ଚଲିଯିବା ଦେଖିଲେ ନଦୀକୂଳକୁ ଆସିଯିବା ଦରକାର । ତେବେଯାଇ କଛି ସାହାର୍ଯ୍ୟ ମିଳବ । କଛି ଖାଲି ଯାଗା ମିଳବ । ଖାଲି ଯାଗାରେ ବାଘ ଗୋଡାଇକରି ମଣିଷ ଧରିବାକୁ ଆସିବ ନାହିଁ ।”- ହାଲଦାରବାବୁ କହିଲେ।

ବାଘ ଉପରେ ଏମିତି ଅନେକ କଥା ଗ୍ଚଲିଲା ।

ଜୁଆର ସମୟ । ଆଗର ଜଙ୍ଗଲର ତଳ ଅଂଶଟା ପାଣିରେ ବୁଡିଯାଇଥିଲା । ଅନେକ ଗଛର ମୂଳ ପାଣିର ଭିତରେ । ନଦୀର ସେପଟ ଜଙ୍ଗଲ ଅନେକ ଦୂରରେ । ହାଲୁକା ଖରା ପଡିଥିଲା । ପାଣିରେ ସାମାନ୍ୟ ଢେଉ । ଅନେକ ବାଙ୍କ । ପାଣି ପ୍ରାୟ ସ୍ଥିର ହୋଇଯାଇଛି। ଏତେ ସକାଳେ ପବନ ପାଣି ଉପରେ ଜୋରରେ ବୋହି ପାରିବନ । ସେ ଜଙ୍ଗଲ ଧାରରେ କଛି ଚରୁଥିବା ଭଳ ଲାଗୁଥିଲା । ବହୁତ ଦୂର । କଛି ସ୍ପଷ୍ଟ ହେଉ ନଥିଲା ।

“କାଠଟାଏ ହୋଇଥିବ ।”- ତପନ କହିଲା।

“ବୋଟଟା ଗ୍ଚଲୁଛି । ତେଣୁ କାଠର ପୋଜିସନ ବୋଟ ହିସାବରେ ବଦଳବା ଭଳ ଲାଗୁଛି।”- ତପନ ପୁଣି କହିଲା ।

ଜଳୟକୁ କେମିତି କେମିତି ଲାଗୁଥିଲା । ନା । କାଠ ନୁହେଁ । କଛି ଗୋଟାଏ ଚରୁଛି । କୂଳରେ କଛି ଅଛି ।

“ବାଘ ନୁହେଁ ତ । ଏତେ ଦୂରର ଜଙ୍ଗଲରେ ବାଘ ଏକୁଟିଆ ବୁଲୁଥାଏ । ନଜ ପରିଧିରେ ପରିକ୍ରମା କରୁଥାଏ ।”-କୌଶିକ କହିଲା ।

ସମସ୍ତଙ୍କ କାନ ଠିଆ ହୋଇଗଲା ।

"ସକାଳୁ ସକାଳୁ ବାଘ ଦେଖିବାକୁ ମିଳଯିବ । ଅହୋ କ ଭାଗ୍ୟ ।"- ଜୟ କହିଲା । ତା'ର ଆଖିଟା ବାଇନୋକୁଲାର ଭଳ ସେ ଗ୍ଲୁଥିବା ଜନ୍ତୁ ଉପରେ ଲାଗିଥିଲା । କଛି ଜଣା ପଡୁନଥିଲା । ପ୍ରାୟ ୩-୪ ଫୁଟ ଉଚ୍ଚ କଛି ଗୋଟାଏ ଗ୍ଲୁଥିବାପରି ଜଣା ପଡୁଛି । ଶରୀରର ଲମ୍ବା ।
"ଏଇଟା ମଦନଟାକ । ସେହି ବିରାଟ ପକ୍ଷୀ ।"– ହାଲଦାରବାବୁ କହିଲେ ।

ଜୟରମୁହଁ ଶୁଖିଗଲା । ବାଘ ହୋଇଥିଲେ କେତେ ଭଲ ହୋଇଥାନ୍ତା । ହେଉ ।

"ଏତେ ବଡ ପକ୍ଷୀ କଣ ସମ୍ଭବ?"- ଜୟପଚାରିଲା ।

"ଏଇଟାପରା ମଦନଟାକ । ଏହା ଅତି ବିଶାଳ ପକ୍ଷୀ । ଏ ପକ୍ଷୀଗୁଡା ଏମିତିଆ ଜଛାଟିଆ ସ୍ଥାନକୁ ବାଛି ନଥାନ୍ତି ।"- ହାଲଦାରବାବୁ କହିଲେ ।

ପକ୍ଷୀଟା ତଥାପି ବି ଅସ୍ପଷ୍ଟ ଥିଲା । କଛି ଲମ୍ବା ଗୋଟାଏ ପାଣି ଧାରରେ ଗ୍ଲୁଛି । ବେଶ ଲମ୍ବା ଗୋଡ । କନ୍ତୁ କଛି ଠିକ ଭାବରେ ଜଣା ପଡୁନ ।

ବୋଟ ଅନେକ ଦୂରରେ ଥିଲା । ଅଲଗା ରାସ୍ତାରେ ଯାଉଥିଲା ।

ଦେଖିନେଲେ କ୍ଷତି କଣ? ବୋଟର ଦିଗ ବଦଳାଇ ଦିଆଗଲା । ବୋଟ ସେହି ପଶୁ କ ପକ୍ଷୀ ଆଡକୁ ମୁହାଁଇଲା । ସମସ୍ତେ ଜରିଖେଇ ଅନାଇଥିଲେ ।

"ଆରେ ସତରେ କାଠଗର ନୁହେଁ । ପକ୍ଷୀଟାଏ । ମୁଁ କେତେ ବାଘ ବାଘ ଭାବିଥିଲି ।"- ଜୟ ପ୍ରଥମେ କହିଲା ।

"ମଦନଟାକର ଓଜନ ପ୍ରାୟ ୧୦ କଲୋ । ବିରାଟ ପକ୍ଷୀ । ଶୀତ ଦିନରେ ସୁନ୍ଦରବନକୁ ଆସେ ।"– ହାଲଦାରବାବୁ କହିଲେ ।

"ଏତେ ବଡ ପକ୍ଷୀ ହୋଇପାରେ!"- ବଳୟ ଆଶ୍ଚର୍ଯ୍ୟ ହୋଇଯାଉଥିଲା ।

ପକ୍ଷୀଟି ବୋଟକୁ ଦେଖୁ ଦେଖୁ ଜୋରରେ ଗ୍ଲିବାକୁ ଆରମ୍ଭ କଲା । ଲମ୍ବା ଗୋଡ । ପାଣିଭିତରେ ଲମ୍ବାକ୍ଷେପାରେ ପକ୍ଷୀଟି ଗ୍ଲୁଥିଲା । ଗ୍ଲିଲାବେଳେ ପକ୍ଷୀଟିର ପିଠି ଏକ ଓଟର ପିଠି ଭଳି ଉପର ତଳ ହେଉଥିଲା । କଳା ପାଉଁଶିଆ ରଙ୍ଗର ପିଠି । ମୋଟା ଶରୀର । ଥଣ୍ଟ ବେଶ ମୋଟା ।

ପକ୍ଷୀଟିର ପାଖରେ ଏକ ଧଳା ବଗ ଠିଆ ହୋଇଥିଲା । ଲାର୍ଜ ଇଗ୍ରେଟ । ମଦନଟାକକୁ ଦେଖି ବଗଟା ଟିକେ ଇତସ୍ତତଃ ହେଲା । ଏତେ ବଡପକ୍ଷୀ ସାଙ୍ଗରେ ଏକାଠି ଚର୍ କର୍ଯାଇ ପାରେନା । ତା'ର ଲମ୍ବା ବେକଟା ଆଗକୁ ଲମ୍ବିଗଲା । ଲମ୍ବାଡେଣା ଖୋଲିଗଲା । ବଗଟା ପାଖର ଏକ ଡାଳକୁ ଉଡିଗଲା । ମଦନଟାକଠୁ ପ୍ରାୟ ୩୦ ମିଟର ଦୂର । ସେଇଠି ପାଣିଭିତରେ ପଡିଥିବା ଏକ ଶୁଖିଲା ଡାଳରେ ବସି ପାଣିକୁ ଗ୍ହୁଁଥିଲା ।

ମଦନଟାକ କିନ୍ତୁ ଉଡିଲା ନାହିଁ । ବୋଟ ପାଖେଇ ଆସିବା ଦେଖି ଲମ୍ବା ପାଦରେ ଜଙ୍ଗଲ ଭିତରକୁ ଗ୍ଲିଗଲା । ଖୋଲା ଜଙ୍ଗଲ । ଶ୍ୱାସମୂଳ ସବୁଠି ଭରିରହିଛି । କାଦୁଆ ମାଟି । ପକ୍ଷୀଟିକୁ ଗ୍ଲିବାକୁ ମୋଟେ ଅସୁବିଧା ହେଉନଥିଲା । କଛି ବୁଦିକଆ ଜଙ୍ଗଲ ଆଗରେ । ଏକ ବଡ ଗଛ । ଜୋରରେ ଗ୍ଲି ଗ୍ଲି ସେ ଗଛ ପଛରେ ପକ୍ଷୀଟି ଲୁଚଗଲା ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

# ଗୁହାରି କରିବୁ କାହା ଆଗେ ଆଉ



ବୈଦ୍ୟନାଥ ପଣ୍ଡା.

ଗୁହାରି କରିବୁ
କାହା ଆଗେ ଆଉ
ତୁମେ ପ୍ରଭୁ ଥାଉଁ ଥାଉଁ
ଘୋର ସଙ୍କଟରେ
ପଡିଛି ଦୁନଆଁ
ରକ୍ଷାକର ମହାବାହୁ
ଭଙ୍ଗିବାକୁ ଯଦି
ତୁମ ଇଚ୍ଛା ଥିଲ୍
କାହିଁ ପାଇଁ ଗଢ଼ିଥିଲ
କେଉଁ ଅଭିମାନେ
ନଷ୍ଟ କରିବାକୁ
ଆଜି ଏ ନଷ୍ଟତ୍ତି ନେଲ
ରଖିଥିଲ ପ୍ରଭୁ
ଏଇ ପୃଥିବୀକୁ
ହିରଣ୍ୟାକ୍ଷ ନେଲ୍‌ବେଳେ
ଶୁକର ରୂପକୁ
ଧରିକ ହେ ପ୍ରଭୁ
ବଧ କଲ ତାକୁ ହେଲେ
ଶଙ୍ଖାସୁର ଠାରୁ
ବେଦ ଉଦ୍ଧରିଲ
ମୀନରୂପ ତୁମେ ହୋଇ

ଅଥଳ ଜଳରେ
ତାହାକୁ ସଂହାରି
ବେଦ ଆଣିଲ ଛଡାଇ
ଭକତର ହିତେ
ଯୁଗେଯୁଗେ ପ୍ରଭୁ
ନେଇ କେତେ ଅବତାର
ଉଦ୍ଧାର କରିଛ
ମହାସଙ୍କଟ ରୁ
ଦେଇ ଅଭୟ ତୁମର
ଆଜିବି ଆସିଛି
ସେପରି କୁବେଳ
ତୁମରି ଏଇ ସୃଷ୍ଟିକୁ
ଅଜଣା ସେ ରୋଗ
କେଉଁଠୁ ଆସିଲା
କେହି ଜାଣେନାହିଁ ତାକୁ
ରକ୍ଷାକର ପ୍ରଭୁ
ବଳଆର ଭୁଜ
ଆହେ ପ୍ରଭୁ ମହାବାହୁ
ହଟିଯାଉ ବ୍ୟାଧି
ଏ ସାରା ବିଶ୍ୱରୁ
ତୁମ ଯଶକୀର୍ତ୍ତି ରହୁ ॥

ଅବଦଲପୁର, ଯାଜପୁର

# ଗୃହବନ୍ଦୀ



ସଂଯୁକ୍ତା ମହାପାତ୍ର

ସବୁରି ଅଜାଣତେ
ଏମିତି ଦିନେ ସୁନାମୀ ପରି
ମହାମାରୀ କରୋନା ଆସିଲା,
ମଣିଷ ଜୀବନର ମୋଡ ବଦଳଗଲା
ଯିଏ ଯେଉଁଠି, ସେଇଠି ଅଟକ ରହିଲା ।

ସୁଖ ହେଉ ଦୁଃଖ ହେଉ ବନ୍ଧୁ ପରିବାର ମେଳ
ସଙ୍ଗସୁଖ ଜୀବନରେ ଖୁସି ଭରିଥିଲା,
ସତ୍ୟନାଶି କରୋନା ସବୁରି ମନରେ
ସନ୍ଦେହର ବିଜ ବୁଣିଦେଲା ।
ପ୍ରିୟ ପରିଜନଙ୍କୁ ଅଛୁଆଁ ସାତପର କରି
ଜୀବନର ଚକ୍ର ହଠାତ୍ ଅଟକଗଲା,
ପରିଶ୍ରମୀ ମଣିଷ କରୋନାର ଚକ୍ରବ୍ୟୂହେ
ନିଜଘରେ ଗୃହବନ୍ଦୀ ହୋଇଗଲା ।

ଏବେବି ମରିନି ଆଶା
ମନରେ ଅନେକ ବିଶ୍ୱାସ ଜାଗେ,
ଆଜି ଏ ବନ୍ଧନ ଅଛି
ଅଳ୍ପ ଦିନେ ବନ୍ଧନ ସବୁ ଖୋଲିଯିବ,
ବଞ୍ଚିବାର ଇଛା ମଣିଷକୁ

ଲଢ଼ିବାର ଅଦମ୍ୟ ସାହସ ଦେବ,
ମୁକ୍ତ ଗଗନର ବିହଙ୍ଗମ ପରି
ପୁଣି ଥରେ ଆମେ ନିରଙ୍କୁଶ ଉଡିବା
ନିଜ ଘରେ ସୁରକ୍ଷିତ ରହି
କରୋନାକୁ ପରାସ୍ତ କରିବା ।

ଜୀବନର ଚକ୍ର ଏଇମିତି ଅବିଶ୍ରାନ୍ତ ବୁଲିଥିବ
ସକାଳର ସୂର୍ଯ୍ୟ ଉଇଲେ ଅନ୍ଧକାର ଗଳିଯିବ,
ପୁଣି ଥରେ ଜୀବନରେ କୋକିଳ ଗାଇବ
ବୈଶାଖର ଦେହଜଳା ଝାଞ୍ଜିପରେ
ଶ୍ରାବଣର ସୁଶିତଳ ବର୍ଷା ଆସିବ ।

ମାର୍ଫତ-ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି, ଆପଣଙ୍କ ଫଟୋ ଏବଂ ଠିକଣା ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପ୍ରତିମାସ ୧୫ ତାରିଖ ଭିତରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ହସିଉଠୁ ଏ ଜଗତ



ପ୍ରଣତି ମହାପାତ୍ର

ଦହନର ନାହିଁ ଅନ୍ତ,
କେତେ ମୁଁ ଜଳବି କହ ହେ କାଳଆ ସାଆନ୍ତ,
ଏକା ମୁଁ ଜଳୁନ ଆଜି
ଜଳୁଛନ୍ତି ଏଠି ପର୍ ମୋ ସାର୍ ଜଗତ,
ସେଥିରେ ଜଳୁନୁ କ ତୁ ଜଗତର ନାଥ।
ଜଳୁଛନ୍ତି ସର୍ବେ ଆଜି ଅନ୍ତର୍ଦହନରେ,
ଦେଖେଇ ନ ପାରନ୍ତି କେ
ଯେମିତି ତୁ ଭକ୍ତବିନା ତୋ ବୈକୁଣ୍ଠ ପରେ।
ଛଳନାର ଦହନ ତ ଅସତ୍ୟ ଦହନ
ଗରିବ ସଂସାରେ ପୁଣି ଅଭାବର ଜ୍ୱଳନ।
ଅଭାବୀ ସଂସାରେ ଥାଏ ରୋଗ, ଯନ୍ତ୍ରଣା ସହ
ହୃଦୟରେ ଅପ୍ରାପ୍ତିର  ଡ଼ହଡ଼ହ ରଡ଼ ନିଆଁ।
ପୁଣି ଥାଏ କେତେବେଳେ ପ୍ରତୀକ୍ଷାର ଦହନ।
ଦେହର ପୋଷାକ ବି ହାର ମାନିଯାଏ
ବୈଶାଖ ସୂର୍ଯ୍ୟ କିରଣ ପାଖରେ।
ଦେହ ବି ଶୀତେଇ ଉଠେ ଦେଖି
ଆମାଜନର ଦଗ୍ଧ ଭସ୍ମୀଭୂତ ।
କେତେ କାହାର ଜ୍ୱଳନ ଏଠି

ନା କହିହୁଏ ନା ସହିହୁଏ,
ଡ଼ହଳ ବିକଳ ଏଠି ପଶୁ ପକ୍ଷୀ କୀଟ ତରୁଲତା,
ଖାଁ ଖାଁ ତୋ ବଡ଼ଦେଉଳ,
ଷାଠିଏ ପଉଟି ଅବା ତୋ ଟଙ୍କ ତୋରଣି
ତୋ ଛଡା ତୁଳସୀ କବା ପଣ୍ଡା ବେତବାଡି,
ଗହଗହ ବାଇଶି ପାହାଚ ତୋର
ଶୂନ୍ୟ ଶୂନ୍ୟ କେବଳ ଶୂନ୍ୟ।
ନ ଦେଖିବାର କ ଏ ତୋ ଅଭିନୟ।
ତୁ ତୋ ଭକ୍ତ ବିହୁନେ
ଭକତ ବି ତୋ ବିହୁନେ
ଜଳେ ହୁତୁହୁତୁ ହୋଇ।
ହଟେଇ ଦେ ମହାବାହୁ ଏ ସଂସାରୁ
ସବୁ ମହାମାରୀ ର ଘୋର ଦୁଃଖ ବିପତ୍ତିକୁ,
ଖୋଲି ଦେ ତୋ ସିଂହଦୁଆର ପତିତ ଜନଙ୍କ ପାଇଁ
ଉଚ୍ଚ କଣ୍ଠେ ଭକତକୁ ଡାକନଅ ପାଶେ,
ହସିଉଠୁ ଶ୍ରୀମନ୍ଦିର, ହଟିଯାଉ ସବୁରି ମନୁ
ଦୁଃଖ, କଷ୍ଟ, ଯାତନାର ଜ୍ୱଳନ।
ଏକସ୍ୱରେ ଶୁଭିଯାଉ
ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେହରେ
ହରେରାମ ହରେରାମ ରାମ ରାମ ହରେ।

ଫକୀରମୋହନ ନଗର
ବାଲେଶ୍ୱର

# ପୋକ



ପୁଷ୍ପାଞ୍ଜଳ ପଣ୍ଡା

ପୋକ ଟେ ଖାଇ ଗ୍ଲିଛି ଜୀବନ କୁ
ଏତେ ଛୋଟ ପୋକ ଟିର ଏତେ ଶକ୍ତି!
ମାଡ଼ି ଆସୁଛି ହୁ ହୁ ହେଇ ।
ଆହୁରି କଛି ସାଙ୍ଗରେ ନେଇଯିବ,
କବାଟ ଝରକା ବନ୍ଦ କରିଦିଅ।
ଜୀବନ ପାଇଁ ସଜାଗ ହେଇଯାଅ।
ଆକାଶ, ବତାସ, ମାଟି, ପାଣି
କେତେ ସଂକ୍ରମିତ,
ଦେଖିଲ ନା !
ଛୋଟ ଏକ ପୋକର ଔଦ୍ଧତ।
ସଭିଙ୍କର କାନ୍ଦ କାନ୍ଦ ମୁହଁ
କେହି ବି ଖୁସୀ ନାହଁ
କେବେ ହେବ ସବୁ ସ୍ୱାଭ୍ୱବିକ!
ପୁଣି ଉଡିବା, ବୁଡିବା, ବୁଲିବା
ଆଗପରି, ବେଫିକର ବେଖାତିର୍ କରି
ଡ଼ର ଆଉ ଭୟ କୁ ଠୋକର ମାରି...!
ସବୁ ଦେବାଦେବୀ ଏବେ ନିଦ୍ରିତ
ଉଠାଅନା ଆଉ ସେ ନିଦ୍ରିତ ଦିଅଁଙ୍କୁ

ଆସ ନିଜେ ସଜାଡ଼ିବା ନିଜକୁ,
ସ୍ୱପ୍ନ ଦେଖିବା ଆସନ୍ତା କାଲିର
ଏକ ସୁସ୍ଥ ସକାଳ ର, ମୁକ୍ତ ଆକାଶ ର
ନୀଳ ସମୁଦ୍ରର...!
ଜୀବନରେ ଉତ୍ତାଳ ତରଙ୍ଗର
ସମୟର ଅବୁଝା ଖେଳର!!
ହେଇପାରେ ଏ ଅନ୍ଧାରର ଛାତି ଫାଡି
ବାହାରି ଆସିବ
ଛୋଟ ଏକ ଆଶାର କିରଣ,
ଏକ ଈଶ୍ୱରୀୟ କାୟା,
ହେଇଯିବ ସବୁତକ ଠିକ୍ ଠାକ୍
ଅସ୍ୱାଭାବିକ ଥିଲା ଯାହା ଯାହା!!

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଭୁଲା ମନ



ଡକ୍ଟର ମଧୁସ୍ମିତା ମିଶ୍ର

ପଦ୍ମିନୀ ଖୁସି ହେଇଥିଲେ । ଯାହା ହେଉ ଏତେଦିନ ତକ ତାଙ୍କୁ କଏ ମନେ ପକାଇଛି । ଜୀବନସାରା ଖାଲି ରାନ୍ଧିବାଢି ଘରକାମ ସମ୍ଭାଳୁ ସମ୍ଭାଳୁ ସମୟ ହାତ ମୁଠାରୁ ସରିଗଲା । ସମୟ ସମୟେ ମନ ଖରାପ ଲାଗେ । ୟାକୁ, ତାକୁ ଫୋନ୍ କରନ୍ତି । ଲେଖା ଯୋଖା ଦିଅର, ନଣନ୍ଦ, ଭଣଜା, ଭାଣେଜୀ ସମସ୍ତଙ୍କୁ ମଝିରେ ମଝିରେ ସେମାନଙ୍କ ଭଲମନ୍ଦ ପଚାରନ୍ତି । ସମୟର ପରିବର୍ତ୍ତନ ସହ ସେ ମଧ୍ୟ ବୁଝି ଯାଇଥିଲେ ଯେ ବ୍ୟସ୍ତତାର ଦୋହାଇ ଦେଇ ଲୋକ ଆଜି ପରସ୍ପରଠାରୁ ଦୂରେଇ ରହିବାକୁ ଭଲ ପାଉଛନ୍ତି । କାହାର ପାଖରେ ଅତୀତର ସେ ଆନ୍ତରିକ ଭଲ ପାଇବା ବା ଆପଣାପଣ ନାହିଁ । ଭାଇ, ଭଉଣୀଙ୍କ ଠାରୁ ପରୋକ୍ଷରେ ଟାହି, ଟାପରା ମଧ୍ୟ ଶୁଣନ୍ତି ଯେ ଝିଆରୀ, ପୁତୁରାମାନେ ତାଙ୍କର ଏହି ଉପରେ ପଡି ଖବର ଅନ୍ତର ବୁଝିବାଟାକୁ ଦେଖେଇ ହେବାର ନାମକରଣ କରିଛନ୍ତି ।

ହଠାତ୍ ସୁମନ୍ତଙ୍କଠାରୁ ଖବରଟା ଶୁଣି ମନଟା ଖୁସିରେ ଭରିଗଲା । ନିଜ ଭାବନାରେ ନିଜେ ମଜ୍ଜି ଯାଇଥିଲେ ।

ହଇହୋ, କଣ ମନଟା ଭାରି ଖୁସିତ । ସୁମନ୍ତଙ୍କ ଥଟ୍ଟାରେ ପଦ୍ମିନୀ ହସି ପକେଇଲେ ।

ସୁମନ୍ତ – ଯାହାହେଉ, ଏତେଦିନ ପରେ କଏ ଜଣେ ତ ପୁଣି ତୁମକୁ ମଣିଷ ବୋଲି ଗଣିଲା ନୁହଁ, ବରଂ ମନେ ପକାଇଲା । ସୁମନ୍ତ କହିବାର ଶୁଣି ପଦ୍ମିନୀ – ତମେ ସବୁଦିନ ସେମିତି ମୋତେ କହୁଥାଅ । ମୁଁ କିନ୍ତୁ ଜାଣେ ମୋ ଚହ୍ନା, ପରିଚିତ ସମସ୍ତେ ମୋତେ ସେତିକି ଭଲ ନ ପାଉଥିଲେ ମୋତେ କେମିତି ଡାକଥାନ୍ତେ । ହଉ ମୁଁ ଚା କରି ଆଣେ ।

ସୁମନ୍ତ ସକାଳର ଖବରକାଗଜଟା ଧରି ଶୀତ ଦିନଆ ଖରା ଆଡକୁ ଚୌକିଟା ବୁଲାଇ ବସିଲେ । ମନକୁ ମନ ହସିଲେ । ଅଦ୍ଭୁତ ସତରେ ଈଶ୍ୱରଙ୍କ ସୃଷ୍ଟି । ତା ପୁଣି ପଦ୍ମିନୀ ଭଳି

ନାରୀ । କଏ କଣ କଲେ ନକଲେ ତାଙ୍କର କଛି ମାତ୍ର ପ୍ରତିକ୍ରିୟା ହିଁ ନାହିଁ । ସବୁବେଳେ ଗୋଟିଏ ଚନ୍ତାଧାରା, ମୁଁ ମୋର କର୍ମ, କର୍ତ୍ତବ୍ୟ କରିବା କଥା । କଏ କଣ କଲା ନକଲା ରୁ ମୋତେ ବା କଣ ମିଳବ । ସାଧାରଣ ଗୃହିଣୀଟିଏ, ଯାହା ପାଇଁ "କାଲି" ଶବ୍ଦର ଅର୍ଥ ହିଁ ନାହିଁ । ଗଲାକାଲି କେମିତି ଥିଲା ଆସନ୍ତା କାଲି କଣ ହେବ ସେଥିରେ ପଦ୍ମିନୀଙ୍କର ଯାଏ, ଆସେ ନାହିଁ । ସମସ୍ତଙ୍କୁ ନଃସ୍ୱାର୍ଥପର ଭଲ ପାଇବାରେ ତାଙ୍କର ତିଳେମାତ୍ର ଦ୍ୱିଧା ନାହିଁ ।

ବେଳେବେଳେ ସୁମନ୍ତ ଆଶ୍ଚର୍ଯ୍ୟ ହୁଅନ୍ତି । ଦୀର୍ଘ ଗୁଳଶି, ପଇଁଗୁଳଶି ବର୍ଷ ଓଡିଶା ବାହାରେ ରହି ଆସିବା ପରେ ସୁମନ୍ତ ଭାବିଥିଲେ, ପଦ୍ମିନୀ କେମିତି ବା ଓଡିଶାରେ ଚଳବେ । କନ୍ତୁ ଓଡିଶାରେ ଅବସର ପରେ ରହିବାର ପ୍ରାୟ ଦଶ ବର୍ଷ ପାଖାପାଖି ହେବ । ନଜ ଆମ୍ଭୃତ୍ରିମ ଭଲପାଇବାର ବନ୍ଧନରେ ସେ ସମସ୍ତଙ୍କୁ ଆପଣେଇ ନେଇଛନ୍ତି । କାହା ବିରୁଦ୍ଧରେ ତାଙ୍କର କଛି ବି ଅଭିଯୋଗ ନାହିଁ ।

ଆଜି ସକାଳୁ ସକାଳୁ ଝିଆରୀ ଝୁନୁ ଫୋନ୍ କଲା । ନମସ୍କାର କକା, ଟିକଏ ଖୁଡୀଙ୍କୁ ଫୋନ୍ ଦେବେ ।

ପଦ୍ମିନୀ – ହଁ, ଝୁନୁ, ବହୁତ ଦିନ ପରେ । ହଠାତ୍ କେମିତି ମୁଁ ମନେ ପଡିଲି ।

ଝୁନୁ – ଖୁଡି, ତୁମେ ଆସନ୍ତା ଜାନୁଆରୀ ୨୩ ତାରିଖରେ ଏଠି ଅଛ ତ**?**

ପଦ୍ମିନୀ – ହଁ, ଆମେ ଆଉ କୁଆଡେ ଯିବୁ । ପିଲାମାନେତ ଏବେ ଆସି ବୁଲି ଯାଇଛନ୍ତି ।

ଝୁନୁ – ହଉ, ଠିକ୍ ଅଛି । ମୁଁ ଗୋଟିଏ "ବନ୍ଧୁମିଳନ" ର ଆୟୋଜନ କରୁଛି ।

ପଦ୍ମିନୀ – କୋଉଠି କଏ କଏ ଆସୁଛନ୍ତି**?**

ଝୁନୁ – ଖୁଡି, ରୁହ, କେବଳ ସିନଅର ସିଟିଜେନ୍ ମାନଙ୍କ ପାଇଁ ଏ ବନ୍ଧୁମିଳନ । ସବୁ କଛି ଠିକ୍ ହେଲେ ମୁଁ ତୁମକୁ କେବେ, କେଉଁଠି, କେତେବେଳେ ହେବ, ସବୁ କହିବି ।

ପଦ୍ମିନୀ ଗୃ କରୁ କରୁ ଭାବୁଥିଲେ, ଦେଢଶୂର ବସନ୍ତବାବୁଙ୍କ ଝିଅ ଝୁନୁ । ଯାହା, ସେମାନେ ଓଡିଶା ଆସିବା ବର୍ଷ ହିଁ ଗୁଲିଯାଇଥିଲେ । ଦୁଇଟି ଝିଅ ଝୁନୁ ଓ ଲୀନୁ । ସାନଝିଅ ଲୀନୁ ତା ସ୍ୱାମୀ ସହ ଆମେରିକାରେ ରହେ । ଏହି ଝୁନୁ, ବାପଘର, ଶାଶୁଘର ସମସ୍ତଙ୍କର କଥା ବୁଝେ ।

ପଦ୍ମିନୀଙ୍କୁ କାହା ସହ କଥା ହେଲେ, ଦେଖାହେଲେ ଦି ପଦ କଥା ହେଲେ ଖୁବି ଭଲ ଲାଗେ । ସେ ଭଲଭାବରେ ଜାଣନ୍ତି ଆଜିକାଲି ଦୁନିଆଁର ଛଳନାଭରା ଗୋଲିଚଳନ ଓ ବ୍ୟବହାରକୁ ସୁମନ୍ତ ସହଜରେ ଗ୍ରହଣ କରନ୍ତିନି । କିନ୍ତୁ ପରିଣତ ବୟସରେ ମୃତ୍ୟୁ କୁ ସ୍ୱାଗତ କରିବା ପାଇଁ ଗୋଡ ବଢାଇଲା ବେଳେ ଏସବୁ କଥା ନଧରି ବରଂ ଯେତିକ ସମୟ ମିଳୁଛି ଆନନ୍ଦରେ ବିତାଇବା ଜୀବନର ଉଦ୍ଦେଶ୍ୟ ହେବା କଥା ବୋଲି ପଦ୍ମିନୀ ମନେକରନ୍ତି ।

ପରିଶେଷରେ ସେହି ଦିନଟି ଆସି ପହଞ୍ଚିଲା । ଶୀତ ସରି ସରି ଆସୁଛି କିନ୍ତୁ ପରିବେଶ ପରିବର୍ତ୍ତନ ସହ ଜଳବାୟୁରେ ମଧ୍ୟ ଅତ୍ୟଧିକ ପରିବର୍ତ୍ତନ । ସକାଳ ୯ଟା ସୁଦ୍ଧା ବଟାନିକାଲ ଗାର୍ଡେନ ରେ ପହଞ୍ଚିବା କଥା । ସୁମନ୍ତ ପଦ୍ମିନୀଙ୍କ ତାଗିଦାରେ ବ୍ୟସ୍ତ ହେଇ ଭୋରରୁ ଉଠି ଗାଧୋଇ ପାଧୋଇ ଦିଅଁ ପୂଜା ସାରି ଚା ବିସ୍କୁଟ ଦିଟା ପାଟିରେ ପକାଇ ଗାଡି ଡ୍ରାଇଭ କରି ନଅଟା ସୁଦ୍ଧା ନନ୍ଦନକାନନ ର ବଟାନିକାଲ ଗାର୍ଡେନ ପାଖରେ ପହଞ୍ଚିଗଲେ । ଅସମ୍ଭବ କୁହୁଡି । ଝୁନୁ କହିଥିଲା ସକାଳ ବ୍ରେକଫାଷ୍ଟ, ଲଞ୍ଚ ସବୁ ସେଇଠି ହେବ । ପଦ୍ମିନୀ, ସୁଶାନ୍ତଙ୍କ ରୋଗ ବେଶ ଭଲ ଭାବରେ ଜାଣନ୍ତି । ସହଜେ ତ ତାଙ୍କର କିଜର ଆଜିକାଲି କିଛି ମନେ ରହୁନି । ଲୁଣ ଡବାଟା ଫ୍ରିଜ ଭିତରେ ରଖି ଗ୍ୟାସ ପାଖରେ ଖୋଜୁଛନ୍ତି । ରାତିରେ ଶୋଇଲାବେଳେ କ୍ଷୀର ଗରମ କରି ଗୋଟିଏ ଗ୍ଲାସ ସୁଶାନ୍ତଙ୍କୁ ଦେଇ ଅନ୍ୟ କ୍ଷୀର ଗ୍ଲାସ ଟା ନେଇ ରୋଷେଇ ଘର ସିଂକ୍ ରେ ପାଣି ଭାବି ଢାଳି ଦେଇ ନିଜପାଇଁ କ୍ଷୀର ଗ୍ଲାସ ଟା ଖୋଜୁଥାନ୍ତି ।

ଏବେ ସୁଶାନ୍ତ ପଚାରିବାରୁ ଭାବୁଛନ୍ତି, ସତରେ ଝୁନୁ ତାଙ୍କୁ ନଅଟା ବେଳେ ପହଞ୍ଚିବାକୁ କହିଥିଲା ନା ସେ ତା ବି ଭୁଲିଗଲେ । ଏମିତି ଭାବୁଭାବୁ ଗୋଟିଏ ପରେ ଗୋଟିଏ ପରିଚିତ ସମ୍ପର୍କୀୟ ଆସି ପହଞ୍ଚିଗଲେ । ସମସ୍ତେ ଛଅ ଦଶକ ଛୁଇଁ ସାରିଥିଲେ । ପ୍ରଥମେ ପକୋଡା, ଚିକେନ୍ ପକୋଡା, କଫି, ଚା ଆଦି ରେ ଜଳଖିଆ ପର୍ବ ସରିବା ପରେ କଥା ହେଲା ଝୁନୁ ଠିକ୍ କରିଥିବା ଟା ସ୍କୁଲ ବସରେ ସମସ୍ତେ ଜଗନ୍ନାଥ ମନ୍ଦିର ଓ ଶିଖରଚଣ୍ଡୀ ମନ୍ଦିର ଦର୍ଶନ କରିବାକୁ ଯିବେ ।

ପଦ୍ମିନୀ ଆଜି ଅଦ୍ଭୁତ ଖୁସି ହେଲେ । ଏ ବୟସ ରେ ସବୁବେଳେ ସମସ୍ତଙ୍କ ଘରକୁ ଯିବା ଆ ଭେଟିବା ସମ୍ଭବପର ହୁଏନ । ଆଜି ସବୁ ସାଧନ ସତ୍ତ୍ୱେ କାହାର କାହା ଘରକୁ ଯିବା ଆସିବା ବନ୍ଦ ହୋଇଗଲାଣି କହିଲେ ଚଳେ । ଦେଖା ସାକ୍ଷାତ ଟା ଗୋଟିଏ ସମ୍ପର୍କୀୟଙ୍କ ବିବାହ ବ୍ରତ ବା ମୋବାଇଲର କଥାବାର୍ତ୍ତା । ନଣନ, ନଣନ୍ଦେଇ, ଜାଆ, ଦେଢଶୂର ସମସ୍ତଙ୍କୁ ଏକାସଙ୍ଗେ ଦେଖି ତାଙ୍କ ମନ ବହୁତ ଆନନ୍ଦିତ ହେଲା । ସୁମନ୍ତ ମଧ ସମସ୍ତଙ୍କ ସହ ବେଶ ଖୁସି ମନରେ ଗପୁଥିଲେ ।

ବସରେ ବସି ସବୁତକ ବୁଢାବୁଢୀ ଶିଖରଚଣ୍ଡୀ ମନ୍ଦିର ଅଭିମୁଖେ ଗ୍ଲିଲେ । ପିଲାଦିନ କଥା ମନେ ପଡୁଥିଲା । ବହୁ ବର୍ଷ ତଳେ ପଦ୍ମିନୀ ଶିଖରଚଣ୍ଡୀ ଦର୍ଶନ କରିଥିଲେ । ସେତେବେଳେ ପାହାଡ ଚଢିବାକୁ ପଡୁଥିଲା । ଏବେ ଗାଡି ମଟର ମନ୍ଦିର ଯାଏଁ ଯାଇପାରୁଛି । କେତେ ଲୋକ ଦଳଦଳ ହେଇ ବଣଭୋଜି କରି ରନ୍ଧାବଢା କରୁଛନ୍ତି । ତାସ ପାଲି ପକାଇଛନ୍ତି । ନଣନ୍ଦ ସର ଅପାଙ୍କ ନାତୁଣୀଟା ତାଙ୍କ ସାଙ୍ଗରେ ଆସିଛି । ଗୋରା ତକତକ କଉତୁକଆ ଛୁଆଟା ହେଇଛି । ସମସ୍ତଙ୍କର ଫଟୋ ହେରିକା ଉଠାଉଠି ପରେ ତଳକୁ ଓହ୍ଲେଇଲେ ।

ପଦ୍ମିନୀ ଖୋଜିହେଲେ । କାହିଁ କୋଉଠି ତ ନାହିଁ । ତାଙ୍କ ଚପଲ ହଳକ ନାହିଁ । ବୋଧହୁଏ କଏ ପାଦରେ ପିନ୍ଧି ପଳାଇଛି । ବାଃ, ଆଜିକାଲି ତ ଜୋତା ଚ୍ରୋରଙ୍କ ଅଭାବ ନାହିଁ । ନାହିଁ ମ, ସିଏ ଗାଡିରେ ରଖି ଦେଇଥିବ କ ଆଉ କେଉଁଠି ଥୋଇ ଦେଇଥିବ। ସୁମନ୍ତ କହୁଥିଲେ । ଏବେ ଫେରିବେ କେମିତି? ପଦ୍ମିନୀ ମନରେ ଭାଳହେଲେ । ସାନଜାଆ ମିନୁ କହୁଥିଲା, ଦେଖିଲ ଏ ଚପଲ ହଳକ ତୁମର ନୁହଁ ତ। ପଦ୍ମିନୀ କହିଲେ ଆଲୋ ଏଇଟା ପରା ଜେଣ୍ଟସ ଚପଲ, ମୋ ଚଟି ଏଇଟା କେମିତି ହେବ। ଏଇଟା ମୋ ଚଟି ପରି ଲାଗୁଛି ସୁମନ୍ତ କହୁଥିଲେ । କନ୍ତୁ ମୋ ଚପଲ ତ ମୋ ପାଦରେ ଅଛି ।

ଯାହାହେଉ ଝୁନୁ ସ୍କୁଲର ସେକ୍ରେଟାରୀ ଗ୍ଉତବାବୁ ଙ୍କ ସ୍କୁଟିରେ ବସି ବସ ପାଖକୁ ପଦ୍ମିନୀ ଗଲେ । ପୁଣି ଜଗନ୍ନାଥ ମନ୍ଦିର ବୁଲିବେ କେମିତି । ଶିଖରଚଣ୍ଡୀ ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ତିନ-ଗ୍ରି କଲୋମିଟର ଦୂର ହେବ । ସେ ଯାହାହେଉ, ଦେଢଶୂର ହେମନ୍ତ ବାବୁ, ଝୁନୁର ବାପା, ବସ ଡ୍ରାଇଭରକୁ କହିଲେ, ହଇହୋ ଡ୍ରାଇଭର ବାବୁ, ତୁମେ ତ ଗାଡି ଛାଡି ଯିବନ । ମାଙ୍କୁ ତୁମ ଚପଲ ହଳକ ଦିଅ । ଡ୍ରାଇଭର ଆଉ କଛି ଉଚ୍ଚବାଚ ନକରି ପାଦରୁ ସ୍ଲିପର ହଳକ ପଦ୍ମିନୀଙ୍କ ଆଡକୁ ବଢାଇଲା ।

ବ୍ୟସ୍ତ ହୁଅନ, ମନ୍ଦିର ଫେରିବା ବାଟରେ ମାଙ୍କର ପାଇଁ ନୂଆ ଚପଲ ହଳେ ଜୋତା ଦୋକାନରୁ କଣିବା । କିଏ କହୁଥିଲା ହଁ, ତୀର୍ଥ ସ୍ଥାନରେ ଚପଲ ହଜିଲେ ଧନ ଲାଭ ହୁଏ । ଏଇଟା ଶୁଭ ।

ପଦ୍ମିନୀ ଜଗନ୍ନାଥ ମନ୍ଦିର ବୁଲି ସମସ୍ତଙ୍କ ସହ ବସ କୁ ଫେରିଲେ । ବାଟରେ ପଡିଆ ବଜାରରେ ଥିବା ବାଟା ଜୋତା ଦୋକାନରୁ ନୂଆ ଚଟି ହଳକ ସୁମନ୍ତ କଣାଇଦେଲେ । ମନର ଖୁସି ମାପ୍ ହୋଇଯାଇଥିଲା । ଯାହାହେଉ, ଟାହି ଟାପରା ଶୁଣୁଥିଲେ ପଦ୍ମିନୀ । ଯାହାହେଉ, ଚଟି ହଳକ ହଜିଲା ବୋଲି ସିନା ନୂଆ ଚଟି କଣାହେଲା । ନହେଲେ ତ ପୁରୁଣା ଚଟିରେ ଚଳ ଯାଉଥିଲା ।

ଭୋଜି ଖାଇ ସମସ୍ତ ଆନନ୍ଦ ମନରେ ଫେରିଲେ । ସୁମନ୍ତ ଗାରେଜରେ ଗାଡି ରଖୁଥିଲେ । ପଦ୍ମିନୀ ମେନ୍ ଗ୍ରୀଲ ତାଲା ଖୋଲି ଦାଣ୍ଡ ଘର କବାଟ ଖୋଲିଲେ ।

ବୁଝିଲେ ଭାଇ, ପଦ୍ମିନୀ ନିଜ ଚଟିଟି ଘରେ ଛାଡି ଯାଇଥିଲେ । ମୋର ଘରପିନ୍ଧା ଚପଲ ଖଣ୍ଡକ ଗୋଡରେ ଗଳାଇ ଭୁଲରେ ଯାଇଥିଲେ ଯେଉଁଟା କ ହଜିଗଲା । ସୁମନ୍ତ କହୁଥିଲେ, କାହାକୁ ଫୋନରେ ।

ପଦ୍ମିନୀଙ୍କୁ ସେପଟରୁ ଫୋନ ରେ ମୀନୁ କହୁଥିଲା, ଯାହା ହେଉ ବଣଭୋଜୀ ସାଙ୍ଗକୁ ଅନ୍ନମିଳନ ତା ସାଙ୍ଗକୁ ନୂଆ ଚଟି ଲାଭ । ତୁମର ତ ସୋନେ ପେ ସୋହାଗା ।

ଆଇଜଲ, ମିଜୋରାମ-୭୯୬୦୦୪
Madhu1691@gmail.com

# ପ୍ରଶ୍ନବାଚୀ – ମାନବ ଜାତିକୁ



ସ୍ୱାଗତିକା ବାହିନୀପତି

ଏ କଣ**?**
ଅବିଶ୍ରାନ୍ତ ପୃଥିବୀର ଆଜି ଅଶାନ୍ତ ରୂପ
ସର୍ବତ୍ର ଆତଙ୍କର ଛାୟା
ପୁଣି ମାୟାରେ ବିସ୍ତାରିତ କାୟା **!**
ପଶୁ ପକ୍ଷୀ ଦାନବ ଠାରୁ ନର
ସବୁ ଆଜି ଏକାକାର
ଏ ମହାମାରୀ ର ତାଣ୍ଡବ ଲୀଳାରେ**...**
କ୍ଷମତା**,** ଧନ**,** ବଳ ସବୁ ଭାଙ୍ଗି ଚୁରମାର
ଏବେ ଖାଲି ହଜାର ହଜାର ଶବ ର ସମ୍ଭାର ।

ଏଇ ତ ଶୁଭୁଛି**...**
ବୁକୁଫଟା ଚତ୍କାର
ହେଲେ ଶୁଣିବ କଏ **??**
ନା ଅଛି ବେଳ ନା ବଳ **!?**
ଏ ତ ଶତାବ୍ଦୀ ଶତାବ୍ଦୀ ଧରି
ପ୍ରକୃତି ଓ ପରମ୍ପରା ର
ବିପରୀତ ମୁଖୀ ହେବାର ଫଳ**....**

ପରିଣାମ ରଚଇ ଏବେ
ଦେଖାଇ ଭୟଙ୍କର ଖେଳ ...

ଆଉ ବୋଧେ ନାହିଁ ଡେରି !
ଯନ୍ତ୍ର ଦୁନିଆର ମନ୍ତ୍ର ଫୁଙ୍କି
ସମ୍ରାଟ ସାଜିଥିବା ମାନବ ସଭ୍ୟ
ଶୁଖିବାକୁ ଶୂନ୍ୟ ସମୁଦ୍ର ପରି...
ଏବେ ବି ସରିନି ସମୟ
ଦେଇପାରେ ନୂଆ ସମ୍ଭାବନା
ପ୍ରଶ୍ନ କରିବାକୁ ମାନବ ଜାତିକୁ...

ଏ ମୃତ୍ୟୁ ନା ଅପମୃତ୍ୟୁ?
ପ୍ରକୃତି ସହ ଖେଳିବାର ପରିଣାମ?
ନା ଆମ ଔଦ୍ଧତ୍ୟପଣର
ଘଟି ଗ୍ଲୁଲିଥିବା କେଉଁ ଏକ
ସ୍ୱର୍ଣ୍ଣିମ ଯୁଗର ଅବସାନ ???

ନବରଙ୍ଗପୁର

# ଆକାଶ କାନ୍ଦୁଛି ପୃଥିବୀ ପାଇଁ



ନନ୍ଦିନୀ ରାଉତ

ଛନ୍ଦ ହୀନ ଆଜି ନସ୍ତବ୍ଧ ବସନ୍ତ
ମନ୍ଦ ମନ୍ଦ ବହୁ ନାହିଁ
ଆକାଶ କାନ୍ଦୁଛି ବିରହି ଯନ୍ତ୍ରଣା
ହୃଦୟେ ଅନେକ ନେଇ।

କାହିଁ କେତେ ଦୂରେ ମୋ ପ୍ରିୟା ପୃଥିବୀ
ରହିଛୁ ସଜେଇ ହୋଇ
ବିଧିର ବିଧାନ ବିଛିନ୍ନ କରିଛୁ
ପ୍ରିତି ପ୍ରେମ ପ୍ରିୟା ପାଇଁ ।

ନଭର ଲୋତକେ ଧରଣୀ ସୌନ୍ଦର୍ଯ୍ୟ
ସବୁ ଆଦ୍ର ଧୋଇଯାଏ
ଆମ୍ର କୁଞ୍ଜ ଠାରେ ପିକ ରହୁନାହିଁ
କୁଆ କାଆ ରାବ ଦିଏ ।

ଡାଲିଆ ଗୋଲାପ ହେନା ର ସହର
ଛିନ୍ନ ଭିନ୍ନ ହୋଇଯାଏ
ଅଦିନଆ ମେଘ ନୁହେଁ କେବେ ଇଏ
ଆକାଶର ଲୁହ ସିଏ ।

ପ୍ରୀତିର ଲୋତକ ଝୁରୁଛି ଝୁରିବ
ପୃଥିବୀ ପ୍ରେୟସି ପାଇଁ
ନରାଧମ ନର ଛାର ଖାର କରେ
ପ୍ରେୟସୀ ସୌନ୍ଦର୍ଯ୍ୟ ବାଇ ।

ଛଳେ ଛଳାୟିତ ଲଳିତ ପାଳିତ
ଯାହା ପାଇଁ ହେଉଥିଲ
ନିଷ୍ଠୁର ମାନବ ଦାନବ ସାଜିଣ
ତା ସୌନ୍ଦର୍ଯ୍ୟ ସାରିଦେଲ ।

ଯାତନା ଜର୍ଜର କ୍ଷୀଣ ଅନ୍ତ ସ୍ୱର
ତଥାପି ପ୍ରିୟ କୁ ଗୃହେଁ
ଅନ୍ତର ତଳର ଗଭୀର କ୍ଷତକୁ
ନିରବେ ଜଣାଇ ଦିଏ ।

ଯେତେ ଦୁରେ ଥିଲେ ଥାଉ ତ ଆକାଶ
ପୃଥିବୀ ତାର ନିଜର
ଅକୁହା କଥାକୁ ବାଣ୍ଟିପାରେ ଏକା
ପ୍ରେୟସୀ ଆଗରେ ତାର ।

ବାଲିପଟ୍ଟା, ଅନୁଗୁଳ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସାବାସ୍ ଓଡିଶା



ଡ. ପ୍ରସନ୍ନ କୁମାର ବଳ

ଓଡିଶା ଗୋଟିଏ ଉପକୂଳ ରାଜ୍ୟ ଏଇ ଭାରତ ବର୍ଷରେ,
ଜଗା ଓ ବଳଆ ଆରାଧ୍ୟ ଦେବତା ସବୁଠୁ ଥାଏ ଶୀର୍ଷରେ ।୧ ।
ପ୍ରାକୃତିକ ଶୋଭା ଭରପୂର ପ୍ରାୟ ପ୍ରତି ପ୍ରତିଟି ଯାଗାରେ,
ପୂରବ ପଶ୍ଚିମ ଉତ୍ତର ଦକ୍ଷିଣ ଯେଉଁ ଯାଗା ମନେକରେ ।୨ ।
ଜଗା ପାଇଁ ପରା ପୁରୀ ତ ପ୍ରସିଦ୍ଧ ସାରା ଜଗତରେ ଆହା,
ମନ୍ଦିର ମାଳନୀ ଭୁବନେଶ୍ୱର ର ସଙ୍ଗେ ସରି କିଏ ପରା ।୩ ।
ନନ୍ଦନ କାନନ ଆହା କ ସୁନ୍ଦର ପକ୍ଷୀ, ପଶୁ ଭରା ଯାଗା,
ଯାହାକୁ ଦେଖିବାକୁ ଶହ ଶହ ଲୋକ କ ଭିଡ କରନ୍ତି ଆହା ।୪ ।
ଶିମିଳିପାଳର ଅଭୟାରଣ୍ୟ ତ ଖଇରୀ ପାଇଁ ପ୍ରସିଦ୍ଧ,
ହନୁମାନ ପ୍ରୀୟ ଗନ୍ଧମାର୍ଦ୍ଦନ ତ ଏହିଠାରେ ଅବସ୍ଥିତ ।୫ ।
ମହାନଦୀ, ବୈତରଣୀ ପରି ନଦୀ ଏହିଠାରେ ପ୍ରବାହିତ,
ଚିଲିକା ହ୍ରଦର ମନଲୋଭା ଶୋଭା କରେ ମନ ବିମୋହୀତ ।୬ ।
ସାଢେ ଚାରୀ କୋଟି ଓଡିଆ ଏଠାରେ କରନ୍ତି ତ ବସବାସ,
ନିଜେ ନିଜେ ଗର୍ବ କରଇ ସମସ୍ତେ ଜଗାଙ୍କର ସିଏ ଦାସ ।୭ ।
ପ୍ରତ୍ୟେକ ଯାଗାର ମହତ୍ତ୍ୱ ରହିଛି, ଅନେକ ଜିନଷ ଲାଗି,
ବାରୀପଦା ମୁଢୀ, ଢେଙ୍କାନାଳ ବରା, କଟକ ଦହିବରା ଆଳୁଦମ୍ ଲାଗି ।୮ ।
ଭୁବନେଶ୍ୱରର ଖଇକୋରା ପୁଣି କରେ ମନ ବିମୋହୀତ,
ଭଦ୍ରଖର ପାଳ ଲଡୁର ସୁଆଦ ନେଇ ସବୁ ଆନନ୍ଦୀତ ।୯ ।
ସାଲେପୁର ରସଗୋଲାର ସୁଆଦ କରଇ ମନ ବିଭୋର,
ପାହାଳର ମିଠା ସାଥି ଦିଏ ତାର ନ କରି ବାଛ ବିଚାର ।୧୦ ।
ବାରିପଦା ମା ଅମ୍ବିକା ପୀଠରେ କେତେ ଭିଡ ସତେ ହୁଏ,
ତାଙ୍କ ସେହି ଦଳା ଖିଚୁଡିର ସ୍ୱାଦ କେବେ କିଏ ଭୁଲି ପାରେ ।୧୧ ।

କେନ୍ଦୁଝର ମା ତାରିଣୀଙ୍କ ପୀଠ କରେ ସର୍ବଦା ଆହ୍ୱାନ,
ରାସ୍ତା କଡେ ମା ଥାଇ ସବୁବେଳେ ଦିଅନ୍ତି ହିଁ ଦରଶନ ।୧୨।
କାକଟପୁରର ଝଙ୍କଟ ବାସିନୀ ସ୍ନେହ ମୟୀ ସିଏ ମାଆ,
ହୁଏତ ଜୀବନ ଧନ୍ୟ ସତେ ମା ତୁହି ସମସ୍ତଙ୍କ ସାହା ।୧୩।
ଯାଜପୁରର ସେ ବିରଜା ମନ୍ଦୀର ସମସ୍ତଙ୍କର ତ ସାହା,
ଯେତେ ଦୁଃଖ ଥିଲେ ଶରଣ ପଶିଲେ ଠାକୁର କରନ୍ତି ଆହା ।୧୪।
ପ୍ରକୃତିର ପରା ଏକ ଅବଦାନ ଓଡିଶା ରୂପରେ ସତେ,
ପ୍ରତ୍ୟେକ କ୍ଷେତ୍ରରେ ଦେଶରେ ଆଗୁଆ ରୋଲ ମଡେଲର ରୂପେ ।୧୫।
ସାଗର କୂଳରେ ଥିବାରୁ ଓଡିଶା କେତେ ଯେ ବିପତ୍ତି ଆସେ,
ମହା ବାତ୍ୟାଠାରୁ, ହୁଡ୍ ହୁଡ୍ ପୁଣି ଫନୀ ଏଠାରେ ବି ପହଞ୍ଚେ ।୧୬।
ପ୍ରତ୍ୟେକ ବିପତ୍ତି ଆସିବା ପୂର୍ବରୁ ରାଜ୍ୟ ତତପର ହୁଏ,
ପ୍ରକୃତୀର ସେହି ବିଭୀଷିକାକୁ ହିଁ ସହଜେ ପାରେଇ ଯାଏ ।୧୭।
ଲୋକେ ଥଇଥାନ କରିବା ଦିଗରେ ଓଡିଶା କେତେ ଆଗୁଆ,
ଓଡିଶାର ପୁଣି କେତେ ନାମ କରେ ବିଶ୍ୱ ଦରବାରେ ପରା ।୧୮।
କହନ୍ତି ସମସ୍ତେ ଓଡିଶାର କାଳେ ବହୁ ଦୂରଦୃଷ୍ଟି ଅଛି,
ଆଜି ଯାହା ସିଏ ଚନ୍ତାତ କରଇ କାଲିକରେ ପ୍ରତିବେଶୀ ।୧୯।
କରୋନା ତ ଏକ ବିପର୍ଯ୍ୟୟ ରୂପ ନେଇ ଆସିଅଛି ଏବେ,
ଓଡିଶା ଏହାକୁ ମୁକାବିଲା ପାଇଁ ଅଣ୍ଟା ଭିଡିଅଛି ସତେ ।୨୦।
ଏହା ତ ଗୋଟିଏ ମହାମାରୀ ରୂପେ ବ୍ୟାପି ଚାଲିଅଛି ବିଶ୍ୱେ,
ଭାରତର ପ୍ରତି ପ୍ରଦେଶରେ ଏହା ଉଗ୍ରରୂପ ନିଏ ସତେ ।୨୧।
ଓଡିଶାର କିନ୍ତୁ ଜନଶକ୍ତୀ ଏତେ ତାକୁ ହିଁ କରେ ପ୍ରହାର,
ସାଢେ ଚାରିକୋଟି ଓଡିଆଙ୍କୁ ନଷ୍ଟେ କରିବ ହିଁ ସେ ଜୁହାର ।୨୨।
ଏଥିପାଇଁ ଆମେ ମାନସିକ ସ୍ତରେ ହେବାରେ ଭାଇ ପ୍ରସ୍ତୁତ,
କରୋନା ତାହାର ରାସ୍ତା ବୁଲାଇବା ପାଇଁ ସତେ ହେବ ବାଧ ।୨୩।
ଜଗା ତ ଯାହାର ଆରାଧ ଦେବତା, କିଏ ତା କରିବ କଣ?
ପାଷାଣ ଠାକୁରେ ସବୁ ଦେଖୁଛନ୍ତି ନଷ୍ଟେ ଛାଡିବେ ତ ବାଣ ।୨୪।

ଉପ ମହାପ୍ରବନ୍ଧକ, ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ଦିବାସ୍ୱପ୍ନ



ଦୀପକ ଷଡଙ୍ଗୀ

## ଦୁଇଟି ଅଣୁ ଗଳ୍ପ

**(୧)**

ଟ୍ରିଙ୍ଗ୍ ଟ୍ରିଙ୍ଗ୍ ଟ୍ରିଙ୍ଗ୍......

ମୋବାଇଲ୍ ଆଲାର୍ମ୍ ଟା ଜୋରରେ ବାଜି ଉଠିଲା  ଠିକ୍ ସକାଳ ୬ଟା ବେଳକୁ । ରାଜୀବ ବାବୁ ଉଠିପଡିଲେ ମୋବାଇଲ୍ ଆଲାର୍ମ୍ ଶୁଣି । ଟ୍ରାଉଜର, ଟି-ସାର୍ଟ ଓ  ଜୋତା ପିନ୍ଧି ବାହାରି ଗଲେ ମର୍ନିଂୱାକ୍ କୁ । ଠିକ୍ ସକାଳ ୭ ଟା ରେ ଫେରି ଆସି ପେପର ପଢିବାକୁ ବସି ପଡିଲେ ।  ତା'ପରେ ପତ୍ନୀ ରେମି ଆଣି ଗ୍ରୀ ବିସ୍କୁଟ ପରଷି ଦେଇଗଲେ । ଠିକ୍ ୯ଟା ବେଳକୁ ସ୍ନାନ କାର୍ଯ୍ୟ ଶେଷ କରି  ଟିଫିନ୍ ଖାଇ ଲଞ୍ଚବକ୍ସ ଧରି ବର୍ତମାନ ରାଜୀବ ବାବୁ ପ୍ରସ୍ତୁତ ଅଫିସ ଯିବା ପାଇଁ । ପତ୍ନୀ ରେମି ଆଣି କୋଟ୍ ପିନ୍ଧେଇ ଦେଲେ  ଓ ବ୍ରିଫକେସ୍ ଆଣି  ଧରେଇ ଦେଲେ । ରାଜୀବ ବାବୁ ଡ୍ରାଇଭରକୁ ଅର୍ଡର ଦେଲେ ଆଜି ଅଫିସରେ ବିଦେଶ ରୁ ଆସିଥିବା ଲୋକଙ୍କ ସହ ମିଟିଂ ଅଛି ତେଣୁ ଆଜି  ତାଙ୍କର ପ୍ରିୟ ବ୍ଲାକ୍ ବିଏମଡବ୍ଲୁ ଗାଡି ବାହାର କରିବାକୁ  । ଠିକ ବାହାରିଲା ବେଳକୁ ଜର୍ମାନ ସେଫୋର୍ଡ କୁକୁର ଟମି ଆସି ପାଖରେ ନେସି ହେଲା ।

ଭାଉ ଭାଉ ଭାଉ .......

ଗୁଉଁକନା କଦ ଭାଙ୍ଗି ଗଲା ରାଜୁଆ ଦିନ ମଜୁରିଆର । ସେପଟେ ବନା ମିସ୍ତ୍ରୀ ଡାକ ପକେଇଲାଣି  "ଆବେ ଏ ରାଜୁଆ !! ଶଳା କାମ କରିବାକୁ ଆସିଛୁ ନା ଏଠି ଦିନ ଦି ପ୍ରହରରେ  ହେଣ୍ଡିମାରି  ଶୋଇବାକୁ ଆସିଛୁ, ଦିନ ଆସି  ୩ଟା ବାଜିଲାଣି  ଖାଇଦେଇ ଶୋଇଛୁ ଯେ ଶୋଇଛୁ  । ଜଲଦି ଆଣ ସିମେଣ୍ଟ ଗୋଳେଇ କ... ଆଜି  ଯାହାହେଲେ ଆମକୁ  ଏ କାନ୍ଥଟା ଉଠେଇ ଦବାକୁ ପଡିବ" । ନହେଲେ ବାବୁ ଆଜି ତୋର ମୂଲ କାଟି

କ ରଖିବେ । ବନା ମିସ୍ତ୍ରୀର ତାଗିଦ ଶୁଣି ରାଜୁଆ କାନମୁଣ୍ଡା ଆଉଁସି ଗଲିଲା ସିମେଣ୍ଟ ଆଉ ବାଲି ଗୋଳେଇବା ପାଇଁ । ଆଉ ଭାବି ଗଲିଥିଲା ଆଉ ଟିକେ ହେଲେ ଦେଖିଥାନ୍ତା ସ୍ୱପ୍ନଟା....

## (୨)

ପିଣ୍ଟୁ ଉପରେ ପ୍ରବଳ ମାଡ ଆଉ ଗାଳି ହଉଛି । ବାପା ରାଗ ତମତମ ହେଇ କହୁଛନ୍ତି "ପଳା ଏ ଘରୁ ତୋ ଭଳି ପୁଅ ମୋର ଆଉ ଦରକାର ନାହିଁ । ହଜାର ହଜାର ଟଙ୍କା ପାଣି ଭଳି ଉଡେଇ ସାରିଲିଣି ତୋ ପଛରେ କନ୍ତୁ ଫଳ ଦୁଇ ଦୁଇ ଟା ବିଷୟରେ ୩୦ ତଳକୁ ନମ୍ବର ରଖି +୨ ପରୀକ୍ଷାରେ ଫେଲ୍ ହେଇଚୁ । ତୋରି ସାଙ୍ଗର ମହେଶ ବାବୁଙ୍କ ପୁଅ ମାନସ କଛି କୁଆଡୁ ଟିଉସନ ନଯାଇ କ ବି ଫାଷ୍ଟ ଡିଭିଜନରେ ପାସ୍ କରିଛି ଆଉ ତୁ"? ସେପଟୁ ରୋଷେଇ ଘରୁ ପିଣ୍ଟୁର ମା କହୁଥାନ୍ତି "ହଉ ଛାଡ!! ପିଲା ଏମିତି କେତେ ଫେଲ ହଉଛନ୍ତି ନା ଆଉ, ତୁମେ ତାକୁ ମାରିଲେ ସେ କଣ ଏବେ ପାସ୍ ହେଇଯିବ । ମୋ ପୁଅ ଆରଥରକୁ ପୁଣି ପରୀକ୍ଷା ଦବ ଆଉ ଦେଖିବ ସେ ଫାଷ୍ଟ ଡିଭିଜନରେ ପାସ୍ କରିବ" । ପିଣ୍ଟୁର ମା ଙ୍କ କଥା ସାରିଛି କ ନାଇଁ ତା ବାପା ଦଉଡି ଆସି ପୁଣି ଦୁଇଟା ବିଧା ଦୁମଦୁମ କରି ଥୋଇଦେଲେ ପିଣ୍ଟୁ ପିଠିରେ । ଚାଉଁକନା ନଦ ଭାଙ୍ଗିଗଲା ପିଣ୍ଟୁର ଘଡିରେ ଦେଖିଲା ଦିନ ୩ଟା ବାଜିଛି । ଧଡପଡ ହେଇ ଉଠି ମୁହଁ ଧୋଇ କ ସାଇକେଲ ନେଇ ବାହାରି ଗଲିଲା କେମେଷ୍ଟ୍ରି ଟିଉସନକୁ । ଆଉ ଭାବି ଗଲି ଥିଲା ଏମିତି ସ୍ୱପ୍ନ ଯେମିତି ତା'ର ଆଉ କେବେ ନ ଆସୁ ...

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

# କବିତା



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ହେ କବିତା......
କରିଛ ହୃଦୟରେ ମୋର ଆଜି ତୁମେ ଘର
ଭାଙ୍ଗିବ ନାହିଁ ସେ ଘରକୁ ତୁମର
କରିବ ଛାଉଣି ତାକୁ ଫୁଲ ଗୋଲାପରେ
ମହକ ଉଠିବ ହୃଦୟଟି ମୋର ତା ବାସ୍ନାରେ

ହେ କବିତା......
ତୁମେ ମୋତି ହେଲେ ମୁଁ ତୁମ ଶାମୁକା
ତୁମେ ଗଛ ହେଲେ ମୁଁ ହେଲି ଛାଇ ପରିକା
ହୋଇଯାଇଛ ତୁମେ ମୋର ଆଜି ପ୍ରେମିକା
ନଇତି ଦେଖେ ମୁଁ ତୁମକୁ ବସି ଏକାଏକା

ହେ କବିତା......
ତୁମେ ନଦୀ ହେଲେ ସୁଅ ହୋଇ ମୁଁ ଛୁଟୁଥିବି
ତୁମେ ଆଇନା ହେଲେ ହୋଇଯିବି ତୁମ ପ୍ରତିଛବି
ତୁମେ ସୂର୍ଯ୍ୟମୁଖୀ ହେଲେ ହେବି ମୁଁ ପ୍ରଭାତର ଭାସ୍କର
ସଦା ଦେଖୁଥିବି ଚେହେରା ଯେ ତୁମର

ହେ କବିତା......
ଦିନଟେ ନ ପଢ଼ିଲେ ତୁମକୁ ପାରେନା ମୁଁ ରହି
ଥରଟେ ନ ଦେଖିଲେ ଅଶ୍ରୁ ମୋର ଯାଏ ବହି
ନ ଭୁଲିବ କେବେ ମୋତେ ତୁମେ ସାଥୀ.....
ପକାଉଥିବ ମନେ ମୋର ଏଇ କଥାଟି ।

ମଠସାହି, ତୁଳସିପୁର

# ମୋ ଷଠିଘର



ନବ କୁମାର ଦାସ

ମୋହରି ଗାଆଁ ମୋହରି ମାଆ
ମୋହରି ପରିବାର
ଯେଉଁଠି ଅଛି ସମ୍ପର୍କ ଗ୍ରହା
ତାହା ମୋ ଷଠିଘର

ମୋ ଷଠିଘରେ ପ୍ରତି ବରଷେ
ହୁଅଇ ଷଷ୍ଠୀପୂଜା
ବନ୍ଧୁ ବାନ୍ଧବୀ ଆସି ମୋ ଘରେ
କରନ୍ତି କେତେ ମଜା

ଜନମ ଠାରୁ ବଢିଛି ମୁହିଁ
ମାଟି ବାସନା ପାଇ
ତାର ରଙ୍ଗକୁ ଦେହେ ଲ୍‌ଗାଇ
ଆନନ୍ଦେ ଖେଳ ମୁଁ ଯାଇ

ମୋ ଷଠିଘର ଆରମ୍ଭ ଏକ
ଜୀବନ ଯାତଗ୍ରର
ସୁଦ୍ଧ ସଂସ୍କାର ପ୍ରୀତି ମହକ
ଅଭୁଲ୍ ମନୋହର

ଗୁରୁଣ୍ଡି ମୁହିଁ ପାଦ ପକାଇ
ଶିଖି ଗ୍ଭଲିଛି ବାଟ
ମୁଁ ଯେ ଶିଖିଛି କଥାଟି କହି
ନାହିଁ କନ୍ଦା ଉକ୍‌ଟ

ବାଲିଆପାଳ, ବାଲେଶ୍ୱର

# ପଖାଳ



ନରେନ୍ଦ୍ର ପ୍ରସାଦ ବେହେର୍

ଓଡିଆଙ୍କ ପ୍ରିୟ    ପଖାଳ ଭାତ ଯେ
    ଖାଇବାକୁ ଲାଗେ ମଜା
କେଡେ ସୁଆଦିଆ    ସକାଳ ପଖାଳ
    ତା' ସାଙ୍ଗକୁ ଆଳୁ ଭଜା ।୧।

ଶରୀରକୁ ଥଣ୍ଡା    ରଖିଥାଏ ପୁଣି
    ନିଦ ଆଣିଦିଏ ବେଶି
ପିଲାଠାରୁ ବୁଢ଼ା    ସଭିଙ୍କ ଆଦର
    ଘରଣୀ ହୁଅନ୍ତି ଖୁସି ।୨।

ମୂଲିଆ ପୁଅଟି    ହଳଠିଆ କରି
    ହିଡମୁଣ୍ଡେ ଯେବେ ବସେ
ମାଲିକ ପଖାଳ    ମନଭରି ଖାଇ
    ଆନନ୍ଦରେ କେତେ ହସେ ।୩।

ବିଦେଶରେ ଥିବା    ଓଡିଆ ଭାଇଙ୍କୁ
    ମିଳେନ ଗାଆଁ ପଖାଳ
ଘରକୁ ଆସିଲେ    ମାଆକୁ କହନ୍ତି
    ପଖାଳ ଦିଅ ସଅଳ । ୪ ।

କାଠଚୁଲି ରନ୍ଧା ପଖାଳ ଭାତକୁ
ଦେଖିବା ହେଲା ସପନ
ଆଜିର ଘରଣୀ କାଠଜାଳ ଛାଡି
ଗ୍ୟାସରେ ଦେଲେଣି ମନ ।୫।

ହାଣ୍ଡି ଆଉ କଳା ପଡୁନାହିଁ ଏବେ
ସ୍ରୋଷେଇରେ ଗୋଳମାଳ
ମିଳୁନାହିଁ ମଜା ଯେବେଠୁ ଉଠିଲା
ମାଟି ହାଣ୍ଡିର ପଖାଳ ।୬।

ଆଳନ୍ଦା, ଖଇରା, ବାଲେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଲକ୍ଷ୍ମଣରେଖା



ପ୍ରକାଶ ଚନ୍ଦ୍ର ପଣ୍ଡା

ଟାଣିଦିଅ ଗୋଟେ ଲକ୍ଷ୍ମଣ ରେଖାଟେ
ନିଜ ଘର ଅଗଣାରେ,
ନିଜ ପାଇଁ ଅବା ଏ ସମାଜ ପାଇଁ
ମଙ୍ଗଳ ଅଛି ସେଥିରେ ।
ତ୍ରେତୟା ଯୁଗରେ ଲକ୍ଷ୍ମଣରେଖାକୁ
ନମାନି ମାଆ ଜାନକୀ
ଚଉଦ ବରଷ ଅଶୋକ ବନରେ
ରହିଲେ ସୀତା ମା ଦୁଃଖି ।
କଳିଯୁଗେ ଆଜି ଏ ଲକ୍ଷ୍ମଣରେଖା
ସତେ କି ଗୋଟିଏ ବାଜି
ନମାନିଲେ ଏହି ମାନବ ସମାଜ
ରସାତଳେ ଯିବ ହଜି ।
ଆମ ଭାଗ୍ୟରେଖା ଏହି ରେଖାସହ
ସତେକି ରହିଛି ଯୋଡି
କରୋନା ଭୂତାଣୁ ଦୌରାତ୍ମ୍ୟ ଦାଉରୁ
ସଭିଏଁ ଯିବାରେ ଲଢି ।

ଘାତ ପ୍ରତିଘାତ ବହୁତ ଆସିଛି
ଜିତିଛି ଏ ଦେଶ ଆମ
ସାର୍ଵ ଗ୍ଇଜରେ ଏ ଦେଶ ମହାନ
ନ୍ହଁ ହଇ କେ ତାର ସମ ।
ବହୁ ଅସ୍ତ୍ର ଶସ୍ତ୍ରେ ଲଢ଼ିଛନ୍ତି ଆମେ
ଅତୀତ ରହିଛି ସାକ୍ଷୀ
କେତେ କେତେ ବୀର ଦେଇଛନ୍ତି ପ୍ରାଣ
ଜୀବନକୁ କରି ବାଜି ।
ବିନା ଅସ୍ତ୍ରେ ଆଜି ଲଢ଼ିବାକୁ ହେବ
ସଂକ୍ରମଣର ସମର
ହରେଇବା ହେବ ଆମର ସଂକଳ୍ପ
ସମସ୍ତେ ଏହିଠି ବୀର ।
ହେ ବୀର ସନ୍ତାନ ଏ ମାଟିର ପୁତ୍ର
ସଭିଏଁ କର ଶପଥ
କରୋନା ଭୂତାଣୁ ବିପକ୍ଷେ ଲଢ଼ିବା
କରିବା ଦେଶୁ ନପାତ ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# କରୋନା ପାଇଁ ପଦେ.....

କୃଷ୍ଣଚନ୍ଦ୍ର ମହାପାତ୍ର

ବୈଚିତ୍ର୍ୟମୟ ବିଶ୍ୱମଞ୍ଚ ର ବିଭ୍ରାଜ ବିଷେର ବିଷରେ ବୈରୁପ୍ୟର ବୋଧକ । ଦୁର୍ବୁଦ୍ଧି ଦେଶର ଦୁର୍ବାସନା ଦୁରଭିଳାଷ ଦୃଷ୍ଟି ଦୋହଲାଇ ଦେଇଛି ଦେଶାନ୍ତର ର ଦୋଦୁଲ୍ୟମାନ ଦୈନନ୍ଦିନ କାର୍ଯ୍ୟକଳାପ । ଭୂମଣ୍ଡଳର ଭୂଚିତ୍ରରେ ଲାଗିଛି ଭୂଛାୟା । ନବଜାତ କରୋନାର ନିଦାରୁଣ ଚକ୍ରାର ନୃତ୍ୟ ନିଦର୍ଶନ । ବ୍ୟଥିତ ବ୍ୟକ୍ତି ବ୍ୟାପକବୈଭବର ବୃନ୍ଦାର ବିଲୋଚନ ପାଇଁ ବ୍ୟଗ୍ର ।

ଲକଡାଉନ୍, ସଟ୍ ଡାଉନ୍, କ୍ୱାରେଣ୍ଟାଇନ୍, ଆଇସୋଲେସନ୍ ପରି ଅନେକ ଶବ୍ଦ ଆମେ ଏବେ ପ୍ରତିଦିନ ଶୁଣୁଛୁ । ଧରାପୃଷ୍ଠରେ ଆତଙ୍କ ସାଜିଥିବା ଅଜଣା କରୋନା ଭାଇରସ୍ ଆଜି ଆବାଳ ବୃଦ୍ଧବନିତା ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣା । ପ୍ରକୃତି ସାମ୍ନାରେ ହାର ମାନିଛି ଗୁଲାକ୍ ଚତୁର ମଣିଷ । ପଶୁ, ପକ୍ଷୀ ଓ ଜୀବଜାଳି ମାନଙ୍କୁ ବନ୍ଦୀ କରୁଥିବା ମନୁଷ୍ୟ ଆଜି ନିଜେ ଗୃହବନ୍ଦୀ । ପର୍ଯ୍ୟଟନସ୍ଥଳୀ ଠାରୁ ଆରମ୍ଭ କରି ଧାର୍ମିକପୀଠ, ଶିକ୍ଷାଳୟ ଠାରୁ ଆରମ୍ଭ କରି ଦେବାଳୟ ସବୁକିଛି ବନ୍ଦ । ପ୍ରତ୍ୟେକ ଦିନ ଟିଭି ପରଦାରେ ଦେଖୁଛେ – କରୋନା ପଜେଟିଭ୍ ଚିହ୍ନଟ, ଆକ୍ରାନ୍ତ ଓ ମୃତ ଲୋକଙ୍କ ଖବର । ରାଜନୀତିର ପାଣିପାଗରେ ଦେଖାଦେଇଛି ପରିବର୍ତ୍ତନର ଚିତ୍ର । ଦଳଗତ ନିର୍ବିଶେଷରେ ସମସ୍ତେ ଏକାଠି କଷୁଛନ୍ତି କରୋନାର ଅଙ୍କ ଓ ତିଆରି କରୁଛନ୍ତି ସମାଧାନର ସୂତ୍ର । ସତରେ ଧନ୍ୟବାଦର ପାତ୍ର ଡାକ୍ତର, ନର୍ସ, ପୋଲିସ୍, ସଫେଇ କର୍ମଚାରୀ ଓ ସମାଜସେବୀ । ନିଜର ଅଦମ୍ୟ ଶକ୍ତି ଓ ପ୍ରାଣମୂର୍ଚ୍ଛା ଉଦ୍ୟମରେ ସେବାର ମୂର୍ତ୍ତିମନ୍ତ ପ୍ରତୀକ ସାଜି ଦେଉଛନ୍ତି ସଚେତନତାର ବାର୍ତ୍ତା ।

ତଥାପି ଆମେ ଅମାନ୍ୟ । ସମୟ ଆସିଛି ଆମକୁ ନିଜ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ । ନିଜର ତଥା ନିଜ ପରିବାରକୁ କରୋନା ଠାରୁ ଦୂରେଇ ରଖିବା ପାଇଁ ଯଥାସାଧ୍ୟ ନିୟମ ଅବଲମ୍ବନ କରିବାକୁ ପଡିବ । ଏହି ଘଡିସନ୍ଧି ସମୟରେ ଦେଶ ତଥା ଜାତିର ସୁରକ୍ଷା ପାଇଁ ସାମାଜିକ ଦୂରତା ବଜାୟ ରଖିବାକୁ ପଡିବ । ଜରୁରୀ ନଥିଲେ ଘରୁ ବାହାରକୁ ଯିବା ନାହିଁ । ମାସ୍କ ପିନ୍ଧିବାକୁ ଭୁଲିବା ନାହିଁ ।

"ପୁଣି ଆସିବ ସମାଜେ ପ୍ରଗତି
ନିର୍ବିକଳ୍ପ ନେବ ବିକଳ୍ପର ଗତି
ସମୟ ଆସିଛି ସଚେତନ ହେବା
କରୋନା ପାଇଁ ସାବଧାନ ହେବା ।"

ତଳସାହି, ପୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆଫ୍ରିକାରେ ଜିମ୍ କରବେଟ୍: ଯୁବରାଣୀଙ୍କ ସହ ବୃକ୍ଷ ଉପରେ କୋଡିଏ ଘଣ୍ଟା

ପ୍ରିୟବ୍ରତ ପାତ୍ର

ଆଫ୍ରିକାର ସାଭାନା ତୃଣଭୂମି ମଧ୍ୟସ୍ଥ କୌଣସି ଏକ ନକାଞ୍ଚନ ଜାଗାରେ ଥିବା କୁଟୀର ମଧ୍ୟରେ ବସିଥିଲେ ଜଣେ ପଚସ୍ତରୀ ବର୍ଷୀୟ ବୃଦ୍ଧ । ସେଇ କ୍ଳାନ୍ତ ଅପରାହ୍ନରେ, ପାଖରେ ଥିବା ସ୍ତିମିତ ପ୍ରଦୀପଟିଏ ଓ କୁଟୀର ଚାଳରୁ ଓହଳଥିବା ପୁରୁଣା ଲଣ୍ଠନଟିଏ ଯତକିଞ୍ଚିତ୍ ଆଲୁଅ ବିଛାଡି ଚାଲିଥିଲେ । ଉତ୍ତପ୍ତ ଦିବସ ଅନ୍ତେ ଆଫ୍ରିକା ଆକାଶକୁ ବହଳ ଅନ୍ଧାର ଘୋଟି ଆସୁଥିଲା ଏବଂ ରାତ୍ରୀ, ପ୍ରେମମୟୀ ମା ରୂପେ ଥଣ୍ଡା ଥଣ୍ଡା ହାବୁକା ବପନର ପଣତକାନରେ ଦିବସର କ୍ଷତାକ୍ତ ସନ୍ତାନମାନଙ୍କୁ ପୋଛି ପକାଉଥିଲା । ବୃଦ୍ଧ ଜଣକ ଅପଲକ ନୟନରେ ଝରକା ଦେଇ ଅମାବାସ୍ୟାର ଅନ୍ଧାର ଦିଗେ ଚାହିଁ ରହିଥିଲେ । ସେ ଭାରତ କଥା ଭାବୁଥିଲେ ।

ସେଇ ବୃଦ୍ଧ ଜଣକ ଥିଲେ, ଆମ ଦେଶର, ସବୁରି ପ୍ରିୟ, ପ୍ରକୃତି ବନ୍ଧୁ ଓ ବ୍ୟାଘ୍ର ସଂରକ୍ଷଣର ପ୍ରଥମ ଉଦ୍ୟୋକ୍ତା ଜିମ୍ କରବେଟ୍ ମହାଶୟ । ତାଙ୍କ ପାଖରେ ଆଉଜଣେ ବୃଦ୍ଧା ଥିଲେ, ସେ ହେଲେ କରବେଟ୍ ଙ୍କ ଭଉଣୀ ମାଗି । ଭାଇ, ଭଉଣୀ ଦୁଇଜଣ ସେଇ କ୍ଷୁଦ୍ର କୁଟୀରଟିରେ ବଡ ଆନନ୍ଦରେ ଥିଲେ । ରାତି ହେଲେ କୁଟୀରଠୁ ଅଳ୍ପ ଦୂରରେ ପଲପଲ ନଶାଚରମାନେ ଭୟଙ୍କର ଶବ୍ଦ ଆରମ୍ଭ କରି ଦେଉଥିଲେ । ସିଂହମାନଙ୍କ ରଡିରେ କଲିଜା ଥରି ଯାଉଥିଲା । ବାଘଙ୍କ ହେଣ୍ଟାଳରେ ଘରର ତାଟିକବାଟ ଦୁଲୁକ ଉଠୁଥିଲା । ମଝିରେ ମଝିରେ ରହିରହି ବିଲୁଆ ଓ ଗଧିଆଙ୍କ ଦିଗନ୍ତ ବ୍ୟାପି ସଂକ୍ରମିତ ଶବ୍ଦ କୌଣସି ଏକ ବିଭୀଷିକାମୟ କାଳରାତ୍ରୀର ଆଗମନକୁ ସୂଚତ କରୁଥିଲା । ଦିବସ ଅନ୍ତେ ତୃଷାର୍ତ୍ତ ବଣ୍ୟଜନ୍ତୁମାନେ ନକଟସ୍ଥ ଜଳପୂର୍ଣ୍ଣ ଗୋହିରୀ ଆଡକୁ ଚାଲୁଥିଲେ । ଏଣେ ଗୋହିରୀ ମଧ୍ୟରେ ଜଳଦୈତ୍ୟ ପ୍ରାୟେ ଛକ ବସିଥିଲେ କୁମ୍ଭୀର ଓ ଘଡିଆଳ । ତାଙ୍କ ପାଖେ ପାଖେ

ବଡ ନିର୍ବିକାର ଭାବେ ଭାସମାନ ପର୍ବତ ପ୍ରାୟେ ପଡିରହିଥିଲେ ତୃଣଭୋଜୀ ଜଳହସ୍ତୀମାନେ । ଦିନବେଳା ଏହି ଗୋହିରୀର ଅତିଥିମାନେ ହେଲେ – ବଣୁଆ କୁକୁର, ଜିରାଫ୍, ଜେବ୍ରା, ବଣ୍ୟଗଧ ଓ ଘୋଡା, ବାରହା, ହାତୀ, ଗୟଳ, ମାଙ୍କଡ, ହରିଣ, ସମ୍ବର ଇତ୍ୟାଦି ଇତ୍ୟାଦି । ଏହା ହିଁ ତ ଆଫ୍ରିକାର ଆକାଶ ନୟତ ଅବଲୋକନ କରୁଥିବା ରଙ୍ଗମଞ୍ଚର ଦୃଶ୍ୟାବଳୀ । ଆଖି ପଲକ ପଡିବା ଭିତରେ କାହାର ନା କାହାର ମୃତ୍ୟୁ ଘଟୁଥାଏ, ଶକ୍ତ ଦନ୍ତ ଓ ନଖ ଆଘାତରେ ଦୁର୍ବଳ ବା ତୃଣଭୋଜୀ ପ୍ରାଣୀଟିଏ ଭୂଇଁ ଉପରେ ଲୋଟି ପଡୁଥାଏ ।

ଦେଶ ସ୍ୱାଧୀନ ବର୍ଷ, ଅନ୍ୟାନ୍ୟ ହଜାର ହଜାର ଇଂରେଜଙ୍କ ପରି କରବେଟ୍ ମଧ୍ୟ ଭାରତ ଛାଡିବାକୁ ନିଷ୍ପତ୍ତି ନେଇଥିଲେ । ଇଂରେଜ ଶାସିତ କେନଆରେ କରବେଟ୍ ଙ୍କ ଅନେକାଧିକ ଝିଆରି, ପୁତୁରା, ବନ୍ଧୁବାନ୍ଧବ ରହୁଥିଲେ । କେନଆର ଲେଫଟନାଣ୍ଟ କର୍ଣ୍ଣେଲ୍ ତଥା ନୈନୀତାଲ୍ ର ଭୂତପୂର୍ବ କମିଶନର ତାଙ୍କୁ କେନଆକୁ ନିମନ୍ତ୍ରିତ କରୁଥିଲେ । ଏଣେ ସାଭାନ୍ନା ହେଉଛି ପୃଥିବୀର ସବୁଠୁ ହିଂସ୍ର ପଶୁଙ୍କ ଦ୍ୱାରା ଆକ୍ରାନ୍ତ ଅଞ୍ଚଳ – ଯାହାକ କରବେଟ୍ ଙ୍କୁ ହାତଠାରି ଡାକୁଥିଲା । ତେଣୁ ପଚସ୍ତରୀ ବୟସରେ ନିଜ ଭଉଣୀ ସହ ହିମାଳୟ ଛାଡି କରବେଟ୍ ପହଞ୍ଚିଲେ କେନଆରେ । ନିଜର ଚିର ପରିଚିତ ହିମାଳୟୀ ପରିବେଶରୁ ମୁକ୍ତ ରହି, ଅନେକ ଅଭ୍ୟାସଗତ ଜଞ୍ଜାଳ ଓ ଦାୟିତ୍ୱରୁ ମୁକ୍ତ ରହି, ନିଜର ବିସ୍ତୀର୍ଣ୍ଣ ଜୀବନାନୁଭୂତିକୁ ଲିପିବଦ୍ଧ କରିବାରେ ଏହି ନୂଆ ଜାଗା ଖୁବ୍ ଅନୁକୂଳ ହେଲା । କେନଆର ରାଜଧାନୀ ନାଇରୋବି ସହରଠୁ ଶହେ କିଲୋମିଟର ଦୂରରେ NYERI ଗାଁ ର OUTSPAN Hotel ଠାରୁ ଭଡା ସୂତ୍ରରେ ଏକ କୁଟୀର ନେଇ ସେଠାରେ ମୃତ୍ୟୁ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ୧୯୫୫ ରେ ତାଙ୍କର ଦେହାନ୍ତ ପରେ ଭଉଣୀ ୧୯୬୩ ପର୍ଯ୍ୟନ୍ତ ସେଠାରେ ଏକାକୀ ଥିଲେ ଏବଂ ଭଉଣୀ ମାଗିଙ୍କ ମୃତ୍ୟୁର କିଛିମାସ ପରେ କେନଆ ସ୍ୱାଧୀନ ହୋଇଥିଲା ।

ଏହି ନୂଆଁ ଜାଗାଟିରେ ଗଛ ସବୁ ବିନା ବନ୍ଧନରେ ବଢୁଥିଲେ । ପଶୁକୁଳ ଗର୍ଜନ କରି ସ୍ୱଚ୍ଛନ୍ଦରେ ବୁଲୁଥିଲେ, ତୃଣଭୋଜୀମାନେ ଶହଶହ ସଂଖ୍ୟାରେ କୁଦା ମାରି ଦିବସରେ

ଗୋଧୂଳ ସୃଷ୍ଟି କରୁଥିଲେ । ଭରପୂର ସ୍ୱଚ୍ଛ ପବନ ବହୁଥିଲା ଏବଂ ମୁକ୍ତ ଆକାଶରେ ସୂର୍ଯ୍ୟ ଚକଚକ୍ କରୁଥିଲେ – ଏ ସବୁ ପାଇଁ କରବେଟ୍ ଜାଗାଟିକୁ ଖୁବ୍ ଭଲ ପାଉଥିଲେ ।

ଆଫ୍ରିକା ରହଣି ବେଳେ କରବେଟଙ୍କ ଶବ୍ଦକୋଷରେ "ବନ୍ଧୁକ" ଶବ୍ଦରୁ "କ" ଉଭେଇ ଯାଇ କେବଳ ବନ୍ଧୁ ରହିଯାଇଥିଲା । ନିକଟସ୍ଥ CITROEN ଅଭୟାରଣ୍ୟ ଏବଂ ସୀମାପାର ଦେଶ ଉଗାଣ୍ଡା ଭିତରକୁ ଯାଇ ସେ ଆଫ୍ରିକୀୟ ଅତିକାୟ ଜୁମ୍ବୋ ହାତୀଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ, ଫଟୋ ଉଠାଉଥିଲେ । ନିଜ ଘର ଚୁରିପାଖକୁ ପକ୍ଷୀମାନଙ୍କ ଏକ ପ୍ରାକୃତିକ ଚଡିଆଖାନାରେ ପରିଣତ କରିଥିଲେ । ଗୋଟିଏ ହୁଇସିଲ୍ ଡାକରେ କଛି ପୋଷା ବାଜ ପକ୍ଷୀ କରବେଟ୍ ଙ୍କ ହାତରୁ ଆହାର ନେଇ ଆକାଶରେ ଲୀନ ହି ଯାଉଥିଲେ । କୁମାୟୁନରେ ଥିବାବେଳେ ଲିପିବଦ୍ଧ କରାଯାଇଥିବା ଶିକାରୀ ଜୀବନର ଅସୁମାରୀ ଅନୁଭୂତିକୁ ସାଉଁଟି ପୁନଶ୍ଚ ଲେଖା ଚାଲିଲା ଅମୂଲ୍ୟ କାହାଣୀସବୁ । କୁମାୟୁନ ଲୋକଙ୍କ ଅସରନ୍ତି ଦୁଃଖ ଦୁର୍ଦ୍ଦଶା, ଆଶା, ହତାଶା, ଛୋଟ ଛୋଟ ଖୁସି, ପ୍ରକୃତିର ଭୀମକାନ୍ତ ରୂପ, ହିମାଳୟର ଆହ୍ୱାନ – ଏସବୁ ଜୀବନ୍ତ ହୋଇ ଉଠୁଥିଲେ । ଏଠାରେ ଲେଖାଯାଇଥିବା ପୁସ୍ତକ ସବୁ ହେଲା – ରୁଦ୍ରପ୍ରୟାଗର ବାଘ, ମୋ ଭାରତ, ଜଙ୍ଗଲ ଗୀତ, ମନ୍ଦିରର ବାଘ ଓ TREE TOPS (ଯାହାର ଓଡିଆ ଅନୁବାଦ ଏ ପର୍ଯ୍ୟନ୍ତ ହୋଇନାହିଁ) । TREE TOPS ଆଫ୍ରିକା ଅନୁଭୂତି ଉପରେ ପର୍ଯ୍ୟବେସିତ, ଯାହାକି କରବେଟ୍, ମୃତ୍ୟୁର ପନ୍ଦର ଦିନ ପୂର୍ବରୁ ସମ୍ପୂର୍ଣ୍ଣ କରିଥିଲେ ଏବଂ ମୃତ୍ୟୁପରେ ତାହା ପ୍ରକାଶିତ ହୋଇଥିଲା । ଶେଷ ସମୟରେ ମଧ୍ୟ ସେ ଆଫ୍ରିକାରେ ରୀତିମତ ବଣ୍ୟଜନ୍ତୁ ସଂରକ୍ଷଣର ଏକ ସଚେତନ ଆନ୍ଦୋଳନର ନେତୃତ୍ୱ ନେଉଥିଲେ । ଇଂଲଣ୍ଡର ଯୁବରାଣୀଙ୍କ ସହ ବୃକ୍ଷ ଶିଖରରେ କୋଡିଏ ଘଣ୍ଟାର ଅନୁଭୂତିକୁ ସେ ବଡ ଚମତ୍କାର ଭାବେ TREE TOPS ରେ ବର୍ଣ୍ଣନା କରିଛନ୍ତି ।

୧୯୫୨ ମସିହା ଫେବୃୟାରୀ ମାସରେ, ଯୁବରାଣୀ ଏଲିଜାବେଥ୍ ଓ ସ୍ୱାମୀ ଏଡିନବର୍ଗର ଡିଉକ୍ ରାଜକୁମାର ଫିଲିପ୍ ଏକ ଜଙ୍ଗଲ ସଫାରୀ ପାଇଁ କେନିଆ ଆସିଥିଲେ । NYERI ସହରଠାରୁ ୨୦ କ.ମି. ଦୂରରେ SAGANA ର TREE TOPS ଲଜ୍ ରେ ସେମାନେ ରହିଥିଲେ । ଏହି ଲଜ୍ ଥିଲା ବିଶାଳ ଫାଇକସ୍ ବୃକ୍ଷ ଉପରେ ମଞ୍ଚା ବନ୍ଧାଯାଇ ତା ଉପରେ

କାଠ ନିର୍ମିତ ଦୁଇଟି କମରା ବିଶିଷ୍ଟ କୋଠରୀ । ଆଫ୍ରିକାର ABERDARE ସଂରକ୍ଷିତ ଜଙ୍ଗଲର ପଶୁପକ୍ଷୀଙ୍କୁ ଦେଖିବା ପାଇଁ ଏହି କମରା ଦୁଇଟି ପୃଥିବୀ ପ୍ରସିଦ୍ଧ । ଏହି କମରାରୁ ୧୪୦୦୦ ଫୁଟ ଉପରିସ୍ଥ ତୁଷାର ବିମଣ୍ଡିତ ମାଉଣ୍ଟ କେନଆ ଦେଖାଯାଏ । ସେଇ ବୃକ୍ଷ ତଳେ, ସନ୍ନିକଟେ ଏକ ବଡ ସରୋବର ଓ ପାଣିକାଦ ପୂର୍ଣ୍ଣ ସନ୍ତସନ୍ତିଆ ଜାଗାଟିଏ ଥିଲା ।

TREE TOPS ରେ ରାଜପରିବାର ସହ ଗୋଟିଏ ପୁରାଦିନ ରହିବା ପାଇଁ ଖୋଦ୍ ଯୁବରାଣୀ କରବେଟ୍ ଙ୍କୁ ନିମନ୍ତ୍ରିତ କରିଥିଲେ । ପୃଥିବୀର ଅର୍ଦ୍ଧାଧିକ ଜାଗା ଉପରେ ପ୍ରଭୁତ୍ୱ ବିସ୍ତାର କରିଥିବା ତଥା ସୂର୍ଯ୍ୟ କେବେ ଅସ୍ତ ହେଉନଥିବା ବିଶାଳ ଇଂରେଜ ସାମ୍ରାଜ୍ୟ ର ଯୁବରାଣୀଙ୍କ ସହ ଗଛ ଉପରେ ଦିନଟିଏ କଟେଇବା ଯେ କୌଣସି ଇଂରେଜଙ୍କ ପାଇଁ ବିରଳ ସୌଭାଗ୍ୟ । ସେଦିନ କରବେଟ୍ (୭୬ ବର୍ଷ) ଭଲଭାବେ ଦୁଇଥର କ୍ଷର ହୋଇ ସବୁଠୁ ଭଲ ଇସ୍ତ୍ରୀକରା ପୋଷାକ ପିନ୍ଧି ବଡ ଉତ୍ସାହୀ ଦିଶୁଥିଲେ । ଅଦୂର ସରୋବରରେ ଲମ୍ବା ଲମ୍ବା ବେକ ଥିବା ଲମ୍ବା ଗୋଡିଆ ବଗଟାଏ ପାଣିରେ ଆସ୍ତେ ଆସ୍ତେ ପାଦ ଘୋଷାରି ବେଙ୍ଗ ଧରିବାରେ ବ୍ୟସ୍ତ ଥିଲା । ଏ ପାଖରେ ଦୁଇଟି ପାଣିକୁଆ ନିଜର କୁନକୁନ ଶାବକ ମାନଙ୍କୁ ସାଥିରେ ନେଇ ପାଣିରେ ବୁଡବନ ମାରୁଥିଲେ । ଗୋଟିଏ ଏକଲା ଗଣ୍ଡା କୌଣସି ଅଜଣା କାରଣରୁ ଅତର୍ଚ୍ଛା ଦୌଡିବାରେ ଲାଗିଥିଲା ଓ ମଝିରେ ମଝିରେ ନଇଁପଡି ପାଣିଟିକେ ପିଇ ପୁନଶ୍ଚ ଦୌଡୁଥିଲା । ସରୋବର କୂଳେ, ଆଫ୍ରିକୀୟ କାଜୁ ଜାତୀୟ ଗଛରେ ଦଳେ ମାଙ୍କଡ ନିଜନିଜର ଧଳା ଲାଞ୍ଜକୁ ହଲେଇ ଗଛ ଉପରେ ମୃଗପ୍ରାୟେ  ଦୌଡୁଥିଲେ । ଗଛମୂଳେ ଶାନ୍ତି ଥିଲା, କିନ୍ତୁ ଦୂରରେ ଏକ ହାତୀପଲ ହିତରେ ନେତୃତ୍ୱକୁ ନେଇ ତିନୋଟି ଦନ୍ତାହାତୀଙ୍କ ଭିତରେ ଭୀଷଣ କଳଗୋଳ ଲାଗି ରହିଥିଲା । ହାତୀପଲ TREE TOPS ଦିଗେ ମୁହାଁଇଥିଲେ ଏବଂ ଯୁବରାଣୀ ବାଧ୍ୟ ହୋଇ ଦଉଡି ତିଆରି ନିଶୁଣି ଉପରକୁ ଚଢିଗଲେ । ନିଜ ଭ୍ୟାନିଟ୍ ବ୍ୟାଗ୍ ଓ କ୍ୟାମେରା କରବେଟ୍ ଙ୍କୁ ବଢେଇ ଦେବା ପରେ ଯୁବରାଣୀ ନିଜ ହାତଟି ବଢେଇ ଦେଲେ । କରବେଟ୍ ଯୁବରାଣୀଙ୍କ ହାତକୁ ଟାଣିଧରି, ତିରିଶ ଫୁଟ ଉଚ୍ଚର ନିଶୁଣିରେ ଧିରେଧିରେ ଉପରକୁ ଚଢିଲେ ।

ବୃକ୍ଷ ଉପରେ ରହି ଅପରାହ୍ନ ଓ ରାତିରେ ଦୃଶ୍ୟମାନ ହେଉଥିବା ଜଙ୍ଗଲ ପଶୁଙ୍କ ବିଷୟରେ କରବେଟ୍ ଙ୍କ ମୁଖରୁ ଶୁଣିଲା ବେଳେ ଯୁବରାଣୀ ଖାତାରେ ସେସବୁ ଟିପି ନେଉଥିଲେ । ରାତ୍ରି ଭୋଜନ ସମୟରେ ଯୁବରାଣୀ ସେଠାରେ ଥିବା ଏକମାତ୍ର କୁସନ ଲଗା ଚୌକିଟି କରବେଟ୍ ଙ୍କୁ ଦେଇ ନିଜେ ସାଧା ଚୌକିରେ ବସିଗଲେ । କରବେଟ୍ ମଉଜରେ କହିଥିଲେ – "ଏଇଟି ହେଉଛି, ସମ୍ଭବତଃ ଆପଣ ବସିଥିବା କଠିନତମ କାଠ ଚୌକି" । ଯୁବରାଣୀ ମୁକ୍ତ ଆକାଶ ତଳେ ଜହ୍ନ ଓ ତାରା ଦେଖିଦେଖି ଶୋଇଗଲା ପରେ, କରବେଟ୍ ସାରାରାତି ଉଜାଗର ରହି ଏକମାତ୍ର ସ୍ୱେଚ୍ଛା ଅଙ୍ଗରକ୍ଷୀ ରୂପେ ଜଗି ରହିଥିଲେ । ଜହ୍ନ କିରଣରେ ଅନ୍ୟ ଏକ ଶାୟିତ ଜହ୍ନର ମାର୍ବଲ ରଙ୍ଗର ମୁଖମଣ୍ଡଳକୁ ସୁନା ରଙ୍ଗର ଅସଜଡା କେଶ ଖୁବ୍ ସାଜୁଥିଲା । ଏକଥାକୁ ସ୍ମରଣ କରି TREE TOPS ରେ ସେ ଲେଖିଥିଲେ – ଅର୍ଦ୍ଧ ଶତାବ୍ଦୀ ତଳେ ଗଙ୍ଗା କୂଳେ କୌଣସି ଏକ ଶୀତ ସକାଳରେ ମୁଁ ଠିଆହୋଇଥିଲି ଯୁବରାଣୀଙ୍କ ଜେଜେ ବାପାଙ୍କ ସହ । ଦେଖିଥିବା ସେଇ ରାଜକୀୟ ଚେହେରାର ବଂଶାନୁକ୍ରମିକ ଉତ୍ତର ପିଢି ଭାବେ ଯୁବରାଣୀ ଯେ ସୁନ୍ଦରୀ ହେବେ ଏକଥା ପୁଣି ଅନ୍ୟଥା ହେବ କପରି?

ଯୁବରାଣୀଙ୍କ ପ୍ରତ୍ୟାବର୍ତ୍ତନ ପରେ, କରବେଟ୍ ନିଜର ଜଣେ ପ୍ରକାଶକ ବନ୍ଧୁଙ୍କୁ ଚିଠି ଲେଖିଥିଲେ – ଯେବେ ତାଙ୍କୁ ଦଉଡି ନିଶୁଣି ଚଢିବାରେ ହାତକୁ ଧରି ସାହାଯ୍ୟ କରୁଥିଲି, ସେ ଥିଲେ ଇଂଲଣ୍ଡର ଯୁବରାଣୀ ଏବଂ ସକାଳର ଜଳଖିଆ ପରେ ତାଙ୍କୁ ଓହ୍ଲେଇବାରେ ସାହାଯ୍ୟ କଲାବେଳକୁ ସେ ଇଂଲଣ୍ଡର ମହାରାଣୀ ହୋଇ ସାରିଥିଲେ । କାରଣ ଗଛ ଉପରେ ରାତ୍ରୀ ଯାପନ ସମୟରେ ଇଂଲଣ୍ଡରେ ପିତା ଷଷ୍ଠ ଜର୍ଜଙ୍କ ଦେହାନ୍ତ ହୋଇଥିଲା । ସେ ଦିନ ରାତ୍ରିରେ ଯୁବରାଣୀ ତାଙ୍କ ପୀଡିତ ପିତାଙ୍କ ଯନ୍ତ୍ରଣା ବିଷୟରେ ମତେ ଢେର କଥା କହିଥିଲେ । ଦୁର୍ଭାଗ୍ୟର କଥା, ସକାଳେ ଜଳଖିଆ ଖାଇବା ପରେ ରାଜାଙ୍କ ଦେହାନ୍ତ ଖବର ନେଇ ଟେଲିଗ୍ରାମ ପହଞ୍ଚିଥିଲା । ଇଂଲଣ୍ଡର ନିୟମାନୁସାରେ ରାଜା ବା ରାଣୀଙ୍କ ମୃତ୍ୟୁପରେ, ଯୁବରାଜ ବା ଯୁବରାଣୀ ସେଇ ମୂହୁର୍ତ୍ତରେ ରାଜା ବା ରାଣୀ ରୂପେ ସ୍ୱୀକୃତ ହୋଇଥାନ୍ତି । କହିବା ଅନାବଶ୍ୟକ, ବର୍ତ୍ତମାନ ଯୁଗର ଚର୍ଚ୍ଚିତା ଯୁବରାଣୀ ଡାଏନା ସମୟକ୍ରମେ ସେଇ ଯୁବରାଣୀ ଏଲିଜାବେଥ୍ ଙ୍କ ବୋହୂ ହୋଇଥିଲେ ।

୧୯୫୦ ପ୍ରାରମ୍ଭରେ କେନଆରେ ସ୍ୱାଧୀନତା ପାଇଁ ସଶସ୍ତ୍ର ସଂଗ୍ରାମ "ମଉ ମଉ" ଆରମ୍ଭ ହୋଇ ସାରିଥିଲା । କେତେ ଶବ ବର୍ଷ ଧରି ଇଂରେଜମାନେ ଚଳେଇଥିବା ହତ୍ୟା ଓ ଦମନଲୀଳାର ପ୍ରତିଶୋଧ ସ୍ୱରୂପ କଛି ଇଂରେଜଙ୍କୁ ହତ୍ୟା ମଧ୍ୟ ହୋଇଥିଲା । ଯୁବରାଣୀଙ୍କ TREE TOPS ରୁ ବିଦାୟ ନେବାର କଛି ସପ୍ତାହ ପରେ ପରେ ଉତ୍ତ୍ୟକ୍ତ ଦେଶବାସୀ TREE TOPS ସାଙ୍ଗକୁ, ଯୁବରାଜ ଖେଳଥିବା NYERI POLO CLUB କୁ ମଧ୍ୟ ଜାଳ ଦେଇଥିଲେ । ଅବଶ୍ୟ ଦେଶ ସ୍ୱାଧୀନ ପରେ TREE TOPS ର ପୁନଃ ନର୍ମାଣ ହୋଇଥିଲା ।

ଜୀବନର ଶେଷ ବର୍ଷରେ କରବେଟ୍ ଖୁବ୍ ଅସୁସ୍ଥ ଥିଲେ ଏବଂ ନାଇରୋବିର ହସପିଟାଲ୍ ରେ ଶେଷ ନଶ୍ୱାସ ତ୍ୟାଗ କରିଥିଲେ । ସମସ୍ତେ ଦିନେ ମରନ୍ତି, କନ୍ତୁ କଛି ଲୋକ କମ୍ବଦନ୍ତୀ ଭାବେ ମୃତ୍ୟୁ ପରେ ମଧ୍ୟ ବଞ୍ଚିରୁହନ୍ତି ।

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା



# ବେଳାଭୂମି



ଶ୍ରୀକ୍ଷେତ୍ର ସୁନ୍ଦର

ନିରୋଳା ନିଛାଟିଆ କ୍ଲାନ୍ତ ଅପରାହ୍ନ ବେଳାଭୂମି
ଦୁନିଆର ତମାମ କୋଳାହଳକୁ ପିଠିକରି
ଆଉ ଏକ ଦୁନିଆ ଦୁଆରେ ଠିଆହେଲା ପରି ଲାଗେ
ଏଠି ନା ଅଛି ପ୍ରତିଯୋଗିତା ନା ପୁରସ୍କାର
ଲହଡି ପରେ ଲହଡି ଅଝଟ ଶିଶୁଟି ପରି ଲୋଟି, ପାଦକୁ ଭିଡିଧରି
ଆଗନ୍ତୁର୍ ଆତ୍ମୀୟତା ବଢ଼ାଏ
ସେ ଆତ୍ମୀୟତା ଡୋରିରେ ବନ୍ଧା ମଣିଷ
ବାଲିଘର ତୋଳ ତା ସ୍ୱାକ୍ଷର ଛାଡ଼ି ଯିବାକୁ ଚାହେଁ ବାଲୁକା ଶେଯରେ
ହେଲେ ସତେ କଣ ଏ ସ୍ୱପ୍ନ ଟି ସବୁକୁ
ସାଗର ତା ଗଭୀରତାରେ ଜାଗା ଦିଏ **...... ???**

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

# ଆକାଶ ଓ ସମୁଦ୍ର



ତ୍ରିପତି ପ୍ରଧାନ

ଆକାଶ କହେ
ହେ ମୋହଦଧି
କଣ ତୋର ଦୁଃଖ
କାହିଁକ କ୍ରନ୍ଦନ ରତ
ତୋ କୋଳୁ
ଲକ୍ଷ୍ମୀ, ଅମୃତ, ପାରିଜାତ
ଅମୂଲ୍ୟ ପ୍ରଣୀ ଜାତ
ଏଣୁ, ରତ୍ନଗର୍ଭା
ରୂପେ, ଧନ, ସୌନ୍ଦର୍ଯ୍ୟ
ବଳେ ବଳୟାନ
ପୃଥିବୀ ପ୍ରଳୟେ
ନାହିଁତ ବିନାଶ
ଦୁଃଖ କାହିଁ ଅଛି**?**

ସମୁଦ୍ର କୁହେ
ହେ ଗଗନ
ଶୁନ୍ୟ ରୂପା ତୁହି
ତୋ କୋଳକୁ
କଏ ଆଶେ, କଏ ଯାଏ
ତା ସହ ତୋର ସମ୍ପର୍କ ନାହିଁ
କ ହିସାବ ନାହିଁ
ବର୍ଷାର ବଜ୍ର ଘୋଷ
ବସନ୍ତର ମଳୟ
ବିହଙ୍ଗମର ମାଧୁର୍ଯ୍ୟ
ଋତୁ ରାଣୀଙ୍କ ରୂପସଜ୍ଜା
ମୁ କନ୍ତୁ
ରୂପ, ସମ୍ପର୍କ, ଧନେ ବନ୍ଧା
ଦିନେତ ବିଲୟ ନଷ୍ଟୟ
ତେଣୁ......

ସଂସ୍କୃ ତଶିକ୍ଷକ, ଚକଟି

# ଲକଡାଉନ ଦ୍ୱାରା ଲାଭ ଓ କ୍ଷତି



ବାଲ୍ମୀକି ନାୟକ

ପୃଥିବୀର ଅଧିକାଂଶ ଦେଶରେ କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇ ହଜାର ହଜାର ଲୋକ ମୃତ୍ୟୁ ବରଣ କରୁଛନ୍ତି । ଏହାକୁ ବିଶ୍ୱ ମହାମାରୀ ରୂପେ ସମସ୍ତେ ମାନିଲେଣି । ଭାରତରେ ଏହି ରୋଗ ଟିକିଏ ବିଳମ୍ବରେ ପ୍ରବେଶ କଲା । ଲୋକମାନଙ୍କ ଭିତରେ କରୋନା ଆକ୍ରାନ୍ତ ରୋଗୀଙ୍କ କିଛି ସଂଖ୍ୟା ଜଣା ପଡିବା ପରେ ସରକାର ସତର୍କ ହେଲେ । ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢୁଥିବା ଦେଖି ପ୍ରଧାନମନ୍ତ୍ରୀ ଗତ ମାର୍ଚ୍ଚ ୨୫ ତାରିଖରେ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଦେଶ ବ୍ୟାପି "ଲକଡାଉନ" କରିବାକୁ ଘୋଷଣା କଲେ । WHO ସଂସ୍ଥାର ନିର୍ଦ୍ଦେଶ ଅନୁସାରେ ଲୋକମାନଙ୍କୁ ସୋସିଆଲ ଡିଷ୍ଟାନ୍ସ ବା ପରସ୍ପରଠାରୁ ଦୂରତା ରଖିବା, ନିଜ ନିଜ ଘରେ ହିଁ ରହିବା, ଶରୀରକୁ ସଫା ସୁତୁରା ରଖିବା ଆଦି ପରାମର୍ଶ ଦିଆଯିବା ସହିତ ଦେଶର ସମସ୍ତ ବାୟୁ ସେବା, ରେଳ ସେବା ଓ ବସ ଆଦି ଚଳାଚଳ ବନ୍ଦ କରି ଦିଆଯାଇଛି। କଳ କାରଖାନା ଭଳି ଅନେକ ଉତ୍ପାଦନ କରୁଥିବା ସଂସ୍ଥାନକୁ ମଧ୍ୟ ବନ୍ଦ କରି ଦିଆ ଯାଇଛି। କୃଷି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏହା ପ୍ରଭାବ ପକେଇଛି । ତଥାପି ପରିସ୍ଥିତିରେ ଆଶା ଜନକ ସଫଳତା ମିଳୁନଥିବାରୁ ଏବଂ ରୋଗୀ ଓ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆସନ୍ତା ମଇ ୩ ତାରିଖ ପର୍ଯ୍ୟନ୍ତ ଲକଡାଉନକୁ ବଢେଇ ଦିଆଯାଇଛି । ତା'ପରେ ବି ଦେଶର ଅବସ୍ଥା ଦେଖି ନିର୍ଣ୍ଣୟ ନିଆଯିବ । ଭାରତର ଇତିହାସରେ ଏଭଳି ଦୂରାବସ୍ଥା କେବେ ହୋଇନଥିଲା । ଏହି "ଲକଡାଉନ" ଯୋଗୁଁ କିଛି ଲାଭ ଓ କିଛି କ୍ଷତି ବି ହେଉଛି ।

ଲାଭ - ଲକଡାଉନ ଦ୍ୱାରା ଲୋକମାନଙ୍କର କର୍ମବ୍ୟସ୍ତ ଜୀବନରେ କିଛି ଆରାମ ମିଳିଛି । ପରିବାରର ଛୋଟରୁ ବଡ଼ ପର୍ଯ୍ୟନ୍ତ ଏକାଠି ରହିବାର ସୁଯୋଗ ମିଳିଛି । ଘରର

ବୟୋଜ୍ୟେଷ୍ଠ ଲୋକମାନଙ୍କୁ ଉଚତ ସମ୍ମାନ, ଶ୍ରଦ୍ଧା ଓ ସେବା ମିଳୁଛି । ଚାକିରି କରୁଥିବା ବାପା ଓ ମା'ଙ୍କୁ ନଜର ପିଲାମାନଙ୍କ ସହିତ ମିଶି ଖେଳିବା ହସିବାର ସୁଯୋଗ ମିଳୁଛି । ପ୍ରତିଦିନ ବାହାରର ଅସ୍ୱାସ୍ଥ୍ୟକର ଖାଦ୍ୟ ଯଥା : ପିଜା, ବର୍ଗର, ଅଶୁଦ୍ଧ ତେଲରେ ଛଣା ଯାଉଥିବା ପକୋଡା, ସମୋସା, ବରା ଆଦି, କୋଲ୍ଡ ଡ୍ରିଙ୍କସ ପିଇବା ବନ୍ଦ ହୋଇଛି । ଏହା ସବୁ ଖାଇବା ଦ୍ୱାରା ଅସୁସ୍ଥ ହୋଇ ଡାକ୍ତରଙ୍କ ପାଖକୁ ଦୌଡୁଥିବା ରୋଗୀଙ୍କ ସଂଖ୍ୟା କମ ହୋଇଛି । ଘରରନ୍ଧା ସ୍ୱାସ୍ଥ୍ୟ ବର୍ଦ୍ଧକ ଖାନା ଖାଇବାର ସୁଯୋଗ ମିଳୁଛି । କର୍ମବ୍ୟସ୍ତ ରହୁଥିବାରୁ ଭଲ କରି ନିଦରେ ଶୋଇ ପାରୁନଥିବା ଲୋକମାନେ ମନଭରି ଶୋଇ ପାରୁଛନ୍ତି ମାଦକ ଦ୍ରବ୍ୟ ସେବନ କରୁଥିବା ଲୋକମାନଙ୍କର ଅଭ୍ୟାସରେ ବହୁ ପରିମାଣରେ ରୋକ ଲାଗିଛି ।

ଧର୍ମସ୍ଥଳମାନଙ୍କୁ ସପରିବାର ଯାଇ ସମୟ ଓ ଧନ ଖର୍ଚ୍ଚ କରୁଥିବା ଲୋକମାନଙ୍କର ମୂଲ୍ୟବାନ ସମୟ ଓ ଅନେକ ଧନ ବଞ୍ଚିଯାଇ ପାରିଛି । ନଦୀ ଓ ପୁଷ୍କରିଣୀ ମାନଙ୍କରେ ପିଣ୍ଡଦାନ ଓ ଶ୍ରାଦ୍ଧକରି ପୂଜାଫୁଲ, ମୁଣ୍ଡ ନଣ୍ଡାକରି ଚୂଳ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଫିଙ୍ଗିବା ବନ୍ଦ ହୋଇଥିବାରୁ ସେଠିକାର ପାଣି ଯଥେଷ୍ଟ ସଫା ହୋଇ ଯାଇଛି । ରାସ୍ତାଘାଟରେ ଯାନବାହାନ ଚଳାଚଳ ବନ୍ଦ ହେବାରୁ ବାୟୁ ପ୍ରଦୂଷଣ ବନ୍ଦ ହୋଇଛି । ଦୁର୍ଘଟଣା ଜନିତ ଅପାଙ୍ଗ ଓ ମୃତ୍ୟୁ ସଂଖ୍ୟା ମଧ୍ୟ କମ ହୋଇଛି । ବିଭିନ୍ନ ଦୂଷିତ ଗ୍ୟାସ ନିର୍ଗତ କରୁଥିବା କଳ କାରଖାନା ବନ୍ଦ ଥିବାରୁ ସେ ଅଞ୍ଚଳର ବାୟୁ ଶୁଦ୍ଧ ହୋଇ ଯାଇଛି । ରାଜ୍ୟର କୋଣେ କୋଣେ ପୋଲିସ ମାନଙ୍କର ସକ୍ରିୟତା ଯୋଗୁଁ ଚୋର, ଡାକୁ ଓ ଅସାମାଜିକ ଲୋକମାନଙ୍କର ଧନ୍ଦା ବନ୍ଦ ହୋଇଯାଇଛି । ଚାରି ଦିନରେ ଥରେ ଭଲକରି ସ୍ନାନ କରୁଥିବା ବ୍ୟକ୍ତି ଏବେ ପ୍ରତିଦିନ ଥରେ ସ୍ନାନ କରୁଛି ଏବଂ ଚାରି ଥର ହାତରେ ସାବୁନ ରଗଡି ଧୋଉଛି । ରାସ୍ତା ଉପରେ ମନଇଚ୍ଛା ଖଙ୍କାର ସହିତ ଗୁଟୁଖା ଓ ପାନଛେପ ପକାଉଥିବା ଲୋକ ଫାଇନ ଦେବା ଭୟରେ ସମ୍ଭାଳ ରହୁଛନ୍ତି । ଲକଡାଉନ ଯୋଗୁଁ ଅନ୍ୟାନ୍ୟ ଦେଶ ତୁଳନାରେ ଆମ ଦେଶର ରୋଗୀଙ୍କ ମୃତ୍ୟୁସଂଖ୍ୟା ବହୁତ କମ ରହିଛି ।

**କ୍ଷତି** - ଲକଡାଉନ ଦ୍ୱାରା ଲୋକମାନଙ୍କର ତଥା ମୋଟ ଉପରେ ଦେଶର ହେଉଥିବା କ୍ଷତିର ତାଲିକା ମଧ୍ୟ ବହୁତ ଲମ୍ବା ଦେଖା ଯାଉଛି । ଏହାର ଦୁଃଷ୍ପ୍ରଭାବ ମୂଳତଃ ଗରିବ, ବେରୋଜଗାର ଓ ଖଟିଖିଆ ଲୋକମାନଙ୍କର ମୌଳିକ ମାନବିକ ଅଧିକାର ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ଉପରେ ପଡିଛି । ସରକାରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ଅନେକ ଲୋକ ଖାଦ୍ୟଶସ୍ୟ ପାଇବାରୁ ବଞ୍ଚିତ ରହିଯାଉଥିବା ଖବର ପ୍ରକାଶ ପାଉଛି । ଚିନ୍ତାର ବିଷୟ ହେଉଛି ଏହି ଶ୍ରେଣୀର ଲୋକମାନଙ୍କ ସଂଖ୍ୟା ଆମ ଦେଶରେ ଅଧିକ । ଯେଉଁମାନଙ୍କର ସେ ସବୁ ବସ୍ତୁ ସଞ୍ଚିତ ଅଛି ସେମାନଙ୍କ ପାଇଁ କୌଣସି ସମସ୍ୟା ନାହିଁ । କୃଷି କ୍ଷେତ୍ରରେ କାମ କରିବାପାଇଁ ଶ୍ରମିକ ମିଳୁ ନଥିବାରୁ ବିଭିନ୍ନ ଶସ୍ୟ, ଫଳ ଓ ପନିପରିବା ଉତ୍ପାଦନରେ ବହୁତ ଅଭାବ ଦେଖା ଯାଉଛି । କ୍ଷେତରୁ ବଜାରକୁ ନେଇଯିବାପାଇଁ ଉପଯୁକ୍ତ ଯାନବାହନର ସୁବିଧା ନଥିବାରୁ ଚାଷୀଙ୍କର ଆର୍ଥିକ କ୍ଷତି ହେଉଛି ଏବଂ ଉପଭୋକ୍ତାଙ୍କୁ ଖାଇବାକୁ ମିଳୁନାହିଁ । ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଧନ ରୋଜଗାର କରିବାକୁ ଯାଇଥିବା ଲୋକମାନଙ୍କ ଅବସ୍ଥା ସବୁଠାରୁ ବେଶୀ ଦୟନୀୟ ହୋଇ ପଡିଛି । ସେହି ସ୍ଥାନରେ ସେମାନଙ୍କୁ ରହିବା ଓ ଖାଇବାର କୌଣସି ସୁବିଧା ନଥିବା ଦେଖି ହଜାର ହଜାର ଲୋକ ନିଜର ଗାଁ'କୁ ଫେରିଯିବାକୁ ଉଚାଟ ମଣିଲେ । ଯାତାୟାତର ସମସ୍ତ ସାଧନ ବନ୍ଦ ଥିବାରୁ ନିରୁପାୟ ହୋଇ ଶହ ଶହ କିଲୋମିଟର ପାଦରେ ଚାଲିବା ଆରମ୍ଭ କରିଦେଲେ । ଏହି ଅଭାବନୀୟ ଓ କରୁଣ ଦୃଶ୍ୟ ଦେଖି ହୃଦୟ ତରଳି ଯାଉଥିଲା ।

ଯାହାହେଉ ବିଭିନ୍ନ ରାଜ୍ୟ ସରକାର ସେମାନଙ୍କୁ ବାଟରେ ଅଟକାଇ ରହିବା ଓ ଖାଇବା ବ୍ୟବସ୍ଥା କରିଛନ୍ତି । ତଥାପି ତାହା ହେଉଛି "ସମୁଦ୍ରକୁ ଶଙ୍ଖେ" ବା "ଓଟ ମୁହଁରେ ଜୀରା" ସଦୃଶ୍ୟ । ଛୋଟ ଛୋଟ ପିଲା ଓ ସ୍ତ୍ରୀ ଲୋକମାନଙ୍କୁ ଧରି ଏହି ଖରା ଦିନରେ କିଏ, କେଉଁଠି, କେତେ ପରିମାଣରେ ଖାଇବା ଦ୍ରବ୍ୟ ପାଇ, କିପରି ଦିନ କାଟୁଛି ? ସେକଥା କେବଳ ଆମେ କଳ୍ପନା କରିବା କଥା କାରଣ ସେଠାକୁ ଯାଇ ଦେଖିବାର ଉପାୟ ନାହିଁ । ସେମାନଙ୍କର ଦୂର ଗାଁରେ ରହିଥିବା ପରିବାର ଜନ କେତେ ମାନସିକ ଚିନ୍ତାରେ ରହିଛନ୍ତି, କଳ୍ପନା କରି ହେବନାହିଁ । କାହାର ପୁଅ, କାହାର ସ୍ୱାମୀ, କାହାର ବାପା ଜୀବନ ଧରି

ବିଦେଶରୁ ଘରକୁ ଫେରିବେ କି ନାହିଁ ଭାବି ଭାବି ଆଖିରୁ ନିଦ ହଜି ଯାଇଛି, ଆଖିରୁ ଲୁହ ଶୁଖୁ ନାହିଁ ।

ନିମ୍ନ ମଧ୍ୟବିତ୍ତ ପରିବାର ଲୋକମାନଙ୍କ ଅବସ୍ଥା ମଧ୍ୟ ସନ୍ତୋଷ ଜନକ ନୁହେଁ । ଅନେକ ଲୋକଙ୍କର ଚାକିରି ଚାଲି ଯାଇଛି । ଅନେକ ଲୋକଙ୍କର ଆର୍ଥିକ ଅବସ୍ଥା ଢିଲା ପଡ଼ିଗଲାଣି । ଧାର ଉଦ୍ଧାର କରି ପରିବାର ପୋଷଣ କରୁଛନ୍ତି । ଯେଉଁମାନଙ୍କ ଆଗରେ ଅନିଶ୍ଚିତ ଭବିଷ୍ୟତର କରାଳ ମୂର୍ତ୍ତି ଆସି ଠିଆ ହେଉଛି ତା'ମନରେ ଶାନ୍ତି ଓ ସୁଖ ରହିବ କିପରି ? ବଜାରରେ ପନିପରିବା ଓ ଫଳର ମୂଲ୍ୟ ବହୁତ ବଢି ଯାଇଛି । ପରିବାରର ଚାହିଦା ମୁତାବକ କିଣିବାକୁ ସକ୍ଷମ ହେଉନାହାନ୍ତି ।

କ୍ରମାଗତ ଭାବେ ଘର ଭିତରେ ବନ୍ଦ ରହିବାଦ୍ୱାରା ବହୁତ ଲୋକମାନଙ୍କର ଟେନସନ ବୃଦ୍ଧି ପାଉଛି । ଆଗକୁ କ'ଣ ହେବ ଭାବି ଭାବି ଅତ୍ୟଧିକ ଚିନ୍ତାରେ ଭଲରେ ଶୋଇ ପାରୁନାହାନ୍ତି । ସ୍ତ୍ରୀ ହେଉ କି ପୁରୁଷ ଚିଡିଚିଡା ହୋଇ ଯାଉଛନ୍ତି । ବିଶେଷ କରି ସ୍ତ୍ରୀଲୋକମାନଙ୍କ ଉପରେ ବହୁତ କାମର ବୋଝ ବଢିଯାଇଛି । ପରିବାର ଲୋକମାନଙ୍କର ଫରମାଇସ ପୂରଣ କରୁ କରୁ ସେମାନଙ୍କୁ ଆରାମ କରିବାପାଇଁ ଟିକିଏ ବି ଫୁରୁସତ ମିଳୁନି ।

ପରିବାରର ସଦସ୍ୟମାନଙ୍କ ଭିତରେ ସାମାନ୍ୟ କଥାକୁ ନେଇ ଯୁକ୍ତିତର୍କ ବଢି ବଢି ଘରୋଇ ହିଂସାର ରୂପ ନେଉଛି । ଏହି ସମୟରେ ଘରୋଇ ହିଂସାର ବହୁତ କେଶ ପୋଲିସ ଥାନାମାନଙ୍କରେ ଆସି ପହଞ୍ଚିଲାଣି । ପ୍ରତିଦିନ ପ୍ରାତଃ ଭ୍ରମଣ କରୁଥିବା ବୟସ୍କ ଲୋକମାନଙ୍କର ଘରେ ବସି ବସି ବି.ପି, ସୁଗାର ଆଦି ବଢି ଯାଉଛି । ସାମାନ୍ୟ ରୋଗହେଲେ କୌଣସି ଡାକ୍ତରଖାନାକୁ ଯାଇପାରୁ ନଥିବାରୁ ତାହା ଧିରେ ଧିରେ ବଢିଯାଉଛି। ଯାହା ଦ୍ୱାରା ରୋଗ ଅସାଧ୍ୟ ହୋଇ ମତ୍ୟୁ ହୋଇପାରେ । ଛାତ୍ର ଛାତ୍ରୀଙ୍କ ପାଠ ପଢାରେ ବହୁତ କ୍ଷତି ହେଉଛି । ଠିକ ସମୟରେ ପରୀକ୍ଷା ଦେଇ ପାଇନଥିବାରୁ ସେମାନଙ୍କର ମାନସିକ ଦୁଶ୍ଚିନ୍ତା ବି ବଢୁଛି । ଧନୀ ଓ ମଧ୍ୟବିତ୍ତ ଲୋକମାନଙ୍କର ହୁଏତ ଏତେ ଅସୁବିଧା

ହୁଏ ନାହିଁ । କାରଣ ସେମାନଙ୍କ ପାଖରେ ସବୁ ପ୍ରକାର ସାଧନ ରହୁଛି । ଏପରିକି ଘର ବାହାରର କାମ କରିଦେବା ପାଇଁ ନୌକର ଚାକରମାନେ ଅଛନ୍ତି ।

ବହୁତ ସୁଖର କଥା ଯେ ବର୍ତ୍ତମାନ ସାରା ଦେଶରେ ଲୋକମାନଙ୍କୁ ସେବା କରିବାପାଇଁ ଓ ଭିଡକୁ ନିୟନ୍ତ୍ରଣ କରିବାପାଇଁ ଲକ୍ଷ ଲକ୍ଷ ଡାକ୍ତର, ନର୍ସ, ପୋଲିସ, ସୁରକ୍ଷା କର୍ମୀ, ସଫେଇ କର୍ମଚାରୀ, ପ୍ରତ୍ୟେକ ସ୍ଥାନର ଖବର ସଂଗ୍ରହ କରିବା ପାଇଁ ଗଣମାଧ୍ୟମର ଭାଇ ଓ ଭଉଣୀମାନେ ରାତି ଦିନ ପରିଶ୍ରମ କରୁଛନ୍ତି । ପରିତାପର ବିଷୟ ହେଉଛି - ଏହି ଲୋକମାନଙ୍କୁ ଧନ୍ୟବାଦ ଜଣେଇ ସେବା କରିବାକୁ ସାହାଯ୍ୟ ଓ ପ୍ରେରଣା ଦେବା ବଦଳରେ କେତେକ ଜାଗାରେ ନିର୍ବୋଧ ଜନତା ଏମାନଙ୍କୁ ଭୁଲ ବୁଝି ବାଡ଼େଇବାକୁ ଗୋଡେଇଥାନ୍ତି । ପ୍ରଧାନମନ୍ତ୍ରୀ କହିଲେ - ଏହି ସେବକମାନଙ୍କୁ ସମ୍ମାନ ଜଣେଇବା ପାଇଁ ନିଜ ନିଜର ଘର ଅଗଣା କିମ୍ବା ବାଲକୋନୀରେ ଠିଆ ହୋଇ ତାଳି ବଜାଅ । ଲୋକମାନେ ଖାଇବା ଥାଳି, କରତାଳି, ଢୋଲ, ବାଜା ଧରି ବଜେଇବାକୁ ଦଳ ଦଳ ହୋଇ ରାସ୍ତାକୁ ଓହ୍ଲେଇ ଆସିଲେ ।

ପ୍ରଧାନ ମନ୍ତ୍ରୀ କହିଲେ - ହାତରେ ଖଣ୍ଡିଏ କ୍ୟାଣ୍ଡେଲ, ଦୀପ, ଟର୍ଚ୍ଚ କିମ୍ବା ମୋବାଇଲ ଲାଇଟ ଜଳାଇ ସେବକମାନଙ୍କୁ ସମ୍ମାନ ପ୍ରଦର୍ଶନ କର । ଲୋକମାନେ ବହୁତ ସାରା ଦୀପ ଜଳେଇ, ବାଣ ଫୁଟେଇ ଦଳ ଦଳ ହୋଇ ଦୀପାବଳି ଉତ୍ସବ ପାଳନ କଲେ । ଦୁଇଥର ଯାକ ପରସ୍ପରଠାରୁ ଦୂରତା ରଖିବା ନିୟମ ଫେଲ ମାରିଲା ।

ବହୁତ ଚିନ୍ତାର ବିଷୟ ହେଉଛି - ଲୋକମାନଙ୍କର ଅନ୍ଧବିଶ୍ୱାସ ଓ ଆସ୍ଥା କରୋନା ଭାଇରସର ଭୟାବହ କ୍ଷମତାକୁ ବୁଝି ପାରୁନି । ଆମର ଦେବୀ ଦେବତା ଆମର କୌଣସି କ୍ଷତି କରେଇ ଦେବେନି କହି ଦଳ ଦଳ ହୋଇ ଏକାଠି ବସି ପୂଜା ଅର୍ଚ୍ଚନା କରୁଛନ୍ତି । ସେଇଥିପାଇଁ ରୋଗ ସଂକ୍ରମଣ ବୃଦ୍ଧି ପାଉଛି ।

ଯାହାହେଉ ସୁଖରକଥା ଯେ ସବୁଦେଶର ଶାସକମାନେ ଭକ୍ତମାନଙ୍କର ବିରୋଧକୁ ଖାତିରନକରି ଧର୍ମସ୍ଥଳମାନଙ୍କରେ ପ୍ରବେଶକରି ପୂଜା ଓ ପ୍ରାର୍ଥନା କରିବାକୁ ନିଷେଧାଜ୍ଞା ଜାରି କରିଦେଇଛନ୍ତି । ଯେଉଁ ଧର୍ମଗୁରୁମାନେ ପ୍ରଥମେ କରୋନା ଭାଇରସକୁ ଗୁରୁତ୍ୱ ନଦେଇ ଭକ୍ତମାନଙ୍କୁ ଦୈବୀଶକ୍ତି ସମ୍ପର୍କରେ ଭ୍ରମିତ କରୁଥିଲେ, ଏବେ ସେମାନେ ମଧ୍ୟ ନିଜର ଭୁଲ ବୁଝି ପାରିଲେଣି । ଭକ୍ତମାନଙ୍କୁ ସେମାନେ ଡାକ୍ତରଙ୍କ ପରାମର୍ଶ ମାନି ଚାଲିବାକୁ ଉପଦେଶ ନଦେଲେ ମଧ୍ୟ ଅବୈଧ ଓ ଅବୈଜ୍ଞାନିକ ପଦ୍ଧତିଗୁଡିକୁ ପାଳନ କରିବାକୁ ପରାମର୍ଶ ଦେଉନାହାନ୍ତି ।

ଆଗରୁ ଆମ ଦେଶର ସରକାର ଦେଶରେ ନୂତନ ଡାକ୍ତରଖାନା ନିର୍ମାଣ କରିବା, ଡାକ୍ତର ଖାନାଗୁଡିକୁ ଆଧୁନିକୀ କରଣ କରିବା, ନୂତନ ଡାକ୍ତର ଓ ନର୍ସମାନଙ୍କୁ ନିଯୁକ୍ତ କରିବା, ସେମାନଙ୍କ ପାଇଁ ଯଥେଷ୍ଟ ପରିମାଣରେ ସୁରକ୍ଷା ଉପକରଣ ଯୋଗାଇବା କାମରେ ଯେତିକ ଧନ ବିନିଯୋଗ କରିବା କଥା ତା'ଠାରୁ ବହୁତ ବେଶୀ ଧନ ଧର୍ମସ୍ଥଳମାନଙ୍କୁ ନବୀନ କରଣ କରିବାପାଇଁ ଏବଂ ନୂତନ ମନ୍ଦିର ନିର୍ମାଣ କରିବା ପାଇଁ ଖର୍ଚ୍ଚ କରିସାରିଛନ୍ତି । ଯାହାର କୁପରିଣାମ ଆଜି ଆମେ ଭୋଗ କରୁଛୁ । ଦୁଃଖ ଓପରିତାପର ବିଷୟ ହେଉଛି - ଆମ ଦେଶର ଶହ ଶହ ମଠ ମନ୍ଦିରରେ ଭକ୍ତଙ୍କ ଦ୍ୱାରା ଦାନ ଦିଆଯାଇଥିବା ଅଜସ୍ର ଧନ ଜମା ହୋଇଥିଲେ ମଧ୍ୟ ଆଜିର ମହା ସଂକଟରେ କେହି ବି ଭକ୍ତମାନଙ୍କର ହିତ ପାଇଁ ଆଶାନୁରୂପ ଧନ ସରକାରଙ୍କୁ ଦେଉନାହାନ୍ତି । ଧନ ଜମା କରିଥିବା ଲୋକମାନେ ଓ ଭକ୍ତ ଯଦି ନବଞ୍ଚିବେ ସେ ଧନ କାହାର ହେବ **?**

ଆମେ ଆଶା କରୁଛୁ ଏହି ଭୟଙ୍କର ମହାମାରୀ ଶାନ୍ତ ହେବା ପରେ ହୁଏତ ଅନେକ ଭକ୍ତ ଚକ୍ଷୁ ବିଜ୍ଞାନକୁ ସମର୍ଥନ କରିବେ ଏବଂ ମନ୍ଦିରକୁ ଦାନ କରିବା ବଦଳରେ ନୂତନ ଡାକ୍ତରଖାନା ନିର୍ମାଣ କରିବା ପାଇଁ ଦାନ କରିବେ ।

କେ.ଆର. ପୁରମ, ବାଙ୍ଗାଲୋର

# ଅଣାୟତ୍ତ ମନ



ଅଜୟ କୁମାର ବେହେରା

ଆପଣା ଦୁଃଖକୁ    ଭୁଲି ଯାଏ ମୁହିଁ
ଅନ୍ୟର ମୁହଁକୁ ଚାହିଁ
ନିଜ ଲୋକ ଯେବେ    ଧକ୍କା ଦେଇ ଯାଏ
କାହାକୁ କହିବି ମୁହିଁ ।୧।

ବୁଝିବା ଲୋକ ତ    ବୁଝିଲାନି ଥରେ
ଦରଦୀ ହୃଦୟ କଥା
ଯେତେ କାନ୍ଦିଲେ ବି    କି ଲାଭ ହୋଇବ
ନଇଁ ଯାଏ ଆପେ ମଥା ।୨।

ଆପଣା ଭାବି ମୁଁ    ଦେଇଥିଲି ମନ
ଆଲୋ ମିଛେଇ ତୋତେ
ମୋ କଥା ଭୁଲିତୁ    ଏରୁଣ୍ଡି ଡେଇଁଲୁ
କେମିତି ଭୁଲିଲୁ ମୋତେ ।୩।

ନିରୀହ ମନକୁ    ଛୁରୀରେ କାଟିଲୁ
କେଡ଼େ କି ନିଷ୍ଠୁର ତୁହି
ହୃଦୟ ନେଇ ମୋ    ବିଦାରିତ କଲୁ
ମୋ କଥା ଭାବିଲୁ ନାହିଁ ।୪।

ଅଣାୟତ୍ତ ମନ    ନିତି ଘୁରି ବୁଲେ
ପାଗଳ ପ୍ରେମିକ ହୋଇ
ମନେ ମନେ ମୁହିଁ    କେତେ କଥା ହୁଏ
ତୋହରି ଭାବନା ନେଇ ।୫।

ମୋରଡ଼ା, ମୟୂରଭଞ୍ଜ

# ଫେରିବ ନାରୀ ସମ୍ମାନ



ଅରୁଣ କୁମାର ମହାନ୍ତି

ନାରୀ ପ୍ରତି ନର    କରେ ଅତ୍ୟାଚାର
ଦିନୁ ଦିନ ଅତିଶୟ
ହୋଇ କାମ ବଶ   ନରରୁ ରାକ୍ଷସ
ଭୁଲେ ନିଜ ପରିଚୟ.....!!
ଜନନୀ ଭଗିନୀ   ସୁରକ୍ଷିତ ନାହିଁ
ଗାଆଁ ଠୁ ସହର ଯାଏ
ପଶୁ ଠାରୁ ହୀନ   ବିକୃତ ଚନ୍ତନ
କାମନା ପଛରେ ଧାଏଁ......!!
ପର ନାରୀ ପ୍ରତି  ଜୋର ଜବର୍ଦସ୍ତି
ବଢାଇଲେ ତୁମେ ପ୍ରୀତି
ଶୁଣ ମୂଢ ମତି  ହୋଇବ ଦୁର୍ଗତି
ଆସିବ ବିଷମ ସ୍ଥିତି...!!

ନାରୀର ନିଶ୍ୱାସ   ତୁମ ସର୍ବନାଶ
ହୋଇବ ନିଶ୍ଚୟ ଜାଣ
ଜାଣିଥାଅ ବାରେ    ଶମନ ଦୁଆରେ
ଭାଙ୍ଗିଯିବ ତୁମ ଟାଣ...!!
ଆଜିର ଦୁହିତା   ସାଜୁଛି ପୀଡ଼ିତା
ଅସହ୍ୟ ଯନ୍ତ୍ରଣା ସହି
ଦେଖି ଏ ଅନ୍ୟାୟ   ବିଷାଦ ସମୟ
କେମିତି ପାରୁଛ ରହି....!!
ଉଠ ଉଠ ଭାଇ   ଜାଗରୁକ ହୋଇ
ସଚେତନ କରାଇବା
ନୁହେଁ ସରକାର   ଆମରି ସଂସ୍କାର
ଦେଇ ଦୁଷ୍କର୍ମ ରୋକିବା....!!
ଏକତାର ସ୍ୱରେ    ନିଜ ନିଜ ଘରେ
ବୁଝାଅ ନାରୀର ମାନ
ଅଛି ମୋ ବିଶ୍ୱାସ   ହେବ ଯେ ଅବଶ୍ୟ
ଫେରିବ ନାରୀ ସମ୍ମାନ....!!

ଇଶାଣପୁର, ଯାଜପୁର

# ଅଭିଶପ୍ତ ମାତୃତ୍ୱ



ନୂତନ କୁମାର ବେହେରା

ରୁଗୁଣ ଚର୍ଜିନ୍ନ ଶରୀର
ବିଗଳତ ଯୌବନର ମଳନ ଚେହେରା,
ଜୀବନ ଯନ୍ତ୍ରଣାରେ ଝାଉଁଳ ପଡିଛି
ଦଣ୍ଡେ ଜିଇଁବାକୁ ଖୋଜେ ସାହାରା।
କଙ୍କାଳ ଚମ ଧୁଡୁଧୁଡୁ ଅବୟବ
ନଃସ୍ୱ ଦାରିଦ୍ର୍ୟତାରେ ହୋଇଛି ଆଚ୍ଛାଦିତ,
ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରି ନେଇଛି
ଅଭାବ ଅନାଟନରେ ପ୍ରାଣ କ୍ଷତ ବିକ୍ଷତ।
ଅସହାୟତାର ଛିନ୍ନ ବସ୍ତ୍ରରେ ଦେହ ଉଲଗ୍ନ,
ଟୋପାଏ କ୍ଷୀର ଲାଗି ଭୋକଲା ଶିଶୁଟିଏ
ଜାବୁଡି ଧରିଛି ଶୁଷ୍କ ମାତୃସ୍ତନ୍ୟ।
କରି ସେ ଆକଣ୍ଠ ଅମୃତ ପାନ
ଉପସମ କରିବ ପେଟର କ୍ଷୁଧା,
ଆଜିର ସମାଜେ ଅଭିଶପ୍ତ ମାତୃତ୍ୱର
ଏ ହାହାକାର କାରୁଣ୍ୟତା
ଭାଗ୍ୟର କବା ବିଡମ୍ବନା
ଦିଏ ମନେ ପ୍ରାଣେ ଅବାଞ୍ଛିତ ବାଧା।

ହାୟରେ ବିଧାତା!

ଏ କ ସୃଷ୍ଟିର ବିଚିତ୍ର ନିୟମ

ସମ୍ବେଦନଶୀଳ ହୃଦୟଟା ଯାଏ ଫାଟି

ଦେଖି ଏ ସଂସାରର ନିଷ୍ଠୁର ବ୍ୟତିକ୍ରମ।

ଏ କ ସଭ୍ୟ ଶିକ୍ଷିତ ସମାଜର ପରିଚୟ ?

ନା, ଉପହାସ କରେ ବିଗ୍ନରଶୀଳ ମାନବକୁ

ହତ ବୁଦ୍ଧିରେ ଡାକ ଆଣେ ତାର ବିଲୟ ??

ହେ ପ୍ରଭୁ ! ଏ ପତିତ ଜନଙ୍କୁ ଉଦ୍ଧରି ଧର

ଅଜ୍ଞାନତା ଦୂର କରିବାକୁ ହୁଅ ସଦୟ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ। ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ତିନୋଟି ଏକପଦୀ



ରୋହିତ ସେଠୀ

**ରାଗ:**

ରାଗିବାର ଯଦି ଅଛି ମୋ'ଉପରେ
ରାଗ, କିଛି ନାହିଁ କଥା
ଅଧିକା ରାଗିକି ନିଜ ମନକୁ ଗୋ
ଦିଅ ନାହିଁ ଏତେ ବ୍ୟଥା ।

**ରୁଷା:**


ତୁମେ ଯେବେ ରୁଷ, ମୁଖେ ତବ ହସ
ଲିଭି ଯାଏ କିଛି କ୍ଷଣ
ଲାଗଇ ଯେମିତି କନ୍ଦର୍ପ ମୋ ଦେହେ
ମାରୁଅଛି ଲୁଚ ବାଣ ।

**ଅଭିମାନ:**

ଭାରି ଭଲଲାଗେ ଅଭିମାନ ତବ
ମୁହଁ ଯେବେ ମୋଡ଼ି ଦିଅ
ସେଇଠୁ ଆରମ୍ଭ ହେ ମୋର ରୂପସୀ
ପବିତ୍ର ପ୍ରେମର ସୂଅ ।

ଶିକ୍ଷକ, ଦୁତୀମେଣ୍ଡି (ମଲିକସାହି)
ଖଜୁରୀପଡା, କନ୍ଧମାଳ

# ମହାଭାରତରୁ ପୃଷ୍ଠାଟିଏ - ନାରାୟଣାସ୍ତ୍ର



ଆରତୀ ସାହୁ (ଆଶା)

ମହାସମରର ଅନ୍ତ ଘଟିଛି । ପାଣ୍ଡବ କୌରବ ଉଭୟ ପକ୍ଷରୁ ଅକଳନୀୟ ରଥୀ ମହାରଥୀ ପ୍ରାଣ ହରାଇଛନ୍ତି । ଭାରତବର୍ଷର ପ୍ରତ୍ୟେକଟି ଗୃହରେ ମୃତ୍ୟୁର ତାଣ୍ଡବଲୀଳା । ଗୃହେ ଗୃହେ ଜାୟା, ଜନନୀ, ଭଗିନୀ ଓ କନ୍ୟା ମାନଙ୍କର କରୁଣ ବିଳାପ ରେ ଗଗନ ପବନ ଆକୁଳ । ନଦୀଜଳ ବୀରଙ୍କର ଲହୁରେ ଲୋହିତ ବର୍ଣ୍ଣ ଧାରଣ କରିଛି । ଆକାଶ ପାଣ୍ଡୁର ହୋଇଛି ଯୁଦ୍ଧ କ୍ଷେତ୍ର ସମ୍ଭୂତ ଧୂଳିରେ । କୌରବ ବଂଶ ନିପାତ, ପ୍ରତିଶୋଧର ଅଗ୍ନିରେ ।

ଅଶ୍ୱତ୍ଥାମା ପିତୃହରା, ବନ୍ଧୁହରା ହୋଇ ନିଜର ମସ୍ତିଷ୍କର ଭାରସାମ୍ୟ ରକ୍ଷା କରି ପାରୁନାହାନ୍ତି । ସେହି ବିକୃତିରେ ପ୍ରଭାବିତ ହୋଇ ସେ ଆତତାୟୀ ସମ ହତ୍ୟା କରିଛନ୍ତି ଦ୍ରୌପଦୀଙ୍କ ପଞ୍ଚପୁତ୍ରଙ୍କୁ ପାଣ୍ଡବ ପଞ୍ଚଭ୍ରାତା ଭାବି ।

ଯଦିଓ ନାରାୟଣାସ୍ତ୍ର ପ୍ରକ୍ଷେପଣ ନିମନ୍ତେ ଅନେକ ଶର୍ତ୍ତାବଳୀ ଥିଲା ତଥାପି ସେ ନିଜର ପ୍ରଚଣ୍ଡ କ୍ରୋଧର ବଶବର୍ତ୍ତୀ ହୋଇ ତାକୁ ନିକ୍ଷେପ କରିଛନ୍ତି ।

ସେ ପ୍ରଚଣ୍ଡ ନାରାୟଣାସ୍ତ୍ର ପ୍ରକ୍ଷେପିତ ହେଲା ମାତ୍ରକେ ସୃଷ୍ଟିରେ ସତେ ଯେମିତି ଅଗ୍ନି ସଂଯୋଗ ହୋଇଗଲା । ପାଣ୍ଡବ ମାନେ ଭୀତତ୍ରସ୍ତ ହୋଇ ଅସ୍ତ୍ରଶସ୍ତ୍ର ଉତ୍ତୋଳନ କଲେ । ଶ୍ରୀକୃଷ୍ଣଙ୍କ ମନ ମଧ୍ୟ କିୟତ କ୍ଷଣ ସକାଶେ ଆଶଙ୍କିତ ହୋଇ ଉଠିଲା । ସୃଷ୍ଟି ବିନାଶକାରୀ ଏ ନାରାୟଣାସ୍ତ୍ର, ଅଶ୍ୱତ୍ଥାମା ପ୍ରୟୋଗ କଲା କେଉଁ ସାହସରେ । ସମଗ୍ର ଜୀବଜଗତରେ ଆତଙ୍କ ପ୍ରସରି ଗଲା । ସମ୍ପୂର୍ଣ୍ଣ ମାନବ ସମାଜ ପ୍ରମାଦ ଗଣିଲା । ସମସ୍ତଙ୍କ ମନରେ ପ୍ରଶ୍ନ, କଣ ହେବ ଏହାର ଚରମ ପରିଣତି । ବିଶ୍ୱ ବ୍ରହ୍ମାଣ୍ଡ କଣ ଧ୍ୱଂସ ହେଇଯିବ ।

କିନ୍ତୁ କୃଷ୍ଣ ତ କୃଷ୍ଣ । ତାଙ୍କୁ କେଉଁ କଥା ଅବା ଅଗୋଚର । ସେ ସ୍ୱୟଂ ପ୍ରଶାନ୍ତ ମୁଦ୍ରାରେ ରହି ପାଣ୍ଡବ ତଥା ଅନ୍ୟାନ୍ୟ ସମସ୍ତଙ୍କୁ ଶାନ୍ତ ହୋଇ ରହିବା ପାଇଁ ନିର୍ଦ୍ଦେଶ ଦେଲେ । ଅସ୍ତ୍ରଶସ୍ତ୍ର ତ୍ୟାଗ କରି ନିଶ୍ଚଳ ହୋଇ ରହିବା ପାଇଁ ଅନୁରୋଧ କଲେ । କହିଲେ ଯେ ଏ ହେଉଛି ନାରାୟଣାସ୍ତ୍ର । ଏହାର ପ୍ରଭାବ ଏକ ନିଶ୍ଚିତ ଅବଧି ନିମନ୍ତେ ତିଷ୍ଠି ରହିବ । ଏପରି ଶାନ୍ତ ମୁଦ୍ରାରେ ରହିଲେ କିଛି ସମୟ ପରେ ସେ ସ୍ୱୟଂ ଶାନ୍ତ ପଡ଼ି ଯିବ । ତାର ଶକ୍ତି ଶନୈଃ ଶନୈଃ କ୍ଷୀଣରୁ କ୍ଷୀଣତର ହେବ । ତେଣୁ ଭୟଭୀତ ନହୋଇ ବରଂ ସ୍ଥିରଚିତ୍ତ ହୋଇ ତାକୁ ଅତିକ୍ରମ କରିବା ପାଇଁ ସମୟ ଦେବା ଆବଶ୍ୟକ ।

ସମସ୍ତେ ଯୋଡ଼ହସ୍ତ ହୋଇ ଶାନ୍ତ ସ୍ଥିର ମୁଦ୍ରାରେ ଭୂମି ପରେ ପଡ଼ି ରହିଲେ । ଆଶ୍ଚର୍ଯ୍ୟ ନାରାୟଣାସ୍ତ୍ର ଅଚିରେ କ୍ଷାନ୍ତ ହେଲା ଓ ଭୂ -ମଣ୍ଡଳ ରକ୍ଷା ପାଇଲା ।

ଅତଏବ, ଆଜିର ଏହି ଦୁଃସ୍ଥ ପରିସ୍ଥିତିରେ ଆମେ ମଧ୍ୟ ଭୟଭୀତ ନହୋଇ ସତର୍କତାର ସହ ଶାନ୍ତ ରହିବା ଉଚିତ । ଏ ସଙ୍କଟ ମଧ୍ୟ ତାର ନିଶ୍ଚିତ ଅବଧି ପୂର୍ଣ୍ଣ କରି ନିଜେ ନିଜେ ଶାନ୍ତ ପଡ଼ି ଯିବ ।

ଜୟ ଶ୍ରୀକୃଷ୍ଣ

ବସନ୍ତ ବିହାର, ନୂଆ ଦିଲ୍ଲୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଲକ୍-ଡାଉନ୍



ସତ୍ୟବ୍ରତ ସାହୁ

ଏବେ ମହାମାରୀର ରୂପ ନେଇଛି କରୋନା
ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏକୋଇଶ ଦିନ ପାଇଁ
ଲକ୍-ଡାଉନ୍ ସାରା ଦେଶରେ ।
ଆମେ ସଚେତନ, ବିଜ୍ଞ, ସୃଷ୍ଟିର ଶ୍ରେଷ୍ଠ ଜୀବ
ଆସ ସଂଯମୀ ହେବା ଏହି କେତେ ଦିନ,
ସଂକଳ୍ପ କରିବା କରୋନାକୁ ହରାଇବା ପାଇଁ ।
ଆସ ଆମ ସଚେତନତାକୁ ସଂଯମତାର ରୂପ ଦେବା
ଘରେ ରହିବା, ସୁରକ୍ଷିତ ରହିବା,
ଦରକାରୀ କାମ ନଥିଲେ ଘରୁ ବାହାରିବାନି,
ଦେଶ ତଥା ବିଶ୍ୱର କଲ୍ୟାଣ ପାଇଁ ଲଢ଼ିବା
ଆମେ ଜିତିବା, କରୋନା ହାରିବ,
ବିଶ୍ୱ ପୁଣି ହସିବ ।
ଏବେ ସମୟ ଆସିଛି
ତେଣୁ ଆସନ୍ତୁ ସମ୍ମାନ ଦେବା ଲକ୍-ଡାଉନ୍ କୁ
ଆମେ ସଂଯମୀ, ଆମେ ସଂକଳ୍ପୀର ପରିଚୟ ଦେବା
କରୋନାକୁ ହରାଇବା ପାଇଁ ସହଯୋଗର ହାତ ବଢାଇବା ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ଏଥିରେ ସନ୍ଦେହ କଣ କର

ଶ୍ୟାମ ସୁନ୍ଦର କୁମ୍ଭାର

ପ୍ରକୃତି କୋଳରେ ସବୁଜୀବଙ୍କର
ବଞ୍ଚିବାର ଅଛି ଅଧିକାର
ଜୀବ ମଧ୍ୟେ ଶ୍ରେଷ୍ଠ ମଣିଷ ବାପୁଡା
ଅନ୍ୟ ଜୀବେ କରେ ଅତ୍ୟାଗ୍ଚର ।୧।
ପରିଣାମତଃ ଚୀନ ଦେଶେ ଦେଖ
କୋରୋନା ଭୁତାଣୁ ନେଲା ଜନ୍ମ
ଦିଶେନା ଆଖିକୁ ଥରଏ ଛାତିକୁ
ନିମିଷେ ନେଉଛି କୋଟିପ୍ରାଣ ।୨।
ତାହାର ଆତଙ୍କେ ଆତଙ୍କିତ ବିଶ୍ୱ
ସୁଖ ଓ ସମୃଦ୍ଧି ଦିବା ସ୍ୱପ୍ନ
ଜନ ଜୀବନକୁ ସୁରକ୍ଷା ଦେବାକୁ
ନାନା ଦେଶେ ଗ୍ଲେ ଲକ୍ ଡାଉନ ।୩।
ଯିଏ ଯହିଁ ଥିଲେ ସେଇଠି ରହିଲେ
ଛାଡି ପିତାମାତା ଗୁରୁଜନ
ଭାବି ଘରକଥା ଘୁରିଯାଏ ମଥା
ଛାନିଆ ହୁଅଇ ପିଣ୍ଡପ୍ରାଣ ।୪।
ପିତାଠାରୁ ପୁତ୍ର, ସ୍ୱାମୀ ଠାରୁ ସ୍ତିରୀ
ଭାଇଠାରୁ ଭଗ୍ନୀ ରହେ ଦୂରେ
ମାମାନ୍ୟ ସନ୍ଦେହ ଲାଗିଲେ ଯାହାକୁ
ସନ୍ଦିଗ୍ଧ ରହୁଛି ଏକାନ୍ତରେ ।୫।
ଦିନ ମଜୁରିଆ, ଦାଦନ ଶ୍ରମିକ
ରିକସା ବାଲା ଆଉ ଠେଲାବାଲା ।

ଜୀବନ ଜୀବିକା ହାରି ବସିଛନ୍ତି
ଭୋକ ଉପବାସେ କାନ୍ଦେ ପିଲା ।୬ ।
ବ୍ୟବସାୟୀ ଠାରୁ ପୁଞ୍ଜିପତି ଯାଏ
ସବୁରି ଜୀବିକା ପ୍ରଭାବିତ
ଅର୍ଥନୀତି ପ୍ରଭାବିତ ସବୁଦେଶେ
ସଭିଙ୍କ ମନକୁ ଲାଗେ ତ୍ରାସ ।୭ ।
ଏ ପରିସ୍ଥିତିର ମୁକାବିଲା ପାଇଁ
ଦେଶପ୍ରେମୀ ମାନେ ଦେଲେ ଦାନ
ଗରୀବ ପାଖକୁ ପାରେନା ପହଞ୍ଚି
ନତୁଟଇ ଅଭାବ କଷଣ ।୮ ।
ଯେତେ ଯାହା ଆସୁ ଅଭାବ କଷଣ
ସାମାଜିକ ଦୂରତା ରଖିବା
ଯେତେଦିନ ଯାଏ ରୋଗ ପ୍ରତିକାର
ଔଷଧ ଓ ଟୀକା ନ ପାଇବା ।୯ ।
ସଚେତନ ହେବା ସୁରକ୍ଷିତ ରହିବା
ସନ୍ତୁଳତ ଭୋଜନ ଆହାର
ନିଶ୍ଚୟ କରୋନା ହାରିବ ଆମଠୁଁ
ଏଥିରେ ସନ୍ଦେହ କଆଁ କର ।୧୦ ।

ସଦି ବାହାଲ, ଜାମୁଟ ବାହାଲ, ବରଗଡ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୬୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଜାଗରେ ମଣିଷ



ଉଦୟନ ସୂପକାର

ଶାଗୁଣା  ଛଞ୍ଚାଣ ପ୍ରାଦୁର୍ଭାବ ଯହିଁ
ନରୀହ କପୋତ ହୁଏ ପଥହର୍ ||
ସାରମେୟ ମସ୍ତକେ ମୁକୁଟ ଯଦି
ମଣିବ ନାହିଁ କ ସେ ଧର୍ କୁ ସର୍ ||
ଉର୍ଣ୍ଣନାଭ ନଜ କର୍ତ୍ତବ୍ୟରେ  ରତ
ତୁ କ ନ ଜାଣୁ ତାର କପଟ ପଣ ||
ଯତି ରୂପ ନେଇ ସୀତାମାତାଙ୍କୁ ତ
ଛଳେ  ହରିଥିଲ୍  ପାପୀ ରାବଣ ||
ଜାଗ ରେ ନରୀହ ଜନତା ଦେଶର
ପ୍ରବଞ୍ଚନା ର ତୁହି ନ ହୁଅ ଶିକାର ||
ଜାଣ ଓ ଚହ୍ନ ତୁ ନଜର ଅଧିକାର
ତୁ  କରି ପାରିବୁ ଦେଶର ଉଦ୍ଧାର||

ଭୁବନେଶ୍ୱର, ଓଡିଶା

# ସୂକ୍ଷ୍ମ ନାଟକ- ମୁଁ ଅଭ୍ବ ଦାସ କହୁଛି



ସୁଧାଂଶୁ ଶେଖର ଦ୍ଵିବେଦୀ

ପାତ୍ର ପରିଚୟ:
୧. ଅଭ୍ବ ଦାସ – ମୁଖ୍ୟ ଚରିତ୍ର
୨. ନବଘନ ଘଡେଇ - ମନ୍ତ୍ରୀ
୩. ନଟବର – ପର୍ଶନାଲ ସେକ୍ରେଟାରୀ
୪. ସୂତ୍ରଧର – ସୂତ୍ରଧାର
୮. କୁନା ପଣ୍ଡା – ଗୁଣ୍ଡା

ପରିବେଷଣ – ୧ ଅପ୍ରେଲ ୨୦୧୫, ଉତ୍କଳ ଦିବସ ଉପଲକ୍ଷେ, ଅଣୁଶକ୍ତି ଆକସନ, ସଲ୍ଟ ଲେକ୍, କଲକତା - ୬୪

ସୂତ୍ରଧର - ଏଇଠି, ଏଇ ଗାଁ ରେ, ଏଇ ସହରରେ, ଏଇ ନଗରୀରେ ହଠାତ୍ କେତେବେଳେ କଣ ଯେ ଘଟିଯାଏ ତାର ହିସାବ ନାହିଁ। ହିସାବ ନାହିଁ ଭଲ ମଣିଷଟା ବଦଳଯାଏ ସନ୍ଧ୍ୟା ହେଲେ ୱାଇନ ହାଉସରେ, ଟୁଣଟାଣ ଶବ୍ଦ ଓ ୱାଇନର ନିଶାରେ ଟଳମଳ ହୁଏ ସେ ଓ ତା ଆଖପାଖ ସଂସାରର ମାନଚିତ୍ର।

ଏଠି ଟଙ୍କାରେ କିଣାଯାଏ ଭୋଟ। ଅର୍ଥ, ମଦ-ମାଂସରେ ହୁଏ ଭୋଟ ପ୍ରଚାର। ଦେଶ ଶାସନ ଚାଲେ, ଖସଡା ପ୍ରସ୍ତୁତ ହୁଏ ପଞ୍ଚବାର୍ଷିକ ଯୋଜନାର। କିନ୍ତୁ ଅଭ୍ବ ପଡେ ଅଭ୍ବ ଦାସମାନଙ୍କୁ ରାତିରେ ଶୋଇବା ପାଇଁ ଚାଖଣ୍ଡେ ସ୍ଥାନର। ଘଟଣ ଅଘଟଣ ଓ ରାତିଦିନକୁ ଏକାକାର କରି ଜୀବନ ଜିଇଁବା ପାଇଁ ପଣ କରନ୍ତି ଅଭ୍ବ ଦାସମାନେ। କିନ୍ତୁ ଅଭ୍ବ ହଟେନି ସାଂପ୍ରତିକ ବଜାର ଦରରେ ତେଲ ଲୁଣର ସଂସାର ଚଳେଇବାକୁ। ସକାଳର

ଅଭୁବ ଦାସ ଗତିରେ ପୁଣି ସେଇ ନର୍ଦ୍ଦମା କଡର ପଲିଥିନ ଘରେ ଜୀବନକୁ ତର୍ଜମା କରେ । ତର୍ଜମା କରେ ପୁଅ ସ୍କୁଲରେ ଫିସ୍ ଭରିବାକୁ । ତର୍ଜମା କରେ ବଢିଲା ଝିଅର ବିବାହ କରିବାକୁ । ଆଉ ତର୍ଜମା କରେ ନିଜ ସ୍ତ୍ରୀ ର ପୁରୁଣା ରୋଗ ଭଲ କରିବାକୁ । ଏଇଭଳି ହିସାବ ନିକାଶ ଓ ତର୍ଜମା ଭିତରେ ଧିରେଧିରେ ତା ଜୀବନର ଚକ ଗଡିଗଲି ମାଗୁଣିର ଶଗଡ ଚକ ଭଳି..... ।

(ମଞ୍ଚ ଅନ୍ଧାର)

ମଞ୍ଚରେ ଆଲୋକ ଆସିବାରୁ.....

(ଦଳେ ଗ୍ରାମ୍ୟ ଲୋକଙ୍କ ସହ ଅଭୁବ ଦାସ ଆସେ । ସଭିଙ୍କ ମୁହଁରେ ପ୍ରତିବାଦର ସ୍ଲୋଗାନ)

ଅଭୁବ – ଜମି ଜବର ଦଖଲ....

ଗ୍ରାମବାସୀ – ଚଳବ ନାହିଁ..... ଚଳବ ନାହିଁ.....

ଅଭୁବ – ପୁଞ୍ଜିବାଦୀ.....

ଗ୍ରାମ୍ୟବାସୀ – ହାଏ.....ହାଏ.....

ଅଭୁବ – ଆମ ମାଆ ମାଟି.....

ଗ୍ରାମ୍ୟବାସୀ – ଆମର ହେଉ.....ଆମର ହେଉ.....

ଅଭୁବ – ମାଟିର ମାଫିଆ.....

ଗ୍ରାମ୍ୟବାସୀ – ଲେଉଟି ଯାଉ.....ଲେଉଟି ଯାଉ.....

ଅଭୁବ ଦାସ- ଗୁରୁଜନ, ଭାଇ ଓ ଭଉଣୀମାନେ । ଆଜିର ଦିନ ଆମମାନଙ୍କ ପାଇଁ ଘଡିସନ୍ଧିର ଦିନ । ଆପଣମାନେ ଜାଣିଥିବେ ତଥାକଥିତ ପୁଞ୍ଜିବାଦୀମାନେ ନେତା ମନ୍ତ୍ରୀମାନଙ୍କୁ ନଜର କରି ଆମ ପୂର୍ବ ପୁରୁଷର ମା ମାଟିକୁ ଜବରଦଖଲ କରୁଛନ୍ତି । ଯାହା ଫଳରେ ଆମେମାନେ ତ ଭଲରେ ରହିପାରୁନୁ । ଆମ୍ଭମାନଙ୍କ ପିଲାମାନେ ମଧ୍ଯ ପାଠ ପଢିପାରୁ ନାହାନ୍ତି । ଆଜି ଖଣ୍ଡେ ପିନ୍ଧିବା ଗଣ୍ଡେ ଖାଇବା ଆମମାନଙ୍କ ପାଇଁ ଅଭୁବ ପଡୁଛି ।

ଜଣେ ଗ୍ରାମବାସୀ – ହଁ, ତୁମେ ଠିକ୍ କହୁଛ ଭାଇ! ହେଲେ ଆମେ କଣ କରିପାରିବା?

ଅଭାବ ଦାସ - ଆପଣମାନେ ମୋ କଥା ମାନ ଏକଜୁଟ ହୁଅନ୍ତୁ । ଜମି ମାଫିଆମାନଙ୍କୁ ଜମି ଜବରଦଖଲ କରିବାକୁ ଦିଅନ୍ତୁ ନାହିଁ । ସେମାନଙ୍କୁ ମୁହଁ ତୋଡ ଜବାବ ଦିଅନ୍ତୁ । ଆମେ ସମସ୍ତେ ଏକ ହେଲେ ସେମାନେ ଆମର କଛି କରିପାରିବେନ । ସଭିଏଁ ଏକା ସାଙ୍ଗରେ କୁହନ୍ତୁ – ଆମ ମା ମାଟି ଆମର ହେଉ ।

ଅନ୍ୟମାନେ – ମାଟିର ମାଫିଆ ଲେଉଟି ଯାଉ ।

(ଉକ୍ତ ଶ୍ଲୋଗାନକୁ ବାରମ୍ବାର କହି ଗ୍ରାମବାସୀ ମଞ୍ଚରୁ ପ୍ରସ୍ଥାନ କଲେ)

ଅଭାବ – ସତରେ କ ଅସମ୍ଭବ ମଣିଷ ଏମାନେ? ଆମ ମା ମାଟିକୁ ଆମଠାରୁ ଛଡେଇନେବାକୁ ବସିଛନ୍ତି । ନା କେବେ ନୁହେଁ । ଅଭାବ ଦାସ ବଞ୍ଚିଥିବା ଯାଏ ମା ମାଟିକୁ ମାଫିଆ ହାତରେ ଦେବନ ।

କୁନା ପଣ୍ଡା (ପ୍ରବେଶୀ) – ତାହେଲେ ମରିବୁ.....

ଅଭାବ – ରଖେ ହରି ମାରେ କଏ.....?

କୁନା – ଓଃ ତୁ ଏ ଗାଁ ଲୋକମାନଙ୍କର ଲିଡର ।

ଅଭାବ – ପ୍ରତ୍ୟେକ ପରିବର୍ତ୍ତନରେ ଜଣେ ଲିଡରର ଆବଶ୍ୟକ ପଡିଥାଏ । ଲିଡର ନହେଲେ ଅସମାଧାନ ସମାଧାନ ହେବ କେମିତି?

କୁନାପଣ୍ଡା – ମୋତେ ଚହ୍ନିଚୁ?

ଅଭାବ – କଏ ତୁମେ?

କୁନା – କୁନା ପଣ୍ଡା । ସହରୀ ବାଘ । ସ-ଇ-ତା-ନ, ନେ ଏଇ ଟଙ୍କା ବଣ୍ଡିଲ ଧର । (ଟଙ୍କା ବଣ୍ଡିଲ ଯାଚେ) ବଢିଲା ଝିଅର ବାହାଘର କରିବୁ । ସ୍କୁଲରେ ଫିସ୍ ଦେଇପାରୁନଥିବା ପୁଅକୁ ପାଠ ପଢେଇବୁ । ଆଉ ତୋ ରୋଗିଣା ସ୍ତ୍ରୀକୁ ଭଲ ଡାକ୍ତର ଦେଖାଇ ଭଲ କରିବୁ ।

ଅଭ୍ବ – ଓଃ, ଚହ୍ନିଲି । ତୁମେ ତାହେଲେ ସେଇ ଜମି ମାଫିଆ ମାନଙ୍କର ଅଇଁଠା ଚଟା କୁକୁର ।

କୁନା – ଏ..... । ଦିମାକ ଗରମ କରେନା କହୁଛି । ଟଙ୍କା ଧର, ଯା- ।

ଅଭ୍ବ – ମୁଁ ଅଭ୍ବୀ ହୋଇପାରେ । ମୋ ପାଖରେ ସମ୍ବଳ ନାହିଁ ସତ । ହେଲେ ମୁଁ ବେଇମାନ ନୁହେଁ ।

କୁନା – କନ୍ତୁ ମୁଁ ସ-ଇ-ତା-ନ । (ଗୋଟେ ମୁଥ ମାରେ । ଅଭ୍ବ ଦାସ ମଧ କୁନା ପଣ୍ଡାକୁ ପ୍ରତିରୋ୍ଧ କରେ । ଦୁହିଁଙ୍କ ମଧରେ ଧସ୍ତାଧସ୍ତି ହୁଏ । ଶେଷରେ କୁନା ପଣ୍ଡା ଅଭ୍ବର ଗୋଡକୁ ଆହତ କରି ଦୌଡି ପଳାଏ)

ଅଭ୍ବ – ଆଃ..... ମୋ ଗୋଡ.... ଆଃ....

(ମଞ୍ଚ ଅନ୍ଧାର)

(ଆଲୋ୍କ ଆସିଲ୍। । ସଭ୍ମଞ୍ଚ ପ୍ରସ୍ତୁତ । ମନ୍ତ୍ରୀ ଆସୁଥାନ୍ତି)

ସ୍ଲୋଗାନ - ମନ୍ତ୍ରୀ ନବଘନ ଘଡେଇ

ଅନ୍ୟମାନେ – ଜିନ୍ଦାବାଦ....ଜିନ୍ଦାବାଦ....

(ମନ୍ତ୍ରୀ ଉପସ୍ଥିତ ସଭ୍ମଣ୍ଡାଳୀଙ୍କୁ ହାତଯୋଡି ସଭ୍ମଞ୍ଚ ନକଟକୁ ଆଗଉଥାନ୍ତି । ପଛେ ପଛେ ସେକ୍ରେଟାରୀ ନଟବର ମଧ)

ନବଘନ – ବନ୍ଧୁଗଣ! ଆଜିର ସଭ୍ କେବଳ ମୋ ପାଇଁ ନୁହେଁ । ଏଠାରେ ଉପସ୍ଥିତ ସମସ୍ତ ଜନତା ଜନାର୍ଦ୍ଦନଙ୍କ ନମନ୍ତେ ଆୟୋ୍ଜନ ହୋଇଛି । ସମସ୍ତେ ଜାଣନ୍ତି ମୁଁ ଏ ଗ୍ଇଜର ସୁପ୍ରିମ ପାଓ୍ବାରଫୁଲ । ପ୍ରକୃତରେ ବୁଝିବାକୁ ଗଲେ ମୋର ଏହି ହଜାର ହଜାର ଜନତା ଜନାର୍ଦ୍ଦନଙ୍କର ମହାନତା ପାଇଁ ମୁଁ ନମିତ୍ତମାତ୍ର ।

ବନ୍ଧୁଗଣ! ଆଜି ସବୁଠି ସବୁଆଡେ ସମସ୍ୟା ଘେରି ରହିଛି । ହିଂସା, ଦ୍ୱେଷ, କଳହ ସୃଷ୍ଟି ହେଉଛି । ସେସବୁ ସମସ୍ୟାର ସମାଧାନ ନମନ୍ତେ ମୁଁ ଆଜି ଆପଣମାନଙ୍କ ନକଟକୁ ଆସିଛି । ଏଇ ଗତ କଛିବର୍ଷ ପୂର୍ବେ ଏଇ ମାଟିରେ ମରୁଡି, ବନ୍ୟା ବିପ୍ଯାତ, ଚଟଫଣ୍ଡ, ଜମି

ଜବରଦଖଲରେ ସାଧାରଣ ଗୃଷୀମାନଙ୍କର ଅପମୃତ୍ୟୁ ଘଟିଛି ସେସବୁର ମୂଳ କାରଣ ହେଉଛି ବଡବଡ ଶିଳ୍ପପତିମାନେ ତୁମରି ଭିତରେ ପଶି ତୁମମାନଙ୍କୁ ବେଘର କରୁଛନ୍ତି । ତାର ଏକ ସଂପୂର୍ଣ୍ଣ ସମାଧାନ ପାଇଁ ମୁଁ ଆଜି ଏଠାକୁ ଆସିଛି ।

ବନ୍ଧୁଗଣ**!** ଏ ମାଟିର ଏଭଳ ଏକ ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକଜୁଟ ହୁଅନ୍ତୁ । ଏ ମାଟିର ପାଣି, ପବନ, ମେଳା, ମହୋତ୍ସବକୁ ଅନ୍ୟ ହାତରେ ଟେକ ଦିଅନାହିଁ । ସମସ୍ତେ ସେଇ ପୁଞ୍ଜିପତି-ଶିଳ୍ପପତିମାନଙ୍କ ବିରୁଦ୍ଧରେ ପ୍ରତିବାଦ କରନ୍ତୁ ।

ଅଭ୍ଵବ – **(**ପ୍ରବେଶୀ**)** – ପ୍ରତିବାଦ ମୁଁ ବି କରିଥିଲି । ହେଲେ ଦୁଇମାସ ହେବ ମୋର ଆଜି ଗୋଟିଏ ଗୋଡକୁ ଅକର୍ମଣ୍ୟ କରି ଦିଆହୋଇଛି ।

ନବଘନ – କଏ**...**କଏ ତୁମେ**?**

ଅଭ୍ଵବ – ଶହ ଶହ, କୋଟି କୋଟି ଅଭ୍ଵବୀ ମାନଙ୍କ ମଧ୍ଯରୁ ମୁଁ ଅଭ୍ଵବ ଦାସ । ସେଦିନ ମହାଭ୍ରତ ଯୁଦ୍ଧ ନକରିବାକୁ ବିଦୁର ମନା କରିଥିଲେ ବୋଲି ତାଙ୍କୁ ମୂକ ହୋଇ ରହିବାକୁ ପଡିଲ୍ । ମୋତେ ରକ୍ତ ଦିଅ, ମୁଁ ସ୍ଵାଧୀନତା ଦେବି" ସୁଭ୍ଵସ ବୋଷ କହିଲେ ବୋଲି ନଖୋଜ ହୋଇଗଲେ । ଆଉ ଛୋଟ ଝିଅ ମଲ୍‌ଲ୍ ମୁସଲମାନ ଝିଅମାନଙ୍କର ଶିକ୍ଷାକୁ ନେଇ ପ୍ରତିବାଦ କଲ୍‌ବୋଲି ଗୁଳ ଗ୍ଭେଟର ଶିକାର ହୋଇଥିଲ୍ । ସେପରିସ୍ଥଳେ ମୋପରି ଜଣେ ଅଭ୍ଵବ ଦାସର ଅବସ୍ଥା ଏଇୟା ହେବନ ତ ଆଉ କଣ ହୋଇପାରେ**?**

ନଟବର – ଇସ୍ କ କଷ୍ଟ**.....** କ ଦୁଃଖ**....**

ନବଘନ – ଓ ହୋ ତୁମେ ଚୁପ୍ ରୁହ ନଟବର । ସିରିଅସ୍ ମ୍ୟାଟର ଭିତରେ ମୁଣ୍ଡ ପୁରାଅନ । ହଁ ମୁଁ ତୁମ ଦୁଃଖ, ଯନ୍ତ୍ରଣା କଥା ସବୁ ବୁଝିପାରୁଛି**....** ।

ଅଭ୍ଵବ – ଘରେ ମୋର ଗ୍ଭେଗିଣା ସ୍ତ୍ରୀ ସୁକୁସୁକୁ ହେଉଛି । ବଢିଲ୍ ଝିଅର ବାହାଘର କରିପାରୁନ । ସ୍କୁଲରେ ଫିସ ଦାଖଲ କରିପାରିନ ବୋଲି ପୁଅଟା ପାଠ ପଢିପାରୁନ ।

ନଟବର – ଇସ୍ କେତେ ଦୁଃଖ**.....** କେତେ କାହାଣୀ ।

ଅଭ୍ଵବ – ଇଏ କାହାଣୀ ନୁହେଁ ଆଜ୍ଞା, ଅଭ୍ଵବ ଦାସର ସତକଥା ।

ନବଘନ – ଆଛା ତୁମେ କଣ ଗୁହଁ କୁହ । ଯଥା ସମ୍ଭବ ମୁଁ ତୁମକୁ ସରକାରୀ ସାହାଯ୍ୟ କରିବି ।

ଅଭ୍ବ – ସାର! ମୁଁ ଆସିଥିଲି ମୋର ଏଇ ଅକର୍ମଣ୍ୟ ପାଇଁ। ସରକାରୀ ବାବୁମାନେ ମୋ ଘରକୁ ଆସି ଭଙ୍ଗାଗୋଡର ଫଟୋ ନେଇଥିଲେ । ଆଉ କହିଯାଇଥିଲେ ସରକାରୀ ସାହାଯ୍ୟ ମିଳବ । ଯଦି ସେଇତକ ଆପଣ କରେଇ ଦିଅନ୍ତେ.... ।

ନବଘନ – ବ୍ୟସ୍ତ ହୁଅନା । ତୁମର ଏ ଅବସ୍ଥା ପାଇଁ ମୁଁ  ନଷ୍ଟୟ କଛି କରିବି । ଆଚ୍ଛା, ଗୋଟେ କାମ କର । ତୁମ ପାଖରେ ଯାହାସବୁ ମେଡିକାଲ ରିପୋର୍ଟ, ସରକାରୀ ଚଠି ଅଛି ତାକୁ ନେଇ ଡାକବଙ୍ଗଳାକୁ ଆସ । ମୁଁ ସେଇଠି ରହିଛି ।

(ମନ୍ଦ ଅନ୍ଧାର)

(ଡାକବଙ୍ଗଳା ର ଦୃଶ୍ୟ, ମନ୍ତ୍ରୀ ନବଘନ ଘଡେଇ ବ୍ଗରେ ଟହଲ ମାରୁଥାନ୍ତି । ପଛେ ପଛେ ନଟବର ଏକ ପାଣି ବୋତଲ ହସ୍ତେ ଟହଲୁଥାଏ)

ନଟବର – (ହଠାତ୍ ଅଟକଯାଇ) ସାର୍..... ଟିକେ ବସିପଡନ୍ତୁ । ପାଣି ବୋତଲଟା ମୁଣ୍ଡରେ ଢାଳଦିଏ । ମିଜାଜ କୁଲ ହୋଇଯିବ ।

ନବଘନ – ହ୍ୱାଟ ନନସେନ୍ସ । ତୁମେ ଜାଣିନ ନଟବର ସମସ୍ୟାଟା କେତେ ଡିଫିକଲ୍ଟ । ଆଉ ଏଇଟା କଣ ଫଇସଲ୍ ନହୋଇ ରହିଯିବ?

ନଟବର- ସବୁ ଡିଫିକଲ୍ଟକୁ ତ କୁନା ପଣ୍ଡା ଦ୍ୱାର୍ ଫଇସଲ୍ କରିସାରିଛନ୍ତି । ଆଉ ଏଇଟା କଣ ଫଇସଲ୍ ନହୋଇ ରହିଯିବ?

ନବଘନ-ଠିକ୍ ସମୟରେ ବୁଦ୍ଧି ଖଟେଇ ପଦେ କହିଲ ନଟବର । ଫୋନ୍ ଲଗାଅ ।

ନଟବର – କାହା ପାଖକୁ ସାର...?

ନବଘନ – ମଦନ ମହାପାତ୍ର ।

ନଟବର – (ଫୋନ ରିଂ କରି) ହାଲୋ.....? ମଦନ ମହାପାତ୍ର କହୁଛନ୍ତି, ଏଇ ସାରଙ୍କ ସଙ୍ଗେ କଥା ହୁଅନ୍ତୁ । (ମୋବାଇଲ ନବଘନକୁ ଦିଏ)

ନବଘନ – ମଦନ ବାବୁ? ଝିଣ୍ଟିକା ପୁଣି ଝିଁ ଝିଁ କଲାଣି । ତା ପାଇଁ ଦାନା ଯୋଗାଡ କରନ୍ତୁ ।

ନଟବର – (ଦୂରରୁ ଅଭାବ ଦାସ ଆସୁଥିବାର ଦେଖି) ସାର.....ସିଏ ଆସିଲାଣି ।

ଅଭାବ-ସାର ନମସ୍କାର । ଏସବୁ ମୋ ପ୍ରମାଣ ପତ୍ର । (ନଟବର ନେଇ ମନ୍ତ୍ରୀଙ୍କୁ ଦିଏ)

ନବଘନ- (ପ୍ରମାଣପତ୍ର ଦେଖିସାରି) ସତରେ ଅସାମାଜିକ ବର୍ବରତା ପାଇଁ ତୁମର ଆଜି ଏଭଳ ଅବସ୍ଥା ହୋଇଛି । ସେଥିପାଇଁ ମୁଁ ଖୁବ୍ ଦୁଃଖିତ ।

ନଟବର – ଇସ୍....କି ଦୁଃଖ, ସାର ରୁମାଲ ଦେବି ।

ନବଘନ – ନୋ ଥ୍ୟାଙ୍କସ୍ । ତେବେ ମୋର ଗୋଟେ ସର୍ତ୍ତ ତୁମକୁ ମାନିବାକୁ ପଡିବ ।

ଅଭାବ - ସର୍ତ୍ତ....??

ନବଘନ – ମୁଁ ତୁମକୁ ସରକାରୀ ଚାକରୀ କରେଇଦେବି । ରହିବାପାଇଁ ଘର ତୋଳି ଦେବି । ଆଉ ଆବଶ୍ୟକୀୟ ଯାହା କରେଇଦେବି । କିନ୍ତୁ ତୁମକୁ ପ୍ରତିବାଦର ସ୍ୱର ବନ୍ଦ କରିବାକୁ ହେବ ।

ଅଭାବ – ମାନେ.....?

ନଟବର – ମାନେଟା ଅତି ସରଳ ଆଜ୍ଞା । ଜମି ଜବର ଦଖଲରେ ପ୍ରତିବାଦ କରିବେ ନାହିଁ । ଶିଳ୍ପପତି ମଦନ ମହାପାତ୍ର ତୁମ ଗାଁ ରେ ଇଣ୍ଡଷ୍ଟ୍ରି ବସେଇବେ ।

ଅଭାବ – ଓହୋ.... ଆପଣ ବି ସେଇ ମଦନ ମହାପାତ୍ର ପିଞ୍ଜରାର ଶୁଆ । ବାଃ...ବାଃ ରେ ଗଣତନ୍ତ୍ର । ସତରେ ଏଇୟାକୁ କହନ୍ତି ରାଜନୀତି ଭିତରେ ପଲିଟିକ୍ସ ।

ନବଘନ – ଆଉ ସେଇ ପଲିଟିସିଆନ ମାନେ ତୁମପରି ଲୋକମାନଙ୍କ ଆଗରେ ବିନ୍ ବଜେଇ ବିଷଦାନ୍ତକୁ ଭାଙ୍ଗି ଦିଅନ୍ତି । ଛାଡ ଏତେ ବହପ କଥାରୁ କଣ ମିଳିବ । ନଟବର!

ନଟବର – ସା...ର....!

ନବଘନ – ତାକୁ ତାର ପ୍ରାପ୍ୟ ଦେଇଦିଅ ସେ ଚୁପଚାପ ଏଠାରୁ ଚାଲିଯାଉ ।

ଅଭାବ – ଖବରଦାର ମନ୍ତ୍ରୀ ନବଘନ ଘଡେଇ । ମୁଁ ଅଭାବୀ ହୋଇପାରେ । ମୋ ପାଖେ ସଂବଳ ନାହିଁ ସତ, ହେଲେ ମୁଁ ସତ୍ୟ-ନ୍ୟାୟକୁ ପାଥେୟ କରି ମୋ ମଥାକୁ ତୁମଠାରେ ବିକ ପାରିବିନ କ ଗୋଟେ ଇଞ୍ଚ ମାଟି ଜବରଦଖଲ କରିବାକୁ ଦେବିନ । ଦରକାର ନାହିଁ ମୋର ସେ ଅଯାଚତ ସଂବଳ । ଯେ ପର୍ଯ୍ୟନ୍ତ ମୋ ଶରୀରରେ ଜୀବନ ଅଛି, ସେ ପର୍ଯ୍ୟନ୍ତ ଅଭାବ ଦାସ ବିପ୍ଳବ କରିବ । ଜମିର ଜବର ଦଖଲ କରିବାକୁ ଦେବନ । ଆମ ମାଁ ମାଟି ଆମର ହେଉ (ପଛ ପଟରୁ କୁନା ପଣ୍ଡା ଆସି ଗାମୁଛା ଦ୍ୱାରା ଅଭାବ ଦାସର ଗଳାକୁ ଚପିଧରେ)....ମା...ଟିର....ମା....ଫିଆ....(ଆଗକୁ କଛି କହିପାରେନ, ଗଳାରୁଦ୍ଧ ହୋଇଯାଏ)

ନଟବର – ଇସ୍..... କ ସାଂଘାତିକ ବ୍ୟାପାର ! ଓ ହୋ ପଣ୍ଡା ତାକୁ ଛାଡିଦେ । ମରିଯିବରେ ।

କୁନା – ମରିଯାଉ.... । ସେଦିନ କହିଥିଲି ଆଉ ଆଗକୁ ଆଗାନା । ଗୋଟେ ଗୋଡ ଛୋଟା କରିଦେଲି । ତଥାପି ଶଳା ଘୁଷୁରି ଘୁଷୁରି ଆଗଉଛି । ମୁଁ ଗୋଟେ ସହରୀ ବାଘ.... ସ-ଇ-ତା-ନ.... (ଜୋରରେ ଚପି ଧରେ ଅଭାବ ଦାସ ଗଁ ଗଁ ଚତ୍କାର କରି ତଳେ ପଡିଯାଏ)

ନଟବର – (ଅଭାବ ଦାସର ଶ୍ୱାସ ପ୍ରଶ୍ୱାସ ପରୀକ୍ଷା କରି) ଇସ୍.... କଣ କଲୁରେ ତୁ? ମାରିଦେଲୁ?

ନବଘନ – ମ.ରି.ଗ.ଲା....?

ନଟବର – ଆଜ୍ଞା.....

ନବଘନ/କୁନା – ହାଃ....ହାଃ....ହାଃ.... (ଏକସଙ୍ଗେ ହସି ଉଠନ୍ତି)

(ମଞ୍ଚ ଅନ୍ଧାର)

(ମଞ୍ଚ ଆଲୋକତ ହେଲା । ଚିରା ଫଟା ବସ୍ତ୍ର ପରିହିତ ପୂର୍ବର ସେଇ ଅଭାବ ଦାସ ହସେ ପୁଣି ପିଲାଙ୍କ ପରି ଭେ-ଭେ ହୋଇ କାନ୍ଦେ । କାନ୍ଦ ଭିତରେ କହେ)

ଅଭାବ – ମୁଁ ଆଉଜଣେ ଅଭାବ ଦାସ । ହସି ନାହିଁ ତ କାନ୍ଦିବି କପରି? ପ୍ଲାଷ୍ଟିକ କଣ୍ଟେଇର ଗୋଟିଏ ପାଖ ଚୁପି ନଦେଲେ ଅନ୍ୟ ପାଖ ଉଠିବ କେମିତି? ଅଭାବ ଦାସମାନଙ୍କୁ ଚୁପା

ପଥରୁ ହଟେଇ ନଦେଲେ ଶିଳ୍ପପତି-ଜମି ମାଫିଆମାନେ ବିତ୍ତଶାଳୀ ହେବେ କେମିତି? ସାଗ୍ ଜୀବନ ସତ୍ୟ-ନ୍ୟାୟ ଧର୍ମ ପଥରେ ଗ୍ଲୁଥିବା ମଣିଷର ପ୍ରତିବାଦକୁ ଏ ସମାଜର ନୀତି-ନୟାମକ କର୍ଣ୍ଣଧାରମାନେ ସହି ପାରନ୍ତିନ। ତେଣୁ ଅଭ୍ୱବ ଦାସ ମାନଙ୍କୁ ମରିବାକୁ ହୁଏ। ମୁଁ ମୃତ। ହଁ-ହଁ ମୁଁ ଗୋଟେ ଶବ।

**(ପୁଣି ଖୁବ୍ ଜୋରରେ ହସିଉଠେ। ହସ ମଧ୍ୟରେ ଚତ୍କାର କରି କହେ)**

ନା.... ମୁଁ ଜୀବିତ। ଅଭ୍ୱବ ଦାସମାନେ କେବେ ମରିପାରନ୍ତିନ। ଏଠି ଅନେକ ଅଭ୍ୱବ ଦାସ ଅଛନ୍ତି। ଏ ମାଟିରେ ଅଗଣିତ ଅଭ୍ୱବ ରହିଛି। ପାଣିର ଅଭ୍ୱବ, ଖାଦ୍ୟର ଅଭ୍ୱବ, ବସ୍ତ୍ରର ଅଭ୍ୱବ, ରହିବାପାଇଁ ଅଭ୍ୱବ, ଭ୍ୱବର ଅଭ୍ୱବ। ସବୁଠି ଖାଲି ଅଭ୍ୱବ।

ପେଟ ପାଇଁ ଅନେକ ନାଟ। ପେଟର ଭ୍ୱେକ ମେଣ୍ଟାଇବାକୁ ବାପ ବିକ୍ରି କରେ ତା କଅଁଳା ଛୁଆକୁ। ନାରୀଟିଏ ୫୦ ଟଙ୍କାରେ ଦେହ ବିକ୍ରିକରେ ପ୍ଲାଟଫର୍ମରେ। ସତରେ କେତେ କଥା କେତେ ବ୍ୟଥା। ଏଠି ବଞ୍ଚି ରହିବାଟା ଏକ ବିଗ୍ରଟ ବଡ ହିସାବ ଖାତା। ଯାହା କେବଳ ପ୍ଲସ ମାଇନସ ଭ୍ୱଗଶେଷ ଶୂନ।

**(ମଞ୍ଚ ଅନ୍ଧାର)**

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ଦୂରକର ପ୍ରଭୁ ଏହି ଦୁର୍ଗତି



ହରେରାମ ପଣ୍ଡା

କେଉଁଠୁ ଆସିଲା ଏହି ମହାମାରୀ
"କରୋନା" ରାକ୍ଷସ ନାମକୁ ନେଇ,
ସାରା ବିଶ୍ୱ ଆଜି କବଳେ ତାହାର
କବଳରୁ ତାର ନସ୍ତାର ନାହିଁ ।
ମଣିଷର ସବୁ ଦର୍ପ ଅହଂକାର
ପାରିବା ପଣିଆ ବିଫଳ ଆଜି,
କେତେକେତେ ଜ୍ଞାନୀ, ବିଜ୍ଞାନୀ ନାଗର
ନ ପାରନ୍ତି କିଛି ଉପାୟ ଖୋଜି ।
ଗଡୁନାହିଁ ଚକ, ଉଡୁନ ବିମାନ
"ଲକ୍ ଆଉଟ୍" ଆଜି ସମଗ୍ର ଦେଶ,
କରୋନା ପାଇଁକି ଏ ମହାଲଢେଇ
କେବେ ହେବ ଅବା ଏହାର ଶେଷ !
ଦିନୁଁଦିନ ବଢେ ପ୍ରକୋପ ଏହାର
ଦେଶରେ ଗଡୁଛି କେତେ ଯେ ମୁଣ୍ଡ,
କାହିଁକି ନରବ ଜଗତର ନାଥ
ମଣିଷଙ୍କୁ ଦିଅ ଏପରି ଦଣ୍ଡ ?
ଆପଣା ସୀମାରେ ଥାଇ ମହାପ୍ରଭୁ
କରୁଅଛୁ ପାଦେ ଏହି ମିନତି,
ନଜର ସଷ୍ଟିକୁ ରକ୍ଷାକର ନଜେ
ଦୂରକର ପ୍ରଭୁ ଏହି ଦୁର୍ଗତି ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ମେର୍ଦ୍ଦା କାଟିଆ ଛକ, ଯାଜପୁର

# କାହିଁକି କରିଛ ମାନ



ପ୍ରଭାସିନୀ ସେନାପତି

ହେ କଳା ମାଧବ ଦରିଦ୍ର ବାନ୍ଧବ
କାହିଁକି କରିଛ ମାନ
ବଡ ଦେଉଳରେ ଅଛ କବା କେଣେ
ହୋଇ ଗଲ ଅନ୍ତର୍ଦ୍ଧାନ ।

କବାଟ କୁ କଳ ନରବେ ଶୋଇଲ
ଚକା ନୟନ କୁ ବୁଜି
ଭକତେ ତୁମର ମହା ସଂକଟରେ
ପଡ଼ି ଛନ୍ତି ପର୍ ଆଜି ।

ସୂର୍ଯ୍ୟ, ଚନ୍ଦ୍ର ତାର୍ ତୁମ୍ଭରି ଆଜ୍ଞା ରେ
ହୋଇଥାନ୍ତି ଆତଯାତ....
ଚଉଦ ବ୍ରହ୍ମାଣ୍ଡ ଅଧୀଶ୍ୱର ତୁମେ
ସବୁ ତୁମଠାରୁ ଜାତ ।

ଗଛରୁ ପତର, ନଦୀରୁ ସାଗର
ସବୁତ ତୁମର ଦାନ.. .
ନ ଗୃହିଁଲେ ତୁମେ ପତର ହଲେନ
ସର୍ବବ୍ୟାପୀ ଭଗବାନ ।

କାହିଁକ ଦେଇଛ ଏମିତି ସଙ୍କଟ
ତୁମକୁ ତ ଏକା ଜଣା.....
ଏ ଛାର ମଣିଷ ପରାଣ ଆତଙ୍କେ
ହୋଇଲାଣି ବୁଦ୍ଧି ବଣା ।

ସବୁ ଦୋଷା ଦୋଷ କରିଦିଅ କ୍ଷମା
ହେ କ୍ଷମା ସାଗର ହରି.....
ଉଦ୍ଧାର ଆମକୁ ଏ ମହା ବିପଦୁ
ଦୂର କର ମହାମାରୀ ।

ଭିଙ୍ଗାରପୁର, ଖୋର୍ଦ୍ଧା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜାତି



ଦିଲମ୍ବର ମହାନନ୍ଦ

ଭାରତ ବର୍ଷରେ ମଣିଷ ସମାଜ
ଗଢ଼ା ନେଇ କଚ୍ଛି ଲୋକ
ମଣିଷ ମଣିଷ ମାନଙ୍କ ମଧ୍ୟରେ
ହେଉଅଛି ଜାତିଭେଦ ।।

ତାଙ୍କରି ଦେହରେ ଯେମିତି ରକ୍ତ
ଆମରି ଦେହରେ ତାହା
ତାଙ୍କର ଯେମିତି କଳା, ଧଳା ରଙ୍ଗ
ଆମ ଦେହେ ମଧ୍ୟ ତାହା ।।

ମଣିଷର ଜାତି ଦୁଇ ପ୍ରକାର
ନାରୀ ପୁରୁଷଙ୍କୁ ନେଇ
ତଥାପି କହୁଛ ଜାତି ତୋ ଅଲଗା
ତାହାକୁ ଛୁଇଁବ ନାହିଁ ।।

ଯାହାକୁ କହୁଛ ଛୋଟ ଜାତି ବୋଲି
ତାର ପାଖେ ସବୁ ବନ୍ଧା
କଳା, ସଂସ୍କୃତି କୁ ବଞ୍ଚାଇ ରଖିଛି
ତୁମେ ଭୁଲିଗଲ ତାହା ।।

ଗ୍ରାମ ଦେବୀ ଠାରୁ ଆରମ୍ଭ କରି
କରି ଗଲେ ସବୁ ପୂଜା
ତୁମେ ବୁଲୁଅଛ ରାଜ ରାସ୍ତାରେ
ତୁମେ କି ଜାଣିବ ତାହା ॥

ଆମ୍ବଗୁଡା ଗୋଲମୁଣ୍ଡା କଳାହାଣ୍ଡି

# କୋରନା ଭୂତାଣୁ



ପୂର୍ଣ୍ଣଚନ୍ଦ୍ର ରଣା

ରନା ସାଜିଛି ମହାମାରୀ ଆଜି
ସର୍ବ ଜନ ଭୟଭୀତ
ସେ ରୋଗ ପାଇଁ ଯେ ନାହିଁ ଉପଚାର
ଶୁଣ ହେ ମିତ ସଙ୍ଗାତ ।୧

କୋରନା ଭୂତାଣୁ ମାରାତ୍ମକ ସାଜି
ନେଉଛି କେତେ ଜୀବନ
ଏହି ରୋଗ ପ୍ରତି ରୁହ ସଚେତନ
ଆହେ ମୋର ସୁଧିଜନ ।୨

ଖାଇବା ପୂର୍ବରୁ ଧୋଇବା ଯେ ହାତ
ସାବୁନରେ ଭଲକରି
ସୁସ୍ଥ ପରିବେଶେ ରହିବା ସଭିଏଁ
କରିବାନ ଜମା ଡେରି ।୩

ମାଛ ଆମିଷରୁ ଦୂରେଇ ରହିବା
ହେବା ଆମେ ସାକାହାରି
କୋରନା ଆମର ପାଖେ ନ ପଶିବ
ମରିବ ସେ ଝୁରିଝୁରି ।୪

ମାଛ, ମାଂସରେ ତ ବିସ୍ତାର ଅଧିକ
ଏ କୋରନା ଭୂତାଣୁର

ବାଦୁଡ଼ି ପଶୁରୁ ଜନମ ଏହାର
କରେ ଏ ଯେ ନାରଖାର ।୫

ଏ ସାର୍ଥ ବିଶ୍ୱରେ ବିସ୍ତାର କରିଛି
ଭୟଙ୍କର ଏ ଭୂତାଣୁ
ବହୁ ବେଗେ ଏ ଯେ କରୁଛି ବିସ୍ତାର
ଏ ତ ଏକ ପରମାଣୁ ।୬

ରୋକିବାକୁ ହେଲେ ଏହି ଭୂତାଣୁକୁ
ନେବା ଆମେ ଉପଗ୍ଚର
ନିଜେ ସଚେତନ ହେଲେ ତ ସଭିଏଁ
ଏହା ବଡ଼ ପ୍ରତିକାର ।୭

ମୁହଁରେ ବାନ୍ଧିବା ଟିସ୍ୟୁ ମାକ୍ସକୁ
ନ ହେବା ଯେ ସଂକ୍ରମିତ
ଆଖି, କାନ, ନାକ ସ୍ପର୍ଶ କରିବାନି
ନ ଧୋଇଣ ଆମେ ହାତ ।୮

କାହାକୁ ନ କରି ଜମା ଆଲିଙ୍ଗନ
କରିବା ତ ନମସ୍କାର
ସଂକ୍ରମଣରୁ ବଞ୍ଚିଯିବା ଆମେ
ହେବା ଆମେ ପରିଷ୍କାର ।୯

ପରିବେଶ ଆମ ପରିଚ୍ଛନ୍ନ ହେଲେ
କୋରନା ଯିବ ଦୂରେଇ
ସୁସ୍ଥ ପରିବେଶ ଗଢ଼ିବା ତ ଆମେ
ରହିବା ତ ସୁସ୍ଥ ହୋଇ ।୧୦

ହାଟସିଂହାପୁର, ଯାଜପୁର

# ବିଶ୍ୱାସ



ବାସନ୍ତୀ ଲତା ଜେନା

ଠିକ ମନେ ପଡୁନ । ବେଶୀ ଦିନ ତଳର କଥା ନୁହେଁ । ପ୍ରାୟ ଦୁଇ ବର୍ଷ ହେବ । ଥରେ ବହୁ ଜୋରରେ ଝଡ଼ ବର୍ଷା ହେଲା । ନଦୀ ନାଳ ଚାରି ଆଡେ ପାଣି ଭରି ଗଲା । ଯୁଆଡେ ଚାହିଁଲେ ଖାଲି ପାଣି ଆଉ ପାଣି । ସ୍ଥଳ ଭାଗ ମୋଟେ ଦିଶୁ ନ ଥାଏ । ସରକାରୀ ଘୋଷଣା ହେଲା, ତଳୁଆ ଅଂଚଳର ଲୋକେ ଉଚ୍ଚ ସ୍ଥାନକୁ ଘର ଛାଡି ଚାଲି ଯାଆନ୍ତୁ ।

ସାହାଯ୍ୟକାରୀ ଦଳ, ଅଗ୍ନିଶ୍ରମ ବିଭାଗର ଲୋକମାନେ ସାହି ବାସିନ୍ଦା ମାନଙ୍କୁ ଉଚ୍ଚା ସ୍ଥାନକୁ ନେଇ ଯାଉଥାନ୍ତି । ଚାହୁଁ ଚାହୁଁ ଜଳ ଘୋ-ଘୋ ଶବ୍ଦ କରି ମାଡି ଆସିଲା । ଘର ଦ୍ୱାର ଭସାଇ ନେଲା । ବଡ଼ ବଡ଼ ଗଛ ସବୁ ପବନରେ ଉପୁଡି ପଡିଲା । ବଡ଼ ବଡ଼ କୋଠାଘର ମଧ୍ୟ ପାଣି ସୁଅର ଆଘାତରେ ଭାଙ୍ଗି ପଡିଲା । ଚାରିଆଡେ ହା -ହା କାର ମୟ ହୋଇ ପଡିଲା । ଯେଉଁମାନେ ଗାଁ ରେ ରହି ଯାଇଥିଲେ, ସେମାନଙ୍କୁ ଉଦ୍ଧାର କାରି ଦଳ ଡ଼ଙ୍ଗା, ଭେଳା ସାହାଯ୍ୟରେ ଉଚ୍ଚା ସ୍ଥାନରେ ନେଇ ଛାଡୁ ଲେ । କେଉଁଠି ସ୍କୁ ଲ ଘରେ ଲୋକେ ରହୁ ଥିଲେ ତ କେଉଁଠି ଲୋକ ମାନେ ପଞ୍ଚାୟତ ଅଫିସରେ ରହୁ ଥିଲେ ।

ଚନ୍ଦନପୁର ଗାଁର ଶ୍ୟାମଘନ ପଣ୍ଡା ନାମକ ଜଣେ ପୂଜକ ଥିଲେ । ସେ ଶିବ ମନ୍ଦିରରେ ପୂଜା କରନ୍ତି । ମନ୍ଦିର ବେଢା ସଫା କରନ୍ତି । ତାଙ୍କର ଦେବ ଦେବ ମହାଦେବଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଥାଏ ଯେ, ତାଙ୍କର କଛି କ୍ଷତି ହେବ ନାହିଁ । ଭଗବାନ ତାଙ୍କୁ ନଶ୍ଚୟ ରକ୍ଷା କରିବେ। ଯେତେବେଳେ ଚନ୍ଦନପୁର ଗାଁ ଜଳ ମଗ୍ନ ହୋଇ ଗଲା, ସେହି ସମୟରେ ଶ୍ୟାମଘନ ନନା ଥିଲେ ମନ୍ଦିରରେ । ଜଣେ ନାଉରିଆ ଡ଼ଙ୍ଗା ଧରି ଆସି ନନା ଙ୍କୁ ଡାକଲେ ଉଚ୍ଚା ସ୍ଥାନକୁ ଯିବା ପାଇଁ । ସେ ସଫା ସଫା ମନା କରି ଦେଲେ । କହିଲେ, ତୁମେ ଅନ୍ୟ ମାନଙ୍କୁ ନେଇ ଯାଅ । ମୋର କଛି ହେବ ନାହିଁ । କଛି ସମୟ ପରେ ଗାଁର ଯୁବକ ସଙ୍ଘ ତରଫରୁ ତିନ ଚାରି ଜଣ

ପିଲ୍ ଭେଳା ନେଇ ଆସି ଶ୍ୟାମ ଘନ ନନାଙ୍କୁ ଡାକଲେ । ନନା ସେମାନଙ୍କ ସାଙ୍ଗରେ ଯିବାକୁ ମନା କରି ଦେଲେ ।

ତାର କଛି ସମୟ ପରେ ଗାଁର ଜମିଦାର ମଧ୍ୟ ସପରିବାର ସହ ଡଙ୍ଗାରେ ଯାଉଥିଲେ । ସେ ନନାଙ୍କୁ ଦେଖି ତାଙ୍କ ସହ ଯିବାକୁ କହିଲେ । ପଣ୍ଡାନନା ତାଙ୍କୁ ମଧ୍ୟ ମନା କରି ଦେଲେ । ସେତେ ବେଳକୁ ସାର୍ ଗାଁ ଜଳ ମଗ୍ନ ହୋଇ ସମୁଦ୍ର ଭଳ ଦିଶୁ ଥାଏ । ମନ୍ଦିର ଭିତରେ ମଧ୍ୟ ପାଣି ପଶି ଯାଇଥାଏ । ବଡ଼ ବଡ଼ ଗଛ ଉପୁଡି ପାଣି ସୁଅରେ ଭସି ଯାଉଥାଏ । ହଠାତ ମନ୍ଦିର ବେଢାକୁ ପାଣି ମାଡି ଆସିଲ୍ । ସେହି ପାଣି ସୁଅରେ ଶ୍ୟାମଘନ ନନା ଭସି ଭସି ଯାଇ ଉପୁଡି ପଡ଼ିଥିବା ଗୋଟିଏ ଗଛର ଡାଳକୁ ଧରି ପକାଇଲେ । ଗୋଟିଏ ରାତି ସେହି ଗଛ ଡାଳକୁ ଧରି ପାଣିରେ ଭିଜି ଭିଜି କଟାଇଲେ । ତା'ପର ଦିନ ଉଦ୍ଧାରକାରୀ ଦଳ ଆସି ଶ୍ୟାମଘନ ନନାଙ୍କୁ ସେଠାରୁ ଉଦ୍ଧାର କଲେ । ସେତେବେଳକୁ ନନାଙ୍କର ହାଲତ ଖରାପ ହୋଇ ଯାଇଥାଏ । ସେ ଶୀତରେ ଥରୁଥାନ୍ତି । ଛିଡା ହେବାକୁ ତାଙ୍କର ବଳ ନ ଥାଏ । ତଥାପି ଶ୍ୟାମଘନ ନନା ଭଗବାନଙ୍କୁ ଜବାବ ମାଗିବା ପାଇଁ ସାହସ ବାନ୍ଧି ଥାନ୍ତି ।

ତାଙ୍କ ମନରେ ଭଗବାନଙ୍କ ଉପରେ ରାଗ, ଅଭିମାନ ଓ ଦୁଃଖ ଭରି ଯାଇଥାଏ । ଅଳ୍ପ ଅଳ୍ପ ବର୍ଷା ହେଉଥାଏ । ଶ୍ୟାମଘନ ନନା ଉଚ୍ଚା ସ୍ଥାନକୁ ନ ଯାଇ ସିଧା ମନ୍ଦିରକୁ ଗଲେ । ମନ୍ଦିର ଭିତରେ ଅଳ୍ପ ଅଳ୍ପ ପାଣି ଥାଏ । ନନା ଲମ୍ବହୋଇ ମହାଦେବଙ୍କ ଗୋଡ଼ ତଳେ ପଡି କହିଲେ, ପ୍ରଭୁ ! ମୋର କଣ ଭୁଲ ଥିଲ୍ ଯେ ମୋତେ ତୁମେ ରକ୍ଷା କରିଲ ନାହିଁ ? ମୋର ବିଶ୍ୱାସକୁ ତୁମେ ଅବିଶ୍ୱାସରେ ପରିଣତ କରିଦେଲ ? ସେ ବହୁତ କାନ୍ଦିଲେ ।

କଏ ଜଣେ ପଛରୁ ଆସି ତାଙ୍କୁ ବୁଝାଇ କହିଲେ ତୁମେ ଯାହା କରୁଥିଲ ମୁଁ ସବୁ ଦେଖିଛି । ଭଗବାନ ନଜେ ମହାଦେବ ରୂପ ଧରି ତୁମକୁ ଉଦ୍ଧାର କରିବେ ନାହିଁ । ସେ ଡ଼ଙ୍ଗା ପଠାଇଲେ, ଭେଳା ପଠାଇଲେ, ଜମିଦାର ରୂପରେ ତୁମକୁ ମନ୍ଦିର ଛାଡି ଯିବାକୁ କହିଲେ । ତୁମେ କାହାରି କଥା ଶୁଣିଲ ନାହିଁ । ଏବେ ଭଗବାନଙ୍କୁ ଦୋଷ କାହିଁ କ ଦେଉଛ ? ନନା ତାଙ୍କର ଭୁଲ ବୁଝି ପାରିଲେ । ଭଗବାନଙ୍କ ଉପରେ ଥିବା ରାଗ, ଅଭିମାନ କ୍ଷଣିକରେ କୁଆଡେ ଉଭେଇ ଗଲ୍ ।

ଠିକ ସେହି ପରି ଆଜି ଆମ ପାଇଁ ପରୀକ୍ଷାର ବେଳ ଆସିଛି । କରୋନା ରୂପକ ରାକ୍ଷସ ଭୂତାଣୁ ମହାମାରୀ ରୂପ ନେଇ ସାରା ବିଶ୍ୱକୁ ଗ୍ରାସ କରିବାକୁ ବସିଛି । ପ୍ରଥମରେ ଚାଇନା (ଚୀନ ଦେଶ)ରେ ଜନ୍ମ ନେଇ ଚୀନ ର ଲୋକଙ୍କୁ ସଂକ୍ରମଣ କଲା । ତା'ପରେ ଗୋଟିଏ ଦେଶ ପରେ ଗୋଟିଏ ଦେଶକୁ ତାର ବହୁ ପ୍ରସାରିତ କରି ଗ୍ରାସିବାରେ ଲାଗିଛି । ଆଜିର ତାରିଖରେ ଦୁଇ ଶହ ଦଶ ଦେଶରେ ଆସ୍ଥାନ ମେଲାଇ ବସିଛି । କଏ ଜାଣେ ଆଉ କେତେ ଦେଶକୁ ତା 'ଅଧୀନକୁ ନେଇ ନର ମୁଣ୍ଡ ଗିଳି ନର ରାକ୍ଷସ ସାଜିବ । ଆମ ଦେଶ ଭାରତ, ସେଥିରୁ ବି ବାଦ ଯାଇ ନାହିଁ । ଏହି ସଂଙ୍କଟ ସମୟରେ ଦେଶର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଓ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କଥା ମାନି ଚଳିବା । ଆଜି ଓଡିଶା ଲକ ଡାଉନ ।(ତାଲା ବନ୍ଦୀ) କେତେକ ଅଞ୍ଚଳରେ ମଧ୍ୟ ସଟ ଡାଉନ ହୋଇଛି । ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀଙ୍କର ବାର୍ତ୍ତାର ମର୍ମ ବୁଝିବା, ସାମାଜିକ ଦୂରତା ବଜାୟ ରଖିବା, ମୁଖରେ ମାସ୍କ ପିନ୍ଧିବା, ଘରେ ରହିବା, ସତର୍କ ରହିବା, ବାରମ୍ବାର ହାତକୁ ସାବୁନ ପାଣିରେ ଧୋଇବା । ସାନଟାଇଜର ବ୍ୟବହାର କରିବା । ଆବଶ୍ୟକୀୟ ଜିନିଷ ପାଇଁ ବାହାରକୁ ଗଲେ ପରସ୍ପର ଠାରୁ ଦୂରତା ବଜାୟ ରଖିବା । ମୁହଁରେ ମାସ୍କ ପିନ୍ଧିବା, ଆଖି ନାକ ପାଟି ନ ଛୁଇଁବା । କାରଣ ଆଖି, ନାକ, ପାଟି, ଦେଇ ଭୂତାଣୁ ସଂକ୍ରମଣ ଶୀଘ୍ର ହୋଇଥାଏ । ଆମ ସମସ୍ତଙ୍କର ବିଶ୍ୱାସ ରହିବା ଦରକାର ଯେ, ଆମେ ନିଶ୍ଚୟ କରୋନା ରୂପି ରାକ୍ଷସକୁ ହରାଇବା । ଆମେ ନିଶ୍ଚୟ ଜିତିବା । କଳି ଯୁଗର ଭଗବାନ ଜଗନ୍ନାଥ ତ ନିଜେ ରତ୍ନ ସିଂହାସନ ଛାଡି ଆମକୁ ଆସି ରକ୍ଷା କରିବେନି । ହୁଏତ ସିଏ ପ୍ରଧାନ ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ, ଡାକ୍ତର, ନର୍ସ, ପୋଲିସ, ଅଗ୍ନିଶ୍ରମ ବାହିନୀ ମାଧ୍ୟମରେ ଆମକୁ ବାର୍ତ୍ତା ଦେଉଛନ୍ତି । ନିଜକୁ ନିଜେ ସତର୍କ ରୁହ, ଘରେ ରୁହ, ନିଜ ଜୀବନକୁ ସୁରକ୍ଷାରେ ରଖ । କରୋନାକୁ ହରାଇ ବିଜୟର ଶଙ୍ଖ ଫୁଙ୍କ ।

ସହକାରୀ ଶିକ୍ଷୟିତ୍ରୀ
ଗାନ୍ଧିନଗର, ନବରଙ୍ଗପୁର

# ନାରୀ ଅନ୍ତରର କଥା



ଅଶୋକ କୁମାର ପଧାନ

ସଦା ସନ୍ତାପିତ ଭଗ୍ ମୋ ଜୀବନ
ବୁଝିଛି କଏ  ମୋ ଦୁଃଖ ମହୀରେ
ସାର୍ ଜୀବନ ମୋ ସୁଖକୁ ଅରପି
ମୋ ପର୍ଣ ନତି ଦିଏ ଦାହିରେ ।
କେବେ ମୁଁ ଜନନୀ ରୂପରେ ପରସେ
ମୋ ସନ୍ତାନ ହିତେ ଅମୃତ ଧାର
ମୋ ଉଦର ଭେ୍କ ମୋ ମନର ଶୋକ
ଭୁଲି ବାଣ୍ଟେ ନତି ଶାନ୍ତିର ଭ୍ର ।
କେବେ ମୁଁ ଭଗିନୀ ରୂପରେ ଅଜାଡେ
ଶ୍ରଦ୍ଧାର କୁସୁମ ତାହାରି ପାଇଁ
କାମନା କରଇ ତା ଭ୍ଗ୍ୟ ଆକାଶେ
ନତି ପୂର୍ଣ୍ଣ ଇନ୍ଦୁ ଆସୁରେ ଉଇଁ ।
ଜାୟା ରୂପେ ମୁହିଁ ତନ ମନ ପ୍ରାଣ
ସବୁକୁ ଅରପି ଦିଏ ତା ପାଶେ
ପ୍ରେମର ଶେଯରେ ପ୍ରଣୟ କାଳରେ
ତା ମନର ସୁଖ ସନ୍ତୋଷ ଆଶେ ।
ଦୂହିତା ରୂପେରେ ମମତା ବନ୍ଧନେ
ଦୁଇକୂଳ ହିତ ମନାସେ ମୁହିଁ
କନ୍ତୁ ଏ ପୁରୁଷ ଜାତିଟା ମୋ ହୃଦେ
ଦୁଃଖ ଦେବା ପାଇଁ ପଛାଏ ନାହିଁ ।
କେବେ ମୁଁ ଧର୍ଷିତା କେବେ ବିବସ୍ତ୍ରିତା

କେବେ ମୁଁ ଯୌତୁକ ଯୁଇରେ ଜଳେ
ଜୀବନ ଆକାଶେ  ଦୁଃଖ ବାରିଧାର୍
ମୋ ହୃଦଭିତରେ ସର୍ବଦା ଢାଳେ ।
ତା କ୍ରୁର ଆଖିରେ ମୁହିଁ ଅଭିଶପ୍ତା
କାହିଁକି ତାହା ମୁଁ ଖୋଜୁଛି ଆଜି
ଆଖିର ଲୁହକୁ ଓଠେ ପିଇ ପିଇ
ସୁଖ ଶାନ୍ତି ମୋର ଯାଇଛି ହଜି ।
ସମାଜ ପୃଷ୍ଠାରେ  କ୍ୟାଣ୍ଡେଲ ଯାତ୍ରାରେ
ମୋ ପାଇଁ ହୁଅଇ କେତେ ଯେ ଶୋଭ୍
ତଥାପି ଆଜି ମୁଁ ନର୍ବାକ ନୀରିହ
କାହାକୁ କହିବି ମୋ ମନ କଥା?
କାହିଁକି କେଜାଣି ମୋ ଭ୍ଗ୍ୟ ଆକାଶେ
ଘୋଟିଛି ଦୁଃଖର କଳା ବଉଦ
ଯଦୁପତି ହୋଇ ଆସନ୍ତକି ଦିନେ
ତୋଳବାକୁ ଏଠି ଶାନ୍ତି ସଉଧ ।
ତଥାପି ମନରେ ବାନ୍ଧିଛି ମୁଁ ଆଶା
ବଞ୍ଚିବି ସବୁରି ମଙ୍ଗଳ ପାଇଁ
ମମତା ସେନେହ ପ୍ରୀତି ମୈତ୍ରୀ ଶାନ୍ତି
ସବୁ ହୃଦେ ସଦା ଲେପିବି ନେଇ ।
ସପ୍ତରଙ୍ଗୀ ଇନ୍ଦ୍ରଧନୁ ଅଟେ ମୁହିଁ
ଫୁଟିଛି ସମାଜ ହିତ ଆକାଶେ
ମୋ ଅବଦାନକୁ ନ ବୁଝି ପାରିଲେ
ଧ୍ଂସ ନହାତି ତୁ ହୋଇବୁ ଶେଷେ ।
ଲିଭିବା ଆଗରୁ ତୋ ଜୀବନ ଦୀପ
ମୋ ଅନ୍ତର କଥା ଭ୍ବିବୁ ମନେ
ବଦଳାଇ ତୋର ମତି, ଗତି, ନୀତି
ନାରୀକୁ ସମ୍ମାନ ଦେ ସବୁ ଦିନେ ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରେହିଗାଁ,ଗଞ୍ଜାମ

# ହେ ପ୍ରଭୁ କପିଳେଶ୍ୱର ମହାଦେବ



ରତନ ରଞ୍ଜନ ବେହେରା

ଗ୍ଭଲ ବେଗି ବେଗି ଯିବା ଭକତେ
ଜଗନ୍ନାଥ ପୁର ବୁଲି
ସେଥି ପାନ୍ତି ପୂଜା
ଦେବ ଦେବ କପିଳେଶ୍ୱର ଦେବ ।
ଧ୍ୱଜାରେ ଘୋଡାଇ ରଖନ୍ତି
ଜଗନ୍ନାଥ ପୁର ଗାଁ କୁ ମୋର
ଫୁଲ, ବେଲପତ୍ର ନଡିଆ ଦେଇ
ଭକତେ କରନ୍ତି ପୂଜା ।
ମନ୍ଦିର ମଧରେ ବୃନ୍ଦାବନ ନନା
କରନ୍ତି ପ୍ରଭୁ ଙ୍କୁ ପୂଜା
ଦୂରୁ ଦୂରୁ ଭକତେ ଗ୍ଭମିଆଳ ନଦୀ
ସ୍ନାନ କରି କରନ୍ତି ପୂଜା ।
ତୁମ ପାଦ ତଳେ ବହେ
ଗ୍ଭମିଆଲ ନଦୀ କୁଳୁ କୁଳୁ ନାଦ କରି
ଏହା କ ସୁନ୍ଦର ଦିଶେ
ତୁମ୍ଭ ଚତୁର୍ପାଶ୍ୱ ହେ ପ୍ରଭୁ କପିଳେଶ୍ୱର ।
କ ସୁନ୍ଦର ଶୋଭି ପାଏ ମୁକୁଟେ
ତୁମ୍ଭର ଫର ଫର ବାନା
ଦୂରୁ ଦେଖି ଭକତେ କରନ୍ତି ଜୁହାର
ହେ ପ୍ରଭୁ କପିଳେଶ୍ୱର
ମନ୍ଦିର ବାହାରେ ବସିଛ

ବସୁଆ ବଲଦ ଜଗି ତୁମ୍ଭଙ୍କୁ
କ ସୁନ୍ଦର ଦିଶେ ବସୁଆ ର
ବସିବା ଶୈଳୀ ହେ ପ୍ରଭୁ କପିଳେଶ୍ୱର ।
ଶ୍ରାବଣ ମାସେ କାଉଁରିଆ ଭାଇ
ତୁମ୍ଭ ପାଦେ ଢାଳେ ପାଣି
ତୁମ୍ଭେ ପର୍ କର ତାର ମାନସିକ
ପ୍ରଭୁ ହେ କପିଳେଶ୍ୱର ।
କାର୍ତ୍ତିକ ପୁନେଇଁ ଦିନ ଦୁର ଦୁରାନ୍ତରୁ
ଆସନ୍ତି ତବ ଦରଶନ ପାଇଁ
ଆହାଃ କ ସୁନ୍ଦର ଦିଶେ ତୁମ୍ଭ ପରିବେଶ
ହେ ପ୍ରଭୁ କପିଳେଶ୍ୱର ॥

ଜଗନ୍ନାଥପୁର, କାମାକ୍ଷାନଗର, ଢେଙ୍କାନାଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ନବଧା ଭକ୍ତି



ରାଜେଶ ଦୀପ

ପ୍ରଥମେ ଶ୍ରବଣ ମାଧ୍ୟମେ କରି ଭକତି
ବ୍ରହ୍ମଜ୍ଞାନ ଲଭି ନିର୍ମଳ ଏ ମତି ।
ସ୍ମରଣ ଭକତି ଯେ ପରମ ସୁଖଦାୟି
ମଗ୍ନ କରି ଚିତ୍ତ ବସିଥାନ୍ତି ଯୋଗୀ ।
ପାଦ ପଦ୍ମ ଧୋଇ ସେବ ନିତ୍ୟ ଗୁରୁ ସେବା
ନାରାୟଣ ସମ ସେହି ଗୁରୁ ଦେବ ।
ନିଷ୍କପଟ ଚିତ୍ତରେ ସଦା କରି ଭଜନ
ମୁକତିର ଦ୍ୱାର ନାମ ରସାୟନ ।
ଅନ୍ତର ମଧ୍ୟେ ରଖ ନିତି ଦୃଢ଼ ବିଶ୍ୱାସ
ରାମ ମନ୍ତ୍ରକୁ ସ୍ତୁତି ଲଭ ହରଷ ।
ଇନ୍ଦ୍ରିୟ ନାଶ କରି ଉତ୍ତମ ଗୁଣ ଘେନ
ସଦାଗ୍ରର ଧର୍ମ ଅଧର୍ମକୁ ଜାଣ ।
ହୃଦେ ଚିନ୍ତ ସଖା ତଥା ଆତ୍ମୀୟ ସ୍ୱଜନ
ଦୁଃଖ ଶୋକ ବ୍ୟାଧି କରିବେ ଖଣ୍ଡନ ।
ସରଳ ମନରେ ପ୍ରଭୁ ସ୍ୱାମୀ ରୂପେ ମଣି
ଆରାଧନା କର ନାମ ତତ୍ତ୍ୱ ଜାଣି ।
ହରଷ ବିଷାଦ କେବେ ନ ଚିନ୍ତ ଯେ ମନେ
ସମର୍ପିତ ସ୍ୱୟଂ ସେହି ପଦ୍ମାନନେ ।
ନବଧା ଭକ୍ତିକୁ ଯିଏ ହୃଦୟେ ଚିନ୍ତଇ
କଳେବର ନିଷ୍ଠେ ବଇକୁଣ୍ଠ ପାଇ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଖୋଡାସିଂଗି, ବ୍ରହ୍ମପୁର

# ନବଦିଗନ୍ତ



ସୁଷମା ପରିଜା

ରାଜେଶ୍ୱର ଶର୍ମାଙ୍କ ଆଖିରେ ପଲକ ପଡୁନଥିଲା, ନିର୍ନିମେଷ ନୟନରେ ସେ ସେମିତି ଚାହିଁ ରହିଥିଲେ ଟିଭି ପରଦାକୁ। ସକାଳ ପହରୁ ବାରମ୍ବାର ସେ ଦେଖି ଚାଲିଛନ୍ତି ସେଇ ଅଭୂତପୂର୍ବ ପରିବର୍ତ୍ତନର ସମ୍ବାଦଟିକୁ, ବିଭିନ୍ନ ଚ୍ୟାନେଲ୍ ଘୁରେଇ ଘୁରେଇ, ତଥାପି ସରୁନାହିଁ ଦେଖିବା, ମନ ପୁରୁନ, ଆଖି ପୁରୁନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସେଇ ଅଗ୍ନିବର୍ଷୀ ଭାଷଣ "ଭାରତୀୟ ସମ୍ବିଧାନର ଧାରା **35(A) Section 370** କୁ ହଟାଇ ଦିଆଗଲା ଦୁଇଗୃହର ସର୍ବସମ୍ମତିକ୍ରମେ" ଅହରହ ପ୍ରତିଧ୍ୱନିତ ହେଉଛି ତାଙ୍କ କାନରେ, ହୃଦୟରେ, ମନ ମସ୍ତିଷ୍କରେ, ସେ ଆଖି ବନ୍ଦକରି ବସିଛନ୍ତି ସେମିତି। ପତ୍ନୀ ଧନଲକ୍ଷ୍ମୀ କେଜାଣି ଦଶ କ କୋଡିଏ ଥର ଆସି କହିସାରିବେଣି - "ଆଜି ଦୋକାନବଜାର କିଛି ଯିବାର ନାହିଁକି? ଆଉ କେତେ ସମୟ ସେଇ ଟିଭି କୁ ଚାହିଁ ବସିଥିବ ଯେ ?", ତାଙ୍କ କଥା ରାଜେଶ୍ୱରଙ୍କ କାନରେ ପଡୁଛି କି ନା' ଜଣାନାହିଁ କିନ୍ତୁ ସେ ସେଇ ସୋଫା ଉପରେ ବସି ରହିଛନ୍ତି ସେମିତି। ମଝିରେ ଥରେ ଜୋରକରି ଡାକ ନେଇଥିଲେ ଧନଲକ୍ଷ୍ମୀ ଖାଇବାପାଇଁ, ବାସ୍ ସେତିକି। ସଞ୍ଜଗଡି ରାତିହେଲା, ରାଗ ଗରଗର ହୋଇ ଧନଲକ୍ଷ୍ମୀ ଆସି ହଲେଇ ଦେଲେ ରାଜେଶ୍ୱରଙ୍କୁ "ବୁଢାଟିଏ ହେଲଣି, ଜାଣି ପାରୁନ ଯେ ମୁଁବି ବୁଢୀ ହେଲିଣି, ଏ ଘରେ ତୁମ ମୋ ବ୍ୟତୀତ ଆଉ ବିଲେଇ ପିଲାଟିଏ ବି ନାହାଁନ୍ତି, ଦିନଯାକ କାମ କରି କରି ବେଦମ ହେଲିଣି, ତୁମର ଟିକଏ ଦୟାମାୟା ହେଉନି ମୋ' ଉପରେ?"। ଆହୁରି କେତେକ'ଣ କହିଥାନ୍ତେ ସେ କିନ୍ତୁ ସ୍ୱାମୀଙ୍କର ଆଖିରୁ ଝରି ପଡୁଥିବା ଲୁହଧାର ଦେଖି ଚୁପ୍ ହୋଇଗଲେ ସେ। ନରମିଗଲା ତାଙ୍କର କଣ୍ଠସ୍ୱର, ପାଖରେ ବସି ପଡି

ସ୍ୱାମୀଙ୍କର ଆଖିରୁ ଲୁହ ପୋଛିଦେଲେ, ପଚାରିଲେ "ବିଶାଲ କି ଶୀତଲ ର କିଛି ହୋଇଛିକି? କାହାର ଦେହ ଖରାପ ଅଛି ନା' କ'ଣ ? କିଛି ଦୁଃସମ୍ବାଦ ପାଇଛ କି? ନହେଲେ ଏମିତି ଚୁପଚାପ୍ ବସି କାନ୍ଦୁଛ କିଆଁ?" କୌଣସି ଅନାଗତ ଆଶଙ୍କାରେ ଥରି ଉଠୁଥିଲା ଧନଲକ୍ଷ୍ମୀଙ୍କର ସ୍ୱର। ସ୍ୱାମୀଙ୍କର ଛାତିକୁ ଆଉଜି ପଡିଲେ ସିଏ। ଆଖିରୁ ଲୁହପୋଛି ଧନଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦେଲେ ରାଜେଶ୍ୱର। କହିଲେ "ଆରେ ନାଇଁମ ଲକ୍ଷ୍ମୀ ! ଆମର ଦୁଇ ପିଲା ଯାକନଜ ନଜ ଘରେ ସପରିବାର ଭଲରେ ଅଛନ୍ତି, ସବୁ ଠିକଠାକ୍ ଅଛି, ତୁମେ ବ୍ୟସ୍ତ ହୁଅନାହିଁ"। ଆଶ୍ଚର୍ଯ୍ୟ ହେଲେ ଧନଲକ୍ଷ୍ମୀ, ଇଏ କି କଥା? ଯଦି ସବୁ ଠିକଠାକ୍ ଅଛି ତେବେ ଇଏ ସକାଳପହରୁ ଖୁଣ୍ଟଟି ଭଳି ବସି ରହିଛନ୍ତି କାହିଁକି, କାନ୍ଦୁଛନ୍ତି ବା କାହିଁକି? ସିଏ ଜାଣିବାରେ ରାଜେଶ୍ୱରଙ୍କର ଏଇ ଦୁନଆଁରେ ଏମିତି ଆଉ କେହି ନାହାଁନ୍ତି, ଯାହା ପାଇଁ ସେ ଚନ୍ତାକରିବେ କି କାନ୍ଦିବେ , ତେବେ କ'ଣ ହୋଇଛି ତାଙ୍କର?

ପାଣି ଗ୍ଲାସଟିଏ ଆଣି ରାଜେଶ୍ୱରଙ୍କୁ ବଢାଇଦେଇ ତାଙ୍କ ପାଖରେ ବସି ପିଠି ଆଉଁସି ଦେଲେ ଧନଲକ୍ଷ୍ମୀ, ଆଉ ଅଧିକ କିଛି ପଚାରିବା ପାଇଁ ଉଚତ ମଣିଲେନ ସେ। କିଛିସମୟ ସେମିତି ଗୁମ୍ ମାରି ବସି ରହିଲା ପରେ କଥା ଆରମ୍ଭ କଲେ ରାଜେଶ୍ୱର......।

ବହୁଦିନ ଧରି ଛାତିରେ ଚାପି ରଖିଥିବା କଥାଟି, ଯାହା ମୋତେ ଅହରହ ଯନ୍ତ୍ରଣାସିକ୍ତ କରୁଥିଲା, ଆଉ ମୁଁ ମୁହଁଖୋଲି କାହାରିକୁ ସେଇ ଯନ୍ତ୍ରଣାର କଥା କହି ପାରୁନଥିଲି, ସେଇ କଥା ଆଜି ତମକୁ କହୁଛି ଶୁଣ। ଜାଣ ଲକ୍ଷ୍ମୀ! ସତାବନ ବର୍ଷ ତଳେ ତମ ବାପା ମୋତେ ତୁମ ଘରକୁ ଆଣିବାବେଳେ ମୁଁ ତାଙ୍କୁ ଗୋଟିଏ ମିଛକଥା କହିଥିଲି ଯେ ମୁଁ ଗୋଟିଏ ଅନାଥ ବୋଲି, କନ୍ତୁ ମୁଁ କେବେ ଅନାଥ ନଥିଲି ଲକ୍ଷ୍ମୀ! ଜମ୍ମୁରେ ଆମର ଭରା ପରିବାରଟିଏ ଥିଲା, ମୋ ବାପା, ମାଆ, ମୋ ବଡ ଭଉଣୀ ନନ୍ଦିକା ଆଉ ମୁଁ, ଆମ ଚାରିଜଣଙ୍କୁ ନେଇ, ହସଖୁସିଆ ପରିବାର ଟିଏ। ବାପା ଙ୍କର ଛୋଟିଆ ଦୋକାନଟିଏ ଥିଲା, ଧାନକ୍ଷେତ ଥିଲା, ଆଉ ଆମର ଛୋଟ ଘରଟିଏଥିଲା। ଆମ ଘରଟି ମୁସଲମାନଙ୍କୁ ମୋହଲ୍ଲାରେ ଥିଲେ ବି ଖୁବ୍ ସୁନ୍ଦର ସମ୍ପର୍କ ଥିଲା ବାପା ଙ୍କର ସମସ୍ତଙ୍କ ସହିତ। ବାପାଙ୍କ ଦୋକାନରୁ ସମସ୍ତେ ସଉଦାପତ୍ର ନେଉଥିଲେ, ସଞ୍ଜବେଳକୁ ସମସ୍ତେ ବସି ଗପସପ ହୋଇ ଆଖଡା ଜଣାଉଥିଲା

ସେଠି। ଆମ ଘରକୁ ଲାଗିଥିଲା ଆସଫାକ୍ ଚାଚା, ରମଜାନ୍ ଚାଚା, ରହମାନ୍ ଚାଚା ଆଉ ଫିରୋଜ ଚାଚାଙ୍କର ଘର। ତାଙ୍କର ପିଲାମାନେ ଆଉ ମୁଁ, ଦିଦି ସମସ୍ତେ ମିଳମିଶି ଖେଳୁଥିଲୁ ଗାଁ ଦାଣ୍ଡରେ । ଆମର ଦୁର୍ଗାପୂଜା, ହୋଲି, ଦିୱାଲି କୁ ସେମାନଙ୍କ ଘରକୁ ପିଠାପଣା ନେଇ ଯାଉଥିଲା ଆମେ ଆଉ ତାଙ୍କର ରମଜାନକୁ ମା' ଆମ ଘରୁ ରୋଷେଇକରି ତାଙ୍କପାଇଁ ଖାଦ୍ୟ ପଠାଉଥିଲା ସନ୍ଧ୍ୟାବେଳେ ରୋଜା ଭାଙ୍ଗିବାକୁ। ସେମାନେ ସମସ୍ତେ ମଧ ଇଦ୍ ବେଳକୁ ଫଳ, ସିମେଇଁ, ଖଜୁର୍, ମିଠା ଧରି ଆସୁଥିଲେ ଆମ ଘରକୁ, ବାପାଙ୍କୁ ସମସ୍ତେ ଭଲ ପାଉଥିଲେ, ଶର୍ମାଜୀ, ଶର୍ମାଜୀ କହି ସମ୍ମାନ କରୁଥିଲେ। ଦିଦିର ସାଙ୍ଗ ଥିଲେ ରାବିୟା ଦିଦି, ସୋଫିଆ ଦିଦି, ତବସୁମ୍ ଦିଦି ଏବଂ ଆହୁରି ଅନେକ, ଯେଉଁମାନଙ୍କ ସହିତ ସେ ବୋହୁଚୋରୀ, ରୁମାଲଚୋରି, କଣ୍ଢେଇଖେଳ ଖେଳୁଥିଲା, ଆଉ ମୋର ସାଙ୍ଗ ଥିଲେ ସାଦିକ୍, ସଫିକ୍, ଫୈଜଲ୍, ସୌକତ୍ ଇତ୍ୟାଦି ଅନେକ ପିଲା। ତାଙ୍କରି ସାଥିରେ କାଚଗୁଲି, ଫୁଟବଲ ଖେଳ କଟାଇଥିଲି ମୁଁ ଶୈଶବର ସାତ ବର୍ଷ। ସେମାନେ ଯାଆନ୍ତି ମଦ୍ରସାକୁ, ଆଉ ଦିଦି ମୋର ଯାଉ ଗାଁରେ ଥିବା ସରକାରୀ ହିନ୍ଦୀ ସ୍କୁଲକୁ। ଦିନସବୁ ଖୁବ୍ ମଜାରେ କଟୁଥିଲା। ହଠାତ୍ ଦିନେ କ'ଣ ହେଲା କେଜାଣି ସହର ଭିତରେ ଦଙ୍ଗା ଲାଗିଗଲା। ଧୀରେଧୀରେ ସେଇ ଦଙ୍ଗା ର ଛିଟିକା ବସେଇ ପଶିଲା ଆମ ଗାଆଁ ଭିତରକୁ। ଆସଫାକ୍

ସେଦିନ ସହରରୁ ଫେରି ମସଜିଦରେ ସଭାକଲେ, ତା'ପରେ ଧୀରେଧୀରେ ବାପାଙ୍କ ସହିତ କଥାବାର୍ତ୍ତା ବନ୍ଦ କରିଦେଲେ। ତାଙ୍କର ଝିଅ ରଜିୟା ମୋର ଖୁବ୍ ସାଙ୍ଗ। ସିଏ ଆଉ ମୋ ସହିତ ଖେଳବାକୁ ଆମ ଘରକୁ ଆସିଲାନ। ମୁଁ ତାଙ୍କ ଘର ଆଡେ ଯିବାକୁ ବାହାରିଲା ବେଳକୁ ମା' ମନା କଲା ମୋତେ। ମୁଁ ଜିଦ୍ କଲାରୁ ଭିଡିଭିଡି ନେଇ ଘର ଭିତରେ ଛାଡି କବାଟ କଲଦେଲା। ଭେଁଭେଁ ରଡି ଛାଡିକାନ୍ଦି ଉଠିଲି ମୁଁ, ଦିଦି ଖଟ ଉପରୁ ଦୌଡିଆସି ମତେ ବୁଝେଇଲା, କହିଲା "ଦଙ୍ଗା ହୋଇଛି ପରା, ଆଉ ସେମାନେ ଆମ ସହିତ ଖେଳବେନ, ତୁ କାହିଁକି ଅଜଥାରେ ଜିଦ୍ କରୁଛୁ?"। ସାତବର୍ଷର ବାଳୁତ ମୁଣ୍ଡମୋର ସେ ସବୁ କିଛି ବୁଝିପାରୁ ନଥିଲା। ସହରରେ ଦଙ୍ଗା ହୋଇଛି, ଆମ ଗାଆଁରେ ତ ହୋଇନ ନା, ଦିଦି ଏମିତି କାହିଁକି କହୁଛି, ସେମାନେ ତ ମୋର ସାଙ୍ଗ, ମୋ ସହିତ ଖେଳବେନ କାହିଁକି? ଦିଦି କହିଲା - ମୋତେ "ଦେଖୁଛୁତ ଏଇ କେତେ ଦିନ ହେବ ମୁଁ ଆଉ ମୋର

ସାଙ୍ଗ ମାନଙ୍କ ଘରକୁ ଖେଳବାକୁ ଯାଉନ କି ସେମାନେ ଆମ ଘରକୁ ଆସୁ ନାହାଁନ୍ତି ବୋଲି" । ମୋର ମନେ ପଡିଲା, ସତେତ, ଏଇ କେତେ ଦିନ ହେବ ଦିଦି ବାହାରକୁ ଯାଉନ, ରୁବିୟା ଦିଦି କମ୍ବା ସୋଫିଆ ଦିଦି ମଧ୍ୟ ଆସୁନାହାଁନ୍ତି ଆଉ ତା' ସାଥିରେ ଖେଳିବାକୁ। ଏ କଥାଟିତ ମୁଁ ଧ୍ୟାନ ଦେଇନାହିଁ, ତେବେ କ'ଣ ଗୋଟାଏ ଘଟିଛି ନିଶ୍ଚୟ। ମା'ର କଥାବାର୍ତ୍ତାରୁ ଜାଣି ହେଉଥିଲା ତା'ର ବ୍ୟସ୍ତତା। ବାପା ଦୋକାନରୁ ଘରକୁ ନଫେରିବା ଯାଏଁ ସେ ଦାଣ୍ଡଦୁଆର ବନ୍ଦକରି ଅଗଣାରେ ଖାଲି ଏପଟ ସେପଟ ହେଉଥିଲା। ବାପା ଦୋକାନ ବନ୍ଦକରି ଫେରିବା ପରେ ମା' ସହିତ ଅନୁଚ୍ଚ ସ୍ୱରରେ କ'ଣ ସବୁ କଥାବାର୍ତ୍ତା କରୁଥିଲେ। ଦୁହିଁଙ୍କ ମୁହଁରେ ଅସମ୍ଭବ ଗମ୍ଭୀରତା ଛାଇ ଯାଉଥିଲା। ମା' ଦିଦିକୁ ଆଉ ସ୍କୁଲ ଛାଡୁନଥିଲା, ଘର ଭିତରେ ଚୁପଚାପ୍ ରହୁଥିଲା ଦିଦି। ମୁଁବି ଟିକଏ ଡରି ଗଲି, କିଛି ଗୋଟାଏ ଅଘଟଣର ଆଶଙ୍କାରେ ସାରା ପରିବାର ଭୟଭୀତ ରହୁଥିଲୁ। ଦିନେ ସନ୍ଧ୍ୟା ସାତଟା ବେଳକୁ ବାପା ଧଇଁସଇଁ ତିରିଶି ହୋଇ ଘରେ ପହଞ୍ଚିଲେ , ମା'କୁ କହିଲେ ଆଉ ଏଠାରେ ରହି ହେବନ, ସେମାନେ ରକ୍ତମୁଖା ହେଲେଣି ସହର ଭିତରେ। ଆଜି କେତେଜଣ ହିନ୍ଦୁମାନଙ୍କର ମନ୍ଦିର ଭାଙ୍ଗି ଦେଇଛନ୍ତି, ହାଣକାଟ କରିଛନ୍ତି, ସେମାନଙ୍କ ଘର ଜାଳ ଦେଇଛନ୍ତି, ସେମାନଙ୍କ ସ୍ତ୍ରୀଲୋକ ମାନଙ୍କୁ ବେଇଜ୍ଜତ କରିଛନ୍ତି, ସହରରୁ ହିନ୍ଦୁମାନେ ପ୍ରାଣ ବିକଳରେ ସୀମା ସେପଟକୁ ଚାଲି ଯାଉଛନ୍ତି, ବିଶେଷକରି ଜାମ୍ମୁ କାଶ୍ମୀରର ପଣ୍ଡିତମାନଙ୍କ ଉପରେ ସେମାନଙ୍କର ରାଗ। ଯେଉଁ ହିନ୍ଦୁମାନେ ଧର୍ମ ପରିବର୍ତ୍ତନ କରି ସେମାନଙ୍କ ଶରଣ ପଶୁଛନ୍ତି, ସେଇମାନେ ରକ୍ଷା ପାଉଛନ୍ତି। ବାଜସବୁ ଖଣ୍ଡଖଣ୍ଡ ହୋଇ ସହରଯାକ ପଡ଼ିଛନ୍ତି, ବଡ ଭୟାନକ ଅବସ୍ଥା। ରତ୍ନା, ତୁମେ ଯେତେଶିଘ୍ର ପାରୁଛ, ଯେତେକ ଆବଶ୍ୟକୀୟ ଜିନଷପତ୍ର ସଜଡାସଜଡି କରି ରଖ, ସୁବିଧାସୁଯୋଗ ଦେଖି ଆମେ ଏଇ ବସ୍ତି ଛାଡି ପଳେଇବା, ନହେଲେ ପ୍ରାଣ ବଞ୍ଚାଇବା କଷ୍ଟକର ହୋଇ ପଡିବ। ମା'ର ହାତରେ ଗୋଡରେ ପଡୁନଥିଲା, ଥରଥର ହୋଇ କମ୍ପୁଥିଲା ଦିଦି, ମୁଁ ମଧ୍ୟ ଡରି ଯାଇ କବାଟକଣକୁ ଆଉଜି କାନ୍ଦିବାକୁ ଆରମ୍ଭ କରିଥିଲି। ଦିନବେଳେ ମା' ଯାହା ରୋଷେଇ କରିଥିଲା, ସେଥିରୁ କିଛି ବଳ ପଡିଥିଲା, ଦିଦିକୁ ମା' କହିଲା "ତମେ ଭାଇଭଉଣୀ ଦୁଇଜଣଯାକ ଖାଇନଅ, ମୋର କାମ ସରିଲା ଆମେ ଦି'ଜଣ ଖାଇବୁ"। ଆମର ଭୋକ

ମରି ଯାଇଥିଲା, ଖାଇବାକୁ ପଡିବ ବୋଲି ଯାହା ଦୁଇଟା ଖାଇଦେଇ ଆମେ ଶୋଇବାଘରକୁ ଚାଲିଗଲୁ ।

ରାତିଅଧ ହେବ ପ୍ରାୟ, ଆମ ଘରର ବାଡିପଟ ଦୁଆର ଧୀରେ ଖଡଖଡ କରି କେହି ଡାକବାର ଶୁଣି ମା'ର ନଦ ଭାଙ୍ଗିଥିଲା, ଡରିମରି ଲଣ୍ଠନଟି ଧରି ସେ ବାପାଙ୍କୁ ସାଥିରେ ନେଇ ଯାଇ କବାଟ ଫାଙ୍କରେ ଦେଖିଲା ବେଳକୁ ଫିର୍ଦୌସ ଚାଚା ଆରପଟୁ ଫିସ୍ ଫିସ୍ କରି କହିଲା "ଭାଗ୍ ଯା' ନନ୍ଦୁକୀ ମା', ବଚ୍ଚୋକୋ ଲେକର ଭାଗ୍ ଯା' । ସହରସେ ଅନେକ ଲୋଗ୍ ଗାଆଁମେ ଆ ରହେହେଁ, ରାବିୟାକୀ ଅବ୍ବୁ ଭି ଗୟେହେଁ ଉନକେ ସାଥ, ତୁ ଜଲଦି ସେ ବଚ୍ଚୋଁକୋ ଲେ କର୍ ଭାଗ ଯା, ବର୍ନା, ଅନର୍ଥ ହୋ ଯାଏଗା, ଓ ଲୋଗ୍ ମାର ଡାଲେଙ୍ଗେ ତୁହ୍ମେ" । ଅନ୍ଧାର ଭିତରେ ଏତିକ କହି କାନ୍ଦିକାନ୍ଦି ଫେରିଗଲା ଫିର୍ଦୌସ୍ ଚାଚା। ଅଣ୍ଡାଳ ଅଣ୍ଡାଳ ଦିଦି ଆଉ ମତେ କୁଣ୍ଢେଇ ଧରି କାନ୍ଦି ଉଠିଲା ମା', ବାପା ସେତେବେଳକୁ କଛି ଜିନଷପତ୍ର ବନ୍ଧାବନ୍ଧି କରି ପୁଟୁଳଟିଏ ଧରି ବାହାରି ଆସିଥିଲେ ଘରୁ। ସେଇ ଘନ ଅନ୍ଧକାର ଭିତରେ ଆମେ ଧାଇଁଲୁ ଗାଆଁ ବାହାରକୁ। ଦୂରରେ କୋଳାହଳ ଶୁଣା ଯାଉଥିଲା, ନିଆଁହୁଳା ଧରି ମୁସଲମାନମାନେ ରକ୍ତମୁଖା ହୋଇ ଧାଇଁ ଆସୁଥିଲେ ଗାଆଁ ଭିତରକୁ, ଆମେ ପ୍ରାଣ ବିକଳରେ ଧାଇଁଥିଲୁ ଆଗକୁ ଆଗକୁ।

କଛିବାଟ ଧାଇଁବା ପରେ ମୋ ତଣ୍ଟି ଶୁଖି ଯାଉଥିଲା । ମୁଁ ବିକଳ ହୋଇ ପାଣି, ପାଣିବୋଲି କହିଲି । ମା'ର ପାଦ ଅଟକଗଲା, ସେ ନେହୁରା ହୋଇ କହିଲା ବାପାଙ୍କୁ "ପାଣି ଥିଲେ ଟୋପେ ଦିଅ ମୋ ପୁଅ ମୁହଁରେ । ବାପା ଅଟକଗଲେ, ପୁଟୁଳ ଭିତରୁ ପାଣି ବୋତଲଟିଏ କାଢି ଦି'ଢୋକ ପିଆଇଲେ ମୋତେ । ଦିଦିକୁ ପାଣି ବୋତଲଟି ବଢାଉଛନ୍ତି, ସେଇ ସମୟରେ କିଏ ଜଣେ ଅତର୍କିତ ଭାବେ ଝାମ୍ପି ପଡିଲା ବାପାଙ୍କ ଉପରକୁ । ତାଙ୍କୁ ଜାବୁଡି ଧରି ଚତ୍କାର କରିବାକୁ ଲାଗିଲା "ସାଲା କାଫିର୍ ହେଁ, କାଫିର୍ ହେଁ, ଭାଗ୍ ରହେହେଁ" । ଆମେ ଜାଣି ନଥିଲୁ ଯେ ସେଇଟା ଗୋଟାଏ ମୁସଲମାନ ପଡାଥିଲା, ଆଉ ସେ ଲୋକଟି ବୋଧହୁଏ ରାତିରେ ପରିସ୍ରା କରିବାକୁ ବାହାରକୁ ଆସି ଆମକୁ ଦେଖି ନେଇଥିଲା। ଧଡ୍ ଧାଡ୍ ହୋଇ ଖୋଲିଗଲା ଅନେକ ଦରଜା । ଶହେ ଖଣ୍ଡେ ହେବେ ଲୋକ ବାହାରି ଆସିଲେ

ବାହାରକୁ । ସମସ୍ତଙ୍କ ହାତରେ ଅସ୍ତ୍ର ନହେଲେ ନଆଁହୁଳା । ମୋତେ ପଛ ପଟକୁ ପେଲିଦେଲା ମା' । ମୁଁ ତଳେପଡି ଗଡିଗଲି ବୁଦା ତଳକୁ । ରାକ୍ଷସ ଭଳି ମାଡି ଆସୁଥାନ୍ତି ସେମାନେ । କିଛି ଲୋକ ଭିଡି ନେଇଗଲେ ମା'କୁ ଆଉ କିଛି ମୋର କିଶୋରୀ ଭଉଣୀକୁ । ବାପା ପ୍ରତିରୋଧ କରିବାରୁ ଖଣ୍ଡାରେ ଚୋଟ ପରେ ଚୋଟ ମାରି ସେମାନେ ଟିକଟିକ କରି ପକାଇଲେ ତାଙ୍କୁ । ଭୟରେ ମୂର୍ଚ୍ଛାଗଲି ମୁଁ। ଗଛରୁ ଟୋପାଟୋପା କାକରବୁନ୍ଦା ପଡି ଭୋର ବେଳକୁ ଚେତା ଫେରିଲା ମୋର। ରଗଡା ବାଲିରେ ଗଡିଗଡି କହୁଣୀ ଆଣ୍ଠୁ ଛିଡି ରକ୍ତ ଜମାଟ ବାନ୍ଧି ଯାଇଥିଲା । ମୁହଁଯାକ ବାଲି ସାଲୁବାଲୁ । ଟିକଏ ଉଠିବାକୁ ଚେଷ୍ଟା କଲାବେଳକୁ ମନେପଡିଗଲା ଗତ ରାତିର ଘଟଣା । ଦେହ ଶୀତେଇ ଜର ଆସିଗଲା । ଚାରିଆଡ ଅନ୍ଧକାରମୟ ହୋଇଯାଉଥିଲା । କୁଆଡେ ଯିବି ମୁଁ**?** କ'ଣ କରିବି **?** ବାପା**,** ମାଆ**,** ଦିଦି କେହି ନଥିଲେ ମୋ ପାଖରେ । ସେମାନଙ୍କ ବ୍ୟତୀତ ଆଉ ମୋର କେହି ନଥିଲେ ଏ ଦୁନଆଁରେ ମତେ ଟିକଏ ଆଶ୍ରୟ ଦେବାକୁ । କାନ୍ଦିବାକୁ ବି ଡର ଲାଗୁଥିଲା**,** କାଳେ କଏ ମୋତେ ଦେଖି ପକାଇ ହାଣିଦେବ ମୋ ବାପାଙ୍କୁ ଜାଣିଲାଭଳି । ଭୟରେ ଜଡସଡ ହୋଇ ମୁଁ ଉଠିଲି ଆଉ ଆଗକୁ ଆଗକୁ ଚାଲିଲି। ମୋ ଅବସ୍ଥା ଦେଖି ଲୋକେ ମୋତେ ପାଗଳ କି କ'ଣ ଭାବୁଥିଲେ କେଜାଣି କିନ୍ତୁ କେହି ମୋତେ ଅଟକାଇଲେନି କେଉଁଠି । ମୁଁ ସେମିତି ଚାଲିଥାଏ**,** ଭୋକ ହେଲେ କେଉଁଠି ପାଣି ଟୋପାଏ ପିଉଥାଏ**,** ପୁଣି ଚାଲିଥାଏ। ଏମିତି ଚାଲୁ ଚାଲୁ ସଞ୍ଜ ହେଲା। ପାଦଦୁଇଟି ଥକିଗଲା । ମୁଁ କିଛିସମୟ ସେଇ ରାସ୍ତାଧାରରେ ବସି ପଡିଲି । କିଛି ସମୟପରେ ଦେଖିଲି କିଛି ଲୋକ ଦଳବାନ୍ଧି ପୁଟୁଳିମାନ ମୁଣ୍ଡରେ ଧରି କୁଆଡେ ଚାଲିଛନ୍ତି । ତାଙ୍କ ସହିତ ପିଲାମାନେ ମଧ୍ୟ ଅଛନ୍ତି । ମୁଁ ଧାଇଁଯାଇ ସେଇ ପିଲାମାନଙ୍କ ଭିତରେ ମିଶିଗଲି । ଜାଣିଲି ସେମାନେ ନିଜର ପ୍ରାଣ ବଞ୍ଚେଇ ଟ୍ରେନ୍ ଧରି ସୀମା ଆରପଟକୁ ଯିବାକୁ ବାହାରିଛନ୍ତି । ମୁଁ ତାଙ୍କୁହିଁ ଆଶ୍ରାକରି ତାଙ୍କରି ସହିତ ଚାଲି ଚାଲିଯାଇ ଟ୍ରେନରେ ବସିଲି। ଦୁଇଦିନ ପରେ ଟ୍ରେନରୁ ଓହ୍ଲାଇ ସେମାନଙ୍କ ସହିତ ଶରଣାର୍ଥୀ ଶିବିରରେ ପହଞ୍ଚିଲି। ସେଠାରେ ଆମକୁ ଖାଦ୍ୟ ପ୍ୟାକେଟ୍ ଦେଇ ଥଇଥାନ କରାଗଲା ତମ୍ବୁ ମାନଙ୍କରେ। ସେଠାରେ ରହିଲି ସେମାନଙ୍କ ସହିତ।

ସେଠାରେ ରହିବାର କିଛି ଦିନ ମଧ୍ୟରେ କେତେକଏ କାହାର ପରିଚିତ ଲୋକ କ ବନ୍ଧୁବାନ୍ଧବଙ୍କ ଜରିଆରେ ଚାଲିଗଲେ । ଆମଭଳି ଯେଉଁମାନଙ୍କର କେହି ଆଶ୍ରା ଭରସା ନଥିଲେ ସେମାନଙ୍କୁ ଅନାଥାଶ୍ରମ ରେ ଛାଡି ଦିଆଗଲା । ସେଇଠି ପାଠଶାଠ ପଢି ମୁଁ ମାଟ୍ରିକ୍ ପାଶ୍ କଲି| ତା'ପରର କଥା ତ ତମେ ସବୁ ଜାଣିଛ ।  କେମିତି ଅନାଥାଶ୍ରମର ସଞ୍ଚାଳକଙ୍କର ଅନୁରୋଧ ରକ୍ଷାକରି ତମ ବାପା ମୋତେ ସେଠାରୁ ଆଣି ତାଙ୍କ ବ୍ୟବସାୟରେ ସହାୟତା କରିବାକୁ ରଖିଲେ ଆଉ ଅନେକଦିନ ଧରି ତାଙ୍କପାଖରେ ରହିବା ଭିତରେ ସେ ମୋତେ ଏତେ ଭଲ ପାଇଲେ, ଏତେ ବିଶ୍ୱାସ କଲେ ଯେ ତାଙ୍କର ଏକମାତ୍ର କନ୍ୟା ଅର୍ଥାତ୍ ତୁମକୁ ମୋ ହାତରେ ଟେକଦେଲେ । ତାଙ୍କର ସ୍ନେହ ଶ୍ରଦ୍ଧାରେ ମୁଁ ଏମିତି ବାନ୍ଧିହୋଇ ପଡିଲି ଯେ ମୋର ଅତୀତକୁ ସଂପୂର୍ଣ୍ଣ ପାଶୋରିଦେଇ ନୂଆ ଜୀବନ ଆରମ୍ଭ କରିଥିଲି । ପରବର୍ତ୍ତୀ ସମୟରେ ତୁମର ଅନାବିଳ ପ୍ରେମ, ଆମ ପୁଅଝିଅଙ୍କର ଦାୟିତ୍ୱ ଏଇ ସବୁ ଜଞ୍ଜାଳ ମଧ୍ୟରେ ସଂପୂର୍ଣ୍ଣ ଆତ୍ମବିସ୍ମୃ ତ ହୋଇ ଯାଇଥିଲି ମୁଁ। ହେଲେ ଆଜି ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ଐତିହାସିକ ପଦକ୍ଷେପ ମୋର ଅତୀତକୁ ପୁଣି ଉଜାଗର କରିଦେଇଛି ମୋ ଆଖିରେ। ଦିନେ ଯେଉଁ ସମ୍ବିଧାନର ଧାରା ଲାଗୁ ହୋଇ ମୋର ପରିବାରକୁ ଛଡେଇ ନେଇଥିଲା ମୋଠାରୁ,  ଆଜି ସେଇ ସମ୍ବିଧାନରେ ସଂଶୋଧନ ଆଣି ଧାରା **35(A)** ଉପଧାରା **370** କୁ ଉଚ୍ଛେଦ କରିଛନ୍ତି ସରକାର, ମୋ ରାଜ୍ୟ ଜମ୍ମୁ ଆଉ କାଶ୍ମୀରକୁ ଅଖଣ୍ଡ ଭାରତ କରିଛନ୍ତି ।  ମୋ ଭଳି ବିତାଡିତ,  ଉତ୍ପୀଡିତ ହିନ୍ଦୁମାନଙ୍କୁ ଆଜି ପୁଣି ମଣିଷ ଭଳି ବଞ୍ଚି ରହିବାର ଅଧିକାର ମିଳିଛି ।  ନିଜ ରାଜ୍ୟରେ ଘର କରି ରହିବାର ଅଧିକାର ମିଳିଛି। ଆଜି ସେଠାରୁ କୌଣସି ହିନ୍ଦୁକୁ କେହି ଛେଳିମେଣ୍ଢା ଭଳି ହାଣିକାଟି ଟୁକୁଡାଟୁକୁଡା କରି ପାରିବେନି ।  କେହି ନିଜର ଭିଟାମାଟିରୁ କୁକୁର ଭଳିଆ ଘଉଡେଇ ଦେଇ ପାରିବେନି । କାହା ମାଆ ଭଉଣୀଙ୍କୁ ବେଇଜ୍ଜତ କରି ଡାହାଳ କୁକୁର ପରି ଗୁଣିଆ ପକାଇ ପାରିବେନି । ହଁ ହଁ, ଆମ ରାଜ୍ୟରେ ନିର୍ଦ୍ଵନ୍ଦରେ, ନିର୍ଭୟରେ ବସବାସ କରିପାରିବେ ଆମ ହିନ୍ଦୁ ଭାଇମାନେ। ଆଉ କେହି ମୋ ଭଳି ଅନାଥ ହେବେନି, କେହି ଅନାଥ ହେବେନି ହଁ ହଁ। ଉର୍ଦ୍ଧ୍ୱନିଶ୍ୱାସ ଉଠି ଯାଉଥିଲା ରାଜେଶ୍ୱରଙ୍କର। ମୁକ୍ତିର ଆନନ୍ଦରେ ଆତ୍ମହରା ହୋଇ ପଡୁଥିଲେ ସେ । ଧାର ଧାର ହୋଇ ଆନନ୍ଦାଶ୍ରୁ ବହିଯାଉଥିଲା ତାଙ୍କ ଚକ୍ଷୁ ଯୁଗଳରୁ। ସେଇ

ଲୁହ ସଂକ୍ରମିତ ହୋଇ ଆସିଥିଲା ଧନଲକ୍ଷ୍ମୀଙ୍କ ଚକ୍ଷୁକୁ। ସ୍ୱାମୀଙ୍କ ଆଖିରୁ ଲୁହପୋଛି ଦେଇ ଆଉଁସି ପକାଇଲେ। ନିଜେ ସେ ହତଭମ୍ବ ହୋଇ ବସି ରହିଥିଲେ ଆଉ ଭାବୁଥିଲେ କେତେବଡ ଦୁଃଖକୁ ଛାତିତଳେ ଗୁପି ରଖି ସ୍ୱାମୀ ତାଙ୍କର କେତେ ବର୍ଷ ଧରି କେମିତି ସାଧାରଣ ଜୀବନ କାଟିବାକୁ ବାଧ ହୋଇଥିଲେ ଆହା ! କେତେ କଷ୍ଟ ହୋଇ ନଥିବ ସତେ! ନିଜ ଆଖି ଆଗରେ ନିଜର ବାପାଙ୍କୁ ଏମିତି ମରିବାର ଦେଖି, ନିଜ ମାଆ ଭଉଣୀଙ୍କୁ ଶତ୍ରୁଙ୍କ ହାତରେ ବେଇଜ୍ଜତ ହେବାର ଦେଖି ସାତ ବର୍ଷର ପିଲାଟିଏ କେମିତି ସହିଥିବ? କେମିତି ଜୀବନ ଧରି ପଳେଇଆସି ନିଜକୁ ରକ୍ଷା କରିଥିବ ? ଓଃ ଆଉ ଆଗକୁ ଭାବି ପାରୁ ନଥିଲେ ଧନଲକ୍ଷ୍ମୀ। ଦୁଇ ହାତ ଜୋଡି ସେ ଈଶ୍ୱରଙ୍କୁ ପ୍ରଣାମ ଜଣାଇଲେ, ମନେ ମନେ ସ୍ଥିରକଲେ ଏବେ ଅବଶ୍ୟ ସେ ଜମ୍ମୁରେ ଘରଟିଏ କିଣିବେ ଆଉ ରାଜେଶ୍ୱରଙ୍କୁ ନିଶ୍ଚୟ ଉପହାର ଦେବେ ସେଇ ଘରଟି ।।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଶିବ ତୁମେ କାହିଁକି ନୀରବ



ନବକିଶୋର ଦୀପ

ହେ ଶିବ..
ତୁମ ଶିବରାତ୍ରି ପରି
ସବୁ ରାତ୍ରି ହେଉ ମାନବିକତା
ବିବେକ, ସଦ୍ ବ୍ୟବହାର
ଜ୍ଞାନର ଉଜାଗର  ରାତ୍ରି..
କାହିଁକି ନୀରବ ତମେ????
ତମ ତ୍ରିଶୂଳର ଧାର କି
ମରି ଯାଇଛି
ରାତ୍ରିର ଅନ୍ଧକାରରେ
କଞ୍ଚା ମାଂସ ଖାଉଥିବା
ନର ପିଶାଚ ମାନଙ୍କ
ନିଧନ ନିମନ୍ତେ..
ତୁମ ଡମ୍ବରୁର ଡମଡମ ଶବ୍ଦ
କାହିଁକି ଆଜି ମୂକ ସାଜିଛି..
ସମାଜରେ ଦିନକୁ ଦିନ ବୃଦ୍ଧି
ପାଉଥିବା ଅନ୍ଧବିଶ୍ୱାସ
କୁସଂସ୍କାର ବିରୋଧରେ
ସଚେତନତା ସୃଷ୍ଟି କରିବାକୁ..
ତୁମ ଜଟାରୁ ବହୁଥିବା
ଗଙ୍ଗାର ଧାର
କାହିଁକି ଶୁଖି ଯାଇଛି

କିଡ଼ନୀ, କରୋନା, ଏଡ଼ସ, ଫ୍ଲୁ ଭଳ
ରୋଗର ନିରାକରଣ ପାଇଁ..
ଗାଁ ବାହାରେ ଯନ୍ତ୍ରଣାରେ
ଛଟପଟ ହେଉଥିବା
କୁଷ୍ଠ, ଯକ୍ଷ୍ମା ରୋଗୀର
ପାପ ନାଶନ ନିମନ୍ତେ...
କିପରି ଭୁଲିଗଲ ସେ
ନଟରାଜ ନୃତ୍ୟ କୁ
ଯେଉଁଥିରେ ପ୍ରଳୟ ଓ ବିବର୍ତନ
ସୃଷ୍ଟି ହେଉଥିଲା
ସାରା ବିଶ୍ୱ ବ୍ରହ୍ମାଣ୍ଡ ରେ
ତେବେ ଚୁପ କାହିଁକି **???**
ତମ ନଟରାଜ ନୃତ୍ୟର ପ୍ରଭାବରେ
ଭାଙ୍ଗି ଯାଉ
ହିନ୍ଦୁ ମୁସଲମାନ ଶିଖ ଖ୍ରୀଷ୍ଟିଆନ
ମଧ୍ୟରେ ଥିବା ପାଚେରୀ...
ଭୁଷୁଡି ଯାଉ
ମଣିଷ ମଣିଷ ମଧ୍ୟରେ ଥିବା
ଘୃଣ୍ୟ ଜାତିପ୍ରଥାର
ନଭଶ୍ଚୁମ୍ବୀ ଅଟ୍ଟାଳିକା...
ଜାତି ଧର୍ମ ବର୍ଣ୍ଣ ଲିଙ୍ଗ
ଭାଷା ପୋଷାକ ଓ ଖାଦ୍ୟ
ନିର୍ବିଶେଷ ରେ
ସମସ୍ତେ ଜାଳନ୍ତୁ ଜ୍ଞାନ ରୂପକ
ଦୀପର ଜାଗର
ଏଇ ଜାଗର ଯାତ୍ରା ରେ ....

ବୌଦ୍ଧ

# ପ୍ରେମର ଶିକୁଳି



ସରୋଜ ସାହୁ

ହଁ ହଁ ! ମୁଁ ଭୀରୁ
ତମ ପ୍ରେମର ଗଭୀରତାରେ
ଭୀରୁତା ମୋ ରକ୍ତରେ
ତମକୁ ପାଇବାର ଲ୍ଳସାରେ
ନିଜ ପାଖରେ ନିଜକୁ ହାରି
ଅନୁଭବ କରିପାରେ
ତତଲ୍ ବାଲିର କଷ୍ଟକୁ ।
ଲୁହ ଢାଳି କାନ୍ଦିପାରେ
ତମ ବିନା
ଏଇ ଲମ୍ବା ଜୀବନରେ
କଟିକଟି ଅନ୍ଧାରରେ
ଅଣନିଶ୍ୱାସୀ ହୋଇ
ଅତି ନିକଟରୁ ଦେଖିପାରେ
ମୋର ଏକେଲ୍ପଣକୁ ।

ଏତେ ଶକ୍ତ ଆଉ କଠିନ
ଏଇ ପ୍ରେମର ଶିକୁଳି
ତଥାପି କାହିଁକି
ସାମାନ୍ୟ ଆଘାତରେ
ବିଚ୍ଛିନ୍ନ ହୋଇଯିବାର ଭୟଟା
ଆନ୍ଦୋଳିତ କରୁଛି ବାରମ୍ବାର
ମୋର ସ୍ୱପ୍ନବିଳାସୀ ଅସହାୟ
ମନର ଗାଲିଗ୍ଳକୁ ।

ଆଠଗଡ, କଟକ

# ବାର୍‌ଙ୍ଗନା....



ସୁବଳ ମହାପାତ୍ର

ସେଦିନ ଫେସବୁକ ଆଡଉ ଆଡ଼ଉ ଆଖିରେ ପଡ଼ିଲା ପାଉଁଜି ର ଚତ୍ରଟିଏ। କେହିଜଣେ ଫେସବୁକ ବନ୍ଧୁ ପାଉଁଜି ର ଚତ୍ରଟିଏ ଦେଇ ଲେଖକ ବନ୍ଧୁମାନଙ୍କୁ ପାଉଁଜି ଉପରେ ଗପଟିଏ ଲେଖିବାକୁ ଅନୁରୋଧ କରିଥିଲେ। ହେଲେ ଜୀବନ ର ଗଳ୍ପଠୁ ଆଉ କଣ ସୁନ୍ଦର ଗଳ୍ପ ଥାଇପାରେ**?** ବୋଧହୁଏ ନା।

କାଜଲ ବି ଭାବିଚାଲିଥିଲା ତା ଜୀବନ କାହାଣୀ। ଦିନେ ଦେବଦାସୀ ହେବାକୁ ସ୍ୱପ୍ନ ଦେଖିଥିବା ଏ ଆଖି ଦୁଇଟି ଆଜି କେମିତି ମୁଦି ହୋଇ ଆସୁଥିଲା। ଜୀବନ ର ଗୋଧୂଳିବେଳା ରେ ହଜି ଯାଇଥିଲା ତା ସ୍ୱପ୍ନ। ଦେବଦାସୀ ସାଜି**,** ପାଉଁଜି ପିନ୍ଧି ଜଗନ୍ନାଥ ଙ୍କ ଦୁଆରେ ଥେଇ ଥେଇ ନାଚବାକୁ ଥିବା ଏ ପାଦ ଦୁଇଟି ସମୟର କରାଳ ଚକ୍ର ରେ ପଡି ଆଜି ଥେଇ ଥେଇ ହୁଏ**,** ଏ ନାରୀମାଂସ ଭକ୍ଷୀ**,** ଧର୍ଷଣକାରୀ ଧୋବ ଧାବୁଳଆ ବାବୁ ମାନଙ୍କ ଆଗରେ। ସଫା ଧଳା କୁର୍ତ୍ତା ଓ ପେଣ୍ଟ ପିନ୍ଧିଥିବା ବାବୁମାନେ କନ୍ତୁ କରନ୍ତି ସବୁ ପ୍ରକାରର କଳା କାମ।

ଚୌକି ଉପରେ ବସି ନିଜ ସ୍ମାର୍ଟ ଫୋନ ରେ ଫେସବୁକ ଖେଳାଉ ଖେଳାଉ କାଜଲ ହଜି ଯାଇଥିଲା ଅତୀତ ରେ**....**

ଆଇ ର ସାନଭଉଣୀ ମିନାକ୍ଷୀ ଆଇ ଥିଲା ଶ୍ରୀମନ୍ଦିର ର ଦେବଦାସୀ। ଜଗନ୍ନାଥ ଙ୍କୁ ବିବାହ କରି ସେ ସ୍ୱଇଚ୍ଛାରେ ହୋଇ ଯାଇଥିଲା ମନ୍ଦିର ର ଦେବଦାସୀ। ଜଗନ୍ନାଥ ଙ୍କ ଆଗରେ

ଶୃଙ୍ଗାର ଓ ନାଚ କରିବାକୁ ସେ ଯାଏ। ଆସ୍ତେ ଆସ୍ତେ ଶ୍ରୀମନ୍ଦିର ରୁ ଦେବଦାସୀ ପ୍ରଥା ଉଚ୍ଛେଦ ହୋଇଗଲା। ଛୋଟବେଳୁ କାଜଲ ଓରଫ ଲକ୍ଷ୍ମୀ ର ଇଚ୍ଛା ଥିଲା ସାନ ଆଇ ପରି ସେ ଦେବଦାସୀ ହେବ। ସାନ ଆଇ ର ପାଉଁଜି ଦି ଟି ଦେଖିଦେଲେ ତା ଆଖି ରେ ଭରିଯାଏ ଆଖିଏ ସ୍ୱପ୍ନ। ଆଖି ବନ୍ଦ କରି ସେ ଭାବିବାକୁ ଲାଗେ, ସେ ନାଚୁଛି ମଣିମା ଙ୍କ ଆଗରେ। ସତେ ଯେମିତି ଶ୍ରୀ ଜଗନ୍ନାଥ ନିଜ ଗୋଲ ଗୋଲ ଆଖିରେ ପଲକ ନ ପକେଇ ଦେଖି ଯାଉଛନ୍ତି ତା ନାଚ କୁ। ନିଜକୁ ଧନ୍ୟ ମନେକରେ ସେ। ଆଇ ଘରୁ ଆସିଲାବେଳେ ସେ ସାନ ଆଇଠୁ ମାଗିଆଣେ ହଳେ ପାଉଁଜି ଆଉ ରାତି ରାତି ଧରି ତାକୁ କୁଣ୍ଢେଇ କି ଶୁଏ। କେତେହେବ ବୟସ? ଏଇ ଦଶ କି ବାର ବର୍ଷ। ସେଦିନୁ ସେ ମନେ ମନେ ନିଜକୁ ସମର୍ପି ଦିଏ ଜଗନ୍ନାଥ ଙ୍କୁ।

କିନ୍ତୁ କାହିଁକି?? ଜଗନ୍ନାଥ ଙ୍କୁ ଏକୁଟିଆ ଏତେ ସମୟ ଧରି ପାଖରେ ପାଇବାର ଭାଗ୍ୟ ବୋଧେ ଖୋଦ ବଡ଼ପଣ୍ଡା ଙ୍କର ନଥାଏ। ଆଃ...କି ସ୍ୱପ୍ନ। ସତ ହୋଇ ଯାଆନ୍ତା କି? ସେ କୁଣ୍ଢେଇ ଧରନ୍ତା ଜଗନ୍ନାଥ ଙ୍କୁ। ଆଖିପୁରେଇ ଦେଖିନଅନ୍ତା ତା ମନର ଦେବତା କୁ, ଯିଏ ମଣିଷ ରୂପରେ ବିବାହ କରନ୍ତେ ତାକୁ। ଏମିତି ଭାଗ୍ୟ କେତେଜଣଙ୍କ ଭାଗ୍ୟ ରେ ଜୁଟେ? ଯିଏ ହୋଇ ପାରିବ ଖୋଦ ଜଗତ ର ନାଥ ଶ୍ରୀ ଜଗନ୍ନାଥ ଙ୍କ ଦାସୀ?

ଗରିବ ଘରେ ସବୁ କିଛି ସମ୍ଭାଳିବାକୁ ପଡେ। ଖୁବ କମ ବୟସ ରୁ ଗରିବ ଘରର ଛୁଆ ବଡ଼ ହୋଇ ଯାଆନ୍ତି। ବୁଝି ପାରନ୍ତି ସେ ଜୀବନକୁ। ଲଢ଼ି ଶିଖନ୍ତି ଦୁନିଆଁ ସହ। କେତେବେଳେ ଜିତନ୍ତି ତ କେତେବେଳେ ହାରି ଯାଆନ୍ତି ଆଉ ପୋକମାଛି ପରି ମରିହଜି ଗଲେ ବି କହିବାକୁ କି ଖୋଜିବାକୁ କେହି ନଥାନ୍ତି। ବାପା ଅଜଣା ରୋଗରେ ଚାଲିଗଲା ଯେତେବେଳେ ଲକ୍ଷ୍ମୀ କୁ ମାତ୍ର ଚଉଦ ବର୍ଷ ବୟସ। ମୁଣ୍ଡ ଉପରୁ ବାପା ର ହାତ ଚାଲିଗଲା ପରେ ଅଯାଚିତ ସାହାଯ୍ୟ ପାଇଁ ହାତ ବଢି ଆସିଲା। ଲକ୍ଷ୍ମୀ ର ମା ଠିକ ବୁଝି ପାରୁଥିଲେ ଏ ସାହାଯ୍ୟ ର ଅର୍ଥ। ନାରୀଦେହ ଲୋଭୀ ଏ ପାଖଣ୍ଡି ମାନଙ୍କର ମନର ଭାଷା ବୁଝିବାରେ ସେ ହେଳା କରି ନଥିଲେ। ସେଥିପାଇଁ ପରଘରେ ବାସନ ମାଜି, ପାଇଟି କରି ଦୁଇଜଣଙ୍କ

ପେଟ ଭରୁଥିଲେ ପଛେ, ଝିଅକୁ କାହା ଘରକୁ ଏମିତିକ ସାଙ୍ଗ ମାନଙ୍କ ଘରକୁ ବି ଏକୁଟିଆ ଛାଡୁ ନଥିଲେ।

ଦଇବ ଆଉ ଭାଗ୍ୟ ଆଗରେ ମଣିଷ କେତେ ଛୋଟ ସତେ। କିଏ ଜାଣିଥିଲା ନିଜ ମା ର ମାପେଟ ଭାଇ ଏମିତି କରିବ ବୋଲି? ବମ୍ବେ ରେ ରହୁଥିବା ନିଜ ମାମୁଁ, ଝିଅକୁ ଭଲ ଜାଗାରେ ଚାକରୀ କରେଇଦେବି ବୋଲି କହି ନେଇ ଆସିଲା ଲକ୍ଷ୍ମୀ କୁ, ଗାଁ ରୁ ସହର କୁ ଆଉ?? ମାତ୍ର କେତୋଟି ଟଙ୍କା ପାଇଁ ବିକି ଦେଇଗଲା ଏ ଦେହ ହାଟରେ। କେତେବା ଟଙ୍କା ପାଇଥିବ ସେ? ସେଇ ପଚାଶ କି ଷାଠିଏ ହଜାର ଟଙ୍କା। ସେଇତକ ଟଙ୍କା ମୂଲ୍ୟରେ ସେ ବାଜି ଲଗେଇ ଦେଇଗଲା ନିଜ ଭାଣିଜୀ କୁ।

ୟା ପରଠୁ ଲକ୍ଷ୍ମୀ ବଦଳିଗଲା କାଜଲ ରୂପରେ। ହୋଇଗଲା ଏକ ଦେହଜୀବୀ। ଯିଏ ସକାଳୁ ଉଠିଲେ ବେପାର କରେ ତା ଦେହ କୁ। କେହି କେହି ଅଲାଜୁକ ମାନେ କୁହନ୍ତି ପୁଞ୍ଜି ନ ଖଟେଇ ଯଦି କୌଣସି ବେପାର କରିହୁଏ ତେବେ ତାହା ଦେହ ବେପାର। ଲାଭ ଶହେ ରୁ ଶହେ। କିନ୍ତୁ ସେମାନେ କଣ ବୁଝନ୍ତି ଗୋଟେ ଛାତି ତଳର ମନକୁ? ସେମାନଙ୍କୁ ତ କେବଳ ମଜା ନେଇ ଆସେ। ପଇସା ଫିଙ୍ଗ ଆଉ ତାମସା ଦେଖ।

ପ୍ରଥମ ଦୁଇଦିନ କିଛି ବୁଝି ପାରିନଥିଲା କାଜଲ, କିନ୍ତୁ ଯେଉଁଦିନ ଶର୍ମିଳା ମାଉସୀ ତାକୁ ପାଉଁଜି ପିନ୍ଧେଇଦେଇ ଯିବାକୁ କହିଥିଲା, ଖୁସି ହୋଇଯାଇଥିଲା ସେ। ଜଗନ୍ନାଥ ଙ୍କ ପାଖରେ ନହେଲା ନାହିଁ କିଛି ଦର୍ଶକ ଙ୍କ ଆଗରେ ତ ସେ ନାଚ ପାରିବ। କିନ୍ତୁ ସେ କଣ ଜାଣିଥିଲା ତାଜା କଞ୍ଚା ମାଂସ ର ରେଟ ସବୁଠୁ ଅଧିକ ବୋଲି? ସେଦିନ ତା ଦେହ ର ବୋଲି ଲାଗିଥିଲା ତିରିଶ ହଜାର। ମାତ୍ର ଦୁଇଘଣ୍ଟା ର ନାଚ ଓ ଚାଳିଶ ମିନଟ ର ଜବରଦସ୍ତି ପରେ ବୁଟ, ସୁଟ, ଟାଇ ପିନ୍ଧା ବାବୁ ଜଣଙ୍କ ଶର୍ମିଳା ମାଉସୀ ଉପରକୁ ଫିଙ୍ଗି ଦେଇଥିଲା ବିଡାଏ ଟଙ୍କା ଆଉ ସେଦିନୁ ସେ ପାଲଟି ଗଲା ବା..ର୍..ଙ୍ଗ..ନା...

ଦିନ ଗଡି ଗ୍ଲଲିଥିଲ୍ଲା, ସମାନ ସମାନ ଭାବେ କଟି ଯାଉଥିଲା ଜୀବନ। ଦିନରେ ଗ୍ଲରି ରୁ ଆଠ, ଆଠ ରୁ ବାର ଯାଏଁ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ପଡୁଥିଲା, ସେ ବିନିମୟ ରେ ମିଳୁଥିଲା ରହିବାକୁ ଗ୍ଲରି ଫୁଟ ରେ ଆଠ ଫୁଟ ର ଗୋଟେ ବଖରା ରେ ତିନି ବାଇ ଛଅ ର ଖଟ ଖଣ୍ଡେ, ଯାହାଥିଲା ତା'ର ଘର ଓ କର୍ମକ୍ଷେତ୍ର, ଦିନକୁ ତିନିବେଳା ଆହାର ଆଉ ଶୃଙ୍ଗାର ପାଇଁ କିଛି ଟଙ୍କା। ଭୁଲି ଯାଇଥିଲା ଯେ ସେ କିଏ, କେଉଁଠୁ ଆସିଥିଲା, ତାର ଆଉ କିଏ କିଏ ଅଛନ୍ତି ଇତ୍ୟାଦି....

ପ୍ରାୟ ପନ୍ଦର ବର୍ଷ ପରେ ତାକୁ ଅନୁମତି ମିଳିଲା ବାହାରକୁ ବାହାରିବାକୁ। ବଜାର ରେ ବୁଲାବୁଲି କରିବାକୁ ଆଉ ଟିକେ ମନ ଫୁର୍ତ୍ତି କରିବାକୁ। ବହୁତ କାକୁତି ମିନତୀ ପରେ ମାତ୍ର ଦଶ ଦିନ ପାଇଁ ଘରକୁ, ଗାଁ କୁ ଆସିବାର ଅନୁମତି ପାଇଲା ସେ। ଆନନ୍ଦରେ ଡେଇଁ ଡେଇଁ ଆସିଥିବା ମନରେ କିନ୍ତୁ ଭଟ୍ଟା ପଡିଯାଇଥିଲା ଯେତେବେଳେ ସେ ଶୁଣିଲା ତା ମା ତିନିବର୍ଷ ତଳୁ ମରି ସାରିଥିଲା। ଗୋଟିଏ ବୋଲି ଝିଅର ମୁହଁ ଟିକେ ଦେଖିବ ବୋଲି ଆଶା କରିଥିବା ମା ର ମନ କିନ୍ତୁ ଝିଅ ବାହାହୋଇ ଭଲରେ ଅଛି ବୋଲି ଜାଣି ଖୁସିରେ ମରିଲା ଆଉ ମା ମଲାପରେ ମାମୁଁ ସବୁ ଜମିବାଡ଼ି, ଘରଡ଼ିହ ବିକ୍ରି କରି ସାରିଥିଲା। ଦଶଦିନ ପାଇଁ ଯାଇଥିବା କାଜଲ ଫେରି ଆସିଥିଲା ମାତ୍ର ଗ୍ଲରି ଦିନରେ। କଣ ପାଇଁ ରହିଥାନ୍ତା? କେଉଁଠି ରହିଥାନ୍ତା? କାହାକୁ ଦେଖା କରିଥାନ୍ତା କି କାହା ଘରକୁ ଯାଇଥାନ୍ତା? କିଏ ଅଛି ତାର??

ଏ କଥାକୁ ଅଠର ବର୍ଷ ପୁରି ଗଲାଣି। ସେଦିନୁ ସେ ଆସିଛି ଯେ ଆସିଛି।କୁଆଡେ ବି ଯାଏନି। ଏବେ ଶର୍ମିଳା ମାଉସୀ ଗଲାପରେ ସେ ଏ କୋଠି ର ସର୍ବେସର୍ବା। ଏବେବି ସେ କୋଠିରେ ଦେହଧନ୍ଦା ହୁଏ। କୁନି କୁନି ପିଲାଙ୍କୁ ନାଚ ଶିଖାଏ ସେ। ବଡ଼ହୋଇ ପାଠ ପଢି ଭଲ ମଣିଷ ହେବାକୁ ବୁଝାଏ। ଏ କାମ ଭଲ ନୁହେଁ ବୋଲି ଯିଏ ଯେତେ ନେହୁରା ହେଲେବି ନୂଆ ଝିଅଙ୍କୁ ପଇସା ଦେଇ ସେ କିଣେନି, କିନ୍ତୁ ଆଗରୁ ଦେହ ବ୍ୟବସାୟ କରୁଥିବା ଅସୁବିଧାରେ ପଡିଥିବା ଝିଅଙ୍କୁ ନିଜ ପାଖରେ ରଖେ। କୋଠି ଗ୍ଲଲିବା ପାଇଁ ଯେତିକି ପଇସା ଦରକାର ସେତକ ଛାଡି ବାକି ପଇସା ସେମାନଙ୍କୁ ଦେଇଦିଏ। ବୟସ ର ଅପରାହ୍ନ ରେ ସେ ଥକି ପଡ଼ିଲେ ବି ନିଜ ଅତୀତ କୁ ଭୁଲି ପାରେନି ସେ।

ସ୍ମାର୍ଟ ଫୋନରେ ଆଉଥରେ ପାଉଁଜି ର ଫୋଟୋ କୁ ଦେଖିଲା ସେ। ଆଖି ଜକେଇ ଆସିଲା, କାନ୍ଦ କାନ୍ଦ ଅବସ୍ଥା ରେ ଜଗନ୍ନାଥଙ୍କୁ କ୍ଷମା ମାଗିଲା ସେ। ଉଠି ଚାଲିଗଲା ପାଉଁଜି ହଳକ ଆଣିବାକୁ। ପାଦରେ ପିନ୍ଧିପକେଇ, ନଜର ଭୁଲ ନଥାଇ ପରିସ୍ଥିତି ର ଦାସ ବୋଲି ହାତ ଯୋଡି ଜଗନ୍ନାଥ ଙ୍କୁ କହିଲା ସେ। ଏବେ ନାଚ ଚାଲିଲା। ତାକୁ ଲାଗିଲା ଜଗନ୍ନାଥ ଏବେ ତାକୁ ଆଖି ପୁରେଇ ଦେଖୁଛନ୍ତି। ତା ଜୀବନ ସାର୍ଥକ ହେଇଯାଇଛି। ତା ଶ୍ରେଣୀଗୃହ ଏବେ ଶ୍ରୀମନ୍ଦିର ପାଲଟି ଯାଇଛି। ଶ୍ରୀମନ୍ଦିର ଭିତରେ ଏବେ ସେ ଆଉ ଜଗନ୍ନାଥ, ଆଉ କେହି ବି ନାହାନ୍ତି। ଜୀବନରେ ଶିଖିଥିବା ସବୁପ୍ରକାର ନାଚ ସେ ଜଗନ୍ନାଥ ଙ୍କୁ ଦେଖେଇବାକୁ ଲାଗିଲା। ଘଣ୍ଟେ ଗଲା, ଦି ଘଣ୍ଟା ଗଲା, ତିନଘଣ୍ଟା ଗଲା....ହଠାତ ପାଉଁଜି ର ରୁଣୁଝୁଣୁ ବନ୍ଦ ହୋଇଗଲା।

ପରଦିନ ଖବରକାଗଜ ର କେଉଁ ଏକ କୋଣରେ ସମ୍ବାଦ ଟିଏ ପ୍ରକାଶ ପାଇଥିଲା...

" ଅଂଶୁଘାତ ରେ ଦେହଜୀବୀ ର ମୃତ୍ୟୁ....୨୨/୫, ବମ୍ବେ: ଖବର ରୁ ପ୍ରକାଶ ଯେ...."

ଖଲାରୀ, ଅନୁଗୁଳ, ଓଡିଶା

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ପ୍ରଭୁ ଏକା ତୋ ସହାୟ

କୁମୁଦିନୀ ବେହେରା

ଜୀବନ ପଥରେ ପାପର ଆଖିରେ
ଦିଶୁନାହିଁ ତୁମ କାୟା
ତୁମ ଅନୁଗ୍ରହ ମୂଲ୍ୟ କେ ବୁଝେନା
ଘେରି ଅଛି ମୋହମାୟା ।

ସାଗର ବଦଳେ କ୍ଷଣେ ଅନୁକ୍ଷଣେ
ଦେଇ ଉତ୍ତାଳ ତରଙ୍ଗ
ସୁଖ ଦୁଃଖ ଲାଭ କ୍ଷତି ହିସାବରେ
ନର ବଦଳାଏ ରଙ୍ଗ ।

ପ୍ରକୃତି ପୁରୁଷ ମିଳନର ବଳେ
ସୃଷ୍ଟି ନାଟକର ଖେଳ
ଅଧର୍ମ ବଢିଲେ ବିଷମତା ବଢେ
ଆସେ ବିନାଶର ବେଳ ।

ସଂକଟର ଦିନ ହୋଇ ଉପଗତ
ଦେଉଛି ସତର୍କ ବାଣୀ
ନୂତନ ସୂର୍ଯ୍ୟଙ୍କ ଆବାହନୀ ମନ୍ତ୍ର
ଗାଅ ହେ ସାରା ଧରଣୀ ।

ମନରେ ବିବେଚ    ଦେଖ ଥରେ ତୁହି
କ୍ଷମି ତୋ' ଅଯୋଗ୍ୟ ପଣ
ମୃତ୍ୟୁ ଛାୟା   ଉପତ୍ୟକାରୁ ଉଦ୍ଧାର
କରିଛନ୍ତି ତୋ ଜୀବନ ।

ବିବେକ  ଗଞ୍ଜଣା   ଦିଏ ଚେତାବନୀ
ତୁ' ତାଙ୍କ ନେହ୍ନ ପିତୁଳା
ଅତୁଲ୍ୟ ପ୍ରେମକୁ    ଭୁଲି ଯାଇ ତାଙ୍କ
କମ୍ପା କରୁ ଅବହେଳା ।

ଅନ୍ତରୁ ଅନ୍ତର    ହେଲେ ତୁ ତାଙ୍କର
ଉଛୁଳେ ଦୁଃଖ ନର୍ଝର
ତୋର ମୁକ୍ତିପ୍ରାପ୍ତ    ଜୀବନ ନମନ୍ତେ
ସଦା ଚନ୍ତିତ ଈଶ୍ୱର ।

ଅନୁତାପ ହୃଦେ    ମୁକୁଳା ଅନ୍ତରେ
ଲୁହ ନଇବେଦ  ଦେଇ
କର କରୁଣା   ନବେଦନ ପ୍ରଭୁଙ୍କୁ
ଉଦ୍ଧାର କରିବେ ସେହି ।

କଳଙ୍କର ସ୍ମୃ ତି   ଛାୟାକୁ ଲିଭାଇ
କରିବେ ନୂତନ ସୃଷ୍ଟି
କହେ କୁମୁଦିନୀ   ଆହେ ଦୟାମୟ
ରଖିଥାଅ ଦୟା ଦୃଷ୍ଟି ।

ଶିକ୍ଷୟିତ୍ରୀ, ଅନୁଗୋଳ

# ପଞ୍ଚଶୀଳ ନୀତି



ଅଶ୍ୱିନୀ କୁମାର

ଜୀବ ହିଂସାରୁ ମୁଁ
ରହିବି ଅଲିପ୍ତ,
ପ୍ରତି ପ୍ରାଣୀ ପାଇଁ ଥାଉ
ଦୟା ପ୍ରେମ ପ୍ରୀତି ।
ଏହି ଶିକ୍ଷା ଦିଏ ମତେ
ପଞ୍ଚଶୀଳ ନୀତି ।।

ଅନ୍ୟର ଦରବ ପ୍ରତି
ନ ରହୁ ମୋ ଲୋଭ,
କରିବିନ କେବେ ହେଲେ
ମୁହିଁ ଚୌର୍ଯ୍ୟବୃତ୍ତି ।
ଏହି ଶିକ୍ଷା ଦିଏ ମତେ
ପଞ୍ଚଶୀଳ ନୀତି ।।

ନେବି ନାହିଁ କେବେ
ମିଥ୍ୟାର ଆଶ୍ରୟ,
ଦେବି ନାହିଁ କେବେ
ମିଥ୍ୟା ପ୍ରତିଶୃତି ।
ଏହି ଶିକ୍ଷା ଦିଏ ମତେ
ପଞ୍ଚଶୀଳ ନୀତି ।।

କରିବିନ କେବେ ପ୍ରତାରଣା,
ହେବି ନାହିଁ ବ୍ୟଭିଗ୍ଧରି
ଲଭିବାକୁ ଶାରୀରିକ ତୃପ୍ତି ।
ଏହି ଶିକ୍ଷା ଦିଏ ମତେ
ପଞ୍ଚଶୀଳ ନୀତି ।।

କରିବିନ ସୁରାପାନ,
ମଦ୍ୟମାଦକ ଦ୍ରବ୍ୟପ୍ରତି
ନ ରଖି ଆସକ୍ତି ।
ଏହି ଶିକ୍ଷା ଦିଏ ମତେ
ପଞ୍ଚଶୀଳ ନୀତି ।।

ମନ ମୋର ସମର୍ପିତ
ବୁଦ୍ଧ ଧମ୍ମ ପ୍ରତି ।।
ନିଜ ଦୀପ ନିଜେ ଜଳାଇବି
ଏହି ଶିକ୍ଷା ଦିଏ ମତେ
ବୁଦ୍ଧଙ୍କର ନୀତି ।।

ଶିକ୍ଷକ, ଝରିଗ୍ରାମ, ନବରଙ୍ଗପୁର

# ବୋଉ' କୁ ଚଠି



ସୀତାରାମ ଦାଶ

ରୋହିତର ବାହାଘର ଆଜିକୁ ପାଞ୍ଚ ବର୍ଷ ପୁରି ହେଲା। ପାଞ୍ଚ ବର୍ଷ ପୂର୍ବରୁ ସେ ରଶ୍ମିତା କୁ ଭଲ ପାଉଥିଲା। ରଶ୍ମିତା ନୀଚ ଜାତିର ଝିଅ। ପ୍ରେମ ତ ଅନ୍ଧ। ପ୍ରେମ କଣ ଉଚ୍ଚ ନୀଚ, ଜାତି ଗୋତ୍ର, ଧନୀ ଗରିବ ର ପାର୍ଥକ୍ୟ ଦେଖେ? ରୋହିତର ପ୍ରେମରେ ଅନ୍ଧ ହୋଇ ଦିନେ ସେ ଘର ଛାଡିଲା। କିଛି ଦିନ ହୋଟେଲରେ ଆଶ୍ରୟ ନେଲା ପରେ, ଜଣା ପଡିଲା ରୋହିତ ଜଣେ ବେକାର ଯୁବକ। ମିଛ ପ୍ରତିଶୃତି ଦେଇ ସେ ରଶ୍ମିତା କୁ ନଜର କରିଥିଲା। ପାଖରେ ଥିବା ଟଙ୍କା ସରିଯିବା ପରେ ଅନିଚ୍ଛା ସ୍ୱତ୍ୱେ ଉଭୟ ଘରକୁ ଫେରିଲେ। ବ୍ରାହ୍ମଣ ଘର ପୁଅ ନୀଚ ଜାତିରୁ ଝିଅ ଆଣି ଥିବାରୁ ଗାଁରେ ପଞ୍ଚାୟତ ବସିଲା। ଉଭୟ ପକ୍ଷର ପରିବାରଙ୍କ ସମ୍ମୁଖରେ ନିଷ୍ପତ୍ତି ନିଆଗଲା, ଆଜି ଠୁ ଝିଅର ନିଜ ଘର ସହ କୌଣସି ସମ୍ପର୍କ ରହିବ ନାହିଁ। କୌଣସି ପରିସ୍ଥିତିରେ ଉଭୟ ପରିବାର କେହି କାହା ଘରକୁ ଯିବା ଆସିବା କରିବେ ନାହିଁ। ସେହି ଦିନୁ ରଶ୍ମିତାର ନିଜ ଘର ସହ ସବୁ ସମ୍ପର୍କ ଛିନ୍ନ ହେଲା।

ଶାଶୁ ଘରେ ରଶ୍ମିତା କୁ ଅନେକ ନିର୍ଯ୍ୟାତନା ମିଳେ। ସୁନା ପୁଅଟିକୁ ଶିଖେଇ ମଣେଇ ବାହା ହୋଇ ଗଲା କହି, ଶାଶୁ ଅନେକ ଗାଳି ମନ୍ଦ କରନ୍ତି। ବନ୍ଧୁ ବାନ୍ଧବଙ୍କ ଆଗରେ ବୋହୂକୁ କଥା କଥାରେ ଅପମାନ ଦିଅନ୍ତି। ପୁଅ ଆଗରେ ଅନେକ ମିଛ ସତ କହି ମାଡ଼ ଗାଳି ଖୁଆନ୍ତି। ରଶ୍ମିତା, ରୋହିତର ପରିବର୍ତ୍ତନ ରେ ଆଶ୍ଚର୍ଯ୍ୟ ହୁଏ। କଣ ବା କରି ପାରିବ ସେ? ନୀରବ ରହିବା ଛଡା ତା ପାଖରେ କିଛି ଉପାୟ ନ ଥାଏ।

ରୋହିତ' ଏବେ କଥା କଥାରେ ଦୋଷ ରଶ୍ମିତାକୁ ଦିଏ। ରଶ୍ମିତା କୁ ବାହା ହୋଇ ଜୀବନରେ ବିରାଟ ଭୁଲ କରିଛି ବୋଲି, ପ୍ରତି କଥାରେ କୁହେ। ଅନ୍ୟ ଜାଗାରେ ବାହା ହୋଇଥିଲେ କେତେ କଣ ଜିନଷ ଯୌତୁକ ବାବଦରେ ପାଇଥାନ୍ତା, ତେଣୁ ରଶ୍ମିତାର ବାପା ମାଙ୍କୁ ଦିନ ରାତି ଗାଳଦିଏ। ଯୌତୁକ ବାବଦ କୁ ପଚାଶ ହଜାର ଟଙ୍କା ଘରୁ ଆଣିବାକୁ ଦାବି କରେ। କଥା କଥାରେ ହାତ ଉଠାଇ ମାରେ।

କଛିଦିନ ହେବ ରଶ୍ମିତାର କାର୍ଯ୍ୟକଳାପ, ରୋହିତ ମନରେ ସନ୍ଦେହ ସୃଷ୍ଟି କଲା। ସେ ଲକ୍ଷ୍ୟ କଲା, ରଶ୍ମିତା କଣ ସବୁ ଲୁଚ ଲୁଚ ଲେଖୁଛି। ସମସ୍ତେ ଶୋଇଗଲା ପରେ ବାକ୍ସରୁ କଣ ସବୁ କାଢି ପଢୁଛି। ସେ ରଶ୍ମିତାର ଚରିତ୍ର କୁ ସନ୍ଦେହ କରିବାରେ ଲାଗିଲା। ସତେ ଯେମିତି, ତା ରକ୍ତରେ କିଏ ନିଆଁ ଲଗାଇ ଦେଇଛି। ରଶ୍ମିତା କୁ ସବୁଦିନ ଘରୁ କାଢି ଦେବା ପାଇଁ ସେ ପ୍ରମାଣ ଖୋଜିବାରେ ଲାଗି ପଡିଲା।

ରଶ୍ମିତା ର ଅନୁପସ୍ଥିତିରେ ରୋହିତ ବାକ୍ସ ଖୋଲି ଦେଖିଲା, ଅସଂଖ୍ୟ ଚଠି ସହିତ, ବୋଉଙ୍କ (ରଶ୍ମିତାର ବୋଉ) ଅନେକ ଗୁଡିଏ ନୂଆ ପୁରୁଣା ଫଟ ସାଇତା ହୋଇ ରଖା ଯାଇଛି। ତା ପାଖକୁ ଗୋଟେ ଜରିରେ ବନ୍ଧା ହୋଇ ଥୁଆ ହୋଇଛି, ଦି ମୁଠା ମାଟି। ସେ ଗୋଟେ ଚଠି ଖୋଲି ପଢିବାକୁ ଆରମ୍ଭ କଲା...

ସାଦର ପ୍ରଣାମ ବୋଉ,

....ଯଦି ଏ ଚଠିଟି ତୁ ପଢି ପାରିବୁ, ମୋ ଶ୍ରମ ସାର୍ଥକ ହେବ ବୋଲି ଜାଣିବି। ଏ ଜନ୍ମରେ ତୋ ସହିତ ଦେଖା ହେବ କ ନାହିଁ, ସେକଥା ତ ମୁଁ ଜାଣିନ? କନ୍ତୁ ଟିକେ ଝୁଣ୍ଟି ପଡିଲେ, ମତେ ତୋ ମୁହଁ ମନେ ଦିଶିଯାଏ। ଖାଇଲା ବେଳେ ତଣ୍ଟିରେ ଭାତ ଲାଗିଲେ, ମୁଁ ଭାବେ ତୁ ମତେ ମନେ ପକାଉଛୁ। ସତରେ, ମୁଁ କଣ ତୋର ମନେ ପଡେ? ତମ ମାନଙ୍କ ସହ ମୁଁ ଯାହା କରିଛି, ତମେ କଣ! ଭଗବାନ ବି ମତେ କ୍ଷମା କରିବେନ। ମୁଁ ଜାଣି ପାରୁଛି, ତୁ

ମୋ ପାଇଁ କେତେ ମନ ଖରାପ କରିଥିବୁ। କେତେ ଅପମାନ ପାଇଥିବୁ ଆଉ ଆଖିରୁ କେତେ ଲୁହ ଝରାଇ ଥିବୁ। ମୁଁ ଜାଣିଛି, ତୁ ମତେ ବହୁତ ଭଲ ପାଉ। ତୋର ଏ ଗେହ୍ଲୀ ଝିଅକୁ, ତୁ କଣ କ୍ଷମା କରି ପାରିବୁ ନାହିଁ? ହଁ, କେମିତି ବି କ୍ଷମା କରିବୁ ଯେ? ମୋ ଭୁଲର ତ କ୍ଷମା ନାହିଁ।

ଆଜି ଦୁନିଆ ଆଖିରେ ମୁଁ ଗୋଟେ ଖରାପ ଝିଅ। ମୋ କର୍ମ ପାଇଁ ତୁମେ ମାନେ ଆଜି ମୋ ପାଖରେ ନାହିଁ। ଆଜି ତୁମ ମାନଙ୍କ ବିନା, ମୁଁ କେତେ ଏକୁଟିଆ ଆଉ ମୋ ଜୀବନ କେତେ ଏକାନ୍ତ! ସେ କଥା, କେବଳ ମୁଁ ହିଁ ଜାଣେ। ଘରୁ ଗୋଡ଼ କାଢି ଆସିବା ପର ଠାରୁ ମୋ ଜୀବନରେ କେବଳ ଦୁଃଖ କଷ୍ଟ ଯନ୍ତ୍ରଣା କୁ ଦେଖିଛି। ଆଜି ବି ରାତିର ଅନ୍ଧକାରରେ ସମସ୍ତଙ୍କ ଅଲକ୍ଷ୍ୟରେ ମୁଁ ଲୁଚ ଲୁଚ କାନ୍ଦେ। ତୁ କଣ ଏସବୁ କେବେ ଅନୁଭବ କରିନୁ?

ବେଳେବେଳେ ତୋ କଥା ବହୁତ ମନେ ପଡେ। ଇଚ୍ଛା ହୁଏ ସମାଜର ସବୁ ବନ୍ଧନ କୁ ଭୁଲି ଚାଲି ଯିବାକୁ ତୋ ପାଖକୁ। ମୋର ମମତାମୟୀ ବୋଉ ପାଖକୁ। ଇଚ୍ଛା ହୁଏ ତତେ ଭିଡି ଧରି ଗୁଡାଏ କାନ୍ଦିବାକୁ। ତୋର ପଣତରେ ମୁହଁ ଢାଙ୍କି ତୋରି କୋଳରେ ଶୋଇ ଯିବାକୁ। ହେଲେ ଆଜି କଣ ତୁ ମତେ କୋଳେଇ ନେଇ ପାରିବୁ? ତୋର ସ୍ନେହ ବୋଳା ହାତରେ ମୋ ଆଖିର ଲୁହକୁ ପୋଛି ପାରିବୁ?

ଆଜି ବି ମୋର ମନେ ଅଛି, ଚୁଲିରେ ଭାତ ହାଣ୍ଡି ବସାଇ ପରିବା କାଟୁ କାଟୁ ତୁ ବାଇଗଣ ଡେମ୍ଫ କମ୍ବା କୋବି ମୂଳ ରେ ଘରର ସେହି ମାଟି ଚଟାଣରେ ଅ, ଆ, ଇ, ଈ ... ଶିଖାଇ ଥିଲୁ। ଦେହ ମୁଣ୍ଡ ଖରାପ ହେଲେ ଅଖିଆ ଅପିଆ ଦିନ ରାତି ଜଗି ରହୁ ଥିଲୁ। ମୋ ଦେହର ରୋଗ ତତେ ଦେଇ ଦେବା ପାଇଁ ଭଗବାନଙ୍କ ନିକଟରେ ପାର୍ଥନା କରୁ ଥିଲୁ। ଦିନ ସାରା ଅକ୍ଲାନ୍ତ ପରିଶ୍ରମ ପରେ ବି ଭୋର ଚାରିଟାରୁ ମତେ ପାଠ ପଢିବା ପାଇଁ ଉଠାଇ ତୁ ପାଖରେ ଜଗି ରହୁଥିଲୁ। ପର୍ବ ପର୍ବାଣି ରେ ମୋ ପାଇଁ ନୂଆ ଡ୍ରେସ କରିବା ପାଇଁ ବାପାଙ୍କ ସହ କେତେ ଝଗଡା କରୁ ଥିଲୁ। ବୋଉ, ତୁ କଣ ଏସବୁ ଭୁଲି ପାରିବୁ?

ଦେଖ ବୋଉ, ମୁଁ ଆଜି କେତେ ଦାଇତ୍ୱଶୀଳ ହୋଇ ଯାଇଛି। ରୋଷେଇ ଘରେ ପାଦ ରଖୁ ନ ଥିବା ତୋ ଝିଅ ଆଜି ଘରର ବାସି କାମ ଠୁ ଆରମ୍ଭ କରି ଠାକୁର ପୂଜା, ରୋଷେଇ ବାସ, ଘର ସଜ୍ଜା, ଅତିଥି ଚର୍ଚ୍ଚା ସବୁ କରୁଛି। ସବୁବେଳେ ମୋର ଇଚ୍ଛା ସମସ୍ତଙ୍କ ମନ ନେଇ ଚଳବାକୁ। ସମସ୍ତଙ୍କ ମନରେ ଖୁସି ଭରି ଦେବାକୁ। ସମସ୍ତଙ୍କ ମୁହଁରୁ ଟିକେ ଭଲ ଶୁଣିବାକୁ, କନ୍ତୁ ସେତିକ ଭାଗ୍ୟ ମୋର କାହିଁ। ମୁଁ ଭୋକ ସହି ପାରେନ ବୋଲି ତୁ ସବୁବେଳେ ମୋ ଖାଇବା ଜଗୁ। କଲରା, ଭେଣ୍ଡି, ପୋଇ ମୁଁ ଖାଏ ନ ବୋଲି ତୁ ସେସବୁ କେବେ ରୋଷେଇ କରୁ ନାହିଁ। ଦେଖ, ଆଜି ସେସବୁ ତୋ ଝିଅ ଖାଇବା ସହିତ ରାନ୍ଧି ବି ପାରୁଛି।

ବେଳେବେଳେ ତୋ ହାତ ରନ୍ଧା ବହୁତ ମନେ ପଡେ। ତୋ ହାତ ତିଆରି ପଣସକଠା ତରକାରୀ, ଗୁଣ୍ଡ ମାଛ ବେସର, ଛୁଇଁ ଆଳୁ ବଡି, ଜହ୍ନି ରାଇ, ପାଳ ଛତୁ ପଡ଼ ପୋଡାର ସ୍ୱାଦ ମୁଁ ବହୁତ ଖୋଜେ। ଖାଇଲା ବେଳେ ଯେତେ ମାଗିଲେ ବି ତୁ ଦେଉ ଥାଉ। ସେ ସମୟରେ ତୋ ପାଇଁ, ଆଉ ଥାଏ କ ନ ଥାଏ, ମୁଁ ଜାଣିବାକୁ ଚେଷ୍ଟା କରେ ନାହିଁ। ଆଜି ମୁଁ ଠିକ ଜାଣି ପାରୁଛି ତୁ କଣ ପାଇଁ ଆମେ ସମସ୍ତେ ଖାଇ ସାରିଲା ପରେ ଖାଉ। ତୁ କଣ ମତେ, ତୋ ହାତ ରନ୍ଧା ଆଉ କେବେ ବି ଖୁଆଇବୁ ନାହିଁ?

ପିଲାଦିନେ ତୁ  ମୋ ପାଇଁ ଗାଁ ତୋଟାରୁ କେତେ କୋଳ ଆଣୁ। ସେଦିନ ତୁ ଶଗଡ଼ ବାଟୁଆ କୋଳ ମୋ ପାଇଁ ତୋଳଲା ବେଳେ ବାଇଡଙ୍କ ସବୁ ତୋ ଦେହରେ ଲାଗି ଯାଇଥିଲା। ତୁ କେତେ କଷ୍ଟ ପାଇଥିଲୁ। ସେ ଘଟଣା ମୋ ମନକୁ ବହୁତ ଦୁଃଖ ଦେଇ ଥିଲା। ପିଲାଦିନର ଅନେକ କଥା ଆଜି ମୋ ଆଖି ଆଗରେ ନାଚ ଯାଉଛି। ତୋ ବିରହ ମତେ ଅସହ୍ୟ ହେଉଛି। ମୁଁ ଆଉ ପାରୁନ ବୋଉ...

ଆମ ଗାଁ, ଆମ ଘର, ଆମ ବାରି ପଟ ପୋଖରୀ, ଆମ ଠାକୁର ଘର, ଦାଣ୍ଡ ପିନ୍ଧା, ଘର ଆଗ ମହୁଲ ଗଛ ବହୁତ ମନେ ପଡେ। ତୋ ସ୍ନେହ, ମମତା, ରାଗ ଅଭିମାନ ଆଜି ଏ

ମନ ଝୁରି ହୁଏ। ମୁଁ ଆସିଲା ବେଳେ ତୋର ସେହି ପୁରୁଣା ଫଟ ଗୁଡାକ ସାଙ୍ଗରେ ନେଇ ଆସିଥିଲି। ଯେତେବେଳେ ଆଖିର ଲୁହ ସବୁ ଅମାନିଆ ହୁଏ, କଷ୍ଟ ଅସହ୍ୟ ହୁଏ ଆଉ ବଞ୍ଚିବାର ଆଶା ମଉଳ ଯାଏ, ସେ ଫଟ କେତୋଟି କୁ ମୁଁ ଛାତିରେ ଘୁପି ଧରି ବହୁତ କାନ୍ଦେ। ତା ପରେ ମୁଁ, ତୋ କଥା ଭାବି ଭାବି ଶୋଇ ପଡେ। ତୁ ସ୍ୱପ୍ନରେ ଆସୁ, ପ୍ରତି ଥର। ମୋ ଆଖିର ଲୁହ ପୋଛି ଦେଇ ମତେ କୋଳେଇ ନେଉ। ତୋ କୋଳରେ ମୁହଁ ଲୁଚାଇ, ମୁଁ ସବୁ ଦୁଃଖ ଭୁଲିଯାଏ। କିନ୍ତୁ ନିଦ ଭାଙ୍ଗିଲା ପରେ ମୁଁ ଏକୁଟିଆ ଥାଏ, ତୁ ଅନେକ ଦୂରରେ ଥାଉ।

ଜାଣିଛୁ, ମୁଁ ଘର ଛାଡ଼ି ୟାଙ୍କ ସହ ଆସିଲା ବେଳେ ଆମ ଅଗଣାରୁ ମୁଠାଏ ମାଟି ଆଣିଥିଲି। ବହୁ ଯତ୍ନରେ ସେ ସବୁ କୁ ମୁଁ ସାଇତି ରଖିଛି। ସେ ଅଗଣାରେ ତୋ ହାତ ଧରି ମୁଁ ଚାଲି ଶିଖିଥିଲି। ସେ ମାଟିରେ କେତେ ଖେଳ ଥିଲି, କେତେ ବୁଲି ଥିଲି। ସେ ମାଟିକୁ ଛୁଇଁ ଦେଲେ ତୋ ପାଦ ଛୁଇଁଲା ଭଳ ଲାଗେ। କେଜାଣି ସେ ଅଗଣାରେ ମୋ ପାଦ ଆଉ ପଡିବ କି ନାହିଁ?

ବୋଉ, ଲେଖୁ ଲେଖୁ ଗୁଡ଼ାଏ କଥା ଲେଖି ଦେଲି। ତୋର ନିଃସ୍ୱାର୍ଥପର ଏବଂ ନିଷ୍କାମ ଭଲ ପାଇବା ଆଗରେ ମୁଁ ଚିର ରୁଣୀ। ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା ତୁ ସବୁବେଳେ ଭଲରେ ରହ।

ଇତି, ତୋର ରଶ୍ମିତା

(ରଶ୍ମିତା ଏମିତି ଅନେକ ଚିଠି ଲେଖେ। କିନ୍ତୁ ଚିଠି ସବୁ ବୋଉ ପାଖରେ ପହଞ୍ଚିବା ଅସମ୍ଭବ। ତେଣୁ ନିଜ ଚିଠି ନିଜେ ପଢେ। ଆଖିର ଲୁହକୁ ପଣତରେ ପୋଛେ। ନିଜ ଭାଗ୍ୟକୁ ନିନ୍ଦା କରେ। ଚିଠି ସବୁ ଲୁଚାଇ ରଖେ। ନିଜ ଉପରେ ତାର ଘୃଣା ଆସେ।)

ରୋହିତ ଗୋଟେ ପରେ ଗୋଟେ ଚଠି ପଢି ଚାଲିଲା ଏବଂ ତାର ଆଖିରୁ ଧାର ଧାର ଲୁହ ବହି ଚାଲିଲା। ସେ ନଜେ ନଜକୁ କ୍ଷମା କରି ପାରୁ ନ ଥିଲା। ସେ ଅନୁଭବ କରୁଥିଲା, ରଶ୍ମିତା ସହ କେତେ ଅନ୍ୟାୟ କରିଛି। କେତେ ନର୍ଯ୍ୟାତନା ଦେଇଛି। ପ୍ରେମ ନାମରେ କପରି ପ୍ରତାରଣା କରିଛି। ସେ ହୃଦୟଙ୍ଗମ କରି ପାରିଲା ନଜ ଘର ପରିବାର ଠୁ ଦୂରରେ ରହିବାର ଯନ୍ତ୍ରଣା। ରଶ୍ମିତାର ମନ ବେଦନାକୁ ସେ ପାଦେ ପାଦେ ଅନୁଭବ କରି ପାରୁଥିଲା।

ସବୁଦିନ ଏକୁଟିଆ ରାତ୍ର ଭୋଜନ କରୁଥିବା ରୋହିତ ରଶ୍ମିତାକୁ ସାଙ୍ଗରେ ଖାଇବା ପାଇଁ ଜୋର କରି ଡାଇନଂରେ ବସାଇ, ହାତରେ ଖୁଆଇ ଦେବା ପାଇଁ ଆଗ୍ରହ କଲେ। ରଶ୍ମିତା ପ୍ରଥମେ ମନ କରୁଥିଲେ କନ୍ତୁ ରୋହିତ ନଜ ଜିଦ ରେ ଅଟଳ। ଅନେକ ଦିନ ପରେ ସ୍ନେହ ଟିକେ ପାଇ ତାର ଜଡ ପିଣ୍ଡରେ ପ୍ରାଣ ସଂଚାର ହେଲା। ଏବେ ତା ଆଖିରେ ଲୁହର ବନ୍ୟା। ସତେ ଯେମିତି ଅଦିନଆ ମେଘ ବର୍ଷି ଯାଇ ସବୁ ଭସେଇ ନେବ। ସେ ଲୁହକୁ ଦେଖିବାକୁ ରୋହିତର ଧର୍ଯ୍ୟ ନ ଥିଲା। ସେ ରଶ୍ମିତାକୁ ନଜ ଛାତିକୁ ଭିଡି ଆଣି କାନ ପାଖରେ କହିଲେ, "ରଶ୍ମି, ଆଇ ଲଭ ୟୁ।"

ପରଦିନ ସକାଳୁ ସକାଳୁ ରୋହିତ କହିଲେ, "ରଶ୍ମି, ଆଜି ଜଣେ ସାଙ୍ଗର ବାହାଘର। ଜଲଦି ବାହାର, ଯିବାକୁ ହେବ।" ଅନଚ୍ଛା ସ୍ୱତ୍ତ୍ୱେ ରଶ୍ମିତା କୁ ଯିବାକୁ ପଡିଲା। ତରତର ହୋଇ ସ୍ୱାମୀ ସ୍ତ୍ରୀ ବାହାରିଲେ। କଛିଦୂର ଯିବା ପରେ ରଶ୍ମିତା ପଚାରିଲା, "ଏ ତ ଆମ ଗାଁକୁ ରାସ୍ତା। ତମ ସାଙ୍ଗ ଘର କେଉଁଠି?" ରୋହିତ ହସିଦେଇ କହିଲେ, "ଏ ରାସ୍ତା ତୁମ ଗାଁକୁ ନୁହେଁ, ତୁମ ଘରକୁ"।।

ସାନମୂଳେଇ, କଟକ

# ଅବୁଝା ମଣିଷ

ନରଞ୍ଜନ ସାହୁ

କେତେବେଳେ ତୁମେ ଶରତ ଚନ୍ଦ୍ରମା
କେବେ ଗୀରିଷମ ତପନ
କେତେବେଳେ ତୁମେ ବାସ୍ତବବାଦୀ ହେ
କେବେ ଦେଖା ମୋତେ ସପନ ॥
ବେଳେବେଳେ ଲ୍ଗ ଅବୁଝା ଅବୁଝା
ବେଳେବେଳେ ସାଦାସିଧା
ବେଳେବେଳେ କୁହ ର୍ୱେକଠୋକ କଥା
କେବେ ଢୋକ ଢୋକ ଅଧା
କେବେ ପଗ୍ଚରିଲେ ପଦେ କୁହନାହିଁ
ସବୁକଥା ରଖ ଗୋପନ ॥
କେବେ ସରଳଆ ମଣିଷଟେ ହୁଅ
କେବେ ଶୁଣନାହିଁ କଛି
କେବେ ମୋ ପଣତ ଧରି ବୁଲୁଥାଅ
କେବେ ର୍ୱଗ ମିଛିମିଛି
କେବେ ହସୁଥାଅ ମହାର୍ୱଜା ହସ
ଘରଦ୍ୱାର ହୁଏ କମ୍ପନ ॥

ନହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ

# ପ୍ରେମ ପାଇଁ ପଂକ୍ତିଟିଏ

ଋତୁପର୍ଣ୍ଣା ମହାନ୍ତି

କ ଅବା ଲେଖିବି ତୁମ ପାଇଁ ସାଥୀ
ତୁମେ ମୋ ମନର ମିତ ।
ହୃଦୟ ସିନ୍ଧୁକ ଖୋଲି ତୁମେ
ସ୍ପନ୍ଦନରେ ହୋଇଛ ସମାହିତ ।
ମୋ ସ୍ୱପ୍ନରେ ତୁମେ କେବଳ ତୁମେ
ତୁମ ପ୍ରେମ ବହ୍ନିରେ ଜଳେ ମୁଁ ନିତି ।
କେମିତି କହିବି ଏ ଅନ୍ତର ବେଦନା
ବେଦନାରେ ଖାଲି ତୁମ ପ୍ରତିଛବି ।
ଆଶାର ଅଂଶୁ କ୍ଷୀଣ ହୋଇଯାଏ
ଏ ନିଷ୍ଠୁର ସମାଜ ଆଗରେ ।
ପ୍ରେମର ଭାଷାକୁ ଲୁଚାଇ ଲୁଚାଇ
ନିଜେ ଲୁଚିଯାଏ ତୁମ ହୃଦୟ କନ୍ଦରେ ।
ଯେଉଁ ମୁହୂର୍ତ୍ତରେ ତୁମେ ହେଲ ସାଥୀ
ସମୟ ଗର୍ଭରେ ଲୀନ ସେ ମୁହୂର୍ତ୍ତ ।

ତୁମେ ରହିଅଛ ମୋ ଆତ୍ମା ଭିତରେ
ସିଞ୍ଚୁଅଛି ତୁମେ ପ୍ରେମ ଅମୃତ ।
ପ୍ରେମର ସଂଜ୍ଞା ମୁଁ ଜାଣିନାହିଁ
କରି ପାରିବିନି ପ୍ରେମର ବ୍ୟାଖ୍ୟା ।
ଏତିକି ଜାଣିଛି ତୁମେ ମୋର ପ୍ରିୟ
ମୁଁ ତୁମ ପ୍ରିୟତମା ।
ଜୀବନଟା ଲାଗେ ଚକ୍ରବ୍ୟୂହ ପରି
ମନ ଆଜି କ୍ଷତ ବିକ୍ଷତ ।
ଦୁନିଆ ଆଖିରେ ପ୍ରେମ ଅପରାଧ
ମୋ ପାଇଁ ଚିର ପବିତ୍ର ଶାସ୍ୱତ ।

ଛମୌଜ, ଜଳେଶ୍ୱର, ବାଲେଶ୍ୱର

# ପାଗଳୀ



ନବୀନ କୁମାର ପଧାନ

ସହରର ଏକଜ ଜନପୂର୍ଣ୍ଣ ରାସ୍ତା କଡରେ ଥାଏ ଏକ ଶହିଦ ର ପ୍ରତିମୂର୍ତ୍ତୀ | ତା ପାଖରେ ବସିଥାଏ ଏକ ପାଗଳୀ | ମୁର୍ତ୍ତୀରେ ଲାଗିଥିବା ଧୂଳକୁ ତାର ପଣତ କାନରେ ପୋଛିଦିଏ | ସମସ୍ତେ ଏହା ଦେଖନ୍ତି ପାଗଳୀ କହି ଚାଲିଯାନ୍ତି | ଦିନେ ଜଣେ ପଥିକ ପଚାରେ ପାଗଳୀକୁ ତୁ ଏଠାରେ ବସିଛୁ କାହିଁକ | ପାଗଳୀ କହେ ବେଦନା ଚାଇଜର ଅକୁହା କଥା | ଶୁଣିଲ ବାବୁ ଏ ହେଉଛି ମୋ ପୁଅ ନନ୍ଦନ | ପଥିକ ହସିଦିଏ | ପାଗଳୀ କହେ ଦିନଥିଲା ଘରୁ ଯାଇଥିଲା ଚାକରୀ କରିବାକୁ ଏ | ଅଳ୍ପଦିନ ପରେ ଜଣେ ପଡୋଶୀ ଆସି କହିଲା ନନ୍ଦନ ଶହିଦ ହୋଇଗଲା ଯାର କ ଅର୍ଥ ମୁଁ ଜାଣେନା |

ତାର ଦୁଇଦିନ ପରେ ଏକ କଫିନ ଆସିଲା | ଭିତରେ ଥିଲା ଏକ ରକ୍ତକ୍ତ ଶବ ଯାକୁ ଦେଖି ମୋ ପାଦତଳୁ ପୃଥିବୀ ଖସିଗଲା | ତା ପରେ ପୁଣି କଛି ଦିନପରେ ଶୁଣିଲି ଅଭିନନ୍ଦନ ଫେରି ଆସିଛି | ସମସ୍ତେ ନାଚୁଥିଲେ ଖୁସୀରେ ମୁଁ ବି ନାଚଲି କନ୍ତୁ ନନ୍ଦନ ଘରକୁ ଗଲାନ । ମୁଁ ଖୋଜି ଆସିଲି ଶେଷରେ ତାକୁ ଏଠି ପାଇଲି | ତାର ଶୁଦ୍ଧି କ୍ରିୟା ସରିଥିବାରୁ ଏ ଅଭିମାନ କରି ଘରକୁ ଗଲାନ ଏଠାରେ ଏ ଅଛି | ତାକୁ ମୁଁ ଖାଇବା ଦିଏ ଖାଏନ, ପାଣି ପିଇବାକୁ ଦିଏ ପିଏନ | ସେ ନ ଖାଇଲେ ମୁଁ ଖାଏନ କାର ମୁଁ ତାର ମାଁ | ଏତିକ କହି ପାଗଳୀର କଣ୍ଠ ଅବଶ ହୋଇଗଲା | ତଳେ ଲେଖା ହୋଇଥିବା ଶବ୍ଦକୁ ପାଗଳୀ ପଢ଼ି କହୁଥିଲା ବୀର ଜବାନ ଅମର ରହେ || ଭାରତ ମାତାକ ଜୟ || ତା ପରେ ପାଗଳୀ ମରିଗଲା |||

ଏ ହେଉଛି ପୁଲୁଆମା ଏନକାଉଣ୍ଟରେ ପୁଅକୁ ହରେଇ ଥିବା ମାଁ | ଅଭିନନ୍ଦନ ଫେରିଆସିଲା କନ୍ତୁ ତା ପୁଅ ନନ୍ଦନ ଆସିଲାନ ଶହିଦ ହୋଇଗଲା | ସେ ଜାଣେନ ପୁଲୁଆମା କଣ ||ଶହିଦ କଣ || ତାର ପରି ଚୟ ଥିଲା କେବଳ ଜଣେ ମାଁ ||

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ,
ବାବୁଫାସଡ଼, ବଲାଙ୍ଗୀର

# ମୋ ସୁନା ଆଉ ହୀରା



ସଙ୍ଗୀତା ମହାନ୍ତି

ପାପୁନ ଟା ମୋର ଅବୁଝା ଛୁଆଟି ହେଲେ ଦୀକ୍ଷା ଟା ବି ମୋର ଅଭିମାନୀ ଝିଅଟି । ଦୁଇଜଣ ଦୁଇ ଜଣଙ୍କଠୁ ବଳ । ବେଳେ ବେଳେ ହୁଏ ତାଙ୍କର କଳ । ପାପୁନ ଟା ମୋର ଭାରି ନିର୍ମାୟା । ପାପୁନ ଆଉ ଦୀକ୍ଷା ଭିତରେ ଭାରି ମିତ୍ରତା । ତାକୁ ମୁଁ ହିଁ ଜାଣିଛି । ପାପୁନ ଏମିତି ଗୋଟେ ସାଙ୍ଗ, ଦୀକ୍ଷା ଚୁପ୍ ରହିବା ପଛରେ କଥାକୁ ବୁଝିଯାଏ ଆଉ ହସିବା ପଛର କଷ୍ଟକୁ ନକହିଲେ ବି ଜାଣିଦିଏ । ଦୁଇଜଣଙ୍କ ସମ୍ପର୍କ ନିଆରା । ସେ ସମ୍ପର୍କରେ ସ୍ୱାର୍ଥ ନଥାଏ, ଥାଏ କେବଳ ଶ୍ରଦ୍ଧା । ଦୁହେଁ ଦୁହିଁଙ୍କ ହୃଦୟକୁ ଭଲ ପାଆନ୍ତି, ଦେହକୁ ନୁହେଁ । ତାଙ୍କ ଭଲ ପାଇବାରେ ବହୁତ ପବିତ୍ରତା ରହିଛି । ପାପୁନଟା ଆମର ପୁରା ହିରୋ । ତା ଆଗରେ ସମସ୍ତେ ଜିରୋ । କଥାରେ ଅଛି ପରା ସାଙ୍ଗ ଥିଲେ ସାଥିରେ କ୍ଳାନ୍ତି ନଥାଏ ମନରେ । ଅଦିନରେ ବି ମେଘ ଘୋଟି ଆସେ ଯେବେ ମସ୍ତି ଗାଲେ ଗୁଲି ଖଟିରେ ଅନ୍ତରର ବ୍ୟଥା ଦଳ ହୋଇଯାଏ । ଖୋଲାଯାଏ ଯେବେ ବୋତଲ କସା ଚକେନକୁ ମିକ୍ସଚର ଆଉ ପିଆଜ ।

ଆଃ, କି ସେ ସୁଆଦିଆ ବିଅର ସମୟ ଢଳୁଛି । ମୁହୂର୍ତ୍ତ ବି ସରୁଛି ବଦଳୁଛି ବର୍ଷ, ମାସ, ଦିନ । ଅଗ୍ନିଶିଖା ସମ ତୁମର ଏ ବନ୍ଧୁତ୍ୱ ଯୁଗ ଯୁଗ ରହୁ ଉଦାହରଣ ସ୍ୱରୂପ । ମନେରଖିବ ମୋର ଏ ଛୋଟ କଥା, କେବେ ଦିଅନି ମୋ ମନେ ବ୍ୟଥା । ଦୁହେଁ ଭଲ ପାଇବାରେ ସ୍ୱାର୍ଥ ରଖିବନି । ସ୍ୱାର୍ଥ ରଖିଲେ କିଛି ମିଳିବନି । ନିଜ ଖୁସି ପାଇଁ କେବେ ଟାଇମ ପାସ କରିବ ନାହିଁ । କାରଣ ତୁମର ଟାଇମ ପାସ ପୂରଣ ହୋଇଯିବ, ହେଲେ କେହିଜଣେ ସବୁଦିନ ପାଇଁ ହସିବା ଭୁଲିଯିବ । କେମିତି କରିବି ମୁଁ ତୁମ ଦୁହିଁଙ୍କ ତୁଳନା, ଶବ୍ଦର କମି ନାହିଁ ମୋ ପାଖେ, କିନ୍ତୁ ଲାଗିବ ତୁମକୁ ଛଳନା । ପାପୁନ କେବେ ଭୁଲିବନି ଦୀକ୍ଷାକୁ । ବୁଝିବ ସଦା ତା ମନକୁ । ସେ ତୁମକୁ ଆଉ ତୁମ ପାଗଳାମିକୁ ଭଲପାଏ ।

ତୁଳସୀପୁର, ମଠସାହି

# ପେଚକ



ଅଲେଖ ମେହେର

ନିସ୍ତବ୍ଧ ବିଭାବରୀର ନିର୍ଲିପ୍ତ ପ୍ରହରରେ
ସନ୍ଧ୍ୟାମଣି ପେଚକ କରେ ହୁଟ୍'ହୁଟ୍,
ସହସ୍ରାଂଶୁଙ୍କୁ ବିଲୋକିବା ନାହିଁ ଯାହା ଭାଗ୍ୟେ
ତୁ କି ବୁଝିବ ମଣିଷର ହରିଲୁଟ୍।
ଅନାୟସ ଭାବେ ବିଚରଣ କରୁଛୁ ବୋଲି
ଜଣାନାହିଁ ଶୃଙ୍ଖଳ ପରାଧିନତାର,
ବାସକୁ ବାସର ବର୍ଦ୍ଧିତ କ୍ରୁର ମାନବର
ନୀରିହଙ୍କ ପିଠିରେ ପାଞ୍ଚଣ ପ୍ରହାର ।
ପଘାରେ ବନ୍ଧାହୋଇଥିବା ବୁଭୁକ୍ଷୁ ପଶୁଙ୍କ
ବୁକୁଫଟା କରୁଣ ଆର୍ତ୍ତ ଚିତ୍କାର,
କଂସେଇଖାନାରେ ଓହଳୁଥିବା ଖାସିର
ସ୍ୱାଦିଷ୍ଟ ବ୍ୟଞ୍ଜନ ବିଭିନ୍ନ ପ୍ରକାରର।
ଦିନର ଆଲୁଅରେ ବିହାୟସେ ବିହଙ୍ଗମ
ନିର୍ଭୟେ ଉଡି ପାରନ୍ତି ନି ନର ଇକ୍ଷଣେ,
ବନ୍ଧୁକର ଗୁଡୁମ୍ ଶବ୍ଦରେ ଖସିପଡନ୍ତି
ଆକାଶରୁ ରସା ବକ୍ଷକୁ ତତ୍'କ୍ଷଣେ।
ଲପନ କାହାରି ଦେଖୁନାହୁଁ ବୋଲି ମନକୁ
ବ୍ୟଥିତ ତୋର୍ ମୋଟେ କରିବାର୍ ନାହିଁ,
ସ୍ୱାର୍ଥନ୍ନେଷୀ ମାନବକୁ ତୁ ବୋଧହୁଏ ଆଦୌ
ଚିହ୍ନିବାର ପ୍ରୟାସ ମଧ୍ୟ କରିନାହିଁ।

ସ୍ୱାର୍ଥରେ ତିଳଟିଏ ଦେଖାଦେଲେ ବିଦ୍ରୋଧୋକ୍ତି
ସ୍ତ୍ରୀ ପୁତ୍ର ଭାଇ ଭଗିନୀକୁ କରେ ହତ୍ୟା,
ବିଶ୍ୱମ୍ଭର ବକ୍ଷରେ ବୁହାଇପାରେ ମୃତ୍ୟୁର
ବିଭୀଷିକା ପ୍ରଳୟଙ୍କରୀ ମହାବାତ୍ୟା ।
ଯିଏ ଯାହା ହେଲେ ତୋର କେତେ ବା ଯାଏ ଆସେ
ଅନ୍ୟାୟୀ ମଣିଷ  ପ୍ରାଧାନ୍ୟ ସମାଜରେ,
ତୋ ଖୁସିର ସାମ୍ରାଜ୍ୟ ତ  ତାରକାଙ୍କ ସାଥୀରେ
ଯେତେବେଳେ ମୃଗାଙ୍କ ବିଜେ ଆକାଶରେ ।
ଅବଶ ନର ଦିନର କର୍ମ  ଜଞ୍ଜାଳ ସାରି
ଘୁମେଇ ପଡିଥିବା ରଜନୀର  କୋଳେ,
ନିର୍ଭୋଳରେ ବସୁନ୍ଧରା ମାତାଙ୍କର କୋଳରେ
ପଶୁପତି ନାଥଙ୍କ ଆଶିର୍ବାଦ ବଳେ ।

ସୋହେଲ୍, ବରଗଡ

## ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ପ୍ରଶ୍ନ ଟିଏ ?



କୃଷ୍ଣ ଚନ୍ଦ୍ର ଡାକୁଆ

କେବେ ଶୁଣିଚ
କଅଁଳ କାନ ଦୁଇଟା
ନିରବ ପବନର
ଅନ୍ତଃସ୍ୱର ଆର୍ତ୍ତଚକ୍ଷାର
କେବେ ଦେଖିଛି
ନିରୀହ ଆକ୍ଷି ଗୁଡାକ
ବିଶ୍ୱବିପ୍ଳବ ବିଜୟ ହାସଲର
କ୍ରାନ୍ତିକାରୀ ବିବିଧ ଯାତ୍ରା
କେବେ ବୁଝିଛି ପାହାଡ଼ରେ
ଗଛ ମାନଙ୍କ ପତ୍ର ଝଡା ଭାଷା
କେବେ ପଢିଚ ଗଛତଳେ
ଚିତ୍ ହୋଇ ଶୋଇପଡିଥିବା
ଶୁଖିଲ୍ ପତ୍ର ମାନଙ୍କ
ହାତ ଲେଖା ଓ ମୁହଁ କୁ
କେବେ ଅନୁନୟ ହୋଇଛି
ରକ୍ତ ସ୍ୱାକ୍ଷରତ ବ୍ୟଥାପ୍ଲିତ
ଜୀବନର ଜୀବନ
ଏହିଭଳି ଅନେକ ପ୍ରଶ୍ନମାନ
ପଲ୍ଲବିତ ପୁଷ୍ପବନରେ
ଘରକରି ନେଇଥିବା

ଜୀବନକୁ ଅଜଣା
ଅନ୍ଧାର ଗ୍ରଡିର କାଳୀମା ମଧ୍ୟରେ
ନା'ମାପି ହୋଇଛି ଗଭୀରତା
ନା'ଦେଇ ହୋଇଛି ସୁନ୍ଦର ନାମ ଟିଏ
କଏ ଜାବୁଡ଼ି ଧରିପକାଇଛି କେଜାଣି
ସୁଖ୍ଣତାର ନର୍ଦ୍ଦିଷ୍ଟ ଶକ୍ତିକୁ
ଏ ମସ୍ତିଷ୍କ ମଧ୍ୟ ଅସହାୟ ହୋଇଯାଏ
ସତରେ ସୃଷ୍ଟି ହୋଇଛି
ଏକ ଶୂନ୍ୟସ୍ଥାନ ଓ ଅସାଧ୍ୟ ତୃଷ୍ଣା
ଏମିତିକ ଭିଜା ମାଟି ଠାରୁ ଅଧିକ
ଏବେ ବି ସ୍ୱପ୍ନରେ ଅଛି
ସେଇ ସୁନ୍ଦର ଛାୟାମୂର୍ତ୍ତି ଗୁଡାକ
କନ୍ତୁ ସେଇମାନେ
ପାର୍ଥିବ ଶରୀର ନୁହଁନ୍ତି
କେବେଳ
ଭୀର୍ନ ଆତ୍ମା ର ଫୋଟ ଚନ୍ଦ **.....!!**

କରଚୁଲି (ବୁଗୁଡ଼ା), ଗଞ୍ଜାମ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଗୃହବନ୍ଦିରେ ମୁଁ



ଉଦୟ କୁମାର ପଣ୍ଡା

ଅବିଶ୍ରାନ୍ତ ପଥ ପରି ଆଜି
କରୋନା ଯାଇଛି ପୃଥିବୀକୁ ଗ୍ରାସି ।
ସାରା ଭାରତୀୟ ଗୃହବନ୍ଦୀ ହୋଇ
ରହିଛନ୍ତି ଘେନ ମନେ ଭୟ ରାଜି ।
ମୁଁ ଅବା କପରି ତହୁଁ ଯିବି ବର୍ତ୍ତି
ଜୀବନର ଭୟ ମୋତେ କଲା ଗୃହବନ୍ଦୀ ।
ଝୁ ଝୁ ନିଦାଘରେ ହୁତୁ ହୁତୁ ଆତପରେ
ଜଳେ ଆଜି ମନ ମୋର ଅସହ୍ୟ
ବେଦନାରେ ।
ଟିଭି ପରଦାରେ ସୋସିଆଲ ମିଡ଼ିଆରେ
ସବୁଠି ଚାଲିଛି ଆଜି କରୋନାର ଚର୍ଚ୍ଚା ।
ନାନା ଗୁଜବ ଆସଇ କ୍ଷଣୀକେ ଛୁଟି
ଜୀବନଟା ଚାବିଦିଆ କଣ୍ଢେଇ ସାଜିଛି ।
ଏମିତିକା ଯିବ ବୋଧେ ଖରାଛୁଟି ସରି
ଘରେ ବସି ବହି ପଢ଼ି ପଢ଼ି ।
ତଥାପି ବେଳେବେଳେ ଖୁସି ଲାଗେ
ଅପାସୋରା କିଛି ବିରଳ ଦୃଶ୍ୟ ଦେଖି ।

ଖୁସିଲାଗେ ପୁଣି ଖଣ୍ଡ ବିଖଣ୍ଡିତ
ପରିବାରକୁ ଏକାଠି ବସିବାର ଦେଖି ।
ପୁରୁଣା ସେ ଅତୀତର ଇତିହାସ
ସବୁ ଯାଇଥିଲେ ପାସୋରି ।
ଆଜି ଲାଗେ ମୋତେ ବୋଧେ
ବାଲ୍ୟକାଳ ମୋର ପୁଣି ଆସିଛି ଫେରି ।

ବୁଦାଖୁଣ୍ଟା, ବଡପୋଖରୀ, ଔପଦା,
ବାଲେଶ୍ୱର, ଓଡିଶା

# ଥାଇରଏଡ



ଧୀରେନ୍ଦ୍ର କୁମାର ପ୍ରଧାନ

କଣ ହୋଇଛି କେଜାଣି ! ହାତଟା ମୁଠା କରିପାରୁନି, ବିଶ୍ୱାଳ ଘରର ବୁଢ଼ୀ। ଏବେ ଏବେ ତ ବଡପୁଅ ଡାକ୍ତରଖାନା ନେଇଥିଲା। ଔଷଧ ଆଣିଛି। ଖାଉଛି। କିନ୍ତୁ କମୁନି।

ଗାଁ ରେ ବଡପୁଅ ବୋହୂ ନାତି ନାତୁଣୀ ଙ୍କ ସହ ରହନ୍ତି ବିଶ୍ୱାଳ ପରିବାର। ବୁଢ଼ା କେବେଠୁ ଚାଲିଗଲେଣି। ସାନ ପୁଅ ବୋହୂ ଭୁବନେଶ୍ୱର ରେ ରହନ୍ତି। ସାନର ନିଜ କୋଠାଘର। ବୁଢ଼ୀ ଖୁବ କହେ। ମୋ ବୋହୂ ଏମିତି ପିନ୍ଧେ ସେମିତି ସଜେଇ ହୁଏ, ଏମିତି କଥାକହେ। ଖୁବ୍ ସୁନ୍ଦର ଗୋରୀ ବୋହୂ ବୋଲି ତାର ଗୋଡ ତଳେ ଲାଗେନି। ସାନପୁଅ ବାହାଘର ପରେ ଚାରିଦିନ ତାଙ୍କ ସହ ଯାଇ ବୁଢ଼ୀ ରହି ଆସିଥିଲା। ବର୍ଷେ ହେଲାଣି ଆଉ ସାନ ଆସିନି। ଫୋନ କରି ଭଲମନ୍ଦ ବୁଝେ।

ବୁଢ଼ୀ ବଡବୋହୂକୁ ଶୁଣେଇ କହିଦେଲା ମୋ ପୁଅ ଆସୁ ବଡ ଡାକ୍ତରଖାନାକୁ ନେଇ ଦେଖେଇଲେ ହାତ ମୋର ଭଲ ହେଇଯିବନି। ଏଇଠି ଏଇ ଛୋଟିଆ ମୋଟିଆ ଡାକ୍ତର ଦେଖେଇ ମୁଁ କଣ ଭଲ ହେବି ? ଯେ ବି ଖର୍ଚ୍ଚ ହେବ ବୋଲି ଭଲ ଯାଗା କୁ ନେଉନଥିବ। ବଡବୋହୂକୁ ଖୁବ କଷ୍ଟ ହୁଏ। କିନ୍ତୁ କିଛି କହିପାରେନି ବା କହିବାକୁ ଚାହେଁ ନାହିଁ ।

ସଂଧ୍ୟା ରେ ବଡପୁଅ କୁ ବୁଢୀ କହିଲା ଆରେ ଟିକେ ଫୋନ ଲଗେଇଦେ ସାନ ପାଖକୁ, ପନ୍ଦରଦିନ ହେଲାଣି କହୁଛି ଯେ ସବୁବେଳେ କହୁଛୁ ଲାଗୁନ। ଆଜି ଲଗା ମୁଁ କଥା ହେବି। ତୁ ତ ତାକୁ ମୋ ହାତ କଥା ଜଣେଇ ନଥିବୁ। ଯଦିଓ ବଡ, ସାନକୁ କହିସାରିଛି । ବଡପୁଅ କହିଲା ଠିକ ଅଛି।ମୁଁ ଲଗେଇ ଦେଉଛି।

ଫୋନଟି ରିଙ୍ଗ ହେଉହେଉ ସାନପୁଅ ଉଠେଇଲା। କହିଲା," ଭାଇ ମୁଁ କାଲି ଯିବି। ବୋଉକୁ ନେଇ ଆସିବି ।" କନ୍ତୁ ଫୋନଟି ବୁଢୀ ଧରିଥିଲା, କନ୍ତୁ କଛି ବୁଝିବା ଆଗରୁ କହିଲା କରେ ତୁ କାଲି ଆସିବୁ, ହଉ ଆସେ। ସେପଟୁ ସାନ କହୁଥିଲା ବୋଉ ମୁଁ ଆସିବି ତୋତେ ବଡ ଡାକ୍ତରଖାନାକୁ ନେଇ ଦେଖେଇବି।

ତା ପରଦିନ ସାନପୁଅ ଆସି ନେଇଗଲା ଭୁବନେଶ୍ୱର। ଖୁବ ଆଦର ସତ୍କାର ହେଲା। ଡାକ୍ତର ବି ଦେଖା ହୋଇଗଲା। କଣନା ଥାଇରଏଡ ବାହାରିଛି। ତେଣୁ ହାତ ମୁଠା କରିହେଉନ। ମେଡିସିନ ଖାଇଲେ ଠିକ ହୋଇଯିବ। ବୁଢୀର ମନେ ପଡୁଥିଲା ବଡପୁଅ ବି ଥାଇରଏଡ କଥା କହୁଥିଲା। ସାନପୁଅ କହିଗଲା ଏଠି ରହିଗଲେ ହାତ ଠିକ ହୋଇଯିବ।

ଏମିତି କଛିଦିନ କଟିଗଲା। ଏବେ ଏଠି ପାଞ୍ଚ ଥର ତାଜା ଅଦା ଛେଚ୍ଚା ଗରମ ଚା ମିଳୁନ। ଇଛା ଅନୁସାରେ ଖାଦ୍ୟ ମିଳୁନ। ବୁଢୀର ମନେ ପଡିଗଲା ବଡବୋହୂ କଥା ଯେତେବେଳେ ବେସିନରେ ବୁଢୀର କପପ୍ଲେଟ ଖାଇବା ଥାଳ ତାଟିଆ ପଡିଥିବ। ଗାଧୁଆ ଘରେ ମୁଠା କରିପାରୁ ନଥିବା ହାତରେ ଯେତେବେଳେ ତାର ପାଲଟା ଲୁଗା ଟାକୁ ଚପୁଡୁଥିଲା ଓ ରୋଷେଇ ଘରେ କପପ୍ଲେଟ କୁ ଥରିଲା ହାତରେ ଧୋଉଥିଲା,,,,,,, ଲୁହ ସହ ଦେଖା ଯାଉଥିଲା, କଡା କଡା କଥା କହିଲା ପରେ ବି ବଡବୋହୂ ର ହସହସ ମୁହଁ ଟି।

ଆମିଷ, ଫଳ ମୂଳ ପନପରିବା କ୍ଷୀର ହର୍ଲିକ୍ସ ସବୁ ଏଠି ବି ଅଛି କନ୍ତୁ ସବୁ ନଜେ କରେ। ସାନବୋହୂ କହିଦେଇଛି, ବୋଉ ତମର ଯାହା ଇଛା ସବୁ ଅଛି, ନଜେ ଆଣି ଖାଇବ ପିଇବ। ଆଉ ମନେପଡୁଥିଲା ବଡବୋହୂକୁ ନକହିଲେ ତ ବି ସମୟ ଅନୁସାରେ ସବୁ ଯୋଗେଇଦିଏ। ବୁଢୀ ର ମନେ ପଡୁଛି ସକାଳୁ ତେଲ ଘସା ଠୁ ଆରମ୍ଭ କରି ରାତି ଶୋଇବା ଯାଏଁ ପଛେ ପଛେ ଲାଗିଥାଏ। ଗାଧୋଇ ଦେବାଠୁ ଆରମ୍ଭ କରି ଲୁଗା ଧୋଇଦେବା ଯାଏଁ ସବୁ ଖୁସିରେ କରିଯାଏ। ସବୁଦିନର ତରକାରୀ ତାକୁ ପଗ୍ଚରି ତିଆରି କରେ। କୌଣସି ଅବହେଳା କରେନ ।

କନ୍ତୁ କଡା କଥା ଦିପଦ ଏପରିକ ତାର ସାବନା ରଙ୍ଗ ଠୁ ଆରମ୍ଭ କରି ସବୁ କାମରେ ଖୁଣ ବାହାର କରି ଦି ଦି ପଦ ନଶୁଣେଇଲେ ତାର ଗ୍ଚହା ହଜମ ହୁଏନ ।
ବୁଢୀ ବୁଝିପାରୁଥିଲା, ସହରରେ ତାକୁ ସବୁ ଗ୍ଚକଚକ୍ୟ ମିଳଯିବ କନ୍ତୁ ସେବା ଆଦର ଯତ୍ନ ର ମଧୁର ପରଶ ଟିକକ ମିଳବନ। ତାକୁ ବଡବୋହୂ ର ଶାଗକୋଷା ବିଣ୍ଡି ହାତର ପରଶ ଓ ବଡପୁଅର ନରୀହ ମୁହଁ ର ହସ ଖୁବ ମନେ ପଡୁଥିଲା ଯାହାକୁ ସବୁବେଳେ ମିଛୁଆ ବୋଲି ଭାବୁଥିଲା। ଥାଇରଏଡ ତ ମିଛ ନୁହେଁ।

ସଂଧ୍ୟା ରେ ସାନପୁଅ କୁ ବୁଢୀ କହୁଥାଏ,,,, ବାପାରେ ମୋତେ କାଲି ଗାଁ ରେ ଛାଡିଦେବୁ। ସେଠି ଡାକ୍ତର ବି କହିଥିଲା ଥାଇରଏଡ ବୋଲି। ଆଉ ଗାଁ ରେ ମୁଁ ଭଲ ହୋଇଯିବି।

ଝଜିରୀ ବାହାଳ, ଅନୁଗୋଳ

# ଯାହା ହେଲା ଭଲ ହେଲା

ଭାରତୀ ସାହୁ

କିଏ କହେ ତାଲା ବନ୍ଦ ଆମେ ସବୁ ବନ୍ଦୀ
ମୁଁ କହିବି ବଞ୍ଚିବାର ରାହା ଦେଲେ ମୋଦି
ନିଜ ଗାଁ ନିଜ ଦେଶ ଛାଡି ବହୁ ଦୂର
ପରିବାର ପାଇଁ କରୁଥିଲେ ରୋଜଗାର
ଏମିତି ସମୟ ଆସି ପହଁଚଲା ଭାଇ
ମାଆ ମାଟିର ମମତା ଏଡି ହେଲା ନାହିଁ
ମାଆ କହେ ଟଙ୍କା ନୁହେଁ ପୁଅ ଦରକାର
ସ୍ତ୍ରୀ ବି କହିଲା ଖୋଲି ବଡ ମୋ ସିନ୍ଦୂର
ଭାଇ ପାଇଗଲା ପୁଣି ଭଉଣୀ ମମତା
ସ୍ତ୍ରୀ ସାଥେ ସ୍ୱାମୀ ହେଲା ମନ ଖୋଲି କଥା
ନଥିଲା ବେଳ ପୁଅକୁ ନଥିଲା ବାପାକୁ
ସୁଖ ଦୁଃଖ ଦୁଇପଦ କଥା ହୋଇବାକୁ
ତାଲା ବନ୍ଦ କରିଦେଲା ସଭିଙ୍କୁ ଏକାଠି
ଆଇନ ଅମାନ୍ୟ କଲେ ପୋଲିସର ଲାଠି
ଯାହା କଲେ ସରକାର ଆମ ଭଲ ପାଇଁ
ଆମେ ବୁଝିଗଲେ ଦୁଃଖ ରହିବତ ନାହିଁ

କଳ କାରଖାନା ଗାଡି ଆଉ ଏ ମଣିଷ
ଖଟୁଥିଲେ ଦିନରାତି ନମାରି ନିଶ୍ୱାସ
ଯାହା ହେଲା ଭଲ ହେଲା କିଛି ଦିନ ପାଇଁ
ଏ ବାରତା ଘରେ ଘରେ ଦେବା ପହଞ୍ଚାଇ
ଭଲ କଥା କହୁଚନ୍ତି ଆମ ସରକାର
ଏ ବିପଦ ବେଳେ ସିଏ ଆମର ଈଶ୍ୱର
ହିଂସା ଦ୍ୱେଷ ଛାଡି ଲାଗ ଭଲ କାମେ କିଛି
ବୁଝିଲେ ଜାଣିବି ଲେଖା କାମରେ ଲାଗିଛି

ମାର୍ଫତ ଦୀପ୍ତିକାନ୍ତ ସାହୁ,
ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ଏମିତି ହୁଅନ୍ତା ଯଦି



ବିଦ୍ୟାଧର ମିଶ୍ର

ଏମିତି ହୁଅନ୍ତା ଯଦି
କେମିତି ହୁଅନ୍ତା
କେତେ ଭଲ ହୁଅନ୍ତା
ମୋର ଯା ପସନ୍ଦ
ସିଏ ସେ ପରି କରନ୍ତା
ମୋ ପସନ୍ଦ ହୋଇଯାନ୍ତା
ଆମରି ପସନ୍ଦ
ଜୀବନଟା ହୋଇଯାନ୍ତା
ଆନନ୍ଦ ଆନନ୍ଦ
ତୋର ମୋର ଭାବ ସବୁ
ଅପସରି ଯାଆନ୍ତା
ଏମିତି ହୁଅନ୍ତା ଯଦି-
ମୋ ଭାବନା ଯେତେସବୁ
ତୁମର ହୁଅନ୍ତା
ଦୁନିଆଟା କେତେ ଶୀଘ୍ର
ବଦଳି ଭଲ ହୋଇଯାନ୍ତା
ଏମିତି ହୁଅନ୍ତା ଯଦି.....

ଯାଜପୁର ଟାଉନ

# ଆରମ୍ଭ ମୋ ସାହିତ୍ୟ କବିତାରେ



ଅନଙ୍ଗ ମଞ୍ଜରୀ

କବିତା ପଢୁଛି ଗଳ୍ପ ବି ପଢୁଛି....
ପଢି ପାରୁନ ତତେ।
କେଉଁ ମାଟିରେ ଗଢା ତୁ.....
ସଜାଡି ପାରୁନ ତତେ।

ଲେଖନୀ ଲେଖୁଛି ମନ ବି ଗାଉଛି...
କେଉଁ ଓ୍ୱଇଜର ଲୋକେ ତୁ।
ପଶି ପାରୁନ ତୋ ପାଖେ....
ଗୁଣୁ, ଗୁଣୁ କରି ରହି ଯାଉଛି।

ପଦ୍ୟ କରି ଗଦ୍ୟ କରି ଭାବୁଛି...
କେଉଁ ମାତୃଭାଷା ର ରୂପ ତୁ।
ଆ କାର ରେ ଆରମ୍ଭ ହୋଇ....
ଚନ୍ଦ୍ରବିନ୍ଦୁ ରେ ଅଟକ ଯାଉଛି।

ବ୍ୟାକରଣ ର ଅର୍ଥ ଦେଇ ବୁଝେ.....
ତୁ ହୋଇ ଯାଉ ଶୂନ୍ୟ।
ନା ବୁଝି ହୁଏ  ବିଶେଷ ର ବିଶେଷଣ....
ରହି ଯାଉ ସାହିତ୍ୟର ପୃଷ୍ଠା ରେ।

ଭାବ ବିହଳ କରି ଥାଉ ମନକୁ....
ମନବିଜ୍ଞାନ ପରି ମନୁଆ।

ତୋ ମନୂଆ ପଣିଆକୁ....
କଷି ବସେ ମୁଁ ଗଣିତ ର ଭାଷାରେ ।

ବଡ଼ ଦ୍ୱନ୍ଦରେ ପଡି ଯାଏ....
ଉଲଝି ଯାଏ ଖୋଜିବାରେ ।
ରାଜନୀତି କରି ଗୁଲିଥାଉ.....
ଖୋଜୁ ଥାଏ ମୁଁ ଦଳ ବଦଳ ରେ ।

ଖୋଜେ ସେ ପୁରୁଣା ଦିନକୁ.....
ପଢି ବସେ ତୋର ଇତିହାସକୁ ।
ଭୂଗୋଳ ପରି ଗୋଲ, ଗୋଲ....
ଘୁମାଉ ଥାଉ ମତେ ।

ପଢି, ପଢି ମତେ ଚଡାଇ ଦେଉଛୁ....
ନା ପରୀକ୍ଷା ଦେବୀ ନା ଉର୍ତ୍ତିନ ହେବି ।
ମିଛ ମାୟା ପରି ଲାଗୁଛି ଡୋରି....
ନା କଟୁନ ନା କାଟି ପାରୁନ ।

ସବୁ ତ ଏଠି ରହିଯିବ.....
ଏ ଦେହ ମିଶି ଯିବ ମାଟିରେ ।
କାଗଜର ପନ୍ନା ରେ.....
ରହି ଯିବ କଛି ଭାବ ଆଉ ଅଭାବରେ ।

ସଜାଡି ରଖିବି ବୋଲି....
ଖୋଜି ଗଲି ସବୁ ବିଷୟ ବସ୍ତୁ ରେ ।
ମାୟବି ତୁହି ସଜାଇ ହୋଉ ସପ୍ତରଙ୍ଗରେ....
ସଜାଇ ଦିଏ ତତେ କବିତା ଗୁନ୍ଥା ରେ ।

ହାଇଦରାବାଦ

# ବିଶ୍ୱମାରୀ



ଆର୍ତ୍ତତ୍ରାଣ ଖୁର୍ଡିଆ

ହେ ବିଶ୍ୱମୋହନ
ତୁମେ ଆର୍ତ୍ତତ୍ରାଣ
ତୁମେ ଅଟ ନାରାୟଣ,

ସୃଷ୍ଟିର ଆଧାର
ତୁମେ ନିରାକାର
ତୁମେ ଜଗତ ଇଶ୍ୱର.

ଏ ଜଗତ ଜନ
ତୁମରି ସନ୍ତାନ
ତୁମେ ହିଁ ସାହା ଭରସା,

ଆହେ ବିଶ୍ୱଜ୍ୟୋତି
କରାଅ ମୁକତି
ଝରାଇ ପ୍ରୀତି ବରଷା.

ବଙ୍କିଆ, ବୀରମହାରାଜପୁର

# କରୋନା ଭୁତାଣୁ ......



ପ୍ରକାଶ ସାହୁ

କରୋନା ଭୁତାଣୁ ଯାହା ଆଜି ବଦଳାଇ ଦେଇଛି ଦୁନିଆ ର ଚିତ୍ର କୁ ଯେଉଁ ଦୁନିଆ ରେ ମନୁଷ୍ୟ ସମାଜ ଅତ୍ୟାଧୁନିକ ଜ୍ଞାନ କୌଶଳ ଏବଂ ବିଜ୍ଞାନ ଦ୍ୱାର ନିଜ କୁ ଶକ୍ତିଶାଳୀ ମନେ କରୁଥିଲା ସେ ଆଜି ଏହି କରୋନା ଭୁତାଣୁ ନିକଟରେ ହାର ମାନି ଯାଇଛି।

ସମୁଦ୍ର ର ଅତଳ ଗର୍ଭ ଆଉ ମହାକାଶ ର ସୀମାହୀନ ଦୁନିଆ ରେ ପାଦ ରଖି ସାରିଥିବା ମନୁଷ୍ୟ ଆଜି ଗୋଟେ ଭୁତାଣୁ କବଳରୁ ମୁକ୍ତି ପାଇବା ପାଇଁ ପ୍ରକୃତି ପାଖରେ ନେହୁରା ହେଉଛି। କରୋନା ଭୁତାଣୁ ମାଧ୍ୟମରେ ପ୍ରକୃତି ବି ତାର ପରାକ୍ରମୀ ଦେଖାଇ ଦେଇଛି। ଆଉ ମନୁଷ୍ୟ କୁ ପୁଣି ଥରେ ତାର ପୂର୍ବ ଅବସ୍ଥା କୁ ମନେ ପକାଇ ଦେଇଛି।

ଇତିହାସ ର ପୃଷ୍ଠା ରେ ଅନେକ ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଉଦାହରଣ ଏହି ମନୁଷ୍ୟ ସମାଜ ଦେଖି ସାରିଛି। ଯେଉଁ ଡାକ୍ତରୀ ବିଜ୍ଞାନ ରେ ଅନେକ ପ୍ରକାର ଦୁରାରୋଗ୍ୟ ର ଚିକିତ୍ସା ସମ୍ଭବ ହୋଇପାରିଛି ସେହି ଡାକ୍ତରି ବିଜ୍ଞାନ ଆଜି ଏହି କରୋନା ଭୁତାଣୁ ଜନିତ ରୋଗ ର ସଫଳ ଚିକିତ୍ସା କରିବାରେ ରେ ଅସମର୍ଥ।

ଚୀନ ର ସେହି ଉହାନ ସହର ଯେଉଁଠି ଜନ୍ମ ନେଇଥିଲା ଏହି ଭୁତାଣୁ। ଉହାନ ର ସେହି ବଜାର ଯେଉଁଠି ବିଭିନ୍ନ ପ୍ରକାର ଜୀବ, ସରୀସୃପ, କୀଟ, ସାମୁଦ୍ରିକ ଜୀବ ମାନଙ୍କର ମାଂସ ବିକ୍ରୀ କରାଯାଏ। ଏପରିକି ସେଠାରେ ଏହି ନିରୀହ ଜୀବ ମାନଙ୍କୁ ଜୀବନ୍ତ ଭାବେ ଖିଆ ଯାଇଥାଏ।

ଆଜିର ଏହି ଇଣ୍ଟରନେଟ ଯୁଗ ରେ ଆପଣ ମାନେ କେବେ ନା କେବେ ୟୁ ଟୁବ ହେଉ ବା ଫେସବୁକ ରେ ଯୁବକ ତଥା ଯୁବତୀ ମାନ ଙ୍କ viral video ଦେଖିଥିବେ। ଯେଉଁଥିରେ

ସେମାନେ ବିଭିନ୍ନ ପ୍ରକାରର ଜୀବଙ୍କୁ ଜୀବନ୍ତ ଖାଉଥିବାର ଦୃଶ୍ୟ ଥିବ। ଆପଣ ମାନଙ୍କ ମନ ରେ କେବେ ପ୍ରଶ୍ନ ଉଠେନ କେମିତି ସେମାନେ ଏପରି ନିରୀହ ଜୀବଙ୍କୁ ନିଜ ଖାଦ୍ୟ ଭାବେ ବ୍ୟବହାର କରୁଛନ୍ତି।

ସୃଷ୍ଟି କର୍ତ୍ତାଙ୍କର ଏହି ସୃଷ୍ଟି ରେ ସମସ୍ତଙ୍କର ସମାନ ଭାବରେ ବଞ୍ଚି ରହିବାର ଆବଶ୍ୟକତା ଅଛି। ଯାହା ଦ୍ୱାରା ପରିବେଶ ସନ୍ତୁଳନ ରହିବା ସହିତ ପରସ୍ପର ଉପରେ ନିର୍ଭରଶିଳ ରହିବେ। କିନ୍ତୁ ମନୁଷ୍ୟ ଯଦି ସେହି ମାନଙ୍କୁ ମାରି ନିଜର ଖାଦ୍ୟ ଭାବେ ଗ୍ରହଣ କରିବ ତେବେ**?**

ବର୍ତ୍ତମାନ ବିଶ୍ୱର ସ୍ଥିତିକୁ ଦେଖିଲେ ଲାଗୁଛି ଯେପରି ପ୍ରକୃତି ଏହି ଭୁତାଣୁ ମାଧ୍ୟମ ରେ ଆଜି ମନୁଷ୍ୟ ସମାଜ ଉପରେ ପ୍ରତିଶୋଧ ନେଉଛି। ବିଜ୍ଞାନ ଉନ୍ନତି ଫଳରେ ଅତ୍ୟନ୍ତ ବିଳାଶବ୍ୟସନ ରେ ଜୀବନ ଯାପନ କରୁଥିବା ମନୁଷ୍ୟ ଶରୀରର କରୋନା ଭୁତାଣୁକୁ ପ୍ରତିରୋଧ କରିବାରେ ଅସମର୍ଥ। କାରଣ ମନୁଷ୍ୟ ଶରୀର ରେ ରୋଗ ପ୍ରତିରୋଧକ ଶକ୍ତିର କ୍ଷମତା ବହୁତ କମ।

ଯାହାର କାରଣ ହେଉଛି ଏହି ଆଧୁନିକତା ଆଉ ଯନ୍ତ୍ର ଉପରେ ନିର୍ଭରଶୀଳ ମନୁଷ୍ୟ ର ଆଳସ୍ୟ ।ବିଭିନ୍ନ ପ୍ରକାରର ନିଶା ଦ୍ରବ୍ୟକୁ ବ୍ୟବହାର କରିବା ଆଜି କାଲି ଗୋଟେ ପରମ୍ପରା ହୋଇଗଲାଣି। ଏହି ନିଶା ଦ୍ରବ୍ୟ ମନୁଷ୍ୟ ଶରୀର ର ରୋଗ ପ୍ରତିରୋଧକ ଶକ୍ତି କୁ ନଷ୍ଟ କରିଦିଏ।

ଦ୍ୱିତୀୟ ରେ ଆଜିର ଯୁବ ଗୋଷ୍ଠୀ ଏତେ ବ୍ୟସ୍ତ ହୋଇଯାଇଛି ଯେ ସେମାନେ କୌଣସି ଶାରୀରିକ କସରତ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହି ଶାରୀରିକ କସରତ ମଣିଷ ଶରୀର ର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ।

ଏକ ଲୋକ କଥା ଅଛି - ଉତ୍ତମ ଭୋଜନ ଆଉ ଉତ୍ତମ ବ୍ୟାୟାମ ମନୁଷ୍ୟ କୁ ଅଧିକା ଆୟୁଷ ଦେଇଥାଏ। ଯାହାର ପ୍ରମାଣ ଏବେ ଆପଣ ମାନଙ୍କ ସାମ୍ନା ରେ**....**

ନଭି ମୁମ୍ବାଇ, ମହାରାଷ୍ଟ୍ର

# ମା



ଆଶିଷ କୁମାର ମହାଳକ

ଜନମ ଦେଇଛି ମା ଦେଲ୍ ଦୁନିଆ ଦେଖାଇ
ଜଗତରେ ତା ଠାରୁ ବଡ଼ କେହି ନାହିଁ ।।
ଜଳ ବିନ୍ଦୁ ଟିଏ ପରି ଶିଶିର ହୁଅଇ ଜନ୍ମ
ଯା ଠାରୁ ଅତି ଶୀତଳ ଅଟେ ମା ର ମନ ।।
ଜଳ ଯାଉଥାଏ କଆଁ ପବନ ପରସ ପାଇ
ଯୋଡ଼ି ଯାଏ ମୁଁ ଦୁନିଆ ସାଥିରେ ମା ର ଆଦର ନେଇ ।।
ଜୀବନର ଏଇ ଚଲ୍ ବାଟରେ ଚ଼ାଲି ସିଖାଇଛି ମା
ଯାହାର ହୃଦୟ ସବୁଠୁ ସୁନ୍ଦର ସନ୍ତାନର ସିଏ ସାହା ।।
ଯେଉଁଠି ଅଛି ଜୀବନର ସତ୍ତା ସେଇଠି ଅଛି ମା
ଜାଣିବା ଶକତି କାହିଁ ମୋର, ମା ହୃଦୟରେ ଅଛି ଯାହା ।।
ଜ୍ୟୋତି ପ୍ରକାଶେ ତା ଚଲ୍ ବାଟରେ ଯେ ମା ଚଲ୍ ବାଟରେ ଚ଼ାଲଇ
ଜିତିବାକୁ ହୁଏ ତାକୁ ଏ ଜଗତେ ଯେ ମା କୁ ଆଦର କରଇ ।।
ଜାଣି ହୁଏନାହିଁ ତା ସ୍ନେହ ମମତା ତା ମନ ବୁଝି ହୁଏନା
ଯୁଇରେ ଜଳବା ଯାଏ ତା ରୂପ ଚ଼ହାଣି ଭୁଲି ହୁଏନା ।।।

ଭଦ୍ରକ, ବାସୁଦେବପୁର

# ଜୟ ଜବାନ୍, ଜୟ କିଷାନ୍, ଜୟ ବିଜ୍ଞାନ୍

ଶୁକଦେବ ସାହୁ

ହାତରେ ସଜ୍ଜିତ କମାଣ ବଂଧୁକ
ମାତୃଭୂମି ସେବା ପାଇଁ ସମର୍ପିତ
ଶତ୍ରୁ ବକ୍ଷରେ ଖେଳାଏ ଆତଙ୍କ
ଅହର୍ନିଶ ଏକ ପ୍ରହରୀ ଜାଗ୍ରତ
କୋଟିଏ ଆଖିରେ ତନ୍ଦ୍ରା ଭରି ପୁର୍ ହୁଏ ଯା ନଦ
ମୁଁ ସେଇ ସୈନକ, ମୁଁ ସେଇ ସୈନକ।।୧।।

ପରିଶ୍ରମୀ ଟାଣ ହାତ ଯା ଅସଲ
ମାଟିରେ ଫଳାଏ ସୁନାର ଫସଲ
ଖର୍, ବର୍ଷା ଅବା ହାଡ ଭଙ୍ଗା ଶୀତ
ଲକ୍ଷ୍ୟପଥୁ କେବେ ହୁଏ ନା ବିଚ୍ୟୁତ
କୋଟି ଉଦର ଭରି ଯା ମେଣ୍ଟି ଯାଏ ଭୋକ
ମୁଁ ସେଇ କୃଷକ, ମୁଁ ସେଇ କୃଷକ।।୨।।

ପୃଥ୍ୱୀରୁ ମହାକାଶ ଯାଏ ପରିବ୍ୟାପ୍ତ
ସଜୀବ ବା ଜଡ଼ ମୋ କବଳତ
ସୂଚୀରୁ ବିମାନ ଯେତକ ସମସ୍ତ
ଅବଦାନ ମୋର ସମାଜ ନମିତ୍ତ
ଲକ୍ଷ୍ୟ ଏକମାତ୍ର ଯାର ମାନବ କଲ୍ୟାଣ
ମୁଁ ସେଇ ବିଜ୍ଞାନ, ମୁଁ ସେଇ ବିଜ୍ଞାନ।।୩।।

ଖାରୀ, ତରଭା, ସୋନପୁର

# ହଁ ମୁଁ ଆଜିବି ବଞ୍ଚିଛି



ସିଦ୍ଧେଶ୍ୱର ତ୍ରିପାଠୀ

ହଁ ମୁଁ ଆଜିବି ବଞ୍ଚିଛି
ଗୁଡାଏ ଦୁଃଖ ଆଉ ଅବଶୋଷକୁ
ଛାତି ତଳେ ଗୁପି ଦେଇଛି କେବେଠୁ
ଭୁଲି ଯାଇଛି ଅତୀତର
ଯେତେ ସବୁ ଯନ୍ତ୍ରଣା

ଅନେକ ଲୋକଙ୍କ ଆଖିରେ
ମୁଁ ହେଇଯାଇଛି ନଶ୍ୱ ତୁଚ୍ଛ
ଆଉ ବେକାର ଲୋକଟେ
ଯେତେ ସବୁ ପରିହାସ କଥା
ମୋ ପାଇଁ ରଖା ଯାଇଛି
ସାଇତା ହୋଇ

ମୋ ଆଖି ଖୋଲା ଅଛି
ମୁଁ ଏକା ଏକା ଏବେବି ଚାଲିଛି
ହଁ ମୁଁ ଆଜିବି ବଞ୍ଚିଛି ।

ଗୋଟେ ଅଦରକାରୀ
ଚରିତ୍ର ଟିଏ
ଜୀବନ ନାଟକ ଆଉ ଦୁନଆର
ରଙ୍ଗ ଶାଳା ପାଇଁ
ଅହରହ ଜିଇଁବାର
ସଂଳାପ ଘୋଷୁଛି
ମଣିଷର ଅଭିନୟ ପାଇଁ
ସ୍ୱପ୍ନ ମୋର ଗୁମୁରି କାନ୍ଦୁଛି
ଏ ମନଟା ଭରଷା ବାନ୍ଧୁଛି
ହଁ ମୁଁ ଆଜିବି ବଞ୍ଚିଛି ।

କବିର ଘର
କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

# ବାଳକ ବିଶ୍ୱାବସୁ



ଲକ୍ଷ୍ମଣ ମହାନ୍ତି

ସୂର୍ଯ୍ୟୋଦୟ ସମୟ। ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ଧରା, ଖୁସିରେ ଖେଳଉଠିଲା ପ୍ରକୃତିରାଣୀ। ଚତୁର୍ଦ୍ଦିଗେ ଖେଳିଗଲା ସୁବାସିତ ପୁଷ୍ପର ମହକ। ଭିନ୍ନରଙ୍ଗରେ ରଙ୍ଗିନ ଲାଗୁଥାଏ ପରିବେଶ। ଚାରିଆଡେ ଖୁସିର ଲହରୀ ଖେଳି ଯାଇଛି, କିନ୍ତୁ ଘଞ୍ଚ ଜଙ୍ଗଲର ଶୀତଳ ପରିବେଶରେ ଗୋଟିଏ ବୁଢା ବରଗଛ ତଳେ ବସି କାନ୍ଦୁଥାଏ ବିଶ୍ୱାବସୁ। ଆଖିରେ ତା'ର ପଲକ ନଥାଏ। ତା' କୋମଳ ଆଖିରୁ ଝରୁଥାଏ ଲୋତକ ଗଙ୍ଗା। କେବଳ ଭାବୁଥାଏ-କେମିତି ଖୋଜିବି ? କେଉଁଠି ଥିବେ ସେ ? ଚାରିଦିନ ହେଲାଣି ଖୋଜୁଛି, କିନ୍ତୁ ପାଉନାହିଁ ତାଙ୍କୁ, ସିଏ କ'ଣ ସତରେ ଅଦୃଷ୍ୟ, ନିରାକାର ?

ବିଶ୍ୱାବସୁ ସଙ୍ଖପୁର ଗ୍ରାମର ଏକ ମଧ୍ୟବିତ୍ତ ପରିବାରର କୁନି ପିଲାଟିଏ। ବୟସ ହେବ ଆଠବର୍ଷ ପାଖାପାଖି। ସେ ତାଙ୍କ ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପାଠପଢେ। ତା' ବାପା ଆର୍ତ୍ତତ୍ରାଣ ଏବଂ ମା ଜ୍ୟୋତ୍ସ୍ନାମୟୀ। ବାପା ଜଣେ ଆଦର୍ଶ ଶିକ୍ଷକ। ଛୋଟବେଳୁ ବାପା ମାଁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଜଣେ ଉତ୍ତମ ମଣିଷ ହେବାର ସ୍ୱପ୍ନ ଦେଖୁଥିଲା । ଦିନେ ସ୍କୁଲରେ ଶିକ୍ଷକ ପାଠ ପଢାଇବା ସମୟରେ ଭଗବାନଙ୍କ ବିଷୟରେ କହିଲେ। ବିଶ୍ୱାବସୁ ଭଗବାନଙ୍କ ବିଷୟରେ ଅଧିକ ଜାଣିବାପାଇଁ ଶିକ୍ଷକଙ୍କୁ ପଚାରିପଚାରି ବିରକ୍ତ କରିଦେଲା। ଶିକ୍ଷକ ରାଗି କହିଲେ-ଯଦି ଜାଣିବାର ଏତେ ଇଚ୍ଛା ଅଛି ତୁ ନିଜେ ଭଗବାନଙ୍କୁ ଖୋଜ ଏବଂ ତାଙ୍କୁ ଭେଟିଲେ କହିବୁ ତତେ ମୁଁ ପଠେଇଛି। ଏତିକିରେ ଶିକ୍ଷକ ଶ୍ରେଣୀରୁ ଚାଲିଗଲେ। ବିଶ୍ୱାବସୁ ବାହାରିଲା ଭଗବାନଙ୍କୁ ଖୋଜିବାପାଇଁ। କିନ୍ତୁ ବିଚରା ଖୋଜିଖୋଜି ଜଙ୍ଗଲରେ ବାଟବଣା ହୋଇ ବରଗଛ ତଳେ ବସି କାନ୍ଦୁଛି।

ହଠାତ୍ ବିଶ୍ୱାବସୁର ନଜର ପଡିଲା ପିମ୍ପୁଡିମାନଙ୍କ ଦଳ ଉପରେ। ପିମ୍ପୁଡି ଦେଖି ମନେପଡିଲା ତା' ବାପାଙ୍କ କଥା। ଦିନେ ପିମ୍ପୁଡି ଦେଖି ବିଶ୍ୱାବସୁ ତା' ବାପାଙ୍କୁ

ପଗ୍ଗରିଥିଲ୍-ପିମ୍ପୁଡି ଏତେ ଛୋଟ ହୋଇ ମଧ୍ୟ ବଡବଡ ଚକ ଦାନା କେମିତି ବୋହି ନେଉଛି ? ଏହା ଏକ ଅସାଧାରଣ କାର୍ଯ୍ୟ ପିମ୍ପୁଡି ପାଇଁ। ବାପା କହିଲେ–ଯଦି ନଜ ଉପରେ ଗଭୀର ବିଶ୍ୱାସ ଏବଂ ନଜ କର୍ତ୍ତବ୍ୟକୁ ପାଳନ କରିବାର ଶକ୍ତି ହୃଦୟରେ ଅଛି ତାହାହେଲେ ତୁ ମଧ୍ୟ ଅସାଧାରଣ କାର୍ଯ୍ୟ କରିପାରିବୁ। ପିମ୍ପୁଡି ତା' କର୍ତ୍ତବ୍ୟ ପାଳନ କରୁଛି ଏବଂ ତା' ନଜ ଉପରେ ଗଭୀର ବିଶ୍ୱାସ ଅଛି ଯେ ସେ ତା'ଠୁ ଅଧିକ ଓଜନର ଜିନସ ବୋହି ନେଇପାରିବ। ସେଥିପାଇଁ ପିମ୍ପୁଡି ତା'ଠୁ ବଡ ଚକ ଦାନା ବୋହି ନେଉଛି।

ପୁଣି ମନେପଡିଲା ଶିକ୍ଷକଙ୍କ କଥା – ପିମ୍ପୁଡି ଆଗକୁ ବଢ଼ିଗ୍ଭଲେ। କେବେ ପଛକୁ ଗ୍ଭହେଁନାହିଁ, ସିଏ ସବୁବେଳେ କର୍ତ୍ତବ୍ୟରତ। ସତକୁସତ ପିମ୍ପୁଡି ଦଳ ବିଶ୍ୱାବସୁ ବସିଥିବା ବରଗଛ ଉପରକୁ ଚଢୁଥାଆନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପିମ୍ପୁଡି ଗଛ ଉପରୁ ତଳକୁ ଖସି ଯାଉଥିଲେ, କନ୍ତୁ ସେମାନେ ପୁଣି ଗଛ ଉପରକୁ ଚଢୁଥିଲେ । ପିମ୍ପୁଡିଙ୍କୁ ଦେଖି ବିଶ୍ୱାବସୁ ମନରେ ଏକ ସାହସ ଜାଗ୍ରତ ହେଲା। ସିଏ ଭ୍ବିଲା ପିମ୍ପୁଡିମାନେ ଯଦି ପଛକୁ ଫେରୁନାହାନ୍ତି ମୁଁ କାହିଁକି ପଛଘୁଞ୍ଚା ଦେବି।

ବିଶ୍ୱାବସୁ ତା' ଲୁହପୋଛି ଭଗବାନଙ୍କୁ ଖୋଜିବାପାଇଁ ଆଗକୁ ବଢିଲା। ଖୋଜି ଗ୍ଭଲିଲା ପୁଷ୍ପରେ, ଖୋଜି ଗ୍ଭଲିଲା ବୃକ୍ଷରେ ପୁଣି ଖୋଜିଗ୍ଭଲିଲା ସୁଲୁସୁଲିଆ ପବନ ଦେହରେ। କଛିଦୂର ଅନ୍ତେ ତା' ପାଦ ଅଟକଗଲା, ତା' ଆଖି ଦୁଇଟା ଖୋଲାକୁ ଖୋଲା ରହିଗଲା। ଟିକଏ ଅଟକ ଆଖିବୁଜୀ ବାହୁ ମେଲେଇ ଅନୁଭବ କଲା ନର୍ମ ଳମଳୟ, ବିଭିନ୍ନ ପ୍ରକାର ପକ୍ଷୀମାନଙ୍କ ସୁମଧୁର ସ୍ୱର ରେ ତା' ପ୍ରାଣ ପୁଲକ ଉଠିଲା । ଝରଣାର କୁଳୁକୁଳୁ ନାଦ, ବୃକ୍ଷର ଶୀତଳ ଛାଇ, ରଙ୍ଗବେରଙ୍ଗ ଫୁଲରେ ବିଶ୍ୱାବସୁ ଆନନ୍ଦ ଅନୁଭବ କଲା। ସେମିତି ଦୃଶ୍ୟ ତା'ପାଇଁ ପ୍ରଥମ। ଦୌଡିଗଲା ଝରଣାର ସ୍ୱଚ୍ଛ ଜଳ ପାଖକୁ। ଗ୍ଭରିଦିନ ଜଙ୍ଗଲର ଫଳ ଯାହା ପାଇଲା ସେ ଖାଇଥିଲା କନ୍ତୁ ପାଣି ପିଇନଥିଲା। ସେ ଡେରି ନକରି ପ୍ରଥମେ ଝରଣା ଜଳକୁ ଆନନ୍ଦର ସହିତ ମନଭରି ପିଇଲା।

ଟିକଏ ବସି ଗ୍ଭରିଆଡେ ଅନେଇ ଭ୍ବିଲା –ଏହା କ'ଣ ସ୍ୱର୍ଗ ନା ଅନ୍ୟକଛି? ଗ୍ଭରିଆଡେ କେବଳ ସୁନ୍ଦର ସୁନ୍ଦର ଫୁଲର ପାଖୁଡା, ଫୁଲର ମନଲୋଭା ମହକ, ସେହି ଫୁଲ ଉପରେ ଭ୍ରମର ଏବଂ ରଙ୍ଗୀନ ପ୍ରଜାପତିଙ୍କ ଭିଡ। ବିଭିନ୍ନ ପକ୍ଷୀମାନଙ୍କ ସୁମଧୁର କଣ୍ଠରେ ହୃଦୟର

ସ୍ପନ୍ଦନ ଜାଗ୍ରତ ହେଲା । ସୂର୍ଯ୍ୟଙ୍କ କରଣରେ ଝରଣାପାଣି ହୀରାପରି ଝଲସୁଥାଏ । ଝରଣା ପାଣିଭିତରେ ଖେଳୁଥାଆନ୍ତି ଛୋଟବଡ ମାଛ । ମାଛମାନଙ୍କ ଖେଳ ଦେଖି ବିଶ୍ୱାବସୁ ଟିକଏ ଖୁସିହେଲା । ସିଏ ଦେଖିଲା ଝରଣା ତଟରେ ଜଣେ ଦାଢିଆ ବାବା ଗେରୁଆ ବସ୍ତ୍ର ପରିଧାନ କରି ଯୋଗାସନରେ ବସିଛନ୍ତି । ଭାବିଲା ତାଙ୍କସହ ଟିକଏ କଥାହେବ ।

ବିଶ୍ୱାବସୁ ମହର୍ଷିଙ୍କ ପାଖକୁ ଗଲା ଆଉ ତାଙ୍କ ଦାଢି ଆଉଁସେଇ କହିଲା–ଦାଢିଆବାବା, ଦାଢିଆବାବା...ଏତେ ଲମ୍ବା ଦାଢି କାହିଁକି ରଖିଛ... । ମହର୍ଷି ଆଖି ଖୋଲିଲେ । ସିଏ ଆଶ୍ଚର୍ଯ୍ୟ ହେଇ ପଚାରିଲେ–ତୁମେ କିଏ ବତ୍ସ ? ଏତେ ଛୋଟ ହୋଇ ଏହି ଅରଣ୍ୟ ମଧ୍ୟରେ କ'ଣ କରୁଛ? ଲାଗୁଛି ବାଟବଣା ହୋଇଯାଇଛ । ବିଶ୍ୱାବସୁ କହିଲା–ଦାଢିଆବାବା, ମୁଁ ଭଗବାନଙ୍କୁ ଖୋଜିବାପାଇଁ ବାହାରିଥିଲି , କିନ୍ତୁ ଭୁଲରେ ଏହି ଅରଣ୍ୟରେ ବାଟବଣା ହୋଇ ରହିଯାଇଛି । କିନ୍ତୁ ମୁଁ ଜାଣେ ଦିନେନା ଦିନେ ଭଗବାନଙ୍କୁ ନିଶ୍ଚୟ ଖୋଜି ପାଇବି । ଦାଢିଆବାବା, ଆପଣ କହିପାରିବେ କି ଭଗବାନଙ୍କୁ ମୁଁ କେଉଁଠି ପାଇବି? କୁନି ପିଲାଟିର କଥାରେ ମହର୍ଷି ଭାବିଲେ ଆଧୁନିକ ଯୁଗରେ ଇଏ ପୁଣି କେମିତିକା ପିଲା ଯିଏକି ଭଗବାନଙ୍କୁ ଖୋଜୁଛି ! ଆଶ୍ଚର୍ଯ୍ୟ ।

ମହର୍ଷି କିଛି ନକହି ବିଶ୍ୱାବସୁକୁ ଦେଖୁଥାଆନ୍ତି । ବିଶ୍ୱାବସୁ ପୁଣିଥରେ ପଚାରିଲା । ମହର୍ଷି କହିଲେ–ବତ୍ସ ତୁମେ ଭଗବାନଙ୍କ ବିଷୟରେ କିଛି ଜାଣିଛକି ? ଯଦି ଜାଣିଛ ତେବେ କୁହ । ବିଶ୍ୱାବସୁ କହିଲା–ଦାଢିଆବାବା, ସ୍କୁଲରେ ଦିନେ ଶିକ୍ଷକ କହିଥିଲେ ଆମ ସମସ୍ତଙ୍କୁ ଭଗବାନ ସୃଷ୍ଟି କରିଛନ୍ତି । ଭଗବାନ ନିରାକାର, ସେ ଦୟାବାନ । ତାଙ୍କୁ ଆମେ ଶ୍ରଦ୍ଧାରେ ଯାହା ମାଗିବା ସିଏ ଦେଇଦିଅନ୍ତି । ଭକ୍ତି ଭାବରେ ତାଙ୍କୁ ସ୍ମରଣ କଲେ ଭଗବାନଙ୍କୁ ଦେଖିପାରିବା । କିନ୍ତୁ ଦାଢିଆବାବା, ମୁଁ ବୁଝିପାରୁନି ଚାରିଦିନ ହେଲା ମୁଁ ଖୋଜୁଛି କିନ୍ତୁ ଏପର୍ଯ୍ୟନ୍ତ ମୁଁ ଭଗବାନଙ୍କୁ ପାଇପାରିଲି ନାହିଁ ।

ବିଶ୍ୱାବସୁକୁ ମହର୍ଷି ବୁଝେଇ କହିଲେ–ବତ୍ସ, ତୁମ ଶିକ୍ଷକ ସତ୍ୟ କହିଛନ୍ତି । ଆମକୁ ଭଗବାନ ସୃଷ୍ଟି କରିଛନ୍ତି । ତୁମକୁ କେତେ ବର୍ଷ ? ବିଶ୍ୱାବସୁ କହିଲା–ଆଠବର୍ଷ ବାବା । ମହର୍ଷି କହିଲେ–ତୁମେ ଆଠବର୍ଷ କାଳ ଭଗବାନଙ୍କ ସହିତ ରହିଛ, କିନ୍ତୁ ଚାରିଦିନ ଏହି ଅରଣ୍ୟରେ କ'ଣପାଇଁ ଭଗବାନଙ୍କୁ ଖୋଜୁଛ ? ବିଶ୍ୱାବସୁ ଟିକଏ ଭାବିବାକୁ ଲାଗିଲା, ସିଏ

ଘ୍ବିଲ୍ ଘରେ ଆଉ ଭଗବାନଙ୍କୁ ଛାଡିଦେଇ ଗ୍ଚଲିଆସିନ ତ! ବିଶ୍ୱାବସୁ ଚନ୍ତାରେ ପଡିବା ଦେଖି ମହର୍ଷି ଟିକଏ ମୁରୁକହସି କହିଲେ–ତୁମେ ଯାହା ଶୁଣିଲ ତାହା ସତ୍ୟ । ତୁମେ ଆଠବର୍ଷ ଭଗବାନଙ୍କ ପାଖରେ ରହିଛ, ତାଙ୍କ ପାଖରେ ବଢିଛ, ତାଙ୍କ ହାତଧରି ଗ୍ଚଲିଛ, ଅଝଟ ବେଳେ ଗାଳ ଖାଇଛ, ତାଙ୍କଠୁ ଶିକ୍ଷାମଧ୍ୟ ପାଇଛ । ବିଶ୍ୱାବସୁ ବୁଝି ପାରିଲ୍ । ଦାଢିଆବାବା ବିଶ୍ୱାବସୁର ବାପା, ମାଁଙ୍କ କଥା କହୁଛନ୍ତି । ବିଶ୍ୱାବସୁ ଆଖିରୁ ଲୁହ ଝରି ଆସିଲ୍ । ସିଏ କହିଲ୍–ଆପଣ ମୋ ବାପା, ମାଁଙ୍କ କଥା କହୁଛନ୍ତି ନା ? ମହର୍ଷି କହିଲେ–ହଁ ବତ୍ସ, ଶାସ୍ତ୍ରରେ ମଧ୍ୟ ରଚତ ହୋଇଛି–ଗୃଣକ୍ୟନୀ ତିଅନୁସାରେ...

जनिता चोपनेता च यस्तु विद्यां प्रयच्छति ।

ଜନତା ଗ୍ଚେପନେତା ଚ ୟସ୍ତୁ ବିଦ୍ୟାଂ ପ୍ରୟଚ୍ଛତି।

अन्नदाता भयत्राता पञ्चौते पितरः स्मृताः।।

ଅନ୍ନଦାତା ଭୟତ୍ରାତା ପଞ୍ଚୌତେ ପିତରଃ ସ୍ମୃତାଃ।।

ଅର୍ଥାତ, ଯିଏ ଆମକୁ ଜନ୍ମ ଦିଅନ୍ତି, ଯିଏ ଆମକୁ ଜ୍ଞାନର ମାର୍ଗ ଦେଖାନ୍ତି, ବିଦ୍ୟା ପ୍ରଦାନ କରନ୍ତି, ଯିଏକ ଆମର ଅନ୍ନଦାତା, ଯିଏ ଆମକୁ ଭୟରୁ ରକ୍ଷା କରନ୍ତି–ଏହି ପଞ୍ଚଗୁଣ ହେଉଛି ପିତାଙ୍କର ।

କେବଳ ଏତିକ ନୁହେଁ, ଗ୍ମାୟଣରେ ମଧ୍ୟ ଲେଖା ହୋଇଛି–

यतः मूलम् नरः पश्येतु प्रादुर्भावमइह आत्मनः

।ୟତଃ ମୂଳମ୍ ନରଃ ପଶ୍ୟେତୁ ପ୍ରାଦୁର୍ଭାବଂଇହ ଆତ୍ମାନଃ।

कथम् तस्मिन् न वतेत प्रत्यक्षे सति दैवते

।।କଥମ୍ ତସ୍ମିନମ୍ ନ ବତେତ ପ୍ରତ୍ୟକ୍ଷେ ସତି ଦୈବତେ।।

ଅର୍ଥାତ, ଯେବେ ମନୁଷ୍ୟର ଉତ୍ପତ୍ତିର ମୂଳ ହେଉଛନ୍ତି ପିତା ତେବେ ପିତାଙ୍କ ରୂପରେ ବିଦ୍ୟମାନ ସାକ୍ଷାତ ଭଗବାନଙ୍କୁ କାହିଁକି ପୂଜା କରୁନାହଁ ।

ବତ୍ସ, ତୁମ ଉତ୍ପତ୍ତି ପାଇଁ ପିତାଙ୍କ ଯେତିକ ଶ୍ରେୟ ରହିଛି ତୁମ ମାତାଙ୍କ ମଧ୍ୟ ସେତିକ ଶ୍ରେୟ ରହିଛି । ତୁମର ଏହି ସୁନ୍ଦର କୋମଳ ଜୀବନଟି କେବଳ ତୁମ ପିତାମାତାଙ୍କ ପାଇଁ ହିଁ ପାଇଛ । ବତ୍ସ, ଆଉ ଡେରି ନକରି ଶିଘ୍ର ଘରକୁ ଯାଅ । ତୁମ ମାତାପିତା ତୁମକୁ ଘରେ ନଦେଖି ବ୍ୟସ୍ତ ହେଉଥିବେ ।

ବିଶ୍ୱାବସୁ ଆଉ ଡେରି ନକରି ମହର୍ଷିଙ୍କୁ ପ୍ରଣାମକରି ଘରକୁ ଫେରିବାର ବାଟ ପଚ୍ଚାରିଲା ଏବଂ ଦୌଡିଦୌଡି ଘରକୁ ଫେରିଲା । ଘରକୁ ଫେରି ଦେଖିଲା ତାଙ୍କ ଘରେ ଚୁଲି ଜଳନ, ବାପା ମାଁ ଓପାସରେ ବସିଛନ୍ତି । ବିଶ୍ୱାବସୁକୁ ଦେଖି ଆର୍ତ୍ତତ୍ରାଣ ଏବଂ ଜ୍ୟୋସ୍ନାମୟୀଙ୍କ ଆଖିରେ ଖୁସିର ଲୁହ ଝରି ଆସିଲା । ବିଶ୍ୱାବସୁକୁ ଦୁହେଁ କୋଳେଇ ନେଲେ ଆଉ ପଚ୍ଚାରିଲେ-ଏହି ଚ୍ଚାରିଦିନ ତୁ କେଉଁଠି ଥିଲୁ ବାବୁ ? ବିଶ୍ୱାବସୁ କହିଲା–ବାପା, ମାଁ ମୋତେ ଆମ ଶିକ୍ଷକ ପଠାଇଛନ୍ତି । ଚ୍ଚାଲ ତାଙ୍କ ଘରକୁ ଯିବା ।

ସେମାନେ କଛି ବୁଝିପାରୁ ନଥିଲେ । କନ୍ତୁ ବିଶ୍ୱାବସୁର କଥା ଶୁଣି ସେମାନେ ଗଲେ ଶିକ୍ଷକଙ୍କ ଘରକୁ । ଶିକ୍ଷକ ବିଶ୍ୱାବସୁକୁ ଦେଖି ପଚ୍ଚାରିଲେ–ଭଗବାନଙ୍କୁ ପାଇଲୁକରେ ମେଞ୍ଚଡ ? ବିଶ୍ୱାବସୁ କହିଲା–ହଁ, ମୁଁ ତାଙ୍କୁ ମୋ ସାଥିରେ ଆଣିଛି । ଶିକ୍ଷକ ହୋହୋ କରି ହସି ଉଠିଲେ । ସେ କହିଲେ–ତୋ'ବାପା, ମାଁଙ୍କୁ ସାଥିରେ ଆଣି ଭଗବାନଙ୍କୁ ଆଣିଛୁ କହୁଛୁ? କରେ ଟୋକା ପାଗଳ ହେଇଗଲୁ କ ! ହା...ହା...ହା... ।

ବିଶ୍ୱାବସୁ କହିଲା–ଆପଣ ହିଁ କହିଥିଲେ, ଆମକୁ ଭଗବାନ ସୃଷ୍ଟି କରିଛନ୍ତି । ଯଦି ଆପଣଙ୍କ କଥା ସତ, ତା ହେଲେ ମୋତେ ମୋ ବାପା ମାଁ ସୃଷ୍ଟି କରିଛନ୍ତି । ତେଣୁ ଏହି ଦୁଇଜଣ ମୋ ଭଗବାନ । ମୁଁ ଯେତେବେଳେ ଜ୍ୱରରେ ପିଡିତ ଥିଲି ଭଗବାନ ଆସିନଥିଲେ ମୋ ସେବା କରିବା ପାଇଁ, ମୋ ବାପା ଚ୍ଚାତିସାର୍‌ ଉଜାଗର ରହି ମୋ ମୁଣ୍ଡ ଆଉଁସି ଦେଉଥିଲେ, ମୋ ମାଁ ଚ୍ଚାତିସାର୍‌ ଆମ ଠାକୁର ଘରେ ଦୀପ ଜାଳୁଥିଲେ । ଆଜି ପର୍ଯ୍ୟନ୍ତ ମୋର ସବୁ ଇଚ୍ଛାକୁ ଭଗବାନ ନୁହେଁ, ମୋ ବାପା ମାଁ ପୁରଣକ ରିଛନ୍ତି । ମୋ ହାତଧରି ମତେ ଚ୍ଚାଲିବା ସିଖେଇଛନ୍ତି । ମୁଁ ପଡିଗଲେ ମୋ ଦେହ ଝାଡିଝୁଡି ଦେଇ ଆଗକୁ ବଢିବାକୁ ପ୍ରେରଣା ଦେଇଛନ୍ତି । ମୁଁ ଭୁଲକଲେ ମୋ ମାଁ ମୋର କାନମୋଡି ମତେ ଶାସନ କରିଛନ୍ତି, ମୋ ବାପା

ବନ୍ଧୁଟିଏ ଭଳ ମତେ ସବୁକ୍ଷେତ୍ରରେ ସାହାଯ୍ୟ କରିଛନ୍ତି। ମତେ ଖୁସିରେ ରଖଛନ୍ତି। ତେଣୁ ମୋ ପାଇଁ ମୋ ବାପାମାଁ ହେଉଛନ୍ତି ଭଗବାନ ।

ଏତିକ କହି ଶିକ୍ଷକଙ୍କ ସାମ୍ନାରେ ପିତାମାତାଙ୍କ ପାଦଧୂଳ ନେଇ ଘରକୁ ଗ୍ଲଲିଗଲ୍ ବିଶ୍ଵାବସୁ । ଶିକ୍ଷକ ମହାଶୟ ଠକ୍ କରି ତଳେ ବସିପଡିଲେ ଏବଂ ଭ୍ଵବିବାକୁ ଲ୍ଗିଲେ । ସେ ନଜ ଗର୍ବ, ଅହଙ୍କାର ଯୋଗୁଁ ତାଙ୍କ ବାପା ମାଁଙ୍କୁ ବୃଦ୍ଧାଶ୍ରମରେ ରଖିଥିଲେ । ତାଙ୍କ ଛୋଟବେଳ କଥା ସବୁ ମନେ ପଡିଗଲ୍ । ତାଙ୍କ ବାପାତାଙ୍କୁ ପିଠିରେ ବସେଇ ବୁଲେଇବା ଦୃଶ୍ୟ, ଅଝଟ ବେଳେ ତାଙ୍କ ମାଁଙ୍କ ଗାଳ ସବୁକଛି ତାଙ୍କ ହୃଦୟକୁ ଆଘାତ ଦେଇ ଗ୍ଲଲିଥାଏ । ସେ ନଜକୁ ଦୋଷୀ ମନେକରି କାର ନେଇ ଗ୍ଲଲିଗଲେ ବୃଦ୍ଧାଶ୍ରମକୁ ।

ପିତାମାତାଙ୍କ ପାଦତଳେ ପଡି ଭେଁଭେଁ ହୋଇ କାନ୍ଦି ପକାଇଲେ ଶିକ୍ଷକ । କ୍ଷମାଭିକ୍ଷା କରି ଗୋଡତଳେ ପଡି କାନ୍ଦୁଥାଆନ୍ତି । କାନ୍ଦିକାନ୍ଦି କହିଲେ–ବାପା, ବୋଉ ଆଜି ମୁଁ ମୋ ଭୁଲ ବୁଝିପାରିଛି । ଆପଣ ଦୁହିଁଙ୍କ ପ୍ରତି ମୁଁ ଯେଉଁ ଅନ୍ୟାୟ କରିଛି ସେଥିପାଇଁ ମୁଁ ଆଜି ଅନୁତପ୍ତ । ମତେ କ୍ଷମାକ ରିବନ ? ମୋ ସହିତ ଘରକୁ ଯିବନ ? ଘରେ ଆପଣଙ୍କ ବୋହୁ ଏବଂ ନାତୁଣୀ ଆପଣ ଦୁହିଁଙ୍କୁ ଅପେକ୍ଷା କରିଛନ୍ତି ।

କୌଣସି ପିତାମାତା ତାଙ୍କ ପୁତ୍ରକୁ କେବେ ଅଭିଷାପ ଦେଇପାରିବେ ନାହିଁ। ପିଲ୍ ଯେତେ ଭୁଲ କଲେ ମଧ ଭୁଲକୁ ସୁଧାରିବା ପାଇଁ ସୁଯୋଗ ଦେଇଥାଆନ୍ତି । ଶିକ୍ଷକଙ୍କ ପିତାମାତାତାଙ୍କୁ କ୍ଷମା କରିଦେଲେ ଏବଂ ଶିକ୍ଷକଙ୍କ ସହିତ ଘରକୁ ଗଲେ । ଏହି ଆଧୁନକ ଯୁଗରେ ଯୁବଗୋଷ୍ଠି ପାଶ୍ଚାତ୍ୟ ଆଡକୁ ଅଗ୍ରସର ହୋଇ ତାଙ୍କ ମୂଲ୍ୟହୀନ ଖୁସିପାଇଁ ନଜ ପିତାମାତାଙ୍କୁ ପାଦରେ ଏଡାଇ ଦେଉଛନ୍ତି । ସେମାନେ ଭୁଲିଯାଆନ୍ତି ତାଙ୍କ ପିତାମାତାଙ୍କ ଯୋଗୁଁ ହିଁ ତାଙ୍କ ସୃଷ୍ଟି ହୋଇଛି । କନ୍ତୁ ସେହି ପିତାମାତା ପିଲ୍ମାନଙ୍କଠାରୁ ଦୁରେଇ ରହି ମଧ ତାଙ୍କ ପିଲ୍ଙ୍କ ଖୁସିପାଇଁ ଭଗବାନଙ୍କୁ ପ୍ରତି ମୁହୂର୍ତ୍ତରେ ପ୍ରାର୍ଥନା କରନ୍ତି ।

ସୌରୀପାଲି, ଖଟଖଟିଆ, ବୌଦ୍ଧ

# କରୋନା ଭୂତ



କରୁଣାକର ବେହେରା

କରୋନା କରୋନା ହୁରି ପଡିଅଛି ଗାଆଁରୁ ସହର ଯାଏ,
କମ୍ପମନ ହୁଏ କଲିଜା ସଭିଙ୍କ ଏ ଅଜଣା ରୋଗ ଭୟେ ।
ଗାଁଟା ଲାଗୁଛି ଖାଁ ଖାଁ ଆଜି ସହର ଶ୍ମଶାନ ଭୂଇଁ,
ସରକାର-ପ୍ରଶାସକଙ୍କର ଆଜି ଆଖିରେ ପଲକ ନାହିଁ ।
କରୋନା ଭୂତାଣୁ ପାଇଁ,
ଆଧୁନିକ ଯୁଗ ଚକସ୍ମା ବିଜ୍ଞାନ ବସିଛି ବାକଶୂନ୍ୟ ହୋଇ ॥ ୧ ॥
ପରମାଣୁ ବୋମାଠାରୁ ଭୟଙ୍କର ଆଜିର କରୋନା ଭୂତ,
ମାନବ ଜାତିକୁ ନିର୍ମୂଳ କରିବା ପାଇଁ କରଇ ଉତ୍ପାତ ।
ମହାବାତ୍ୟା ଭଳି କାହୁଁ ମହାମାରୀ ଆସୁଅଛି ଏବେ ଧାଇଁ,
ସଚେତନ ହୋଇ ସତର୍କ ନହେଲେ ଧୂଳିସାତ୍ ହେବ ମହୀ,
ଶୁଣହେ, ଭଉଣୀ-ଭାଇ,
ଜାଣିନାହିଁ କି ହେ, "ଜାଗିଲା ଘରକୁ ଭୂତ ପରା ପଶେନାହିଁ" ॥ ୨ ॥
ଗାଆଁରୁ ସହର ମେଳାମଉଛବ, ଯାନିଯାତ୍ରା, ଓଷାବ୍ରତ,
ହଜିଯାଇଅଛି କରୋନା ପ୍ରଭାବେ ସଭିଏଁ ଯେ ଆତଙ୍କିତ ।
କରମର୍ଦ୍ଦନକୁ ପରିହାର କରି କରିବା ହେ ନମସ୍କାର,
ମାସ୍କ ପିନ୍ଧିବା, ସାବୁନରେ ହାତ ଧୋଇବା ଥରକୁ ଥର ।
ଏଇ ଅଟେ ମଉଷଧି,

ଅବିଳମ୍ବେ ନିୟନ୍ତ୍ରଣ କରିଦେବା ଆଜିର କରୋନା ବ୍ୟାଧି ॥ ୩ ॥
କାଶ, ଛିଙ୍କ, ଜ୍ୱର ହେଲେ ତତକ୍ଷଣେ ଡାକ୍ତରଖାନାକୁ ଯିବା,
ପରୀକ୍ଷଣ କରି ପରାମର୍ଶେ କ୍ରମେ ନିତି ଔଷଧ ଖାଇବା ।
ସାମାଜିକ ଦୂରତା ରକ୍ଷା କରିବା, ଜନ ଗହଳରୁ ହଟି,
ତେବେ ଯାଇ ଆମେ ଜିତାପଟ ନେବା କରୋନାର ଚୁଟିକାଟି ।
ଏହା ହିଁ ସତର୍କ ଘଣ୍ଟି
ଅବହେଳା କଲେ ମାନବ ସମାଜ ହୋଇଯିବ ଦିନେ ମାଟି ॥ ୪ ॥
ହଇଜା, ବସନ୍ତ, ଏଡସ୍ ଓ କୁଷ୍ଠ ଥିଲା ବଡରୋଗ କେବେ,
ଏବେ କିନ୍ତୁ ଏଇ କରୋନା ବ୍ୟାଧିଟା ସଭିଙ୍କର ଠାରୁ ଆଗେ ।
ପରୀକ୍ଷାଗାରରେ ଗବେଷଣା ଚାଲେ ଭୂତାଣୁ ବିନାଶ ପାଇଁ,
କରୋନାର ଟୀକା ବାହାରିବ ବୋଲି ହେଉ ଆମେ ଧଇଁସଇଁ,
ନିଶ୍ଚେ ଆସିବ ସୁଦିନ,
କରୋନା ରୋଗଟା ନିର୍ମୂଳ ହୋଇବ ବସନ୍ତ ରୋଗ ଯେସନ ॥ ୫ ॥

ପ୍ରତିଷ୍ଠାତା-ସୃଜନୀ ସାହିତ୍ୟ ସଂସ୍ଥାନ,
କଳକା କୁଟିର, ଡଇଁଗ୍ମା, ସମ୍ବଲପୁର

# ସମୟ



ଲୀନା ମହାନ୍ତି

ସମୟକୁ କେହି କେବେ
ନଜ ଇଛାରେ ଅଟକାଇଛି,,
ନା କାହାର ସାହସ ଅଛି
କଏ ଅଟକାଇ ପାରିବ ।।
ମୁଁ ବି ପାରିଥାନ୍ତି କେମିତି...
ହେଲେ ସେଇ ସମୟର
ଅନୁଭୂତି ନା ମତେ କେବେ
କହିବାକୁ ସୁଯୋଗ ଦେଇଛ,,
ନା କହିବାକୁ ମୋ ପାଖେ
ଆଉ ସମୟ ବାକ ଅଛି ।।
ଯଦି ପାରିବ ମନେ ପକେଇବ
ମୋର ସେଇ ପୁରୁଣା କଥାକୁ,,
ପ୍ରତିଟି ଶବ୍ଦରେ ତୁମ ପାଇଁ
ଭରି ରହିଥିଲ୍ ଅଭିମାନ

ପାରିବ ତ ଗଭୀରତାର ସହ
ବୁଝିବାକୁ ଚେଷ୍ଟା କରିବ
କେତେ ଭଲ ପାଇବା ଲୁଚିଛି ।।
ଯଦି ପାରିବ ବୁଝି ଭଲ ପାଇବାକୁ
ରଖିବ ସେମିତି ସାଇତି ତାକୁ,,
ଆସିବି ନଶ୍ଚୟ ମୁଁ ଫେରି ଦିନେ
ତୁମର ସେ ଭଲ ପାଇବା ଟିକକ
ମନଭରି ଅନୁଭବ କରିବାକୁ ।।
ଥକ ଯିବନ କରି କରି ଅପେକ୍ଷା
ବଦଳାଇ ଦେବନ ଠିକଣା ହୃଦୟର,,
ତାକୁ ହିଁ ତ ଖୋଜି ଖୋଜି ପାଇବି
ମୋ ଅଭୁଲ୍ ସ୍ମୃତି ସବୁ ଜୀବନର ।।

# ପୁଣ୍ୟତୋୟା ର ଆମୃନେପଥୀ



ମନୋଜ କୁମାର ପଣ୍ଡା

ବହିଗ୍ଲଲିଛି ମୁଁ ଲ୍ବଣ୍ୟରେ
ଲ୍ସ୍ୟମୟୀ ବନ ବନାନୀ ଭିତରେ
ମୋ ତନୁମନ ବିହଗର କାକଳରେ ସଦା ମତୁଆଲ୍
ମୋ ସାମ୍ନାରେ ବହଳଆ ମାଟି ବାସ୍ନା
ଭ୍ରମରର ମଧୁମତ୍ତ ଗୁଞ୍ଜରଣ।।

ଥକ ମୁଁ ପଡେନ
ଦୁର୍ବାର ହୁଏ ମୋର ଗତିପଥ
ସବୁ ଦୁର୍ଭେଦ୍ୟ ରେ ଭେଦିଯାଏ ମୁଁ
ଦୃଶ୍ୟରୁ ଦୃଶ୍ୟହୀନ ହୋଇ।
ଅବୁଝା ମୋର ସ୍ୱରୂପ
ଜଟିଳ ଜ୍ୟାମିତି ର ଉପପାଦ୍ୟ ପରି
ଅପଢ଼ା ମୋ ଜନ୍ମ ଜାତକ
ତିଥିଲଗ୍ନ ବାର ବା ତାରିଖ
ବିନ୍ଦୁରୁ କ ସିନ୍ଧୁରୁ
ଅସମାହିତ, ଅବିଦିତ।
ମୁଁ ଲମ୍ବିଛି ମାଟିରୁ ଆକାଶ

ବ୍ରହ୍ମ ରୁ ବ୍ରହ୍ମାଣ୍ଡ ପିଣ୍ଡରୁ ପରାଣ
ଦର୍ଘ୍ୟ ପ୍ରସ୍ଥ ଉଚ୍ଚତା ମୋହର ସଦା ଅକଳନ।
ବନ୍ଧୁର ଶିଳାଶଯ୍ୟାପରେ ଅବିଗ୍ରମ ଗତି
ରେଳଧାରଣା ପରି ଛନ୍ଦାୟିତ
ସମତଳେ ଗ୍ଭଲେ ମୁଁ ମୁହଁ ପୋତି।
କେବେ କେବେ ମୋ ପାଇଁ
ଭ୍ରାଇ ସାଜେ ଭଗାରୀ, ବନ୍ଧୁ ଧରେ ବନ୍ଧୁକ
ଶିଳ୍ପର ସଉକ ପାଇଁ, ଗ୍ଭଷୀ ମୁଣ୍ଡେ ଚଡକ।
ନକ୍ଷ୍ତ୍ରପ ଚକ୍ଷୁ ବର୍ଷେ ଲୁହର ଶ୍ରାବଣ
ମୋତେ ବିଷର୍ଣ୍ଣ ବିବର୍ଣ୍ଣ ଲ୍ଗେ
ଯେତେବେଳେ ମୋ ଶଯ୍ୟାରେ
ଲୁଣ୍ଠିତ ହୁଏ ଅନେକ ଅବଳା ଙ୍କ ଯୌବନ।
ଗୁମ ସୁମ ମାନସିକ ତାରେ
ପାଳେ ମୁହିଁ ମୌନବ୍ରତ।
ଖାମଖ୍ୟାଲି ମନ ହୁଏ ରକ୍ତଗଙ୍ଗା
କେ ବୋଲଇ ପୁଣ୍ୟତୋୟା ମୋତେ
ଆଉ କେ କହେ ମୁଁ ପୁଣ୍ୟଗଙ୍ଗା ।।

ମୁଖ୍ୟ ସମ୍ପାଦକ,
ସୂର୍ଯ୍ୟୋଦୟ ସାରସ୍ୱତ ପ୍ରତିଭା ପରିବାର

# କରୋନା ଭାଇରସ



ଶିବରାମ ଦଳେଇ

**( ୧)**

ରାମୁକାକା ତୁମେ ଗଲ କୈଳାସ ଦାଦା ଦୋକାନ ରୁ ଏ ସବୁ ପରିବା ନେଇ ଆସିବ କହି ସାନବାବୁ ଚଠାଟିକୁ ରାମୁକାକା ହାତକୁ ବଢ଼େଇ ଦେଲେ । ଠିକ ଅଛି ସାନବାବୁ ମୁଁ ଯାଇ ନେଇ ଆସୁଛି । ଏତେ ବଡ଼ ଚଠା ଦେଖି ରାମୁକାକା ପଚାରିଲେ କଣ ହେବ କ ସାନବାବୁ ଏତେ ସବୁ ପରିବା **?** କାଲି କଣ ସୋନୁ ଦେଇ ଙ୍କ କୁଣିଆ ଆସିବେ କ **?** ନା କଛି ଅଲଗା ଭୋଜିର ଆୟୋଜନ ଅଛି **?**

ସାନବାବୁ ଉତ୍ତର ଦେଇ କହିଲେ ନାହିଁ ଯେ ଏ କରୋନା ଭାଇରସ ପାଇଁ ସରକାର ଆମିଷ ଖାଇବାକୁ ମନା କରିଛନ୍ତି । ଆଗକୁ ପରିବା ଦର କେତେ ବୃଦ୍ଧି ହେବ କେଜାଣି ତେଣୁ ଏ ସବୁ ନେଇଆସ ।

**( ୨ )**

ପାଞ୍ଚ ଖଣ୍ଡି ଗାଁ ରେ ନାମିଦାମୀ ଲୋକଙ୍କ ଭିତରେ ଜଣାଶୁଣା ଚୌଧୁରୀ ପରିବାର ।

ନନା କଣ କ ଆଜି ମାର୍କେଟ ରୁ ଏତେ ସବୁ ଜିନଷ ଏକ ଦମ ବ୍ୟାଗ ଫୁଲ ପଚାରିଲା ବୁଲୁ। ବବୁଲ ନାନା କହିଲେ ନାହିଁ ମ, ଏତେ ସବୁ ଜିନଷ ଆଉ କଣ ଆଜି ବଜାରରେ କରୋନା ଭାଇରସ ପାଇଁ ଚକେନ୍ ସବୁ ଶସ୍ତା ହେଇଯାଇଛି । ତେଣୁ ମୁଁ ଗଡ଼ିଆରେ ମାଛ ମାନଙ୍କୁ

ଖାଇବାକୁ ଦେବା ପାଇଁ କଛି ଚକେନ୍ ନେଉଛି । ପ୍ରକୃତରେ ବବୁଲ ନାନା ଙ୍କ ଗଡ଼ିଆ ଥିଲା ସତ କନ୍ତୁ ଗଡ଼ିଆରେ ବିନ୍ଦୁ ବିସର୍ଗ ପାଣୀ ନଥିଲା ।

( ୩ )

କୁଳଆ ବୁଢ଼ା ଗ୍ଳଲିଗଲା ପରେ ତିନପୁଅ ନଜ ମାଆ କୁ ଭାଗବାଣ୍ଟ କରି ମାସେ ଲେଖା ଖାଇବାକୁ ଦିଅନ୍ତି । ପ୍ରତି ମାସରେ ବୁଢ଼ୀ ଯେଉଁ ପୁଅ ପାଖରେ ରହେ ସେ ମାସର ଭତ୍ତା ଟଙ୍କା ସେ ପୁଅର ହେଇଯାଏ । "ଶୁକ୍ଳ ପକ୍ଷ ପରେ ଯେମିତି କୃଷ୍ଣ ପକ୍ଷ, ଦିନ ପରେ ରାତ୍ରି ର ଢଟିମିଟିଆ ଅନ୍ଧାର ମାଡ଼ିଆସେ" ସୁଲୋଚନା ବୁଢ଼ୀ ର ଜୀବନରେ ପ୍ରତି ତିନ ମାସରେ ଗୋଟେ ମାସ କୃଷ୍ଣପକ୍ଷ  ମାଡ଼ିଆସେ । ଦୁଇ ମାସ ଦୁଇ ପୁଅ ପାଖରେ ବେସ ଭଲରେ ଭଲରେ କଟିଯାଏ । ଆଉ ତୃତୀୟ ମାସଟା ସାନ ପୁଅ ପାଖରେ ଅତି ଦୟନୀୟ ଅବସ୍ଥାରେ କଟିଥାଏ । ସେ ମାସରେ ଦିନକୁ ଓଳଏ ଖାଇଲେ ଦିଓଳା ଉପାସ ରହିବାକୁ ପଡେ । ପୁରୁଷ ପିଲା ହୋଇ ମାଇକନିଆ କଥାରେ ଉଠ ବସ ହୁଏ, ଏ ତ ସହଜେ ବୁଢ଼ୀ ଲୋକ କଣ ବା କହି ପାରିବ ସାନ ବୋହୁ କୁ ।

ଲୋକେ କୁହନ୍ତି ତା ମୁହଁ ଗ୍ଳହିଁଲେ ପାଣି ମୁନ୍ଦେ କୁଆଡ଼େ ମିଳେ ନାହିଁ । ସେଥିପାଇଁ ଭଗବାନ ତାକୁ ବୋଧେ ବାଞ୍ଝ କରି ରଖିଛନ୍ତି । ଏ ବାରେ ସେ ଓଷା ସେ ବାରେ ଏ ଓଷା କହି ସେ ମାସ ଯାକ ଆମିଷ ଉଣ୍ଡଳ କରନ୍ତି ନାହିଁ ।

ଏ ମାସରେ ବୁଢ଼ୀର ପାଳି ସାନ ପୁଅ ଆଡ଼େ ଥିଲା । ଏଥର ପୁଣି ସାନପୁଅ ବୋହୂର ଭାଗ୍ୟ ସାଥ ଦେଲା । ସମାଗ୍ଳର ରେ କରୋନା ଭାଇରସ ମାଡ଼ି ଆସୁଛି ସମସ୍ତେ ଆମିଷ ଠାରୁ ଦୂରରେ ରହିବାକୁ କହିବାରୁ ଏଥର ପୁଅ ବୋହୂକୁ ଆଉ ବାହାନା କରିବାକୁ ପଡ଼ିଲା ନାହିଁ ।

ଲେଖନପୁର, ସାଲେପୁର

# ମା

ଆଶିଷ ବେହେରା

ମାତା ପିତା ଗୁରୁ ମାନଙ୍କ ଠାରୁ ଯେ
ବଡ ଦେବତା କେ ନାହିଁ
ତାଙ୍କରି ଆଶିଷ ଥିଲେ ସିନା ପାଖେ
ଦୁଃଖ ବି ଛୁଇଁବ ନାହିଁ

ସରଗ ଷ୍ଠଇଜ ଦେବତା ମାନେବି
ପିତା ମାତା ଗୁରୁ ଠାରେ
ଶିରକୁ ଝୁଙ୍କାଇ ପ୍ରଣାମ କରନ୍ତି
ଭୁଲ ନାହିଁ ତାଙ୍କୁ ତୁରେ

ମା କାନ୍ଦିଥିଲେ ଦିନେ ଗର୍ଭ ର ପାଇଁ
ଅସହ୍ୟ ଯନ୍ତ୍ରଣା ପାଇଁ
ସେ ମା ହିଁ କାନ୍ଦୁଛି ବାର୍ଦ୍ଧକ୍ୟ ବସ୍ଥାରେ
ଖାଇବା ଟିକେ ନ ପାଇ

ଦଶ ମାସ ଦଶ ଦିନ ଯେ ଗର୍ଭରେ
ରଖିଥିଲେ ମାତା ତତେ
ତାଙ୍କରି ବାଦ୍ଧକ୍ୟ ଅବସ୍ଥାରେ ଯେ ତୁ
ଖାଇବା ଦେଉନୁ ମୁଠେ ।।

କୁମ୍ଭାରି, ବଲାଙ୍ଗୀର, ଓଡିଶା

# ଅଚହ୍ନା ମଣିଷ



ଆଶିଷ କୁମାର ସ୍ୱାଇଁ

ମୁଁ ଏକ ଅଙ୍କାବଙ୍କା ନିର୍ଜନ ରାସ୍ତାରେ
ଛିଡା ହୋଇଥାଏ କଦମ୍ବ ଗଛ ମୂଳେ
ପାଦ ଥାପି ଥାପି ସେଇ ବାଟ ଦେଇ
ଚାଲି ଆସୁଥାଏ ଏକ ମଣିଷଟିଏ
ଛିଡା ହୋଇଥାଏ ପାଖରେ ମୋର
ମୁହେଁ ସ୍ମିତ ହସ ହସୁଥାଏ ।

ମୁଁ ତାକୁ ଅବାକ୍ ହୋଇ କ ଚାହିଁ ରହିଥାଏ
ସେଇ ମୁହୂର୍ତ୍ତରେ ନିଜର ନିଜର
ମୋତେ ପର୍ ଲାଗୁଥାଏ ।

କେହି ମୁହୂର୍ତ୍ତରେ ମୋ ପାଖରୁ ସିଏ
ଛାଡି ମୋତେ ଚାଲି ଯାଏ
ତାକୁ ଝୁରି ମୁହିଁ ଆନମନା ହୁଏ ।

ଅନାଇ ରହିଛି ତା ବାଟ ଚାହିଁ
ଦିନେ ନା ଦିନେ ପୁଣି ଫେରିବ
ଆଜି କିନ୍ତୁ କାହିଁ ଏମିତି ଲାଗେ
ସେ ଆଉ ଫେରିବନି
କାରଣ ସେ ଅଟେ ଏକ
ଅଚହ୍ନା ମଣିଷଟିଏ ........।

ସାବିତ୍ରୀ ଭବନ, ସିଆର୍, ପୁରୀ

# ସଂସାର ଖାଇଲା ମଦ ବୋତଲ



ମହେଶ୍ୱର ସାହୁ

ନାକକୁ ଚପି ଧରି, ଆଖି ବୁଜି ସିଧା ପାଟିରେ ଢାଳ ଦେଇଥିଲା ବିନା ପାଣିରେ ମଦ । ଗୋଟେ ବୋତଲ ନୁହେଁ ପୁରା ଦୁଇ ବୋତଲ । ପାଖରେ ଚାଖଣାରେ ଥାଏ କୁକୁଡ଼ା କଲିଜା, ଗୋଡ଼, ମୁଣ୍ଡ ଓ ଗଳା ମାଂସର କଷା । ତା ପରେ ପୁରା ବିନ୍ଦାସ ହୋଇ ଠିଆ ହୋଇ ଯାଇଥିଲା ନଧିଆ । ଏବେ ଛାତିରେ ହାତ ବାଡେଇ, ଗୋଡ଼ ଦୁମ ଦୁମ କରୁଡି ଆଗକୁ ମାଡି ଚାଲିଲା ଡବା ବିହୀନ ଇଞ୍ଜିନ ଭଳ । ନଧିଆ ସହିତ ମଦ ପିଆରେ କଏ ଟକ୍କର ଦେବ ଯେ! ଏହି ଅଞ୍ଚଳରେ କେହି ଜଣେ ମରଦ ଅଛିତ ମୋ ଆଗକୁ ଆସି ଠିଆ ହୁଅ ବୋଲି ଏମିତି ଚକ୍ଯାର କରି ଟଳ ଟଳ ଆଗକୁ ଆଗକୁ ଚାଲିଥାଏ ନଧିଆ ।

ସତରେ ନଧିଆ ସାମ୍ନାକୁ ଆସିବାକୁ କାହାର ସାହସ ନାହିଁ, ଯେତେବେଳେ ନଧିଆ ମଦ ପିଇ ପୁରା ବୋବାଲ କରି ଚାଲିଥାଏ ନଧିଆ । ସହର ଠାରୁ ନିଜ ବସ୍ତିର ଘର ଯାଏ ସମସ୍ତେ ଡରିଥାନ୍ତି ନଧିଆକୁ । କାରଣ ମଦ ନିଶାରେ କାହାକୁ କଣ କହିପକାଏ ଅସଭ୍ୟ ଭାଷାରେ । ଭାଷା ଶୁଣିବାକୁ କାହାର ଭୟ ନାହିଁ ଯେ । ଆବାଳବୃଦ୍ଧବନିତା ସମସ୍ତେ ନଧିଆକୁ ବାଟ ଛାଡି ଦିଅନ୍ତି । ନିଶା ଛାଡି ଗଲେ ନଧିଆ ଭାରି ଶାନ୍ତ, ସରଳ ଓ ଭଦ୍ରଭଳ ବ୍ୟବହାର କରିଥାଏ ।

ନଧିଆ ଜଣେ ଶିକ୍ଷିତ ଓ ସ୍ୱାସ୍ଥ୍ୟବାନ ପିଲା । ବୟସ ପାଖାପାଖି ବତୀଶ ହେବ । ଦୁଇଟି ପିଲାର ବାପା । ଗୋଟେ ପୁଅ ଓ ଗୋଟେ ଝିଅ । ପୁଅ ବଡ଼ ତୃତୀୟ ଶ୍ରେଣୀରେ ପଢୁଛି । ଝିଅ ଦୁଇ ବର୍ଷର ହେବ । ସ୍ତ୍ରୀ ମଧ୍ୟ ଜଣେ ଶିକ୍ଷିତା । ପରିବାର କହିଲେ ନଧିଆ, ପତ୍ନୀ ମାଳତୀ, ବାପାମାଆ, ସାନ ଭାଇ କୈଳାସ ସହିତ ନଧିଆର ଦୁଇ ପିଲା । ଏଇ କିଛି ଦିନ ହେବ ନଧିଆର କଣ ହୋଇଛି କେଜାଣି ମଦ୍ୟପାନ ପାଇଁ ସବୁବେଳେ ଆଗଭର । ଘରକୁ

ଘର ବୋଲି କହୁ ନାହିଁ । ସବୁବେଳେ ମଦୁଆ ସାଙ୍ଗ ଧରି ବୁଲୁଛି । କୌଣସି କାମ ଧନ୍ଦାରେ ଲକ୍ଷ ନଦେଇ କେବଳ ମଦ ପିଇ ବଦମାସି କରିବା । ବାଡ଼ିଆ ପିଟା କରିବା ଧନ୍ଦାରେ ଆଗଭର ହେଉଛି । ପତ୍ନୀ ମାଳତୀ ଯେତେ ବୁଝେଇଲେ ବି ଶୁଣୁ ନାହିଁ । ବାପା ମାଆ କିଛି କହିଲେ ଓଲଟା ଜବାବ ଦେଉଛି । ମାରିଦେବି ଚରିଦେବି ଏମିତି କେତେ କଥା।

ସମୟ ସ୍ରୋତରେ ବିଚରା ନିରୀହ ପରିବାରଟି କୁଟା ଖଣ୍ଡେକୁ ଆଶ୍ରାଭଳି ଆଶ୍ରିତ ହୋଇ ସମୟ ନିର୍ବାହ କରୁଥାନ୍ତି । ମାଳତୀ ସବୁବେଳେ ନିଜର ମଦୁଆ ସ୍ୱାମୀଙ୍କ କଟୁ କଥା ଶୁଣି ଶୁଣି ନିଜକୁ ତିଳ ତିଳ କରି ଜାଳି ନିଜ ଜୀବନକୁ ପାଉଁଶ କରିବା ଛଡା କିଛି ନ ଥାଏ ।

ଆଜି ରବିବାର । କୁଆଡୁ ଏକ ଅଦିନିଆ ଝଡ଼ ଆସିଲା ଭଳି ପେଟେ ମଦ ପିଇ ଦେଇ ଆସି ପହଁଚ ଯାଇଥିଲା ନିଧିଆ । ମାଳତୀ କୁଆଡେ ଗଲୁ ଜଲଦି ଆ, କୁଆଡେ ଗଲୁ ଯେ ଜଲଦି ଆ.....

ମାଳତୀ ଡରି ଡରି ଆସି କହିଲା କଣ ହେଇଛି ଯେ ।

ନିଧିଆ, "କେତେ ଡାକଲିଣି, ତୋତେ କଣ ଶୁଣା ଯାଉନି ?"

ମାଳତୀ, "ତମକୁ କେତେ ନେହୁରା ହେବି ତମେ ମଦ ପିଅ ନାହିଁ । ଛଅ ବର୍ଷ ହେଇଗଲା ହେଲେ ତମେ ମଦ ଛାଡିବା ତ ଦୂରର କଥା, ଆଜି କାଲି ବହୁତ ମଦ ପିଉଛ । ସବୁବେଳେ ପେଟେ ମଦ ପିଇ ଦେଇ ଆସି ମୋତେ ମାର ଧର କରୁଛ । ତମ ଗୋଡ଼ ଧରୁଛି ତମେ ସେ ବିଷ ଗୁଡାକ ପିଅ ନାହିଁ । ତମେ ପରା ଏତେ ପାଠ ପଢିଛ । ତମେ ପରା ଶିକ୍ଷିତ । ହେଲେ ଜଣେ ଶିକ୍ଷିତ ପିଲା ହୋଇ ମଦ ପିଇ ମାତାଲି ହେଉଛ । ଗାଁ ଯାକର ଲୋକ କେତେ ଛି ଛାକର କରୁଛନ୍ତି ତମେ କଣ ଜାଣିନ ।"

ନିଧିଆ, "ତୋ ବାପାର କଣ ହେଲା ଯେ ! ତୋ ବାପା କଣ ମୋତେ ମଦ ପିଇବାକୁ ପଇସା ଦେଉଛି । ମୋ ମୁଣ୍ଡ ଗରମ କରନା କହୁଛି । ଜୀବନରୁ ମାରିଦେବୀ ।"

ମାଳତୀ, "ମାରିଦିଅ ମୋତେ ! ଲୋକଙ୍କର ଟାହି ଟାପୁରା ଶୁଣିବା ଅପେକ୍ଷା ତମ ହାତରେ ମରିଯିବା ଭଲ ।"

ନଧିଆ, "ତୋତେ ଆଜି ମାରିଦେବି । ସବୁବେଳେ ଯେତେବେଳେ ଟିକେ ପିଇ ଦେଇ ଖୁସି ହୋଇ ଘରକୁ ଆସିବୁ ଏ ବଜାତ ମାଇକିନିଆ ମୋ ପ୍ରାଣ ଖାଉଛି ।"

ଏମିତି କହି ନଧିଆ ମାଳତୀର ତଣ୍ଟିକୁ ଧରି ନିର୍ଦ୍ଧୁମ ବିଧା ଭୁଷା ମାରିବାରେ ଲାଗିଲା । ବାପା ମାଆ ବାରଣ କଲେ ବି ଶୁଣିବାର ନାହିଁ । ଓଲଟା କହିଲା ଯିଏ ବାଧା ଦେବ ତାକୁବି ଆଜି ମାରିଦେବି । ପୁଅ ରୋହିତ ବାପାଙ୍କର ମାଆଙ୍କୁ ମାରୁଥିବାର ଦେଖି କାନ୍ଦ କାନ୍ଦ ହୋଇ କହୁଥାଏ ବାପା ବାପା, ଆଉ ମାଆକୁ ମାର ନାହିଁ । ସେ ମରିଗଲେ ମୋତେ କିଏ ଖୁଏଇ ଦେବ । ବାପା ମୋ ମାଆ ମରିଯିବ ତାକୁ ଆଉ ମାର ନାହିଁ ବାପା । ଛୋଟିଆ ପିଲାଟିର କାନ୍ଦ ବୋବାଳ ଦେଖି ମଧ ଟିକେ ବି ଦୟା ଆସିନଥିଲା ନଧିଆର ମନରେ । ଓଲଟା ଗୋଇଠା ଗୋଟେ ମାରିଦେଲା ପୁଅକୁ । ରୋହିତ ବିକଳରେ କାନ୍ଦୁଥାଏ କେବଳ କାନ୍ଦୁ ଥାଏ ଓ କହୁଥାଏ ମୋ ବାପା ଆଜି ମୋ ମାଆକୁ ମାରିଦେବେ । ମୋତେ ଆଉ ଆମ କୁନି ଝିଅକୁ କିଏ ଖୁଆଇ ଦେବ । କିଏ କପଡା ପିନ୍ଧେଇ ଦେବ । କିଏ କପଡା ସଫା କରି ଯତ୍ନରେ ରଖିବ ଏମିତି ଛୋଟିଆ ପିଲାଟିର କାନ୍ଦ ବୋବାଳ ଓ ପରିବାରର ସମସ୍ତ ଲୋକଙ୍କ ହୋ ହଲ୍ଲାରେ ସାହି ଭାଇ ଲୋକ ଆସି ରୁଣ୍ଡ ହୋଇ ଗଲେ । ସମସ୍ତେ ଧରା ଧରି କରି ମାଳତୀକୁ ମରଣ ମୁହଁରୁ ବଞ୍ଚାଇଲେ ।

ମାଳତୀ ଭାବି ନେଇଥିଲା ଯେ ଆଉ ତା ଜୀବନରେ ଖୁସି ନାହିଁ । ପିଲା ଦୁଇଟା ମୁହଁକୁ ଚାହିଁ ଜୀବନ କାଟିବାକୁ ଚେଷ୍ଟା କରୁଥିବା ମାଳତୀର ବୋଝ ଉପରେ ନଳତା ବିଡ଼ା ଭଳି ସ୍ୱାମୀ ଦଣ୍ଡ । କେମିତି କାଟିବ ଦିନ । ଏବେ ତାର ଗୋଟିଏ ରାସ୍ତା ବାପା ଘର । ବାପା ତାର ଶିକ୍ଷିତ ବର ଭଲ ଘର ଦେଖି ଜ୍ୱାଇଁ ଠିକ କରିଥିଲେ ହେଲେ ଭାଗ୍ୟର ବିଡମ୍ବନା । ଜ୍ୱାଇଁ ରୋଜଗାର କରୁଛନ୍ତି ହେଲେ ମଦ୍ୟପ । ଏଇ କିଛି ଦିନ ହେବ ତାଙ୍କର ମଦ୍ୟପାନର ସୀମା ରହୁନାହିଁ । ମନ ଇଚ୍ଛା ପିଉଛନ୍ତି ଓ ବିନା କାରଣରେ ବହୁତ ମାରୁଛନ୍ତି । ମରଣାତ୍ମକ ଦଣ୍ଡ

ଦେଉଛନ୍ତି ସେ । କେମିତି ବଞ୍ଚିବି ? ବୁଝେଇଲେ ବି ଆହୁରି କଠୋର ହେଉଛନ୍ତି । ବାପଘର ଛଡା ଆଉ କୌଣସି ଦିଗ ନ ଥାଏ ମାଳତୀ ପାଖରେ ।

ବାପା ଆସିଲେ ନେବା ପାଇଁ ହେଲେ ନଧିଆ ରୁକ ଠୁକ ମନା କରିଦେଲା - ନା ତୁ ବାପଘର ଯାଇ ପାରିବୁନ । ମୁଁ ଆଉ ମଦ ପିଇବିନ କ ତୋତେ ମାର ଧର କରିବିନ । ଶଶୁର ବହୁତ ବୁଝେଇ କହିଲେ ଆଉ ଯେମିତି ମଦ ପିଇବା କଥା ନ ଶୁଣେ ।ନଧିଆ ଶଶୁରଙ୍କୁ ବାଟେଇ ଦେଲା । ଶଶୁରଙ୍କ ଯିବା ପରେ ନଧିଆ ମାଳତୀକୁ ମଧ ବହୁତ ବୁଝେଇ କହିଲା, ଦେଖ ମାଳତୀ ମୁଁ ତତେ ବହୁତ ଭଲ ପାଏ । ତୁ ଗଲା ପରେ ମୁଁ କେମିତି ବଞ୍ଚିବି କହିଲୁ । ମୋ ପିଲାଙ୍କୁ ନ ଦେଖିଲେ ମୁଁ ବଞ୍ଚି ପାରିବିନ ! ତୁ ତ ଜାଣିଛୁ ଟିକେ ନଦେଖିଲେ ମନ କେତେ ଗୁଡେଇ ହୁଏ ।

ମାଳତୀ, "ହଁ ! ଏଇନେ ନଶାରେ ନାହଁ ବୋଲି କହି ଦେଉଛ । ମଦ ପିଇବ ନାହିଁ ବୋଲି କେତେ ଥର କହିଲଣି। କେତେ ଥର ଶପଥ କଲଣି । କେତେ ବାଡାଉଛ ମଦ ନଶାରେ। ପୁଣି ମଦ ପିଇ ନଶା ହେଇଗଲେ ବାଡ଼େଇବା ଆରମ୍ଭ କରିଦେବ । ନଧିଆ ଆଉ କେବେ ମଦ ପିଇବ ନାହିଁ ବୋଲି ପୁଣି ଥରେ ଶପଥ କଲା ।

ଏବେ ନଧିଆ ମଦ ପିଇବା ଛାଡି ଦେବାକୁ ବହୁତ ଚେଷ୍ଟା କଲା । ବେଳେ ବେଳେ ମନକୁ ମନ ବସି କଣ ଫୁଟୁରୁ ଫୁଟୁରୁ ହେଉ ଥାଏ । ମଦ ପିଇବା ସମୟ ହୋଇ ଗଲେ ବହୁତ ଉଚ୍ଚାଟ ହୁଏ ମନ ତାର । ହୃଦୟ ବହୁତ ଘାଣ୍ଟି ହୁଏ । ବିକଳରେ ଡହଳ ବିକଳ ହୁଏ ହୃଦୟ । ଦାନ୍ତ କାମୁଡି ହୁଏ ବହୁତ ବିଳ ବିଳ ହୁଏ । ହେଲେ ମନ ମଧରେ ଗୋଟିଏ କଥା ମଦ ପିଇବି ନାହିଁ । ମଦୁଆ ସାଙ୍ଗ ଆସନ୍ତି, ଜବରଦସ୍ତି କରନ୍ତି ହେଲେ ନଧିଆ ନଜ ଜିଦରୁ ଅଟଳ । ନା ନା ମୁଁ ସେ ମଦରେ ହାତ ମାରିବି ନାହିଁ । ଦୀର୍ଘ ଛଅ ବର୍ଷ ଧରି ହେଇଯାଇଥିବା ଅଭ୍ୟାସଟା ଏତେ ଜଲଦି ଛାଡିବା କାଠିକର ପାଠ ହେଲେ ନଧିଆ ପାଇଁ ତାହା ସମ୍ଭବ ହୋଇଥିଲା ।

ମଦ ସିନା ନଧିଆ ଛାଡି ଦେଇଥିଲା ହେଲେ ତାର ପେଟରେ କୌଣସି ଏକ ଅଜଣା ରୋଗ ଆରମ୍ଭ ହୋଇ ଯାଇଥିଲା । ଅତ୍ୟଧିକ ମଦ୍ୟପାନ ପୁଣି ବିନା ପାଣିରେ ! ନଜ ପେଟ

ଭିତରେ ଥିବା କୋମଳାଙ୍ଗ ଗୁଡିକ ନଷ୍ଟ କରି ଦେଇଥିବା । ସାଧାରଣତଃ ମଦରେ ଆଲକୋହଲ ନାମରେ ଏକ ବିଷାକ୍ତ ରାସାୟନିକ ଦ୍ରବ୍ୟ ରହିଥାଏ । ଯାହାକି ମାତ୍ରାଧିକ ହୋଇ ଗଲେ ନିଜର ପାକସ୍ଥଳୀ, କ୍ଷୁଦ୍ର ଓ ବୃହତ ଅନ୍ତନାଡ଼ ଜାଳି ଦେଇଥାଏ । ଏଣୁ ନିଧିଆ ପାକସ୍ଥଳୀରେ ଘାଆ ହୋଇ ଯାଇଥିଲା ଯାହାକୁ ଇଂରାଜୀରେ ଅଲସର କୁହାଯାଏ । ନିଧିଆକୁ ଠିକ ଭାବେ ହଜମ ହେଉନଥିଲା । ଭୋକ ଲାଗେ ନାହିଁ । ସବୁବେଳେ ପେଟ ପୁରିଲା ଭଳି ଲାଗେ । ମାଳତୀ ଯେତେ ବାଧ୍ୟ କଲେ ମଧ୍ୟ ଦୁଇ ଗୁଣ୍ଡା ଖାଇ ଉଠିଯାଏ । ଏମିତି ଧୀରେ ଧୀରେ ନିଜର ଶରୀର ଦୁର୍ବଳ ହେବାରେ ଲାଗିଲା ତା ସହିତ ପେଟ ଘାଆ ବଢ଼ିବାରେ ଲାଗିଲା ।

ଦିନେ ହଠାତ ଖାଇବାକୁ ବସିଛି ଜୋରରେ ବାନ୍ତି ଆସିଲା ନିଧିଆକୁ । ହେ ଭଗବାନ ଯେ କଣ ! ମୁଣ୍ଡା ମୁଣ୍ଡା ରକ୍ତ ! ରକ୍ତ ଦେଖି ମାଳତୀ ଦେବୀ ଅଚେତ ହୋଇ ଗଲେ । ବାରମ୍ବାର ରକ୍ତ ବାନ୍ତି ଦେଖି ସାନ ଭାଇ କୈଳାସ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଲେ । ପରୀକ୍ଷା ନିରୀକ୍ଷା କରି ଜାଣି ପାରିଲେ ପେଟରେ ଘାଆ ହୋଇ କ୍ୟାନସର ବା କର୍କଟ ରୋଗ ଆକ୍ରାନ୍ତ କରିଛି ।

ମାଳତୀ ଶୁଣି ଭାରଶ୍ୟାମ ହରେଇ ବସିଲା । ପରିବାରର ରୋଜଗାରିଆ ପୁଅର ଏଇ ଅବସ୍ଥା କଉ ବାପା ମାଆ ସହିବ ଯେ । ପରିବାରରେ ଦୁଃଖର ଛାୟା । ଡାକ୍ତରୀ ଚିକିତ୍ସା ପାଇଁ ଖର୍ଚ୍ଚ ବଢ଼ିବାରେ ଲାଗିଲା । ଦିନକୁ ଦିନ କାଙ୍ଗାଳ ହେବାରେ ଲାଗିଲେ । ପାରିବାରିକ ଋଣ ଓ ଉଧାରୀ ବଢ଼ିବାରେ ଲାଗିଲା । ଏମିତିକି ଲୁଣ ତେଲ ପାଇଁ ପଇସାର ଅଭାବ । ସାନ ଭାଇ କୈଳାସ ତ ଛୋଟ ପିଲା, ସେ କଣ ରୋଜଗାର କରିବ । ତଥାପି କୌଣସି ଏକ ଜାଗାରେ କାମ କରି କିଛି ପଇସା ପାଏ ଆଉ ସେଇ ପଇସାରେ ନିଜ ଘର ଲୁଣ ତେଲ ଚାଲିଯାଏ । ନିଧିଆର ରୋଗ ଧୀରେ ଧୀରେ ବଢ଼ିବାରେ ଲାଗିଲା । ଶରୀରର ଦୁର୍ବଳତା ସହିତ ଚେହେରା ଜୀର୍ଣ୍ଣ ଶୀର୍ଣ୍ଣ ହୋଇ ଯାଇଥିଲା । ସମ୍ପୂର୍ଣ୍ଣ ଭାଗ୍ୟ ବଦଳି ଯାଇଥିଲା ପରିବାରର । ନିଧିଆ କହିଲେ ଡରୁ ଥିବା ଲୋକ ଆଜି ତାଙ୍କ ପରିବାର ଉପରେ ହସୁ ଥିଲେ । ଦଶ ଟଙ୍କା ଦେବାକୁ ବିଶ୍ୱାସ ନଥିଲା କାହାର । ନିଧିଆ ଏବେ ପ୍ରାଣତ୍ୟାଗ କରିବା ଛଡା ବାଟ କିଛି ନାହିଁ କହିଲେ ଚଳେ । କାରଣ ଜମି ବାଡ଼ି ବନ୍ଧା ପଡିସାରିଥାଏ । ରୋଗ ଉପଶମ ପାଇଁ

ଔଷଧ ଆବଶ୍ୟକ ଓ ଔଷଧ ପାଇଁ ଅର୍ଥ । ତେଣୁ ବିନା ଅର୍ଥରେ ବଟିକା ଗୋଟେ କଣିବା କଷ୍ଟ ।

ନଧିଆର ପେଟ ଯନ୍ତ୍ରଣା ବଢ଼ିବାରେ ଲାଗିଲା । ଏବେ ଅସମ୍ଭାଳ ହୋଇ ଯାଇଥିଲା ଶରୀରର ଯନ୍ତ୍ରଣା । ଭଗବାନଙ୍କୁ ଡାକୁଥାଏ ନଧିଆ, ହେ ଭଗବାନ ମୋତେ ମାରିଦିଅ । ମୁଁ ଆଉ କଷ୍ଟ ସହିପାରୁନ । ମୋ ପିଲା ଛୁଆ ତମକୁ ଲାଗିଲେ ।

ରାତି ପାହିଯାଇଥାଏ । ସୂର୍ଯ୍ୟଙ୍କ ପ୍ରଥମ କରଣ ପଡିବା ପୂର୍ବରୁ ନଧିଆ ଆଖି ବୁଜି ଦେଇ ସବୁ ଦିନ ପାଇଁ ଇହଲୀଳା ସମ୍ବରଣ କରିଥିଲା । ଆଜି ପିଲାମାନେ ତାର ଅନାଥ । ରହିବାକୁ ଘର ଥିଲେ ବି ବନ୍ଧା ପଡିଯାଇଛି । ଚାଷ କରିବାକୁ ଜମି ଥିଲେ ବି ବନ୍ଧା ପଡିଯାଇଛି । କୈଳାସ ଅବିବାହିତ ଭାଇ ଅଛି ହେଲେ କାମ ଧନ୍ଦା ପାଇଁ ଏତେ ଉପଯୁକ୍ତ ନ ହୋଇ ମଧ କିଛି ରୋଜଗାର କରେ ଯାହାକି ଘର ତେଲ ଲୁଣକୁ ନଅଣ୍ଟ ।

ଏବେ ନଧିଆର ସ୍ତ୍ରୀ ବାଟରେ ଚାଲିଗଲା ବେଳେ ଲୋକେ କୁହା କୁହି ହୁଅନ୍ତି ଦେଖ ଦେଖ ମଦୁଆ ବର କାହାକୁ ବାଟ ଚଲେଇ ଦିଏନ ଆଉ ସ୍ତ୍ରୀ କୁ ଦେଖ.....ବିଚରା ବିଧବା ହେଇକି ରହିଲା । ସ୍ଵାମୀ କେବେ ଚିନ୍ତା କରିଥିଲା କି ମୋ ସ୍ତ୍ରୀ ଯେତେବେଳେ ନିଃସହାୟ ହେଇଯିବ ତାକୁ କେହି ବି ବାଟ ଚଲେଇ ଦେବେ ନାହିଁ । ମଦ ପିଇବ କାହିଁକି ପରିବାରକୁ ଦାଣ୍ଡରେ କାହିଁକି ଠିଆ କରେଇବ ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ଜନ୍ମମାଟିର ବାସ୍ନା

ଦିନବଂଧୁ ବେଜ

ଅଞ୍ଜୁଳାଏ ବର୍ଷା
ଆଉ ଦଲକାଏ ପବନ
ଭୂରୁ ଭୂରୁ ବାସ୍ନା ବିଂଚଦିଏ
ବଢିଯାଏ ଦ୍ୱିଗୁଣ ଆଘ୍ରାଣ,
ସେ ମୋ ପ୍ରାଣ, ମୋ ପିଣ୍ଡ
ମୋ କୋଟି ତିର୍ଥର ବାରେଣୀ
ସତକୋଟି ଜନ୍ମର ଉପାସନା
ମୋ ଜନ୍ମମାଟି ଓ ତାର ବସ୍ନା।
ଯାହା ଜଗତେ ବିରଳ
ତାହା ମୋ ଭାରତରେ,
ଯାହା ଭାରତରେ ବିରଳ
ତାହା ମୋ ଓଡ଼ିଶାରେ,
ଯାହା ଓଡ଼ିଶାରେ ବିରଳ
ତାହା ମୋ ଜନ୍ମମାଟିର ମମତା।

ତା'ର ବନବିଲ ତୋଟା ମାଳ
ତା'ର ପୋଖରୀ ଓ କଆରୀ
ତା'ର ଲୋକ ମମତାମୟୀ
ତ'ର ନଦୀ ପାଣି ଜୁଆର
ତା'ର ସୁନ୍ଦର ଆଖୁ କଆରୀ।
ଅପରୂପ ତା ସୂର୍ଯ୍ୟାସ୍ତ ସମୟ
ଅପରୂପ ତା ଗୋଧୂଳ ଲଗନ
ଅପରୂପ ତା ବିଶେଷ ଫଗୁଣ
ଅପରୂପ ତା ନାଚପର
ସକାଳ ଶୂନ୍ ଶାନ....
ସେ ମୋ ଜନ୍ମଭୂଇଁ
ଅନାଇ ରହିଛିତା ଆଡ଼କୁ ଗୁହିଁ ,
ଟୋପାଏ ଲୁହ ଗଡି ଯାଆ....
ଭାଗ୍ୟବାନ ମଣିବି ନଜକୁ ମୁହିଁ ।

ବାସୁଦେବପୁର, ଭଦ୍ରକ

# ଯାହା ମୁଁ ଦେଖୁଛି



ଦୀନବନ୍ଧୁ ପୋଇ

ଯାହା ମୁଁ ଦେଖୁଛି ଚରସ୍ଥାୟୀ ନୁହେଁ
ତଥାପି ଆଶା ଅନେକ
ବୁଝି କ ନବୁଝେ ଜ୍ଞାନୀ ଗୁଣିଜନ
ହସ୍ୱଏ ତାର ବିବେକ। ୧ ।

ପସ୍ଲଶ ଫଗୁଣ କାନେ କହିଗଲ୍
ଜୀବନର ମାନେ ଶଖ୍,
ଅଢ଼େଇ ଦିନର ବଢ଼େଇ ଗାରିମା
କେତେ ଦିନ ପ୍ରାଣପକ୍ଷୀ ।୨।

ସ୍ନେହ ପ୍ରୀତିଛଡ଼ା ଆଉସବୁ ବିତ୍ତ
ରହେ ନାହିଁ ଚରକାଳ,
ରଜନୀଗନ୍ଧା ଓ ଗୋଲ୍ପ କହେବ
ନ ଥିଲେ ହୃଦୟ ମାଳ ।୩।

ସ୍ୱଗ କ୍ରୋଧ ଇର୍ଷା ଫିଙ୍ଗି ଦିଅ ବନ୍ଧୁ
ସଂସାରେ ସଭିଏଁ ଏକ,
ପିତାମାତା ପାଇଁ ବଞ୍ଚିଥିବା ଯାଏ
ହୋଇ ଯାଆରେ ସେବକ। ୪ ।

ଏଦୀନ ଅଧମ ଲେଖୁ ଲେଖୁକଣ
ଲେଖିଦେଲ୍ କେଇ ପଦ,
ସଂସାରର ଚନ୍ଦମୋ ଭ୍ୱବନା ପଥେ
ଯୋଡି ଦେଲ୍ କେତେ ଶବ୍ଦ । ୫

6ଗାରଡା ପାଳ, ଢେଙ୍କାନାଳ

# ଶ୍ରମିକଙ୍କର ମୂଲ୍ୟ



ରାଜଶେଖର ସି "ଚମା"

ମଣିଷ ଜୀବନ ପାଇବା ଏକ ଭାଗ୍ୟ । ପୁଣି ଭାରତୀୟ ହୋଇ ଜନ୍ମନେବା ଆଉ ଏକ ସୌଭାଗ୍ୟ । ୧୯୮୫ ମସିହାର କଥା । ଭୁବନେଶ୍ୱର ସହରର ଏକ ଅଞ୍ଚଳ ନୂଆପଲ୍ଲୀ । ଏଇଠି ଶ୍ରୀ ଶଙ୍କର ସାହୁ ନିଜ ପରିବାର ସହ ରହୁଥିଲେ । ତାଙ୍କର ପୁଅ ସଞ୍ଜୀବ ଏକ ବେସରକାରୀ ବିଦ୍ୟାଳୟରେ ପାଠ ପଢୁଥାଏ ତୃତୀୟ ଶ୍ରେଣୀରେ । ସଞ୍ଜୀବର ପିତା ଶ୍ରୀ ଶଙ୍କର କେନ୍ଦ୍ର ସରକାରର ଚାକରୀ କରୁଥିଲେ । ସବୁକିଛି ଭଲଥିଲା । ସଞ୍ଜୀବର ବୋଉ ଶ୍ରୀମତୀ ଉମା ଓ ପିତା ଶ୍ରୀ ଶଙ୍କର ବହୁତ ଭଲ ବ୍ୟକ୍ତି । ସଞ୍ଜୀବକୁ ଭଲଭଲ କଥା ଶିଖାଉଥିଲେ । କିନ୍ତୁ ମନର କୋଉଠି ଗୋଟେ ସ୍ଥାନରେ ସଞ୍ଜୀବକୁ ନିଜ ପାଠଉପରେ ଆଉ ଭଲ ଘରପାଇଁ ବହୁତ ଗର୍ବ ଥିଲା । ସଞ୍ଜୀବର ବୟସ ଥିଲା ୯ବର୍ଷ ।

ସବୁଦିନ ଗଉଡ଼ ବେଣୁ ତାଙ୍କୁ କ୍ଷୀର ଦେବାକୁ ଆସୁଥିଲେ । ସଞ୍ଜୀବର ସବୁଦିନ ଏମିତି ସମସ୍ତ ଲୋକଙ୍କ ସହ ଦେଖା ସାକ୍ଷାତ ହୋଉଥିଲା ଯଥା ଦୋକାନୀ, କ୍ଷୀରବାଲା, ଗାଡ଼ିଚାଳକ, ଧୋବା, ଚାକରଣୀ, ଚାକର, ନଗରପହରାରକ୍ଷୀ, ବିଦ୍ୟାଳୟରେ ଆୟା (ପରିଚାରିକା), ସ୍ୱାସ୍ଥ୍ୟରକ୍ଷା କର୍ମଚାରୀ, ଝାଡୁଦାର ଏବଂ ଅନ୍ୟ ଅନେକ ବ୍ୟକ୍ତି ଯେଉଁମାନେ ପାଠ ବେଶି ପଢିନଥିଲେ । ସଞ୍ଜୀବ ବାପାଙ୍କୁ ପଚାରେ ଯେ ଏମାନେ କାହିଁକି ପାଠ ପଢିଲେନି। ବାପା କୁହନ୍ତି କି ନିଜନିଜ ପରିସ୍ଥିତି ଅନୁସାର ପାଠପଢା ହୋଇନଥିବା ଏମାନଙ୍କର । କିନ୍ତୁ ଏତିକି ଜଣେଇଲେ ଯେ ଏମାନଙ୍କ ବିନା ସାଧାରଣ ଲୋକର ଜୀବନ ଚାଲିବା କଷ୍ଟକର । ଯେତେବେଳେ ବଡ ହେବୁ ସେତେବେଳେ ବୁଝିହେବ । ଆଉ ଏହା ବି କହିଲେ ଯେ ଏମାନଙ୍କୁ କେବେ ଖରାପ ବ୍ୟବହାର କରିବାର ନାହିଁ ବୋଲି ।

କିନ୍ତୁ ସଞ୍ଜୀବ ଏହା ମାନିଲା ନାହିଁ । ଘରେସିନା କିଛି କହିଲାନି । କିନ୍ତୁ ଯେମିତି ଯେମିତି ବଡହେଲା, ସବୁ କାମ କରୁଥିବା ବ୍ୟକ୍ତି ଯେଉଁମାନେ ବେଶି ପାଠ ପଢୁ ନଥିଲେ, ସେମାନଙ୍କୁ ଛୋଟଲୋକ ଭାବିବା ଆରମ୍ଭ କରିଲା । ବାପା ମାଁ ବହୁତ ଚେଷ୍ଟା କରିଲେ ଏହି ମାନସିକତାକୁ ଦୂର କରିବା ଲାଗି । ସମୟ ବଢିବଢି ଚାଲିଲା । ୨୦୦୦ ମସିହା ଆସିଲା । ସଞ୍ଜୀବ ବଡ ହୋଇଯାଇଥିଲା ଆଉ ଗୋଟାଏ ବିତ୍ତୀୟ ସଂସ୍ଥାରେ ବଡ ପଦବିରେ ଚାକରୀ କରିବା ଆରମ୍ଭ କରିଲା । ବହୁତ ଟଙ୍କାର ଦରମା, ବଡଘର , ଚାକର, ରୋଷେଇଆ, ଗାଡି ଚାଳକ, ନିଜ ବଗିଚାର ମାଳୀଆଦି । ସଞ୍ଜୀବର ବିବାହ ହୋଇଯାଇଥିଲା ଓ ନିଜ ପତ୍ନୀ ଏବଂ ୨ ସନ୍ତାନ, ପିତାମାତାଙ୍କ ସହ ଭୁବନେଶ୍ୱରରେ ରହୁଥିଲା ହଂସପାଳ ଅଞ୍ଚଳରେ ।

ନିଜର ଘରେ ଏତେ କର୍ମଚାରୀ ରହିକି, ତାଙ୍କୁ ଦରମାଦେବା ଯୋଗୁଁ ସଞ୍ଜୀବ ନିଜକୁ ବହୁତ ବଡଲୋକ ଭାବିଲା । ନିଜକୁ ବହୁତ ଧନୀ ଆଉ କର୍ମଚାରୀଙ୍କୁ ଗରିବ ବୋଲି ଭାବିଲା ଯେହେତୁ ତାଙ୍କ ପାଖେ ଅଧିକ ଟଙ୍କା ନଥିଲା । ସବୁ କାମବାଲା ସଞ୍ଜୀବକୁ "ସାର" ବା "ବଡ଼ବାବୁ " ବୋଲି ସମ୍ବୋଧନ କରୁଥିଲେ । ସମସ୍ତଙ୍କ ସହ ସଠିକ ବ୍ୟବହାର ଦେଖାଉନଥିଲା । ମାତା ଭାବନ୍ତି କେବେ ତାଙ୍କ ପୁଅ ସଦବୁଦ୍ଧି ଆସିବ ।

୨୦୨୦ ମସିହା ମାର୍ଚ୍ଚ ମାସ ଆସିଲା । ଏକ ବହୁତ କଷ୍ଟକର ସମୟ ଆସିଲା । "କୋରୋନା" ନାମକ ବିଶ୍ୱବ୍ୟାପୀ ମହାମାରୀ ସାରାଦେଶରେ ବ୍ୟାପିବା ଆରମ୍ଭହେଲା । ତେଣୁ କେନ୍ଦ୍ର ଓ ଓଡିଶା ରାଜ୍ୟ ସରକାର କିଛି କଟକଣା କାର୍ଯ୍ୟକାରୀ କରେଇଲେ ଯେଉଁଠି ସମସ୍ତଙ୍କୁ ନିଜଘରେ ହିଁ ରହିବାକୁ ହେବ । ଏହି କଟକଣା ପ୍ରଥମେ ୩ ସପ୍ତାହ ଓ ପରେପରେ ୨ ସପ୍ତାହ କରାହେଲା । ଯେହେତୁ ଗତିବିଧି ନିଷେଧ ଥିଲା, ତେଣୁ କିଏ କାହା ଘରକୁ ଯାଇପାରିଲେ ନାହିଁ ।

ତେଣୁ ସଞ୍ଜୀବ ଘରେ ଆଉ କୌଣସି ଚାକର, ରୋଷେଇଆ, ଗାଡି ଚାଳକ, ଧୋବା, ମାଳି ଓ କ୍ଷୀରବାଲା ଆସିପାରିଲେ ନାହିଁ । ସଞ୍ଜୀବ ଘରେ ବହୁତ କଷ୍ଟ ହେଲା । କାରଣ ସବୁକାମ ଏବେ ନିଜେ ରିବାକୁ ହେବ । ପତ୍ନୀ ଶ୍ରୀମତୀ ରମା ରୋଷେଇ ଆଉ ଘରସଫା କାମ କରୁଥିଲେ କିନ୍ତୁ ସହଜ ନଥିଲା । ସଞ୍ଜୀବକୁ ଆସ୍ତେଆସ୍ତେ ଆଭାସ ହେଲା ଯେ କର୍ମଚାରୀ ବିନା ଜୀବନ କେତେ କଷ୍ଟ । ସମସ୍ତେ କେତେ ଯୋଗଦାନ ଦେଉଛନ୍ତି

ସମାଜରେ ନିଜ କର୍ତ୍ତବ୍ୟ । ସଞ୍ଜୀବଙ୍କୁ ନିଜ ପୁରୁଣାକଥା ସବୁ ମନେ ପଡିଲା । ନିଜ ଅହଙ୍କାରରେ କେମିତି ଲୋକଙ୍କ ସହ କଟୁକଥା ଅଯଥା କହୁଥିଲେ । ଆଉ ହେଲେବି କର୍ମଚାରୀ କିଛି କହୁନଥିଲେ । ସଞ୍ଜୀବଙ୍କୁ ନିଜ ଗର୍ବ ଉପରେ ବହୁତ ରାଗ ଆସିଲା ଓ ଏକ ପଶ୍ଚାତ୍ତାପର ଭାବନା ଆସିଲା ।

ସଞ୍ଜୀବ ନିଜ ମାତାପିତାଙ୍କୁ ଏହି ଅନୁତାପର କଥା ଜଣେଇଲେ ଆଉ ନିଜ ଭୁଲ ସ୍ୱୀକାର କରିଲେ । ସଞ୍ଜୀବ ନିଜ ପତ୍ନୀ ଓ ସନ୍ତାନଙ୍କୁ ବି ଜଣେଇଲେ ଯେ ସମସ୍ତ କର୍ମଚାରୀଙ୍କୁ ଆଦର ସାଦାର ମିଳିବା ଉଚିତ । ବିନା କାରଣ କାହାକୁ ଅପମାନ ଦେବାର ନାହିଁ । ଆଉ ନିଜ ସମସ୍ତ କର୍ମଚାରୀଙ୍କୁ ସଞ୍ଜୀବ ଖାଇବା ପିଇବା ଲାଗି ଟଙ୍କା ଦେଲେ ଆଉ ଆଶ୍ୱାସନ ଦେଲେ ଯେ କେବେ ତାଙ୍କୁ କଷ୍ଟ ଦିଆଯିବ ନାହିଁ । ପରିସ୍ଥିତି ପୁଣି କେବେ ଅନୁକୂଳ ଜଣା ନଥିଲା । କିନ୍ତୁ ଏହି "କୋରୋନା" ଏକ ମହାଶିକ୍ଷା ଦେଇଦେଲା ଯେ ସମସ୍ତ ଲୋକ କେତେ ମୂଲ୍ୟବାନ ଓ କେତେ ଆବଶ୍ୟକ ଯେ ସଠିକ ବ୍ୟବହାର ସମସ୍ତଙ୍କୁ ଦେବା । ଆମ ପରିସ୍ଥିତି ଭଲଅଛି ବୋଲି, ଆମେ ସମସ୍ତଙ୍କ ସହ ମନଇଚ୍ଛା ଭାବେ ଭୁଲ ବ୍ୟବହାର କରିପାରିବୁ ନାହିଁ। କାରଣ ପରିସ୍ଥିତି କେବେ ପାଲଟିଯିବ ଆମେ ଜାଣିନାହୁଁ ।

ସଞ୍ଜୀବଙ୍କ ପିତାମାତା ବହୁତ ଖୁସି ପାଇଲେ ଯେ ୪୦ ବର୍ଷ ବୟସ ହେଲେ କଣହେଲା । ତାଙ୍କ ପୁତ୍ର ସଠିକ କଥା ବୁଝିଗଲା । ଆଉ ନିଜ ସନ୍ତାନକୁ ଭଲକଥା ଶିଖାଇ ପାରିବ ଏବଂ ସମାଜରେ ଭଲ ବ୍ୟବସ୍ଥା ଆଣି ପାରିବ । ଏମିତିଭାବେ ସଞ୍ଜୀବ ଶ୍ରମିକଙ୍କର ମୂଲ୍ୟ ବୁଝିପାରିଲେ ।

ନୀତିକଥା : ସମାଜରେ ସମସ୍ତ ପ୍ରକାର ବ୍ୟକ୍ତି ଆବଶ୍ୟକ । କିଏ ଗରିବ ଆଉ କିଏ ଧନୀ ନୁହନ୍ତି । ସମସ୍ତେ ନିଜନିଜ କର୍ତ୍ତବ୍ୟ କରୁଛନ୍ତି । ବଡ଼ଲୋକ ସିଏ ନୁହେଁ ଯିଏ ଅନ୍ୟକୁ ଛୋଟଲୋକ ବୋଲି ଭାବେ । ବଡ଼ଲୋକ ସିଏ ଯିଏ କାହାକୁ ବି ଛୋଟଲୋକ ବୋଲି ଭାବେନି ଓ ତାଙ୍କୁ ସମୁଚିତ ଆଦର କରେ ।

chvrajasekhar@gmail.com

# କରୋନାରୁ ମହାଶିକ୍ଷା



ହେମନ୍ତ ଦାଶ

କରୋନା ପାଇଁକି କୋହଭଗ୍ କଣ୍ଠେ
କାନ୍ଦୁଛି ମାନବ ଜାତି,
ଜୀବନ ବିକଳେ ତ୍ରାହି ତ୍ରାହି ଡାକେ
ମଥା ଦେଇ ତାର ପାତି ।

ପ୍ରାଣ ଘାତକ ସେ କରୋନା ଭୂତାଣୁ
କ୍ଷୀପ୍ରବେଗେ ଗଲା ମାଡି,
ସମଗ୍ର ବସୁଧା କବଳତ କଲା
ଭୟରେ ଛାଡୁଛି ରଡି ।

ଭାରତ ସାଜିଛି ବିଶ୍ୱ ଗୁରୁ ପୁଣି
ଦିଏ ସୁରକ୍ଷାର ବାର୍ତ୍ତା,
ଭାରତ ସଂସ୍କୃତି କେତେଯେ ମହାନ
ସାଜିଛି ଆଜିସେ କର୍ତ୍ତା ।

କର ମର୍ଦ୍ଦନକୁ ସ୍ୱୀକୃତି ଦେଇନ
ସ୍ପର୍ଶଠାରୁ ରହି ଦୂର,
ପୁରୁଣା କାଳରୁ ବେନକର ଯୋଡି
ହିନ୍ଦୁ କରେ ନମସ୍କାର ।

ଶବକୁ ଦହନ ହିନ୍ଦୁ ଏକାକରେ
ସ୍ନାନ ସାରି ଆସେ ଫେରି,
ହଳଦୀ ପାଣିରେ ପାଦକୁ ପଖାଳେ
ପ୍ରବେଶେ ନକରି ଡେରି ।

କାମଧାମ ସାରି ଘରକୁତ ଫେରି
ହିନ୍ଦୁ ଧୁଏ ହାତ ଗୋଡ,
ଅଶିକ୍ଷିତ କହି ଥଟ୍ଟା କରୁଥିଲ
ଭଙ୍ଗିଗଲା ଏବେ ଲାଡ ।

ହାତ ନ ଧୋଇଲେ ହିନ୍ଦୁ ଖାଏ ନାହିଁ
କରେ ନାହିଁ କରେ ଭଲ?
ଅସନା ହାତରେ ତୁମେ ଖାଉଥିଲ
ହେଉଅଛ କଲବଲ ।

ପଶୁ, ପକ୍ଷୀ, ବୃକ୍ଷ ପୂଜା କରେ ହିନ୍ଦୁ
ନରାମିଷ ଖାଦ୍ୟ ଭକ୍ଷି,
ଆରୋଗ୍ୟ ଲଭିଛି ଶତାୟୁ ହୋଇଛି
ଇତିହାସ ଅଛି ସାକ୍ଷୀ ।

ଅଶୂଚୀ ବେଳର ଶୂଚୀ ବିଧାନକୁ
ହସରେ ଉଡାଉ ଥିଲ,
ବିଦେଶୀ ବାଲାଙ୍କ ଭେଳା ବୁଡିଗଲା
କରୋନା କରୁଛି ଗେଲ ।

ଚ୍ଚାଇନାଠୁ ଆସି ବିଶ୍ୱେଗଲା ପଶି
କରୋନା ଭୂତାଣୁ ଜାଣ,
ମହାମାରୀ ରୂପ କବଳତ କଲା
କୋଉଠି ରଖିବା ପ୍ରାଣ?

ପ୍ରଭୁ ଜଗନ୍ନାଥ ସିନାନ ସାରିଣ
ଜରରେ ପୀଡିତ ହୋଇ,
ଚଉଦ ଦିବସ ଅଣସର ଘରେ
ଏକାକୀ ଦ୍ୟନ୍ତି ବିତାଇ।

ସଙ୍ଗ ରେ୍ଧକ ଏ' ବିଚତ୍ର ନୀତିକୁ
ପାଳବ ଯଦି ମାନବ,
ଭୂତାଣୁ ଦାଉରୁ ରକ୍ଷା ପାଇଯିବ
ନାହିଁ କଛି ଅସମ୍ଭବ।

ହିନ୍ଦୁ ନୁହେଁ ଏକ ଜାତି, ଧର୍ମ ପୁଣି
ନୁହେଁ ଏକ ସମ୍ପ୍ରଦାୟ,
ହିନ୍ଦୁ ଅଟେ ଢ୍ଇ ଜୀବନ ଶଇଳ
ମିଳଅଛି ଆଜି ନ୍ୟାୟ।

ସମଗ୍ର ବସୁଧା ଗୋଟେ ପରିବାର
ହିନ୍ଦୁ କୁହେ ବାରବାର,
ହିନ୍ଦୁ ପରମ୍ପର୍ ଆପଣେଇ ନଅ
ହେବ ତୁମ ଉପକାର।

ଏକତାର ସୂତ୍ରେ କରେ୍ନା ବାନ୍ଧିଲ୍
ଦେଲ୍ ସିଏ ମହାଶିକ୍ଷା,
ହିନ୍ଦୁ ସଂସ୍କୃ ଓ୍ଭି ଜୟକାର ହେଉ
ଆପଣାନ୍ତୁ ହିନ୍ଦୁ ଦୀକ୍ଷା।

ତୁଷୁର୍, ବଲ୍ଙ୍ଗିର

# କିଛି ତୁମର କିଛି ମୋର ଭୂଲ ସୁଧାରିବା...!!!



ଝିଲମିଲ ସାହୁ

ସବୁଦିନ ପରି ଆଜି ମଧ୍ୟ ସୂରୁଜ ଉଇଁଛି
ତାର ରକ୍ତିମ ଆଭାରେ ଧରଣୀ ହସୁଛି
ବ୍ୟସ୍ତତା ମଧ୍ୟେ ହଜିଯାଇଥିବା ମଣିଷ
ଆଜି ନିଜକୁ ଚହ୍ନିବାକୁ ସମୟ ପାଇଛି ॥

ଗାଡି ମଟରର ଘୋ ଘୋ ଶବ୍ଦରେ
ନିଶ୍ଚିହ୍ନ ପକ୍ଷୀର କାକଳି ବାରି ହେଉଛି
ଲାଗୁଛି ବିଗତ ସ୍ମୃତି ଫେରି ଆସିଛି
ସତେ କି ମଣିଷ ଆଜି ବଞ୍ଚିବା ଶିଖୁଛି ॥

ଛଳନା ସୌଧରେ ଥିବା ମଣିଷଟା ଆଜି
ନିଜକୁ ବାସ୍ତବିକତା ସାଥେ ତର୍ଜମା କରୁଛି
ଦୁନିଆଦାରି ସହ ଆତ୍ମବିଶ୍ୱାସ ତ ଅଛି
ହେଲେ ମଣିଷ ଆଜି ଡରି ଡରି ବଞ୍ଚୁଛି ॥

ଏଇ କିଛି ଦିନର ନୀରବତା ପରେ
ଆକାଶଟା କାହିଁ ଏବେ ନୀଳ ବର୍ଣ୍ଣ ଦିଶୁଛି

କାଲୁ ଆଲର୍ମ ନୁହେଁ କାକ ସ୍ୱର ଶୁଭୁଛି
ଆମ୍ର୍ୟ ଗହଣେ ପ୍ରାତଃ ସ୍ନିଗ୍ଧ ଲାଗୁଛି ॥

ଜୀବନର ଗୀତି ବେସୁର୍ ହେବା ପୂର୍ବରୁ
ଚାଲ, ସମାଜେ ଜାଗ୍ରତ ପ୍ରହରୀ ସାଜିବା
ଏକ ଭିନ୍ନ ବିଶ୍ୱର ପରିକଳ୍ପନା ସାଥେ
ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାର ରାହା ଦେଖାଇବା ॥

ସୁପ୍ତ ଅନ୍ତର୍ନିହିତ ଶକ୍ତି ଉଜାଗର କରି
ନଗ୍ନ ବାସ୍ତବିକତାକୁ ଆବୋରି ନେବା
ନିଜଜୀବନ ଶୈଳୀକୁ ସମୀକ୍ଷା କରି
କିଛି ତୁମର କିଛି ମୋର ଭୂଲ ସୁଧାରିବା ॥

ଶିକ୍ଷୟିତ୍ରୀ, ନୟାଗଡ

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଅପହରଣ

## (ଗପ ହେଲେ ବି ସତ)



ଯନ୍ମେଜୟ ପଣ୍ଡା

ଏମିତି କେବେ ମୋ ସହ ଘଟିବ ବୋଲି ମୁଁ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । କିଛି ମୁହୂର୍ତ୍ତ ପାଇଁ ମୁଁ କିଂକର୍ତ୍ତବ୍ୟ ବିମୂଢ ହେଇଯାଇଥିଲି । ସିନେମାରେ ଚାକ୍ଷୁଷ କରିଥିବା ଘଟଣାଟିଏ ପରି ମୋ ଆଖି ସାମ୍ନାରେ ଘଟିଯାଉଥିଲା ସବୁ କିଛି । ମୁଁ ବୁଝିପାରୁନଥିଲି ବିବେକକୁ ସବୁଦିନପାଇଁ ବନ୍ଦୀ କରିଦେଇ ଜଣେ ଅବିବେକୀ ପୁରୁଷ ପାଲଟିଯିବି ନା ମନ ଆଉ ବିବେକର ଛକଶୂନ ଖେଳରେ ବିବେକର ପକ୍ଷ ନେଇ ତାକୁ ଜିତେଇଦେଇ ମାନବିକତାର କର୍ତ୍ତବ୍ୟ ସମ୍ପାଦନ କରିବି ।

ମୁଁ ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ନାସନାଲ ଇନଷ୍ଟିଚ୍ୟୁଟ ଅଫ ରିହାବିଲିଟେସନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ଫିଜିଓଥେରାପିର ତୃତୀୟ ବର୍ଷର ଛାତ୍ର । ସେଇଠି ଘରଟିଏ ଭଡା ନେଇ ରହୁଛି ଏକାକୀ, ଏଇ କେଇ ମାସ ହେବ । ସବୁବେଳେ ଏକା ରହିବାକୁ ମତେ ଭଲ ଲାଗେ । କ୍ଲାସରେ ବି ଖୁବ ଚୁପଚାପ, କେହି ପଚାରିଲେ ପଦେ କୁହେ ନହେଲେ ମୂକ ପରି ବସିରୁହେ । ମୁଁ ନିଜ ଭିତରେ ନିଜକୁ ଖୋଜିବାକୁ ଚେଷ୍ଟା କରେ । ଅବଶ୍ୟ କେହି କେହି ବିବେଚନା କରନ୍ତି ମତେ ଅହଙ୍କାରୀ, ଗର୍ବୀଟିଏ ବୋଲି ପରନ୍ତୁ ମତେ ଯେ ଅଧିକ ଗପିବା ଅବା ନିଜର ଚାତୁର୍ଯ୍ୟ ଦେଖେଇବାର କଳାଟି ଯେ ଜଣା ନାହିଁ ମତେ ସେମାନେ ଭଲା କେମିତି ଜାଣନ୍ତେ । ଝିଅସାଙ୍ଗ ତ ଦୂରର କଥା ପୁଅ ସାଙ୍ଗ ବି ମୋର ଖୁବ କମ । ହୁଏତ ଖୁବ କମ କଥା ହୁଏ ବୋଲି ବୋଧେ ସେମାନେ ବି ଯଥେଷ୍ଟ ଦୂରତା ଅବଲମ୍ବନ କରନ୍ତି ମୋ ଠାରୁ । ହଁ, ବେଳେବେଳେ ଦୁଃଖ ଲାଗେ ତଥାପି କାହିଁକି କେଜାଣି ମୁଁ ଚାହିଁଲେ ବି ମିଶିପାରେନା ଅନ୍ୟ ମାନଙ୍କସହ । ଲେଖକଟିଏ ହେଲେ ବି ଲେଖକର ପରିଚୟ କି ମାନପତ୍ର ଟିଏ ଏଯାଏଁ ମିଳନାହିଁ । ତଥାପି ବି କେବେ ଦୁଃଖ କରିନାହିଁ । "ଲେଖକଟିଏ ଯେ

ସମାଜ ସୁଧାରିବା ପାଇଁ ଲେଖନୀ ଧରିଥାଏ, ମାନପତ୍ର କମ୍ବା ପରିଚୟ ପାଇଁ ନୁହେଁ "-ଏ କଥା ବୁଝିବା ପାଇଁ ମୋର ଅଛପା ନଥିଲା । ସବୁବେଳେ ଲେଖନୀ ଆଉ ମୋର ଇଷ୍ଟ ସାଇବାବା ଙ୍କୁ ବନ୍ଧୁ ମାନନେଇ ଏକାକୀ ଗ୍ଭଲିଥାଏ ମୋ କର୍ମପଥରେ କର୍ମବୀରଟିଏ ସାଜି ।

ସେଦିନ ଥାଏ ମଙ୍ଗଳବାର । ସକାଳୁ ସକାଳୁ ମୋବାଇଲଟି ଥରି ଉଠିଲା । ମୋବାଇଲର ଗ୍ରୀନ ବଟନଟିକୁ ଚପି କାନପାଖେ ଦେବାରୁ ଜାଣିବାକୁ ପାଇଲି କଲଟି ମୋର ସାନ ମାଉସୀଙ୍କର ବୋଲି । ସେପଟୁ ସେ କହିଲେ ତାଙ୍କ ଶ୍ୱଶୁରଙ୍କର ସେଦିନ ବର୍ଷିକଆ ଏବଂ ମତେ ଯେମିତି ହେଲେ ସନ୍ଧ୍ୟା ପୂର୍ବରୁ ଖୋର୍ଦ୍ଧା, ବେଗୁନିଆସ୍ଥିତ ତାଙ୍କ ଘରେ ପହଂଚବାକୁ ପଡିବ ଯେହେତୁ ମୋର ବାବା, ମାମା ଅନୁପସ୍ଥିତ ରହିବେ । ମୁଁ ତୁରନ୍ତ ହଁ ଟିଏ ଭରିଲି । ଆଉ ମନେ ମନେ ନିଷ୍ପତି କଲି ଯେ ପି.ପି. ସାର ଙ୍କ କ୍ଲାସ ସରିଲା ପରେ ମୁଁ ବାହାରିଯିବି ବୋଲି । ସାରଙ୍କୁ ମୋର ପ୍ରାଣର ଭୟ । ପି.ପି ସାର ବହୁତ ସ୍ନେହୀ ହେଲେ ବି କାହିଁକି କେଜାଣି ମତେ ତାଙ୍କ ସାମ୍ନାକୁ ଯିବାକୁ ଭାରି ଡର ଲାଗେ । ହୁଏତ ତାହା ଡର ନୁହେଁ ପିଲାଟି ଦିନରୁ ଗୁରୁଙ୍କ ପ୍ରତି ରହି ଆସିଥିବା ଅହେତୁକ ଭକ୍ତି, ଶ୍ରଦ୍ଧା ବୋଲି ଆପଣ କହିପାରନ୍ତି । ତାଙ୍କ କ୍ଲାସ୍ ଭଲା କେମିତି ମୁଁ ନ କରି ଗ୍ଭଲିଯାଇ ପାରିଥାନ୍ତି ।

ଯଥା ସମୟରେ କ୍ଲାସଟି ସରିଲା । ସମୟ ପାଖାପାଖି ୧ଟା ହେଲାଣି । ପାଖ ମାମାଲି ହୋଟେଲ ରେ ମିଲ ଖାଇଦେଇ ବାହାରିଲି ମୁଁ ମୋର ମାଉସୀ ଘର ବେଗୁନିଆ ଅଭିମୁଖେ । ବାଇପ୍ଭେଇ ଛକରୁ ଅନେକ ବସ ନଖରା ଏବଂ ଭୁବନେଶ୍ୱର ଆସୁଥିଲେ ବି ମୋର ଗୋଟିଏ ବଦଭ୍ୟାସ ମୁଁ ବସ ଅପେକ୍ଷା ଅଟୋକୁ ବେଶୀ ପସନ୍ଦ କରେ । ଅଟୋ ମତେ ମୁକ୍ତ ବିହଙ୍ଗ ପରି ଲାଗେ । ଯେଉଁ ବିହଙ୍ଗର ଡେଣାରେ ବସିଲେ ବାଟସାରା ଖାଲି ଖୋଲି ଖୋଲି ପବନ ବହୁଥାଏ ଆଉ ଜୀବନକୁ କେଇ ମୁହୂର୍ତ୍ତ ପାଇଁ ଉପଭୋଗ କରୁଥାଏ ମୁଁ । ହୁଏତ ସେ ବସଠାରୁ ଅଧିକ ଅର୍ଥ ନେଉଥାଇପାରେ ପରନ୍ତୁ ଯାତ୍ରାଟି ଯେ ଆରାମଦାୟକ ହେବ ସେତିକି ଭଲଭାବେ ବୁଝିଯାଇଥିଲି ମୁଁ । ଅଟୋରେ ବସି ଇଅର କର୍ଡ଼ଟିକୁ କାନରେ ଗେଞ୍ଜି ଅକ୍ଷୟ ମହାନ୍ତିଙ୍କ ପ୍ରୀତି ପ୍ରଣୟ ଭରା ଗୀତସବୁ ଶୁଣି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ମଜା ଖୁବ ନିଆରା । ସେଥିପାଇଁ ବୋଧେ ମୁଁ ଯେତେବେଳେ ମାଉସୀ ଘରକୁ ଯାଏ ଅଟୋ

ରେ ବାଇରେ଼ଇରୁ ଫୁଲନଖର଼, ଫୁଲନଖରରୁ ବରମୁଣ୍ଡା ଓ ପୁଣି ବରମୁଣ୍ଡାରୁ ଖୋର୍ଦ୍ଧା ଏବଂ ଖୋର୍ଦ୍ଧାରୁ ପୁଣି ବେଗୁନଆ ଯାଏ । ପାଠକେ ଭାବୁଥିବେ ବୋଧେ ମୁଁ ପାଗଳ ନହେଲେ ଏମିତି କଏ କଣ ଯାତ୍ରା କରେ? ମୋ ମତରେ, "ସବୁ ଲେଖକ ମାନେ ଜଣେ ଜଣେ ପାଗଳ, ପାଗଳାମି ନଥିଲେ ଲେଖନୀରୁ ସାହିତ୍ୟର ନର୍ଝରିଣୀଟିଏ ଝରି ଆସିବା ଭାରି ଅସହଜ ମନେହୁଏ ।"

ଅଟୋରେ ଯାଇ ଖୋର୍ଦ୍ଧାରେ ପହଂଚବା ବେଳକୁ ଅପରାହ୍ନ ୪.୩୦ । ସେଠାରୁ ପୁନଶ୍ଚ ଏକ ଅଟୋ ଧରିଲି ଯାହାକି ନୟାଗଡ଼ ଯାଉଥିଲା । ସେହି ରାସ୍ତାରେ ଗଲେ ବାଘମାରି ଛକପରେ ପଡେ ବେଗୁନଆ ଛକ । ଅଟୋଟିରେ ଥାନ୍ତି ଜଣେ ମାତ୍ର ଯାତ୍ରୀ ଅର୍ଥାତ ମତେ ମିଶାଇ ସମୁଦାୟ ତିନଜଣ । ଅଟୋ ଆଗକୁ ଆଗକୁ ମାଡି ଚାଲିଥାଏ ଗନ୍ତବ୍ୟସ୍ଥଳ ଅଭିମୁଖେ । ପୁବୁସାହି ପରେ ସାରୁଅ ଛକ । ସେଦିନ ଝିପି ଝିପି ବର୍ଷା ହେଉଥାଏ, ତା ସହ ଉଭୟ ପାର୍ଶ୍ୱରେ ଥିବା ଧାନକ୍ଷେତ ଧରଣୀ ଅଳସୀ କନ୍ୟା ପରି ମନେ ହେଉଥାଏ । ସତେ ଅବା ସବୁଜ ରଙ୍ଗର ଶାଢ଼ିଟିଏ କଏ ପିନ୍ଧେଇ ଦେଇଛି । ଏମିତି ଖିଆଲୀ ମନୋଭାବରେ ମୁଁ ଚାହିଁଥାଏ ସେହି ଧାନକିଆରୀ ଆଡକୁ । ଝିପି ଝିପି ବର୍ଷାର ଛିଟା ଛିଟିକ ଆସି ପଡୁଥାଏ ମୋ ଗୋଡ଼ ଦୁଇଟିରେ । ଅବଶ୍ୟ କେତେବେଳୁ ଅଟୋ ଚାଳକଟି ମତେ କହିଲାଣି କପଡା ଡୋରଟି ଟାଣିଦେବାକୁ । ହେଲେ ମତେ ଏ ଅଜଣା ବର୍ଷା ଭାରି ମଜା ଲାଗୁଥାଏ କାହିଁକି ବା ସ୍କ୍ରିନଟିଏ ଟାଣିଦେଇ ନିଜକୁ ସେ ଆନନ୍ଦରୁ ଦୂରେଇ ଦେଇଥାନ୍ତି । ଏମିତି ଭାବୁ ଭାବୁ ହଠାତ ଦେଖିଲି ଧଳା କାର ଟିଏ ଆସି ଅନତିଦୂରରେ ଗତି ମନ୍ଥର ହୋଇଗଲା । ଆମେ କିଛି ବୁଝିବା ଆଗରୁ ଝିଅଟିଏ ଡୋର ଖୋଲି ଡେଇଁ ପଡିଲା ସେହି କାର ଭିତରୁ । କାନ୍ଦି କାନ୍ଦି ବଞ୍ଚାଓ ବଞ୍ଚାଓ ବୋଲି ଚିତ୍କାର କରୁଥିଲା । ତତକ୍ଷଣାତ ୨୮/୩୦ ବର୍ଷ ର ଯୁବକ ଟିଏ ଆସି ତାର ଅଣ୍ଟାକୁ ଧରିନେଲା ଏବଂ ଜୋର କରି କାର ଭିତରକୁ ଟାଣିନେଉଥିଲା । ସିନେମାର ଚନ୍ଦ୍ରନାଟ୍ୟ କେହି ଜଣେ ପ୍ରସ୍ତୁତ କଲାପରି ଘଟିଯାଉଥିଲା ସବୁ ଘଟଣାବଳୀ । ଧୀରେ ଧୀରେ ଆମ ଅଟୋ ସେହି କାର କୁ ଅତିକ୍ରମ କରି ଆଗକୁ ଚାଲିଯିବାକୁ ବସିଲା । ଅଟୋ ଟିକୁ ଦେଖି ଝିଅଟି ବିକଳରେ ବହୁତ ଜୋରରେ ଚିତ୍କାର କରିବାକୁ ଲାଗିଲା ଏବଂ ମଝିରେ ମଝିରେ କହୁଥିଲା, "ଭାଇମାନେ ଦୟାକରି ସାହାଯ୍ୟ କର ମତେ !"

ମୁଁ ଅଟୋ ଗ୍ଭଳକଙ୍କୁ କହିଲି, "ଭାଇନା ଅଟୋ ରଖ, ଆମେ ସେ ଝିଅଟିକୁ ସାହାଯ୍ୟ କରିବା ଉଚତ ।" ଆମେ ତିନଜଣ ଅଟୋରୁ ଓହ୍ଲେଇ ପଡ଼ିଲୁ । ଅବଶ୍ୟ ଟିକଏ ପୂର୍ବରୁ ଅଟୋ ଗ୍ଭଳକ ଭାଇନା ମତେ ସଚେତନ କରେଇ ଦେଇଥିଲେ ଯେ ଏମିତି ସବୁ ଘଟଣା ଏହି ନକାଞ୍ଚନ ଗ୍ରସ୍ତାରେ ଅତି ସାଧାରଣ କଥା । କେତେକ ବେଶ୍ୟାଶ୍ରେଣୀର ଝିଅ ସେହି ଗ୍ରସ୍ତାରେ ଯାତ୍ରୀଙ୍କୁ ଅଟକେଇ ଏମିତି ପରିସ୍ଥିତିଟିଏ ସୃଷ୍ଟି କରି ହରିଲୁଟ କରିନଅନ୍ତି ବୋଲି । ତଥାପି ମୋ ଦରଦୀ ହୃଦୟଟା ମାନୁ ନଥିଲା । ଯିଏ ପିମ୍ପୁଡି କ ଜନ୍ତାଟିଏ ଅସୁବିଧାରେ ପଡିକ ଛଟପଟ ହେଉଥିଲେ ତାଙ୍କୁ ଉଦ୍ଧାର କରିବାକୁ ଆଗେଇଆସେ ସେ ଏତେ ବଡ଼ ଘଟଣାଟାକୁ ଦେଖିସାରିଲା ପରେ କେମିତି ଆଖି ଫେରେଇ ନେଇ ପାରିଥାନ୍ତା । ମନେ ମନେ ସ୍ଥିର କଲି ଯଦି ସେମାନେ ଯୋଜନା କରି ମତେ ଲୁଟିବାର ଥିବ ତେବେ ଲୁଟି ନଅନ୍ତୁ କନ୍ତୁ ଝିଅଟିକୁ ସାହାଯ୍ୟ ନ କରି ମୁଁ ଯିବିନାହିଁ । ସେତେବେଳକୁ ସନ୍ଧ୍ୟାବି ହେଇସାରିଲାଣି । ଆମେ ତିନଜଣ ସେହି କାର ପାଖକୁ ଗଲୁ । କୌଣସି ଅଜଣା ବ୍ୟକ୍ତିଙ୍କୁ ଯେବେ ମୁଁ ଦେଖେ ପ୍ରଥମେ ତାର ଆଖି ଦୁଇଟିକୁ ମୁଁ ଦେଖିବାକୁ ଚେଷ୍ଟା କରେ ।" କାହିଁକ ନା ମଣିଷର ଆଖିରୁ ଜଣା ପଡ଼ିଯାଏ ସେ ସତର ପକ୍ଷରେ ଅଛି ନା ମିଛ ପ୍ରରୋଚନା କରୁଛି ।" ଝିଅଟିର ଆଖିରେ ଭୟ ଆଉ ଦୁଃଖର ମିଶାମିଶି କଳା ବାଦଲଟିଏ ଘୋଟି ରହିଥିଲା । ଅନ୍ୟ ଯାତ୍ରୀ ଜଣକ ଏବଂ ଅଟୋ ଗ୍ଭଳକଟି ସେହି ୨୮/୩୦ ବର୍ଷ ର ଯୁବକକୁ ଗାଳଗୁଲଜ କରିବା ସହ ମାଡ଼ ମରିବାକୁ ଲାଗିଲେ । ହଠାତ ମୋ ମୁଣ୍ଡରେ ବୁଦ୍ଧିଟିଏ ଜୁଟିଲା । ମୋବାଇଲଟିକୁ ପକେଟରୁ କାଢି ମୁଁ କହି ଉଠିଲି, "ରହ ମୋ ଦାଦାଙ୍କୁ କଲ କରୁଛି ଏଇ ବେଗୁନଆ ଥାନାରେ ତ ଅଛନ୍ତି !" ଏତିକ କହିବା କ୍ଷଣି ସେହି କାର ରେ ଯୁବକ ଜଣକ ବସି ପଡି ଡୋର ଲକ କରି ଆଖି ପିଛୁଳାକେ ଅନ୍ତର୍ଧ୍ୟାନ ହୋଇଗଲେ । କନ୍ତୁ ମୁଁ କାରର ନମ୍ବରଟିକୁ ନୋଟ କରିବାକୁ ଆଦୌ ଭୁଲି ନଥିଲି ।

ସେହି ଝିଅଟି ଠାରୁ ପର ମୁହୂର୍ତ୍ତରେ ଜାଣିବାକୁ ପାଇଲୁ ଯେ ସେମାନେ ତାକୁ ବୋଲଗଡରୁ ଉଠେଇ ଆଣିଥିଲେ ସୁଦୂର ବାଙ୍ଗାଲୋରରେ ଗ୍ଭକରୀ ଦେବାର ପ୍ରଲୋଭନ ଦେଖାଇ । ଝିଅଟି ଥିଲା ଦଳତ ପରିବାରର । ମାଆ ପିଲାଦିନୁ ଆରପାରିରେ । ଖୁବ ଗରିବ ପରିବାରର, ସ୍ଥାନୀୟ ହୋଟେଲରେ ବାସନ ମାଜି ଦି ପଇସା ପାଉଥି ।

ସେଦିନ ହୁଏତ ମୋ ବିବେକ ମତେ କୁଠାରଘାତ ନ କରିଥିଲେ ଜନ୍ମିଥାନ୍ତା ପୁଣି ଗୋଟିଏ ନର୍ଭୟା କ ଛବିଗ୍ରଣୀ ପରି ଅସହାୟ ନାରୀଟିଏ ଯିଏ ଯୁଝୁଥାନ୍ତା ବର୍ଷ ବର୍ଷ ଧରି ନ୍ୟାୟପାଳକା ଆଗରେ । ମାଉସୀ ଘରେ ପହଁଚଲ୍ ବେଳକୁ ସନ୍ଧ୍ୟା ୭.୩୦ । ମନରେ କେଉଁ ଏକ ଅଜଣା ଆନନ୍ଦ ଫୁଟି ଉଠୁଥାଏ । ଏ ବିଷୟରେ କାହାକୁ କଛି କହିଲି ନାହିଁ । କହିଲି ନାହିଁ ଏଇଥିପାଇଁ ଯେ ବାବା, ମାମା ମାଉସୀ ଏମାନେ ସମସ୍ତେ ମୋ ଆତ୍ମୀୟ ସେମାନେ ନଶ୍ଚୟ ମତେ ଉପଦେଶ ଦେଇଥାନ୍ତେ ଯେ, "ଆଜି ଯଦି ତାକୁ ସାହାଯ୍ୟ କରିବା ଚକରରେ ତୋର କଛି ଅସୁବିଧା ହୋଇଥାନ୍ତା? "ଆଜି ଦୀର୍ଘ ବର୍ଷେ ପରେ ମୋ ମାନସ ପଟ୍ଟରେ ଉଙ୍କି ମାରିଲ୍ ଘଟଣାଟି ବୋଧେ ସମାଜକୁ ଆଉ ଟିକେ ସଚେତନ କରିବାର ଦାୟିତ୍ୱବୋଧତା ପାଇଁ । କେହି ତ ଜଣେ ଏ କାହାଣୀ ପଢ଼ିସାରିଲ୍ ପରେ ନଜର କର୍ତ୍ତବ୍ୟ ସମ୍ବନ୍ଧରେ ଅବଗତ ହୋଇପାରିବେ ।

(ନଜ ପାଇଁ ବଞ୍ଚିବାକୁ ଜୀବନ କୁହାଯାଏନାହିଁ ଅନ୍ୟପାଇଁ ବଞ୍ଚିବାକୁ ଜୀବନ କୁହାଯାଏ )

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କରୋନା ଚେତନା



ନରେଶ କୁମାର ତ୍ରିପାଠୀ

କେନୁ ଆସିଗଲା ଡେଗା ବେମାରି
ହଜାର୍ ଲୋକକୁ ଦଉଛେ ମାରି
କରୋନା ବଏଲେ ଭଏ,
ଭଟାକେ ବାହାରି ନାଇଁପାରୁ ଧନ
ମନକେ କେ କରିଥା ଥଏ ॥
ଘଡେକେ ଛନେକେ ଧୁଇବୁ ହାତ୍
ସାଫ୍ ଥିଲେ ସିନେ ଦେବୁଗା ମାତ୍
କରୋନାନୁହେବୁ ଜଏ,
ଭୁକେମରିତରି ଜୀବନ୍ ଥିଲେ ଧ୍ରି
ତେହେରୁ ରେ ଆଏ ବଏ ॥
ନାଇଁ ହୁଅ ବାବୁ ପାଁଚଲୁକଆ
ଘରେ ରହିଥିବ ଲୁକଲୁକଆ
ସଁସାର୍ କରୋନାମଏ,
ଜୀଇଁ ଜାଗିଥିଲେ ଖିବ୍ ପୀରତି
ନାହେଲେ ମରନ୍ ତଏ ॥
ନାଇଁନ କରୋନାର୍ ଉଷୋକ କଷା
ଲାଗିଗଲେ ହେବା ମରନ୍ ଦଶା
ଚେତନା ଜରୁରୀ ଆଏ
ପଏସା କଉତଥି ଘିନନାଇଁପାରୁ
ଖିବ୍ ରେ ମୁନୁଷ ତୁଇ ଘାଏ ॥

ଇଚ୍ଛାପୁର, ଓଡିଶା

# ମେଡ୍ ଇନ୍ ଚ୍ଚଇନା ପୁଣି କରୋନା

ଖଗେଶ୍ୱର ବାଗ

ଟୁଥ୍ ପେଷ୍ଟ ଠାରୁ ଫାଷ୍ଟ ଫୁଡ୍ ତକ୍ ଖେଳଣା ଠାରୁ ପିନ୍ଧନା ତକ୍
ଖାନା ପିନା ଉଠନା ବସନା ଦୁନଆଯାକ ଛାଇଲା,
ମେଡ୍ ଇନ୍ ଚ୍ଚଇନା ଇଟା ଫେର୍ କରୋନା ଆଏଲା ।।
ଭିଭୋ ଅପୋ ମୋବାଇଲ କେତେ ଅଲିକମ୍ ସୁଜୁନ୍ ମେକାକୋ
ସତେ ପଙ୍ଖା ଘଡି କମ୍ପ୍ୟୁଟର୍ ଆର୍ ଘର୍ କେ ସବୁ ଘାଇଲା,
ସ୍ୱଦେଶୀ ଜିନଷ୍ ବଢେ ସୁଆଦ୍ ଗାନ୍ଧୀର୍ ନୀତି ଧରିଲା ।।
ଅଣ୍ଡା ଚ୍ଚଉଳ ସେଓ କୋବି ପ୍ଲାଷ୍ଟିକ୍ ତିଆରି କଣୁଛେ ବିବି
ସାପ୍ ଟେଣେକୋ କୀଡା ମକୋଡା କାଏଯେ ମୁନୁଷ୍ ଖାଏଲା,
ଶାଗ୍ ପଖାଳେ ଯେନ୍ ଭିଟାମିନ୍ ନକଲି ଥି କା'ଣା ଥିଲା ।।
କରୋନା ଭାଇରସ୍ ହେଲା କାଳ୍ ଚ୍ଚଲ୍ ଯଲଦି ମଶାନ୍ ଖାଲ୍
ସର୍ଦ୍ଦି ଖାସି ହାତ୍ ମିଲା ଆର୍ ନାକ୍ ଜୁଝାଜୁଝି ମାଇଲା,
ମରନ୍ ବି ଦିନେ ମେଡ୍ ଇନ୍ ଚ୍ଚଇନା କଏ କେବେ ଭାବିଥିଲା ?
ସାମାଜିକ୍ ଜୀବ୍ ସମାଜ୍ ଠାରୁ ଦୂରେଇ ରହ
କୀଟାଣୁ ମରୁ ଲକ୍ ଡାଉନ୍ ଟା ଦୁନଆଯାକ ସଂକ୍ରମଣ୍ କେ କମାଲା,
ଡାକ୍ତର୍ ଟା ଦେବତା ଦେବ୍ ଦୂତ ପୋଲିସବାଲା ।।
ଜଡ଼ିବୁଟି ଆର୍ ଖାଏଲେ ତୁଲସୀ ମୁହଁ କେ ମାସ୍କ ଲଗେଇ
ଥିସି ଉଷୁମ୍ ପାଏନ୍ ଦେହେ କେ ହିତ୍ ରୋଗର୍ ଘର୍ ଭାଙ୍ଗିଲା,
ଚରକ୍ ଶୁଶ୍ରୁତ୍ ପତଞ୍ଜଳୀ ଯାହା କେ ଭାରତ୍ ପାଏଲା ।।
ଦୁନଆ ଚ୍ଚହିଁଛେ ଭାରତ୍ ଦେଶ୍ ବଇଦିକ୍ ରୀତି ନୀତି
ଉପଦେଶ୍ ହାତ୍ ଯୋଡି କରି ଜୁହାର୍ ଆର୍ ସନମାନ୍ ଦେବା ଶିଖାଲା,
ସେ ସଂସ୍କୃତି କେ ଦୁନଆ ଆଏଜ୍ ନଜର୍ ଭାବିନେଲା ।।

ନୂଆପଡ଼ା

# ବିଷକନ୍ୟା



ପ୍ରଶାନ୍ତ କୁମାର ପଧାନ

ମିଠା ଜହର ଗୋ ସାଥି ତୁମ ପ୍ରେମ
ଖେଳଗଲ୍ ଦେହସାର୍
ପତଙ୍ଗର ପରି ଜାଳଦେଲ୍ ମୋତେ
କରିଦେଲ୍ ବେସାହାର୍ ॥
ବିଛୁଆତିକୁ ମୁଁ ତୁଳସୀଟେ ଭାବି
ଦେହସାର୍ ବୋଲହେଲି
ରକତ ଅଶ୍ରୁରେ ଭିଜିଗଲ୍ ଦେହ
ପ୍ରେମରେ ମୁଁ ହାରିଗଲି ॥
ମହୁରେ ବି ଥାଏ ହଳାହଳ ବିଷ
ତୁମେ ଯେ ଉଦାହରଣ
ମୃତ୍ୟୁବିନା ମତେ ଦେଖେଇଦେଲ ଗୋ
ଜୁଇନଆଁର ଶ୍ମଶାନ ॥
ବିଷକନ୍ୟା ତୁମେ ଜାଣି ପାରିଲିନ
ପଡ଼ିଗଲି ତୁମ ପ୍ରେମେ
କଳା ନାଗୁଣିର ଦଂଶନର ଜ୍ୱାଳା
ଜାଳେ ଏବେ ପ୍ରତିକ୍ଷଣେ ॥
ସ୍ୱର୍ଗସୁଖ ବୋଲି ଦେଖେଇଲ ନର୍କ
ଡାକଆଣି ମରଣକୁ
ତଥାପି କାହିଁକି ହୃଦୟ ବୁଝେନ
ଭୁଲେନାହିଁ ଗୋ ତୁମକୁ ॥

ବୁରେ୍ମୁଣ୍ଡା, ବରଗଡ଼

# ଭୋକର ଭୂଗୋଳ



କେଶରୀ ପ୍ରସାଦ ମହାନ୍ତି

ଆଣ୍ଠୁ ଉପରେ ମୁହଁ ମାଡି ହାତ ଦୁଇଟିକୁ ଛନ୍ଦି ଅଲଗା କେଶ କରି ବସି ରହିଛି ପ୍ରଜ୍ଞା । କେଉଁ କେତେଦିନରୁ କେଜାଣି ଏମିତି ବସି ରହିଛି ସେ । ଗଛ ଆଢୁଆଳରୁ ତାକୁ ଦେଖୁଥାଏ ସୁସାନ୍ତ । ଏତିକବେଳେ ହଠାତ୍ ପ୍ରଜ୍ଞା ରୋମନ୍ଥନ କରୁଥାଏ ତାର ପୁରୁଣା ସ୍ମୃତିକୁ । ଭୋକ ପାଇଁ ମଣିଷ ଯେ କଣ ସବୁ କରିପାରେ ସେକଥା ଭାବିଲା ବେଳକୁ ତାକୁ ଯେତିକି ଦୁଃଖ ଲାଗୁଥିଲା ତା ଠାରୁ ଅଧିକ ଲାଗୁଥିଲା ଘୃଣା । ଭୋକ ପାଇଁ ଯେ ମନୁଷ୍ୟ କେତେ ପାପ କରିପାରେ ତାର ପ୍ରମାଣ ଇତିହାସ ଦେଇଥିଲେ ମଧ୍ୟ ଆଜି ଏ ସବୁ ତୁଚ୍ଛ ହୋଇଯାଇଛି ପ୍ରଜ୍ଞା ଆଗରେ । ଏ ସବୁ ଉଦାହରଣକୁ ପଛରେ ପକାଇ ସେ ପାଲଟି ଯାଇଛି ଏକ ନୂଆ ଉଦାହରଣ । ତାର ଭୂଗୋଳ ହିଁ ତାର ବର୍ତ୍ତମାନ । ସମସ୍ତେ ନିଜ ନିଜର ଭୋକକୁ ମେଣ୍ଟାଇବା ପାଇଁ ତାକୁ ଯେ କିଭଳିଭାବେ ଚିତ୍ରଣ କରିଛନ୍ତି ସେ କଥା ଭାବିଲେ ତାକୁ ଦୁଃଖ ଲାଗେ । କେତେବେଳେ ପଶାପାଲି ର ଅକ୍ଷାଂଶ ଉପରେ ପଶାଗୋଟି ତ କେତେବେଳେ ଲୁଡୁ ପଟିର ଦ୍ରାଘିମା ଉପରେ ସାପ ସିଡିର ଖେଳ ଦାନ ସଜାଇ ଦେଇ ନିଜର ଭୋକରେ ପରିସମାପ୍ତି କରିଛନ୍ତି ସେ କଥା ଭାବି ଭାବି ତା ଆଖି ବୋଧହୁଏ ଶୁଖିଗଲାଣି । ହଁ, ଏଥିପାଇଁ ବା ତା ପାଖରେ ଅନ୍ୟ ଉପାୟ ବି କଣ ଅଛି ।

କିନ୍ତୁ ଆଜି ର ଏ ସମାଜ ଆଗରେ ପ୍ରଜ୍ଞାର ଭୌଗଳିକ ମାନଚିତ୍ରଟି କଳୁଷିତ ହୋଇଯାଇଛି । କେତେବେଳେ ଅବଶାଦର ଗ୍ଳାନିର ଉତ୍ତର ମେରୁରେ ଜମାଟ ବାନ୍ଧିଥିବା ଲୁହ ତ ଆଉ କେତେବେଳେ ଅଭିମାନର ଦକ୍ଷିଣ ମେରୁରେ ଗ୍ଲାସିଅର ସାଜିଥିବା କୋହ ପାଲଟିଯାଇଛି ତାର ଜୀବନ ।

ତାର ଜୀବନଟାରେ ଏମିତି କେତେ ଯେ ଭୂ-ଉଚ୍ଛାଙ୍ଗ ପରି ସମସ୍ୟାମାନ ଅଭରେଷ୍ଟ ଶୃଙ୍ଗ ପରି ମୁଣ୍ଡ ଟେକିଛି ସେ ସେ କଥାକୁ କେବେ କଳନା କରିନି କିମ୍ବା ତା ଲୁହ ସମୁଦ୍ରର ମାରିଆନା ଖାତ ର ଗଭୀରତା କୁ ସେ କେବେ କଳ୍ପନା କରିନାହିଁ ।

ହେଲେ, ଏସବୁ ମଧ୍ୟରେ ସୁଧା ଆଜି ବି ହିମାଳୟ ପର୍ବତ ପରି ତରୁଣ ଭଙ୍ଗିଳ ଏବଂ ସର୍ବସଂହା ଧରିତ୍ରୀ ପରି ଉଦାର ।

ସମସ୍ତଙ୍କ ଭୋକକୁ ମେଣ୍ଟାଇବାକୁ ଯାଇ ସେ ଯେ କେତେ ଦିନରାତି ଭୋକ-ଓପାସରେ ରହିଛି ସେ ହିସାବ କିନ୍ତୁ କାହା ପାଖରେ ନାହିଁ । ନିଜ ଦେହର ଭୋକକୁ ମେଣ୍ଟାଇବାକୁ ଯାଇ କୋଉ ମା ତାକୁ ଜନ୍ମଦେଲା ପରେ ରାସ୍ତା କଡ ଡଷ୍ଟବିନ୍ ରେ ପକେଇଦେଇ ଚାଲିଗଲା ସେ କଥା ସେ ନିଜେ ଜାଣିନି । ଏଣୁ ଆଜି ପ୍ରଜ୍ଞାର ଏମିତି ପରିସ୍ଥିତି ପାଇଁ ତାର ଜନ୍ମଦେଲା ମା ହିଁ ଦାୟୀ ବୋଲି ସେ ଭାବେ ଓ ଭାବୁଥାଏ ଯଦି ତା ମା ଜନ୍ମଦେବା ପୂର୍ବରୁ ସେ ତା ମା ପେଟରେ ମରିଯାଇଥାନ୍ତା, ବୋଧହୁଏ ଆଜି ତାକୁ ଏ ଦିନ ଦେଖିବାକୁ ପଡିନଥାନ୍ତା । ଏଥିପାଇଁ ବହୁତ ସମୟରେ ସିଏ ତା ନିଜ ଭାଗ୍ୟକୁ ନିନ୍ଦା କରେ ।

ସେ ଯାହା ବି ହେଉ, ବନ୍ଧ୍ୟା ଦୋଷରୁ ମୁକ୍ତି (ମାତୃତ୍ୱ ଭୋକ) କୁ ପୂରଣ କରିବାକୁ ଯାଏ ସେଦିନ ଡଷ୍ଟବିନ୍ ରୁ ଉଠାଇ ଆଣିଥିଲେ ଜଣେ ସହୃଦ ଦମ୍ପତ୍ତି । ହେଲେ ସେମାନଙ୍କର ନିଜସ୍ୱ ସନ୍ତାନ ପ୍ରାପ୍ତି ହେଲାପରେ ସେମାନଙ୍କର କ୍ଷୁଧା ଏକାଥରେ ପୂର୍ଣ୍ଣ ହୋଇ ଆତ୍ମତୃପ୍ତି ଲଭିଲେ, ଏଣୁ ପୁଣି ଅନାଥ ପାଲଟି ଗଲା ପ୍ରଜ୍ଞା ।

ଯାହା ବି ହେଉ ଏସବୁ ସତ୍ତ୍ୱେ ବି ସେ ତା ପୋଷ୍ୟ ପିତାଙ୍କ ନିକଟରେ ଋଣି । ସ୍ନେହ ଶ୍ରଦ୍ଧା ନହେଲା ନାହିଁ, ମୁଣ୍ଡ ଗୁଞ୍ଜିବାକୁ ଚାଳ ଓ ପେଟ ପୁରିବାକୁ ଯେଉଁ ତୋରାଣି ଟିକିଏ ତାକୁ ଦେଇଛନ୍ତି ସେତିକ ହିଁ ତା ପାଇଁ ବହୁତ କିଛି । ଅବଶ୍ୟ ଏମାନଙ୍କ ପାଇଁ ସେ କେବେ ଭୋକ ଶବ୍ଦଟିକୁ ଅନୁଭବ କରିନଥିଲା ।

ତା ପୋଷ୍ୟ ମାତାଙ୍କ ମାତୃତ୍ୱ ଭୋକଠୁ ବଳିଗଲା ତା ପୋଷ୍ୟ ପିତାଙ୍କ ଅର୍ଥ ଉପାର୍ଜନ ଭୋକ । ଶେଷରେ ଅର୍ଥଲୋଭରେ ପ୍ରଜ୍ଞାକୁ ପରଦୁଆରରେ କାମ କରିବା ନିମିତ୍ତ ପଠାଇ ଦେଇ ନିଜର ମୁଣ୍ଡର ବୋଝକୁ ହାଲୁକା କରିବା ନିମିତ୍ତ କ୍ରିତଦାସୀ ଟିଏ ସଜାଇ ଦେଲା । ସେଇ ତେର-ଚଉଦ ବରଷରୁ ପ୍ରଜ୍ଞା ସାଜିଗଲା କ୍ରିତଦାସୀଟିଏ ।

ହେଲେ ପ୍ରଜ୍ଞାର ନୂଆ ମାଲିକ ଖୁବ୍ ଭଲ ଥିଲେ । ତାଙ୍କର ଦୁଇଟି ପୁଅ ଥିଲେ । ସ୍ତ୍ରୀ କିନ୍ତୁ ମରିଯାଇଥିଲେ । ସେ କିନ୍ତୁ ପ୍ରଜ୍ଞାକୁ ଝିଅର ସ୍ନେହ ଦେଇ ଲାଳନ ପାଳନ କରିଥିଲେ । ହେଲେ ସେ ଖୁସି ବେଶିଦିନ ଗଲାନି । ହଠାତ୍ ଦିନେ ହୃଦଘାତରେ ମାଲିକଙ୍କର ମୃତ୍ୟୁ ଘଟିଲା ଆଉ ତାର ପରେ ପରେ ମାଲିକଙ୍କ ବଡ ପୁଅର ବାହାଘର । ବାହାଘର ପରେ ଯୋଉ ଟିକିକ ମମତାର ଭୋକ ଥିଲା, ମାଲିକ ଙ୍କ ପୁଅ ମନରେ ସେ ସବୁକୁ ଦୂରେଇ ଦେଲା ତାଙ୍କର ନବବିବାହିତା ସ୍ତ୍ରୀ ତଥା ପୁର୍ବତନ ପ୍ରେମିକା ।

ନିଜ ଅଫିସ୍ ରେ ନିଜର ପ୍ରମୋସନ୍ ଭୋକକୁ ପୂର୍ଣ୍ଣ କରିବାକୁ ଯାଇ ନିଜ ସ୍ତ୍ରୀର କୁମନ୍ତ୍ରଣାରେ ପଡି ନିଜ ମାଲିକଙ୍କ କାମନାର ଭୋକକୁ ମେଣ୍ଟାଇବାକୁ ଯାଇ ଅନାଥ ଅଭାଗିନୀ ପ୍ରଜ୍ଞାକୁ ସେଦିନ ସମର୍ପି ଦେଲା ମାଲିକଙ୍କ ପାଖରେ । ଆଉ ତା ପରେ ନାରୀ ଜୀବନର ସର୍ବସ୍ୱ ଭୂଷଣଟିକୁ ଜଳାଞ୍ଜଳି ଦେଲାପରେ ହତଭାଗିନୀର କଳଙ୍କଟିକା ମୁଣ୍ଡରେ ପିନ୍ଧି ଲୁଚ ପଳାଇ ଆସି ବସିଛି ଏଇ ଗଛ ମୂଳେ ।

ଏତିକବେଳେ ହଠାତ୍ ଗଛ ଆଢୁଆଳରୁ ବାହାରି ଆସିଛି ସୁସାନ୍ତ । ପ୍ରଜ୍ଞାର ସୌନ୍ଦର୍ଯ୍ୟରେ ମନ୍ତ୍ରମୁଗ୍ଧ ହୋଇ ନିଜର ପ୍ରେମ ଭୋକରେ ପୂର୍ଣ୍ଣଚ୍ଛେଦ ଆଣି ପ୍ରଜ୍ଞାର ଓଢଣୀ ଟାଣି ବଧୂ ବେଶ ସଜାଇ ନେଇ ଯାଇଛି ନିଜ ଘରକୁ । ହେଲେ ଘରେ କିନ୍ତୁ ପ୍ରଜ୍ଞା ବର୍ତ୍ତିପାରିନି ନିଜର ଶାଶୁଙ୍କ ଛଳନାର ଭୋକରୁ । ନିଜର କୁତ୍ସିତ ମାନସିକତାକୁ ପୂରଣ କରିବାକୁ ଯାଇ ବାମ୍ଫିର ଗଭୀର ଜଳକୁ ପ୍ରଜ୍ଞାକୁ ଠେଲି ଦେଇଛନ୍ତି ତାର ଶାଶୁ ।

ସେଇଠାରୁ ବୋଧେ ପ୍ରଜ୍ଞାର ଜୀବନଙ୍କୁ ଦ୍ୱିଭାଗ କରିଥିବା ବିଶୁଭ ରେଖାର ପରିସମାପ୍ତି ଘଟିବ ବୋଲି ସମସ୍ତେ ଭାବୁଥିଲେ । ହେଲେ ମା ଙ୍କ ନିର୍ଦ୍ଦେଷ ରେ ସୁସାନ୍ତ ନିଜର ପୌରୁଷତ୍ୱର ଭୋକକୁ ମେଣ୍ଟାଇବାକୁ ଯାଇ ଦ୍ୱିତୀୟ ବିବାହ ନେଲେ ।

ହଠାତ୍ ଦିନେ ଗାଁ ଲୋକ ଶୁଣିଲେ ଗାଁ ତଳ ବାଉଁଶ ବଣରେ କିଏ ଗୋଟେ କାନ୍ଦୁଛି । ଗାଁର ପୁରୁଖା ଲୋକେ ବାଉଁଶ ବଣରେ ଏକାଠି ହୋଇ ଘୁରିଆଡେ ଖୋଜାଖୋଜି କରି ଡାକ ପକାଇଲେ – ତୁ କିଏ, କହ**?** କହ**?** କହ**?**

କେବଳ ଗୋଟିଏ ପ୍ରତିଧ୍ୱନୀ ଶୁଭିଲା ଭୋକ, ଭୋକ...ଭୋକ... । ପୁଣି ଦିନେ ଗାଁ ଲୋକେ ନଦୀ କୂଳରେ କିଏ ଗୋଟେ କାନ୍ଦିବାର ଶୁଣିଲେ ଓ ପଚାରିଲେ, ତୁ କିଏ କହ, କହ**?**

ନଦୀର ସ୍ରୋତର ସୁ..ସୁ.. ଗର୍ଜନ କହୁଥାଏ ଲୁହ...ଲୁହ...ଲୁହ...

ଗାଁ ବାଲା ଏ ଘରେ ରାତିରେ ଅନୁଭବ କଲେ କିଏ ଗୋଟେ ରାତିରେ ଛାତ ଉପରେ ଡେଉଁଛି, ଘରକୁ ପଥର ଫୋପାଡୁଛି, ପରଦିନ ସକାଳୁ ସମସ୍ତେ କହିଲେ – "ବୁଭୁକ୍ଷୁ କିଂ ନକରୋତି ପାପମ୍" । ଏହା ବୋଧେ ପ୍ରଜ୍ଞାର ଆତ୍ମାର ଭୋକ ।

ଭୋକର ଭୂଗୋଳ ଆଗେ ମଣିଷ ଯେ ନିଜର ବିବେକ ଶକ୍ତିକୁ ହରାଇ ବସେ, ସେ କଥା ଅନୁଭବ କଲେ ଗାଁ ଲୋକେ ।

ବି.ଦ୍ର.: କୌଣସି ବ୍ୟକ୍ତିଙ୍କର ବ୍ୟକ୍ତିଗତ ବିଗ୍ଭରଧାରାକୁକଷ୍ଟ ଦେବା ଗଳ୍ପର ଉଦ୍ଦେଶ୍ୟ ନୁହେଁ ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

# ଅଭୁଲ୍ ପ୍ରେମ କାହାଣୀ



ପ୍ରଶାନ୍ତ କୁମାର ନାଥ

**ପୁଅ**

ମଥାରେ ତୋହର ଚନ୍ଦନର ଟିପା
ହାତରେ ମେହେନ୍ଦି ନାଇଛୁ
ପଛ କଥା ସବୁ ଭୁଲି ଯାଇ ପ୍ରିୟା
ବଧୂ ବେଶ ଆଜି ସାଜିଛୁ
ବଡୁଅ ପାଣିରେ ଗାଧୋଇ ସାରିତୁ
ନାଲି ପାଟ ଶାଢ଼ୀ ପିନ୍ଧିଛୁ
ଆଉ କାହା ସାଥେ ସାଥି ହେବାପାଇଁ
ବାଟ ତାର ଚାହିଁ ବସିଛୁ ।

**ଝିଅ**

ବଡୁଅ ପାଣିରେ ଗାଧୋଇଛି ସିନା
ପାଦରେ ଅଳତା ନାଇଛି
ଆଉ କାହା ଖୁସି ଦେଖିବା ପାଇଁକି
ବଧୂବେଶ ଆଜି ସାଜିଛି ।
ଆଉ କାହା ପାଇଁ ଲୋକ ଦେଖାଣିଆ
ଓଠରେ ମୋ ହସ ଖେଳୁଛି
ହେଲେ ନକାଞ୍ଚନେ ମନଟା ମୋହର
ତୁମରି ପଥ କୁ ଚାହିଁଛି ।

**ପୁଅ**

ତୁ ପର୍ ସାଜିବୁ ଆଉ କା ଘରଣୀ
କରିଦେଇ ମୋତେ ପର
ପାରୁନାହିଁ ଜାଣି କେମିତି ରହିବି
ତୋ ଠାରୁ ହୋଇ ମୁଁ ଦୂର
ସାଜିଥିଲୁ ମୋର ନଜରୁ ନଜର
ହୋଇଗଲୁ ସ୍ୱାର୍ଥପର
ମୋତେ ଏକା କରି ଆଉକାହା ସାଥେ
ଯାଉଛୁଲେ ଶାଶୂଘର ।

**ଝିଅ**

ଶାଶୂଘର ସିନା ଗ୍ଲଲିଯିବି ମୁହିଁ
ତୁମ ଠାରୁ ହୋଇ ଦୂର
(ହେଲେ) କେମିତି ଭଙ୍ଗିବି ହୃଦୟରେ ମୋର
ତୋଳଅଛ ଯେଉଁ ଘର ।
ତୁମକୁ ଝୁରିବ ପ୍ରତି ମୁହୂର୍ତ୍ତରେ
ନଥାଇ ବି ଅଧିକାର
ହୃଦୟ୍ର ତୁମକୁ ପାରିବନି କହି
କଏ ସେ କରିବ ପର ।

**ପୁଅ**

ହୃଦୟଟା ସିନା ପର କରିବନି
ମୋତେ ସେ ହୋଇବ ଝୁରି
(ହେଲେ) ତୁମେ ଗଲ୍ ପରେ କେମିତି ଜିଇଁବି
ଯିବି ସତେ ପ୍ରିୟା ମରି ।
ଜିଇଁବା ମରିବା ସବୁ ମୋ ସମାନ
ଗ୍ଲଲିଗଲେ ପର କରି

କେତେଦିନ ଆଉ ଜଳ ମରୁଥିବି
ତୁମରି ସ୍ମୃତିକୁ ଧରି ।

### ଝିଅ

ଭୁଲିଯିବ ତୁମେ ସବୁ ସ୍ମୃତି ଆମ
ଭାବିବ ଯାଇଛି ମରି
ଚାଲିଗଲା ପରେ ମିଛରେ କାହିଁକି
ମୋତେତ ହୋଇବ ଝୁରି
ଭାବିନେବ ତୁମେ ଆସିଥିଲି ମୁହିଁ
ଅଦିନଆ ଝଡ଼ ପରି
କିଛିକ୍ଷଣେ ପୁଣି ଫେରି ଚାଲିଗଲି
(ତୁମ) ଖୁସିକୁ ପାଉଁଶ କରି ।

### ପୁଅ

ଭୁଲିବାଟା ନୁହେଁ ଏତେ ଯେ ସହଜ
କହିଦେଲେ ଭୁଲିଯିବି
ଦେହରୁ ମୋହର ଗଲେବି ଜୀବନ
ତୁମକୁ ମୁଁ ଝୁରୁଥିବି ।
ତୁମ ବିହୁନରେ ତୁମକଥା ଭାବି
ଲୁହ ପଛେ ଢାଳୁଥିବି
ଯେତେଦିନ ଥିବି ଏହି ଦୁନିଆଁରେ
ଖୁସି ତୁମ ଚାହୁଁଥିବି ।

### ଝିଅ

ଜାଣିଅଛି ମୁହିଁ ତୁମ ଖୁସି ନେଇ
ଦୂରେ ସିନା ଚାଲିଯିବି
ହେଲେ ତୁମ କଥା ଭାବି ଭାବି ସାଥି

ନତି ପର୍ବ ଜଳୁଥିବି ।
କାଲି ବି ତୁମକୁ ଭଲ ପାଉଥିଲି
କାଲି ଭଲ ପାଉଥିବି
ସବୁଦିନ ପାଇଁ ତୁମେ ମୋ ହୃଦୟେ
ମୁଁ ତୁମ ହୃଦୟେ ଥିବି ।

ବଦ୍ରାହାଲି, ସକାଲବାର୍‌ରୋଡ଼, ଜିଗନହୋବଲି,
ଅନେକଲତାଲୁକ, ବାଙ୍ଗାଲୋର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଖାସ୍ ତୁମରି ପାଇଁ



ସତ୍ୟବ୍ରତ ପ୍ରଧାନ

ଅଦିନ ମେଘର
ବିଜୁଳ ଗୋ ତୁମେ
ପ୍ରୀତିର ଅଫେର୍ ନଇ
ହଜାରେ ଆୟୁଷ
ଗୃହିଁ ବସିଛନ୍ତି
ତୁମକୁ ପାଇବା  ପାଇଁ..
ବିଜନ ରଜନୀର
ଅଦୃଶ୍ୟ ସାଥି ଗୋ
ପିରତୀଗୁପତ ଧନ
ଅୟୂତ ସପନ
ହୁଅନ୍ତି ଉଚ୍ଛନ
ତୋସ୍ୱର୍ଶେ ହବାକୁ ଲୀନ..
ଭ୍ବନା  ମନ୍ଦିରେ
ଅଖଣ୍ଡ ଦୀପ ମୋ
ଅମଳନ ପ୍ରେମଜ୍ୟୋତି
ଜୀବନେ ଅନ୍ଧାର
ଆସବନ ସଖି
ପାଶେ ଥିଲେ ତୁମେ ନତି..

ଫାର୍ମାସିଷ୍ଟ
ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପୂଜାରୀଗୁଡା
ନବରଙ୍ଗପୁର

# କୋରୋନା କରୁଛି ଆକ୍ରମଣ...



ଶିଶିର କୁମାର ସାମଲ

ଜୟ ଜୟ ବୀର ହନୁମାନ,
ଆଜି ଭୟଭୀତ ତୋର ଭକ୍ତଜନ, (୨)
କୋରୋନା ନାମକ ମହାମାରୀ
ପ୍ରକଟ ହୋଇଛି ବିଶ୍ୱ ଭରି,
ଚାଇନା ଦେଶରୁ ତା ଉତ୍ପତ୍ତି,
ଭୟଭୀତ ସାରା ଜନଜାତି।।
ମାଳକା ବଚନ କ ହେବ ସତ
ଧ୍ୱଂସ ହୋଇଯିବ ଏ ଜଗତ,
କୋରୋନା କରୁଛି ଆକ୍ରମଣ
ଗୋଟେ ପରେ ଗୋଟେ ସଂକ୍ରମଣ।।
ରୋକବାକୁ ନାହିଁ ଉପଚାର
ସଚେତନତାକୁ ଦିଅ ଗୁରୁତ୍ୱର,
ବେଳ ଥାଉଥାଉ ରୁହ ହୁସିଆର
କରୋନା ବି ନଷ୍ଟେ ହେବ ଦୂର ।।
ବଜାଇ ରଖିବା ସଭିଏଁ ସାମାଜିକ ଦୂରତା
ସାବୁନୁରେ ହାତ ଧୋଇବା ଭୁଲିବାନ ଏକଥା।।

ଜନଗହଳରୁ ନିଜକୁ ଆମେ ଦବା ଦୂରେଇ
କାଶ ଛିଙ୍କ ଆମେ କରିବା ମୁହେଁ ରୁମାଲ ଦେଇ।।
ମୁହେଁ ମାସ୍କ ଲଗେଇ ସଦା ଯିବା ପଦାକୁ,
ଏଣେତେଣେ ନ ଫିଙ୍ଗି ଡଷ୍ଟବିନ୍ ରେ ଫିଙ୍ଗିବା ତାକୁ ।।
ଥଣ୍ଡା କାଶ ଜ୍ୱର ହୋଇଲେ ଯିବା ଡାକ୍ତରଖାନା,
ସଂକ୍ରମଣ ହେବା ଆଶଙ୍କା ମିଳାମିଶା କରିବା ମନା।।
ମାନୁଥିଲେ ଏହି ଉପାୟ ଛୁଇଁବନି କରୋନା,
କରୋନା ନିଶ୍ଚୟ ହାରିବ ଉଡିବ ସଫଳ ବାନା।।

କଣ୍ଟିପୁର, ଯାଜପୁର

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥମରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# ବନ୍ଧୁତ୍ୱ



ରାଜୁ କୁମାର ପାତ୍ର

ସମୟ ଭୋର ସକାଳ । ସଠିକ ସମୟ ଜଣା ନଥିଲେ ମଧ୍ୟ ସମୟ ପାଖାପାଖି ୫.୪୫ ରୁ ୬.୧୦ ମିନଟ୍ ଭିତରେ। ଅନ୍ତରଙ୍ଗ ବନ୍ଧୁ' ଅମିତ 'ର ଫୋନ୍ କଲ୍ ଶଯ୍ୟାତ୍ୟାଗ କରିବାକୁ ବାଧ୍ୟ କରୁଥିଲା ଯେମିତି । ନିଦ୍ରିତ ଚକ୍ଷୁରେ ଅସହାୟ ଭଙ୍ଗୀରେ ଫୋନ୍ ରିସିଭ୍ କରୁକରୁ ବିପରୀତ ପାର୍ଶ୍ୱ ରୁ କ୍ଷୀଣ ଚାପ ଗଳାରେ ଅଭିମାନ ସ୍ୱରରେ ଅମିତ କହୁଥାଏ -"କ'ଣ ରାଜୁ ପ୍ରତି ଦିନ ତୁ ସଠିକ୍ ସମୟରେ ଫୋନ୍ ମାଧ୍ୟମରେ ମତେ ଜାଗ୍ରତ କରିଥାଉ । ଆଜି ଶୋଇପଡ଼ିଲୁ ନା କ'ଣ ? ଦେହ ଭଲ ଅଛି ତ ? ହଉ ସେମିତି ରେ ବି ଆଜି ବିଳମ୍ବ ହେଲାଣି । ପାଖ ଛକରେ ମୁଁ ତୋର ଅପେକ୍ଷା କରିଛି। ଶୀଘ୍ର ପ୍ରସ୍ତୁତ ହୋଇକି ଆସେ।" ଏକ ନିଶ୍ୱାସ ମଧ୍ୟରେ କହିଗଲା ଅମିତ ।

ରାଜୁ ଓ ଅମିତ ବାଲ୍ୟକାଳରୁ ଅନ୍ତରଙ୍ଗ ବନ୍ଧୁ । ଯେଉଁ ସମୟରେ ହାଫପ୍ୟାଣ୍ଟ ଖଣ୍ଡିଏ ପିନ୍ଧି ଗାଁ ଦାଣ୍ଡ ଧୂଳି ରେ ଅ, ଆ ଲେଖିବାକୁ ଚେଷ୍ଟା କରୁଥିଲେ ସେତେବେଳ ଠାରୁ ସେମାନେ ସାଙ୍ଗ। ହୃଦୟ ମଧ୍ୟରେ ଉଭୟଙ୍କ ପ୍ରତି ଗଚ୍ଛିତ ରହିଥିଲା ଅସରନ୍ତି ଅନାବିଳ ଭଲପାଇବା ।

ଅମିତ କୁ ଆମ୍ବ ଖାଇବାକୁ ଭାରି ପସନ୍ଦ । ଜିଦ୍ ଧରେ ଗାଁ ଶେଷ ମୁଣ୍ଡରେ ଥିବା ଆମ୍ବ ତୋଟା କୁ ଯାଇ ଦୃଷ୍ଟାମି ର ସହ ଆମ୍ବ ଖାଇବାକୁ । ସାଙ୍ଗର ଏତାଦୃଶ ମନୋବଳ ସମ୍ମୁଖରେ ଆମ୍ବ ତୋଟା ମାଲିକ ର ରୁକ୍ଷ କର୍କଶ ତାଗିଦ୍ ସମୂହ ମୂଲ୍ୟହୀନ ହୋଇପଡ଼େ ରାଜୁ ଆଗରେ । ଆମ୍ବ ସଂଗ୍ରହ ସମୟରେ କେତେଥର ରାଜୁ ର କହୁଣୀ କ୍ଷତବିକ୍ଷତ ହୋଇଛି ତାର ସୀମା ନାହିଁ । ଲୋତକ ପୂର୍ଣ୍ଣ ନୟନରେ ଅମିତ ରାଜୁ ର ଖଣ୍ଡିଆ ସ୍ଥାନରୁ

ଧୂଳ ଝାଡ଼ି ଦେବା ପରେ ଯନ୍ତ୍ରଣା ଗୁଡ଼ିକ ଅପସରି ଯିବାକୁ ବାଧ ହୋଉଥିଲେ ଯେମିତି। ଉଭୟଙ୍କମଧରେ ବନ୍ଧୁତ୍ୱ ର ଚେର ଏତେ ଭିତରକୁ ପ୍ରବେଶ କରିଥିଲା ଯେ ଦୁହେଁ ଦୁହିଁଙ୍କୁ ମୁହୂର୍ତ୍ତେ ମଧ ଦୂରେଇ ରହିବାକୁ ସହଜେ ଗ୍ରହଣ କରିପାରୁ ନଥିଲେ । ଅନଚ୍ଛା ସତ୍ତ୍ୱେ ସେ ବର୍ଷ ରାଜୁ ଗୀଷ୍ମ ଛୁଟି ବିତାଇବା ନମନ୍ତେ ମାମୁଘରକୁ ଯାଇଥିଲା । କନ୍ତୁ ଅମିତ ର ଅନୁପସ୍ଥିତ ରହିବା ଯେମିତି ରାଜୁ ପ୍ରତି ପିଞ୍ଜର୍ ମଧସ୍ଥ ପକ୍ଷୀ ସଦୃଶ ଥିଲା । ତା'ର ଅଟଳ ଜିଦ୍ ଯୋଗୁଁ ସନ୍ଧ୍ୟାରେ ଘରକୁ ଆଣି ଛାଡିବାକୁ ବାଧ ହୋଇଥିଲେ ଅଜା । ଜଣକର ଦେହ ଖରାପ ହେବା କଥା ଶୁଣିବା କ୍ଷଣି ଅନ୍ୟ ଜଣକୁ ଯନ୍ତ୍ରଣା ରେ ଜର୍ଜରିତ କରି ପକାଏ ଯେମିତି । ଉଭୟଙ୍କ ମଧରେ ବନ୍ଧୁତ୍ୱ ଏତେ ନବିଡ ଥିଲା ଯେ ବିଦ୍ୟାଳୟରେ କୌଣସି ଦୁ ପିଲା ତାଙ୍କ ସହ ଝଗଡ଼ା କରିବାକୁ ସାହସ କରିପାରୁନଥିଲେ।

ସମୟ ବିତି ଚାଲିଥିଲା । ସମୟ ଚକ୍ରରେ ତାଳ ଦେଇ ଉଭୟେ ଆହୁରି ଘନଷ୍ଠ ସହଯୋଗୀ ସମ୍ପର୍କରେ ମଣ୍ଡି ଯାଇଥିଲେ । ସମୟ କ୍ରମେ ମେଟ୍ରିକ ପରୀକ୍ଷା ଶବ୍ଦରେ କବାଟ ଠକ୍ ଠକ୍ କଲା। ନଜର ଘନଷ୍ଠ ସମ୍ପର୍କ ପରି ଉଭୟଙ୍କ ଟେବୁଲ ପାଖାପାଖି ପଡ଼ିଥିଲା ପରୀକ୍ଷା ହଲ୍ ରେ । ସେଦିନ ଥିଲା ଗଣିତ ପରୀକ୍ଷା । ଅଧଘଣ୍ଟା କାଳ ସୁରୁଖୁରୁରେ ପରୀକ୍ଷା ଚାଲିଥିଲା। ହଠାତ୍ ପରୀକ୍ଷା ହଲ୍ ର ନରବତା କୁ ପରିହାସ କରି ଦେଇଥିଲା ରାଜୁ ହାତରୁ କଲମ ଟି ଖସି ପଡି। ତଳମୁହାଁ ହୋଇ ଅସହାୟ ଭଙ୍ଗୀରେ ବ୍ୟସ୍ତବିବ୍ରତ ଚତ୍ତରେ କଲମ ଉଠାଇଲା ସମୟରେ ଘଟିଗଲା ଆଉ ଏକ ଦୁର୍ଘଟଣା । ରାଜୁ ର ଆଖି ରୁ ଚଷମା ଟି ଚଟାଣ ରେ ଖସିପଡ଼ି ଦୁଇଖଣ୍ଡ ରେ ପରିଣତ ହୋଇଗଲା । ଅସହାୟ ଏବଂ ବିଷର୍ଣ୍ଣ ମନରେ ଭଙ୍ଗା ଚଷମା ର କାଚରେ କେତେବେଳେ ପଶ୍ନପତ୍ର ତ କେତେବେଳେ ଉତ୍ତରଖାତା ଉପରେ ନଜର ପକାଇବା ନମନ୍ତେ ଚେଷ୍ଟିତ ଥିଲା ସେ । ଶ୍ରେଣୀରେ ସମସ୍ତେ ନଜ ଲେଖାରେ ନମଗ୍ନ ଥିବା ସ୍ଥଳେ କେବଳ ଜଣକ ର ନଜର ତା ଉପରେ କେନ୍ଦ୍ରୀଭୂତ ହୋଇଥିଲା । ସେ ଥିଲା ଘନଷ୍ଠ ସହଯୋଗୀ ଅମିତ । ଚତୁର୍ଦ୍ଦିଗ କୁ ଥରେ ନରିକ୍ଷଣ କରି ହଠାତ୍ ତା ହାତରୁ ଉତ୍ତରଖାତା ଟାଣି ନେଇଥିଲା ସେ । ପ୍ରତିବଦଳରେ ସେ ନଜର ଖାତାକୁ ରାଜୁ ଟେବୁଲ ଉପରେ ରଖିଦେଲା । ଅବଶିଷ୍ଟାଂଶ ସମୟ ଅମିତ ରାଜୁ ର ଖାତାରେ ସମସ୍ତ ପ୍ରଶ୍ନର

ଉତ୍ତର ଲେଖିବାରେ ବ୍ୟସ୍ତ ରହିଲା । ପରୀକ୍ଷା ସମାପ୍ତ ହେବା ପରେ ରାଜୁ ଅମିତ କୁ ଆଲିଙ୍ଗନ କରି ପକାଇଥିଲା । ଲାଗୁଥିଲା ଅମିତ କୁ ଧନ୍ୟବାଦ ଅର୍ପଣ କରିବା ନିମନ୍ତେ ତା ନିକଟରେ ଭାଷା ନାହିଁ। ଲୋତକ ପୂର୍ଣ୍ଣ ଛଳଛଳ ନୟନରେ ରାଜୁ ପଶ୍ନ କଲା-"ସାଙ୍ଗ ତୋର କ'ଣ ହେବ କହିଲୁ"? ରାଜୁ ଆଖିରୁ ଲୁହ ପୋଛି ଅମିତ ସହାସ୍ୟ ବଦନରେ ଉତ୍ତର ଦେଇଥିଲା-"ତୁ ଜମା ଚିନ୍ତା କରନାହିଁ । ପ୍ରଥମ ଅଧଘଣ୍ଟାଏ ରେ ଯେତିକ ଉତ୍ତର ଲେଖିଛି ଯେ ମୁଁ କେବେ ବି ଫେଲ୍ ହେବି ନାହିଁ "। ଏମିତି ଥିଲା ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ।

ମେଟ୍ରିକ୍ ପରୀକ୍ଷାର ଫଳ ପ୍ରକାଶ ହୋଇଥିଲା । ଉଭୟେ ପ୍ରଥମ ଶ୍ରେଣୀ ରେ ଉତ୍ତିର୍ଣ୍ଣ ହୋଇଥିଲେ । ଅମିତ ବିଜ୍ଞାନ ବିଷୟ ନେଇ ଟିଟିଲାଗଡ଼ର ଡିଏଭି କଲେଜରେ ଏବଂ ରାଜୁ କଳା ବିଷୟ ନେଇ ନାମ ଲେଖାଇଥିଲା ବଲାଙ୍ଗିର ର ରାଜେନ୍ଦ୍ର କଲେଜରେ । ସମୟ ଚକ୍ରରେ ରେ ଉଭୟଙ୍କ କଲେଜ ସିନା ଅଲଗା ହୋଇଥିଲା କିନ୍ତୁ ସେମାନଙ୍କ ମଧ୍ୟରେ ସମ୍ପର୍କ ଥିଲା ପୂର୍ବବତ୍ ନିବିଡ଼।

ସମୟ କ୍ରମେରେ ଉଭୟେ ସମାଜରେ ନିଜସ୍ୱ ଉଦ୍ୟମରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି । ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ନିଜର ବ୍ୟସ୍ତବହୁଳ ଜୀବନରୁ କିଞ୍ଚିତ୍ ସମୟ ବାହାର କରି ପରସ୍ପର ସହିତ ସମୟ କରାଇଛନ୍ତି ।ପରବର୍ତ୍ତୀ ସମୟରେ ସାଂସାରିକ ଯନ୍ତ୍ରଣା ରେ ଜର୍ଜରିତ ହୋଇ ପରସ୍ପରକୁ ସ୍ମରଣ କରିଛନ୍ତି ମାତ୍ର । ସମୟ କ୍ରମେ ଉଭୟେ ବୃଦ୍ଧାବସ୍ଥାରେ ଉପନୀତ ହୋଇଛନ୍ତି । ଗୋଟିଏ ସହରରେ ବାସ କରୁଥିବା ସତ୍ତ୍ୱେ ପରସ୍ପର ସହିତ ସାକ୍ଷାତକାର ର ସମ୍ଭବ ହୋଇପାରିନି। ପୁଅବୋହୂ ର କଠୋର ନିର୍ଯାତନା ଓ ତାଗିଦ୍ ଯୋଗୁଁ ଉଭୟଙ୍କୁ ଗୃହର ଚାରି କାନ୍ଥ ମଧ୍ୟରେ ବନ୍ଦୀ ଜୀବନଯାପନ କରିବାକୁ ପଡିଛି । ଧର୍ମପତ୍ନୀ ଥିଲେ କିଛି ମନର ଭାବନା କୁ ପ୍ରତିପାଦିତ କରନ୍ତେ, କିନ୍ତୁ ପତ୍ନୀଙ୍କୁ ଧରାପୃଷ୍ଠ ରୁ ବିଦାୟ ନେବାରେ ଅନେକ ବର୍ଷ ବିତିଗଲାଣି । ବୟସ ର ଅପରାହ୍ନ ରେ ଉପସ୍ଥିତ ହୋଇଥିଲେ ଉଭୟେ । ସ୍ୱାସ୍ଥ୍ୟବସ୍ଥା ଦୁର୍ବଳ ହୋଇପଡିଛି। କଠୋରତା ର ସମସ୍ତ ସୀମା ଉଲ୍ଲଂଘନ କରି ଉଭୟଙ୍କୁ ଶେଷରେ

ବୃଦ୍ଧାଶ୍ରମ ରେ ପହଞ୍ଚାଇ ଦେଇଛନ୍ତି ତାଙ୍କର ପରିବାର ବୃନ୍ଦ । ଗୋଟିଏ ବୃଦ୍ଧାଶ୍ରମ ରେ ଦୁଇବନ୍ଧୁ ଥିଲେ ମଧ୍ୟ ସମ୍ମୁଖ ଦର୍ଶନ କମ୍ବା ଖବର ବି ନଥିଲା ଉଭୟଙ୍କ ପାଖରେ ।

ଦିନ ବିତିଗଲିଛି । ରବିବାର ସକାଳ ୮.୧୫ ପାଖାପାଖି। ବୃଦ୍ଧାଶ୍ରମର ଅଗଣା ର ଗୋଟିଏ କୋଣରେ କାଠ ଚୌକି ଉପରେ ଚନ୍ତାଗ୍ରସ୍ତ ଭାବରେ ବସି ରହିଥିଲେ ରାଜୁବାବୁ । ଦୃଷ୍ଟି ପଡିଥିଲା ବଗିଚାର ଆମ୍ବ ବୃକ୍ଷ ମୂଳେ ଦୀର୍ଘ ସମୟଧରି ପକ୍ୱ ଆମ୍ବ ଖାଇବାରେ ଚେଷ୍ଟିତ ଥିବା ବୃଦ୍ଧଙ୍କ ଉପରେ। ଥରହର ଶରୀର ରେ ଧୀରେ ଧୀରେ ପାଦ ପକାଇ ରାଜୁବାବୁ ସେ ଦିଗକୁ ଅଗ୍ରସର ହେଲେ। କିଛି ସମୟ ପରେ ରାଜୁବାବୁ ସେଠାରେ ପହଞ୍ଚି ବୃଦ୍ଧ ବ୍ୟକ୍ତିଙ୍କ କାନ୍ଧରେ ହାତ ଦେଲେ । ପଛକୁ ବୁଲି ପଡି ବୃଦ୍ଧ ବ୍ୟକ୍ତି ଜଣକ ଦେଖିଲେ ପିଲାଦିନର ଅନ୍ତରଙ୍ଗ ଘନିଷ୍ଠ ବନ୍ଧୁ ରାଜୁ ସମ୍ମୁଖରେ ଛିଡ଼ା ହୋଇଛି । ରାଜୁବାବୁ ଆଖିରୁ ଚଷମା ଖୋଲି ଗାମୁଛାରେ ଥରଥର ହସ୍ତରେ ସଫା କରି ପୁଣି ଥରେ ପିନ୍ଧିଲେ । ଚକ୍ଷୁ ସାମ୍ନାରେ ଦଣ୍ଡାୟମାନ ହୋଇଛି ସେଇ ଅନ୍ତରଙ୍ଗ ସାଥୀ ଅମିତ । ଅମିତ ବାବୁ ଙ୍କ ଆମ୍ବ ଖାଇବାର ଇଚ୍ଛା ଶକ୍ତି ଆଗରେ ରାଜୁବାବୁ ଆମ୍ବ ତୋଳବାକୁ ଚେଷ୍ଟା କରୁଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ପିଲାଦିନ ପରି ସେହି ସମୟରେ ମଧ୍ୟ ଅମିତ ବାବୁ ରାଜୁବାବୁଙ୍କୁ ଭୂମିରୁ ଉଠାଇ ଧୂଳି ସମୂହ ଝାଡ଼ି ଦେଇ ଜାବୁଡ଼ି ଧରିଲେ ନିଜର ଛାତିରେ । ଉଭୟଙ୍କ ଆଖିରୁ ଅଶ୍ରୁ ବୁନ୍ଦା ଗୁଡ଼ିକ ଖସି ପଡୁ ଥିଲା ମେଘମାଳା ରୁ ବର୍ଷା ଟୋପା ଖସିବା ଭଳି ............................

ଭରସୁଜା, ବଲାଙ୍ଗିର

# ପ୍ରଥମ ଥର

ପ୍ରକାଶ ରଞ୍ଜନ ସ୍ୱାଇଁ

ତୁମେ ଯେଉଁଦିନ ମୋ ଘର ଦାଣ୍ଡରେ
ଓଢଣୀ ଉଡେଇ ଗଲ
ସେଇଦିନ ମୁଁ ଝରକା ଫାଟରେ
ତୁମକୁ ଦେଖିଲି ପ୍ରଥମ ଥର ।

ଜାଣିନ କାହିଁକି କେମିତି କେଜାଣି
ତୁମେ ଲାଗିଲ ଭରି ନଜର
ତୁମ ଦୁଇ ଆଖି ମୋ ହୃଦୟ କାନ୍ଥରେ
ଲେଖିଲା ପ୍ରେମର ଅଢେଇ ଅକ୍ଷର ।

ଯେତେ ଭୁଲିବାକୁ ଚାହିଁଲେ ବି ମୁଁ
ଭୁଲି ମୁଁ ପାରିନ ତୁମକୁ
ପୁଣି ଆଉ ଥରେ ଯିବ କେତେବେଳେ
ଚାହିଁ ବସେ ତୁମ ବାଟକୁ ।

ଭୋକ, ଶୋଷ ସବୁ ଭୁଲି ଯାଇଥିଲି
ତୁମକୁ ଦେଖିବା ପାଇଁ
ରାତିରେ  ଆଖିକୁ ନିଦ ମୋ ଆସିନ
ତୁମରି ସପନ ପାଇଁ ।

ତୁମକୁ ଦେଖିବା ପରଠୁ ଆଖିରେ
ଦେଖିନ ଆଉ କାହା ମୁହଁ
ତୁମକୁ ଦିନରେ ନ ଦେଖିଲେ ଥରେ

ମନରେ ଉଠେ ଯେ କୋହ ।

ଗୋଲାପୀ ରଙ୍ଗର ପୋଷାକ ତୁମର
ଦେହରେ ଥିଲା ସେଦିନ
କଅଁଳ ଖରାରେ ଝଟକ ଗଲା ମୋ
ଘରର ଦାଣ୍ଡ ଦୁଆର.

ସୁନେଲି ରଙ୍ଗର ମୂରୁଜ ବୁଣି
ସୂରୁଜ ଯେବେ ଆସେ
ମୋ ହୃଦୟ କାନ୍ଥରେ ନତିସକାଳେ ମୁଁ
ତୁମର ଛବିକୁ ଦେଖେ ।

ତୁମର ଗୋଲାପୀ ଅଧର ସେଦିନ
ଲେଖିଲା ପ୍ରେମର ଗଳ୍ପ
ଶୁଣିଛି ସେଦିନ ମୋ ଦୁଇ କାନରେ
ତୁମର ଅଳ୍ପ ମିଠା ଆଳାପ ।

ଭାବେ ବେଳେବେଳେ ମୋ ମାନସ ପଟରେ
ତୁମରି ଭାବନା ନେଇ
କାଳେ କେତେବେଳେ ଆଉ କଏ ଆସି
ତୁମକୁ ନେବ ମୋଠାରୁ ଗ୍ଭେରେଇ ।

ସପନ ରାଜ୍ୟର ଭାବନା ମହଲେ
ତୁମକୁ ରଖିଛି ଆଣି
ଜାଣିନ ଏ କଳ୍ପନା ବାସ୍ତବ ହବ କି ନା
ତୁମେ ହେବ ମୋ ପାଟ ରାଣୀ ।

କୁଣ୍ଡଳା, ଭଦ୍ରକ

# ଭୋକର ଭୁଗୋଲ



ଫିରୋଜ କୁମାର ପଟେଲ

ସୁନାର ରାଇଜ ଲାଗି ପରଦେଶୁ
ବାବୁମାନେ ବେମାର ଧରି ଆଇଛନ ଯେ
ଆଏଜ ସାର୍ ରାଇଜେ ସରକାରୀ ତାଲା
ଆଉ
ରାଇଜର ଭୋକ ମେଟେଇ ମେଟେଇ
ଭୁଖା ବନଥିବାର ସେ ମୁନୁଷ କେ
ଛାଡି ଦିଅ ହଇଛେ ଭୁଖେ ମରିକେ।

ନଙ୍ଗଲା ଦେହେଁ ମାନକେ
ମାସ୍କ ଥି ଢାପି ଦିଆ ହଇଛେ
ଖଟିଖିଆକେ ହୀନମାନ କରି
ଚଲେଇ ଦିଆ ହଇଛେ ରାଜରାସ୍ତା ଥି
ଘରର କବାଟ କିଲି ଦିଆ ହଇଛେ
ମହାମାରୀ ର ହୁଙ୍କାର ଥି
ହେଲେ ପେଟର କଁ କଁ ଡାକେ
ସରକାରୀ ଶିକଲ ଛିଡି ନ ପଡେ ତ !

ତୁମ ପଡ଼ ତୁମ ପଡ଼ ଭୁଖା ମନେ

ପେଟ ଲାଗି ନାଟ କଲେ

ଫେର ମାର ଖାଏବ

ବାବୁ ମାନକେ ନାହି ମିଲୁ

ଆଉ ତୁମେ ମରି ଯ ଭୁଖେ...

ହେଲେ ମରବାର ଆଘୁ

ଘାଏ ଶୁନେଇ ଦିଅ

"ଆମେ ମରିଗଲ୍ ପରେ

ଆକାଶ ମାଏଟ ପରକୁତି

ଅଲ୍‌ର  ହଇ କାନ୍ଦୁଥିବେ"

ଆରୁ

ତୁମର ଲାଗି ଲେଖା ହଉଥିବା

ଭୋକର ଭୁଗୋଲ ।

ଅବନକେଲା, ସୁନ୍ଦରଗଡ, ଓଡିଶା

# ଭଲ ପାଇବାର ଶେଷ ରାତି



ଅଶୋକ କୁମାର ପଧାନ

ରାତିଟା ଶୂନଶାନ ଗୁମମାରି ମାଡୁଥାଏ
ଚାରିପଟେ ନିସ୍ତବ୍ଧ
ବେଳେବେଳେ ଶୁଭୁଥାଏ ବୁଲାକୁକୁରଙ୍କ କ୍ରନ୍ଦନ
ଉଠିଯାଇ ଝରକାଟା ଖୋଲିଦେଲି
ଜହ୍ନ ଆଲୁଅରେ ତା ମୁହଁ ଚକଚକ କଲା
ଉଦ୍ଭାସିତ ହେଲା ଏକ ଅପୂର୍ବ ଜ୍ୟୋତ୍ସ୍ନା
ତା ଚକ୍ଷୁରୁ ଗଡ଼ିଆସିଲା ଦି ଧାର ଅଶ୍ରୁ
ଲାଗୁଥାଏ,
ସେ ତ ଅଶ୍ରୁ ନୁହେଁ ହୀରା ଖୋଦାନର ଦି'ଖଣ୍ଡ ହୀରା
ଅସହ୍ୟ ହେଲା ମୋ ଶରୀର
ଧଡ଼କନା ଦଉଡି ପାପୁଲିରେ ନେଲି ପବିତ୍ର ଧାରକୁ
ବକ୍ଷରେ ଚାପି ଧରିଲି ତା ମସ୍ତକକୁ
ତା ଅଜସ୍ର ଅଶ୍ରୁରେ ମୋ ଶରୀର ଓ ହୃଦୟ ଭିଜୁଥାଏ
ସବଳ ଚକ୍ଷୁ ହେଲେ ସୁଦ୍ଧା ସମ୍ଭାଳି ପାରିଲାନି
ବହିଗଲା ଗୁଡ଼ାଏ ଧାର
ଅଜାଡ଼ି ହେଲା ତା'ରି ମସ୍ତକରେ
ଚମକି ଘୁଞ୍ଚିଗଲା ଦି'ପାଦ
ଅନାଇ ରହିଥାଏ ମୋ ମୁହଁକୁ
ତା ଆଖି ସହ ଆଖି ମିଳାଇବାର ଶକ୍ତି ନଥିଲା
ପାଖେ ବସି ଥୋଇ ଦେଲା ମୋ ମୁଣ୍ଡ ତା କୋଳରେ

କୋମଳ ହାତରେ ଆଉଁଷୁଥିଲି କେଶ
ସେ ବଧାଦେଲେ ସୁଦ୍ଧା
ତା ଚକ୍ଷୁରୁ ଉତ୍ତପ୍ତ ଜଳବିନ୍ଦୁ ଆସି ମୋ ଗାଲରେ ଥପ୍ କରେ
ଏସିଡରେ ପୋଡ଼ିଲାପରି ଯନ୍ତ୍ରଣା ଦିଏ
ତା ପାପୁଲି ସ୍ପର୍ଶରେ ଲିଭିଯାଏ ସବୁ
ଗ୍ରିବା ଧରି ଉଠାଇ ତା ମସ୍ତକରେ ମୋ ମସ୍ତକକୁ ଲଗାଇଲି
ମୁଁବି ତା ଅସଜଡ଼ା କେଶକୁ ଧରିଲି
ଉଭୟଙ୍କ ନିଶ୍ୱାସ ପ୍ରଖର ହେଉଥାଏ
ବୃଦ୍ଧାଙ୍ଗୁଳରେ ଚକ୍ଷୁଜଳ ପୋଛି ତା ଓଠକୁ ମୋ ଓଠ ପାଖକୁ ଟାଣିଆଣିଲି
ତା ନିଶ୍ୱାସ ପଡୁଥାଏ ମୋ ଗଳାରେ
ମୋ ନିଶ୍ୱାସ ତା ନାକ ଉପରେ ପଡି ଅସ୍ତବ୍ୟସ୍ତ କରୁଥାଏ
ତା ଓଠ ମୋ ଓଠରେ ଛୁଇଁବା ଛୁଇଁବା ହେଇଥାଏ
ଶିରାଗୁଡିକରେ ରକ୍ତର ବେଗ ମର୍ମେମର୍ମେ ଅନୁଭବ କରୁଥିଲି
ମୋ ଓଠରେ ଓଠ ସ୍ପର୍ଶ ହେଲା ମାତ୍ରେ ଚମକ ଉଠିଗଲା
କାନ୍ଧରେ ମୁହଁ ପୋତି ଭୋକରି କାନ୍ଦି ପକାଇଲା
ଧଡ଼କରି କବାଟଟା ଖୋଲି ବାହାରି ଗଲା
କେବଳ ସ୍କୁଟିର ଶବ୍ଦଟା ଶୁଭିଲା ଗୋଟାଏ ନିମିଷ
ମୁଁବି ନିରବ ନିଶ୍ଚଳ ଭାବରେ ବସିଥାଏ
ଅନୁଭବ କରୁଥାଏ ଏ ଯନ୍ତ୍ରଣାକୁ
ଉଭୟଙ୍କ ଶରୀରକୁ ମୁନିଆ ଖଣ୍ଡାରେ ଖୁମ୍ପୁଥାଏ
କିନ୍ତୁ, ତାରି ଶରୀରଟାକୁ ଖଣ୍ଡଖଣ୍ଡ କରିଦେଉଥାଏ
ଦେଖୁଥାଏ ଏ ରାତିକୁ, ପୂର୍ବାକାଶକୁ
କେତେବେଳେ ପାହିବ ଓ ଶେଷକରିଦେବ ଭଲପାଇବାର ଏକ ଅଧ୍ୟାୟକୁ ।

ଓଡ଼ିଆ ଅଦର୍ଶ ବିଦ୍ୟାଳୟ,
କଲ୍ୟାଣସିଂହପୁର, ରାୟଗଡା

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

## ଧୈର୍ଯ୍ୟ :

ଅକୃତକାର୍ଯ୍ୟ ହୋଇ ଭେଲୋର ପହଞ୍ଚି ମତେ ସବୁ କଛି ଅସହ୍ୟ ବୋଧ ହେଉଥିଲେ । ପେଡ଼ିଆଟିକ୍‌ରେ ପି.ଜି ପାଇଁ ଗୋଟିଏ ଆପ୍ଲିକେସନ୍ ଜିପ୍‌ମର, ପର୍ଡିଚେରୀ ଏବଂ ଅନ୍ୟଟି ଏ ଆଇ ଏମ୍ ଏସ୍ ରେଜିଷ୍ଟ୍ରି ପୋଷ୍ଟରେ ପଠାଇଲି । ଏମ୍‌ସ୍ ଫର୍ମରେ ସେକେଣ୍ଡ ଚଏସ୍ ମଗା ହୋଇଥିଲା, ତେଣୁ ଅପ୍‌ଥାଲମୋଲୋଜିରେ ଗୋଟିଏ ଟିକ୍ ମାରି ଦେଇଥିଲି ।

ଏମ୍‌ସ୍ ଅପଥାଲ୍‌ମୋଲୋଜି ପିଜି ଇଣ୍ଟରଭିଉର ଡେଟ୍ ଜିପମରର ଶିଶୁରୋଗ ପାଇଁ ଇଣ୍ଟରଭିଉର କଲ୍ ଆସିଥିଲା । ଜିପମରରୁ ଏ ଆଇ ଆଇ ଏମ୍‌ଏସ୍ ଜିପ୍‌ମରରେ ଡିପ୍ଲୋମା ଇନ୍ ପେଡିଆଟ୍ରିକ୍ ପାଇଁ ବିବେଚତ ହେଲି । ତଥାପି ଏ ଆଇ ଏମ୍ ଏସ୍ ଇଣ୍ଟରଭିଉ ଦେଇ ଆସିଲେ ଭଲ, ତା ଛଡା ହୁଏତ ଭୂଲ୍ ବଶତଃ ପେଡିଆଟ୍ରିକ୍ ଇଣ୍ଟରଭିଉ ଚଠିଟା ଡାକରେ ଗଣ୍ଡଗୋଳ ହୋଇ ଯାଇଛି ।

ଜି.ଟି ଏକସ୍‌ପ୍ରେସ୍ ଖୁବ୍ ଲମ୍ବା ଜର୍ଣ୍ଣି । ପାରସନ୍ ଅପଥାଲମୋଜୀ ବହିଟା ସାଙ୍ଗରେ ନେଇ ଯାଇଥିଲି । ୟାକୁ ଆମ୍ବନ ..... ଦୁଇଥର ପଢିନେଲେ ପ୍ରାୟତଃ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ପାରିବି ।

ଏ ଆଇ ଆଇ ଏମ୍ ଏସ୍ ରେ ମୋର ଜଣେ ଭେଲୋରର ଡାକ୍ତର ବନ୍ଧୁ ରାମକୃଷ୍ଣ ଅପ୍‌ଥାଲ୍‌ମୋଜୀରେ ସେଠାରେ ପିଜି କରୁଥିଲେ । ସେ ମୋତେ ନେବା ପାଇଁ ଷ୍ଟେସନ୍ ଆସିଥିଲେ, ରହିବା ଖାଇବାର ମଧ୍ୟ ସବୁ ସୁବିଧା କରି ଦେଇଥିଲେ । ମତେ ଆରପି, ସେଣ୍ଟର ମୁଖ୍ୟଙ୍କ ପାଖକୁ ନେଇଗଲେ । ଡାକ୍ତର ଅଗ୍ରୱାଲ୍ । ଖୁବ୍ ଲମ୍ବା ଚଉଡା ଦେଖିଲେ

ମନେ ହେଉଥାଲ୍ ଖୁବ୍ ଜ୍ଞାନୀ । ବଡସାର୍‌ଙ୍କ ବିଷୟରେ ବଡନନାଙ୍କ ମନ୍ତବ୍ୟ ମନେ ପଡି ହସ ଲଗିଲ୍ । "ପେଯରେ ଗଣିତ ଭର୍ତ୍ତୀ ହୋଇଛି ।" ଅର୍ଥାତ୍ ଡାକ୍ତର ଅଗ୍ରୱାଙ୍କର ସଂପୂର୍ଣ୍ଣ ବପୁରେ ଅପ୍‌ଥାଲମୋଲୋଜି ଭର୍ତ୍ତୀ ହୋଇଛି । ଡାକ୍ତର ଅଗ୍ରୱାଲଙ୍କ ଚେହେର୍‌ା ଖୁବ୍ ଭୟଙ୍କର ହୋଇଥିଲେ ମଧ କଥାବାର୍ତ୍ତା କରିବା ପରେ ଖୁବ୍ ଆପ୍ୟାୟିତ, ସାହାଯ୍ୟକାରୀ ଏବଂ ସ୍ନେହୀ ମନେ ହେଲେ । ଏତେବଡ ବିଶ୍ୱ ପ୍ରସିଦ୍ଧ ଡାକ୍ତର ଜଣେ ବି ସ୍ନେହୀ ହୋଇ ପାରନ୍ତି । ପେଡିଆଟ୍ରିକ୍‌ର କଲ୍ ଲେଟର ନ ଆସିବାର କାରଣ ଦର୍ଶାଇ ଦେଇ ଯାହା ହେଲା, ସିଟ୍ ଖାଲି ଅନୁସାରେ ଦୁଇଗୁଣା ପ୍ରାର୍ଥୀଙ୍କୁ ଡକା ଯାଇଥାଏ । ଇଣ୍ଟରନାଲ୍ କ୍ୟାଣ୍ଡିଡେଟ୍ (ଏମ୍‌ସ୍‌ରେ ହାଉସ୍ ଜବ୍ କରୁଥିବା) ମାନଙ୍କୁ ପ୍ରଥମ ପ୍ରିଫରେନ୍ସ ଦିଆଯାଏ । ଜୁଲାଇ ପାଇଁ ମାତ୍ର ଗୋଟିଏ ସିଟ୍ ଏବଂ ୩ ଜଣ ହାଉସ ଜବ୍ କରୁଛନ୍ତି । ସେମାନଙ୍କ ମଧ୍ୟରୁ ବି ଜଣକ ପାଖକୁ କଲ୍ ଯାଇନ । ଏଇ ଫର୍ମୁଲା ସମସ୍ତ ବିଭାଗ ପାଇଁ ପ୍ରଯୁଜ୍ୟ, ନେତ୍ର ବିଭାଗରେ ୨ଟି ସିଟ୍ ଅଛି, ଏବଂ ଆମର ୯ଜଣ ଇଣ୍ଟରନାଲ୍ କ୍ୟାଣ୍ଡିଡେଟ୍ ଅଛନ୍ତି, ତେଣୁ ଆମେ ବାହାରୁ ମାତ୍ର ୪ଜଣ ପ୍ରର୍ଥୀଙ୍କୁ କଲ୍ କରିଛୁ । ଅନ୍ୟ ବିଭାଗ ମାନଙ୍କଠାରୁ ନେତ୍ର ବିଭାଗ ଇଣ୍ଟରଭିଉ ଭିନ୍ନ, ଯାହା ତୁମକୁ ରାମକୃଷ୍ଣ ନିଶ୍ଚୟ କହିଥିବ । ଆମ ବିଭାଗରେ ଇଣ୍ଟରଭିଉ ନୁହେଁ ରୀତିମତ ପରୀକ୍ଷା । ତିନଦିନ ତିନଘଣ୍ଟା ଲେଖାଏଁ ଏବଂ ଅନ୍ୟ ତିନଦିନ ସଂପୂର୍ଣ୍ଣ ଭାବେ କ୍ଲିନକ୍ ଏବଂ ପ୍ରାକ୍‌ଟିକାଲ । ରାମକୃଷ୍ଣ ଏବଂ ବିପି ଅଗ୍ରୱାଲ୍ (ବୁର୍ଲା ମେଡିକାଲ୍ ଛାତ୍ର) ତୁମ ବିଷୟରେ ବହୁତ ବଡାଇ କରୁଥିଲେ । ଦେଖିବା, ଟାଇମ୍ ଉଇଲ୍ ଟେଲ୍ ।

ଛଅଦିନ ବ୍ୟାପି ପରୀକ୍ଷା ଶେଷ ହୋଇ ଯାଇଥିଲା । ମୋର ମନେ ହେଉଥିଲା ମୁଁ ଖରାପ କରିନ, କେବଳ ଗୋଟିଏ ବିଷୟକୁ ବାଦ ଦେଲେ । ସେ ହେଲା ଗ୍ଲୁକୋମା କ୍ଲିନକ୍ କ୍ଲିନକାଲ ପରୀକ୍ଷା, ପ୍ରଫେସର ଦୟାଲ ମୋ ଉତ୍ତରରେ ବହୁତ ଖୁସି ହୋଇ ଅନ୍ୟ ଏକ କେଶ୍‌ର ଫଣ୍ଡସ୍ (ଆଖି ଭିତର) ଡାୟଗୋନସ୍ ପଚାରିଲେ । ଅପ୍‌ଟିକ୍ ଡିସ୍କଟି ଖୁବ୍ ଛୋଟ ମନେ ହେଲା । ଅନ୍ୟ ସବୁ ନରମାଲ୍ ଥିଲା । କ'ଣ ହୋଇପାରେ! ପୁଣି ମନକୁ ଆସିଲା, ଏଇଟା ତ ଗ୍ଲୁକୋମା କ୍ଲିନକ, ପାଟିରୁ ବାହାରି ଆସିଲା । "ଗ୍ଲୁକୋମାସ୍ ଅପ୍‌ଟିକ ଆଟ୍ରୋଫି ଭେରିଗୁଡ୍ । (ଯାହା ଏକ ତାତ୍ସଲ୍ୟ ଥିଲା)

**Interview Board** ରେ ଡାକ୍ତର ଅଗ୍ରୱାଲ୍‌ଙ୍କୁ ବାଦ୍‌ଦେଇ ଅନ୍ୟ ୭ ଜଣ ଥିଲେ । ସେମାନେ ହେଲେ ମଦନ ମୋହନ(କର୍ଣ୍ଣିୟା), ଡାଃ ଦୟାଲ୍ (ଅକୁଲୋପ୍ଲାଷ୍ଟୀ), ଡାଃ ଖୋସ୍

(ରେଟିନା), ଡାଃ ସୁଦ୍ (ଗ୍ଲୁକୋମା), ଡାଃ ବତ୍ରା (ୟୁଭିଆ), ଡାଃ ଭାଟିଆ (ଟ୍ରମା) ଏବଂ ଡାଃ ଗୋସ୍ୱାମୀ (ବାୟୋକେମିଷ୍ଟ୍ରି), ସମସ୍ତ ପ୍ରଶ୍ନର ଠିକ୍ ଠିକ୍ ଉତ୍ତର ଦେବାକୁ ଚେଷ୍ଟା କରୁଥିଲି । ଡାଃ ଅଗ୍ରୱାଲ୍ କଛି ନା କଛି ମନ୍ତବ୍ୟ ଦେଉଥିଲେ, ମାତ୍ର ଅନ୍ୟମାନେ ଚୁପ୍ । ହଠାତ୍ ଡାଃ ଅଗ୍ରୱାଲ୍ କହି ଉଠିଲେ, ଡାଃ ସୁଦ୍ ତୁମ ମତାମତ?

ଆଇ ଥିଙ୍କ୍, ଉଇଲ୍ ବି ଏ ଗୁଡ୍ ଚୟେସ୍ ।

କର୍ଣ୍ଣିଆ ଉପରେ ୟାର ଗଭୀର ଜ୍ଞାନ ମନେହୁଏ, କହିଲେ ପ୍ରଫେସର ମଦନ ମୋହନ ।

ତୁମକୁ କେବଳ କର୍ଣ୍ଣିୟା ଦେଖାଯାଏ ମଦନ, ସବୁ ବିଷୟରେ ଜ୍ଞାନ ଥିବା ଖୁବ୍ ଜରୁରୀ । ମତେ ଯିବାର ଅନୁମତି ଦେଇ ସେମାନଙ୍କର ଆଲୋଚନା ଜାରୀ ରଖିଲେ । ମୁଁ ଶେଷ ପ୍ରାର୍ଥୀ ଥିଲି । ଅନ୍ୟମାନେ ପୂର୍ବରୁ ସିଢ଼ି ପାଖରେ ରୁଣ୍ଡ ହୋଇଥିଲେ । ମୁଁ ବହୁତ ସମୟ ନେଇଥିବାରୁ ତାହାର ଗୂଢ଼ ରହସ୍ୟ ପଚାରିଲେ । ମୁଁ କଛି କହିବା ପୂର୍ବରୁ ଡାଃ ଦୟାଲ୍‌ଙ୍କୁ ଦେଖି ସମସ୍ତେ ଚୁପ୍ ହୋଇଗଲେ । ଆତଙ୍କିତା ହୋଇ ମୁଁ ସିଢ଼ି ରେଲିଂ ଉପରେ ହାତ ଦୃଢ଼ କଲି ।

କନ୍ୟାକୁମାରୀରୁ କାଶ୍ମୀର ଆସିବା ଆବଶ୍ୟକ ନାହିଁ । ସେଇ କନ୍ୟା କୁମାରୀଙ୍କୁ ନଜର କରି ରଖ । ତୁମର ସିଲେକସନ୍ ହୋଇନ । କହି ଡାଃ ଦୟାଲ୍ ସିଢ଼ି ଓହ୍ଲାଇବା ଆରମ୍ଭ କଲେ । ଜି.ଟି ଟ୍ରେନ୍‌ରେ ମୋ'ର ମାଡ୍ରାସ୍ ଫେରିବାର ଥିଲା । ଟ୍ରେନ୍ ଟାଇମ୍ ସଂଧ୍ୟା ସାତଟା । ଛଅଟା ପୂର୍ବରୁ ହଷ୍ଟେଲ୍ ଛାଡ଼ିବା ପାଇଁ ଡାଃ ରାମକୃଷ୍ଣନ୍ ବାରଂବାର ଚେତାଇ ଥିଲେ । ନଜକୁ ସମ୍ଭାଳ ନେଇ ଲକ୍ଷ୍ମୀ ହଷ୍ଟେଲ୍ ଆଡ଼କୁ ପାଦ ବଢ଼ାଇଲି । ନଶ୍ଚିତ ଭାବେ ମୋ ଆଖି ଭରିଯାଇଥିଲା, ମନେ ହେଉଥିଲା ମୁଁ କ'ଣ ଏତେ ଅଯୋଗ୍ୟା, ଆଉ କେତେ ଅପମାନ ସହିବା ମୋ ଭାଗ୍ୟରେ ଅଛି । ଡାଃ ସତପାଲ୍ ଗାର୍ଗ (ଜଣେ ପ୍ରାର୍ଥୀ) କହିଲା । ଆମେମାନେ ବର୍ଷେ ହେଲା ଏଠାରେ ରଗଡୁଛୁ । ଆର୍ ପି ସେଣ୍ଟରରେ ପିଜି କରିବାକୁ ଇଚ୍ଛା ଯଦି ଏଠାରେ ଗୋଟିଏ ବର୍ଷ କାମ କର । ସେଇ ସମୟରେ ଏଇ ପରୀକ୍ଷା ବିଷୟରେ ପ୍ରାୟ ସବୁ କଛି ଆଲୋଚନା ହୋଇ ଯାଇଥାଏ ।

ଏଇ ଜିଟି ଟ୍ରେନ୍, ଦିଲ୍ଲୀ ଆସିବା ସମୟର ଯାତ୍ରା କେତେ ମଧୁର ଥିଲା, ମାତ୍ର ଦୀର୍ଘ ଅଠଚାଳିଶ ଘଣ୍ଟା ଟ୍ରେନ୍‌ରେ କେମିତି ବିତାଇଥିଲି କହିବା ବାହୁଲ୍ୟ । ଜି.ଟି ରୁ ଓହ୍ଲାଇ ପଣ୍ଡିଚେରୀ ପାଇଁ ବସ୍ ଧରିଲି । ଜିପମର କ୍ୟାମ୍ପସ୍‌ରେ ପହଞ୍ଚି ନିଜ ରୁମ୍‌ର ତାଲା ଖୋଲିଲି। ଟେଲିଗ୍ରାମ୍‌ଟିଏ ପଡ଼ିଛି । ଟେଲିଗ୍ରାମ୍... କିଏ ଯେମିତି ମତେ ଧକ୍କାଟାଏ ମାରିଲା। ସାଧାରଣତଃ ଟେଲିଗ୍ରାମ୍ ସୁ ଅଥବା କୁ ଖବର ନେଇ ଆସିଥାଏ । ପରିବାରରେ ନିକଟ ଭବିଷ୍ୟତ ପାଇଁ କିଛି ସୁଖବର ନାହିଁ । ତେବେ? ଥର ଥର ହାତରେ ଟେଲିଗ୍ରାମ୍‌ଟି ଭୂଇଁରୁ ଉଠାଇ ଖୋଲିଲି । "ସିଲେକ୍ଟେଡ୍ ଫର୍ ପି.ଜି. ଅପ୍‌ଥାଲମୋଲୋଜୀ, ଏମ୍‌ସ, ସେଣ୍ଡ କନ୍‌ସେଣ୍ଟ ବିଫୋର୍ ସିକ୍‌ସଟିନ ଜୁନ୍ ।"

ତହିଁ ଆରଦିନ ହସ୍‌ପିଟାଲ୍‌ରେ ଏଇ ଖବରଟି ଦେଇଥିଲି । ଡାଃ ଏ.କେ. ଗୁପ୍ତା ମତ ଦେଇଥିଲେ, "ଲୁପି ସେଣ୍ଟର୍‌ରେ ପିଜି । ଆଖି ବନ୍ଦ କରି ଚାଲି ଯା ।" ଭାଗ୍ୟରେ ଥିଲେ ଏ ସୁଯୋଗ ମିଳିଥାଏ ଦେଖୁ ଦେଖୁ ବିଶ୍ୱ ପ୍ରଖ୍ୟାତ ହୋଇବୁ । ପେଡ଼ିଆଟ୍ରିକ୍ ଚାପ୍‌ଟରରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ସେଇଥିଲା ମୋର ଦ୍ୱିତୀୟ ଟର୍ନିଙ୍ଗ ପଏଣ୍ଟ ।

## ନୂତନ ପରିବେଶ –

ଯୋଉ ଗାଁ ଝିଅଟି କଟକୀ ଝିଅମାନଙ୍କ ପାଖରେ ମାଡ଼ ଖାଇ ଯାଇଥିଲା, ଶିଶୁ ବିଭାଗରେ ଉଚ୍ଚଶିକ୍ଷା କରିବାର ଆଶାକୁ କଟକର ବାବୁମାନଙ୍କ ପାଖରେ ଜଳାଞ୍ଜଳୀ ଦେଇଥିଲା ସେ କେମିତି ଏଇ ଉତ୍ତର ଭାରତୀୟ ଜନସମାଜ ପାଖରେ ଉଧେଇବ! ଦକ୍ଷିଣ ଭାରତର ଶିଶୁ ବିଭାଗର ଡିପ୍ଲୋମା ଛାଡ଼ି ସତରେ ସେ କେତେବଡ଼ ଭୁଲ୍‌ଟିଏ କରିଛି । ଦକ୍ଷିଣ ଭାଷା ବୁଝିବା ମୋ' ପକ୍ଷେ ନିଶ୍ଚିତ ଭାବେ କଷ୍ଟ ସାପେକ୍ଷ ଥିଲେ ମଧ ମୁଁ ସେଠାରେ ମୂଳରୁ ନିଜକୁ ଖୁବ୍ ଭଲଭାବେ ସମନ୍ୱୟ ଯୋଗ୍ୟ କରି ନେଇଥିଲି । ଏଠାରେ ପାଞ୍ଚ ମାସ ବିତି ଯାଇଥିଲେ ମଧ ଦିନ ରାତି ମତେ ଖଟକା ଲାଗୁଛି । ବିଶେଷ କରି ବ୍ୟଙ୍ଗାତ୍ମକ କଥା ଗୁଡା ।

ଦିନେ ଅନୁଭବ କଲି ମୋ' ସହପାଠୀ ମାନେ ମତେ "ପାହାଡ଼" ସମ୍ବୋଧନ କରି ଡାକୁଛନ୍ତି। କେତେଜଣ ସିନିଅର ମାନେ ସିଧାସିଧା ସେଇ ଉପାଧିରେ ଡାକୁ ନ ଥିଲେ ମଧ କହନ୍ତି - ଆରେ ତୁମମାନଙ୍କର ପାହାଡ଼ ଆସିଗଲା । ଏଇ "ପାହାଡ଼" ଉପାଧିଟି କ'ଣ

ପାଇଁ ଥିଲା ସେତେବେଳେ କାହାକୁ ଭରସି ପଚ୍ଚାରି ପାରି ନ ଥିଲି । ପୋଷ୍ଟ ଗ୍ରାଜୁଏସନ୍‌ରେ ଭର୍ତ୍ତୀ ହେବାର କେତେଦିନ ପରେ ନିୟମ ଅନୁସାରେ ଦିନେ କ୍ଲାସ୍‌ରେ ନୂଆ ପି.ଜି. ମାନଙ୍କର ସମ୍ଭାଷଣ ହୋଇଥିଲା । ଅନ୍ୟ ସାତ ଜଣ ନିଜର ଯଥୋଚିତ ପରିଚୟ ଦେଇ ନିଜ ନିଜର ସ୍ଥାନ ଗ୍ରହଣ କରିଥିଲେ । କରତାଳି ଧ୍ୱନିରେ କ୍ଲାସ୍ ରୁମ୍ ମୁଖରିତ ହୋଇ ଉଠିଲା । ପ୍ରଫେସର ଅଗ୍ରୱାଲ୍ ମୋ'ର ଜଣେ ସହପାଠୀ "ଗାର୍ଗ"କୁ ପ୍ରଶ୍ନ କରିଥିଲେ "କ'ଣ ପ୍ରଫେସର ସତ୍‌ପାଲ୍ ଗାର୍ଗ (ଗାର୍ଗ ଖୁବ୍ ଆଉଟ୍ ସ୍ପୋକେନ୍ ବୋଲି ଡାଃ ଅଗ୍ରୱାଲ ତାକୁ ସବୁ କଥା ପଚ୍ଚାରିଥାନ୍ତି) ଫାଷ୍ଟ ସେମିଷ୍ଟାର ସମସ୍ତଙ୍କର ପରିଚୟ ଶେଷ ହେଲା? କ୍ଲାସ୍ ଆରମ୍ଭ କରିବା!"

ନାଁ ସାର୍, ପାହାଡ଼ ରହି ଯାଇଛି ।

ପାହାଡ଼!!!

ମୁଁ ନିଜ ସ୍ଥାନରୁ ଉଠି ପଡ଼ିଲି ।

"ଆରେ 'ମୂଷା କହ' ପାହାଡ଼ ନୁହେଁ" ଖୁବ୍ ଜୋର୍‌ରେ ହସରେ ବାତାବରଣ ଭରି ଉଠିଲା । ପୋଡ଼ିଅମ୍ ପାଖକୁ ଯାଇ ନିଜର ପରିଚୟ ବ୍ୟକ୍ତ କଲି ।

ହବି?

ଦେଖିବାକୁ ଗଲେ ମୋ'ର ବହୁ କିଛି ହବି । ସବୁ କହିବି ଯଦି ମୁଁ ପାଠରେ ଗଧ ବୋଲି କହିବେନି ତ? କିଛି ସମୟ ଚୁପ୍ ରହିଲି । ଶୁଣାଗଲା ଜଣେ କିଏ ମନ୍ତବ୍ୟ ଦେଲେ, "ତା'ର ହଜବ୍ୟାଣ୍ଡ କାହିଁ?" ପୁଣି ଥରେ ହସଗୋଳ । ମୋ' ଦୟନୀୟ ଅବସ୍ଥା ଦେଖି ପ୍ରଫେସର ଅଗ୍ରୱାଲ ମତେ ବସିବା ପାଇଁ ଆଦେଶ ଦେଲେ ।

କ୍ଲାସ୍‌ରେ ଜମା ମନୋନିବେଶ କରି ପାରୁ ନ ଥିଲି । ଶୈଳବାଳା ଅନୁଭୂତି ଆଉ ଥରେ ପୁନରାବୃତ୍ତି ହେବନି ତ! ପ୍ରଫେସର ଅଗ୍ରୱାଲ୍‌ଙ୍କର ବହୁତ ଗୁଡ଼ିଏ ଭଲଗୁଣ ଭିତରୁ ଗୋଟିଏ ହେଲା, ସେ ଛାତ୍ରଛାତ୍ରୀ ମାନଙ୍କ ସୁବିଧା, ଅସୁବିଧା ଉପରେ ନଜର ଦେଇଥାନ୍ତି । ପାଠରେ ଦୁର୍ବଳ ପିଲାଟିକୁ ପଢ଼ାରେ ସାହାଯ୍ୟ କରିବା ସଂଗେ ସଂଗେ ସମସ୍ତ ପିଲାମାନଙ୍କର ନିଜୀ ମାମଲା ଉପରେ ମଧ୍ୟ ଦଖଲ ଦେଇଥାନ୍ତି । ସେଇଥିପାଇଁ ଏମ୍‌ସର ପାଠ ଷ୍ଟାଣ୍ଡାର୍ଡ଼ ବହୁ କଠିନ ହୋଇଥିଲେ ମଧ୍ୟ ଆର୍.ପି. ସେଣ୍ଟର ପିଲାମାନେ ଖୁବ୍ ସହଜରେ ନିଜ ନିଜକୁ

ସୁଧାରି ନେଇଥାଆନ୍ତି । ଏତେ ବେଶୀ କଡ଼ା ନୀତି ନିୟମ ଜାରୀ କରୁଥିବା ମଣିଷଟିର ହୃଦୟ ଏଡ଼େ ନରମ, ସତରେ ଶିକ୍ଷଣୀୟ ।

ଚାରିମାସ ଗତ ହୋଇଯାଇଥିଲା । ପାଠରେ ଖୁବ୍ ଜୋର୍‌ରେ ମନୋନିବେଶ କରିବାର ପ୍ରଚେଷ୍ଟା କରୁଥିଲି । କ୍ଲାସ୍‌ରେ କେବେକେବେ ଟିଚରମାନଙ୍କ ମୁହଁରୁ ଶୁଣୁଥିଲି ଝିଅଟା ଶୀଘ୍ର ମେକ୍ ଅପ୍ କରିନେଲା । ଏ ସବୁ ଶୁଣିବା ପରେ ମୁଁ ନିଶ୍ଚିତ ଭାବେ ଆନନ୍ଦ ଅନୁଭବ କରେ। ମାତ୍ର ସହପାଠୀ ମାନଙ୍କର ମନ୍ତବ୍ୟ ମତେ ଉଦାସ କରି ଦେଇଥାଏ । ବୀଣା, ଆମ ଗ୍ରୁପ୍‌ର ଜଣେ ସହପାଠୀ ପାଠ ସହ ନିଜକୁ ନିୟୋଜିତ ନ କରି ପାରି ଛାଡ଼ି ଚାଲିଗଲାଣି । ପ୍ରଥମ ସେମିଷ୍ଟାର ଶେଷ ହେବା ଉପରେ । ମୋ'ର ଅନ୍ୟ ସମସ୍ତ ସହପାଠୀ ମାନଙ୍କୁ କ୍ୟାଟାରାକ୍ଟ ସର୍ଜରୀ କରିବା ପାଇଁ ଦିଆ ଯାଉଛି । ହେଲେ ମତେ ନୁହେଁ । ଶୀତ ଛୁଟି ଆରମ୍ଭ ହୋଇଯାଇଥିଲା । ପ୍ରଥମ ଅର୍ଦ୍ଧ ଛୁଟି ଶେଷ ହୋଇ ଯାଇଥାଏ । ସେଦିନ ଛୁଟିରୁ ଆସି ପ୍ରଫେସର ମଦନ ମୋହନ ଜଏନ୍ କରିଥିଲେ । ୱାର୍ଡରେ ମୋ' ପାଇଁ ଏକ କ୍ୟାଟାରାକ୍ଟ କେଶ୍ ରଖିବାକୁ ଆଦେଶ ଦେଇ ଚାଲି ଯାଇଥିଲେ । ଖୁବ୍ ଖୁସି ହୋଇ ରୋଗୀର ଆଖି ଦୁଇଟିକୁ ବାରମ୍ବାର ପରୀକ୍ଷା କରିଥିଲି । କେଉଁଠି କିଛି ଅସୁବିଧା ଥିଲେ ପୂର୍ବରୁ ସାବଧାନ ରହିବି ।

ମୋର ପ୍ରଥମ ସର୍ଜରୀ । ରୋଗୀଟି ମଧ୍ୟ ଜଣେ ମଣିଷ । ଇମାଚ୍ୟୁଓର କାଟାରାକ୍ଟ ଫୋରସେପ ଡ଼େଲିଭରୀ ସହଜରେ ହୋଇଯିବ । ଅପରେସନ୍ ଟେବୁଲ୍‌ରେ ରୋଗୀର ଆଖି ଦେଖି ସତକୁ ସତ ମୁଁ ଛାନିଆ ହୋଇଗଲି । ଇଏ ତ କାଲିର ସେଇ ରୋଗୀ ନୁହେଁ । ଗୋଟିଏ ଆଖି ଅପରେସନ ହୋଇସାରିଛି । ଅନ୍ୟ ଆଖିର ଅଧା କର୍ନିଆ ଧଳା, ଅଧା ପିଉପିଲ୍ କର୍ନିଆ ସଂଗେ ଲାଗିଛି । ଅନ୍ୟ କିଛି ଦେଖା ଯାଉନି । ଥକ୍କା ହୋଇ ବସି ପଡ଼ିଲି। ଦୂରରୁ ସିନିୟର ରେସିଡ଼େଣ୍ଟ ଜୋର୍ ଜୋର୍‌ରେ କହୁଥିଲେ, ଜଲ୍‌ଦି କେସ୍ ଆରମ୍ଭ କର । ପ୍ରଥମ କ୍ୟାଟାରାକ୍ଟ, ତିନି ଘଣ୍ଟା ଲଗେଇବୁ । ମୁଁ ମଝିରେ ଛାଡ଼ି ଚାଲିଯିବି । ପାଖରେ ପ୍ରଫେସର ମଦନ ମୋହନଙ୍କୁ ଦେଖି ଟିକିଏ ଦମ୍ଭ ବଢ଼ିଗଲା । ଏଇଟା ଗୋଟିଏ ବହୁତ କମ୍ପଲିକେଟେଡ୍ କେସ୍ ସାର୍ । ମୋ'ର ନାଁରେ ଥିବା କେସ୍‌ଟି ଆଉ କିଏ କରି ଦେଇଛି । ଆଜି ମୋ'ର ଶେଷ ଓଟି । ତା'ପରେ ଅନ୍ୟ ୟୁନିଟ୍‌କୁ ଯିବି । କେମିତି କରିବି?

ହାତରେ ଇନ୍ଷ୍ଟ୍ରୁମେଣ୍ଟ ନେଇ କରିବୁ, ଆଉ କେମିତି ସ୍ମିତ ହସି କହିଲେ ପ୍ରଫେସର ମଦନ ମୋହନ ।

ନାଁ ସାର୍, ମୁଁ କହୁଥିଲି ପ୍ରଥମ କେସ୍, ଏତେ କଷ୍ଟ...

"ମୁଁ ତତେ ଆସିଷ୍ଟ କରିବି । ଖୁସି!" କଥା କାଟି କହିଲେ ପ୍ରଫେସର ମଦନ ମୋହନ । ଟିକଏ ରହି ପୁଣି କହିଲେ, "ଦେଖ ଦେଖ ବତ୍ରା, ଇଏ କେଡ଼େ ଖୁସି ହେଉଛି ।" ଆପଣ ତାକୁ ଅପରେସନ୍‌ରେ ସାହାଯ୍ୟ କରିବେ, ଯେ କେହି ଖୁସି ହେବ । ଉତ୍ତରରେ କହିଲେ ଡାଃ ବତ୍ରା ।

ପ୍ରଫେସର ମଦନ ମୋହନ ଅପରେସନ୍‌ରେ ସାହାଯ୍ୟ କରୁଥିଲେ ବୋଲି ସମସ୍ତ ଜୁନିଅର ଏବଂ ସିନିଅର ରେସିଡ଼େଣ୍ଟ ଘେରି ଛିଡ଼ା ହୋଇଥିଲେ । କର୍ମଣ୍ୟେ ବାଧିକା ରସ୍ତେ ମା' ଫଳେଷୁ କଦାଚନ – ଆର୍ ପି ସେଣ୍ଟର୍‌ରେ ପୋଷ୍ଟ ଗ୍ରାଜୁଏସନ୍, ଏ.ଆଇ.ଆଇ.ଏମ୍‌ସ ର ସମସ୍ତ ଡିପାର୍ଟମେଣ୍ଟ ଠାରୁ କଷ୍ଟକର ବୋଲି କୁହାଯାଏ । ପି.ଜି. ସମୟରେ କାମ ତ କାମ, ଛୁଟି ମଧ୍ଯ ମିଳେନା । ସରକାରୀ ଛୁଟୀ ଦିନ ମାନଙ୍କରେ ମଧ୍ଯ ହସ୍‌ପିଟାଲ୍, ଲାଇବ୍ରେରୀ ଛାଡ଼ି ଯିବା ପାଇଁ ଅନୁମତି ନ ଥାଏ । ସବୁଠୁ ମଜାର ବିଷୟ ହେଲା ପି.ଜି. କରିବା ସମୟରେ ବିବାହ କରିବାର ଅନୁମତି ମଧ୍ଯ ନଥାଏ । ପ୍ରଫେସର ଅଗ୍ରୱାଲ୍ କହନ୍ତି:- ତିନି ବର୍ଷ "ଭିଗରସ୍ ଇମ୍ପ୍ରିଜନ୍‌ମେଣ୍ଟ" ସେ "ଡୁ ଅର୍ ଡାଇ ନିୟମ ପାଳନ କରିବାକୁ ଆଦେଶ ଦେଇଥାଆନ୍ତି । ସେଣ୍ଟର୍‌ର ରୁଟିନ୍ ମଧ୍ଯ ସେଇପରି ଜାରି ରଖାଯାଇଥାଏ ସକାଳ ଆଠଟା ପୂର୍ବରୁ ହସ୍‌ପିଟାଲ୍ ପହଞ୍ଚିବାକୁ ହୋଇଥାଏ । କାହିଁକ ନାଁ ଠିକ୍ ସକାଳ ଆଠଟାରେ ପ୍ରଫେସର ଅଗ୍ରୱାଲ୍ ଏଣ୍ଟ୍ରି ଗେଟ୍ ପାଖରେ ଛିଡ଼ା ହୋଇ ଆଟେଣ୍ଡାନ୍‌ସ ନେଇ ଥାଆନ୍ତି । ଦିନ ଦୁଇଟା ପର୍ଯ୍ୟନ୍ତ ରୋଗୀ ଦେଖା, ଦୁଇଟାରୁ ସାଢ଼େ ତିନିଟା କ୍ଲାସ୍, ସାଢ଼େ ତିନିଟାରୁ ସାଢ଼େ ପାଞ୍ଚଟା ରୋଗୀ ଦେଖା, ଛଅଟାରୁ ନଅଟା ୱାର୍ଡ଼ ଡିଉଟି ଏବଂ ସିନିଅରଙ୍କ ସହ କ୍ଲିନିକାଲ୍ ରାଉଣ୍ଡ, ସାଢ଼େ ନଅଟାରୁ ଆସନ୍ତା କ୍ଲାସ୍ ପାଇଁ ଗ୍ରୁପ୍ ଡିସ୍‌କସନ୍ । ତା'ପରେ ଲାଇବ୍ରେରୀରେ ମଧ୍ଯ ଆଟେଣ୍ଡାନ୍‌ସ ଚେକ୍ କରିଥାନ୍ତି । ବେଳେ ବେଳେ ମୁଁ ମନକୁ ମନ କହେ, "ବାପ୍‌ରେ ବାପ୍, ଏତେ ରଗଡ଼ିଲେ ତ ପଥରଖଣ୍ଡେ ବି ଜୀବନ ପାଇ ଜ୍ଞାନୀ ଡାକ୍ତର

ହୋଇଯିବ । ଯେଉଁଦିନ ଗ୍ରାଉଣ୍ଡରେ କମ୍ପ୍ୟା କ୍ଲାସ୍‌ରେ ଉତ୍ତର ନ ଦେଇ ପାରିଥାଏ ସେଦିନ ପୁଣି ମୁଁ ନିଜକୁ ନିଜେ କହେ "ମୁଁ କ'ଣ ପଥର ଠାରୁ ହୀନ" ।

ଥିସିସ୍ କାମ କରିବାକୁ ସମୟ ମିଳେନା । ତେଣୁ ସମସ୍ତେ ଲୁଚ ଗ୍ରେରି ଯାଇ କରିଥାନ୍ତି । ପ୍ରଫେସରଙ୍କ ସାମ୍ନାର ମୁହଁ ଖୋଲିବାକୁ କାହାରି ସାହସ ନଥାଏ । ସପ୍ତାହରେ ଦୁଇଦିନ, ଶୁକ୍ରବାର ଏବଂ ଶନିବାର ଗ୍ରୁପ୍ ଡିସ୍‌କସନ ନ ଥାଏ । ତେଣୁ ସେଇ ଦୁଇରାତି ମୁଁ ଥିସିସ୍ ପାଇଁ ରଖିଥାଏ । ଥିସିସ୍ ପାଇଁ ଲିଟ୍‌ରେଚର ସର୍ଚ୍ଚ କରି ପ୍ରତ୍ୟେକ ମାସରେ ଦେବାକୁ ହୁଏ । ମୁଁ ତାହା ପ୍ରତ୍ୟେକ ସପ୍ତାହରେ ଜମା କରିଦେଇଥାଏ । ପ୍ରଥମ ସେମିଷ୍ଟାର୍‌ରେ ମୋ'ର ଲିଟରେଚର ସର୍ଚ୍ଚ, ଇଣ୍ଟ୍ରଡ଼କସନ୍, ଏମ୍ ଏବଂ ମ୍ୟାଟେରିଆଲସ୍ ଏଣ୍ଡ ମେଥଡ଼ସ୍ ଲେଖିବା ଶେଷ ହୋଇଗଲା । **Experiment** ଆରମ୍ଭ ଦ୍ୱିତୀୟ ସେମିଷ୍ଟାର୍‌ରୁ । ମୁଁ ନିଜକୁ ଭାଗ୍ୟବତୀ ମନେକରି ଉଲ୍ଲାସିତ ହେଉଥିଲେ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ପ୍ରିୟତମା ତୁମେ କରୋନାର ଭୀତ ତ୍ରସ୍ତ



ତାରାପ୍ରସାଦ ଜେନା

ପ୍ରିୟତମା ତୁମେ ଅଭିମାନ ଭରା
ଅପହଞ୍ଚ ଛୋଟ ଖେଳ
ସାମୟିକ ଭାବେ ପ୍ରିୟ ସଙ୍ଗରୋଧ
ସନ୍ଦେହର ପ୍ରେମ ଗୋଳ । ୦ ।

ଦେହ ଦାହ ଛାଡ଼ି ଲାଜ ଚୁମା ଭୁଲ
କରୋନାର ଭୀତ ତ୍ରସ୍ତ
ଜୀବନର ସ୍ୱଚ୍ଛ ଭାବ ଅଙ୍ଗୀକାରେ
ଯାବତୀୟ ମୋହ ଗ୍ରସ୍ତ
ଆପଣାର ହସ ଶୂନ୍ୟେ ମିଳାଉଛ
ପ୍ରତ୍ୟୟର ପ୍ରୀତି ମେଳ । ୧ ।

ଶୋଭା ମନଲୋଭା ମ୍ଲାନ ସନ୍ଧିକ୍ଷଣ
ଗୀତ ଗପ ଉପନ୍ୟାସ
ସାହିତ୍ୟର ବିଧି ଅନ୍ୱେଷଣ ସିନା
ମନ ମାନ ରୂପ ରସ
ଯାମିନୀର ଅନ୍ତ ସକାଳର ବ୍ୟସ୍ତ
ଏକାନ୍ତର ସ୍ୱପ୍ନ ଛଳ । ୨ ।

ରଣପୁର, ନୟାଗଡ, ଓଡ଼ିଶା

# ତମେ ଗଲ୍‌ପରେ



ପୁସ୍ତମ୍ ଯୁଆଡି

ତମେ ଗଲ୍‌ପରେ,
ମୋ ଚର ପ୍ରେମିକ ହେବାର ସ୍ୱପ୍ନ ହେଲ୍ ଧୂଳସାତ
ବିଶ୍ୱାସ କୁ ମୁଁ ଭରସା କରିପାରିଲିନ ପ୍ରିୟେ,
ସନ୍ଦେହୀ ହେଲ୍ ମୋ ନରୀହ ଆଖି
କାଲେ ତୁମେ ଆଉ କାହା ସାଥେ....
ଧେତ୍,
ଏ ପ୍ରେମ ଫ୍ରେମ ସବୁ
କୂଳ ନ ଥିବା ନଈ ପରି,
କେବେ ଛଳ ଛଳ ହେଇ ଲଙ୍ଘିଯାଏ ସୀମା
କାହାକୁ କଂଦେଇ ଦିଏ ଜୀବନ ସାରା ତ,
କାହାକୁ କରିଦିଏ ପ୍ରେମରେ ଜୁଡୁବୁଡୁ ।
ବୈଦେହୀ ଆଖିରେ କେବେ ଲୁହ ଥିଲ୍ କି ?
କେମିତି କଟେଇଦେଲ୍ ଅଶୋକ ବଣରେ ଏତେଦିନ
ପୁରୁଷୋତ୍ତମ କୁ କେବେ ଭ୍ବିଛି କି ?
ତାକୁ ତ କେହି ବି ପଗ୍ଚରିଲେ ନ !!!
ଛାଡ଼,
ତମେ ଗଲ୍‌ପରେ,
ସବୁ ଦିନ ଏଠି ବର୍ଷା
ଲୁହ ବଦଳରେ ରକ୍ତ ଝରେ
ଅଦିନଆ ଶ୍ରାବଣରେ ।

ଭୁଡିବାହାଲ, ଗାଇସିଲ୍‌ଟ, ବରଗଡ଼

# ନାଲି ଓଠ



ଆଶ୍ରିତ ମହାପାତ୍ର

ନାଲି ଯେ ଦିଶଇ ମୋ ପ୍ରିୟା ଅଧର
ସତେକ ଗୋଲାପ ଫୁଲ
ଏ ମନ ଖୋଜଇ ପ୍ରଣୟ ସପନେ
କରନ୍ତା କପୋଳେ ଗେଲ ॥
ଝିଲିମିଲି ଦିଶେ ତା ଗ୍ଲେର୍ ଗ୍ଲହାଣୀ
ନଏ ମୋ ହୃଦୟ କଣି
ରେଶମୀ ରୂପ ତା ପ୍ରେମକୁ ଠାରୁଛି
ମୁଁ ଏକା ପାରୁଛି ଜାଣି ॥
ନାଲି ଓଠ ତାର ହେଉଛି ଅଧିର
ନୃତ୍ୟ କରେ ଢଳ ଢଳ
ଫୁଲେଇ ଚୁମ୍ବନ କୁହାଟ ମାରୁଛି
ଛିଞ୍ଚୁଛି ପ୍ରେମର ଗାଳ ॥
ଚମ୍ପା କଢ଼ି ପାଦେ ଅଳତାର ଗାର
ହାତରେ ମେହେନ୍ଦି ତାର
ନୀଳଶାଢ଼ି ପିନ୍ଧି ମୋ ପାଶେ ଆସୁଛି
ଲଗାଇ ଗଜର୍ ହାର ॥
ନାଲି ଓଠେ ପ୍ରିୟା ଇସାର୍ ଦେଉଛି
ସଜେଇଛି ବାସ ର୍ତି
ଗ୍ଲନ୍ଦକୁ ଦେଖି ସେ ଲ୍ଜେଇ ପଡୁଛି
ଭରୁଛି ମୋ ଦେହେ ତାତି ॥

ଗ୍ରାମ - ଟାଙ୍ଗି, ଜିଲ୍ଲା- ଖୋର୍ଦ୍ଧା

# ମୁଖାଗ୍ନି



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ମାଆ ପାଖରେ ବସି ମଧୁବାବୁଙ୍କର ବିଲେଇ ବହିରୁ ଚନ୍ଦ ଦେଖି ଖନେଇ ଖନେଇ ଶବ୍ଦ ସବୁ ପଢୁ ପଢୁ ଏକ ଘଡଘଡିର ଶବ୍ଦରେ ଚମକ ଉଠି, ଡରି ଗୁରୁଣ୍ଡିକ ମାଆ କୋଳକୁ ଯାଇ ପଣତ ଧରି ମୁହଁକୁ ଲୁଚେଇ ଦେଇଥିଲା ଶୁଭ୍ରାଂଶୁ। ନଡରିବ ବା କେମିତି **?** ଏହି ଶବ୍ଦ ତ ଗୋଟିଏ ଦିନରେ କେତେଥର ଶୁଣିଛି ଏଇ ଗ୍ଡ଼ରି ମାସ ତଳେ। ଅନେକ ଗୁଡିଏ ଲୋକଙ୍କ ସହିତ କେତେ ଯେ ପୋଲିସ ବାବୁ ଓ କାନ୍ଧରେ ବନ୍ଧୁକ ଧରି ଚତା ବାଘର ଛାଲ ପରି ପୋଷାକ ପିନ୍ଧି ଆସିଥିବା କଛି ସୈନକ। ସମସ୍ତେ ସେଦିନ ବନ୍ଧୁକରୁ କଛି ଗୁଳ ଫୁଟାଇବା ପରେ ତ ଶୁଭ୍ରାଂଶୁ ହାତରେ ମେଞ୍ଚାଏ ବଳତା ରେ ନଆଁ କରି ଧରେଇ ଦେଇଥିଲେ କାନ୍ଧରେ ଷ୍ଟାର ଓ ଛାତିରେ ଅନେକ ଗୁଡିଏ ମେଡାଲ ଝୁଲାଇ ଥିବା ବାବୁ ଜଣକ। ତେଣୁ ସେହିଦିନ ଠାରୁ ଏଇ ଶବ୍ଦ ର ଭୟ ତା ମନରେ ଏମିତି ବଷା ବାନ୍ଧି ରହିଯାଇଛି ଯେ, କୌଣସି ସ୍ଥାନରେ ବାଣ ଫୁଟିବା ଶବ୍ଦ ଶୁଣିଲେ ବି ଡରିଯାଇ ମାଆ କୁ ତା'ର କୁହେ, "ମାଆ ମୁଁ ଆଉ ସେ ନଆଁ ଜାଳବିନ। ମୋତେ କେଉଁଠି ଲୁଚେଇ ଦିଅ।" ଭ୍ବିନଏ କାଳେ ଆଉ ଥରେ ପୋଲିସ ବାବୁ ଆସି ତା' ହାତରେ ପୁଣିଥରେ ନଆଁ ଧରାଇଦେବେ ।

ଭାରତୀୟ ଅର୍ଦ୍ଧ ସାମରିକ ବାହିନୀ **(CRPF)**ରେ ଯୋଗ ଦେବା ପରେ ରଶ୍ମୀ ପ୍ରଥମେ ପୋଷ୍ଟିଂ ପାଇଥିଲେ ଜମ୍ମୁରେ। ପରବର୍ତ୍ତୀ ସମୟରେ  ଛତିଶଗଡ଼ ର ବସ୍ତର ରେ ନକ୍ସଲ ଦମନ ପାଇଁ ଗଠିତ ଏକ ସ୍ୱତନ୍ତ୍ର ଅପରେସନ ଟିମର ନେତୃତ୍ୱ ନେଇ ଆସିଥିଲେ । ସେଠାରେ ଅଳ୍ପ

ଦିନର ରହିଣୀ ଭିତରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହିତ ସୁ ସମ୍ପର୍କ ଗଢିବାକୁ ଚେଷ୍ଟା କରି ମାଓବାଦୀ ମାନଙ୍କ ଗତିବିଧି କୁ ଜାଣି ଯୋଜନା ପ୍ରସ୍ତୁତ କରିବା ସହିତ ଗୁଇନ୍ଦା ବିଭାଗ କୁ ମଧ୍ୟ ଆଲର୍ଟ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିଛି ଦିନ ପରେ ଗୁଇନ୍ଦା ସୂଚନା ଆଧାରରେ ସ୍ଥାନୀୟ ପୋଲିସ ସହାୟତା ନେଇ ଆରମ୍ଭ କରିଥିଲେ କମ୍ବିଂ ଅପରେସନ, ଯାହାଦ୍ୱାରା କେତେଜଣ ମାଓବାଦୀଙ୍କ ସହିତ ସେମାନଙ୍କ ଦୁଇ ଏରିୟା କମାଣ୍ଡରଙ୍କୁ ମଧ୍ୟ ମାରିବାରେ ସଫଳ ହୋଇଥିଲେ। ଯାହାଙ୍କ ମୁଣ୍ଡ ପିଛା ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିଲେ । ଏହି ସଫଳତା ପରେ ରଶ୍ମିଙ୍କୁ ବହୁତ ପ୍ରଶଂସା ମିଳିଥିଲା ଏବଂ ଛତିଶଗଡ଼ ସରକାରଙ୍କ ପକ୍ଷରୁ ମଧ୍ୟ ରାଜ୍ୟପାଳଙ୍କ ଦ୍ୱା ପୁରସ୍କୃତ କରାଯାଇଥିଲା । ଖବର କାଗଜ, ପ୍ରତ୍ୟେକ ନିଉଜ୍ ଚ୍ୟାନେଲର ଶୀର୍ଷକ ଖବର ଥିଲା ରଶ୍ମିରଞ୍ଜନଙ୍କର ବାହାଦୁରୀ ଏବଂ କାର୍ଯ୍ୟଶୈଳୀ କୁ ନେଇ ।

ରଶ୍ମିଙ୍କ ପରିବାର କହିଲେ ବାପା ଅର୍ଜୁନ ଚରଣ ଓ ମାଆ ଶିଶୁଳା ଦେବୀ। ଏବଂ ବାପା ମାଆଙ୍କ ର ନୟନପିତୁଳା ରଶ୍ମୀ। ଗ୍ରାଜୁଏସନ ସମାପ୍ତ ପରେ ବିଭିନ୍ନ ପରୀକ୍ଷା ଦେଇଥିଲା ଚାକରୀ ଖଣ୍ଡିଏ ପାଇଁ। ବହୁତ ଦିନ ପରେ CRPF ରେ ଯୋଗଦେବା ପାଇଁ ଚିଠିଟିଏ ଡାକରେ ଆସି ପହଁଚିଲା। ଚିଠିକୁ ପଢିବା ପରେ ବାପା ମାଆ ଦୁହେଁ ବହୁତ ମନଦୁଃଖ କରିବା ସହିତ ଏହି ଚାକରୀ କୁ ମନା କଲେ । ବର୍ତ୍ତମାନ ସମୟରେ ସରକାରୀ ଚାକରୀ କୋଟି ପୁଣ୍ୟ ବଳେ ମିଳୁଛି। ଏହା ପୁଣି ଦେଶ ମାତୃକାର ସେବା କରିବାର ଏକ ସୁଯୋଗ ତେଣୁ ରଶ୍ମୀ ମନେ ମନେ ସ୍ଥିର କରିନେଲେ କି ଏହାକୁ ସ୍ୱୀକାର କରିନେବେ। ଏଥିପାଇଁ ସେ ନିଜର ବାପା ଓ ମାଆଙ୍କୁ କାକୁତୀ ମିନତୀ କରି ରାଜି କରେଇ ଦେଇ ଉପଯୁକ୍ତ ଦିନ ଯଥା ସମୟରେ ସାକ୍ଷାତକାର କଲେ। ଏବଂ ପରବର୍ତ୍ତୀ ସମୟରେ ନିଜର ସମସ୍ତ ଆବଶ୍ୟକୀୟ ସରଞ୍ଜାମ ସହିତ ବାପା ମାଆ ତଥା ଗ୍ରାମର ଗୁରୁଜନଙ୍କ ଠାରୁ ବିଦାୟ ନେଇ ଦେଶ ସେବାରେ ଯୋଗ ଦେଇଥିଲେ। ଚାକରୀ ରେ ଯୋଗଦେବାର ପୂର୍ବରୁ ପୁଅ ବିବାହ ପାଇଁ କନ୍ୟାଟିଏ ଖୋଜି ପସନ୍ଦ କରି ସାରିଥିଲେ, କେବଳ ପୁଅ ର କୌଣସି ରୋଜଗାର

ନଥିବା କାରଣରୁ ଟିକେ ଯାହା ଆଗକୁ ପ୍ରସ୍ତାବ ବଢ଼ିପାରୁ ନଥିଲା। ଏବେ କିନ୍ତୁ ଆଉ କୌଣସି ପ୍ରକାର ଅସୁବିଧା ନଥିଲା ଏଣୁ ପୁଅର ପ୍ରଥମ ଛୁଟି କୁ ଆଖି ଆଗରେ ରଖି ବାହାଘର ଦିନ ସ୍ଥିର କରି ଯଥାବିଧି ବିବାହ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ବାହାଘରର କିଛି ଦିନ ପରେ ଜନ୍ମ ନେଇଥିଲା ଶୁଭ୍ରାଂଶୁ । ଘରର ପ୍ରଥମ ଉତ୍ତରାଧିକାରୀ କୁ ପାଇ ସମସ୍ତେ ବହୁତ ଖୁସି ଥିଲେ। ବୃଦ୍ଧ ଅବସ୍ଥାରେ ଛୋଟ କଣ୍ଢେଇକୁ ପାଇ ଜେଜେ ବାପା ଓ ଜେଜେ ମାଆ ବି ବହୁତ ଖୁସି ଥିଲେ।

ରଶ୍ମିଙ୍କର କାର୍ଯ୍ୟ ଲାଗି ସେ ମୋବାଦୀଙ୍କର ହିଟ ଲିଷ୍ଟ ରେ ରହିଥିଲେ। ଏଣୁ ବହୁତ ଥର ସେମାନେ କେବଳ ରଶ୍ମିଙ୍କୁ ଟାର୍ଗେଟ କରି ବିଭିନ୍ନ ଆକ୍ରମଣର ଯୋଜନା କରୁଥିଲେ ମଧ୍ୟ ରଶ୍ମିରଞ୍ଜନଙ୍କର ଅପରେସନ ର ପ୍ରଣାଳୀ ତଥା ସ୍ଥାନୀୟ ଗୁଇନ୍ଦା ବିଭାଗର କାର୍ଯ୍ୟକାରିତା ଲାଗି ଯୋଜନାକୁ ବିଫଳ କରିବା ସହିତ ଅନେକ ମାଓବାଦୀ ନିହତ ହେଉଥିଲେ। ଯାହା ସେମାନଙ୍କଙ୍କ ମୁଣ୍ଡବିନ୍ଧା ତଥା କ୍ରୋଧକୁ ବଢ଼ାଉଥିଲା। ଏଣୁ ହଠାତ ଦିନେ ରାତିରେ ନିଜ ଶିବିରରେ ବିଶ୍ରାମ ନେବା ସମୟରେ ଅତର୍କିତ ଆକ୍ରମଣ ତଥା ଗୁଳିଗୋଳା ଏବଂ ହ୍ୟାଣ୍ଡ ଗ୍ରେନେଡ଼ ମାଡ଼ କରିଥିଲେ ମାଓବାଦୀଙ୍କର ଏକ ଦଳ। ହଠାତ କିଛି ବୁଝିବା ଆଗରୁ ସବୁ କିଛି ସରି ଯାଇଥିଲା। ଯଦିଓ କିଛି ମାଓବାଦୀଙ୍କୁ ନିହତ କରିବାରେ ସୈନ୍ୟ ବାହିନୀ ସଫଳ ହୋଇଥିଲେ କିନ୍ତୁ ନିଜର କିଛି ବନ୍ଧୁଙ୍କ ସହିତ କମାଣ୍ଡାଣ୍ଟ ଚଫ ରଶ୍ମିରଞ୍ଜନ ମଧ୍ୟ ସହିଦ ହୋଇ ଯାଇଥିଲେ। ଏହି ଖବର ଛତିଶଗଡ଼ ସମେତ ଦେଶର ସମସ୍ତ ଲୋକଙ୍କୁ ନିରବ କରିଦେଇଥିଲା।

ସହିଦ ମାନଙ୍କୁ ସେଠାରେ ଯଥା ବିଧି ରାଷ୍ଟ୍ରୀୟ ସମ୍ମାନ ଦେଇ ପ୍ରତ୍ୟେକ ସହିଦଙ୍କୁ ନିଜ ନିଜ ଗ୍ରାମକୁ ପଠେଇ ସେଠାରେ ମଧ୍ୟ ରାଷ୍ଟ୍ରୀୟ ସମ୍ମାନ ସହିତ ସହିଦଙ୍କ ଶେଷକୃତ୍ୟ ସମ୍ପନ୍ନ ର ବ୍ୟବସ୍ଥା କରାଗଲା। ରଶ୍ମିରଞ୍ଜନ ସହିଦ ରଥ ଆସି ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳ ଲୋକାରଣ୍ୟ ହୋଇଯାଇଥିଲା।ସମସ୍ତ ଜନତା ନିଜର ଆଖି ଲୁହରେ ସହିଦଙ୍କୁ ବିଦାୟ

ଜଣାଉ ଥିଲେ। ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ସହିଦଙ୍କ ଅମରତ୍ୱ ଓ ଭାରତ ମାତା ର ଜୟଗାନ ରେ ପ୍ରକମ୍ପିତ ହୋଇ ଉଠିଥିଲା। ସମସ୍ତ କାର୍ଯ୍ୟ ପ୍ରସ୍ତୁତି ପରେ ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ମୁଖାଗ୍ନି କଏ ଦେବ ସେ ନେଇ ଚର୍ଚ୍ଚା ଆରମ୍ଭ ହେବା ସହିତ ଶେଷ ନିଷ୍ପତ୍ତି ନିଆଗଲା କ ପୁଅ ହିଁ ମୁଖାଗ୍ନି ଦେବ ଏବଂ ପରବର୍ତ୍ତୀ କ୍ରିୟା କର୍ମ ଅନ୍ୟ କାହାଦ୍ୱାରା ସମ୍ପର୍ଣ୍ଣ କରାଯିବ। ଏଣୁ ତୋପ ସଲାମୀ ଦିଆଯିବା ପରେ ମାତ୍ର ଗୁରିବର୍ଷର ଶିଶୁ ଶୁଭାଂଶୁ ହାତରେ ଧରେଇ ଦିଆଗଲା ଜୁଳା ବଳତାର ନିଆଁ କୁ ନିଜର ସହିଦ ପିତାଙ୍କୁ ମୁଖାଗ୍ନି ଦେବା ପାଇଁ।

ଜୀବନ କାଳରେ ପୁଅ ତା' ବାପା ମାଆଙ୍କୁ କିଛି ଦେଉ ବା ନଦେଉ ଶେଷ ବେଳକୁ ମୁହଁରେ ଏଇ ନିଆଁ ଟିକଏ ନିହାତି ଦେଇଥାଏ। ନିଜ ପୁଅ ହାତରୁ ଏଇ ନିଆଁ ଟିକଏ ପାଇଲା ପରେ କୁଆଡେ ବାପା ମାଆ ମୁକ୍ତି ପାଇଥାନ୍ତି ।

ଏଣୁ ଆଜି ଶୁଭାଂଶୁ ବି କେମିତି ତା କର୍ତ୍ତବ୍ୟ ରୁ ବାଦ ପଡ଼ିଥାନ୍ତା ।

ଭାରତ ମାତାକୀ ଜୟ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସାକ୍ଷୀ



ଯୁବରାଜ କୁଦେଇ

ଆକାଶରେ ଜହ୍ନ ଥିଲା ପୋଖରୀରେ କଇଁ

ତାର୍ ସବୁ ସାକ୍ଷୀ ଥିଲେ ଗଡି ଥିଲା ଚେଇଁ

ତମେ ଥିଲ ମୁଁ ଥିଲିଁ ସ୍ନେହ ଥିଲା ପ୍ରେମ ଥିଲା

ସଂପର୍କଟା ହସୁଥିଲା ଖିଲି ଖିଲି ହୋଇ

ଗଲିଗଲ ତମେ ସଖୀ ସିନ୍ଦୂର ଟୋପେ ନାଇ

ଭଳ ପାଇ ଭୁଲିଗଲ ପ୍ରତାରଣା ଦେଇ

ଏବେ କନ୍ତୁ ତମେ ନାହିଁ ମୁଁ ଏକା ଅଛି

ତଥାପି ତ ତମ ସ୍ମୃତି ଗୋପନେ ସ୍ମରୁଛି

ତଥାପି ତ ତମ ସ୍ମୃତି ଗୋପନେ ସ୍ମରୁଛି

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ଜିବନ୍



ସୁଭାସ୍ ଚନ୍ଦ୍ର ଭୁଏ

ଅଁତିରି ସାଲ ନୁ ମସାନ୍ ଘାଟି ତକ୍
ମଝିଁର୍ ସମିଆଁ ଜିବନ୍
ଧନ୍ ଦରବ୍ ଛାଡି କେତେ ଟା ମନ୍
କମେଇଛୁ ଜେ ଟିକେ ଗନ୍
ଗରିବ୍ ହେଇ ତ ଜନମ୍ ହେବାର୍
ନୁହେଁସେ ମୁଟେ ପାପ୍
ଜିବେଁ ଥାଇ ଜିବ୍ ମରଲେ ହେଇ ଗରିବ୍
କଧ୍ରିଆ କରମ୍ ଭାବ୍
ମଗ୍ନ୍ ଉପରେଁ ତ ବଡ୍ ସାନ୍ ଚଲେ
ଫଟା ମଠା ସୁନା ଟକାଁ
ପାପର୍ କମାନ ଦୁଖ୍ ଭର୍ଦର୍
ନାଇଁ ଦେଇ ପାରୁ ଛେଁକା
କରମ୍ ଜୁଗି ଲଙ୍କାର୍ ରାବଣର୍
ଗର୍ବିତା ତୁଣେ ମୁଇଁ
ଲେଛାଲେ ଲଞ୍ଜି ଜଲି ରାତା ରାତି
ପୁଡି ଖାର୍ ହେଲା ଭୂଇଁ
ଅସତର୍ ଧନେଁ ସଁତ୍ଲିଲେ ଜିବନ୍
ବିଗ୍ଡ଼ି ଜାଏସି ପାଗ୍
ସର୍ଦାର୍ ଆଗେ ଇଝାର୍ ହିସାବ୍
ନଏ ଅନଏର୍ ଭାଗ୍
ଗୁଟ୍ ଗୁଟ୍ କରି ତଉଲା ତଉଲି

ଅର୍‌ଜିଲ୍ ଟାର୍ ଭଉ
ଉଜନ୍ ଦେଖି ଗା ଫଲ୍ ସଏ ଗୁଟ୍
ଆପେ ଆପେ ଭୁଗି ଥାଉଁ
କାନ୍ଦୁଁଥିସୁଁ ନଜେଁ ଜନମ୍ ସମିଏଁ
ହୁଲ୍‌ହୁଲି କଥା କହେ
ମଗ୍‌ନ୍ ଛାଡ଼ଲେଁ ଘ୍ରର୍‌ହିଆଡ୍ ସୁଭେ
ରାମ୍ ନାମ୍ ସତ୍ ରହେ
ରାମ୍ ନାମ୍ ଅର୍ଥ ଆଏ କାମ୍ ଦାମ୍
ଜିବନ୍ ନେ ହଉ କମ୍ ଦାମ୍
ସତ୍ ବିଗ୍ରର୍ ଉଗ୍ର କରମ୍ ବେଭର୍
ବନାସି ପୁଇନ୍ ଧାମ୍
କମେଇ କୁଠେଇ ଖୁଆ ପିଆ ସୁଆ
ନୁହେଁସେ ଅସଲ୍ ଜିବନ୍
ନଜେ ଦୁଖେଁ ରହି ସୁଖ୍ ଦେଇ ହଁସି
ମନେ ଜଲୁ ସେବାର୍ ସପନ୍
ଜିବନେଁ ଭରଲେଁ ଭାବ୍, ମିଲସି ଥାବ୍
ଗଛେଁ ଜେନ୍ତା ନୁକୋ ଧୁକା
ପରହିତେଁ ବଢ଼େଇ ପରସି ନେଲେ
କେଭେଁ ନାଇଁ ହଉ ଭୁକା

ଧାଙ୍ଗେର୍,ବରଗଡ

# ରକତ୍



ଶ୍ରୀ ସହଦେବ ଧରୁଆ

ଜାନ୍ ନଏ          ଜାନ୍ ଦିଏ
    ଅମୁଲ୍ ବୁଁଦେ ରକତ୍,
ତାର୍ ବିନା          ଛୁଗ୍ଲ ସୁନା
    ଦିହିଁ ଖୁନା ଅସକତ୍ ।୧ ।

ଭିନେ ଭିନେ          ରୁପେ ସିନେ
    ଜନା ରକତ୍ ଫରକ୍,
ବରଗ୍ ବି          ତାର୍ 'ଏ' 'ବି'
    'ଏବି' 'ଓ' ଉନା-ଅଧିକ୍ ।୨ ।

ଏକ୍ ରଂଗ୍          ଏକ୍ ଢଂଗ୍
    ବାଁଆଚେ ଦୁଖି ଜୀବନ୍
ଦିହେଁ ଥିଲେ          ହଁସେ ଭଲେ
    ଅଭିବେ ପର୍ାନ୍ ହିନ୍ ।୩ ।

ଦିଅ ଦାନ୍          ରଖ ଜାନ୍
    ପୁଇନ୍ ରକତ୍ ଦାନ୍ ,
ଦାନେ ଝନେ          ହଁସୁ ବନେ
    ହେଉ ଜୀବନ୍ ମହାନ୍ ।୪ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

# ଶ୍ରୀମଦ୍ ଭଗବତ୍ ଗୀତାର ନବମ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଭଗବାନ୍ ଅର୍ଜୁନଙ୍କୁ କହିଲେ-ଅତ୍ୟନ୍ତ ଗୋପନୀୟ ଓ ସର୍ବଶ୍ରେଷ୍ଠ ଜ୍ଞାନ ବିଜ୍ଞାନ ତୁମକୁ କହିବି । ତାହା ଜାଣିପାରିଲେ ତୁମେ ସଂସାର ବନ୍ଧନରୁ ମୁକ୍ତ ହେବ । ଏହି ଜ୍ଞାନ ବିଜ୍ଞାନକୁ ଭଗବାନ୍ ନିଜେ ରାଜବିଦ୍ୟା (ଶ୍ରେଷ୍ଠବିଦ୍ୟା) ରାଜଗୁହ୍ୟ (ଅତ୍ୟନ୍ତ ଗୋପନୀୟ) କହିଥିବାରୁ ଏ ଅଧ୍ୟାର ନାମ ରାଜବିଦ୍ୟା ରାଜଗୁହ୍ୟ ଯୋଗ ଅଟେ । ଭଗବାନ ସମସ୍ତ ଜଗତରେ ବ୍ୟାପି ରହିଅଛନ୍ତି ଏବଂ ଜଗତର ସମସ୍ତ ଜୀବ ଓ ପଦାର୍ଥ ତାଙ୍କଠାରେ ଅବସ୍ଥିତ । ପୁଣି ଜୀବମାନେ ମଧ୍ୟ ତାଙ୍କଠାରେ ଅବସ୍ଥିତ ନୁହନ୍ତି । ପ୍ରଳୟ ସମୟରେ ସମସ୍ତ ଭୂତ ଭଗବାନଙ୍କ ଠାରେ ଲୀନ ହୁଅନ୍ତି ଓ ସୃଷ୍ଟି ଆରମ୍ଭରେ ପୁଣି ସେମାନେ ଜନ୍ମଲାଭ କରନ୍ତି । ଭଗବାନଙ୍କ ଅଧ୍ୟକ୍ଷତାରେ ପ୍ରକୃତି ସୃଷ୍ଟି ଓ ପ୍ରଳୟ କରିଥାଏ, ମାତ୍ର ନିଜେ ଭଗବାନ ଏ ସବୁ କର୍ମରେ ସମ୍ପୂର୍ଣ୍ଣ ନିର୍ଲିପ୍ତ ।

ମୋହଗ୍ରସ୍ତ ବ୍ୟକ୍ତିମାନେ ଅବ୍ୟକ୍ତ ପରମେଶ୍ୱରଙ୍କ ବ୍ୟକ୍ତରୂପକୁ ଜାଣିନପାରି ତାଙ୍କୁ ଅବଜ୍ଞା ପ୍ରଦର୍ଶନ କରନ୍ତି । ସେମାନେ ଆସୁରୀ ପ୍ରକୃତିର ହୋଇଥିବାରୁ ସେମାନଙ୍କର ଆଶା, କର୍ମ ଓ ଜ୍ଞାନ ଆଦି ସବୁ ନିଷ୍ଫଳ ହୁଏ । କିନ୍ତୁ ସାତ୍ତ୍ୱିକ ପ୍ରକୃତିର ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣ ଜଗତର ମୂଳକାରଣ ଓ ଅବ୍ୟୟ ଅକ୍ଷର ତତ୍ତ୍ୱ ବୋଲି ବୁଝି ତାଙ୍କର ଉପାସନା କରନ୍ତି । ସେମାନେ ନାନାଭାବରେ ଭଗବାନଙ୍କର ଆରାଧନା କରନ୍ତି । ଭଗବାନ ଶ୍ରୀକୃଷ୍ଣ ଏହି ଜଗତର ପିତା, ମାତା, ଧାତା, ପିତାମହ ଓ ଏକମାତ୍ର ଜ୍ଞେୟ ତତ୍ତ୍ୱ । ସେ ଓଁକାର, ସମସ୍ତ ବେଦ, ଯଜ୍ଞ, ମନ୍ତ୍ର ଓ ହୋମ ଇତ୍ୟାଦି । ସେ ସମସ୍ତଙ୍କୁ ଉତ୍ତାପ ଓ ଆଲୋକ ଦିଅନ୍ତି । ଜଳକୁ ଆକର୍ଷଣ କରି ବୃଷ୍ଟି କରନ୍ତି । ଫଳରେ ଶସ୍ୟ ଉତ୍ପାଦନ ହୁଏ ଓ ଜୀବଜଗତ ବଞ୍ଚିରହେ ।

ବେଦର କର୍ମକାଣ୍ଡୀମାନେ ଭୋଗବିଳାସ କାମନା କରି ନାନାପ୍ରକାର ଯଜ୍ଞରେ ଭଗବାନଙ୍କୁ ପୂଜାକରି ସ୍ୱର୍ଗଲୋକ ପ୍ରାପ୍ତ ହୁଅନ୍ତି । ତାଙ୍କର ପୁଣ୍ୟ ସରିଗଲେ ପୁଣି ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରନ୍ତି । ମାତ୍ର ଯେଉଁମାନେ ଅନନ୍ୟ ଚିତ୍ତରେ ନିଷ୍କାମ ଭାବରେ ଭଗବାନଙ୍କର ଉପାସନା କରନ୍ତି ଭଗବାନ ସେମାନଙ୍କର ଯୋଗକ୍ଷେମ ବହନ କରନ୍ତି । ସେମାନେ ଶରଣାଗତ ଭକ୍ତ ହୋଇଥିବାରୁ ସେମାନଙ୍କର ସାଂସାରିକ ଅଭାବ ଅସୁବିଧା କିଛି ରହେନା। ଦେବତାମାନଙ୍କୁ ପୂଜାକରୁଥିବା ବ୍ୟକ୍ତିମାନେ ପିତୃଲୋକ ପ୍ରାପ୍ତ ହୁଅନ୍ତି, ଭଗବାନଙ୍କୁ ଉପାସନା କରୁଥିବା ବ୍ୟକ୍ତିମାନେ ଭଗବାନଙ୍କୁ ହିଁ ପ୍ରାପ୍ତ ହୁଅନ୍ତି । ଭଗବାନଙ୍କ ପୂଜାପାଇଁ ବିଶେଷ କିଛି ଆବଶ୍ୟକ ନାହିଁ । ଗୋଟିଏ ପତ୍ର, ଗୋଟିଏ ଫୁଲ, ଗୋଟିଏ ଫଳ କିମ୍ବା ଟିକିଏ ଜଳ ଭକ୍ତିର ସହିତ ସମର୍ପଣ କଲେ ସେ ସନ୍ତୁଷ୍ଟ ହୁଅନ୍ତି । ଏଣୁ ଯାହା କରୁଛ, ଯାହା ଖାଉଛ, ଯାହା ହୋମ କରୁଛ, ଯାହା ଦାନ କରୁଛ ଇତ୍ୟାଦି ସମସ୍ତ କର୍ମ ପରମେଶ୍ୱର ଶ୍ରୀକୃଷ୍ଣଙ୍କୁ ସମର୍ପଣ କରିବାକୁ ସେ ଅର୍ଜୁନଙ୍କୁପରାମର୍ଶ ଦେଇଛନ୍ତି ।

ଭଗବାନଙ୍କର କେହି ପ୍ରିୟ ନୁହେଁ କି କେହି ଅପ୍ରିୟ ନୁହେଁ । ଭକ୍ତିରେ ଯେ ତାଙ୍କୁ ଭଜେ ସେ ତାଙ୍କର ଅତ୍ୟନ୍ତ ପ୍ରିୟ । ଅତ୍ୟନ୍ତ ପାପୀ ମଧ୍ୟ ତାଙ୍କୁ ଭକ୍ତିରେ ଭଜି ମୋକ୍ଷପ୍ରାପ୍ତ ହୋଇଛନ୍ତି। ଭକ୍ତି କରିବାରେ ସ୍ତ୍ରୀ, ଶୂଦ୍ର, ପାପ ଯୋନିସଂଭୂତଙ୍କ ପାଇଁ ମଧ୍ୟ ବାଧା ନାହିଁ । ଏଣୁ ସେମାନେ ଭଗବାନଙ୍କୁ ଭକ୍ତିକରି ମୁକ୍ତିଲାଭ କରିପାରିବେ । ଅର୍ଜୁନ କ୍ଷତ୍ରିୟ ହୋଇଥିବାରୁ ତାଙ୍କର ଉପାସନା କରିବାର ଶାସ୍ତ୍ରାଧିକାର ଅଛି । ସୁତରାଂ ମନପ୍ରାଣ ଶ୍ରୀକୃଷ୍ଣ (ସାକାର ବ୍ରହ୍ମ) ଙ୍କଠାରେ ସମର୍ପଣ କରି ତାଙ୍କର ଭକ୍ତ ଓ ଶରଣାଗତ ହେବାକୁ ଭଗବାନ ଅର୍ଜୁନଙ୍କୁ କହିଛନ୍ତି । ସେହିପରି କରିପାରିଲେ ସେ ନିଶ୍ଚୟ ମୋକ୍ଷ ଲାଭ କରିବେ ।

ସଂଗ୍ରହକର୍ତ୍ତୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳନ୍ଦା, ଖଇରା,ବାଲେଶ୍ୱର

# ବଢ୍ଲ୍ ଖର୍



ମୁରଲୀ ଶିକା

ବଢ୍ଲ୍ ଖର୍    ତତ୍ଲ୍'ନ ଧର୍
ନାଇଁ ସହି ହୁଏ ଆରୁ,
ଦିନ୍ ଦୁଇ ପହର୍    ଝାଁଉର୍ ଉପର୍
ବାହାରି ନାଇଁ ହୁଏ ଘରୁ ।

ତତ୍ଲ୍ ଖାଏଁନା    ବଁହନା ବିଛ୍ନା
ମନ୍ ଯାଏସି ବିର୍ଝି,
ଦିଁହେ ବୁହେ ଝାଲ୍ କାଁକର୍ ପଖାଲ୍
ଖାଇ ଦେଇଥା ପୁଁଛି ।

କଁଗୁ ମିର୍ଗୁ    ହେଁଣୁଆ ପର୍ଝା
ଗେଫି ଦେଇଥା ପଖାଲ୍,
ଥିର ପାଏନ୍ କରି    ପେଟେ ଦେଲେ ଭରି
ଦେହେକେ ନାଇ କାଲ୍ ।

ହେଇ ହୁସିଆର୍    ହ ଭଁଟା ବାହାର୍
ପାଗ୍ଡି ଚଛ୍ମା ଛତା,
ପାଏନ୍ ବୁତ୍ଲେ ଧରି କରି ଗଲେ
ନାଇ ରହେ ହେନ ଚନ୍ତା ।

ଖର୍ର୍ ସମିଆଁ   କେତେ ବଢିଆ
ବାସି ଖାଏଲେ ପେଟେ,
ଝାଁଉ ମାରୁ ଥୁଲେ ରହେମା ଭଲେ
ବିପଦ୍ ନାଇନ ମୁଟେ।।

କୁତୁର୍ଲା ଲରମ୍ଭା
ପାଟଣାଗଡ଼, ବଲାଙ୍ଗୀର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଶିଶୁ ବିଭାଗ



# ବରଡ଼ା ଶାଗର ମଜା



ଡ଼ଃ ରଞ୍ଜିତ କୁମାର ସାହୁ

"ଉପର ବରଡ଼ା ହସୁଛି, ତଳ ବରଡ଼ା ଖସୁଛି ଆଉ ମଝି ବରଡ଼ା କହୁଛି ମୋ ଦିନ କାଳ ଆସୁଛି । ମୁଁ ଆଉ କେତେ ଦିନ ଏ ଘର ସଂସାର ସମ୍ଭାଳବି ?" ଆଈର କଥା ଗୁଡ଼ିକ ଶୁଣି ହସି ହସି ବେଦମ ହେଲ୍ଣି ସୁଧୀ । ଆଈ ଅନେକ ଢଗ ଢମାଳରେ କଥା କହେ, ପୁରୁଣା କାଳଆ ଲୋ୍କ ସିଏ, ସୁଧୀ କିଛି କଥା ବୁଝେ, କିଛି କଥା ବୁଝେନ ।

ଏଥର ଦୁଇ ତିନ ଦିନ ଛୁଟିରେ ଆସିଥିଲ୍ ଆଈ ପାଖକୁ, ଆଈର ଦେହ ଭଲ ନାହିଁ ବୋଲି ଦେଖିବାକୁ ତାକୁ । ପରେ ପରେ ଲକଡାଉନ ହେବାରୁ ସ୍କୁଲ ବନ୍ଦ ହେଇଗଲ୍ । ଆଈ ସୁସ୍ଥ ହେଇଗଲ୍ଣି ଦୁଇ ଦିନ ହେଲ୍ । କିନ୍ତୁ ସୁଧୀକୁ ମଉକା ମିଳଗଲ୍ ଏଥର ଅଧିକ ସମୟ ରହିବାକୁ ଗାଆଁରେ ଆଈ ପାଖରେ । ପ୍ରତ୍ୟେକ ବର୍ଷ କେବଳ ଖର୍ ଛୁଟିରେ ଆସେ ସପ୍ତାହଟିଏ ଲ୍ଗି ଆଉ ସେତେ ବେଳେ ଅଧିକାଂଶ ସମୟ ଘର ଭିତରେ ରହେ ଗରମ ଯୋଗୁଁ । ସବୁଆଡେ ଶୁଖିଲ୍ ଥାଏ । ଏଥର କିନ୍ତୁ ଗାଆଁଟା ବହୁତ ସୁନ୍ଦର ଦିଶୁଛି । ଭଲ ହେଇଛି ଠିକ ସମୟରେ ଆସି ଯାଇଛି । ଏବେ ଗାଆଁକୁ ଆଉ କାହାରିକୁ ଆସିବାକୁ ଦେଉ ନାହାନ୍ତି ଭୁତାଣୁ ଆଉ ସଂକ୍ରମଣ ଭୟରେ । ସହର ଅପେକ୍ଷା ଗାଆଁରେ ଟିକେ ଭଲ ଲ୍ଗୁଛି । କୁଆଡେ ନ ଗଲେ ବି ବାଡ଼ି ପଟେ ବସିଲେ ଆର୍ମ ଲ୍ଗୁଛି । କେତେ ପ୍ରକାରର ଫୁଲ ସବୁ ଫୁଟିଛି ଆଉ ପକ୍ଷୀମାନେ ଦିଶୁଛନ୍ତି । ବହିଟିଏ ଧରି ଆମ୍ବ ଗଛ ଛାଇରେ ପଢିବା ମଜା ଅଲଗା । ସହରରେ ସେ ସୁଯୋଗ ମିଳେ ନାହିଁ । ଆପାର୍ଟମେଣ୍ଟରେ ରହେ, ଏବଂ ସୋସାଇଟିର ସୀମିତ ଖେଳ ପଡିଆରେ ଯାହା କିଛି ଖେଳା ଖେଳ ହୁଏ । (ତାହାର ଭଉଣୀ ମିନୁ ଆପାର୍ଟମେଣ୍ଟରେ ବସି ବସି ବୋର ହେଲ୍ଣି । )

ଆଜି ଆଇ ସକାଳୁ ସକାଳୁ ଦୁଇ ଚାରି ଥର ଘରେ ଥିବା ଗଉଡ଼ ଟୋକାକୁ କହି ସାରିଲାଣି ଓଲଟା ସିଧା କରିକ । ସେହି ଭିତରୁ ଏହି ବାକ୍ୟଟେ ଗୋଟାଏ । ଅନ୍ୟ ସବୁ ବୁଝିଗଲା ସୁଧୀ କିନ୍ତୁ ଏହି ବାକ୍ୟର କଣ ଅର୍ଥ ଭାବିବାକୁ ଲାଗିଲା । ଆଇ ଗଉଡ଼ ଟୋକାକୁ ବହୁତ ଭଲ ପାଏ ମଧ୍ୟ । ତାହାର ମାଆ ନାହିଁ । ପିଲାଟି ଦିନରୁ ଆଇ ପାଖରେ ହିଁ ବଢି ଆସିଛି । ବାଡ଼ି ପଟେ ଛୋଟ ବଖରାଏ ଘରେ ସେ ରୁହେ । ସ୍କୁଲ ଯାଏ ଆଉ ଗାଈ ଗୁହାଳ ମଧ୍ୟ ଦେଖେ ।

"ସେଠି ଠିଆ ହେଇକ ବରଡା ପତ୍ର ଭଳଆ କାହିଁକ ଥରୁଛି କରେ? ଯା ଖାଇ ଦେଇ ଦି ଗଣ୍ଡା ଗୁହାଳ କାମ ସାରିଦେ । ତା ପରେ ପାଠ ପଢ଼େ । ସ୍କୁଲ ନାହିଁ ବୋଲି ପାଠ ନ ପଢି ପିଜୁଳ ଗଛରେ ମାତିଲେ ହବ?" ଆଇ ପୁଣି ରୋଷେଇ ଘରୁ ଚଲେଇଲା। ଚୁପଚାପ ଠିଆ ହେଇଥିଲା ସିପୁନ ଆଉ ସବୁ ଶୁଣି ମୁଣ୍ଡ ଟୁଙ୍ଗାରି ଚାଲି ଗଲା ଗୁହାଳ ଆଡ଼କୁ ।

"ପୁଣି ବରଡା !" ସୁଧୀ ଭାବିଲା ଆଜି ଆଇ କଣ ଖାଲି ବରଡ଼ା ବରଡା ହଉଛି?"

"ଆଇ ତୁ କଣ ଖାଲି ସକାଳୁ ବରଡ଼ା ବରଡ଼ା ହଉଛୁ କ?" ସୁଧୀ ପାଟିରୁ ବାହାରିଲା ।

"କଣ ହେଲାକ? ଆଜି ପରା ବରଡା ଶାଗ କରିଛି । ହାଟ ତ ବସୁନ ଆଜି କାଲି । ସକାଳୁ ଶାଗ ପଖାଳ ଟିକେ ନ ପଡିଲେ କଣ ମଣିଷ କାମ କରି ପାରିବ? ଖରା ଦିନ ହେଲାଣି ପରା? ବାଡ଼ିର ଶାଗ ସରି ଯାଇଛି । ଦୁଇ ଦିନ ଲାଗିବ ଆଉ ଶାଗ ଟିକେ ବାହାରିବାକୁ ବାଡ଼ିରେ । ସାମ୍ନା ଘର ଟିକ ମାଉସୀ ଆଜି ତା ବାଡିରୁ ତୋଳଥିଲା ବରଡ଼ା ଶାଗ । ଥୋଡାଏ ଦେଇଛି । ତାକୁ ମୁଗ ଡାଲି ଦେଇ ରୋଷେଇ କରୁଛି," ଆଇ ଉତ୍ତର ଦେଲା ରୋଷେଇ ଶାଳାରୁ ।

"ଓଃ, ବରଡ଼ା ତାହା ହେଲେ ଶାଗଟିଏ ! ତୁ କାହିଁକ ଲଗେଇନୁ ବାଡ଼ିରେ ବା କଆରିରେ ଯଦି ତୋତେ ଏତେ ପସନ୍ଦ?" ସୁଧୀ ପଚାରିଲା ।

ଜୋରରେ ଆଇ ହସିଲା ରୋଷେଇ ଶାଳାରୁ ଆଉ କହିଲା, "ହଇରେ ଟୋକା ଏଇଟା କଣ ଖଡା ନା କୁଶୁଳା ହେଇଛି ଯେ କଆରିରେ ଲଗେଇବି? ବରଡ଼ା ପତ୍ର ବଡ ଗଛଟିଏ । ଜାଗା କାହିଁ ବାଡ଼ିରେ ? ଏତେକ ଗଛ ତ ଲାଗିଛି ? ତୁ ସହର ଟୋକା କଛି ଜାଣିଲୁନ ତେଲ ଲୁଣ ସଂସାର କଥା । ଖାଲି ବଜାରରୁ ଯାହା ଆସିଲା ତାକୁ ଚହ୍ନିଲୁ । ଗାଆଁରେ ବିଭିନ୍ନ ପ୍ରକାର ଶାଗ ମିଳେ ଯାହା ଦେହ ପାଇଁ ଭଲ । ବାଡ଼ି ବଗିଚାରେ ଆଉ ବିଲରେ ହୁଏ ଆପେ ଆପେ ଅନେକ ପ୍ରକାରର ଗଛ ଲତା । ସବୁ ଶାଗ ଗଛ ହୁଏନ କ କଆରିରେ ଲାଗେନ । ଲୋକମାନେ ଅନ୍ୟ ପ୍ରକାରର ଶାଗ ଖାଆନ୍ତି । ବରଡ଼ା ଶାଗ ଗୋଟିଏ ଗଛର କଅଁଳଆ ପତ୍ର ଯାହାକୁ ଖିଆ ଯାଏ । ତୁ ତୋର କମ୍ପୁଟରକୁ ପଚାରୁନୁ ? ସିଏ ଜାଣିଥିବ ଯଦି କହିବ," ଆଇ କହିଲା ।

"କନ୍ତୁ ଆଇ ତାକୁ ଇଂରାଜୀରେ କଣ କହନ୍ତି? ମୋ କମ୍ପୁଟର ଖାଲି ଇଂରେଜୀ କହେ, "କହିଲା ସୁଧୀ !

"ତୋର ମାମୁଁ ଆସିଲେ ପଚାରେ, ନ ହେଲେ ପରେ କେତେବେଳେ ଯାଇ ସାମ୍ନା ଘର ବାଡ଼ିରେ ଦେଖିବୁ । ମୁଁ ରୋଷେଇ ସାରିଲିଣି ଆଉ ତୋତେ ଶାଗ ଦିଶିବନ । ଏବେ କନ୍ତୁ ପତ୍ର କଅଁଳଛି, ଯଦି ଦେଖିବୁ ଦେଖିବୁ । ଫୁଲ ଆସିନ," ଆଇ କହିଲା ।

ମାମୁଁ ଘରେ ନ ପଶୁଣୁ ସୁଧୀ ଆରମ୍ଭ କଲା ପ୍ରଶ୍ନ ବରଡ଼ା ଶାଗ ବିଷୟରେ ।

ମାମୁଁ କହିଲେ - ଏହା ଭାରତରେ ଘରିଆଡେ ଜଣା ଶୁଣା ଗଛ ଓ ଏହାର ପତ୍ର, ଫୁଲ ଓ କଷି ଫଳକୁ ଲୋକ ମାନେ ଖାଆନ୍ତି । ଅନ୍ୟ ଶାଗ ଭଳ ଏଥିରେ ମଧ୍ୟ ଭିଟାମିନ, ଧାତୁ ଆଉ ତନ୍ତୁ ମିଳେ । ଦେଖିବାକୁ ପ୍ରଜାପତି ଭଳ ଦୁଇ ଫାଙ୍କିଆ ପତ୍ରଟି ଆଉ ଫୁଲ ବି ସୁନ୍ଦର, ତେଣୁ ଏହାକୁ ରାସ୍ତା କଡରେ ମଧ୍ୟ ଲଗାଯାଏ । ତାହା ପରେ ମାମୁଁ ତାକୁ ଇଂରାଜୀ ନାଁ କହିଲେ । ସୁଧୀ ଦେଖିଲା ବେଳକୁ ତାର ଚର ପରିଚତ ଗଛଟିଏ । ତାଙ୍କର ସୋସାଇଟିରେ ମଧ୍ୟ ଲାଗିଛି । "ଆମର ସେଠି ଲୋକ ଏହାକୁ କାଞ୍ଚନ କମ୍ବା କାଚନେର କୁହନ୍ତି । ମୁଁ ଜାଣି ନଥିଲି ଏହାକୁ ଖିଆ ଯାଇପାରେ? ଏଥର ଗଲେ ମୋ ସାଙ୍ଗ

ମାନଙ୍କୁ କହିବି ଆଉ ମିନୁକୁ ମଧ୍ୟ I ମିନୁ ପଗ୍ଭରୁଥିଲା ତୁ ଆଈ ପାଖକୁ ଯାଇକ କଣ ନୂଆ କାମ କରିବୁ ଯେ? ମୁଁ ତ ଏଠି ହିଁ ରହିବି," ସୁଧୀ କହିଲା I



"ମାମୁଁଙ୍କୁ ଭୋକ ଲାଗିଲାଣି, ଆଗ ଦିହେଁ ହାତ ମୁଁହ ଧୋଇ ଖାଇଦିଅ ତା ପରେ କଥା ହେବ, ମୁଁ ବାଢି ଦଉଛି ମୁଗ ଡାଲି ବରଡା ଶାଗ ଭଜା ଆଉ ପଖାଳ," ଆଈ କହିଲା I

ସୁଧୀ କୌତୁହଳ ସମ୍ଭାଳ ପାରିଲାନ ତାହାର, ଆଉ ଦୌଡ଼ିଗଲା ହାତ ମୁଁହ ଧୋଇବାକୁ I ଆଜି ପ୍ରଥମ ଥର ସ୍ଵାଦ ଆଉ ମଜା ଜାଣିବ ବରଡ଼ା ଶାଗର !

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଭରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ଗାଁଆ ଲାଗେ ସହର



ଅଙ୍କିତା ପାଢ଼ୀ

ସମୟ ତାଳରେ,    ତାଳକୁ ମିଳାଇ,
ସଭ୍ୟତା ବଦଳୁ ଅଛି ।
ଗାଁଆ ମୋର ଆଜି, ନୂଆରଙ୍ଗ ନେଇ,
ସହର ପରି ଲାଗୁଛି ।।

ମନ୍ଦିର ତ ଅଛି,    ନାହିଁ ପୂଜା ପାଠ,
ଭକ୍ତି ନାହିଁ ହୃଦେ କାର ।
ସତ୍ୟପଥ ଛାଡି,    ଅଧର୍ମ ମାର୍ଗକୁ,
କରନ୍ତି ଜନ ଆଦର ।।

ଆମ୍ବ ତୋଟା ନାହିଁ,  ନାହିଁ ବଣ ବୁଦା,
ନାହିଁ ସେ ବର ଓହଳ ।
ଜାଗା ଜାଗା ହୋଇ, କଳି ଝଗଡାରେ,
ଅଶାନ୍ତିର ଗ୍ଭଲେ ଖେଳ ।।

ବର କୋଳ ନାହିଁ,   କଇଥ ବି ନାହିଁ,
ନାହିଁ ପିଜୁଳିର ଗଛ ।
ଶାଶୁ ବୋହୁ କଳି,   ବାପା ପୁଅ କଳି,
ଜିତୁଛି କେବଳ ମିଛ ।।

ହସ୍ତେ ମୋବାଇଲ, ଚକ୍ଷୁରେ ଏଲସିଡ,
ପାଦେ ବାଇକର ବ୍ରେକ ।
ପଲଙ୍କ ସେଜରେ, ତାପ ନୟନ୍ତ୍ରଣ,
ସ୍ୱର୍ଗ ସୁଖର ଏ ଭେକ ।।

ପକ୍କା ପିଚୁ ରାସ୍ତା, ବିଜୁଳି ଆଲୁଅ,
ସହର ଭଳି ଲାଗଇ ।
ସବୁ ଥାଇ ମଧ୍ୟ, ନାହିଁ ହସ ଖୁସି,
ଏକତା କାହାର ନାଇଁ ।।

ଏଇ ଗାଁଆ ମୋର, ଜନମ ଭୂଇଁ ଯେ,
ମାଟିକୁ ତାର ପ୍ରଣାମ ।
ବଞ୍ଚି ଥିବା ଯାଏ, କରି ସତକର୍ମ,
ରଖିବି ତାହାର ନାମ ।।

ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"


# ନୀଳକଣ୍ଠ ଚଢେଇ



ନୀଳମାଧବ ସାହୁ

ସବୁଦିନ ପରି ଆଜି ମଧ୍ୟ ବିଦ୍ୟାଳୟରେ ବିଜ୍ଞାନ କାଳାଂଶ ଚାଲିଥାଏ । ଗୁରୁଜୀ ବିଭିନ୍ନ ପ୍ରକାର ଚଢେଇ ବିଷୟରେ ପିଲାମାନଙ୍କୁ ଚିତ୍ର ସହ ଅବଗତ କରାଉଥିଲେ । କିଛି ସମୟ ପରେ ପ୍ରଧାନ ଗୁରୁଜୀଙ୍କ ପ୍ରକୋଷ୍ଠରୁ ଖବର ଆସିଲା ଯେ, ଆସନ୍ତା ସପ୍ତାହରୁ ଦୁର୍ଗାପୂଜା ଉପଲକ୍ଷେ ବିଦ୍ୟାଳୟ ଛୁଟି ହେବ । ପିଲାମାନେ ଛୁଟି ଖବର ଶୁଣି ବହୁତ ଖୁସି ଓ ଉତ୍ସାହିତ ମଧ୍ୟ । ବିଦ୍ୟାଳୟ ଛୁଟି ଖବର ଶୁଣି କିଏ ବା କାହିଁକି ଖୁସି ନ ହେବ । ଗୁରୁଜୀ ଛୁଟି ଖବର ପିଲାମାନଙ୍କୁ ଜଣେଇସାରି ଚଢେଇମାନଙ୍କ ବିଷୟରେ ଚର୍ଚ୍ଚା ପୁଣି ଆରମ୍ଭ କରିଦେଲେ ।

ଆଗକୁ ଦଶହରା ଛୁଟି ଆରମ୍ଭ ହେଇଯିବ । ତେଣୁ ଗୁରୁଜୀ ପ୍ରଶ୍ନ କଲେ କି, ଦଶହରା ବା ଦୁର୍ଗାପୂଜା ରେ କେଉଁ ଚଢେଇ ଦେଖିଲେ ସମସ୍ତେ ଶୁଭ ବୋଲି ମାନନ୍ତି ? କରଣ ଗୋଟେ ଚଗଲା ପିଲା, ସେ କିଛି ସମୟ ଭାବିଲା କିନ୍ତୁ ଉତ୍ତର ଦେଇପାରିଲା ନାହିଁ । ସେହିପରି ଅନ୍ୟମାନେ ମଧ୍ୟ ଉତ୍ତର ଦେଇପାରିଲେ ନାହିଁ । ଶେଷରେ ଗୁରୁଜୀ ଚଢେଇଟିର ଚିତ୍ର ଦେଖାଇ ନୀଳକଣ୍ଠ ଚଢେଇ ବୋଲି ଅବଗତ କରାଇଲେ ।



କେହି କେହି ଏହି ନୀଳକଣ୍ଠ ଚଢେଇକୁ ମହାଦୁଆ ଚଢେଇ ବୋଲି ମଧ୍ୟ କୁହନ୍ତି । ସେହି ସମୟରେ କରଣ ଭାବୁଥାଏ, "ଚଢେଇଟିର ନାମ ନୀଳକଣ୍ଠ ହେଲା କପରି ?" ସେ ଆଗରୁ ଜାଣିଛି ଯେ ଭଗବାନ ଶିବଙ୍କ ନାମ ନୀଳକଣ୍ଠ ଓ ନୀଳକଣ୍ଠ ନାମରେ ତା'ର ସାଙ୍ଗ ବି ଅଛି। ତେଣୁ ସେ ଗୁରୁଜୀଙ୍କୁ ପ୍ରଶ୍ନ କଲା । କରଣର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଗୁରୁଜୀ କହିଲେ, "ଯେହେତୁ ଚଢେଇଟିର ମୁଣ୍ଡ ଉପର ଓ ଡେଣାର ରଙ୍ଗ ଭଗବାନ ଶିବଙ୍କ କଣ୍ଠ ପରି ନୀଳ ରଙ୍ଗର ଅଟେ, ତେଣୁ ତା'ର ନାମକରଣ ଏହିପରି ହୋଇଛି ।" କେତେକ ଲୋକ ମଧ୍ୟ ନୀଳକଣ୍ଠ ଚଢେଇକୁ ଭଗବାନ ଶିବଙ୍କ ରୂପ ବୋଲି ମାନନ୍ତି ।

ନୀଳକଣ୍ଠ ଚଢେଇକୁ ଇଂରାଜୀରେ ଇଣ୍ଡିଆନ ରୋଲର ଓ ବ୍ଲୁ ଜେୟ ବୋଲି କୁହନ୍ତି । ଏହି ଚଢେଇଟି କୋରାସିଡି ପରିବାରର ଅଟେ । ନୀଳକଣ୍ଠ ଚଢେଇକୁ ଆମ ଓଡ଼ିଶାର ରାଜ୍ୟ ପକ୍ଷୀ ରୂପରେ ବିବେଚତ କରାଯାଇଛି । ନୀଳକଣ୍ଠ ଚଢେଇ ଓଡିଶାକୁ ଛାଡିଦେଲେ ତେଲେଙ୍ଗାନା, କର୍ଣ୍ଣାଟକ ରାଜ୍ୟର ବି ରାଜ୍ୟ ପକ୍ଷୀ ଅଟେ ।

ନୀଳକଣ୍ଠ ଚଢେଇ ଉଡିବା ସମୟରେ ତାର ସୁନ୍ଦର ନୀଳରଙ୍ଗର ଡେଣା ଯୋଗୁଁ ବହୁତ ସୁନ୍ଦର ଦେଖାଯାଏ । ତାର ଉଡିବା ଶୈଳୀ ଅନ୍ୟ ପକ୍ଷୀ ତୁଳନାରେ ବହୁତ ଆକର୍ଷକ ହୋଇଥାଏ, କାହିଁକନା ସେ ଲଢୁଆ ବିମାନ ପରି କସରତ କରିପାରେ ଓ ଉଡୁଥିବା ସମୟରେ ୩୬୦ ଡ଼ିଗ୍ରୀ ବୁଲିପାରେ । ନୀଳକଣ୍ଠ ଚଢେଇର କର୍କଶ ସ୍ୱର ବହୁ ଦୂରକୁ ଶୁଭାଯାଏ ଓ ନଜର ଉପସ୍ଥିତି ଜାହିର କରେ ।

କରଣ ମନ ରେ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ । ସିଧା ଠିଆ ହୋଇ ଗୁରୁଜୀଙ୍କୁ ପ୍ରଶ୍ନ କଲା, "ଗୁରୁଜୀ ଏହି ପକ୍ଷୀ କେଉଁଠି ରହେ ଓ କଣ ଖାଏ କହିଲେନ ତ ?" ଗୁରୁଜୀ ପିଲାମାନଙ୍କର ଉତ୍ସାହ ଦେଖି ଖୁସିହେଲେ ଓ ପ୍ରସନ୍ନତାର ସହ ଉତ୍ତର ରଖିଲେ । ନୀଳକଣ୍ଠ ଚଢେଇ ମୁଖ୍ୟତଃ ଦକ୍ଷିଣ ଏସିଆରେ ଦେଖାଯାନ୍ତି । ଆମ ଭାରତରେ ନୀଳରଙ୍ଗର ପ୍ରଜାତି ଦେଖିବାକୁ ମିଳେ ।

ସେମାନେ ଜଙ୍ଗଲ ପାଖରେ ଥିବା ଘାସ ଜମି, ଗୃଷ ଜମି ଓ ଗ୍ରସ୍ତାକଡ ଗଛରେ ଦେଖାଯାନ୍ତିl ସେମାନେ ଗଛରେ ଥିବା କାଗ୍ରେଡ଼ରେ ବସା ବାନ୍ଧି ରହନ୍ତି l ନୀଳକଣ୍ଠ ଚଢେଇର ମୁଖ୍ୟ ଆହାର ହେଉଛି କୀଟ, ପତଂଗ, ଛୋଟ ସରୀସୃପ ଯେପରିକ ଏଣ୍ଡୁଅ, ବେଙ୍ଗ ଇତ୍ୟାଦି l



ବିଜ୍ଞାନ କାଳାଂଶ ସରି ଆସୁଥାଏ l ପୁଣି ଚଗଲ୍ ପ୍ରଶ୍ନ କଲ୍, "ଗୁରୁଜୀ ଆମେ ଏହି ଚଢେଇକୁ ଦେଖିପାରୁନୁ କାହିଁକି ?" ଗୁରୁଜୀ ଉତ୍ତର ଦେଲେ, "ଏହି ପକ୍ଷୀମାନେ ଗ୍ରସ୍ତାକଡ଼ରେ ବସବାସ କରନ୍ତି ଓ ଅଧିକ ଶବ୍ଦ ପ୍ରଦୂଷଣ ସହ୍ୟ କରିପାରନ୍ତି ନାହିଁ l ଦିନକୁ ଦିନ ଟ୍ରାଫିକ, ଗାଡିମଟର ବୃଦ୍ଧି ନୀଳକଣ୍ଠ ଚଢେଇର ବଂଶ ଲୋପ ପାଇବାର ମୁଖ୍ୟ କାରଣl ଗୃଷ ଜମିରେ କୀଟନାଶକ ଔଷଧ ବ୍ୟବହାର ବି ଅନ୍ୟ ଏକ କାରଣ ହୋଇପାରେ, ଯାହାଦ୍ୱାର୍ ସେମାନଙ୍କ ବଂଶ ବିସ୍ତାର ହୋଇପାରେ ନାହିଁ l" ଶେଷରେ ଗୁରୁଜୀ ଉପଦେଶ ଦେଲେ ଯେ ପାଖ ସ୍ଥାନକୁ ଯିବାକୁ ଥିଲେ ଗାଡିମଟର ବ୍ୟବହାର ନ କରି ସାଇକେଲ ବ୍ୟବହାର କରନ୍ତୁ କମ୍ବା ଗ୍ଲଲିଗ୍ଲଲି ଯାଆନ୍ତୁ ଓ କୃଷକମାନେ ଜୈବିକ କୃଷି ଉପରେ ଅଧିକ ଧ୍ୟାନ ଦିଅନ୍ତୁ l ଏହି ସବୁ ବିଷୟ ଘରେ ମା, ବାପା, ଭ୍ଇ, ଭଉଣୀ ଓ ବନ୍ଧୁମାନଙ୍କୁ ଅବଗତ କରିବାକୁ କହିଲେ l



ପୂଜା ଛୁଟି ଆରମ୍ଭ ହୋଇଗଲା । କିରଣ ଦଶହରା ଦିନ ଜେଜେଙ୍କୁ ଅଳି କରି କହିଲା, "ମୋତେ ନୀଳକଣ୍ଠ ଚଢେଇ ଦେଖେଇବାକୁ ନିଅ ।" ଶେଷରେ ଜେଜେ ତାକୁ ଗାଁ ପାଖରେ ଥିବା ଚାଷଜମିକୁ ନେଇ ନୀଳକଣ୍ଠ ଚଢେଇର ଦର୍ଶନ କରାଇଲେ । ଜେଜେ ଖୁସିରେ କହିଲେ କି ଏହି ପକ୍ଷୀକୁ ଦଶହରା ଦିନ ଦେଖିଲେ ବର୍ଷ ସାରା ଶୁଭ ହୋଇଥାଏ, କାହିଁକି ନା ଭଗବାନ ରାମ ରାବଣର ବଧ କରିବା ଆଗରୁ ନୀଳକଣ୍ଠ ଚଢେଇ ଦେଖିଥିଲେ । କିରଣ ନୀଳକଣ୍ଠ ଚଢେଇକୁ ନିଜ ଆଖିରେ ଦେଖି ବହୁତ ଖୁସି ହେଲା ଓ ବିଭିନ୍ନ ପ୍ରକାର ଚଢେଇ ଉପରେ ଜାଣିବାକୁ ଇଚ୍ଛା ପ୍ରକାଶ କଲା ।

ସ୍ନାତକୋତ୍ତର ଛାତ୍ର,
ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ
ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

# ଭଲ କାମ



ନନ୍ଦିନୀ ରାଉତ

କାଠୁରିଆକୁ ଗଛ ଟି କହୁଛି
ଅକାରଣେ ମୋତେ ହାଣନା
ଫୁଲ ଫଳ କାଠ ପଥର ଦେଉଛି
ଏକଥା କ ତୁମେ ଜାଣନ ।
ମୋ ପାଇଁ ପୁରା ବରଷା ହେଉଛି
ଦେଉଛି ମୁଁ ଅମ୍ଳଜାନ
ମୁଁ ମରିଗଲେ ଏ ଜୀବ ଜଗତ
ହେବ ବଡ ହୀନମାନ ।
ଗଛ ଲତା ଯଦି ସବୁଠି ଉଠିବ
ବହୁତ ସୁନ୍ଦର ଦିଶିବ
ଚାଲୁ ଚାଲୁ ତୁମ ପାଦ ଥକଗଲେ
ମୋ ଛାଇରେ ଟିକେ ବସିବ ।
ବାତିଆ ପବନ ମାଡି ଆସୁଥିଲେ
ଦୂର କରିଦେବି ମୁହିଁ
ସାରା ଜଗତରେ ଖୁସିର ଲହରୀ
ଦେବେ ମୋର ଜାତି ଭାଇ ।

ମାଟିକୁ ଜାବୁଡି ଧରି ରଖିଥିବି
ଧୋଇ ଯିବ ନାହିଁ ସିଏ
ଏ ପାଣି ପବନ ସବୁତ ସୁନ୍ଦର
ବିଷକୁ ଶୋଷିବ କଏ ?
ଉଦ୍ଭିଦ ଜଗତ ଜୀବନ କାରଣ
ମନେ ରଖିଥିବ ଭାଇ
ଗଛ ନ ହାଣିବ ସୁଖରେ ରହିବ
ଏତିକ ଦେଉଛି କହି ।
ପ୍ରକୃତି ରାଣୀର ସୁନା ପିଲା ଆମେ
ଏକଥା କୁ ମନେ ରଖ
ଗଛ ପାଇଁ ପରା ପୃଥିବୀ ରହିଛି
ଏକଥା ଆଜିଠୁ ଶିଖ ।

ବାଲିପଟା, ଅନୁଗୁଳ

# ବିଲୁଆ ବଡ଼ ଚତୁର



ଭଜରାମ ସେଠୀ

ଗୋଟିଏ ଜଙ୍ଗଲରେ ଜଣେ ପ୍ରବଳ ଶକ୍ତିଶାଳୀ ସିଂହ ରାଜା ଥିଲେ ଏବଂ ସେ ନିଜର ଖାଦ୍ୟ ପାଇଁ ଗୋଟିଏ ମହାବଳ ବାଘକୁ ଦାୟିତ୍ୱ ଦେଇଥିଲେ । ସେ ବାଘ ପ୍ରତ୍ୟେକ ପଶୁମାନଙ୍କୁ ଆଦେଶ ଦେଲେ କି, ଗୋଟିଏ ଗୋଟିଏ ପଶୁ ସ୍ୱଇଛାରେ ସିଂହ ରାଜାଙ୍କ ସମ୍ମୁଖରେ ଖାଦ୍ୟ ପାଇଁ ହାଜିର୍ ହେବ ।

ଏମିତି ପ୍ରତ୍ୟେକ ଦିନ ହରିଣ, କୁଟିରା, ମାଙ୍କଡ଼, ନାନାଦି ପଶୁମାନେ ହାଜିର୍ ହୋଇ ନିଜ ଜୀବନକୁ ସିଂହ ରାଜା ପାଖରେ ମୃତ୍ୟୁ ବରଣ କରୁଥାନ୍ତି । ଜଙ୍ଗଲରୁ ପଶୁମାନଙ୍କ ସଂଖ୍ୟା ଲୋପ ପାଇବାରେ ଲାଗିଲା ଏବଂ ରାଜା ବାଘକୁ ପଚାରିଲେ କି ଆମ ଜଙ୍ଗଲର ଅତ୍ୟଧିକ ପଶୁ ନାହାଁନ୍ତି ତେଣୁ, ପାଖ ଜଙ୍ଗଲକୁ ପଶୁ ଶିକାର ପାଇଁ ଯିବା । ଏହା ଶୁଣି ବାଘ ଖୁସି ହୋଇଗଲା ଏବଂ ପାଖ ଜଙ୍ଗଲକୁ ଶିକାର କରିବା ପାଇଁ ଚାଲିଲେ ।

ପାଖ ଜଙ୍ଗଲ ଦେଖିବାକୁ ଅତି ସୁନ୍ଦର ଥିଲା, ସେହି ଜଙ୍ଗଲରେ ବିଲୁଆ ରାଜା ହୋଇଥିଲେ । ବିଲୁଆ ରାଜା ଚତୁର ଥିବା ଯୋଗୁଁ ଗୋଟିଏ ପଶୁ ଗୋଟିଏ ଗଛକୁ ଯତ୍ନ ନେଉଥିଲେ ଏବଂ ସେହି ଗଛର ଫଳକୁ ଖାଦ୍ୟ ରୂପେ ଗ୍ରହଣ କରୁଥିଲେ । ଜଙ୍ଗଲର ପ୍ରକୃତି ଶୋଭା ଅତି ସୁନ୍ଦର ଓ ସବୁଜ ପଲ୍ଲବୀରେ ଜଙ୍ଗଲ ନୀଳ ଆକାଶ ପରି ଦେଖାଯାଉଥିଲା। ଏହା ଦେଖି ସିଂହ ରାଜା ପାଗଳ ହୋଇଗଲା ଏବଂ କହିଲା ଯେ, "ଏ ଜଙ୍ଗଲରେ ଆମେ ରହିବା, ଏଇଠି ପଶୁ ଶିକାର କରି ଖାଇବା" ।

ଏମିତି କଛି ଦିନ ସେହି ଜଙ୍ଗଲରେ ସିଂହ କଛି ପଶୁକୁ ମାରି ଖାଇବାକୁ ଲଗିଲ୍ । ଏକଥା ବିଲୁଆ ରାଜାର କାନରେ ପଡ଼ିଲ୍ । ବିଲୁଆ ପ୍ରଚୁର ଚତୁର ଥିବାରୁ ସିଂହକୁ ମାରିବା ପାଇଁ ଚନ୍ତା କରିବାକୁ ଲଗିଲ୍ ।

ଦିନେ ଚତୁର ବିଲୁଆ ରାଜା ସିଂହ ରହୁଥିବା ସ୍ଥାନକୁ ଗଲ୍ ଏବଂ କହିଲ୍ କ ସିଂହ ରାଜା ଏ ଜଙ୍ଗଲରେ ଆପଣଙ୍କ ପରି ଆଉ ଜଣେ ରାଜା ମୋ' ରାଜ୍ୟର ଅପରପାର୍ଶ୍ୱରେ ମଧ୍ୟ ପଶୁ ଶିକାର କରୁଛି ଏବଂ କହୁଛି କ, ଆପଣଙ୍କୁ ମାରି ତା' ଛୁଆ ମାନଙ୍କୁ ଭୋଜନ କରିବାକୁ ଦେବ । ଏକଥା ଶୁଣି ସିଂହ ଭୀଷଣ ରାଗିଯାଇ କହିଲ୍ ଚାଲ ଯିବା ତା' ସହିତ ମୋ'ର ଯୁଦ୍ଧ କରିବାରେ ଅଛି ମୋ' ଭଳ ପ୍ରତାପ ଶକ୍ତିଶାଳୀ ସିଂହକୁ ମାରି ତା' ଛୁଆ ମାନଙ୍କୁ ଖାଇବାକୁ ଦେବ ।

କନ୍ତୁ; ବିଲୁଆ କହିଲ୍ ଆପଣ ଧୈର୍ଯ୍ୟ ଧରନ୍ତୁ, କାଲି ସକାଳ ସୂର୍ଯ୍ୟ ଉଦୟ ପରେ ପରେ ଆପଣଙ୍କୁ ସେ ପାଷାଣ୍ଡ ସିଂହ ସାଥିରେ ଭେଟାଇ ଦେବି । ସିଂହ ରାତିସାରା ନ ଶୋଇ ମାରିବା ପାଇଁ ଭାବୁଥାଏ । ଏ ସମୟରେ ବିଲୁଆ ରାଜା ଗୋଟିଏ ସୁଡ଼ଙ୍ଗ ତିଆରି କଲେ, ଯେଉଁ ସୁଡ଼ଙ୍ଗରେ ପଶିଲେ ସିଂହ ରାଜା ଉପରକୁ ଯେମିତି ଆସି ପାରିବ ନାହିଁ ଏବଂ ସୁଡ଼ଙ୍ଗକୁ ପ୍ରବେଶ କରିବାର କଛି ଦୂର ପରେ ଗୋଟାଏ ଗର୍ତ୍ତ, ଯା' ଭିତରେ ପ୍ରବଳ ଆଙ୍କୁଲ କଣ୍ଟା, ସପ୍ତଫେଣୀ କଣ୍ଟା, ଏମିତି ଷଡଯନ୍ତ୍ର ବିଲୁଆ ରାଜା ତିଆରି କଲେ ।

ସିଂହ ରାତିସାରା ନ ଶୋଇ କ୍ରୋଧରେ ଭିଜି ହିଂସ୍ରପରାୟଣ ହୋଇ ପାଷାଣ୍ଡ ସିଂହକୁ ମାରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ । ଠିକ୍ ଏ ସମୟରେ ବିଲୁଆ ରାଜା ଆସି ସିଂହ ପାଖରେ ପହଞ୍ଚିଲେ ଏବଂ କହିଲେ କ, ହେ ପରାକ୍ରମୀ ରାଜନ ସେ ଆପଣଙ୍କ ସାଥିରେ ଯୁଦ୍ଧ କରିବା ପାଇଁ ଗୋଟିଏ ସୁଡ଼ଙ୍ଗ ଭିତରକୁ ଡାକରା ଦେଉଛନ୍ତି ଏବଂ କହିଛନ୍ତି ଯଦି ଆପଣ ଯଦି ନଂପୁଷକ ହୋଇଥିବେ କମ୍ବା ଶକ୍ତିଶାଳୀ ହୋଇନଥିବେ ତେବେ ନଶ୍ଚୟ ସେ ସୁଡ଼ଙ୍ଗ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । ବିଲୁଆ ରାଜାଠାରୁ ଏପରି ବାକ୍ୟ ଶୁଣି ଅହଙ୍କାରୀ ସିଂହ ସୁଡ଼ଙ୍ଗଟି ଦେଖାଇବା ପାଇଁ କହିଲେ । ଏତିକବେଳେ ବିଲୁଆ ଖୁସି ହୋଇ କଛି ଦୂରରେ

ତିଆରି କରିଥିବା ସୁଡ଼ଙ୍ଗକୁ ଦେଖାଇଦେଲା । ସିଂହ କ୍ରୋଧ ଏବଂ ନିଜକୁ ବଳୀୟାନ ଭାବି ସୁଡ଼ଙ୍ଗ ଭିତରକୁ ପଶି କଣ୍ଟାର ଗର୍ତ୍ତରେ ପଡ଼ି ମୃତ୍ୟୁବରଣ କଲା । ବିଲୁଆ ଚତୁର ଥିବା ଯୋଗୁଁ ଜଙ୍ଗଲକୁ ଏବଂ ପଶୁମାନଙ୍କୁ ସୁରକ୍ଷା ଦେବା ସହ ସିଂହର ଜଙ୍ଗଲକୁ ମଧ୍ୟ ନିଜ ଜଙ୍ଗଲ ପରି ସୁନ୍ଦର କରି ରଖିଲା । ଜଙ୍ଗଲକୁ ସୁରକ୍ଷା ଦେବା ଦ୍ୱାରା ଠିକ୍ ସମୟରେ ବର୍ଷା, ଖରା, ଶୀତ ହେଲା । କୃଷକମାନେ ଫସଲ କରିପାରିଲେ ଏବଂ ମାନବ ସମାଜରେ ମଧ୍ୟ ସୁଖ ଶାନ୍ତିର ସୀମା ରହିଲା ନାହିଁ ।

"ଗର୍ବ, ଅହଂକାର, ଶକ୍ତିଶାଳୀ ହୋଇ ମଧ୍ୟ ସଚ୍ଚୋଟ କାର୍ଯ୍ୟ କମ୍ବା ଚତୁର ନ ହୋଇଥିବେ ତେବେ ସିଂହ ପରି ଶକ୍ତିହୀନ ବିଲୁଆ ହାତରେ ମୃତ୍ୟୁହେବା ସୁନିଶ୍ଚିତ"।

ନିରାଳ, ଆସିକା, ଗଂଜାମ



# ଆଈ



ରାମ ଚନ୍ଦ୍ର ପ୍ରଧାନ

ହୃଦୟଟା ତା'ର  ମମତାରେ ଭରା
ଅଟଇ ସେ ଆମ ଆଈ
ମାମୁଁ ଘର ଗଲେ  ଆଗ ଖୋଜା ପଡେ
ମଉଜ କରିବା ପାଇଁ...
ଆଈର ମନଟା  ଫୁଲଠୁ କୋମଳ
ନାତି ନାତୁଣୀଙ୍କ ପାଇଁ
ସିଏ ଥିଲେ ପାଶେ  ବେଳ ଗଡିଯାଏ
ଜଣା ବି ପଡଇ ନାଇଁ....
ମାଆ ଠୁ ଅଧିକା  ସ୍ନେହର ପସରା
ଆଈ ପାଖେ ଥାଏ ବନ୍ଧା
ଶରଧାରେ ସିଏ  ପରଶି ଦିଏ ତା '
ସୁଆଦିଆ ହାତରନ୍ଧା...
ପୁରାଣ ପୋଥି ଠୁ  ରାଜାରାଣୀ ଗପ
ବୁଢ୍ୀ ଅସୁରୁଣୀ କଥା
ଆଚମ୍ବିତ ଲାଗେ  ଆଈ ଠାରୁ ଶୁଣି
ବୀରତ୍ୱର କେତେ ଗାଥା...
ଆଈର ମମତା  ଅଜାଙ୍କ ଆଦର
ମାମୁଁ ମାଇଁଙ୍କର ସ୍ନେହ
ମାମୁଁ ଘର ଆଡେ  ବୁଲି ଯିବା ପାଇଁ
ମନରେ ଜଗାଏ ମୋହ...

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ

# 'କହିବ କଏ-୧'



ସତ୍ୟବ୍ରତ ସାହୁ

କହିବ କଏ ?
ଏବେ କଅାଁ ତାତି ପବନ ବହେ
କଅଁଳ ପତର ମଉଳ ଯାଏ
ଏତେ ଟାଣ ଖର୍ ଟିକଏ କାମରେ ଗମ ଗମ ଝାଳ ଦେହରୁ ବହେ ।୧
ନଇ, ନାଳ ପାଣି କାହିଁକ ଶୁଖେ
ଅଂଶୁଘାତ ଭୟ ଜାଗଇ ବୁକେ
ସକାଳୁ ସକାଳୁ ସ୍କୁଲ ଖୋଲ୍‌ହୋଇ ସହଳ ପରୀକ୍ଷା ସମାପ୍ତ ହୁଏ ।୨
ସକାଳୁ ସକାଳୁ କାମଟି ସାରି
ଟାଣ ଖର୍ ବେଳେ ବିଶ୍ରାମ କରି
ଛତା, ଜୋତା, ଟୋପି, ପାଣିବୋତଲକୁ ସାଥେ ନେବା ପାଇଁ ପ୍ରଚ୍ଚର ହୁଏ ।୩
ଥଣ୍ଡା ସରବତ ଆଗ୍ରମ ଦିଏ
ପଖାଳ ଭାତର ଆଦର ଥାଏ
ତରଭୁଜ, ତାଳସଜ ଓ କାକୁଡି ଖାଇବାକୁ ମନ କାହିଁକ ଚ୍ଚହେଁ । ୪
ବେଲପଣା ପାଇଁ ଝୁରଇ ମନ
ପାଣି ନୁହେଁ ସତେ ଅବା ଜୀବନ
ଆମ ନୂଆବର୍ଷ ପଣା ସଂକ୍ରାନ୍ତି ମହା ଆନନ୍ଦରେ ପାଳନ ହୁଏ ।
ଶୁଣ ମୁଁ କହେ
ଏଇ କଥା ଅବା ନଜାଣେ କଏ
ଯାହାକୁ ପଚ୍ଚର କହିବ ସିଏ
ଗ୍ରୀଷ୍ମ ଋତୁ ଏବେ ଧାଉ୍‌କୁ ଆସିଛି ସେଥିପାଇଁ ପର୍ ଏସବୁ ହୁଏ ।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ଖରାଦିନ



ରାଜଶେଖର ସି "ଚମା"

ପ୍ରତି ବର୍ଷରେ ଅଛନ୍ତି ବିଭିନ୍ନ ଦିନ,
ଭୁଲି ହେବନ କେବେ ଖରାଦିନ,
ସୂର୍ଯ୍ୟ ଉତ୍ତାପ ଦିଅନ୍ତି ଦିନକୁ ଦିନ,
ଆଷାଢ଼ରେ ଦେଖିବା ବର୍ଷାର ଦିନ।୧।

ସହି ହୁଏନ ସୂର୍ଯ୍ୟଙ୍କର ଭୀଷଣ ଖରା,
ଘରେହିଁ ରହିବାକୁ ପଡ଼େ ଦିନସାରା,
ଖାଇବା ମିଠାମିଠା ଆମ୍ବରସ ଭରା,
ତରଭୁଜ ତାଳସଜର ସୁସ୍ୱାଦ ନିଆରା।୨।

ଭୁଲି ହୁଏନ ଯେ ବୈଶାଖ ଜ୍ୟେଷ୍ଠମାସ,
ବାହାରକୁ ଯିବାର କରି ହେବନ ସାହସ,
ଗରମ ସ୍ଥାନରେ କଷ୍ଟହୁଏ ଶ୍ୱାସ ପ୍ରଶ୍ୱାସ,
ଶୁଖିଶୁଖି ଯାଏ ଭୂମି ଉପରେ ଥିବା ଘାସ।୩।

ବଣଗାଁ ସହରରେ ପଶୁପକ୍ଷୀ ରୁହନ୍ତି ଶାନ୍ତ,
ପିଇବା ପାଣି ପାଇଁ ବୁଲନ୍ତି ପ୍ରାନ୍ତ ଦରପ୍ରାନ୍ତ,
ଶୁଖିଥିବା ନଦୀନାଳ କରନ୍ତି ମନକୁ ଅଶାନ୍ତ,
ଶୀଘ୍ର ହେଇଯାଉ ଏହି ବିଷମ ବେଳର ଅନ୍ତ।୪।

ସମସ୍ତ ଜାଗାରେ ଅନୁଭବ ହୁଏ ଗୁଳୁଗୁଳ,
ଝାଳ ଘିମିରି ପୀଡ଼ା କରନ୍ତି ଦେହକୁ ଜାଳ,
ଜଞ୍ଜାଳରୁ ମୁକ୍ତି ଲାଗି ହେଲା ମେଘକୁ ଅଳ,
ଶୀତଳ ଅଞ୍ଚଳରେ ବଢ଼ିଗଲେ ଜନଗହଳ।୫।

ବିଦ୍ୟାର୍ଥୀଙ୍କୁ ଖରାଦିନେ ମିଳେ ଛୁଟିଦିନ,
ଚଗଲିଆ ହୋଇହୋଇ କଟେ ସବୁଦିନ,
ପ୍ରିୟକାମ କରିବାର ଇଚ୍ଛାକରେ ଏ ମନ,
ଅଜାଆଇଙ୍କ ଘରେ ମଜାରେ କଟେ ଦିନ।୬।

chvrajasekhar@gmail.com



# ଚିତ୍ର



ରିୟାନ୍ସ ପଣ୍ଡା




ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ, ବାଙ୍ଗାଲୋର

# ମଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୫/୨୦୨୦ | ଶ୍ରମିକ ଦିବସ ଓ ନୀଳାଦ୍ରୀ ମହୋତ୍ସବ |
| ୦୨/୦୫/୨୦୨୦ | ସୀତା ନବମୀ |
| ୦୪/୦୫/୨୦୨୦ | ମୋହିନୀ ଏକାଦଶୀ |
| ୦୬/୦୫/୨୦୨୦ | ନୃସିଂହ ଜନ୍ମ ଶିବଚତୁର୍ଦ୍ଦଶୀ ଉପବାସ ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୦୭/୦୫/୨୦୨୦ | ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ |
| ୧୨/୦୫/୨୦୨୦ | ଶରଣ ଆରମ୍ଭ |
| ୧୪/୦୫/୨୦୨୦ | ବୃଷ ସଂକ୍ରାନ୍ତି |
| ୧୭/୦୫/୨୦୨୦ | ଶରଣ ଶେଷ |
| ୧୮/୦୫/୨୦୨୦ | ଜଳକ୍ରୀଡା ଏକାଦଶୀ |
| ୨୧/୦୫/୨୦୨୦ | ସବେ-କଦର (ପୂର୍ବରାତ୍ରି) |
| ୨୨/୦୫/୨୦୨୦ | ସାବିତ୍ରୀ ଅମାବାସ୍ୟା |
| ୨୪/୦୫/୨୦୨୦ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ |
| ୨୫/୦୫/୨୦୨୦ | ଇଦୁଲ୍ ଫିତର ଓ ରମ୍ଭା ତୃତୀୟା |
| ୨୬/୦୫/୨୦୨୦ | ଉମା ଚତୁର୍ଥୀ |
| ୨୭/୦୫/୨୦୨୦ | ଶିବବିବାହ ଉତ୍ସବ |
| ୨୮/୦୫/୨୦୨୦ | ଶୀତଳ ଷଷ୍ଠୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଅପ୍ରେଲ ମାସର ବିଜେତାଙ୍କ ନାମ



ମନେ ଜାଗେ ବଡ ଶରଧା ଦେଖି ସଜ ପରୀବା
ମାତ୍ର ଏ ଆଇନ୍ କାନୁନ୍
ରୋକେ ବଜାର ଯିବା
ସଜ ପରୀବାକୁ ଅଳ୍ପ ଟିକେ ସିଝେଇ ଖାଅ
ସୁସ୍ଥ ରଖି ନିଜ ଦେହକୁ
ସଦା ଶାନ୍ତିରେ ଥାଅ ॥
ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ଅତି ଦୁର୍ବିସହ 'କରୋନା' ର ଭୟ
ଶତାବ୍ଦୀର ଏଇ ମହାମାରୀ,
ସତେଜ ପରିବା, ସ୍ୱଚ୍ଛ ପରିବେଶ,
ସ୍ୱାସ୍ଥ୍ୟ ପାଇଁ ଦରକାରୀ ।
କାରଣ ନ ଥାଇ ବାହାରି ବୁଲିବା,
କରିବ ନିଜର ହାନୀ,
ସାବଧାନ ହେଇ ଘରେ ରହିବାକୁ
ପ୍ରଭୁ ପାଦେ ମୋ ଗୁହାରୀ ।
ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ବୃକ୍ଷ ରୋପିଥିଲେ ଫଳବ ସୁଫଳ
ଉପକାର ସଭିଙ୍କର
ସାରଦିଆ ଫଳ ପନପରିବାରେ
ନ ଥାଏ ସୁଆଦୁ ତାର
ବାଡ଼ିରୁ ତୋଳଛି ବାଡ଼ି ବୋଇତାଳୁ-
ଫୁଲ -ବିଲାତି -ଗାଜର
ଆହୁରି ଆଣିଛି କୋବି ବାଇଗଣ

କଞ୍ଚାଲଙ୍କା କ ସୁନ୍ଦର
ନିଜ ହାତେ ରାନ୍ଧି          ପରଶିଦେବି ମୁଁ
ଶରଧାରେ ତୋଷି ମନ
ଘରୁ ବାହାରିବା          ନିରାପଦ ନୁହେଁ
କରୋନା ନେଉଛି ପ୍ରାଣ।।

ବିଜେତା: ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ, ଆଜିମାବାଦ, ବାଲେଶ୍ୱର

ରଙ୍ଗବେରଙ୍ଗ ପରିବାପତ୍ର ଦିଶୁଛନ୍ତି ଆକୃଷ୍ଟ,
ସମସ୍ତଙ୍କର ରସ ରୁଚି ଅଛି ନିଆରା ନିର୍ଦ୍ଦିଷ୍ଟ,
ବିଲାତି ବାଇଗଣ ତରକାରୀ ଲାଗେ ସ୍ୱାଦିଷ୍ଟ,
କଖାରୁ କଖାରୁ-ଫୁଲ ଶରୀରକୁ କରନ୍ତି ପୁଷ୍ଟ,
ତାଜା ଗାଜର ଯେ ଖାଦ୍ୟମୂଳରେ ବହୁ ବିଶିଷ୍ଟ,
ରାଗ ଯୋଗୁଁ ଲଙ୍କା ପାଇଛି ନିଜ ସ୍ଥାନ ଉତ୍କୃଷ୍ଟ
ଡାଲି ପକ୍ୱାନ୍ନ ବ୍ୟଞ୍ଜନ ଖାଇଲେ ଲାଗେ ସନ୍ତୁଷ୍ଟ |୧|

ବିଜେତା: ଶ୍ରୀ ରାଜଶେଖର ସି 'ଚମା'

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**